

(ସମ୍ଭବ - ସାହିତ୍ୟାନୁଷ୍ଠାନ ଦ୍ୱାରା ପ୍ରାୟୋଜିତ)

ଚତୁର୍ଦ୍ଦଶ ବର୍ଷ	ଜୁଲାଇ - ସେପ୍ଟେମ୍ବର୍ ୨୦୨୨	ତୃତୀୟ ସଂଖ୍ୟା
Year- 14	July -September- 2022	Issue- 3

"ଘେନା ନ କରିବ ପିଲା ବୟସର
ମୋର ଅପରାଧମାନ
ଅରି ହେଲେ ମୋରେ ମଣିବ, ମଣିମା
ଆପଣା ପୁଅ ସମାନ ।
ଜେମାକୁ ରାଜନ, ଘେନି ତ ଯାଉଛି
ସଂଗତେ ମୋ ରାଇଜକୁ
ଏତିକି ଛାମୁରେ ଦୋଷ ନ ଘେନି
ବିଭା ମୁଁ ନୋହିବି ତାଙ୍କୁ ।"

(ପଣ୍ଡିତ ଗୋଦାବରୀଶଙ୍କ ରଚିତ 'ପଦ୍ମାବତୀ' କାବ୍ୟର କିୟଦଂଶ । କାଂଚି ବିଜୟ ପରେ ଗଜପତି ପୁରୁଷୋତ୍ତମ ଦେବଙ୍କ ଅନୁନୟ ଭକ୍ତି)

ସଂପାଦନା :**ବିଷ୍ଣୁ ସେଠୀ**

ପରିଚାଳନା ସମ୍ପାଦକ: **ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ**
କାର୍ଯ୍ୟ-ନିର୍ବାହୀ ସଂପାଦକ: **ବ୍ୟୋମକେଶ ସେନାପତି(ନିଲୁ)**
ଅକ୍ଷର ସଜ୍ଜା : **ମା' ସନ୍ତୋଷୀ କମ୍ପ୍ୟୁଟର**
ମୁଦ୍ରଣ : **ରିକି ପ୍ରମୋଟର୍ସ**
କଳା-ସଂପାଦନା : **ଚୂଡ଼ାମଣି ଦାସ**

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ : ୯୪୩୭୦୫୧୦୯୦, ୯୬୬୮୨୪୭୯୫୦
E-mail : ghasaphula.2010@gmail.com

ମୂଲ୍ୟ
୩୦ଟଙ୍କା ମାତ୍ର





ସୂଚୀପତ୍ର

କ୍ରମାଙ୍କ	ବିଷୟ	ଲେଖକ	ପୃଷ୍ଠା

ପ୍ରବନ୍ଧ

୧.	ଭାରତୀୟ ସାହିତ୍ୟରେ ନିସର୍ଗ ଚେତନା	ଅଧ୍ୟାପକ ରବୀନ୍ଦ୍ର ବେହୁରିଆ	୯
୨.	ପୁରାଣର ବୈଶିଷ୍ଟ୍ୟ	ଡଃ ନଟବର ଶତପଥୀ	୧୭
୩.	ଓଡ଼ିଶୀ ସଂଗୀତ: ଓଡ଼ିଶାରେ ସଂଗୀତର ପରମ୍ପରା	ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ	୨୫
୪.	'ପବନ ପଣତ'ରେ ଜୀବନବୋଧ	ମନୋରଂଜନ ମହାନ୍ତି	୩୮
୫.	ଶକୁନ୍ତଳା	ବିଭୂତିଭୂଷଣ ସେନାପତି	୪୭
୬.	ମୃତମାନବର ଅମୃତ ଅନ୍ୱେଷା: ଫଟାମାଟି	ଡଃ ମନୋରଂଜନ ବିଷୋୟୀ	୫୪
୭.	ଧର୍ମ ଓ ସମାଜ	ନାରାୟଣ କବି	୬୦

ଗଳ୍ପ

୧.	ପ୍ରଣାମ ସିନ୍ଧୁତାଇ	ବିନୋଦ	୬୮
୨.	ସାରଥୀ ସ୍ୱାର୍ଥରକ୍ଷା କମିଟି	ମଦନମୋହନ ମହାକୁଡ଼	୭୮
୩.	ଷାଠିଏ ପାହାଚର ଇତିବୃତ୍ତ	ମନୋରମା ଶତପଥୀ	୯୯
୪.	କାହାଣୀ ନୁହେଁ	ଅଶ୍ୱିନୀ କୁମାର ମହାନ୍ତି	୧୨୧
୫.	ବିଚ୍ଛିନ୍ନ ସଂପର୍କ	ବୈରାଗୀ ଚରଣ ନାୟକ	୧୨୫
୬.	ଶୂନ୍ୟାବର୍ତ୍ତ	ଭଗବାନ ଚନ୍ଦ୍ର ନାୟକ	୧୩୪
୭.	ସଂରକ୍ଷଣ ବାଇଆ	ଙ୍କ ବିଦ୍ୟାଧର ପଣ୍ଡା	୧୩୯
୮.	ଆଶିକ କେରିବ	ମିଖାଇଲ ଲର୍ମୋଣ୍ଟୋଭ ରଷୀୟ ଭାଷାନ୍ତର: ବିଳାସିନୀ ମହାନ୍ତି	୧୪୬

କବିତା

୧.	କୃପାସିନ୍ଧୁ ବଦନ	ଭକ୍ତକବି ଦୀନକୃଷ୍ଣ ଦାସ	୧୬୨
୨.	ଥକା ମନ ଚାଲଯିବା	ସାରିଆ ଭିକ	୧୬୬
୩.	ବଡ଼ ମାୟାବୀ ଜୀବ	ଯଶୋବନ୍ତ ଦାସ	୧୬୮
୪.	ଆହେ ଦେବରାଜ	ବରଜ	୧୭୦
୫.	ଖରା	ସଚ୍ଚିଦାନନ୍ଦ ରାଉତରାୟ	୧୭୧
୬.	ତାରକାର ଲୁହ	ରବି ସିଂ	୧୭୩
୭.	ସଂଧ୍ୟା ଠିକ୍ ଛ'ଟା	ଜଗନ୍ନାଥ ପ୍ରସାଦ ଦାସ	୧୭୫
୮.	ତାରାଗଣେ ଦେବ କିରେ ଖୋଜି	ମୀନକେତନ ସ୍ୱାଇଁ	୧୭୭
୯.	କିଆଁ କହିଲୁ	ଅଶୋକ କୁମାର ମହାନ୍ତି	୧୭୯
୧୦.	ସ୍ୱାଭିମାନ	ମଥୁରା ମୋହନ ବେହେରା	୧୮୩
୧୧.	ବାପା: ଅଚିହ୍ନା ଈଶ୍ୱର	ବିଜୟ କୁମାର ବେହେରା	୧୮୫
୧୨.	ଅବିଦ୍ୟା ଭାରତ	ଆଶୁତୋଷ କରଣ	୧୮୬
୧୩.	ଦୀପ	ଶିବଶଙ୍କର ଦାସ	୧୮୮
୧୪.	ପରିତ୍ୟକ୍ତା	ପୁଷ୍ପାଂଜଳି ତ୍ରିପାଠୀ	୧୯୦
୧୫.	ଗରିବ ପୁଅ	ଭାସ୍କର ଚନ୍ଦ୍ର ସେଠୀ	୧୯୨
୧୬.	ଆମ ମାଟି ମାଆ	ଗୟାଧର ସେଠୀ	୧୯୩
୧୭.	ମୋ ଶେଷ ଜୀବନ	ବେଣୁଧର ସେଠ୍	୧୯୪
୧୮.	ବର୍ଷା	ଦେବେନ୍ଦ୍ର ପୁହାଣ	୧୯୬
୧୯.	ଦେଶ	ରଶ୍ମିରଂଜନ ରାଉତ	୧୯୭
୨୦.	ଜନନୀ	ଚିତ୍ତରଂଜନ ଦାସ	୧୯୯
୨୧.	ଜଣାଣ	ବସନ୍ତ କୁମାର ପାତ୍ର	୨୦୩
୨୨.	ନାଂଦିପାଠ	ପ୍ରଶାନ୍ତ ମହାନ୍ତି	୨୦୪
୨୩.	ଅପୂର୍ବ ସକାଳ	ଅରୁଣ କୁମାର ପଣ୍ଡା	୨୦୬
୨୩.	ଆର୍ଯ୍ୟ ଦାସର ଅନ୍ତଲିପି	ସୂର୍ଯବଂଶୀ ସୂଜର	୨୦୬

ଶିରୋଧାର୍ଯ୍ୟ ଶିରୋନାମା



କିମ୍ବଦନ୍ତୀ ଓ ଜନଶ୍ରୁତି ଉପରେ ଭିତ୍ତିକରି କୌଣସି ଦେଶ ବା ଜାତିର ଇତିହାସ ଲେଖାଯାଇ ନ ପାରେ । × × × × ସମୟ ସମୟରେ ସାମସମୟିକ ସାହିତ୍ୟରୁ କିଛି ଉପାଦେୟ ତଥ୍ୟମିଳେ । ପ୍ରାଚୀନ ଯୁଗର ଇତିହାସ ସଙ୍କଳନ ପାଇଁ ଉପଯୁକ୍ତ ଉପାଦାନମାନ ଯଥେଷ୍ଟ ପରିମାଣରେ ନ ମିଳିବା ଏକ ଦୁର୍ଭାଗ୍ୟପୂର୍ଣ୍ଣ କଥା ।" × × × ଏଭଳି ମନ୍ତବ୍ୟ ଦେଇଛନ୍ତି ଇତିହାସକାର ପ୍ରବୋଧ ମିଶ୍ର ।(ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି, ପୃଷ୍ଠା-୧୮)

ଏହି ମନ୍ତବ୍ୟରୁ ଏହା ସ୍ପଷ୍ଟ ହେଉଛି ଯେ ଯଦିଓ କିମ୍ବଦନ୍ତୀ ଜନଶ୍ରୁତି କିମ୍ବା ପାରମ୍ପାରିକ ଲୋକକଥା ଇତିହାସ ରଚନା କରିବାର ଏକ ସ୍ପଷ୍ଟ ଭିତ୍ତିଭୂମି ନୁହେଁ, ତେବେ ସେ ସବୁ ଯେ ସଂପୂର୍ଣ୍ଣ ଅମୂଳକ ତାହା ମଧ୍ୟ କହିହେବ ନାହିଁ । ଶ୍ରୀ ପ୍ରବୋଧମିଶ୍ର ଏକଥା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ '*ସମସାମୟିକ ସାହିତ୍ୟରୁ କିଛି ଉପାଦେୟ ତଥ୍ୟ ମିଳେ*'- ଅର୍ଥାତ୍ ସାହିତ୍ୟର କୋରଡ଼ ଭିତରେ ଐତିହାସିକ ତଥ୍ୟ ବା ସୂଚନା ବି ସଂଗୁପ୍ତ ଭାବେ ଜୀଇ ରହିଥାଏ । ଶିଳାଲେଖ, ଅଭିଲେଖ, ମୁଦ୍ରା ଓ ଅନ୍ୟାନ୍ୟ ପ୍ରତ୍ନତାତ୍ତ୍ୱିକ ବିଭବ ହୁଏତ ଅଧିକନ୍ତୁ ନିର୍ଭରଶୀଳ ଉପାଦାନ ହୋଇପାରେ, କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହି ଲକ୍ଷ ସବୁ ଉପାଦାନର ଉପସ୍ଥିତି ନ ଥାଏ । ଫଳରେ ଓଡ଼ିଶାର ଘନଜଙ୍ଗଲ ମଧ୍ୟରେ କେଉଁ ପ୍ରାଗ୍ଐତିହାସିକ କାଳରୁ ସୁନ୍ଦରଗଡ଼, ସମ୍ବଲପୁର, କଳାହାଣ୍ଡି, ମୟୂରଭଂଜ ପ୍ରଭୃତି ଅଂଚଳରେ ଅଙ୍କିତ ଚିତ୍ରାଙ୍କନର ଶୈଳୀ ଓ ଶିଳ୍ପୀମାନଙ୍କର ସଂପର୍କରେ ପ୍ରାମାଣିକ ଜ୍ଞାନପ୍ରାପ୍ତି

ହୁଏ ନାହିଁ । ବୋଧେ ଏଇ ଅନ୍ଧକାରାଚ୍ଛନ୍ନ ଗହ୍ୱରରେ କିମ୍ବଦନ୍ତୀ, ଜନଶ୍ରୁତି ବା ଲୋକକଥା ସମ୍ଭାବନାର କ୍ଷୀଣ ଆଲୋକଟିଏ ଜାଳିଦେଇଥାଏ, ଏବଂ ଏହି କ୍ଷୀଣାଲୋକର କ୍ଷୁଦ୍ରାଦିକ୍ଷୁଦ୍ର ଉପାଦାନ ଏକ ବିରାଟ ସୁରାକର ଉପଲବ୍ଧିକୁ ସହାୟତା ପ୍ରଦାନ କରିବାକୁ ସକ୍ଷମ ହୁଏ ।

"ଭଲା ରାମଚଣ୍ଡୀ ଭଲାରେ, କଳାପାହାଡ଼କୁ ପିଣ୍ଡାରେ ବସାଇ ଭଲା ପାଣି ଆଣିବାକୁ ଗଲାରେ" କାବ୍ୟ ପଂକ୍ତିଟିରେ ହୁଏତ ଅନେକ ହାଲୁକାପଣ ପରିଲକ୍ଷିତ ହୋଇପାରେ । ଦେବୀଙ୍କର ମାହାତ୍ମ୍ୟ ଯଦି ପ୍ରଖର, ସିଏ ପୁଣି ପାଣି ଆଣିବାକୁ ଯିବା ପାଇଁ ଛଳନା କଲେ କାହିଁକି ? ଏହା ହୁଏତ ଏକ ସାଧାରଣ ନାରୀର ପ୍ରତ୍ୟୁତ୍ପନ୍ନମତିତା ବୋଲି କୁହାଯାଇପାରେ । କିନ୍ତୁ ଦେବୀଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ଅପ୍ରଣିଧାନଯୋଗ୍ୟ । ତେବେ ଓଡ଼ିଶାର ଶେଷସ୍ୱାଧୀନ ରାଜା ତେଲେଙ୍ଗା ମୁକୁନ୍ଦଦେବଙ୍କ ମୃତ୍ୟୁକୁ ଫାଙ୍କି ଦେଇ ହେବ କି ? କଳାପାହାଡ଼ର ହିନ୍ଦୁ ବିଦ୍ୱେଷୀ ମନୋଭାବ ଓ ମନ୍ଦିର ଲୁଣ୍ଠନ ଓ ଧ୍ୱସ୍ତବିଧ୍ୱସ୍ତର କାହାଣୀକୁ ଲୁଚାଇ ହେବ କି ? ଅସଲ କଥା ଦୀର୍ଘ ୪ଶହ ବର୍ଷର ପରାଧୀନତାର ଚାବୁକମାଡ଼ରେ ଓଡ଼ିଆ ଜାତିର ଅସ୍ମିତା ଲୋପ ପାଇଯିବାର ପ୍ରାରମ୍ଭ କାଳରେ ଯେ କିମ୍ବଦନ୍ତୀଟି ପ୍ରାୟ ରଚିତ । ନା କେଉଁ କବିର ନାଁ ଏଥିରେ ସନ୍ନିବେଶିତ ନା କେଉଁ ନିର୍ଦ୍ଦିଷ୍ଟ ଖଣ୍ଡସମୟ ଉଲ୍ଲିଖିତ । କିନ୍ତୁ ଗୋଟେ ଦୁର୍ଦ୍ଧର୍ଷ ଜାତିର ଜାତୀୟ ଅପମାନ (ଯୁଦ୍ଧରେ ପରାଜୟ)କୁ ମନର ସୂକ୍ଷ୍ମ ସ୍ତରରେ ଅସ୍ୱୀକାର କରିବାର ଯେ' ଏକ ଆଷ୍ପର୍ଦ୍ଧା । ତେଣୁ କିମ୍ବଦନ୍ତୀଟିର ପୃଷ୍ଠଭୂମିରେ ଇତିହାସର ଉପାଦାନ ନିହିତ ଅଛି ଏବଂ କେବଳ ତତ୍କାଳୀନ ଓଡ଼ିଶା ନୁହେଁ, ସାରା ବିଶ୍ୱରେ ଗଣମାଧ୍ୟମର ଉପସ୍ଥିତ ଏକାନ୍ତ ଅଭାବ ଥିବାରୁ ଜନଗଣ ଶେଷକୁ କିମ୍ବଦନ୍ତୀ ସ୍ୱରୂପ ଗଣମାଧ୍ୟମକୁ ଚିରକାଳ ପାଇଁ ଅର୍ଘ୍ୟ ଭାବେ ଉତ୍ତରପିଢିମାନଙ୍କ ନିକଟରେ ସମର୍ପଣ କରିବାକୁ ବାଧ ହୋଇପାରିଥାନ୍ତି । ନତୁବା ଭିନ୍ନ ରାସ୍ତା ବୋଧେ ନ ଥିଲା ।

ଯଦି କୌଣସି ଜାତି ତା'ର ଅସ୍ମିତା ପାଇଁ ଶହ, ଶହ ବର୍ଷର କିମ୍ବଦନ୍ତୀକୁ ଲୋକ ଇତିହାସ ବା ସଂସ୍କୃତିକୁ ଆପଣେଇ ନେଇ ପାରିଲା, ତେବେ ଅସୁବିଧା କେଉଁଠି ? ବିଗତ ବର୍ଷ ପରି ଏବେ କ'ଣ ସାମାଜିକ -ସାଂସ୍କୃତିକ କ୍ଷେତ୍ରରେ କିମ୍ବଦନ୍ତୀଟିଏ ଗଢ଼ା ହୋଇପାରୁଛି କି ନାହିଁ ଆମ୍ଭେ ଅଙ୍କ । ଯେଉଁମାନେ ବରଂ ଶୀର୍ଷସ୍ଥାନରେ ଉପବେଶନ କରିଛନ୍ତି, ସେମାନେ ଏଇ ଲୋକ ସଂସ୍କୃତିକୁ ରକ୍ଷଣଶୀଳତାର ପ୍ରଲେପରେ ଜଡମୁଦ ଦେଇ ବହୁ ସାଂସ୍କୃତିକ ବିଭବର ହତ୍ୟା ନିର୍ଦ୍ଦୟ ଭାବେ କରି ଚାଲିଛନ୍ତି । ସମୟ ଆସିବ

– ୧୯୩୬ ମସିହାର ପୂର୍ବ ୪ ଶହ ବର୍ଷର ନିଷ୍ପେଷିତ ଉତ୍କଳୀୟ ସତ୍ତା ହୁଏତ କ୍ରମଶଃ ଏକ ପକ୍ଷାଘାତ ରୋଗୀ ପରି ବିଶ୍ୱଦରବାରରେ ଅପାଂକ୍ତେୟ ବୋଲି ଗଣ୍ୟ ହେବ ।


ପୁନଶ୍ଚ ଶ୍ରୀ ମିଶ୍ର ବର୍ଣ୍ଣନା କରିଛନ୍ତି ଯେ *"ଅନ୍ୟ କୌଣସି ସୂତ୍ରରୁ ଐତିହାସିକ ତଥ୍ୟ ନ ମିଳିଲେ ସାହିତ୍ୟ, ପରମ୍ପରା ଓ କିମ୍ବଦନ୍ତୀକୁ ଆଧାର କରାଯାଇଥାଏ ।"* (ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି, ପୃଷ୍ଠା- ୨୪)

ଆମେ ପୃଥିବୀର ଏକ ପ୍ରଗତିଶୀଳ ରାଷ୍ଟ୍ରଭାବେ ଇଂଲଣ୍ଡ ଦେଶକୁ ଜାଣୁ । ମାତ୍ର ହଜାର ହଜାର ବର୍ଷ ଧରି ସେଠାରେ ରାଜତନ୍ତ୍ର ରହିଛି । ସେଠାରେ ଗଣତନ୍ତ୍ର ମଧ୍ୟ ଅଛି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆମଦେଶ ପରି ସେ ଦେଶରେ ଏକ ଲିଖିତ ସମ୍ବିଧାନ ପ୍ରଚଳିତ ନୁହେଁ । ବରଂ ପରମ୍ପରା ଓ ରୀତିନୀତିକୁ ନେଇ ସେମାନଙ୍କ ସମ୍ବିଧାନ ସେମାନଙ୍କୁ ଦୀର୍ଘବର୍ଷ ଧରି ଚଳାଇ ଆସିଛି । ବରଂ ଭାରତୀୟ ଗଣତାନ୍ତ୍ରିକ ପରମ୍ପରା ଇଂଲଣ୍ଡ ଠାରୁ କୌଣସି ଗୁଣରେ ସୁପରିଚାଳିତ,ଶୃଙ୍ଖଳିତ ବୋଲି ସେକଥା ମଧ୍ୟ କହିପାରିବାନି । ସଦ୍ୟ ସଦ୍ୟ ଦୁଇଟି ଘଟଣା ପୃଷ୍ଠଭୂମିରେ ପ୍ରତ୍ୟେକ ଭାରତୀୟ ମଂଜ କଥାଟିକୁ ନ ବୁଝି ମଂଜି ଖୋଜିଲା ପରି ଲାଗୁଛି । ପ୍ରଥମତଃ ଚାଷୀ ଆନ୍ଦୋଳନ । କୃଷକମାନଙ୍କୁ କୃଷି ଦଲାଲମାନଙ୍କ ହାତରୁ ଉଦ୍ଧାର କରିବା ପାଇଁ ଏହାଥିଲା ଏକ ରକ୍ଷାକବଚ । ଗୋଟେ ଦେଶର କୃଷକ ଅଣ୍ଟିରେ ଦି' ପଇସା ନରହିଲେ ସେ ଦେଶର ସର୍ବୋଚ୍ଚ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଯଥା; ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ବା ରାଷ୍ଟ୍ରର ଅର୍ଥନୀତି ଭୁଷୁଡ଼ି ପଡ଼ିବ । ଦେଶକୁ ଏକ ଫାଇଭଟ୍ରିଲିୟନ ଡଲାରର ଦେଶ ଭାବେ ଗଢ଼ି ତୋଳିବାକୁ ଥିଲା କେନ୍ଦ୍ର ସରକାରଙ୍କ ମାନସିକତା । ଠିକ୍ ସେଇପରି 'ଅଗ୍ନିପଥ' ଭଳି ସାମରିକ ବିଭାଗରେ ଚୁକ୍ତିବଦ୍ଧ ନିଯୁକ୍ତି ବ୍ୟବସ୍ଥା । ବେକାର ଯୁବକଟିଏ ନିଯୁକ୍ତି ପାଇଲେ ଚାରିବର୍ଷ ପରେ ପ୍ରାୟ ୨୩ ଲକ୍ଷ ଟଙ୍କା ପକେଟରେ ଧରିବା ସଂଗେ ସଂଗେ ଗୁଡ଼ାଏ ଫାଇଦା ସରକାରୀ ଓ ବେସରକାରୀ ସ୍ତରରେ ପ୍ରାପ୍ତ ହେବ । ମାତ୍ର ଯେଉଁମାନେ ଏକଥାର ମଂଜ ନ ବୁଝି ଗୋଠ ଖଣ୍ଡିଆ ମାତିଲା ଭଳି ମାତିଯାଇ ରାଷ୍ଟ୍ରୀୟ ସଂପତ୍ତିର ଦୁରୁପୋଯୋଗ କଲେ, ତାହା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ବୋଲି କହିପାରିବା କି ? ଆମେ ଦେଖିଛନ୍ତି ପ୍ରାୟ ଆନ୍ଦୋଳନକାରୀ ତ ପରିଣତ ବୟସର ଅଧିକାଂଶ ଥିଲେ, ତେବେ ସେମାନଙ୍କ ପଛରେ କେଉଁମାନେ ?

ପ୍ରାଚୀନ ଭାରତରେ, ବୈଦିକ କାଳରୁ ଲିଖିତ ପରମ୍ପରା ନଥିଲେ ବି ଶୁଣି

ଶୁଣି ବେଦ, ଉପନିଷଦର ସୂକ୍ତମାନଙ୍କୁ ଶିକ୍ଷା ନବିଶମାନେ ମୁଖସ୍ତ କରିପାରୁଥିଲେ । ସେଥିପାଇଁ ବେଦକୁ ଶ୍ରୁତି ବୋଲି କୁହାଯାଏ । ଯଦି ଶୁଣି ଶୁଣି ଏତେ କଥା ହେଇପାରୁଥିଲା, ତେବେ ପୃଥିବୀର ଅନ୍ୟାନ୍ୟ ସଭ୍ୟତା, ସଂସ୍କୃତି ଠାରୁ ଭାରତ କେତେ ପ୍ରଗତିଶୀଳ ଥିଲା - ତାହା ହିଁ ବିଚାର୍ଯ୍ୟ । ଆଜି କଥା କଥା କେ ବୈଦେଶିକମାନେ ମହାଭାରତ, ରାମାୟଣର ବହୁ ଘଟଣା, କଥନିର ମୌଳିତକତା କ'ଣ, ପ୍ରାମାଣିକତାକୁ ହିଁ ଖୋଜିଥାନ୍ତି । ତାଙ୍କୁ ଦେଖାଦେଖିରେ ଆମେ ଭାରତରେ ଥିବା ତଥା କଥିତ 'ଉଦାରବାଦୀ' (ପ୍ରକୃତରେ ତାଙ୍କୁ କୌଣସି ଲିଂଗ, ବର୍ଣ୍ଣଦ୍ୱାରା ଚିହ୍ନି ହେବ ନାହିଁ) ଐତିହାସିକମାନେ ଭାରତର ମହେଞ୍ଜୋଦାରୋ- ହରପ୍ପାକୁ ମଧ୍ୟ ତଥ୍ୟ ହୀନ ବୋଲି କହିଥାନ୍ତି । ମାତ୍ର ଏଇ ଅଳ୍ପଦିନ ତଳେ ଓଡ଼ିଶାର ବରଗଡ଼ ଅଂଚଳରୁ ଆବିଷ୍କୃତ ହୋଇଥିବା ଏକ ଦୁଇହଜାର ବର୍ଷର ସଂସ୍କୃତି ଆମକୁ କେଉଁ ବାର୍ତ୍ତା ଦେଉଛି ! ମୟୂରଭଂଜ ଜିଲ୍ଲାର କୁଳିଆଣା ଠାରେ ଭୂ-ଖନନ ଦ୍ୱାରା ଆବିଷ୍କୃତ ସିନ୍ଧୁ ସଭ୍ୟତାର ସମକାଳୀନ ସଭ୍ୟତା କ'ଣ ବାର୍ତ୍ତା ଦିଏ ?

ତେଣୁ କିମ୍ବଦନ୍ତୀ, ଲୋକକଥା, ଢ଼ଗଢ଼ମାଳି, ରଢ଼ି ପ୍ରୟୋଗ ଅନ୍ତରାଳେ ଏକ ବସ୍ତୁଗତ ପ୍ରସଂଗ ଜୀଇ ରହିଛି, ସଦାସର୍ବଦା ସ୍ୱୀକାର ନ କଲେ ବି କେତେକାଂଶରେ ଗ୍ରହଣ କରିବାକୁ ହେବ । ପଣ୍ଡିତ ପୁଅ ମାଙ୍କଡ଼ ମାଇଲେ ସତରେ ଦୋଷ ନ ଥାଏ ନା ପଣ୍ଡିତଙ୍କ ପୁଅ ବୋଲି ତାଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ଗଲେ ବହୁତ କଥାରେ ମହଂଗା ପଡ଼ିବ । ଐତିହାସିକ ପ୍ରାମାଣିକତା ହିସାବ ପୃଥିବୀ ପୃଷ୍ଠରେ ପାଶ୍ଚାତ୍ୟ ଓ ଅନଗ୍ରସର ରାଷ୍ଟ୍ରମାନଙ୍କ କ୍ଷେତ୍ରରେ ଘଟୁନାହିଁ ତ ?



ଭାରତୀୟ ସାହିତ୍ୟରେ ନିସର୍ଗ ଚେତନା

● ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ



ଭାରତୀୟ ଜୀବନ ଦୃଷ୍ଟିର ବୈଶିଷ୍ଟ୍ୟ ତାହାର ସମଗ୍ରତାବୋଧ । ଏଇ ଦୃଶ୍ୟମାନ ବିଶ୍ୱ ଓ ମାନବ ଜୀବନର କୌଣସି ଉପାଦାନକୁ ହିଁ ଭାରତୀୟ ମାନସ ବିଚ୍ଛିନ୍ନ ଭାବେ ଦେଖିବା ପାଇଁ ଅଭ୍ୟସ୍ତ ନୁହଁନ୍ତି । କାର୍ଯ୍ୟରେ ହିଁ ଭାରତୀୟ ମନରେ ନିସର୍ଗ ଚେତନା ତାହାର ସାମଗ୍ରିକ ଜୀବନ ଚେତନାରୁ ହିଁ ଅନୁସୃତ । ୟୁରୋପରେ ବିଭିନ୍ନ ଯୁଗରେ ଯେପରି ବିଭିନ୍ନ ସ୍ୱତନ୍ତ୍ର ନିସର୍ଗ ଦର୍ଶନ (Nature Philosophy) ସୃଷ୍ଟି ହୋଇଥିଲା, ଭାରତରେ କୌଣସି ସମୟରେ ଅନୁରୂପ ନିସର୍ଗ ବିଷୟକ ଉତ୍ସାହ ଲକ୍ଷଣୀୟ ହୋଇପାରିନାହିଁ । କିନ୍ତୁ ଏଥିପାଇଁ ଏଭଳି ଭାବେ ମନେକରିବାର ନୁହେଁ ଯେ, ଭାରତୀୟ କବି, ଋଷି ଓ ଦାର୍ଶନିକଗଣ ସେମାନଙ୍କର ଚର୍ତୁପାର୍ଶ୍ୱବର୍ତ୍ତୀ ନୈସର୍ଗିକ ବିଶ୍ୱ ସମ୍ପର୍କରେ ଗୋଟିଏ ସର୍ବବ୍ୟାପକ ନିର୍ଲିପ୍ତ ଓ ଉଦାସୀନ ମନୋଭାବ ପୋଷଣ କରିଛନ୍ତି । ପ୍ରକୃତ ପକ୍ଷରେ ସେମାନଙ୍କର କବିତ୍ୱମିଶ୍ରିତ ପ୍ରଜ୍ଞାରେ ନିସର୍ଗ ଜଗତ, ମାନବ ଜୀବନ ଓ ସ୍ରଷ୍ଟା ଈଶ୍ୱର ଗୋଟିଏ ଚେତନାରେ କହିଲେ ବାନ୍ଧି ହୋଇଯାଇଛନ୍ତି । ଭାରତୀୟ ଦର୍ଶନରେ ଏହି ତିନୋଟି ବିଷୟ ଧର୍ମ, ସାହିତ୍ୟ ଓ ନିସର୍ଗ ଚେତନା ଏପରି ସୁନିବିଡ଼ ସମ୍ପର୍କରେ ପ୍ରତିଷ୍ଠିତ ଯେ ଏହାର କୌଣସି ବିଚ୍ଛିନ୍ନ ବା ସ୍ୱତନ୍ତ୍ର ମୂଲ୍ୟ ସ୍ୱୀକୃତ ହୋଇନାହିଁ । ପରନ୍ତୁ ପାରସ୍ପାରିକ ନିର୍ଭରଶୀଳତା ମଧ୍ୟରେ ଏପରି ଘନିଷ୍ଠ ଯେ ଏ ସମସ୍ତ ସମ୍ପର୍କରେ ଅନନ୍ୟ ସୁଲଭ କୌଣସି ସତ୍ତାର ପରିକଳ୍ପନା ଅସମ୍ଭବ ।

ବେଦ :- ପ୍ରାଚୀନ କାଳରେ ଆର୍ଯ୍ୟସନ୍ତାନ ଭାରତୀୟ କବି-ଋଷିଗଣ ନିସର୍ଗ ଚେତନାର ସ୍ୱତଃସ୍ଫୂର୍ତ ପ୍ରକାଶ କରିଛନ୍ତି ସେମାନଙ୍କର ଧର୍ମୀୟବୋଧର ପ୍ରାଥମିକ ନିଦର୍ଶନ ବୈଦିକ ସାହିତ୍ୟରେ । ପୃଥିବୀର ଅପରାପର ଜାତି ଭଳି ସେମାନଙ୍କ ଏଇ

ଚେତନା ମୂଳରେ ନିହିତ ରହିଛି ଗୋଟିଏ ବିସ୍ମିତ ଜିଜ୍ଞାସା ଓ ବିମୁଗ୍ଧ ବିଫଳତାର ଭାବ । ତେବେ ଭାରତୀୟ ଚେତନାର ବୈଶିଷ୍ଟ୍ୟ ଏହା ଯେ, ଏଇ ବିସ୍ମୟ ଓ ମୁଗ୍ଧତାର ଅମାର୍ଜିତ ଆଦିମ ମନର ସର୍ବବ୍ୟାପକ ଭିତ୍ତି ଓ ଅସହାୟତାର ସ୍ପର୍ଶ ନାହିଁ । ହୁଏତ ଆର୍ଯ୍ୟ-ଋଷିମାନଙ୍କର ପରିଣତ ପ୍ରଜ୍ଞା ଓ କବିସୁଲଭ ସୌନ୍ଦର୍ଯ୍ୟାନୁଭୂତି ଏହା ମୂଳରେ ସକ୍ରୀୟ ଭାବରେ ରହିଛି । ନିସର୍ଗ ବିଶ୍ୱରେ ଆବିର୍ଭୂତ ମାନବ ମନରେ ବିଭିନ୍ନ ନୈସର୍ଗିକ ଉପାଦାନ ଯେ ପର୍ଯ୍ୟନ୍ତ ପ୍ରତିକ୍ରିୟାରୁ ଜନ୍ମ ନେଇଥିଲା, ବୈଦିକ 'ସୂକ୍ତ' ସବୁ ତାହାର ହିଁ ମନନଶୀଳ ପ୍ରକାଶ । ଦିବା-ରାତ୍ରିର ଆବିର୍ଭାବ-ତିରୋଭାବ, ସୂର୍ଯ୍ୟଙ୍କ ଉଦୟ-ଅସ୍ତ, ଉତ୍ତୁଙ୍ଗ ପର୍ବତ, ମରୁ-କାନ୍ତାର, ନଦୀ-ସମୁଦ୍ର ଇତ୍ୟାଦିର ନାନା ରୂପ ପ୍ରତ୍ୟକ୍ଷଭାବେ ବୈଦିକ ଋଷିଗଣ ଏଇ ବିଶ୍ୱାସରେ ଉପନୀତ ହୋଇଛନ୍ତି ଯେ, ଏହା ମୂଳରେ କୌଣସି ସତ୍ତାର ସକ୍ରିୟତା ବିଦ୍ୟମାନ । ପାଶ୍ଚାତ୍ୟ ମନୀଷୀମାନଙ୍କ ମତ ଯେ ସେମାନଙ୍କର ଧାରଣାର ବାହାରେ ନୈସର୍ଗିକ ବିଶ୍ୱ ଏକ ସ୍ୱୟଂଚାଳିତ ଶକ୍ତି । ଯେ ଅଦ୍ୱୟବୋଧ ବା 'ଏକ' ନିର୍ଭରତା ଭାରତୀୟ ଧର୍ମ ଓ ଦର୍ଶନର ବୈଶିଷ୍ଟ୍ୟ, ବୈଦିକ ସାହିତ୍ୟର ସୂକ୍ତସବୁର ଚିନ୍ତାଗଭୀର ବିଶ୍ଳେଷଣରେ ତାହା ଧରାପଡ଼େ । ବୈଦିକ ଋଷିଗଣ ବିଭିନ୍ନ ପ୍ରାକୃତିକ ଶକ୍ତିର ଅଧିଷ୍ଠାତା ଦେବତାଙ୍କ ସ୍ୱତନ୍ତ୍ର ସତ୍ତାର (ଇନ୍ଦ୍ର, ବରୁଣ, ସୂର୍ଯ୍ୟ, ଅଗ୍ନି) ଅସ୍ତିତ୍ୱ ମାନିନେଇ ମୂଳୀଭୂତ ଗୋଟିଏ 'ସତ୍ୟର' ପ୍ରତି ପ୍ରଗାଢ ଆସ୍ଥା ପ୍ରକଟ କରିଅଛନ୍ତି । ଅବଶ୍ୟ ବୈଦିକ ସାହିତ୍ୟରେ ଏଇ 'ସତ୍ୟର' ନିହାରିକା ମୂଳ ଦୃଷ୍ଟିଗୋଚର ହୁଏ । ଏହାର ପୂର୍ଣ୍ଣ ପ୍ରତିଷ୍ଠା ପରବର୍ତ୍ତୀ କାଳରେ ଆରଣ୍ୟକ ଏବଂ ଉପନିଷଦ ସମଗ୍ର ପୁଣି ପରବର୍ତ୍ତୀ କାଳରେ ବେଦ ଓ ଉପନିଷଦରେ ଆଶ୍ରିତ ଅଦ୍ୱୈତବାଦୀ ଦାର୍ଶନିକ ପ୍ରତ୍ୟୟ ଭାବରେ ଜନ୍ମିଲା । ମୂଳତଃ ଅଦ୍ୱୟବୋଧରେ ପ୍ରତିଷ୍ଠିତ ହେଲେ ମଧ୍ୟ ଭାରତୀୟ ଦୃଷ୍ଟି ନିସର୍ଗର ସ୍ୱତନ୍ତ୍ର ଉପାଦାନକୁ କେବେବି ଅସ୍ୱୀକାର କରେନାହିଁ । ଭାରତର ଧର୍ମ-ଦର୍ଶନର ସମନ୍ୱୟ ଚିନ୍ତା ସତ୍ୟ ଘୋଷଣାରେ ଉପନୀତ ଯେ - ଏକ ଐଶ୍ୱରିକ ସତ୍ତା ହିଁ ନାନା ଭାବରେ ପ୍ରକାଶମାନ । କାର୍ଯ୍ୟରେ ପ୍ରତିଟି ବସ୍ତୁ ଉପାଦାନ ଓ ପ୍ରାଣୀ ସ୍ରଷ୍ଟାର ପ୍ରାଣସତ୍ତା ଓ ରୂପର ଭିନ୍ନତାର ପ୍ରକାଶ । ଏଇ କାରଣରୁ ହିଁ ବୈଦିକ ସୂକ୍ତ ସବୁ ଦିନ

ଯେପରି ବିଭିନ୍ନ ଦେବତାମାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା ଉଚ୍ଚାରିତ ହୋଇଅଛି । ସେହିପରି ଜଳ, ବାୟୁ, ପର୍ବତ, ନଦୀ, ଅରଣ୍ୟ, ବନସ୍ପତି, ଔଷଧ, ଦିନ-ରାତି । ପ୍ରଭୃତିର ସ୍ତୁତିବାଚନ ଓ ପାଠକରା ହୋଇଅଛି । ଋକ୍-ସଂହିତ, ଋଗ୍‌ବେଦ, ଅଥର୍ବବେଦ ଏପରିକି କ୍ରିୟାକାଣ୍ଡ ପ୍ରଧାନ ଯଜୁଃର୍ବେଦରେ ମଧ୍ୟ ନୈସର୍ଗିକ ବିଶ୍ୱର ନାନା ଶକ୍ତି ଓ ଉପାଦାନ ପ୍ରତି ଆହ୍ୱାନ ଓ ସ୍ତୁତି କରାଯାଇଅଛି ।

ଋଗ୍‌ବେଦରେ ଋଷି-କବିମାନେ ମୂଳତଃ ଧର୍ମୀୟ ବା ଆଧ୍ୟାତ୍ମ୍ୟବୋଧରେ ଅନୁପ୍ରାଣିତ ହୋଇ ଯେଉଁସବୁ ଶ୍ଲୋକ ରଚନା କରିଛନ୍ତି, ସେଥିରେ ବିଶୁଦ୍ଧ - ପ୍ରକୃତିର ବର୍ଣ୍ଣନା ଅବଶ୍ୟ ପ୍ରତ୍ୟାଶିତ ନୁହେଁ, ବିଭିନ୍ନ ନୈସର୍ଗିକ ଉପାଦାନକୁ ଅବଲମ୍ବନ କରି ସେମାନଙ୍କର ଯେଉଁ ଅନୁଭୂତି ଅଛି ବିଶେଷକରି ପର୍ବତ ଓ ନଦୀକୁ ସମ୍ବୋଧନ କରି ସେମାନେ ଯେତେସବୁ ସୂକ୍ତ ରଚନା କରିଯାଇଛନ୍ତି, ସେଥିରୁ ଆତ୍ମପ୍ରକାଶ ଓ ପ୍ରତ୍ୟକ୍ଷ ପରିଚୟରେ ସ୍ୱରଧ୍ୱନିତ ହୋଇଅଛି । ବେଦ ପଢିଲେ ଅନେକ ସ୍ଥାନରେ ମନେହୁଏ, କୁଳୁକୁଳୁ ସୁନାଦିନୀ ନଦୀ ଭଳି ଗୋଟିଏ ଭାଷା ରହିଛି - ସେମାନଙ୍କର ଗୋଟିଏ କହିବାର କଥା ମଧ୍ୟ ଅଛି । ଜୀବନକୁ ଧାରଣ କରିନାହିଁ ଧର୍ମ । ଧର୍ମର ଏଇ ଉଦାର ସଂଜ୍ଞା ମାନି ଚଳିଲେ କହିବାକୁ ହୁଏ ଆର୍ଯ୍ୟବୃନ୍ଦ ମଣିଷର ନଦୀମାତୃକ ଜୀବନର ଗୁରୁତ୍ୱ ଯଥେଷ୍ଟ ଉପଲବ୍ଧି କରିଅଛନ୍ତି, ତାହା ସେମାନଙ୍କର ଚିନ୍ତାର ବାରବାର ପ୍ରବାହମାନ ଶସ୍ୟଦାୟିନୀ, ଜୀବନଦାୟିନୀ ନଦୀର ଚିତ୍ରକଳ୍ପ ଆବିର୍ଭୂତ ହୋଇଅଛି । ନଦୀ ସହିତ ସଙ୍ଗେ ଦୁଗ୍ଧ ଗାଭୀର ତୁଳନାରେ ମଧ୍ୟ ଏଇ ସତ୍ୟ ପ୍ରକାଶିତ ହୋଇଛି । ଋଗ୍‌ବେଦର ଦଶମ ମଣ୍ଡଳରେ ରାତ୍ରିର ସର୍ବବ୍ୟାପ୍ତ ପ୍ରଶାନ୍ତି ଓ ସୁସୁପ୍ତିର ଅନୁଭବ ବେଦ୍ୟ ରୂପେ ବର୍ଣ୍ଣିତ ହୋଇଛି - ବିଶୁଦ୍ଧ ଗ୍ରାମ ଓ ଜନପଦ ନିଦ୍ରାମର ପ୍ରାଣୀବିଶ୍ୱ, ଅନ୍ଧକାର ଆକାଶ ଦିଶେ ଉଜ୍ଜ୍ୱଳ ନକ୍ଷତ୍ର ସଜ୍ଜିତ । ଖାଲି ରାତି ବା ଉଷା ନୁହେଁ, ଦୂର ବିସ୍ତୃତ ଅରଣ୍ୟାନୀର ଦୂରଧିଗମ୍ୟତା, ସୌନ୍ଦର୍ଯ୍ୟର ଭୟାବହତା ଓ ଦାବାନଳର ରୁଦ୍ର ରୂପର ବି ଅନ୍ତରଙ୍ଗ ବର୍ଣ୍ଣନା ବୈଦିକ ସୂକ୍ତରେ ସ୍ଥାନ ପାଇଛି । ସେମାନଙ୍କର ମୂର୍ତ୍ତିକାଚାରୀ ମନ ଓ ଆନ୍ତରିକତାର ପ୍ରାର୍ଥନା ନିବେଦିତ ହୋଇଅଛି 'କ୍ଷେତ୍ରପତିର' ଉଦ୍ଦେଶ୍ୟରେ ।

ସୁଦୀର୍ଘ ବର୍ଷାର ଆହ୍ୱାନ- ଶୀତରେ ବି ଶସ୍ୟ ପ୍ରାପ୍ତିର କାମନା । ସୁତରାଂ ବୈଦିକ ସୂକ୍ତ ସବୁଥିରେ ଧର୍ମର ପ୍ରଚ୍ଛଦପଟରେ ସମକାଳୀନ ଜୀବନ ଚେତନନାହିଁ, ଏପରି ଏକ ବ୍ୟବହାରିକ ଜୀବନର ନାନା ଅଭିଜ୍ଞତା ମଧ୍ୟ ନିସର୍ଗକୁ ଆଶ୍ରୟ କରି ଆତ୍ମପ୍ରକାଶ କରିଛି । ଏତଦ୍‌ବ୍ୟତୀତ ଏହାର ବି ସ୍ୱତନ୍ତ୍ର ସାହିତ୍ୟିକ ମୂଲ୍ୟ ଅଛି । ସଂଶ୍ଳିଷ୍ଟ ଶ୍ଲୋକ ସବୁ ଉଦ୍ଧାର ଓ ବିଶ୍ଳେଷଣ କରାଯାଇ ପ୍ରଦର୍ଶିତ ହେବାର ନଜିର୍ ଅଛି । ବୈଦିକ ଶାସ୍ତ୍ର ସବୁର ନିସର୍ଗ ବର୍ଣ୍ଣନାରେ ଅପର ଉଲ୍ଲେଖ ବୈଶିଷ୍ଟ୍ୟ, ଚେତନ ଓ ପ୍ରାଣବାନ ସତ୍ତା ହିସାବରେ ଗ୍ରହଣଯୋଗ୍ୟ । ନୈସର୍ଗିକ ଉପାଦାନରେ ନରତ୍ୱର ଆରୋପ ସମ୍ଭବତ ମାନବ ଇତିହାସର ପ୍ରାଥମିକ ପ୍ରବଣତାର ଲକ୍ଷଣ ଥିଲେ ମଧ୍ୟ ଭାରତୀୟ ଚେତନାରେ ଏହାର ପ୍ରାଧାନ୍ୟ ଲକ୍ଷଣୀୟ । ଭାରତ ଯେ କେବଳ ଆଦିମ ମଣିଷର ଉତ୍ତରାଧିକାରୀ ହିସାବରେ ଗଣ୍ୟ ହେଉଛି ତାହା ନୁହେଁ, ଚୈତନ୍ୟବାଦୀ ଭାରତୀୟ ଧର୍ମ-ଦର୍ଶନ ବି ଏହାର ଅନ୍ୟତମ ମୂଳଭିତ୍ତି ।

ଉପନିଷଦ : ବୈଦିକ ସାହିତ୍ୟରେ ଆଭାସିତ ଧର୍ମାନୁଭୂତି ପରବର୍ତ୍ତୀ କାଳରେ ମନୀଷୀଗଣଙ୍କ ମନନଚର୍ଯ୍ୟା ଫଳରେ ଗୋଟିଏ ଗୋଟିଏ ସୁନିର୍ଦ୍ଦିଷ୍ଟ ଦାର୍ଶନିକ ପ୍ରତ୍ୟୟ ଲାଭ କରିଛି । ଉପନିଷଦ ହିଁ ଭାରତୀୟ ଦାର୍ଶନିକ ଚିନ୍ତାର ସମ୍ୟକ୍ ପରିଚୟ ଦେବାରେ ସହାୟ ହୋଇଛି । ଉପନିଷଦରେ ଭାରତର ସତ୍ୟଦ୍ରଷ୍ଟା ଋଷିଗଣ ଜଗତ୍ ଓ ଜୀବନର ଅନ୍ତର୍ନିହିତ ସତ୍ୟ ସ୍ୱରୂପର ପରିଚୟ ଉଦ୍‌ଘାଟନ କରିବା ପାଇଁ ଚାହିଁଥିଲେ । ଅବଶ୍ୟ ଏଇ 'ସତ୍ୟ' ସନ୍ଧାନରେ ସେମାନେ ନୈୟାୟିକ ମୁକ୍ତି-ଶୃଙ୍ଖଳା ଓ ମତବାଦ ଉପରେ ନିର୍ଭରଶୀଳ ନଥିଲେ, କୌଣସି ଏକ ଦିବ୍ୟ ମୁହୂର୍ତ୍ତରେ ସେମାନଙ୍କ ଚିନ୍ତାଲୋକରେ 'ସତ୍ୟ' ବା 'ପରମ ଗୋଟିକ'ର ଆଲୋକିତ ଆବିର୍ଭାବ ଘଟିଅଛି । ଦୃଶ୍ୟମାନ ନୈସର୍ଗିକ ଜଗତ ବି ନୁହେଁ । ବ୍ରହ୍ମାଣ୍ଡ ଓ ସୌରଜଗତ ପରିବ୍ୟାପ୍ତ ଏଇ ସତ୍ୟ ସ୍ୱ-ମହିମାରେ ବିରାଜିତ - ଏଇ ସତ୍ୟ ହିଁ ମହତ୍ତର, ଏଇ ସତ୍ୟହିଁ ବ୍ରହ୍ମ। ଉପନିଷଦକ ସତ୍ୟ ବୁଦ୍ଧି ଓ ବିଶ୍ୱାସ କୌଣସି ଉପରେ ନିର୍ଭରଶୀଳ ନୁହେଁ, ଏହା ସମ୍ପୂର୍ଣ୍ଣ ମାତ୍ରାରେ ଉପଲବ୍ଧ ।

ଉପନିଷଦର ବାଣୀ : 'ଈଶ୍ୱରାଜାସ୍ୟଦିମ୍ ସର୍ବତ୍ ଯତକିଞ୍ଚ ଜ୍ୟାତ୍ୟାଜଗତ' । ଜଗତରେ

ଯାହା କିଛି ଚଳମାନ, ପରିବର୍ତ୍ତନଶୀଳ, ବିକାରଶୀଳ ତାହା ସବୁକିଛି ଗୋଟିଏ ପରୋକ୍ଷ ସତ୍ୟ ଦ୍ୱାରା ଆବୃତ । ମାଣ୍ଡୁକ୍ୟ, କଠ, ମୁଣ୍ଡକ, ତୈତ୍ତରୀୟ ପ୍ରମାଣ ରୂପରେ ହିଁ ଶ୍ୱେତାଶ୍ୱେତର ପ୍ରଭୃତି ଉପନିଷଦରେ ଏଇ ପରମ 'ଏକ' ଏହାର ବିଶ୍ୱବ୍ୟାପକତାର କଥା ବାରମ୍ବାର କୁହାଯାଇଛି- (ପ୍ରାସଙ୍ଗିକ ଉଦ୍ଧୃତି ଦେବାକୁ ପଡ଼ିବ) । ଭାରତୀୟ ଋଷି, ଶିଷ୍ୟ-ପ୍ରଶିଷ୍ୟ କ୍ରମେ ଏଇ ବିଶ୍ୱଜୀବନାନ୍ତରାଳବର୍ତ୍ତୀ ବ୍ରଜଶ୍ୱରମାନଙ୍କର ହିଁ ବ୍ୟାଖ୍ୟା କରିଯାଇଛନ୍ତି ।

ଉପନିଷଦରେ ପ୍ରକାଶିତ ବିଶ୍ୱ ଓ ଜୀବନ ସମ୍ପର୍କିତ ଉପଲବ୍ଧି :-

ଦ୍ୟୁଲୋକ, ଭୂଲୋକ ଓ ଅନ୍ତରୀକ୍ଷରେ ବ୍ୟାପ୍ତ ହୋଇଛି ଏକ ଚେତନାମୟ ବିଶ୍ୱ ପ୍ରବାହ ଜଡ଼ ଓ ଚେତନ । ସମସ୍ତ ବିକାଶଶୀଳ ଏଇ ଅଖଣ୍ଡ ଚୈତନ୍ୟ ରୂପର ଅନ୍ତର୍ଗତ । ଏଇ ବିଶ୍ୱ ପ୍ରବାହ ପଛରେ ଯେଉଁ ସତ୍ୟ ବିଦ୍ୟମାନ ତାହା ହିଁ ଅନାଦି, ଅସୀମ, ଅନନ୍ତ, ସର୍ବବ୍ୟାପୀ 'ଏକ' । ପ୍ରତିଟି ମଣିଷ ଦ୍ୱିବିଧ ସତ୍ତାରେ ପୂର୍ଣ୍ଣ- ପ୍ରଥମଟି ଶୂଦ୍ର ଅହଂ ଯାହା ଦେଶକାଳରେ ବିଚ୍ଛିନ୍ନ, ପ୍ରତ୍ୟହିକତାର, ଭେଦବୁଦ୍ଧିରେ ସୀମିତ; ଅପରଟି ଦେଶକାଳାତୀତ ନିତ୍ୟକାଳର ଅନ୍ତର୍ଭୁକ୍ତ । ଏହା ସେଇ ଶାଶ୍ୱତ, ଅମୃତରୂପ, ଏହାହିଁ ଆତ୍ମା । (ଦେହ ବୃକ୍ଷରେ ଉପବିଷ୍ଟ ଦୁଇଟି ପକ୍ଷୀ ଭଳି) । ମର୍ତ୍ତ୍ୟ, ଶୂଦ୍ର ଅହଂ ପ୍ରଭୃତିର ଅବସାନ ଘଟିଲେ ନିତ୍ୟକାଳର ଅହଂ ବା ଆତ୍ମାର ଉପଲବ୍ଧି ଘଟେ ଏବଂ ଏଇ ଆତ୍ମା ଯେ ସର୍ବବ୍ୟାପୀ ବିଶ୍ୱାତ୍ମାର ଅଂଶମାତ୍ର ତାହାର ମଧ୍ୟ ପ୍ରତିତି ଜନ୍ମେ । ସୁତରାଂ ଦେଖାଯାଇଛି ଯେ ଉପନିଷଦରେ ବିଶ୍ୱସୃଷ୍ଟିର ଅନ୍ତର୍ନିହିତ ଐକପ୍ରତି ବିଶ୍ୱାସ ସ୍ପଷ୍ଟ ପ୍ରକାଶିତ ହୋଇଅଛି । ଉପନିଷଦକ ପୃଷ୍ଠଭୂମିରେ ଭାରତୀୟ ନିସର୍ଗ ଚେତନା ଏଇ ବିଶିଷ୍ଟ ଅଦ୍ୱୟସୃଷ୍ଟିର ହିଁ ପରିଚୟ ପ୍ରଦାନ କରିଥାଏ ।

କାଳକ୍ରମେ ଏଇ ବିଶିଷ୍ଟ ଜୀବନ ଦୃଷ୍ଟି ହିଁ ଭାରତୀୟ ଷଡ଼ ଦର୍ଶନରେ ସୂକ୍ତି- ନିର୍ଭର ନାନା ମତବାଦରେ ପରିଣତ ହୋଇଅଛି । ସବୁ ଦର୍ଶନର ହିଁ ମୂଳ ଜିଜ୍ଞାସା ଜଗତ ଜୀବନ ଓ ଈଶ୍ୱରଙ୍କ ପାରସ୍ପାରିକ ସମ୍ପର୍କ ଓ ତାହାଙ୍କ ସ୍ୱରୂପ । ଭାରତରେ ଦାର୍ଶନିକମାନେ ନିଜ ନିଜ ମତବାଦର ସ୍ୱାତନ୍ତ୍ର୍ୟ ସତ୍ତ୍ୱେ ବି ମୂଳତଃ ସେମାନଙ୍କର

ଅଦ୍ୱୟ ଚିନ୍ତା ଦ୍ୱାରା ପ୍ରଭାବିତ । ଚାର୍‌ବାକ ଦର୍ଶନ ହିଁ ଯାହା କିଛି ଅଭିନବ ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କରିଛି । ସଂଯୋଗରେ ଭାରତୀୟ ଦାର୍ଶନିକ ମତବାଦ ସମୂହର ପରିଚୟ ଗ୍ରହଣ କରିଲେ ହିଁ ଭାରତୀୟ ନିସର୍ଗ ଚେତନାର ମୂଳ ବୈଶିଷ୍ଟ୍ୟ ହିଁ ଉପଲବ୍ଧ ହୋଇପାରିବ । ବସ୍ତୁବାଦୀ ଚାର୍ବାକପନ୍ଥୀ ବ୍ୟତୀତ ଭାରତୀୟ ଦର୍ଶନର ସମସ୍ତ ଶାଖା ହିଁ ବିଶ୍ୱ ପ୍ରବୃତ୍ତିର ଏକ ଶାଶ୍ୱତ ଶୃଙ୍ଖଳାରେ ବିଶ୍ୱାସୀ ।

ଏଇ ବିଶ୍ୱାସର ପରିମଣ୍ଡଳରେ ଭାରତୀୟ ଦର୍ଶନର ବିଭିନ୍ନ ଶାଖା- ବୈଦିକ, ଅବୈଦିକ, ଈଶ୍ୱରବାଦୀ, ନିରୀଶ୍ୱରବାଦୀ ପ୍ରଭୃତି ସୃଷ୍ଟି ହୋଇଛି । ଏଇ ବିଶ୍ୱାସବିଧିର ନିୟମାନୁବର୍ତ୍ତିତା ଓ ଶୃଙ୍ଖଳା ପ୍ରାଣୀଜଗତ ନୈସର୍ଗିକ ବିଶ୍ୱ ଏପରିକି ଦେବତାମାନଙ୍କ ରାଜ୍ୟରେ ବି କ୍ରିୟାଶୀଳ । ଋଗ୍‌ବେଦର କବି ଦୃଷ୍ଟି ସମ୍ପନ୍ନ ଋଷିଗଣ ଏହାକୁ କହିଛନ୍ତି- "ସ୍ପାର୍ତ୍ତ" । ବସ୍ତୁବାଦୀ ଚାର୍ବାକ ଦର୍ଶନ ଯାହା ଗ୍ରୀକ୍ ଏପିକିଉରିୟାଜିମ୍ ସହିତ ତୁଳନୀୟ । ତେଣୁ କୁହାଯାଇଛି- ବସ୍ତୁ ବା ପଦାର୍ଥର ଇନ୍ଦ୍ରିୟବୋଧାତୀତ କୌଣସି ଅସ୍ତିତ୍ୱ ନାହିଁ । ଏଇ ପ୍ରାକୃତିକ ଜଗତ ଓ ଜୀବ କେତେକ ବାସ୍ତବ ଉପାଦାନର ସମ୍ମିଳନରେ ଗଠିତ, ଏଇ ମିଳନ ହିଁ ଦେହ ପ୍ରାଣବାନ । ଆତ୍ମା ବୋଲି ସ୍ୱତନ୍ତ୍ର କୌଣସି କିଛି ନାହିଁ । ଅତଏବ ଜଗତବ୍ୟାପୀ ଈଶ୍ୱର ବା ବ୍ରହ୍ମ ନାମକ କୌଣସି ଚୈତନ୍ୟମୟ ସତ୍ତାର ଅଧିଷ୍ଠାନ ଅସମ୍ଭବ । ମାନବ ଜୀବନର ଲକ୍ଷ୍ୟ- ଇନ୍ଦ୍ରିୟର ସର୍ବବିଧ ତୃପ୍ତିବିଧାନ । ସାଂଖ୍ୟ ଦର୍ଶନରେ ଜଗତ ସୃଷ୍ଟିର କାରଣ ହିସାବରେ ନିର୍ବିକାର ନିର୍ଗୁଣ ଏକ ସର୍ବବ୍ୟାପୀ ପୁରୁଷୀୟ ସତ୍ତା ସହିତ ପ୍ରକୃତିର ମିଳନ କଥା ସ୍ୱୀକୃତ । ଏଇ ବସ୍ତୁବିଶ୍ୱ ଓ ପ୍ରାଣୀଜଗତ ପୁରୁଷ ଓ ପ୍ରକୃତିର ମିଳନଜାତ ଫଳ । ନାସ୍ତିକବାଦୀ ବୌଦ୍ଧ ଦର୍ଶନର ଅନାତ୍ମବାଦ ଓ ପ୍ରତୀତ୍ୟସମୁତ୍‌ପାଦ ପ୍ରଭୃତି ମତବାଦରେ ଜୀବନର ବିଚ୍ଛିନ୍ନତା ଓ କ୍ଷଣିକତାର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ଏଇ ସବୁ ମତବାଦର ମୂଳ ବକ୍ତବ୍ୟ- ଜୀବନର ଚେତନା ପ୍ରବାହ ବା କର୍ମ ପ୍ରବାହ ଅବିଚ୍ଛିନ୍ନ ନୁହେଁ, ଏହା ସମସ୍ତ ପରସ୍ପର ପୃଥକ ଅସ୍ତିତ୍ୱ ସବୁରି ସନ୍ତତି । ଏଇ ସନ୍ତତି ପ୍ରବାହର ଦ୍ରୁତ ସନ୍ନିହିତ ଗୋଟିଏ ଆପାତ ଐକ୍ୟର ଧାରଣା ସୃଷ୍ଟି କରେ, ବୌଦ୍ଧ ଦର୍ଶନରେ ଏହାର ନାମ 'ପୂଜ୍ୟଗଣ' (ଆତ୍ମା) । ବିଶ୍ୱ ବ୍ୟାପାର ମୂଳରେ

କୌଣସି ଶାଶ୍ୱତ କାର୍ଯ୍ୟ- କାରଣ ଶୃଙ୍ଖଳା ସ୍ୱୀକାର ନ କରି ନିତ୍ୟ ପରିବର୍ତ୍ତିତ ଅସ୍ତିତ୍ୱ ପ୍ରବାହରେ ବିଶ୍ୱାସଜନିତ କ୍ଷଣିକବାଦ ବା ଅପସତ୍ତ୍ୱବାଦର ପ୍ରଧାନ କଥା । କୌଣସି ବସ୍ତୁ ବା ଜୀବନ ପଛରେ କାରଣ ବୋଲି କିଛି ନାହିଁ, ସବୁକିଛି ଚେତନା ପ୍ରବାହରେ କ୍ଷଣିକ ପାଇଁ ଆବିର୍ଭୂତ ହୋଇଥାନ୍ତି । ଦୃଶ୍ୟମାନ ଜଗତ ଦୃଷ୍ଟି ଓ ରୂପର ମିଳନ ମାତ୍ର । ବେଦାନ୍ତ ଦର୍ଶନରେ ଜଗତ ବ୍ୟାପାରର ଆଦି କାରଣ ହିସାବରେ ଏକ ଚୈତନ୍ୟମୟ ସତ୍ତାର (ବ୍ରହ୍ମ) ଅସ୍ତିତ୍ୱ କଳ୍ପନା କରାଯାଇଛି, ପୁଣି ଏଇ ଦୃଶ୍ୟମାନ ବିଶ୍ୱକୁ କୁହାଯାଇଛି । ଅବିଦ୍ୟା ବା ମାୟାର ସଂସ୍କାର । ଏଇ ବସ୍ତୁବିଶ୍ୱ ଓ ଅନିତ୍ୟ ପ୍ରତିଭାଷିକ, ବ୍ରହ୍ମ ହିଁ ନିତ୍ୟ ଏବଂ ସର୍ବବ୍ୟାପ୍ତ । ନ୍ୟାୟ ଓ ବୈଶେଷିକ ଦର୍ଶନରେ ମଧ୍ୟ ବସ୍ତୁର କୌଣସି ଶାଶ୍ୱତ ବା ସ୍ୱତନ୍ତ୍ର ରୂପରେ ସ୍ୱୀକୃତ ହୋଇନାହିଁ । ବିଶ୍ୱ ବ୍ୟାପାରର ନୈତିକ ଶୃଙ୍ଖଳା (Moral Order) ସମ୍ପର୍କରେ ପ୍ରାୟ ସମସ୍ତ, ଭାରତୀୟ ଦର୍ଶନ ହିଁ ଏକମତ । ପୁଣି ବସ୍ତୁପୁଞ୍ଜ ହେଉଛି ଈଶ୍ୱରଙ୍କ ରୂପମୟ ପ୍ରକାଶ, ନଚେତ୍ ସେ ସବୁର ଅନ୍ତରାଳରେ ବ୍ରହ୍ମର ବିଦ୍ୟମାନତା, ଅଧିକାଂଶ ଭାରତୀୟ ଦର୍ଶନ ଏହାକୁ ଗ୍ରହଣ କରିନେଇଛି । ସୁତରାଂ ନିସର୍ଗ ଜଗତ ସମ୍ପର୍କରେ ଭାରତୀୟ ଚେତନା ଯେ ତାହାର ସାମଗ୍ରିକ ଧର୍ମ ଓ ଆଧାର ଭାବନାରେ ହିଁ ପ୍ରତିକ୍ରିୟା, ତାହା ଅସ୍ୱୀକାର କରିବାର ଉପାୟ ନାହିଁ । ଏଇ ବିଶିଷ୍ଟ ଜୀବନଦୃଷ୍ଟି ବୈଦିକ ଯୁଗଠାରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ନିଜର ଗୁରୁତ୍ୱ ବଜାୟ ରଖିଅଛି । ୟୁରୋପର ଦେଶମାନଙ୍କ ପରି ଭାରତର ରାଷ୍ଟ୍ରୀୟ ପରିବର୍ତ୍ତନ ସମାଜର ବିହରଙ୍ଗ ଓ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ପ୍ରଭାବିତ କରିଲେ ବି ଆଧ୍ୟାତ୍ମବୋଧ ବା ଦାର୍ଶନିକ ଚିନ୍ତାର ସେପରି ଆଲୋଡ଼ନ ସୃଷ୍ଟି କରିପାରି ନାହିଁ । ଅନ୍ୟଥାରେ 'ଏକେଶ୍ୱରବାଦୀ' ଇସଲାମ ଧର୍ମ ଓ ମୁସଲମାନ ସମାଜର ଭୋଗପରାୟଣତା ଭାରତୀୟ ଜୀବନ ଚେତନାରେ ଆମୂଳ ପରିବର୍ତ୍ତନ ସାଧିତ କରିପାରିଥାନ୍ତା । ୟୁରୋପୀୟ ସଂସ୍କୃତି-ସଭ୍ୟତାର ସ୍ପର୍ଶ ଲାଭର ପୂର୍ବ ପର୍ଯ୍ୟନ୍ତ ଭାରତୀୟ ଜନମାନସ ପ୍ରଧାନତଃ ପୌରାଣିକ ବେଦବାଦ ଓ ବ୍ରାହ୍ମଣ୍ୟ ସ୍ମାର୍ତ୍ତ ସଂସ୍କାର ପ୍ରତି ବି ଆନୁଗତ୍ୟ ପ୍ରଦର୍ଶନ କରିଆସିଅଛି । ବର୍ତ୍ତମାନ ଯୁଗରେ ଭାରତୀୟ ମାନସିକତାରେ **'ବ୍ରହ୍ମସତ୍ୟ ଜଗତମିଥ୍ୟା'** ଏଇ ସନାତନ

ବିଶ୍ୱାସ ସ୍ୱୀକୃତ ନହେଲେ ମଧ୍ୟ **'ଜଗତସତ୍ୟ ବ୍ରହ୍ମମିଥ୍ୟା'** ଏଇ ଦୁଃସାହସିକ ମତବାଦ ପ୍ରତିଷ୍ଠା ଲାଭ କରିନାହିଁ । ବର୍ତ୍ତମାନ ଯୁଗ ବିଚିତ୍ର ଏକ ଦ୍ୱୈତବାଦର ସାଧିକା ଜଗତ ଓ ବ୍ରହ୍ମ ଦୁଇଟି ସତ୍ୟ ଅଟେ, ତେବେ ଆକର୍ଷଣ ଜଗତ ଦିଗରେ ଅଧିକ । ଦୁଇଟିରୁ କୌଣସି ଗୋଟିକୁ ବାଦ ଦେଲେ ବର୍ତ୍ତମାନ ଯୁଗ ନାମତଃ ନ ହେଲେ ବି କାର୍ଯ୍ୟରେ ବ୍ରହ୍ମକୁ ଛାଡ଼ିଦେବାକୁ ଯେପରି ରାଜି । ଭାରତୀୟଙ୍କ ମନରେ ଏଇ ସଂଶୟିତ ଆଧ୍ୟାତ୍ମ୍ୟ ଚିନ୍ତା ସ୍ୱତନ୍ତ୍ର କୌଣସି ଦାର୍ଶନିକ ମତବାଦକୁ ସୃଷ୍ଟି କରେ ନାହିଁ, କାବ୍ୟ ସାହିତ୍ୟରେ ଏହା ସାମ୍ପ୍ରତିକ ୟୁରୋପୀୟ ଚିନ୍ତନର ହିଁ ଅନୁସରଣ କରିବାରେ ଆଗ୍ରହୀ ।

ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ,
ଚାନ୍ଦବାଲି, ଭଦ୍ରକ
ଭଦ୍ରକ- ୭୫୬୧୩୩
ମୋ. ୯୬୬୮୪୫୮୩୦୫

❐❐❐

ପୁରାଣର ବୈଶିଷ୍ଟ୍ୟ

● ଡଃ ନଟବର ଶତପଥୀ



ସାହିତ୍ୟ ପରମ୍ପରାରେ ପୁରାଣର ବିଶେଷତ୍ୱ ଓ ସ୍ଥାନ ଧର୍ମଦର୍ଶନ ଦୃଷ୍ଟିକୋଣରୁ ବିବେଚନା କରାଯାଇଥାଏ । ପଞ୍ଚଲକ୍ଷଣ ପୁରାଣରୁ ଅନ୍ୟାନ୍ୟ ଗ୍ରନ୍ଥଠାରୁ ପୃଥକ ଭାବେ ପରିଚିତ କରାଇଛି । ଏହି ଶିରୋନାମାରେ ତାତ୍ତ୍ୱିକତାର ଏବଂ ଐତିହ୍ୟର ଉପସ୍ଥାନ ପୁରାଣର ମୁଖ୍ୟ ଉଦ୍ଦେଶ୍ୟ । ତାତ୍ତ୍ୱିକତାର ସୀମା ସର୍ବତ୍ର ସୀମାହୀନ ହେଲେ କଥିତ ପଞ୍ଚଲକ୍ଷଣରେ ସୃଷ୍ଟିତତ୍ତ୍ୱକୁ ହିଁ ପ୍ରଦର୍ଶିତ କରେ । ଇତିହାସର ସମାର୍ଥବାଚକ ଶବ୍ଦ ରୂପେ ଐତିହ୍ୟର ପ୍ରସାରଣ ମଧ୍ୟ ତାର କାମନା । ବସ୍ତୁତଃ ପଞ୍ଚଲକ୍ଷଣୀୟ ଉପାଦାନର ଯଥାଯଥ ଅନୁଶୀଳନରେ ଗ୍ରନ୍ଥର ମହତ୍ତ୍ୱ ପ୍ରତିପାଦିତ ହେବା ସହିତ ଭାରତୀୟ ଐତିହାସିକ ଚେତନା ଓ ସାଂସ୍କୃତିକ ବିଚାରର ସହଜ ପରିଚୟ ମିଳିପାରେ । ପଞ୍ଚଲକ୍ଷଣଟି ଏହିପରି-

ସର୍ଗଶ୍ଚ ପ୍ରତିସର୍ଗଶ୍ଚ ବଂଶୋମନ୍ୱନ୍ତରାଣିଚ // ବଂଶାନୁଚରିତଂ ଚେତି ପୁରାଣମ୍ ପଞ୍ଚଲକ୍ଷଣଂ ॥ [1]

ସର୍ଗ, ପ୍ରତିସର୍ଗ, ବଂଶ, ମନ୍ୱନ୍ତର ଓ ବଂଶାନୁଚରିତ- ପୁରାଣରେ ପଞ୍ଚଲକ୍ଷଣ ବା ଆଧାର । ଶ୍ଲୋକଟି ଏତେ ଆବୃତ ହୋଇଛି ଯେ ଅନେକ ଗ୍ରନ୍ଥ ଏହାର ବ୍ୟାଖ୍ୟା କରି ନାହାନ୍ତି । ବ୍ୟାଖ୍ୟାବିହୀନ ପରିଭାଷିକତା ସାର୍ବଭୌମ - ପ୍ରଭାବର ପ୍ରତୀକ ହୋଇପାରେ ।

ସର୍ଗ:-

1. ପାଠାନ୍ତରରେ - ଭୂମ୍ୟାଦି ସଂସ୍ଥାନମ୍ ଚେତି ପୁରାଣଂ ପଞ୍ଚଲକ୍ଷଣ - ଅମରକୋଷ ଏବଂ ବହୁ ପାଠାନ୍ତର ଥିଲେ ହେଁ ମୁଖ୍ୟ ବ୍ୟତିକ୍ରମଟି ଏହିପରି -

   ସର୍ଗଃ ପ୍ରତିସଂହରଃ କଳ୍ପୋମନ୍ୱନ୍ତରାଣି ବଂଶବିଧି
   ଜଗତ ଯନ୍ତ୍ରନିବଦ୍ଧଂ ଦେବିଙ୍କେୟପୁରାଣମିତି (କାବ୍ୟ ମୀମାଂସା) ।

ବିଶ୍ୱ ସୃଷ୍ଟି ପ୍ରକ୍ରିୟା । ଜଗତ ଓ ତାର ସମସ୍ତ ତତ୍ତ୍ୱ ଏହାର ଅନ୍ତର୍ଗତ ରହି ବିଶ୍ୱ ଜଗତର ଜୀବ ସୃଷ୍ଟିର କାରଣ ହୁଏ । ଭାଗବତ ମତରେ -

ଅବ୍ୟାକୃତ ଗୁଣକ୍ଷୋଭାତ୍ ମହତୋଽପି ବୃତ୍ତୋଽହମ୍ // ଭୂତ ମାତ୍ରେନ୍ଦ୍ରିୟାର୍ଥାନାଂ ସମ୍ଭବ ସର୍ଗ ଉଚ୍ୟତେ ॥

ଅର୍ଥାତ୍ ମୂଳ ପ୍ରକୃତି ଗୁଣବିହୀନ ହୋଇ ଶୁଦ୍ଧରେ ପରିଣତ ହେଲେ ତତ୍ତ୍ୱ ଉତ୍ପତ୍ତି ହୋଇଥାଏ(ଏହା ସତ୍ତ୍ୱ, ରଜ, ତମରେ ତ୍ରିବିଧ) । ଅହଂକାରରେ ଏହାର ରୂପାନ୍ତର ଘଟିଲେ ସେଥିରୁ ପଞ୍ଚତନ୍ମାତ୍ର, ଇନ୍ଦ୍ରିୟ ଏବଂ ଭୂତ ଆବିର୍ଭାବ ହୁଅନ୍ତି । ପୁରାଣରେ ଏହି ଉତ୍ପତ୍ତିର ବର୍ଣ୍ଣନାକୁ ସର୍ଗ କୁହାଯାଏ ।

ପ୍ରତିସର୍ଗ:-

ସର୍ଗର ବିପରୀତ, ପ୍ରଳୟର ନାମାନ୍ତର । କେତେକ ଗ୍ରନ୍ଥରେ ଏହାର ବିକଳ୍ପରେ 'ପ୍ରତିସଂଚର' ଓ 'ସଂସ୍ଥା' ଶବ୍ଦ ପ୍ରୟୋଗ ପରିଦୃଷ୍ଟ ହୁଏ । ଭାଗବତ ନିମ୍ନୋକ୍ତ ଶ୍ଲୋକରେ ପ୍ରଳୟର ପ୍ରକାରଭେଦ ଦେଇଛନ୍ତି:

ନୈମିତ୍ତିକ ପ୍ରାକୃତିକୋ ନିତ୍ୟ ଆତ୍ୟନ୍ତିକ ଲୟଃ // ସଂସ୍ଥୋତି କବିଭିଃ ପ୍ରୋକ୍ତା ଚତୁର୍ଦ୍ଧାଽସ୍ୟ ସ୍ୱଭାବତଃ ॥

ନୈମିତ୍ତିକ, ପ୍ରାକୃତିକ, ନିତ୍ୟ ଏବଂ ଆତ୍ୟନ୍ତିକ - ଚାରିପ୍ରକାର ପ୍ରଳୟ ସଂଘଟିତ ହୁଏ ।

ବଂଶ:-

ରାଜା, ଋଷି, ପ୍ରଧାନ, ପ୍ରଧାନ ବ୍ୟକ୍ତି, ଦେବତା ଏବଂ ଦୈତ୍ୟ ପ୍ରଭୃତିଙ୍କର ଉତ୍ପତ୍ତି, ବଂଶ ବିସ୍ତାର ଓ ପ୍ରତିଷ୍ଠା ବଂଶ ଶବ୍ଦର ଭାବାର୍ଥ । ପୁରାଣ ରଚନା ପ୍ରକ୍ରିୟାରେ ମୂଳତଃ ଐତିହାସିକ ଚେତନାର ପ୍ରଭାବରୁ ବଂଶ ଓ ବଂଶାନୁଚରିତର ପ୍ରସଙ୍ଗ ଉହ୍ୟତ ହୋଇଛି । ସେହି କ୍ରମରେ ମୁଖ୍ୟ ବଂଶଗୁଡ଼ିକର ଅବତାରଣା ଥିଲା ପ୍ରାଚୀନ ପୁରାଣର ଧର୍ମ । ମାତ୍ର କାଳକ୍ରମେ ରାଜବଂଶ ବ୍ୟତୀତ ଦେବ, ଋଷି, ଦୈତ୍ୟଙ୍କର ବଂଶ ବିବରଣୀ ସ୍ଥାନ ଲାଭ କରିଛି ।

ମନ୍ୱନ୍ତର:-

କାଳ-ମାପକ ଶବ୍ଦ । ପୁରାଣକାର ନିଜର ବିଶ୍ୱରଚନା କରନ୍ତି । ସେଥିରେ

ଅବସ୍ଥାପିତ ହୁଅନ୍ତି ବ୍ରହ୍ମା ଓ ସର୍ଜନା କରନ୍ତି । ସୃଷ୍ଟିକାଳର ମାପନ ଓ ରାଜାମାନଙ୍କର ରାଜତ୍ୱର କାଳ ନିରୂପଣ ମନ୍ୱନ୍ତର ମାପକାଠରେ ନିରୂପିତ ହୁଏ ।

ବଂଶାନୁଚରିତ:

ପୁରାଣର ବିଶ୍ୱସୃଷ୍ଟି ପ୍ରାରମ୍ଭରୁ ରାଜାଦିଙ୍କର ଜୀବନ ଚରିତ, ସେମାନଙ୍କର କ୍ରିୟାକଳାପର ବର୍ଣ୍ଣନା ତଥା ବଂଶ ପରମ୍ପରାର ବିବରଣୀ ଏହି ପ୍ରସଙ୍ଗରେ ଦେଖିବାକୁ ମିଳେ । ପରବର୍ତ୍ତୀ ପ୍ରସଙ୍ଗରେ ବିଶଦ୍ ଆଲୋଚନାର ଉଦ୍ଦେଶ୍ୟ ରଖି ବର୍ତ୍ତମାନ ସେଥିରୁ କ୍ଷାନ୍ତ ହେଉଛି ।

ପଞ୍ଚଲକ୍ଷଣ ସ୍ଥାନରେ ଦଶ ଲକ୍ଷଣର ଆବିର୍ଭାବ ବହୁ ପରବର୍ତ୍ତୀ ଘଟଣା । କୌଟିଲ୍ୟ 'ଅର୍ଥଶାସ୍ତ୍ର'ରେ 'ଜୟମଙ୍ଗଳ' ନାମକ ଗ୍ରନ୍ଥରୁ ଗୋଟିଏ ନୂତନ ଲକ୍ଷଣ ଉଦ୍ଧାର କରିଛନ୍ତି-[2]

ସୃଷ୍ଟି ପ୍ରବୃତ୍ତି ସଂହାରଧର୍ମ ମୋକ୍ଷ ପ୍ରୟୋଜନମ୍/ ବ୍ରହ୍ମାର୍ଭିବିବିଧୋଃ ପ୍ରୋକ୍ତ ପୁରାଣମ୍ ପଞ୍ଚଲକ୍ଷଣ ॥

ଏଥିରେ ଧର୍ମ ଓ ମୋକ୍ଷ ଗୃହୀତ ହୋଇଥିବାର ମନେହୁଏ । କୌଟିଲ୍ୟଙ୍କ ବହୁ ପୂର୍ବରୁ ଏହା ପୁରାଣର ଅଭିଭାଜ୍ୟ ଲକ୍ଷଣ ରୂପେ ଗୃହୀତ । ଭାଗବତରେ ଦଶଲକ୍ଷଣର ବର୍ଣ୍ଣନା ହେଉଛି-

ସର୍ଗଶ୍ଚାର୍ଥ ବିସର୍ଗଶ୍ଚ ବୃତ୍ତି ରକ୍ଷାନ୍ତରାଣିଚ // ବଂଶୋ ବଂଶାନୁଚରିତଂ ସଂସ୍ଥାହେତୁରପାଶ୍ରୟଃ ॥ ୧୨ ।୩

ଅର୍ଥାତ୍ ସର୍ଗ, ବିସର୍ଗ ବୃତ୍ତି, ରକ୍ଷା ଅନ୍ତରାଣି, ବଂଶ ବଂଶାନୁଚରିତ, ସଂସ୍ଥା, ହେତୁ ଅପାଶ୍ରୟ ଇତ୍ୟାଦି ଦଶବିଧ ପୁରାଣଲକ୍ଷଣ । ପୂର୍ବୋକ୍ତ ପଞ୍ଚଲକ୍ଷଣରୁ ବ୍ୟତିକ୍ରମ ବୃତ୍ତି, ରକ୍ଷା, ହେତୁ ସଂସ୍ଥା ଓ ଆପାଶ୍ରୟ ପ୍ରଭୃତିର ବ୍ୟାଖ୍ୟାନ ପ୍ରଦତ୍ତ ହୋଇଛି । ବୃତ୍ତି ପ୍ରାଣ ଧାରଣର ଉପାୟ । ଏହା ସ୍ୱାଭାବିକ କାମନାରୁ ପ୍ରାଣୀ ଲାଭ କରେ । ଶାସ୍ତ୍ରୀୟ ଆଦର୍ଶର ପ୍ରଭାବ ମଧ୍ୟ ରହେ । ରକ୍ଷା -ହେଉଛି 'ଦୁଷ୍ଟ ନାଶନ' ଓ 'ସତ୍ୱ ପାଳନ' ।

(2) ଅ/ ୧।୫

ମହାଭାରତର ପ୍ରଖ୍ୟାତ ଶ୍ଲୋକ "-ଧର୍ମସଂସ୍ଥାପନାୟ"ଏ ପ୍ରସଙ୍ଗରେ ସ୍ମରଣୀୟ । ସଂସ୍ଥା ପ୍ରତିସର୍ଗର ସମାର୍ଥବୋଧକ ଓ ସମଗୁଣ ବିଶିଷ୍ଟ ଲକ୍ଷଣ । (ବିସର୍ଗ ଜୀବରୁ ଜୀବ ସୃଷ୍ଟି ବା ବିବିଧ ସୃଷ୍ଟିର କଥନ) ହେତୁ - ଜଗତ ହିଁ ସୃଷ୍ଟିର ହେତୁ ସ୍ୱରୂପ । ଦର୍ଶନ ଶାସ୍ତ୍ରରେ କୁହାଯାଇଛି ଜୀବ ଅବିଦ୍ୟାର ବଶବର୍ତ୍ତୀ ହୋଇ କର୍ମ କରେ । ବିଶ୍ୱର ଶକ୍ତି ଓ ତାର ଅଦୃଷ୍ଟ ରହସ୍ୟକୁ ପ୍ରଦର୍ଶନ ତଥା ସ୍ୱୀକାର (ଜୀବ ପକ୍ଷେ) ସୃଷ୍ଟି ଓ ପ୍ରଳୟ ସଂଘଟିତ ହୁଏ । ହେତୁ' ଓ ପ୍ରକଳ୍ପନାରେ ଜୀବ ଏହାର ହୃଦୟଙ୍ଗମ କରିବାକୁ ଗୁରୁତ୍ୱ ଦିଆଯାଇଛି ସୁତରାଂ ଅଦୃଷ୍ଟ ରହସ୍ୟ, ବିଶ୍ୱ ଶକ୍ତିର ଅସୀମ ପ୍ରଭାବର ହେତୁ ବୁଝାଇବା ଏହାର ଉଦ୍ଦେଶ୍ୟ । ଅପାଶ୍ରୟ- ବ୍ରହ୍ମ ଏକ ମହନୀୟ ଅଭିଧାର ଦ୍ୟୋତକ । ସେ ବିଶ୍ୱ, ତୈଜସ ଓ ପ୍ରଜ୍ଞା ରୂପ । ଜୀବର ତିନୋଟି ଅବସ୍ଥା- ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତ । ଏହି ଅବସ୍ଥା ଗୁଡ଼ିକରେ ଚୈତନ୍ୟ ଯଥାକ୍ରମେ ବିଶ୍ୱ, ତୈଜସ ଓ ପ୍ରାଜ୍ଞ ରୂପରେ ଅବସ୍ଥାନ କରେ ଓ ଅନୁରୂପ ନାମରେ ବିଦିତ ହୁଏ । ଉଦାହରଣ ସ୍ୱରୂପ ବିଶ୍ୱ ଚୈତନ୍ୟ, ତୈଜସ ଚୈତନ୍ୟ ଓ ପ୍ରାଜ୍ଞ ଚୈତନ୍ୟ । ଏହି ମାୟା ମୟୀ ଅବସ୍ଥା ଭିତରେ ଯେ ସାକ୍ଷୀ ସ୍ୱରୂପ ରୁହନ୍ତି ସେ ହିଁ ଜୀବର ପରମ ଆଶ୍ରୟ । ଏହି ବିଚାରକୁ ଅପାଶ୍ରୟ ମନେ କରାଯାଇଛି ।

ଦଶ ଲକ୍ଷଣ ମଧ୍ୟରୁ ମୂଳ ପଞ୍ଚ ଲକ୍ଷଣକୁ ବାଦ୍ ଦେଲେ ଅବଶିଷ୍ଟ ଲକ୍ଷଣ ଗୁଡ଼ିକରେ ସାର୍ବଜନୀନତା ରହିନାହିଁ । ବ୍ରହ୍ମବୈବର୍ତ୍ତ ପୁରାଣ ସ୍ଥିତି, ପାଳନ, କର୍ମବାସନା, ମୋକ୍ଷ ଓ ଦେବ କୀର୍ତ୍ତନର ଉଲ୍ଲେଖ କରିଛନ୍ତି । ସେହିପରି ଅନେକ ନୂତନ ଲକ୍ଷଣ ପୁରାଣାନ୍ତରରେ ମିଳିଥାଏ । ଏପରି ବ୍ୟତିକ୍ରମ ଓ ବିଶୃଙ୍ଖଳାରୁ ଅର୍ଥ ପ୍ରତିପନ୍ନ ହୁଏ । ସେ ଚତୁବର୍ଗ ଫଳ ପ୍ରାପ୍ତି ଆକାଙ୍କ୍ଷାକୁ ଚରିତାର୍ଥ କରିବା ପୁରାଣର ଅଭିପ୍ରାୟ ବୋଲି ଗୃହୀତ ହୋଇଛି । ଏହି ଲକ୍ଷ୍ୟରେ ପୁରାଣକାର ତଥା ଧର୍ମଗୁରୁମାନେ ବାରମ୍ବାର ସ୍ୱେଚ୍ଛା ପ୍ରଣୋଦିତ ଲକ୍ଷଣମାନ ସଂଯୋଗ କରିବାକୁ କୁଣ୍ଠା କରିନାହାନ୍ତି । ବ୍ରହ୍ମବୈବର୍ତ୍ତ ପୁରାଣରୁ ଏହା ସ୍ପଷ୍ଟ ହୁଏ । ବସ୍ତୁତଃ ପୁରାଣର ପୂର୍ବୋକ୍ତ ସୁସମଞ୍ଜସ ଭାବ ଭୂମି କଳୁଷିତ ତଥା ଐତିହାସିକତା କ୍ଷୁନ୍ନ ହୋଇଛି । ଦର୍ଶନର ପ୍ରଭାବରେ ସାମାଜିକ ଜୀବନ ଏକ ରୁଗ୍ଣ ଉଦ୍ଦେଶ୍ୟ ଏବଂ ଅନିଶ୍ଚିତ ଭାଗ୍ୟ ଓ ଭଗବତ୍ ବାଦର ନିଷ୍ଫଳ ପ୍ରେରଣାକୁ

ଗୁରୁତ୍ୱ ଦିଆଯାଇଛି ।

ସୃଷ୍ଟିତତ୍ତ୍ୱ-

ପରିଦୃଶ୍ୟମାନ ଜଗତ ଚିରଦିନ ମଣିଷର ଜ୍ଞାନ ପିପାସାର ଉତ୍ସ ହୋଇଛି । ବ୍ୟସ୍ତ ବ୍ୟାକୁଳ କରିଛି ମଣିଷର ଚିନ୍ତାରାଜ୍ୟକୁ । ସୃଷ୍ଟିର ଅନନ୍ତ ବୁଭୁକ୍ଷା ଓ ତାର ଗୋପନ ରହସ୍ୟର ଉଦ୍‌ଘାଟନ ପାଇଁ ବ୍ୟଥାର କାହାଣୀ ଦର୍ଶନର ଗାଥା । ଜଗତଟି କାର୍ଯ୍ୟ କାରଣମୟ । ତାହାକୁ ଅର୍ଥପୂର୍ଣ୍ଣ କରିବାକୁ ଯାଇ ବିଶ୍ୱଜଗତର ସୃଷ୍ଟି ରହସ୍ୟ ଖୋଜିବାକୁ ହୋଇଛି । ସୃଷ୍ଟିର ପ୍ରମାଣ କେତେକ କାରଣ ମଧ୍ୟରେ ପ୍ରଦର୍ଶିତ କରିବାର ପ୍ରଚେଷ୍ଟା ଧର୍ମର ଅଭିଭାଜ୍ୟ ଅଂଶ । ପୁରାଣରେ ବିଶ୍ୱଗଠନ ପ୍ରଣାଳୀ, ସୃଷ୍ଟି ପଦ୍ଧତିର ନିରୂପଣ ଦର୍ଶନ ଓ ଈଶ୍ୱର ତତ୍ତ୍ୱ ମଧ୍ୟରେ ଅବସ୍ଥାପିତ । ଏହି ଦୃଷ୍ଟିରୁ ଦେଖିଲେ ପରମ ପୁରୁଷ ଏବଂ ବିଶ୍ୱର ପରିକଳ୍ପନା କ୍ଷେତ୍ରରେ ପୁରାଣ ଅଧିକ ସଚେଷ୍ଟ । ପରିଦୃଶ୍ୟମାନ ଜଗତର ରହସ୍ୟକୁ ଭେଦ କରିବାରେ ବିରଳ ଉଦ୍ୟମ ପରିଦୃଷ୍ଟ । ଦର୍ଶନ ଓ ଈଶ୍ୱର ତତ୍ତ୍ୱର ଦ୍ୱନ୍ଦ୍ୱ ମଧ୍ୟରେ ପୁରାଣ ଈଶ୍ୱର ତତ୍ତ୍ୱର ଅଧିକ ନିକଟବର୍ତ୍ତୀ ହୋଇଛି । ତେଣୁ ସୃଜନର କର୍ତ୍ତା ଭାବେ ଗ୍ରହଣ କରିଛି ବ୍ରହ୍ମାଙ୍କୁ । ସେ ସୃଷ୍ଟିର କର୍ତ୍ତା । ସେ ସର୍ବଶକ୍ତିମୟ ଓ ନିତ୍ୟ ସଂକଳ୍ପକାରୀ, ପୁଣି ଲିଙ୍ଗରହିତ । ବିଷ୍ଣୁ ଏ କ୍ଷେତ୍ରରେ ତାଙ୍କର ସହାୟକ । ତାଙ୍କର ନିର୍ଦ୍ଦେଶରେ ବ୍ରହ୍ମା ସୃଜନ ଲୀଳାରେ ମୁଖ୍ୟ ପୁରୋଧା ହୁଅନ୍ତି । ବିଷ୍ଣୁଙ୍କର ଇଚ୍ଛା ହିଁ ହୁଏ ତାଙ୍କର ଇଚ୍ଛା । ଏକୋଽହଂ ବହୁସ୍ୟାମି' - ବହୁରୂପ ମଧ୍ୟରେ ସ୍ୱୟଂ ବିରାଜମାନ କରିବାର କାମନା ବ୍ରହ୍ମାଙ୍କ ମାଧ୍ୟମରେ ରୂପ ନିଏ । ସୃଜନର ଉପାଦାନ ମହତତ୍ତ୍ୱ, ଅହଂକାର, ପଞ୍ଚତନ୍ମାତ୍ର ଓ ପଞ୍ଚମହାଭୂତ ବ୍ରହ୍ମାକର୍ତ୍ତୃକ ପ୍ରକାଶିତ ହୋଇ ଜୀବ ଗଠନ କରେ । ଏସବୁ ବସ୍ତୁ ସମୂହ । ସୁତରାଂ ମନରେ ପ୍ରଶ୍ନ ଆସେ ବସ୍ତୁ ଯାହା ଦୃଶ୍ୟମାନ ତାର ଆବିର୍ଭାବ ପ୍ରଥମେ ନା ଅଦୃଶ୍ୟରୁ ଏ ବିଶ୍ୱଜଗତର ଆବିର୍ଭାବ ? ପୁରାଣରେ ଏହାର ଉତ୍ତର ପ୍ରଦତ୍ତ ହୋଇଛି । ବେଦର କଳ୍ପନାନୁସାରେ ଉତ୍ତରଟି ପ୍ରସ୍ତୁତ । ବାସ୍ତବତଃ ବୈଦିକ - ଦର୍ଶନର ପ୍ରଭାବ ଅପ୍ରତିହତ ରହିଛି । ତାର ବିଶ୍ଳେଷଣ ନିମ୍ନମତେ କରାଯାଇପାରେ । ୧- କଳାତ୍ମକ ପ୍ରକ୍ରିୟା, ୨- ଆଭ୍ୟାସିକ ପ୍ରକ୍ରିୟା, ୩-

(3) Sec- G.O.P. Ch-XIII

ଦାର୍ଶନିକ ପ୍ରକ୍ରିୟା, ୪- ଯାନ୍ତ୍ରିକ ପ୍ରକ୍ରିୟା ।[3]

୧। ଋଗବେଦ କହନ୍ତି ସୃଷ୍ଟି କାର୍ଯ୍ୟରେ ଏକାଧିକ ଦେବତା ସହାୟକ । ସେମାନେ ଜଣେ ଜଣେ କଳାକାର ସଦୃଶ ଏବଂ ନିଜର ଅଧିଗତ ଗୁଣ ବିନିଯୋଗରେ ସୃଷ୍ଟି ପ୍ରକ୍ରିୟା ସଂଗଠନ କରିଛନ୍ତି । ବିଶ୍ୱ ଏକ ଘର ତୁଲ୍ୟ । ସେମାନେ କୁଶଳୀ ହାତର ସ୍ପର୍ଶରେ ବହୁ ବୈଚିତ୍ର୍ୟ ଖଞ୍ଜିତ ହୋଇଛି ସେ ଘରଟିରେ । ବିଶ୍ୱକର୍ମା ସେହି ସୁରମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ଶ୍ରେଷ୍ଠତମ । ସେ ସମସ୍ତ ଦେବତା, ଅସୁର, ଜୀବ, ଅଜୀବ ଏପରିକି ପୃଥିବୀ ଓ ଆକାଶଠାରୁ ଅଗ୍ରବର୍ତ୍ତୀ ।

୨। ସୃଷ୍ଟିର ପ୍ରାରମ୍ଭରେ ରୁହନ୍ତି ଆଦିପୁରୁଷ । ସେ ଆଦିସତ୍ତା ତଥା ବିଶ୍ୱାଣୁ ଓ ଆତ୍ମାର ପ୍ରତୀକ । ତାଙ୍କର ଆତ୍ମାହୂତିରେ ଆବିର୍ଭାବ ଘଟେ ପୃଥିବୀର, ପ୍ରକାଶିତ ହୁଏ ସୂର୍ଯ୍ୟ, ଚନ୍ଦ୍ର, ଆକାଶ ଓ ମରୁତ । ଏସବୁ ଐହିକ ବସ୍ତୁ । (ପଞ୍ଚ ମହାଭୂତ ସଦୃଶ ଐହିକ ବସ୍ତୁ) ।

୩। ମହାଶୂନ୍ୟ ବିଦ୍ୟମାନ ଥିଲା ସର୍ବପ୍ରଥମେ । ନ ଥିଲା ସତ୍ ବା ଅସତ୍ । ମହାଶୂନ୍ୟ ନିଜର ଅନ୍ତରୀଣ ପ୍ରବୃତ୍ତିରେ ଉତ୍ତପ୍ତ ହୁଏ ଏବଂ ସେଥିରୁ ଏକ ଆକାରର ଆବିର୍ଭାବ ଘଟେ । ସେଥିରୁ ଜନ୍ମ ନିଏ 'ଆଶା' ଏବଂ ପରେ ପରେ ଅନ୍ୟାନ୍ୟ ବସ୍ତୁ । ଏଗୁଡ଼ିକ ସୃଷ୍ଟିର ସହାୟକ ହୁଅନ୍ତି । ଉପନିଷଦ ମତରେ ପ୍ରତ୍ୟେକ ବସ୍ତୁକୁ 'ମୃତ୍ୟୁ'(ଧ୍ୱଂସ) ଆଚ୍ଛନ୍ନ କରି ରଖିଥିଲା । ମୃତ୍ୟୁର ବିଦ୍ୟମାନତା ଲୋଡ଼େ ଏକ ଶରୀର(ବା ରୂପ/ଆକାର)[4] । ସେହି ହେତୁ ରୂପ ସ୍ୱରୂପ ଜଳ, ପୃଥିବୀ, ଅଗ୍ନି, ବାୟୁର ପ୍ରକାଶ ଘଟେ ।

୪। ପୃଥିବୀ ଓ ଆକାଶ - ମାତା ଓ ପିତା । ଏମାନଙ୍କର ମିଳନରେ ସମ୍ଭୂତ ହୁଅନ୍ତି ସୂର୍ଯ୍ୟ, ବାୟୁ, ଇନ୍ଦ୍ର, ରୁଦ୍ର, ସୋମ ପ୍ରଭୃତି । ବିଶ୍ୱ ଗଠନରେ ଏମାନେ ଜଣେ ଜଣେ କାରକ । ଏମାନଙ୍କ ମଧ୍ୟରେ ସୂର୍ଯ୍ୟ ଅନନ୍ୟ ଓ ଅଦ୍ୱିତୀୟ ସ୍ଥାନ ଗ୍ରହଣ କରି ବିଶ୍ୱକୁ ଆଲୋକିତ ଓ ପ୍ରାଣ ଚଞ୍ଚଳ କରନ୍ତି । ସେହି ପ୍ରଜାପତି, ବିଶ୍ୱକର୍ମା ଏବଂ

(4) ବୃ ୧/୨-୩ (5 ଓ 6) G.O.P.-187-88

ହିରଣ୍ୟଗର୍ଭ ଭାବେ ପରବର୍ତ୍ତୀ ସାହିତ୍ୟରେ ନିର୍ଣ୍ଣିତ ହୋଇଛନ୍ତି ।[5]

ଅନାଦି ପୁରୁଷକୁ କୁହାଯାଇଛି ଆତ୍ମା ବୋଲି । ଆତ୍ମାର ବାସନା ହେଉଛି ପ୍ରକାଶିତ ହେବା । ସେହି ବାସନାର ଫଳ- ଭୂ, ଭୂଗର୍ଭସ୍ଥ ଜଳ, ଆକାଶରେ ଜ୍ୟୋତି । ଜଳ ଭୂ ଓ ଭୂବକୁ ଆଚ୍ଛନ୍ନ କରି ରଖେ । ତା' ମଧ୍ୟରେ ଆତ୍ମା ବିଶ୍ୱ ପୁରୁଷକୁ ଜନ୍ମ ଦିଏ । ସେ ହୁଅନ୍ତି ସୃଷ୍ଟିର ପୁରୋଧା । ତାଙ୍କରି ଇଙ୍ଗିତରେ ବିଶ୍ୱରେ କ୍ଷୁଧା ଓ ପିପାସାର ଜନ୍ମ । ବିଭିନ୍ନ ବସ୍ତୁର ମଧ୍ୟ । ଏହିସବୁ ଦୃଷ୍ଟାନ୍ତରୁ ବେଦ ଓ ବୈଦିକ ସାହିତ୍ୟରେ ସୃଷ୍ଟି ସମ୍ବନ୍ଧୀୟ ନିର୍ଯ୍ୟାସ ହେଉଛି -(୧) ଆଦ୍ୟାବସ୍ଥାରେ ଜଳର ଅବସ୍ଥିତି, (୨) ପ୍ରଜାପତି ହେଉଛନ୍ତି ବିଶ୍ୱାଣୁ । ସେ ହିରଣ୍ୟ ଗର୍ଭ ବା ଅଗ୍ନି(ଉତ୍ତାପ)ର ଆକାର ରୂପେ ସମସ୍ତ ଜାଗତିକ ବସ୍ତୁର ଉତ୍ସ । ଐତରେୟ ବ୍ରାହ୍ମଣ ମତରେ ସେ ଜଳ, ବାୟୁ, ଅଗ୍ନିର ଜନକ । ବୀଜପ୍ରଦ ପିତା ତୁଲ୍ୟ ସେ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା ଓ କର୍ତ୍ତା । ବେଦ ଓ ଐତରେୟ ବ୍ରାହ୍ମଣର ଏହି ସିଦ୍ଧାନ୍ତ ପୁରାଣରେ ପ୍ରତିଫଳିତ ହୋଇଛି । ବିଶ୍ୱର ବିଭିନ୍ନ ଧର୍ମର ସିଦ୍ଧାନ୍ତ ସମ୍ୟକ ବ୍ୟତିକ୍ରମ ଭିତରେ ଏହା ସହିତ ଏକମତ ହେବାର ଦେଖାଯାଏ ।[6]

'ଓଲଡ଼ ଟେଷ୍ଟାମେଣ୍ଟ'ର ଜେନେସିସ୍ ପର୍ଯ୍ୟାୟରେ ବିଶ୍ୱର ଆଦ୍ୟାବସ୍ଥା ଶୂନ୍ୟମୟ ଅନ୍ଧକାର ପୂର୍ଣ୍ଣ ଥିଲା । ଶୂନ୍ୟରୁ ଆକାଶ, ସେଥିରେ ଆଲୋକ, ତା'ପରେ ଜଳ ଓ ଜଳରୁ ପୃଥିବୀର ଆବିର୍ଭାବ । ସମସ୍ତ ଜଗତର ପରିକଳ୍ପନା ଛ ଦିନର ସଂରଚନାରେ ସଂପୂର୍ଣ୍ଣ ହୁଏ । ଜେମସ୍‌ଙ୍କର ଇଚ୍ଛା ପ୍ରସୂତ ଏ ବିଶ୍ୱର ପ୍ରାରମ୍ଭ ମୂଳତତ୍ତ୍ୱ ଶୂନ୍ୟ ବୋଲି କୁହାଯାଇଛି । ଭାରତୀୟ ସାହିତ୍ୟରେ ବେଦର ସୃଷ୍ଟିତତ୍ତ୍ୱ ପରବର୍ତ୍ତୀ ବହୁ ଦର୍ଶନ ଏପରିକି ନାସ୍ତିକ ଷଡ଼ଦର୍ଶନକୁ କମ୍ ପ୍ରଭାବିତ କରିନାହିଁ । ବୈଦାନ୍ତିକମାନେ 'ଜଗତ୍ ସତ୍ୟ ବ୍ରହ୍ମ ମିଥ୍ୟା' ବୋଲି ଗ୍ରହଣ କରି ନେଇଥିବାବେଳେ ନୈଶେଷିକ ଓ କୈୟାମିକମାନେ ନିତ୍ୟରୁ ଅସତ୍‌ର ଉତ୍ପତ୍ତି ବୋଲି ଯୁକ୍ତି କରିଛନ୍ତି । ଈଶ୍ୱରଙ୍କୁ ଅସ୍ୱୀକାର କରୁଥିଲେ ମଧ୍ୟ ନୈଶେଷିକ ଦର୍ଶନରେ ଈଶ୍ୱର ସୃଷ୍ଟିର ଆଦିପ୍ରମାତା । ଅଗ୍ନିର ଉର୍ଦ୍ଧ୍ୱଜ୍ୱଳନ, ବାୟୁର ତୀର୍ଯ୍ୟକ ଗତି, ଅଣୁ ଓ ମନର ମିଳିତ ପ୍ରକ୍ରିୟା ଅଦୃଷ୍ଟ ଶକ୍ତି ଦ୍ୱାରା ଉତ୍ପନ୍ନ । ସେହିପରି ବୌଦ୍ଧ ଓ ଚାର୍ବାକ୍ ମତରେ ସକଳ ସୃଷ୍ଟି କ୍ଷିତି, ଅପ, ତେଜ, ମରୁତରୁ ସଂପନ୍ନ

ହୋଇଛି । ଅଭାବ ହିଁ ଉତ୍ପତ୍ତିର ମୂଳ କାରଣ ବୋଲି ବୌଦ୍ଧ ଦର୍ଶନ ବିଶ୍ୱାସ କ଼ରେ । ଏକପକ୍ଷରେ ଇଚ୍ଛାମୟଙ୍କର ଇଚ୍ଛା ପ୍ରସୂତ ବୋଲି ଏକ ବିଶ୍ୱାସରେ ପ୍ରଚଳନ, ଅନ୍ୟପକ୍ଷରେ ଈଶ୍ୱର ସତ୍ତା ରହିତ ଏକ ସ୍ୱାଭାବିକ ପ୍ରାକୃତିକ ବିବର୍ତ୍ତନରୁ ବିଶ୍ୱର ସୃଷ୍ଟି- ଏପରି ଦୁଇଟି ଧାରା ପ୍ରତିଷ୍ଠିତ ହୋଇଛି । ପୁରାଣ ବେଦ ସମ୍ମିତ ଗ୍ରନ୍ଥ ହେତୁ ପ୍ରଥମ ପର୍ଯ୍ୟାୟର ଦର୍ଶନ ଦ୍ୱାରା ପ୍ରଭାବିତ । ଏହା ସତ୍ତ୍ୱେ ମଧ୍ୟ ସାଂଖ୍ୟତତ୍ତ୍ୱ ଅନୁସାରେ ପ୍ରକୃତି ତତ୍ତ୍ୱଗୁଡ଼ିକ ସ୍ୱ-ଦର୍ଶନ ଅନ୍ତର୍ଭୁକ୍ତ କରିବାକୁ ପଣ୍ଡାତପଦ ହୋଇନାହିଁ । ସର୍ଗ ମୁଖ୍ୟତଃ ତିନି ପ୍ରକାର - ପ୍ରାକୃତ, ବୈକୃତ, କୌମାର(ବା ପ୍ରାକୃତ ବୈକୃତ) । ପଦ୍ମପୁରାଣ ଏହାକୁ ନ' ଭାଗରେ ବିଭକ୍ତ କରିଛନ୍ତି ଏବଂ ବିଷ୍ଣୁ ଓ ମାର୍କଣ୍ଡେୟ ଏହାର ନାମକରଣ କରିଛନ୍ତି 'ନବସର୍ଗ' ରୂପେ । ପ୍ରାକୃତ ସର୍ଗ ଅବୁଦ୍ଧି ପୂର୍ବକ ଏବଂ ବୈକୃତ ବୁଦ୍ଧି ଜନିତ । ପ୍ରାକୃତ ତିନିଭାଗରେ ଏବଂ ବୈକୃତ ପାଞ୍ଚ ଭାଗରେ ବିଭକ୍ତ ।

❐❐❐

ଓଡ଼ିଶାରେ ସଙ୍ଗୀତର ପରମ୍ପରା

● ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ

ସଂଗୀତ ହିଁ କଳାର ସର୍ବୋତ୍ତମ ଫସଲ । ସଂଗୀତ ପିପାସା ଜୈବକ୍ଷୁଧା ଭଳି ମାନବର ପ୍ରାଣ ତଳେ ଚିରକାଳ କ୍ରିୟାଶୀଳ । ଏ ପୃଥିବୀର ପ୍ରତ୍ୟେକ କୋଣରେ ପ୍ରତ୍ୟେକ ଜାତି, ପ୍ରତ୍ୟେକ ଗୋଷ୍ଠୀର ଆବାଳ ବୃଦ୍ଧ ବନିତା ଏହି ପିପାସାରେ ଆତୁର ।

ବହୁ ଅତୀତର ସୁମେରୀୟ-ଏସିରୀୟ ଓ ଇଜିପ୍ଟ ସଭ୍ୟତା ମଧ୍ୟରେ ସଂଗୀତ ସାଧନାର ଚରମ ଉତ୍କର୍ଷ ଦେଖିବାକୁ ପାଉ । ଇଜିପ୍ଟରୁ ଏହି ବିଦ୍ୟା ଗ୍ରୀସ୍‌ରେ ବ୍ୟାପ୍ତ ହେଲା ଏବଂ ଗ୍ରୀସ୍‌ରୁ ରୋମ୍ ବାଟେ ଏହା ସମଗ୍ର ୟୁରୋପକୁ ବ୍ୟାପି ଗଲା । ହିବ୍ରୁ ସଙ୍ଗୀତର ବୈଶିଷ୍ଟ୍ୟ ସମ୍ପର୍କରେ ଓ ଲେବୀୟବଂଶ, ଯୁବାଲ୍, ସଲୋମନ୍, ଡେଭିଡ୍ ଆଦି ପ୍ରଖ୍ୟାତ ସଙ୍ଗୀତଜ୍ଞ, ଗୀତିକାରଙ୍କ ସମ୍ପର୍କରେ ବାଇବେଲର ଆଦି ଭାଗରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି ।

ଭାରତରେ ସଙ୍ଗୀତ ପରମ୍ପରା :

ଭାରତର ଆଦି ସଙ୍ଗୀତଜ୍ଞ ଓ ଗୀତିକାର ଆର୍ଯ୍ୟ ଋଷିଗଣ । ଋକ୍ ଓ ସାମବେଦର ବହୁ ଶ୍ଲୋକ ସଙ୍ଗୀତ-ମୂର୍ଚ୍ଛିତ ଛାନ୍ଦୋଗ୍ୟ ଓ ବୃହଦାରଣ୍ୟ ଉପନିଷଦରେ ସଙ୍ଗୀତ ବିଷୟରେ ଉଲ୍ଲେଖ କରାଯାଇଛି । ଭାରତୀୟ ଦେବଦେବୀଙ୍କ ସହିତ ସଙ୍ଗୀତ ବିଦ୍ୟାର ସମ୍ପର୍କ (ମହାଦେବଙ୍କ ଡମ୍ବରୁ, ସରସ୍ୱତୀଙ୍କ ବୀଣା, ଶ୍ରୀକୃଷ୍ଣଙ୍କ ବଂଶୀ) ଅତି ନିବିଡ଼ । ଗନ୍ଧର୍ବ, ଅପ୍ସରୀ, କିନ୍ନର ଆଦି ସଙ୍ଗୀତ ପ୍ରବୀଣ ଥିବାର ପୌରାଣିକ ବିବରଣୀ ପାଉ । ବାଲ୍ମୀକିଙ୍କ ରାମାୟଣରେ ଯତି, ରାଗ ଓ ବାଦ୍ୟଯନ୍ତ୍ର ବିଷୟରେ ଆଲୋଚନା କରାଯାଇଛି । 'ଶିକ୍ଷାଦି କରମ୍' ଓ 'ତିଭକରମ୍'- ଏହି ଦୁଇଗ୍ରନ୍ଥରୁ ଦକ୍ଷିଣ-ଭାରତରେ ବହୁ ଅତୀତର ସଙ୍ଗୀତପ୍ରୀତି ସମ୍ପର୍କରେ ଚମତ୍କାର ବିବରଣୀ ପାଉ । ଭାରତ ନାଟ୍ୟଶାସ୍ତ୍ର, ନାରଦଶିକ୍ଷା, ତ୍ରୟୋଦଶ ଶତାବ୍ଦୀର ଶାରଙ୍ଗଦେବ ରଚିତ 'ସଙ୍ଗୀତ- ରତ୍ନାକର' ପ୍ରଭୃତି ଗ୍ରନ୍ଥରୁ ଅତୀତର ଆର୍ଯ୍ୟ ଓ ଦ୍ରାବିଡ଼ ସଙ୍ଗୀତ ବିଷୟରେ ସ୍ପଷ୍ଟ ଧାରଣା କରିପାରୁ । ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀ ବେଳକୁ ଉତ୍ତର ଭାରତୀୟ ସଙ୍ଗୀତ ସାଧନାରେ

ପର୍ଯ୍ୟାପ୍ତ ଉନ୍ନତ ସାଧିତ ହେବାର ଜାଣୁ । ଆଲ୍ଲାଉଦ୍ଦିନଙ୍କ ସମୟରେ ଅମୀର ଖୁସ୍ରୁ, ଆକବରଙ୍କ ଦରବାରରେ ତାନସେନ୍, ଓଡ଼ିଆ ମହାପାତ୍ର ଓ ଗ୍ୱାଲିୟର ରାଜା ମାନସିଂଙ୍କ ଦରବାରରେ ଏହିଭଳି ବହୁ ସଙ୍ଗୀତଜ୍ଞ ଥିବାର ଐତିହାସିକ ପ୍ରମାଣ ରହିଛି । ପରବର୍ତ୍ତୀ କାଳରେ ଜାହାଙ୍ଗୀରଙ୍କ ଦରବାରରେ 'ସଙ୍ଗୀତ ଦର୍ପଣକାର' ଦାମୋଦର ମିଶ୍ର, ସାହାଜାନଙ୍କ ଦରବାରରେ ଓଲାଲ ଖାଁ, ଜଗନ୍ନାଥ, ରାଜା ଅନୁପ ସିଂଙ୍କ ଦରବାରରେ ଭବଭଟ୍ଟ, ମହମ୍ମଦଶାହାଙ୍କ ଦରବାରରେ ଅଦରଙ୍ଗ ଏବଂ ମରହଟ୍ଟା ରାଜା ତୁଳାଯାଜୀ ଓ ରାଜା ପ୍ରତାପ ସିଂଙ୍କ ଦରବାରରେ ବହୁ ବିଶିଷ୍ଟ ସଙ୍ଗୀତଜ୍ଞ ସଭା ମଣ୍ଡନ କରିଥିବାର ଜାଣୁ । ଉତ୍ତର ଓ ଦକ୍ଷିଣ ଭାରତର ସଙ୍ଗୀତ ସାଧନାର ସ୍ୱାତନ୍ତ୍ର୍ୟ କ୍ରମଶଃ ସ୍ପଷ୍ଟ ହୋଇ, ଜୟପୁର-ରାଜଦରବାର ହିନ୍ଦୁସ୍ଥାନୀ ସଙ୍ଗୀତର ପୃଷ୍ଠପୋଷକତା କଲାବେଳେ, ଦକ୍ଷିଣ ଭାରତର ତାଞ୍ଜୋର ରାଜଦରବାର କର୍ଣ୍ଣାଟକୀ ସଙ୍ଗୀତର ପୃଷ୍ଠପୋଷକତା କରିଥିଲା ।

ସଙ୍ଗୀତମୟ ଓଡ଼ିଶା ଓ ଓଡ଼ିଶୀ ସଙ୍ଗୀତର ସ୍ୱାତନ୍ତ୍ର୍ୟ :

କଳାମୟ ଉତ୍କଳ ଚିରକାଳ ସଙ୍ଗୀତ ପୁଲକିତ । ନୀଳ ନିଘଞ୍ଚ ଅରଣ୍ୟାଦି ମଧ୍ୟରେ ଅଗଣିତ ପକ୍ଷୀଙ୍କର ସୁମଧୁର କାକଳୀ, କଳ କଳ ବହୁ ନଦୀ, ନିର୍ଝରଣୀର ଅପୂର୍ବ ନୃତ୍ୟ ଝଙ୍କାର, ସୁବିସ୍ତୀର୍ଣ୍ଣ ସାଗରର ଗୁରୁଗମ୍ଭୀର ଗର୍ଜନ- ଏହି ଗୀତିଭରା ପ୍ରାକୃତିକ ପରିବେଶ ଓଡ଼ିଶା ପ୍ରାଣକୁ ସଙ୍ଗୀତ ମୁଖର କରି ରଖିଛି । ଏ ଦେଶରେ ସାହିତ୍ୟ ଓ ସଙ୍ଗୀତର ଯେଉଁ ଅପୂର୍ବ ପରିଣୟ ସଘଠିତ ହୋଇଛି, ତାହା ଅନ୍ୟତ୍ର କ୍ୱଚିତ୍ ଦେଖିବାକୁ ମିଳେ । ଆର୍ଯ୍ୟ, ଦ୍ରାବିଡ଼ ଓ ଅଷ୍ଟିକ୍ ସଭ୍ୟତାର ତ୍ରିବେଣୀ ସଙ୍ଗମ ଫଳରେ ଓଡ଼ିଶାର ସ୍ଥାପତ୍ୟ ଭାସ୍କର୍ଯ୍ୟ, ସଙ୍ଗୀତ-ନୃତ୍ୟ, ସାମାଜିକ-ପରମାର୍ଥିକ ଜୀବନର ବିକାଶ ଧାରାରେ ସ୍ୱାତନ୍ତ୍ର୍ୟ ଫୁଟି ଉଠିଛି । ସ୍ଥାପତ୍ୟରେ ଉତ୍ତର ଓ ଦକ୍ଷିଣ ଭାରତୀୟ ପରମ୍ପରା ବ୍ୟତିକ୍ରମ କରି କଳିଙ୍ଗ ସ୍ଥାପତ୍ୟର ଏକ ସ୍ୱତନ୍ତ୍ର ଧାରା ସ୍ପଷ୍ଟ ପ୍ରତିଭାତ ହେଲା ଭଳି ଉତ୍ତର ଓ ଦକ୍ଷିଣ ଭାରତୀୟ ସଙ୍ଗୀତଶୈଳୀ ଭିତରୁ ଓଡ଼ିଶୀର ସ୍ୱାତନ୍ତ୍ର୍ୟ ସ୍ପଷ୍ଟ । ଆଜି ତ ଓଡ଼ିଶୀ ନୃତ୍ୟର ଜୟ ଜୟକାର ପୃଥିବୀର ଏ ପ୍ରାନ୍ତରୁ ସେ ପ୍ରାନ୍ତ, ତା'ର କାରଣ ଓଡ଼ିଶୀ ମଧ୍ୟରେ ଥିବା ସ୍ୱାତନ୍ତ୍ର୍ୟ, ତା'ର ଲାଳିତ୍ୟ, ତା'ର ଚିର ଭାସ୍କରତା ।

ଓଡ଼ିଶାରେ ସଙ୍ଗୀତ ଧାରାର ଇତିବୃତ୍ତ :

ଭାସ୍କର୍ଯ୍ୟ, ଦାନପତ୍ର ଓ ଶିଳାଲେଖରେ -

ଇତିହାସ ପୃଷ୍ଠା ଲେଉଟାଇଲେ ଏ ଦେଶରେ ସଙ୍ଗୀତର ମହାନ୍ ପରମ୍ପରା ସ୍ପଷ୍ଟ ଧରାପଡ଼େ । ଖ୍ରୀ.ପୂ. ୨ୟ ଶତାବ୍ଦୀ ବେଳକୁ ଖାରବେଳ ତାଙ୍କର ୩ୟ ବର୍ଷର ଶାସନ କାଳରେ ସମଗ୍ର ରାଜ୍ୟରେ ଗନ୍ଧର୍ବବିଦ୍ୟା-ନିପୁଣ ମହାଜନ ଦର୍ପ, ନୃତ୍ୟ ଗୀତ ବାଦିତ୍ରର ସଂଦର୍ଶନ କରାଇ ଓ ନାନା ସମାଜ ଉତ୍ସବର ଆୟୋଜନ କରି ନଗରୀକୁ ମହାନ କରିଥିବାର ବିବରଣୀ ହାତୀଗୁମ୍ଫା ଶିଳାଲେଖାରେ ସ୍ପଷ୍ଟ । ଖଣ୍ଡଗିରି, ଉଦୟଗିରିରେ ଖୋଦିତ ଚିତ୍ରଗୁଡ଼ିକରେ ତତ୍କାଳୀନ ଓଡ଼ିଶାରେ ସଙ୍ଗୀତର ପ୍ରଚୁର ଆଦର ଥିବାର ଜଣାଯାଏ ।

ଭୌମକର ଶାସନକାଳରେ ନିର୍ମିତ ଲଳିତଗିରି ଓ ରତ୍ନଗିରି (ପୁଷ୍ପଗିରି ?) ବିହାରର ବିଭିନ୍ନ ସ୍ଥାନରେ ସଙ୍ଗୀତ ଓ ନୃତ୍ୟର ଭାସ୍କର୍ଯ୍ୟ ଦେଖିବାକୁ ମିଳେ । ନୃତ୍ୟଭଙ୍ଗୀରେ ଅଚଳା, ହେରୁକା, ବଜ୍ର ଭୈରବଙ୍କ ମୂର୍ତ୍ତି ଅତି ଚମତ୍କାର ।

ଭଞ୍ଜବଂଶୀ ରାଜାମାନଙ୍କ ଦ୍ୱାରା ମଧ୍ୟ ନୃତ୍ୟସଙ୍ଗୀତର ଆଦର ଥିଲା ।

ବିଖ୍ୟାତ ସୋମବଂଶୀ ସାମ୍ରାଜ୍ୟ କାଳରେ (୧୦ମ-୧୨ଶ ଶତାବ୍ଦୀ) ସଙ୍ଗୀତ ବିଦ୍ୟାର ଅତୀବ ଆଦର ଓ ପ୍ରଚାର ସମ୍ପର୍କରେ ସ୍ପଷ୍ଟ ସାକ୍ଷ୍ୟ ଦିଏ । ସେ ସମୟରେ ବିଭିନ୍ନ ମନ୍ଦିର ଗାତ୍ରରେ ଦାନପତ୍ର ଓ ଶିଳାଲେଖରେ ଏହା ଉତ୍କୀର୍ଣ୍ଣ । ଗଙ୍ଗ ଓ ସୂର୍ଯ୍ୟବଂଶୀ ରାଜାଗଣ ମଧ୍ୟ ବିଶେଷ ସଙ୍ଗୀତ ପ୍ରିୟ ଥିଲେ ।

ଭୁବନେଶ୍ୱରର ମୁକ୍ତେଶ୍ୱର, ରାଜରାଣୀ ଲିଙ୍ଗରାଜ, କପିଳେଶ୍ୱର, ବ୍ରହ୍ମେଶ୍ୱର, ମେଘେଶ୍ୱର, ଶୋଭନେଶ୍ୱର ଆଦି ମନ୍ଦିରଗୁଡ଼ିକରେ ତତ୍କାଳୀନ ଓଡ଼ିଶାରେ ସଙ୍ଗୀତର ଅଶ୍ରୁତ ଝଙ୍କାର ଶୁଣାଯାଏ ।

ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ କୋଣାର୍କ ମନ୍ଦିର ଓ ତା'ର ନାଟମନ୍ଦିର ସଙ୍ଗୀତ ସାଧନାର ଜୀବନ୍ତ ସାକ୍ଷୀ ଓ ଏ ଜାତିର ଚିରକାଳର ଗର୍ବ ।

ଏହି ମନ୍ଦିରଗୁଡ଼ିକ ସହିତ ସଂଲଗ୍ନ ନାଟମନ୍ଦିରରେ ପ୍ରତ୍ୟହ ଦେବତାଙ୍କୁ ପ୍ରୀତ କରାଇବା ଉଦ୍ଦେଶ୍ୟରେ ନୃତ୍ୟଗୀତ, ଅଭିନୟର ବ୍ୟବସ୍ଥା କରାଯାଉଥିଲା । ସଙ୍ଗୀତ ପାଇଁ ପଖାଉଜ, ବୀଣା, ବଂଶୀ, ମନ୍ଦିରା, ଘଣ୍ଟା ଆଦି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଉଥିଲା । ଏଥିଲାଗି ଦେବଦାସୀ ପ୍ରଥା ପ୍ରଚଳିତ ଥିଲା । ଦେବଦାସୀଗଣ ବଂଶ ପରମ୍ପରାକ୍ରମେ ସଙ୍ଗୀତ ବିଦ୍ୟାରେ ଅପୂର୍ବ ଦକ୍ଷତା ମନ୍ଦିରରେ ପ୍ରକାଶ କରୁଥିଲେ । ଦେବଦାସୀଙ୍କ ସହ 'ସଙ୍ଗୀତମୟ' ଉପାଧିଧାରୀ ବ୍ରାହ୍ମଣ ସେବକଗଣ ସଙ୍ଗୀତସଭାର ଆୟୋଜନ କରୁଥିଲେ । ଓଡ଼ିଶାର ସୋମବଂଶ, ଗଙ୍ଗବଂଶ ଓ ସୂର୍ଯ୍ୟବଂଶର ବିଖ୍ୟାତ ରାଜ-ପରିବାର ଦେବଦାସୀ ନୃତ୍ୟ ପ୍ରଥାର ପ୍ରଚଳନ ପରମ୍ପରା ରଖିଥିଲେ । ଦେବଦାସୀଗଣ ଘୃଣ୍ୟ ବା ଅବହେଳିତ ନଥିଲେ ବରଂ ନୃତ୍ୟ-ସଙ୍ଗୀତ ନିପୁଣ ରାଜାଗଣ ସେମାନଙ୍କୁ କୁଳବଧୂର ସମ୍ମାନ ଦେଉଥିଲେ । ଉଦାହରଣ ସ୍ୱରୂପ, ସୋମବଂଶୀ ରାଜା କର୍ଣ୍ଣ (କେଶରୀ) କର୍ପୂରଶ୍ରୀ ନାମ୍ନୀ ଜଣେ ଦେବଦାସୀଙ୍କୁ ଗ୍ରାମଟିଏ ଦାନ କରିଥିବାର ଏବଂ ନିଜେ ରାଜା କର୍ପୂରଶ୍ରୀଙ୍କୁ ରାଣୀ ଭାବେ ଗ୍ରହଣ କରିଥିବାର ଐତିହାସିକ ଉଲ୍ଲେଖ ରହିଛି । (Chronology of the Bhoumakara and Shomavansis of Orissa- by Dr. K.C. Panigrahi, Page-39) । ସୋମବଂଶର ରାଣୀ କୋଳାବତୀ ବ୍ରହ୍ମେଶ୍ୱର ମନ୍ଦିରରେ କେତେକ ଦେବଦାସୀ ନିଯୁକ୍ତ କରିଥିବାର ଶିଳାଲେଖାରୁ ଜଣାଯାଏ । (ଓଡ଼ିଶା ଇତିହାସ - ଡଃ ହରେକୃଷ୍ଣ ମହତାବ, ପୃଷ୍ଠା-୧୩୦- ୧ମ ଖଣ୍ଡ)

ସଂସ୍କୃତ ସାହିତ୍ୟରେ :

ଭରତ ନାଟ୍ୟଶାସ୍ତ୍ରରେ ଓଡ଼ିଶାରେ ସେ କାଳର ସଙ୍ଗୀତପ୍ରୀତି ଘେନି ଉଜ୍ଜ୍ୱଳ ବିବରଣୀ ମିଳେ । ପୁଣି ତ୍ରୟୋଦଶ ଶତାବ୍ଦୀର କବି ଜୟଦେବ ଓଡ଼ିଶୀ ସଙ୍ଗୀତ ପରମ୍ପରାର ଏକ ଦୀପ୍ତ ଅନୁଷ୍ଠାନ । ଗୀତଗୋବିନ୍ଦର ଅପୂର୍ବ ସାଂଗୀତିକତା ପରବର୍ତ୍ତୀ ବହୁ ଓଡ଼ିଶୀ ସାହିତ୍ୟିକ ଓ ସଙ୍ଗୀତଜ୍ଞଙ୍କୁ ପ୍ରେରଣା ଯୋଗାଇଛି ଏବଂ ସୂର୍ଯ୍ୟବଂଶୀୟ ପ୍ରତାପରୁଦ୍ର ଦେବଙ୍କ ସମୟରେ ଏହି କାବ୍ୟ ହିଁ ଶ୍ରୀମନ୍ଦିରରେ ଗାନଯୋଗ୍ୟ ବୋଲି

ନିର୍ଦ୍ଦେଶ ଦିଆଯାଇଛି । ଏହି କାବ୍ୟ ଓଡ଼ିଶାର ନୃତ୍ୟଗୀତ ପରମ୍ପରାରେ ବିପୁଳ ପ୍ରେରଣା ଯୋଗାଇଛି, ନିଃସନ୍ଦେହ । ଓଡ଼ିଶାର ବହୁ କାବ୍ୟକାର ଓ ସଙ୍ଗୀତଜ୍ଞ ସଂସ୍କୃତ ଭାଷାରେ ସଙ୍ଗୀତ ଶାସ୍ତ୍ରମାନ ରଚନା କରିଛନ୍ତି । ଦୁଃଖର କଥା, ସେସବୁ ଆଜି ବି ସଂକଳିତ ଓ ପ୍ରକାଶିତ ହୋଇନାହିଁ । ରାୟ ରାମାନନ୍ଦ ପଟ୍ଟନାୟକ ତାଙ୍କର 'ଜଗନ୍ନାଥ ବଲ୍ଲଭ ନାଟକ'ଟିକୁ ଶ୍ରୀମନ୍ଦିର ଦେବଦାସୀଙ୍କ ସହ ନିଜେ ଅଂଶ ଗ୍ରହଣ କରି ମଞ୍ଚସ୍ଥ କରିଥିବାର ଜଣାଯାଏ ।

ଓଡ଼ିଶା ସାହିତ୍ୟରେ :

'ବୌଦ୍ଧଗାନ ଓ ଦୋହା'କୁ ପ୍ରଥମ ଓଡ଼ିଆ ସଙ୍ଗୀତସ୍ତବକ ରୂପେ ଗ୍ରହଣ କରାଯାଇପାରେ । କାହ୍ନୁପା, ଲୁଇପା, ଶବରୀପା ଆଦି ଓଡ଼ିଆ ଗୀତିକାରଗଣ ପଟ୍ଟମଞ୍ଜରୀ, ଦେବକ୍ରୀ, ରାମକେରୀ, ଧନାଶ୍ରୀ, ଦେଶାକ୍ଷ ପ୍ରଭୃତି ଅତି ପରିଚିତ ରାଗରେ ସେମାନଙ୍କର ଗୀତଗୁଡ଼ିକ ରଚନା କରିଛନ୍ତି ।

ସାରଳା ଦାସ ତାଙ୍କ ମହାଭାରତରେ ତତ୍‌କାଳୀନ ଓଡ଼ିଶାର ଯେଉଁ ଅଭ୍ରାନ୍ତ ବର୍ଣ୍ଣନା ଦେଇଛନ୍ତି, ନିମ୍ନରେ ତହିଁର ଉଦ୍ଧାର କରାଯାଉଛି ।

ରଣଝଣ ଶବଦ ତୋ ଚରଣେ ନୂପୁର / ଚଳିଲାକ ମେଦିନୀ ତୋହର ପାତ ଭାର । / ଅଙ୍ଗ ରକ୍ତବର୍ଣ୍ଣ ସହିଷ୍ଣୁ ଯେ ମେରୁ/ ବ୍ରହ୍ମାଣ୍ଡ କମ୍ପଇ ବାଜନ୍ତେ ଯାହାର ଡମ୍ବରୁ । / ବିଜି ଘୋଷ ଶବ୍ଦତାଳ ଯେ କଂସାଳି / ଝଟକେ ମୋହିଲୁ ଦେବ ଯେ କାପାଳି । / ମେରୁତୁଲ୍ୟ ମଉଳି ରକ୍ତବର୍ଣ୍ଣ ଆଖି / ଅପଛରାବୃନ୍ଦ ଭଜିଲେ ତୋହର ତାଣ୍ଡବ ନୃତ୍ୟ ଦେଖି ।/ ଶ୍ରୀଭୁଜେ ସରଗୁଣା ତାଳ ଯେ ଅଧାଟି / ସୁସୁର ଗୀତରସେ ଆରମ୍ଭ ନୃତ୍ୟ ହେଟି । / ରାଗରାଜ ମାଳବ ଲଳିତ ବସନ୍ତ ଭଇରୋବୀ / ମାଳଶ୍ରୀ ନାରାୟଣୀ ଗଉରୀ ମଙ୍ଗଳ ବିରାଡ଼ି ମାଳବ ଗଉଡ଼ା ରଙ୍ଗେ ଭାବି । / ନାଗାବଳୀ କର୍ଣ୍ଣାଟ ଗୁର୍ଜ୍ଜରୀ ଭୋପାଳ / ମହ୍ଲାର ଅମର ରଙ୍ଗେଣ ହିନ୍ଦୋଳ । / ଯାମଳା ତୋଡ଼ି ବିଭାସି ବିଚିତ୍ର ଦେଶୀ ବଙ୍ଗଳାଶ୍ରୀ / ରାଗରାଜ ଦେଶାକ୍ଷ ଦେଶୀ ଚିନ୍ତା ଧନାଶ୍ରୀ । / ଗୁର୍ଜ୍ଜରୀ ମହ୍ଲାର କଲ୍ୟାଣ ପଟ୍ଟହ ମଞ୍ଜରୀ / କାଶୀ କାନଡ଼ା କୌଶିକ ଅହିରି ଗୁଣ୍ଡକେରୀ ।

କେଦାର ବସନ୍ତ ବିରାଡ଼ି ମଧୁକେରୀ ତୋଡ଼ି / ବଙ୍ଗାଳ ଚୋଖି ଶୋକ ପଞ୍ଚମବରାଡ଼ି । ବିଷ୍ଣୁର ଗାୟେଣୀ ଶତେ କନ୍ୟାଙ୍କର ମୂଳେ / ଖଟନ୍ତି ବିଳାସୁଣୀ ନୃତ୍ୟରଙ୍ଗେ ରସଭୋଳେ । (ଭୀଷ୍ମପର୍ବ : ଡଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଶୁଦ୍ଧ ସଂସ୍କରଣ)

ଚିଲିକା ଓ ମହେନ୍ଦ୍ରଗିରି ମଧ୍ୟବର୍ତ୍ତୀ ଓଡ଼ିଶାରେ ସଙ୍ଗୀତର ବିଶେଷ ଚର୍ଚ୍ଚା ଥିବାର ସେ ମହାଭାରତରେ ଉଲ୍ଲେଖ କରିଛନ୍ତି ।

ପଞ୍ଚଦଶ ଶତାବ୍ଦୀର ଗଜପତି କପିଳେନ୍ଦ୍ରଦେବଙ୍କ 'ପର୍ଶୁରାମ ବିଜୟ' ନାଟକରେ ଏକ ଓଡ଼ିଆ ସଙ୍ଗୀତ ଆମର ଦୃଷ୍ଟି ଆକର୍ଷଣ କରେ । ପଞ୍ଚଦଶ ଶତାବ୍ଦୀରୁ ଉନବିଂଶ ଶତାବ୍ଦୀ ମଧ୍ୟରେ ବହୁ ଓଡ଼ିଆ କବି ଓ ସଙ୍ଗୀତଜ୍ଞ ବ୍ରଜବୋଲି ଭାଷାରେ ସାହିତ୍ୟ ରଚନା କରିଛନ୍ତି । ରାୟ ରାମାନନ୍ଦ, ମାଧବୀ ଦାସୀ, କହ୍ନେଇ ଖୁଣ୍ଟିଆ, ରସିକାନନ୍ଦ, କୃଷ୍ଣଦାସ, ଚମ୍ପତିରାୟ, ଚାନ୍ଦକବି ଏମାନଙ୍କ ମଧ୍ୟରେ ପ୍ରଧାନ । ରାୟ ରାମାନନ୍ଦ ବିରଚିତ "ପହିଲହି ରାଗ ନୟନଭଙ୍ଗ ହେଲା" ବ୍ରଜବୋଲିର ପ୍ରାଚୀନତମ ସୃଷ୍ଟି ।

୧୬ଶ ଶତାବ୍ଦୀର ମାଦଳାପାଞ୍ଜିରୁ ଓଡ଼ିଶାରେ ସଙ୍ଗୀତର ପରମ୍ପରା ସମ୍ପର୍କରେ ଅବଗତ ହେଉ । ଶ୍ରୀମନ୍ଦିରରେ ସେବାୟତ ଭାବରେ ବୀଣାକାର, ନାଚୁଣୀ, ସଙ୍ଗୀତ ରାୟଙ୍କୁ ନିୟୋଜିତ କରିବାର ପ୍ରମାଣ ଏଥିରେ ସ୍ପଷ୍ଟ ।

ପଞ୍ଚଦଶ ଶତାବ୍ଦୀରୁ ରାଧାନାଥ-ଯୁଗଯାଏ ରଚିତ ହୋଇଥିବା ବିପୁଳ ଓଡ଼ିଆ କାବ୍ୟ ଓ ଚଉପଦୀଗୁଡ଼ିକ ମୁଖ୍ୟତଃ ସଙ୍ଗୀତାନୁସାରୀ ଥିଲା । କାବ୍ୟ ବା ଚଉପଦୀ ସମସ୍ତ ନିର୍ଦ୍ଦିଷ୍ଟ ରାଗରାଗିଣୀରେ ରଚିତ ହେଉଥିଲା । ଚଉପଦୀକୁ ମଧ୍ୟ ସଂଗତ ବୋଲାଯାଏ । ସଙ୍ଗୀତର ଅର୍ଥ ଗୀତ, ନୃତ୍ୟ ଓ ବାଦ୍ୟର ସାମୂହିକ ଝଙ୍କାର ମଧ୍ୟରେ ରଚନାରେ ଭାବକୁ ବ୍ୟକ୍ତ କରିବା । ଏବେ ମଧ୍ୟ ଓଡ଼ିଶାର ବିଭିନ୍ନ ପର୍ବ-ପର୍ବାଣିରେ ସଙ୍ଗୀତର ଆୟୋଜନ କରାଯାଏ । ଦେବଦାସୀ ପରିବର୍ତ୍ତେ ଗୋଟି ପୁଅମାନେ ଏହି ସଙ୍ଗୀତ ଗାନ କରନ୍ତି । ଗୋଟିପୁଅ ନୃତ୍ୟ ଓ ସଙ୍ଗୀତ ମଧ୍ୟରେ ପ୍ରାଚୀନ ଦେବଦାସୀ ପରମ୍ପରା ପ୍ରକଟିତ ଏବଂ ଓଡ଼ିଶୀ ନୃତ୍ୟ ଓ ସଂଗୀତର ଅବଶେଷ ବ୍ୟକ୍ତ । ଚଉପଦୀ ରଚନାଗୁଡ଼ିକରେ ଭାବର ଗଭୀରତା, ପ୍ରେମର ତୀବ୍ର ଅନୁଭୂତି, ଲଳିତ ପଦବିନ୍ୟାସ

ଥିବା ସଂଗେ ସଂଗେ ବିଭିନ୍ନ ରାଗ ନିର୍ଦ୍ଦିଷ୍ଟ ହୋଇଥିବାରୁ ଉଭୟ ସାହିତ୍ୟ ଓ ସଂଗୀତ ଦୃଷ୍ଟିରୁ ଅପୂର୍ବ । କାବ୍ୟର ଛାନ୍ଦ, ଚଉପଦୀ, ପଦିଆ, କୋଇଲି, ପୋଇ, ଚମ୍ପୁ, ବୋଲି, ଦୋହା-ପ୍ରଭୃତି ଗୀତିସାହିତ୍ୟରେ ସଂଗୀତର ମୂର୍ଚ୍ଛନା ମନମୁଗ୍ଧ କରେ ।

ପ୍ରାଚୀନକାଳରେ ଓଡ଼ିଶାର ମନ୍ଦିରଗୁଡ଼ିକ ସଂଗୀତ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ର ଥିଲା । ନାଟମନ୍ଦିରରେ ବିଭିନ୍ନ ସଂଗୀତ ଆସର ବସୁଥିଲା । ମନ୍ଦିର ବ୍ୟତୀତ ବହୁ ରାଜଦରବାର ମଧ୍ୟ ସଙ୍ଗୀତଚର୍ଚ୍ଚାର ପୀଠ ଥିଲା । କେଉଁଝର ରାଜଦରବାର, ଗଞ୍ଜାମ ଜିଲ୍ଲାର ବିଭିନ୍ନ ରାଜଦରବାର ଓ ଭଞ୍ଜାରପୁର, କେନ୍ଦ୍ରାପଡ଼ା ଜମିଦାରଙ୍କ ଗୃହରେ ପ୍ରତ୍ୟହ ସଂଗୀତଚର୍ଚ୍ଚା ହେବାର ପ୍ରମାଣ ମିଳେ । ପୁରୀର ବିଭିନ୍ନ ଆଖଡ଼ାଘରେ ସଂଗୀତ-ଚର୍ଚ୍ଚାର ପରମ୍ପରା ପ୍ରଚଳିତ ଥିଲା ।

ଓଡ଼ିଶାର କବି ପ୍ରଥମେ ସଙ୍ଗୀତଜ୍ଞ :

ଓଡ଼ିଶାରେ ସଙ୍ଗୀତର ଏତେ ଚର୍ଚ୍ଚା ଓ ଆଦର ହେବାର କାରଣ, ଓଡ଼ିଆ କବିଗଣଙ୍କୁ ପ୍ରଥମେ ସଂଗୀତପ୍ରବୀଣ ହେବାକୁ ପଡୁଥିଲା । ସଂଗୀତଶାସ୍ତ୍ରରେ ଦକ୍ଷତା ହାସଲ କରିସାରି କବିଗଣ ନିର୍ଦ୍ଦିଷ୍ଟ ରାଗରେ କବିତା ରଚନା କରୁଥିଲେ । ପ୍ରମାଣ ସ୍ୱରୂପ କବି ରଘୁନାଥ ହରିଚନ୍ଦନଙ୍କୁ ଗ୍ରହଣ କରାଯାଇପାରେ । ତାଙ୍କ ସଭାକବି ବିଷ୍ଣୁ ଦାସଙ୍କଠାରୁ ପ୍ରଥମେ ସଂଗୀତ ଶିକ୍ଷା-କରିବା ପରେ କାବ୍ୟ ରଚନାରେ ହାତ ଦେଇଛନ୍ତି ବୋଲି ସେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି-

"ବିଷ୍ଣୁ ଦାସ ନାମରେ ଏକ କବି / ସେହୁ ଗୀତେ ପୁରୋଇଲା ପୃଥିବୀ ।

× × ×

ତାଙ୍କ ଠାରୁ ମୁଁ କଲି ଶିକ୍ଷାବିଧି / ଯେଉଁ ପ୍ରକାରେ ଗୀତ ପଦ ସିଦ୍ଧି ।

× × ×

ସାହିତ୍ୟରୁ ଏହିପରି କଳିଲି / ସଂଗୀତରୁ ରାଗ ରଂଗ ଜାଣିଲି ।/ବାଦ୍ୟ ନୃତ୍ୟ ହିଁ କଲି ଅକଳନ / ସ୍ୱର ପ୍ରବନ୍ଧାଦିରେ ତତ୍ତ୍ୱ ମନ । / ତେଣୁ ହୋଇଲା ଅତି ବିତପତ୍ତି / ଗୀତ କରିବା ବାଟେ ଗଲା ମତି ।"

ସାହିତ୍ୟକୁ ସଂଗୀତ ମୂର୍ଚ୍ଛିତ କରିବା ପାଇଁ କବିଗଣଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଲା । କ୍ରମେ କ୍ରମେ ମହାଭାରତ ଓ ରାମାୟଣ ଭଳି ମହାକାବ୍ୟଗୁଡ଼ିକୁ ଚଉପଦୀ ବା ସଂଗୀତ ମଧ୍ୟରେ ରଚନା କରାଗଲା । ସଂଗୀତରେ ନାଟକୀୟତା ମଧ୍ୟ ପ୍ରବେଶ କଲା । ଫଳରେ ବିଚିତ୍ର ରାମାୟଣ, ବିଚିତ୍ର ମହାଭାରତ, ନୃତ୍ୟ ରାମାୟଣ ସୃଷ୍ଟି ହେବା ସଂଗେ ସଂଗେ ବହୁ ରାସଲୀଳା ଅଭିନୀତ ହେଲା । ଓଡ଼ିଶାରେ ସଂଗୀତର ମହାପ୍ଲାବନ ସୃଷ୍ଟି ହେଲା । କବିସୂର୍ଯ୍ୟଙ୍କ ଚମ୍ପୂରେ ସଂଗୀତ, ସାହିତ୍ୟ ଓ ନାଟକୀୟତାର ଚମତ୍କାର ସମନ୍ୱୟ ପ୍ରକଟିତ ହୋଇଛି ।

ପ୍ରାଚୀନ ଓଡ଼ିଆ ଗୀତିକାର :

ଓଡ଼ିଶାରେ ଯେଉଁ ସଂଗୀତଜ୍ଞ ଓ ଗୀତିକାରଗଣ ସଂଗୀତ ରଚନା କରିଗଲେ, ସେମାନଙ୍କୁ ଏବେ ମଧ୍ୟ ଉଚିତ ସମ୍ମାନ ଦିଆଯାଇନାହିଁ । ସେମାନଙ୍କର ରଚନାର ସୁନ୍ଦର ସଂକଳନ ହୋଇନାହିଁ, ଫଳରେ ଅନ୍ୟ ପ୍ରଦେଶର ସଂଗୀତ ରଚୟତା ଆଜି ଯେପରି ସମ୍ମାନିତ ଓ ପରିଚିତ ହୋଇଛନ୍ତି, ସେମାନଙ୍କ ଭାଗ୍ୟରେ ତାହା ସମ୍ଭବ ହୋଇନାହିଁ । ଆମ ଜାଣିବାରେ ଦୁଇଶହ ପଚାଶ ଜଣ ପ୍ରାଚୀନ ଗୀତିକାରଙ୍କର ବିପୁଳ ସୃଷ୍ଟି ଆମର ହସ୍ତଗତ ହୋଇଛି । ସେମାନଙ୍କ ମଧ୍ୟରେ ନୀଳାମ୍ବର ଦାସ, ଗୋବିନ୍ଦ ବିଦ୍ୟାଧର, ଦୀନବନ୍ଧୁ ଦାସ, ଜଗନ୍ନାଥ ଦାସ, ବିଷ୍ଣୁ ଦାସ, ରଘୁନାଥ ହରିଚନ୍ଦନ, ରସାନନ୍ଦ, ଧନଞ୍ଜୟ ଭଞ୍ଜ, କୃଷ୍ଣ ଦାସ, ଲୋକନାଥ ବିଦ୍ୟାଧର, ଘନଭଞ୍ଜ, କୃପାସିନ୍ଧୁ, କବିସୂର୍ଯ୍ୟ ବ୍ରହ୍ମା, ଅଭିମନ୍ୟୁ, ଭକ୍ତଚରଣ, ନୃସିଂହ ପଟ୍ଟନାୟକ ଗୁଣମଣି, ପଦ୍ମନାଭ ଦେବ, ଦୀନ କାଶୀ, ରାଜେନ୍ଦ୍ର ଦେବ, ରାମକୃଷ୍ଣ ପଟ୍ଟନାୟକ, ଗୌରହରି ପରିଛା, ଗୋପାଳକୃଷ୍ଣ ପଟ୍ଟନାୟକ, ମାନଗୋବିନ୍ଦ, ଜୟଦେବ, ଜୟକୃଷ୍ଣ, ଯଦୁମଣି, ଲକ୍ଷ୍ମଣ ଦାସ, ନିଧି ସିଂ, ହରେକୃଷ୍ଣ ପଟ୍ଟନାୟକ, ଭବାନୀ, ହରିଚନ୍ଦନ, କବିସୂର୍ଯ୍ୟ ବଳଦେବ ରଥ, ଗୌରଚରଣ, ଦୟାନିଧି ପାତ୍ର, ବିଶ୍ୱମ୍ବର ରାଜେନ୍ଦ୍ର, ଭୁବନେଶ୍ୱର କବିଚନ୍ଦ୍ର, ତୁଂଗଦକ୍ଷିଣରାୟ ବନମାଳୀ, ପଦ୍ମଚରଣ, ପ୍ରତାପରୁଦ୍ର, ଦ୍ୱିଜ ଦୀନବନ୍ଧୁ, ଗୌରଚନ୍ଦ୍ର, ସତ୍ୟବାଦୀ ପରମାନନ୍ଦ, ବଲ୍ଲଭାନନ୍ଦ, ଚକ୍ରପାଣି ସିଂହ, ଜନାର୍ଦ୍ଦନ ରାୟଗୁରୁ, ଦୀନବନ୍ଧୁ

ହରିଚନ୍ଦନ, ବୈଶ୍ୟ ହରି, କବିଚନ୍ଦ୍ର ବ୍ରହ୍ମା, ଉପେନ୍ଦ୍ର ଭଞ୍ଜ, ପୁରୁଷୋତ୍ତମ ନୃପତି, ଶ୍ୟାମସୁନ୍ଦର ପଟ୍ଟନାୟକ ଆଦି ପ୍ରସିଦ୍ଧ ।

ରାଗରାଗିଣୀ :

ପ୍ରତ୍ୟେକ ଓଡ଼ିଆ କାବ୍ୟ-ସଂଗୀତରେ ବହୁ ରାଗରାଗିଣୀର ଉଲ୍ଲେଖ ଅଛି । ତନ୍ମଧ୍ୟରୁ ପ୍ରଧାନ କେତୋଟି ହେଉଛି- ଦେବକ୍ରୀ, ପଟ୍ଟମଞ୍ଜରୀ, ଦେଶାକ୍ଷ, ଭୈରବୀ, ରାମକେରୀ, ଗୁଣ୍ଡକେରୀ, ଆଶାବରୀ, ମାଳବ, ବସନ୍ତ, ଆହାରୀ, କନଡ଼ା, ଚୋଖି, ଧନାଶ୍ରୀ, ଶଙ୍କରାଭରଣ, ମୁଖାରୀ, ରାଜବିଜେ, କରୁଣା ଶ୍ରୀ, ବଳହଂସ କେଦାର, ତୋଡ଼, ପରାଜ, କାଫି, ଚିନ୍ତା କେଦାର, କୋଳାହଳ, ଶୋକକାମୋଦୀ, ବେଳାଭର ପୁରବୀ, ମହ୍ଲାର, ଖମ୍ବାଜ ଚକ୍ରବାକ ବସନ୍ତ ବରାଡ଼ି, ବାଣୀଗୌରୀ, ଗୁଣ୍ଡ, ଜୟ ଜୟନ୍ତ, ଜହନପୁରିଆ, ପାହାଡ଼ିଆ କେଦାର, ମାଳଶ୍ରୀ, ପାହାଡ଼ି ଇମନ କଲ୍ୟାଣ, ନୀଳାମ୍ବରୀ, ସପୁରିଆ ତୋଡ଼ି, ରସକୋଇଲା, ଦେଶମଞ୍ଜରୀ ପ୍ରଭୃତି । ଉକ୍ତ ରାଗରାଗିଣୀକୁ ବିଶ୍ଳେଷଣ କଲେ ଜଣାଯାଏ, ତନ୍ମଧ୍ୟରୁ କେତେ ଗୋଟି ମୂଳରାଗ, କେତେକ ଦୁଇମୂଳ ରାଗର ସମ୍ମିଶ୍ରଣରେ ନୂତନରାଗ, କେତେକ ମୂଳରାଗ ସହ ଚିନ୍ତା, ଶୋକ ଆଦି ବିଶେଷଣଯୁକ୍ତ ରାଗମାନ ସୃଷ୍ଟି ହୋଇଛି । ଏ ସମସ୍ତ ରାଗର ବିଶେଷ ଗବେଷଣା ଆବଶ୍ୟକ ।

ତାଳ ଓ ବାଣୀ :

ସଙ୍ଗୀତଗୁଡ଼ିକରେ କେତେଗୁଡ଼ିଏ ତାଳର ନିର୍ଦ୍ଦେଶ ଦିଆଯାଇଥିବାର ଦେଖାଯାଏ । ତନ୍ମଧ୍ୟରୁ ଆଠତାଳ, ଏକତାଳ, ତ୍ରିପଟା, ପଡ଼ିତାଳ, ଆଦି ତାଳ, ଦେଢପଡ଼ି ତାଳ, ପହପଟ୍ଟ ରୂପକା, ଝମ୍ପା, ସିଂହନନ୍ଦନ, ସରିମାନ, ଝୁଲା, ଖେମଟା, ଯତ, ମାଠ ପଡ଼ିତାଳ, ତ୍ରିତାଳ, ନିସାରି ପ୍ରଭୃତି ପ୍ରଧାନ ।

ବିଭିନ୍ନ କାବ୍ୟର ଛାନ୍ଦଗୁଡ଼ିକରେ ବାଣୀର ନିର୍ଦ୍ଦେଶ ଦିଆଯାଇଥାଏ, ଯଥା; କଳସା, ଆଷାଢଶୁକ୍ଳ, ଗଡ଼ମାଳିଆ, କେଦାର ଚକ୍ରକେଳି, ସଙ୍ଗମତିଆରି, ନିଆଳିଗଭା, ଅବକାଶ, ସପନ ଚେତିଆ, ମେଢ ତୋଳା, ମୁନିବର, ଚକ୍ରକେଳି ଆଦି ଉଲ୍ଲେଖଯୋଗ୍ୟ ।

ଏହି ବାଣୀ ପର୍ଯ୍ୟାୟରେ କେତେକ ସଙ୍ଗୀତ, ଛାନ୍ଦ ବା ଚଉତିଶାକୁ ଏକ ନିର୍ଦ୍ଦିଷ୍ଟ ସୂଚନା ଅନୁଯାୟୀ ଗାଇବା ସମ୍ପର୍କରେ ଉଲ୍ଲେଖ କରାଯାଇଥାଏ ।

ଚଉପଦୀରେ ରାଗ ଓ ତାଳର ବୋଲ :

ଅନେକ ଚଉପଦୀ ମଧ୍ୟରେ ବିଭିନ୍ନ ରାଗ, ତାଳ ଓ ବୋଲ୍‌ର ଉଲ୍ଲେଖ ମଧ୍ୟ ଦେଖିବାକୁ ପାଉ । କବି ରାଜେନ୍ଦ୍ରଙ୍କ ରଚିତ 'ନାଚନ୍ତି ଶ୍ରୀହରି, ରଙ୍ଗେ ବିହରି, ଆନନ୍ଦେ ବ୍ରଜନାଗରୀ' ଶୀର୍ଷକ ଏକ ସଂଗୀତ ଏକତାଳ, ସରିମାନ, ଆଠତାଳ ଓ ତ୍ରିପୁଟାର ବୋଲ୍ ସହିତ ରଚନା କରାଯାଇଛି । ଏଥିରୁ ଅତୀତରେ ସଂଗୀତରେ ବିଭିନ୍ନ ପରୀକ୍ଷାନିରୀକ୍ଷା ହେଉଥିବାର ବଳିଷ୍ଠ ପ୍ରମାଣ ପାଉ । ଠିକ୍ ସେହିପରି ଅନ୍ୟ ଏକ ରଚନାରେ କବି ଗୁଣୀରତ୍ନ ନାୟକ ବିଭିନ୍ନ ରାଗର ନାମକୁ ଘେନି ଶ୍ରୀକୃଷ୍ଣ ପ୍ରୀତିଲୀଳାର ବର୍ଣ୍ଣନା କରି ସଙ୍ଗୀତଟି ରଚନା କରିଛନ୍ତି ।

ବାଦ୍ୟଯନ୍ତ୍ର :

ଓଡ଼ିଶାରେ ସଂଗୀତକୁ ଝଙ୍କୃତ କରିବା ପାଇଁ ବହୁ ବାଦ୍ୟଯନ୍ତ୍ରର ବ୍ୟବହାର ଦେଖାଯାଏ । ବୌଦ୍ଧଗାନର ରଚନାରୁ ପଟ୍ଟହ, ମାଦଳ, କଂସାତାଳ, ଦୁନ୍ଦୁଭି, ବୀଣା ଆଦି ସଂଗୀତରେ ବ୍ୟବହୃତ ହେବାର ଜଣାଯାଏ । ଓଡ଼ିଶାର ମନ୍ଦିରମାନଙ୍କରେ ଥିବା ଭାସ୍କର୍ଯ୍ୟ ଓ ଚକ୍ରରେ ବାଦ୍ୟଝଙ୍କାର ପାଇଁ କାହାଳୀ, ଡମ୍ବରୁ, ମୃଦଙ୍ଗ, ପଖୌଜ ବ୍ୟବହାର କରାଯିବାର ପ୍ରମାଣ ମିଳେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀରେ ନିମ୍ନଲିଖିତ ବାଦ୍ୟର ଉଦ୍ଧାର କରିଛନ୍ତି-

"ଶଙ୍ଖ ଶଙ୍ଖ ଶଙ୍ଖ ବାଜେ ଅସଂଖ୍ୟ ମହୁରୀ/ ଘଣ୍ଟା, ପଟହ, କଂସାଳ ତାଳ, ତୁରୀ, ଭେରୀ ଯେ । / କର୍ଣ୍ଣାଳ, କାହାଳୀ, ବିଜିଘୋଷ, ବେଣୁ ଡମ୍ପା/ ମୁରଜ, ଡିଣ୍ଡିମ, ଦୁନ୍ଦୁଭିରେ ମହୀ-କମ୍ପା ଯେ ।/ ବୀଣା, ରବା, ତାଳି ତାଳ, ମୃଦଙ୍ଗ ମର୍ଦ୍ଦଳ / ସ୍ୱର, ମଣ୍ଡଳ, ଅମୃତୀ ବାଏ ଗୁଣୀକୁଳ ଯେ ।"

କବି ଅର୍ଜୁନ ଦାସଙ୍କର "କଳ୍ପକତା" କାବ୍ୟରେ ସୁରେଖାର ନୃତ୍ୟ ଓ କବି ବଳରାମ ଦାସଙ୍କ ରାମାୟଣରେ ଋଷ୍ୟଶୃଙ୍ଗ ଆଗରେ ନଟୀମାନଙ୍କ ନୃତ୍ୟ ବର୍ଣ୍ଣନାରେ

ବାଦ୍ୟଝଙ୍କାରର ସୁନ୍ଦର ବର୍ଣ୍ଣନା ଦୃଷ୍ଟି ଆକର୍ଷଣ କରେ । ଓଡ଼ିଶାରେ ଉଚ୍ଚାଙ୍ଗ ସଂଗୀତ ଗାନ କରିବା ପାଇଁ ବୀଣା, ସୀତାର, ବଂଶୀ, ପଖୌଜ, ମନ୍ଦିରା, ତବଲା ଆଦି ବ୍ୟବହାର କରାଯାଏ ଏବଂ ଲୋକସଂଗୀତ ପାଇଁ ଢୋଲ, ଝାଞ୍ଜି, ବଂଶୀ, ଶିଙ୍ଗା, କାହାଳୀ, ନାଗରୀ, ଧଅଁସା, ଯୋଡ଼ି ମହୁରୀ, ତେଲଙ୍ଗୀ ବାଜା, ଡୁମ୍ବା, ଖଞ୍ଜଣି, କେନ୍ଦରା, ଧୁଡୁକି ନାଗରା, ଢଣକୋଇଲା ଆଦି ବ୍ୟବହାର କରାଯାଇଥାଏ ।

ଓଡ଼ିଶାରେ ସଂଗୀତ ଶାସ୍ତ୍ର ଓ ସଂଗୀତଜ୍ଞ :

ଓଡ଼ିଶାର ବହୁ ବିଶିଷ୍ଟ ବିଜ୍ଞ ସଂଗୀତଜ୍ଞ ଚମତ୍କାର ସଂଗୀତ ଶାସ୍ତ୍ରମାନ ରଚନା କରିଛନ୍ତି । ଏଥି ମଧ୍ୟରୁ ଅଧିକାଂଶର ଏଯାଏଁ ଶୁଦ୍ଧ ସଂସ୍କରଣ ବା ପ୍ରକାଶନ ହୋଇନାହିଁ । ଏହା ଫଳରେ ଓଡ଼ିଶାର ସଂଗୀତ ପରମ୍ପରା ଆଲୋଚନା କଲାବେଳେ ଆହୁରି ଅନେକ କଥା ଯାହା ପ୍ରକାଶ ପାଇପାରନ୍ତା, ପାଇପାରୁନାହିଁ । ତଥାପି ଯେଉଁ କେତୋଟି ଆମର ଦୃଷ୍ଟି ଆକର୍ଷଣ କରିଛି ସେଗୁଡ଼ିକ ହେଲା- (୧) ସଂଗୀତ ନାରାୟଣ (୨) ରାଗଦର୍ପଣ (୩) ସଂଗୀତ କଳ୍ପଲତା (୪) ସଂଗୀତ କୌମୁଦି (୫) ସଂଗୀତ ରତ୍ନାକର (୬) ନାଟ୍ୟ ମନୋରମା (୭) ସଂଗୀତ ସରଣୀ (୮) ଗୀତ ପ୍ରକାଶ (୯) ଅଭିନୟ ଚନ୍ଦ୍ରିକା (୧୦) ସଂଗୀତ ଅଭିନୟ ଦର୍ପଣ (୧୧) ସଂଗୀତ ମୁକ୍ତାବଳୀ (୧୨) ସଂଗୀତ ସଦାନନ୍ଦ (୧୩) ରାଗଚିତ୍ର ।

ସଂଗୀତ ନାରାୟଣର ରଚୟିତା ପୁରୁଷୋତ୍ତମ ମିଶ୍ର ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଶାସ୍ତ୍ରଟିକୁ ରଚନା କରିଥିଲେ । ସେ ପାରଳାଖେମୁଣ୍ଡି ରାଜାଙ୍କ ସଭାକବି ଥିଲେ । ସପ୍ତଦଶ ଶତାବ୍ଦୀର ପ୍ରଥମ ଦଶକର ସଂଗୀତଜ୍ଞ ଦାମୋଦର ମିଶ୍ର ରାଗଦର୍ପଣର ରଚୟିତା ହଳଧର ମିଶ୍ର, ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗର ବୋଲି ବିଶ୍ୱାସ କରାଯାଏ ଏବଂ ସେ ସଂଗୀତ କଳ୍ପଲତାର ସ୍ରଷ୍ଟା । ଏହି ଗ୍ରନ୍ଥରେ ପ୍ରତାପରୁଦ୍ର ତଥା କେତେକ ନାରୀକବିଙ୍କ ନାମ ଓଡ଼ିଆ ସଂଗୀତରେ ଉଲ୍ଲେଖ କରାଯାଇଛି । ରଘୁନାଥ ରଥଙ୍କ ରଚିତ ନାଟ୍ୟ ମନୋରମା ଗ୍ରନ୍ଥଟି ଖ୍ରୀ: ୧୬୯୬ରେ ରଚିତ ହୋଇଥିଲା । ସଂଗୀତ ସରଣୀର ରଚୟିତା ନାରାୟଣ ମିଶ୍ର, କୃଷ୍ଣଦାସ ବଡ଼ଜେନା ଗୀତ ପ୍ରକାଶ ଗ୍ରନ୍ଥଟିର

ରଚୟିତା । ଅଭିନୟ ଚନ୍ଦ୍ରିକା ଓ ଅଭିନୟ ଦର୍ପଣର ରଚୟିତା ଯଥାକ୍ରମେ ମହେଶ୍ୱର ମହାପାତ୍ର ଓ ଯଦୁନାଥ ରାଜସିଂହ । ସଂଗୀତ ସଦାନନ୍ଦ ଗ୍ରନ୍ଥଟି କବିସୂର୍ଯ୍ୟ ବ୍ରହ୍ମାଙ୍କ ଦ୍ୱାରା ବିରଚିତ । ସପ୍ତଦଶ ଶତାବ୍ଦୀରେ ଓଡ଼ିଶାର ମୁଣ୍ଡମୁରାଇ ଗ୍ରାମର ପ୍ରଖ୍ୟାତ ସଂଗୀତଜ୍ଞ ଓ ଶିଳ୍ପୀ ହଳଦିଆ ତେଲି ରଘୁନାଥ ପୃଷ୍ଟିଙ୍କ ରାଗଚିତ୍ର ଅନନ୍ୟ ସାଧାରଣ ।

ଉକ୍ତ ଗ୍ରନ୍ଥଗୁଡ଼ିକ ବ୍ୟତୀତ ସଂଗୀତସାର, କଳାଙ୍କୁର, ସଂଗୀତାର୍ଣ୍ଣବ ଚନ୍ଦ୍ରିକା, ତାଳସଂଗ୍ରହ, ଛାନ୍ଦମଞ୍ଜରୀ, ସଂଗୀତ ରତ୍ନମାଳା, ସଂଗୀତକାମୋଦ, ରାଗତାଳ କାଦମ୍ବ, ସଂଗୀତ ରତ୍ନାକର, ଗୀତ ରତ୍ନାକର, କବି ଚିନ୍ତାମଣି, ଲକ୍ଷଣ ଚନ୍ଦ୍ରୋଦୟ, ତାଳ ସର୍ବସାର ଆଦିଗ୍ରନ୍ଥ ଓ ହରି ନାୟକ, ଗଙ୍ଗାଧର ଗୁରୁ, ଦାମୋଦର ଆଚାର୍ଯ୍ୟ, ଗନ୍ଧର୍ବ ରାୟ, ନିମାଇଁ ପଟ୍ଟନାୟକ, ପୁରୁଷୋତ୍ତମ ମିଶ୍ର, ଗୋପାଳ ନାୟକ, ହରି ଦାସ ଗୋସ୍ୱାମୀ, ରଘୁନାଥ ପରିଚ୍ଛା, ଗୋପୀନାଥ କବିଭୂଷଣ, ଜଗନ୍ନାଥ ନାରାୟଣ ଦେବ ପଦ୍ମନାଭ ପରିଚ୍ଛା ଆଦିଙ୍କ ନାମ ସଂଗୀତ କ୍ଷେତ୍ରରେ ଶୁଣାଯାଏ ।

ଓଡ଼ିଶା ବାହାରେ ଓଡ଼ିଆ ସଂଗୀତଜ୍ଞ :

କେବଳ ଓଡ଼ିଶାରେ ଯେ ସଂଗୀତଜ୍ଞମାନେ ଅପୂର୍ବ କୃତିତ୍ୱ ପ୍ରଦର୍ଶନ କରିଥିଲେ ତାହା ନୁହେଁ ବରଂ ଓଡ଼ିଶାର ବାହାରେ ସେମାନେ ବିଶେଷ ସମ୍ମାନିତ ହୋଇଛନ୍ତି । ଆକବରଙ୍କ ଦରବାରରେ ମହାପାତ୍ର ଜଣେ ବିଶିଷ୍ଟ ସଂଗୀତଜ୍ଞ ଥିଲେ । ବଂଗଳାର ଲକ୍ଷ୍ମଣ ସେନଙ୍କ ଦରବାରରେ ଓଡ଼ିଶାର ବୁଦ୍ଧନ ମିଶ୍ର ଅତି ପ୍ରସିଦ୍ଧି ଲାଭ କରିଥିଲେ । 'ନାଟ୍ୟ ମନୋରମା'ର ସ୍ରଷ୍ଟା ରଘୁନାଥ ରଥ କେରଳର ରାଜଦରବାରରେ ସମ୍ମାନିତ ହୋଇଥିଲେ ।

ଓଡ଼ିଶୀ ସଂଗୀତ :

ଏହିପରି ଭାବରେ ସଂଗୀତର ଏକ ବିରାଟ ପରମ୍ପରା ଓଡ଼ିଶାରେ ପ୍ରଚଳିତ ଥିଲା ଏବଂ ସେହି ପରମ୍ପରାର ଏକ ସ୍ୱତନ୍ତ୍ର ଧାରା ହେଉଛି ଓଡ଼ିଶୀ ସଂଗୀତ । ଏହା ସମ୍ପୂର୍ଣ୍ଣ ଶାସ୍ତ୍ରୀୟ । କିଛିକାଳ ପାଇଁ ଏହି ସଂଗୀତର ଧାରାଟି ଓଡ଼ିଶାର ରାଜନୀତିକ ବିପର୍ଯ୍ୟୟ ହେତୁ ଅବହେଳିତ ହୋଇପଡ଼ିଥିଲା । ବିଂଶ ଶତାବ୍ଦୀରେ କେତେକ ବିଶିଷ୍ଟ

ସଂଗୀତପ୍ରେମୀଙ୍କ ଉଦ୍ୟମ ଫଳରେ ତା'ର ସ୍ପଷ୍ଟ ସ୍ୱରୂପ ଆଜି ପୁଣି ଆଲୋକିତ ହୋଇପାରିଛି । ସମ୍ପ୍ରତି ଓଡ଼ିଶୀ ସଂଗୀତ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ଭଳି ଉଚ୍ଚାଂଗ ସଂଗୀତ ଭାବେ ଭାରତର ସଂଗୀତଙ୍କମଣ୍ଡଳୀ କର୍ତ୍ତୃକ ସ୍ୱୀକୃତ ହୋଇଛି ।

ଓଡ଼ିଶାରେ ସଂଗୀତ ଚର୍ଚ୍ଚାର ଅବନତି ଓ ପୁନର୍ଜାଗରଣ :

ମୁକୁନ୍ଦଦେବଙ୍କ ପରେ ଓଡ଼ିଶାର ସ୍ୱାଧୀନତା ଅସ୍ତମିତ ହେବା ପରଠାରୁ ବିଦେଶୀମାନଙ୍କର ବାରମ୍ବାର ଆକ୍ରମଣ ଫଳରେ ଓଡ଼ିଶାରେ ଅସ୍ଥିରତା ପ୍ରବଳ ହୋଇ ଉଠିଲା । ମୋଗଲ, ପଠାଣ, ମରହଟ୍ଟା ପରେ ଶେଷକୁ ଇଂରେଜ ଅଧିକୃତ ହୋଇ ଓଡ଼ିଶାରେ ସଂଗୀତ ଚର୍ଚ୍ଚାର ପଥରେ ବିଘ୍ନ ସୃଷ୍ଟି ହେଲା । ଉଚ୍ଚଶିକ୍ଷିତ ଗୋଷ୍ଠୀଙ୍କ ମଧ୍ୟରେ ନୃତ୍ୟ ଓ ସଂଗୀତ ଚର୍ଚ୍ଚା ଅତି ଘୃଣ୍ୟ ବୋଲି ବିବେଚିତ ହେଲା । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଗୌରୀଶଙ୍କର ରାୟ ସର୍ବପ୍ରଥମେ ଉତ୍କଳର ଶିକ୍ଷିତ ଲୋକଙ୍କର ଏ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କଲେ । "ଉତ୍କଳଦୀପିକା" ସଂଗେ ତାଳ ଦେଇ ଅନ୍ୟ ପତ୍ରିକାଗୁଡ଼ିକ ମଧ୍ୟ ସଂଗୀତ ଚର୍ଚ୍ଚାର ଗୌରବ ପ୍ରଚାର କଲେ । ଖ୍ରୀ: ୧୮୮୫ରେ ଓଡ଼ିଶାର ପ୍ରଥମ ସଂଗୀତ ବିଦ୍ୟାଳୟ କଟକରେ ପ୍ରତିଷ୍ଠିତ ହେଲା । ଗୌରୀଶଙ୍କର ରାୟ, ମଧୁବାବୁ, ଲକ୍ଷ୍ମୀକାନ୍ତ, ଗୋବିନ୍ଦ ସୁରଦେଓ, କାଳୀ ଚରଣ ପଟ୍ଟନାୟକ, ମୋହନ ଗୋସ୍ୱାମୀ, ନିମାଇଁ ଚରଣ ହରିଚନ୍ଦନ, ବିଚ୍ଛନ୍ଦ ପଟ୍ଟନାୟକ ଆଦିଙ୍କ ନିରବଚ୍ଛିନ୍ନ ସାଧନା ଫଳରେ ସଂଗୀତ ଚର୍ଚ୍ଚାର ପୁନର୍ଜାଗରଣ ସମ୍ଭବ ହେଲା ।

❐❐❐

'ପବନ ପଣତ'ରେ ଜୀବନବୋଧ

● ମନୋରଞ୍ଜନ ମହାନ୍ତି

ଆଧୁନିକ ଓଡ଼ିଆ କବିତାରେ ସୁପରିଚିତ, ଶ୍ରଦ୍ଧାଶୀଳ ନାମଟିଏ ନାରାୟଣ ପଣ୍ଡା, ଯାହାଙ୍କର ଏଯାବତ୍ ପ୍ରକାଶିତ ନଅଗୋଟି କବିତା ସଂକଳନ ମଧ୍ୟରେ ଗୋଟିକର ଶୀର୍ଷକ ହେଉଛି 'ପବନ ପଣତ', ପ୍ରକାଶନ ବର୍ଷ ୨୦୦୫ । ଉଭୟ ପବନ ଓ ପଣତ ସହିତ ଆମେ ଆଜନ୍ମ ପରିଚିତ । ଜୀବନଦାୟୀ ପବନ ପୃଥିବୀର ସମସ୍ତ ଭାଷାର ସାହିତ୍ୟସ୍ରଷ୍ଟାମାନଙ୍କୁ ସୀମାହୀନ ପ୍ରେରଣା ଯୋଗାଇଥିଲା ଭଳି ମଣିଷର ଶୈଶବରେ ସ୍ନେହମୟୀ ମା'ର ପଣତ ସେମାନଙ୍କୁ ଅଭୟ ବାଣୀ ଶୁଣାଇଥାଏ । ଇଂରାଜୀ ସାହିତ୍ୟରେ ରୋମାଣ୍ଟିକ୍ ଯୁଗର କବି ୱାର୍ଡ୍ସୱାର୍ଥ୍, କଲେରିଜ୍, ଶେଲୀ, ବାଇରନ୍, କୀଟ୍ସ ପ୍ରମୁଖଙ୍କ ପ୍ରକୃତି- କବିତାରେ ବାୟୁମଣ୍ଡଳର ବିପୁଳତା ଓ ପ୍ରାଣପ୍ରାଚୁର୍ଯ୍ୟ ପାଠକଙ୍କୁ ବିଭୋର କରେ । ବୋଧହୁଏ ସତେ ଯେପରି ପବନ ତା'ର ପଣତରେ ପ୍ରାଣୀଜଗତକୁ ଆଉଁଶି ଦେଉଛି, ପ୍ରାଣୀମାନଙ୍କ ମନୋମଣ୍ଡଳରେ ଆଶା ବିଶ୍ୱାସର ଅମୃତମୟ ମନ୍ତ୍ରଧ୍ୱନି ଭରି ଦେଉଛି । ବେଦରେ ବର୍ଣ୍ଣିତ ପରମ ପୁରୁଷଙ୍କ ପ୍ରକଟନ କ୍ଷିତି, ଅପ, ତେଜ, ବ୍ୟୋମ, ମରୁତ ପଞ୍ଚଭୂତ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମରୁତର ଲୀଳାମୟ, ଐଶ୍ୱର୍ଯ୍ୟମୟ, ମାଧୁର୍ଯ୍ୟମୟ ପ୍ରକାଶକୁ ଆମେ ଅବଲୋକନ କରିପାରୁନା, ଅନୁଭବ କରୁ, ଠିକ୍ ଯେମିତି ପଣତର ମଧୁର ସ୍ପର୍ଶ । ଉଭୟ ପବନ ଓ ପଣତର ସ୍ପର୍ଶ ଅଦୃଶ୍ୟ, କେବଳ ଅନୁଭବ୍ୟ । ପବନ ଯେମିତି ଜୀବନବୋଧର ସୂଚକ, ପଣତ ସେମିତି ।

ଜୀବନବୋଧ କହିଲେ ପବନ ଭଳି ବିପୁଳତା, ବ୍ୟାପ୍ତିଶୀଳତାକୁ ବୁଝାଏ । ଆହୁରି ମଧ୍ୟ ପଣତ ଭଳି କୋମଳତା, ସ୍ନେହାର୍ଦ୍ରତାକୁ ବୁଝାଏ । ଜୀବନର ଉତ୍ପତିଷ୍ଣୁ ଦିଗନ୍ତ ଅର୍ଥାତ୍ ଉନ୍ମୋଚନ, ଉତ୍ତରଣ ଓ ଉପଲବ୍ଧିର ସମନ୍ୱୟ ହିଁ ଜୀବନବୋଧ । କବି ନାରାୟଣ ପଣ୍ଡାଙ୍କ 'ପବନ ପଣତ' କବିତା ପୁସ୍ତକ ଜୀବନର ସେହି ବିଭାବତ୍ରୟକୁ ଆଧାର କରି ଜୀବନ-ବିଭାରେ ସମୁଜ୍ଜ୍ୱଳ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ତା'ର

ପରିବେଶରେ କେତେ ଯେ ଲୀଳାଖେଳା କରେ, କେତେ ଆଶା-ନିରାଶା, ଆନନ୍ଦ-ନିରାନନ୍ଦ, ସାଫଲ୍ୟ-ବୈଫଲ୍ୟ ମଧ୍ୟ ଦେଇ ଗତିଶୀଳ ହୁଏ, ତାହା ଅନିର୍ବଚନୀୟ । ସମଗ୍ର ଜୀବନର କାଳଖଣ୍ଡରେ ମଣିଷ ଭିନ୍ନ ଭିନ୍ନ ପରୀକ୍ଷାରେ ଅବତୀର୍ଣ୍ଣ ହେଉଥାଏ । ଜୀବନ ସହିତ ପରୀକ୍ଷଣ, ଜୀବନର ସୂକ୍ଷ୍ମ ନିରୀକ୍ଷଣ ଓ ଜୀବନ ସମ୍ବନ୍ଧୀୟ ସିଦ୍ଧାନ୍ତ ଗ୍ରହଣ ହିଁ ଯଥାର୍ଥ ଜୀବନବୋଧ । ତମାମ ଜୀବନ ପରୀକ୍ଷା ନିରୀକ୍ଷା । ବିଫଳତାକୁ ଛାତି ତଳେ ଚାପି ମଣିଷ ତଥାପି ବାଟ ଚାଲୁଥାଏ ସଫଳତା ପ୍ରାପ୍ତିର ଆଶାରେ । ନୈରାଶ୍ୟର ଅନ୍ଧାର ଭିତରେ ଆଶାର ପ୍ରଦୀପଟିଏ ତଥାପି ଜଳିଥାଏ । ମୃତ୍ୟୁ ଭିତରେ ଅମୃତର ସ୍ପର୍ଶ ମଣିଷକୁ ରୋମାଞ୍ଚିତ, ପୁଲକିତ କରୁଥାଏ । ମଣିଷ ଲକ୍ଷ୍ୟ କରେ ତା' ଆଖି ଆଗରେ ଦୈନନ୍ଦିନ ମଣିଷମାନଙ୍କର ଦେହାନ୍ତ ହେବାର ଦୃଶ୍ୟ, ତଥାପି ଦେହ ପ୍ରତି ତା'ର ଆସକ୍ତି, ମନୋଭୂମି ପ୍ରତି ମମତ୍ୱବୋଧ, ପ୍ରାଣ ପ୍ରତି ପ୍ରୀତିଭରା ଆକର୍ଷଣ । ଟି.ଏସ୍.ଇଲିଅଟ୍ 'Pain is a kind of joy' କହିଲାବେଳେ ଆମକୁ ସ୍ମରଣ କରାଇଦିଅନ୍ତି ସମସ୍ତ ଜୀବନ ଜଞ୍ଜାଳ ଯନ୍ତ୍ରଣା ଭିତରେ ଆନନ୍ଦର ଅମୃତଧାରା ବର୍ଷଣର ଆବେଗଭରା ଅନୁଭବ । ରବୀନ୍ଦ୍ରନାଥ ଠାକୁର କହିଲା ଭଳି 'ମରିତେ ଚାଇନା ଆମି ସୁନ୍ଦର ଭୁବନେ' । ସୌନ୍ଦର୍ଯ୍ୟରେ ଭରା ଏଇ ବିଶ୍ୱବ୍ରହ୍ମାଣ୍ଡରେ ମଣିଷ ସ୍ୱତଃସ୍ଫୁର୍ତ୍ତ ଭାବରେ ଅନୁଭବ କରିପାରେ ପାହାଡ଼ ପର୍ବତରେ ପରିପୂର୍ଣ୍ଣ ପୁଲକ, ସରିତ ସମୁଦ୍ରରେ ସୀମାହୀନ ସ୍ନେହ, ମାଟି ମରୁତର ମମତାମୟ ମନୋଦୃଷ୍ଟି, ଅଗ୍ନି ଆକାଶର ଅଫୁରନ୍ତ ଆକର୍ଷଣ । କାହିଁକି ସେ କହିବ ଏ ଜୀବନ ମୃତ୍ୟୁସିନ୍ଧୁର କରାଳ ଲହରୀ ଭେଟିବାକୁ ଧାଉଁଛି ? ତା'ର କଣ୍ଠରୁ ସ୍ୱତଃ ଝରି ଆସିବ 'ଏ ଜୀବନ ଅମୃତମୟ, ଆନନ୍ଦମୟ' ଭଳି ଉଦାତ୍ତ ଶବ୍ଦମାନଙ୍କର ଶଙ୍ଖନାଦ । ୱାର୍ଡ୍ସ୍ୱାର୍ଥ୍ ଡାଫୋଟିଲ୍ ଫୁଲଗୁଡ଼ିକୁ ଦେଖି, ଏକାକିନୀ କୃଷକକାମିନୀର ସଙ୍ଗୀତ ଶୁଣି, କଲେରିଜ୍ ଆମ ଚତୁଃପାର୍ଶ୍ୱସ୍ଥ ପ୍ରକୃତିରେ ନିବରିତ ମୁହୂର୍ତ୍ତଗୁଡ଼ିକୁ ଅନ୍ତଃକରଣରେ ଅନୁଭବ କରି, ୟେଟ୍ସ ରାଜହଂସର ମୁକ୍ତ ଉଡ଼ାଣକୁ ଅବଲୋକନ କରି, ହାର୍ଡି ପ୍ରୀତି ପ୍ରତ୍ୟୟ ପୁଲକଭରା ଗ୍ରାମ୍ୟ ପରିବେଶରେ ପରିପୁଷ୍ଟ ହୋଇ କେମିତି ଅତିଶୟ ଆନନ୍ଦାଭୂତି ଅର୍ଜନ କରିପାରିଛନ୍ତି ସତରେ ! ଠିକ୍ କବି ନାରାୟଣ ପଣ୍ଡା କହିଲା ଭଳି,

'କହେ ଦେଖୁନ / କି ସୁନ୍ଦର ପୃଥିବୀ !
ପାଣି ପବନ ଆକାଶ / କାବୁ କରିଛି ମତେ ।' (ଛାଇ ପରି ନିଜର)

ଫୁଲ ଥାଉ କି କଣ୍ଟା, ଆଲୁଅ ଥାଉ କି ଅନ୍ଧାର, ପ୍ରେମ ଥାଉ କି ପ୍ରତାରଣା, ଜୀବନର ଆକର୍ଷଣ ସବୁବେଳେ ମଧୁର ମହତ୍ତ୍ୱପୂର୍ଣ୍ଣ, ମମତାମୟ, ସମ୍ପର୍କସ୍ନିଗ୍ଧ, ସଂହତିପ୍ରବଣ । ଅଦୃଶ୍ୟର ଇଙ୍ଗିତରେ କ'ଣ ସବୁ ଘଟିଯାଏ, ତେଣୁ ସୁନ୍ଦର ବ୍ରହ୍ମାଣ୍ଡର ପାଣି, ପବନ, ଆକାଶ କାବୁ କରିଥିବା କବିଟିଏ ପ୍ରତି ରାତିର ସକାଳକୁ ନବଜନ୍ମ ଦିଏ । ଶେଲୀ କହିଲା ଭଳି 'Poets are the unackowledged legislators of the world.' କିମ୍ବା ସେକ୍ସପିୟର ଯେମିତି କହନ୍ତି- 'Poet's eye in a fine frenzy rolling / Doth glance from heaven to earth / from earth to heaven / and as imagination bodies forth / The forms of things unknown / the poet's pen turns them to shapes / and gives to airy nothing / a local habitation and a name.' ଠିକ୍ ସେମିତି କବି ନାରାୟଣ ପଣ୍ଡା କହନ୍ତି, *'କ'ଣ ସବୁ ଘଟିଥାଏ / ଅଦୃଶ୍ୟର ଇଙ୍ଗିତରେ / କବିଟିଏ / ପ୍ରତି ରାତିର ସକାଳକୁ ନବଜନ୍ମ ଦିଏ ।'* (ସ୍ନେହମୟୀ) । କବିର ଅନ୍ତର ଚିର କାଳ ମୁଗ୍ଧ, ଶୁଭ୍ର, ଗଭୀର, ଦିବ୍ୟ ରସରେ ଦ୍ରବୀଭୂତ । କବିର ଅନ୍ତରରୁ ମଧୁମୟ ସୁର, ଜାହ୍ନବୀ ଧାରା ନିଃସୃତ ହୁଏ, ନିଃସ୍ୱକୁ ବିଶ୍ୱକୁ ସେ ହସାଇପାରେ । ଯିଏ ପବିକୁ ତରଳାଇପାରେ ସେ କବି । 'ପ୍ରତି ରାତିର ସକାଳକୁ କବି ନବଜନ୍ମ ଦେବା'ର ଅଭିବ୍ୟକ୍ତିଟି ଗଭୀର ଆଶାବାଦରେ ଅନୁରଣିତ ଜୀବନୋପଲବ୍ଧି, ଜଗତର ଉଦ୍‌ଭାସ ଭିତରେ ଜୀବନର ପ୍ରତିଭାସ, ନୂଆ ରୂପ ରଙ୍ଗ ରସ ସମନ୍ୱିତ ଜୀବନର ଉଦୟ ଅଭିଷେକ, ବିପୁଳ ବିଶ୍ୱାସର ବିଭୂତିମଣ୍ଡିତ ବୈଶ୍ୱିକ ଚିନ୍ତନର ଚାରୁ ଚିତ୍ରଟିଏ ପ୍ରଦାନ କରୁଛି ।

ମାଟି, ମା'ର ଆକର୍ଷଣ ଭିତରେ ଜୀବନର ଅନ୍ୱେଷଣ, ଅନୁଧ୍ୟାନ ଓ ଅନୁଶୀଳନ 'ପବନ ପଣତ' କବିତା ସଂକଳନଟିକୁ ଆରୋହଣ କରାଇନେଇଛି ଏକ ଗାଢ ଓ ଗଭୀର ଜୀବନବୋଧର ପର୍ଯ୍ୟାୟକୁ । ଖୋଲା ଆକାଶ ତଳେ ଷଠିଘର, ଶ୍ୟାମଳ

ଶୈଶବ, ଗାଁ ଚାହାଳି, ଗୋଧୂଳିର ରଙ୍ଗ, ମଳିଆ ପାଇଜାମାରେ ଅନେକ ଭାଙ୍ଗ, ମିଛିମିଛିକା ଧୂଳି ଘରେ ସାଙ୍ଗ ପରଷୁଥିବା ସାତ ତିଅଣ ନଅ ଭଜା, ବାପାଙ୍କ ନାଲି ଆଖି, ବୋଉର ମିଠା ଡାକ, ମୁସୁମୁସୁ ଉଷୁମ କୋଳ, ଫୁଲତୋଳା, କଙ୍କଧରା, ସାଙ୍ଗସାଥୀ ପୁଆ ବାଡ଼ିଖେଳ, କୁହୁଡ଼ିଆ ପାଗର ଅଳସ ଅପରାହ୍ନ, ଓଳିତଳ ବର୍ଷାପାଣିରେ କାଗଜ ଡଙ୍ଗାର ଶୋକ, ଫୁଲର ପସରା ଧରି ସକାଳର ଆଗମନ, ଫୁଲଭସାରୁ ଫେରୁଥିବା ପ୍ରଜାପତି, ଅଧାଖିଆ ପିଜୁଳି, ପତର ଶେଯ, କାନିସିର ଶାଗ, ବଡ଼ିଭଜା, ଧାନର ଫୁଲଉଡ଼ା ସମୟ, ଅସମୟର ଗଜାମରୁଡ଼ି, ବୁଢାପେଚାର ଡାକ ଭଳି ଅନ୍ୟାନ୍ୟ ଅନେକର ଅନୁଭୂତି ଅନୁଭବ ବାସ୍ତବରେ ପାଠକ ପାଇଁ ବିହ୍ୱଳ, ବିଭୋର ହେବାର ମଧୁ ମୁହୂର୍ତ୍ତ ରଚନା କରନ୍ତି ।

'ବୋଉର / ସାତସିଆଁ ମଳିଚିଆ ପଣତ /ବଡ଼ଦେଉଳର ନେତଠାରୁ / ଅଭୟଦାୟୀ । / ବାପାଙ୍କ / ଝାଳପିଆ ଝାଲରା ଗାମୁଛା / ଧନୀ ସାଧବର /ସୁବାସିତ ଅଙ୍ଗବସ୍ତ୍ରଠାରୁ ସୁନ୍ଦର । / ବୁଢୀମାଆର / ପଖାଳ ସାଙ୍ଗକୁ ହାତପାଗ / ପଞ୍ଚତାରକା ହୋଟେଲର ଖାଦ୍ୟଠାରୁ / ବେଶ୍ ରୁଚିକର । / ଗାଆଁର ମଳିନ / ମୋଡ଼ ବୁଲାଣି ଗଳି ସରୁ ରାସ୍ତା / ନଗରର ରାଜରାସ୍ତାଠାରୁ / ଅତି ଆପଣାର ।' (ସ୍ମୃତିତୀର୍ଥ) ଭଳି ଭାବବ୍ୟଞ୍ଜିତ କାବ୍ୟିକ ପ୍ରକାଶଗୁଡ଼ିକ କେବଳ ବିହ୍ୱଳ ମୁହୂର୍ତ୍ତ ରଚନା କରନ୍ତି ନାହିଁ, ଜୀବନ-ତୀର୍ଥରେ ଅବଗାହନର ସ୍ୱର୍ଣ୍ଣ ସୁଯୋଗ ସୃଷ୍ଟି କରନ୍ତି । ଯାହାଙ୍କୁ ଦେଖିଲେ ଅନ୍ତରରେ ତରଙ୍ଗ ସୃଷ୍ଟି ହୁଏ ସେ ଅନ୍ତରଙ୍ଗ । ବୋଉର ମଳିଚିଆ ପଣତ, ବାପାଙ୍କ ଝାଳପିଆ ଗାମୁଛା, ବୁଢୀମା'ର ପଖାଳ, ଗାଁର ଧୂଳିଧୂସରିତ ସଂକୀର୍ଣ୍ଣ ରାସ୍ତା ସବୁ ସେହି ଅନ୍ତରଙ୍ଗତାର ଗୋଟିଏ ଗୋଟିଏ ପ୍ରତୀକ ।

ଜୀବନ ଓ ଜଗତକୁ ପ୍ରେମାସ୍ୱଦ ବୋଲି ବିଚାର କରିବା ଯୁଗେ ଯୁଗେ କବିର ସ୍ୱଧର୍ମ । ଗ୍ରାମ୍ୟ ପରିବେଶର ଚୁମ୍ବକୀୟ ଆକର୍ଷଣ, ପ୍ରିୟ ପରିଜନଙ୍କ ସ୍ନେହାତିଶଯ୍ୟର ଯାଦୁକରୀ ସ୍ପର୍ଶ, ପାରସ୍ପରିକ ଭାବ ବିନିମୟରେ ସୀମାହୀନ ସହୃଦୟତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ସମଭିବ୍ୟାହାର ଇତ୍ୟାଦି କବିର କଲମରେ ସ୍ୱତଃ ଭରିଦିଏ ଅଜସ୍ର ଅମୃତର

ଆବେଦନ । ଗ୍ରାମୀଣ ପରିସରକୁ ଟମାସ୍ ହାର୍ଡି Far from the madding crowd କହିଲାବେଳେ ଆମ ଆଖି ଆଗରେ ଜୀବନ୍ତ ହୋଇ ଦିଶିଯାଏ ଗାଁର ଶାନ୍ତ ସ୍ଥିର ବାତାବରଣ, ଅନିର୍ବଚନୀୟ ସୁଷମାଭରା ବହିଃପ୍ରକୃତି ଓ ତତ୍ ସହିତ ସମାନ୍ତରାଳତା ରକ୍ଷା କରି ଗତି କରୁଥିବା ବୋଉ, ବାପା, ବୁଢୀମା' ଓ ଅନ୍ୟମାନଙ୍କର ଅପ୍ରମିତ ସରଳତାଭରା ଅନ୍ତଃପ୍ରକୃତି । ବହିଃପ୍ରକୃତି ଓ ଅନ୍ତଃପ୍ରକୃତିର ସମାନ୍ତରାଳ ଚିତ୍ର ପ୍ରଦାନ କରୁଥିବା କବିତା ସ୍ୱଭାବତଃ ରସୋତ୍ତୀର୍ଣ୍ଣ । ପ୍ରତି ସକାଳେ ଚଉରା ମୂଳେ ବୋଉର ହାତଟେକା ପାଣି ଆଞ୍ଜୁଳାରେ ସୂର୍ଯ୍ୟ ପହରା ଦେଉଥିବା, ଗାଁ ଟୁଙ୍ଗିରେ ବାପାଙ୍କ ଭାଗବତ ଆବୃତ୍ତିରେ କୃଷ୍ଣ ଲବଣି ମାଗୁଥିବା, ବୁଢୀମା'ର ଗପପେଡ଼ିରୁ ରାଜା, ମନ୍ତ୍ରୀ, ଧନୀ, ସୌଦାଗରମାନେ ବାହାରୁଥିବା, କଇଁଫୁଲଫୁଟା ପୋଖରୀରେ ବତକଗୋଡ଼ାରେ ସାପୁଆ ନଦୀର କାଚକେନ୍ଦୁ ପାଣିରେ ଚାପଖେଳରେ ଶୈଶବ ହସୁଥିବାର ଚିତ୍ରଗୁଡ଼ିକ ଅନ୍ତଃକରଣକୁ ନିରବଚ୍ଛିନ୍ନ ଭାବରେ ଛୁଇଁଛୁଇଁ ପ୍ରୀତି, ପ୍ରତ୍ୟୟ, ପୁଲକର ପୀୟୂଷ ଅଜାଡ଼ି ଦେଲା ଭଳି ସମ୍ମୁଖରେ ଉଭା ହୁଅନ୍ତି । ଜୀବନ ପ୍ରତି ପ୍ରୀତିଭରା ଅଙ୍ଗୀକାର, ପ୍ରତ୍ୟୟପୂର୍ଣ୍ଣ ଅନୁରାଗ ଓ ଜୀବନରେ ପୁଲକର ଅନ୍ୱେଷଣ ଓ ଆବାହନ ସମନ୍ୱିତ ହେଲେ ଯାଇ ଜୀବନବୋଧ ସହଜଲଭ୍ୟ ଓ ଅନୁଭବ୍ୟ । ଜୀବନବୋଧ ପ୍ରେମ, ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ, ମହାଭାବର ପବିତ୍ର ସଙ୍ଗମ, ଯେଉଁଠି କବିର କବିତା-ଅଙ୍ଗଗୁଡ଼ିକ ପ୍ରକ୍ଷାଳିତ ହୋଇ ପରିଚ୍ଛନ୍ନ ରୂପ ଗ୍ରହଣ କରେ ।

ନିତ୍ୟ ଗତିଶୀଳ ସମୟ ମଣିଷର ଜୀବନବୋଧକୁ ନବନବ ଅନୁଭୂତି, ଅନୁଭବରେ ଭରି ଦେଉଥାଏ । ଅତୀତ ସିନା କାଳଗର୍ଭରେ ଲୀନ ହୋଇଯାଏ, କିନ୍ତୁ ଅତୀତର ଅନେକ ସ୍ମୃତି ମଣିଷର ମନୋଭୂମିରେ ତଥାପି ଜୀବନ୍ତ ହୋଇ ଆଖି ଆଗରେ ଭାସିଯାଉଥାଏ । ଭବିଷ୍ୟତ ତମସାବୃତ, ଅନିଶ୍ଚିତ ହେଲେ ବି ମଣିଷ ଭବିଷ୍ୟତକୁ ନେଇ କେତେ କେଜାଣି କଳନା, କଳ୍ପନା କରୁଥାଏ । ବର୍ତ୍ତମାନ ସମୟ ସର୍ବାଧିକ ମୂଲ୍ୟବାନ, ମହତ୍ତ୍ୱପୂର୍ଣ୍ଣ, ଗୌରବାବହ ଜାଣି ସୁଦ୍ଧା ମଣିଷ ତା'ର ଅତୀତକୁ ଝୁରି ହେଉଥାଏ, ଭବିଷ୍ୟତ ଚିନ୍ତାକରି ଯାବତୀୟ ଆଶା-ଆଶଙ୍କା ମଧ୍ୟରେ ଦୋଳାୟିତ

ହେଉଥାଏ । ଅତୀତ, ବର୍ତ୍ତମାନ, ଭବିଷ୍ୟତର ସନ୍ନିକ୍ଷଣରେ ମଣିଷ ଏକ ଅନତିକ୍ରମ୍ୟ, ଅସହାୟତାର ଆବର୍ତ୍ତରେ ପଡ଼ି ଅଶାନ୍ତ ଜୀବନଟିଏ ବଞ୍ଚୁଥାଏ । କେତେବେଳେ ନିଜର ଅପରିମାଣଦର୍ଶିତା ପାଇଁ ଅନୁତପ୍ତ ହୁଏ, କୌଣସି ଦୁଃସମ୍ବାଦ ଶୁଣି ଦୁଃଖସନ୍ତପ୍ତ ହୁଏ, ସୁସମ୍ବାଦରେ ସୁଖ ବିଭୋର ହୁଏ ।

ଏକ ବୈଚିତ୍ର୍ୟମୟ ବର୍ଣ୍ଣାଢ୍ୟ ବର୍ଣ୍ଣାଳୀ ହେଉଛି ଏ ଜୀବନ ଯାହାର ରଙ୍ଗମଞ୍ଚରେ ତ୍ରିକାଳର ନିରବଚ୍ଛିନ୍ନ ଅଭିନୟ ଲାଗିରହିଥାଏ । ଟି.ଏସ୍.ଇଲିଅଟ୍‌ଙ୍କ ଉକ୍ତି 'Time present and time past / are both perhaps present in time future / if all time is eternally present / all time is unredeemable.' ବେଶ୍ ପ୍ରତ୍ୟକ୍ଷ ଭାବରେ ସୂଚାଇ ଦେଉଛି ସମୟର ତିନୋଟି ଅବସ୍ଥା ଓ ପରୋକ୍ଷରେ ବୁଝାଇଦେଉଛି ସମୟାଧୀନ ସକଳ ଜାଗତିକ ପ୍ରକ୍ରିୟା ମଧ୍ୟରେ ଜୀବନର ଅବସ୍ଥା । ହେନରୀ ଲଙ୍ଗ୍‌ଫେଲୋ ପ୍ରାଞ୍ଜଳ ଭାଷାରେ କହିଲା ଭଳି 'Truth no future / however pleasant it may be / bury the dead past, it's dead / Act Act in the living present / heart within and God overhead.' ସମୟ ତିନୋଟି ସୋପାନରେ ବିଭାଜିତ, ଭବିଷ୍ୟତ ବିଶ୍ୱାସଯୋଗ୍ୟ ନୁହଁ, ଅତୀତ ଜୀବିତ ନୁହଁ, କେବଳ ବର୍ତ୍ତମାନ ଜୀବିତ ଓ ବିଶ୍ୱାସର ପାତ୍ର, ଯାହା ଆମକୁ କର୍ମପ୍ରେରଣାରେ ଅନୁପ୍ରେରିତ ଓ ଅନ୍ତଃକରଣର ଦିବ୍ୟ ବିଶ୍ୱାସରେ ଅନୁପ୍ରାଣିତ କରିବାର କଥା । କାହାର ଶତ୍ରୁ କି ମିତ୍ର ନହୋଇ ସମୟ ଗଡ଼ିଚାଲିଛି ମନ୍ୱନ୍ତର କାଳରୁ ଓ ଏଇମିତି ଗଡ଼ି ଚାଲିଥିବ କାଳ କାଳକୁ । 'Time's winged chariot hurrying near', ତେବେ ସମୟର ସତ୍ ଓ ଅସତ୍ ବ୍ୟବହାର ମଣିଷର ମନୋଦୃଷ୍ଟି ଉପରେ ନିର୍ଭର । ନାରାୟଣ ପଣ୍ଡା କହିଲା ଭଳି,

'ନୂଆ ପୁରୁଣା ରୀତିରେ / ଚିରାଚରିତ ବାଟରେ / ଧାଁ... ଧଉଡ଼ କରୁଥିବା ସମୟ / ନା ... ସେ କାହାର ଶତ୍ରୁ / ନା ... ସେ କାହାର ମିତ୍ର / ଅବୁଝା ଅଭିଧାନଟିଏ ଚିର କାଳ ।' (ମନର ମହ୍ଲାର)

ସମୟ ଶବ୍ଦକୋଷରେ ସଂଯୋଜିତ ଜନ୍ମ ମୃତ୍ୟୁ, ସୁଖ ଦୁଃଖ, ହସ କାନ୍ଦ, ଉତ୍‌ଥାନ ପତନ, ସାଫଲ୍ୟ ବୈଫଲ୍ୟ, ଜୟ ପରାଜୟ, ମାନ ଅପମାନ, ପ୍ରଶଂସା ନିନ୍ଦା ଶବ୍ଦଗୁଡ଼ିକର ଅର୍ଥ ବୁଝିବା ହୁଏତ ସହଜ ହୋଇପାରେ କିନ୍ତୁ ଜୀବନରେ ସେଗୁଡ଼ିକ କେତେବେଳେ କେଉଁ ମୁହୂର୍ତ୍ତରେ ଘଟିଯାଏ ବୁଝିବା ମଣିଷ ପକ୍ଷରେ ସହଜ ହୁଏ ନାହିଁ । ତେଣୁ ସମୟ ଚିର କାଳ ଅବୁଝା ଅଭିଧାନଟିଏ ହୋଇ ରହିଯାଏ ।

ତଥାପି ଜୀବନର ଦିଗ୍‌ବଳୟରୁ ଶୁଭୁଥାଏ ଗଭୀର ଆଶାବାଦର ସ୍ୱର । ପବନର ପଣତ ଚଉଦିଗ ଘେରି ରହିଥିବାବେଳେ, ଆଖି ଅନ୍ତର ଦିଗ୍‌ବଳୟ ସବୁଠି ଆକାଶ ବ୍ୟାପ୍ତ ହେଲାବେଳେ, ଜହ୍ନରେ ଯୌବନ ଆଉ ସିନ୍ଦୂରରେ ଆୟୁଷର ଅନୁଭବ ହେଲାବେଳେ, ଲହୁବତୁରା ଆଖି ଆଉ ଲୁହଶୁଖା ଗାଲ ଶୈଶବକୁ ଫେରାଇ ଦେଲାବେଳେ, ଦେହରୁ ଦିଗ୍‌ବଳୟ, ଚିତ୍ତରୁ ଚକ୍ରବାଳ, ଅନ୍ତରରୁ ଅନ୍ତରୀକ୍ଷ, ଚୁଲିନିଆଁର ଆଲୁଅରୁ ଚମ୍ପକ ଚତୁର୍ଦ୍ଦଶୀଯାଏ ସବୁଠି ପ୍ରତିଧ୍ୱନିତ ହେଉଥାଏ ଆଶାର ଅନ୍ତଃସ୍ୱର, ବିଶ୍ୱାସର ବ୍ରହ୍ମଘୋଷ । କବି ନାରାୟଣ ପଣ୍ଡାଙ୍କ ପାଇଁ ଗାଁ ଭୂଇଁ ହୋଇଯାଏ ଶୈଶବର ସନ୍ଦୀପନ, କୈଶୋରର କୁହରଣ, ଯୌବନର ଯାଜ୍ଞନ ଆଉ ବାର୍ଦ୍ଧକ୍ୟର ବିଖ୍ୟାପନ, ଗାଁର ଚଉପାଢି ହୋଇଯାଏ ଚକ୍ରତୀର୍ଥ, ଚାଳଘର ହୁଏ ଚନ୍ଦ୍ରଶାଳା, ଚକୁଳିପିଠା କ୍ଷୀର ହୁଏ ଦେବଭୋଜ୍ୟ ଚରୁ, ପଖାଳ ହୁଏ ପଞ୍ଚାମୃତ, 'ପବନ ପଣତ' ସଂକଳନର ପ୍ରତିଟି କବିତା ପଢିଲେ ସ୍ୱତଃ ଏପରି ଏକ ଅନୁଭବ ଜାଗରୁକ ହୁଏ । 'Pipa's song' କବିତାରେ ଭିକ୍ଟୋରିଆ ଯୁଗର କବି ରବର୍ଟ୍ ବ୍ରାଉନିଂଙ୍କ ଆଶାୟୀ ପ୍ରାଣ କହିଲା ଭଳି 'Year is at the Spring / Day is at the morn / Morning is at seven / Hill side is dewpearled / Lark is on the wing / Snail is on the thorn / God's in his heaven / All's right with the world'. 'ତପସ୍ୱିନୀ'କାବ୍ୟରେ ସ୍ୱଭାବ କବି ଗଙ୍ଗାଧର ଯେମିତି କହନ୍ତି, *'କର ପଲ୍ଲବେ ନିହାର / ମୁକ୍ତା ଧରି ଉପହାର',* ଠିକ୍ ସେହିପରି ସମାନ ଭାବ ଆଧାରରେ 'ପବନ ପଣତ'ର କବି 'ନିୟତି' କବିତାରେ କହନ୍ତି, *'କାକର ବିନ୍ଦୁରେ/ ଛବିଳ ଇନ୍ଦ୍ରଧନୁ ଦେଖିବାର ସ୍ୱପ୍ନ ।'* କବି

କଣ୍ଠରୁ ଉଚ୍ଚାରିତ ଏ ସମସ୍ତ ସ୍ୱର ହେଉଛି ଆଶାବାଦର ସ୍ୱର, ବିଶ୍ୱାସର ବିପୁଳ ପ୍ରଲମ୍ବନ । ବ୍ରାଉନିଂ ଦେଖୁଛନ୍ତି ପାହାଡ଼ କଡ଼ରେ କାକରବିନ୍ଦୁ ଉପରେ ସୂର୍ଯ୍ୟାଲୋକ ପଡ଼ି କାକର ମୁକ୍ତା (Dewpearl) ଭଳି ଦୃଶ୍ୟ ହେଉଛି । ଗଙ୍ଗାଧରଙ୍କ କଳ୍ପନାରେ ଉଷାଦେବୀ ପଲ୍ଲବରୂପକ କରରେ ନିହାରରୂପକ ମୁକ୍ତା ଉପହାର ଧରିଛନ୍ତି । ଉଭୟ ବ୍ରାଉନିଂ ଓ ଗଙ୍ଗାଧର କାକରବିନ୍ଦୁରେ ମୁକ୍ତା ଦର୍ଶନ କଲାବେଳେ 'ପବନ ପଣତ'ର କବି କାକରବିନ୍ଦୁରେ ଛବିଳ ଇନ୍ଦ୍ରଧନୁ ଦେଖିବାର ମଧୁମାଞ୍ଜୁଳ ସ୍ୱପ୍ନରେ ବିଭୋର । ସଂସାରରେ ପ୍ରତ୍ୟେକ କବିର ଚୈତନ୍ୟ ଏଭଳି ସ୍ୱପ୍ନ ଓ କଳ୍ପନା ବିଳାସରେ ମଗ୍ନ ଯେ ସେମାନେ କାକରବିନ୍ଦୁରେ କେବଳ ସପ୍ତରଙ୍ଗର ଇନ୍ଦ୍ରଧନୁ ଦେଖନ୍ତି ନାହିଁ, ସପ୍ତଲୋକର ଇରମ୍ମଦମୟ ରୂପ ଦେଖି ଆତ୍ମହରା ହୁଅନ୍ତି ମଧ୍ୟ । ଉଭୟ କଳ୍ପନା ଓ ବାସ୍ତବତାର ସ୍ରୋତସ୍ୱତୀରେ ଅବବାହିତ ହୁଏ କବିର ଅନ୍ତଃକରଣ । ସୁଖ, ଦୁଃଖ, ଖରା ବର୍ଷା ଶୀତ, ମନ୍ଦିର ମଶାଣି ସବୁକୁ ସମ ଭାବରେ ଗ୍ରହଣ କରିବାର ପ୍ରାଜ୍ଞ, ପରିପକ୍ୱ ମାନସିକତା ହିଁ ଯଥାର୍ଥ ଜୀବନବୋଧକୁ ଜାଗରୂକ କରେ ।

'ସୁଖ କହିଲେ- / ଧାନର ଫୁଲଉଡ଼ା ସମୟ . ଦୁଃଖ କହିଲେ- / ଅସମୟରେ ଗଜା ମରୁଡ଼ି ।' (ବାପା) *'ଜନ୍ମରୁ / ଖରା ବର୍ଷା ଶୀତ / ଦେହସୁହା / ମନ୍ଦିର ମଶାଣି ସବୁ / ଆମ ପାଇଁ / ଏକା କଥା ।' (ଘୁଷୁରିଆ ବଞ୍ଚିରେ ରାତି) ।* ଏ ସମସ୍ତଙ୍କୁ ଗ୍ରହଣ କରିବାର ପ୍ରବୃତ୍ତି ଅର୍ଥାତ୍ ଗ୍ରହଣଶୀଳତା ହିଁ ମଣିଷର ଜୀବନ-ଜିଜ୍ଞାସାର ଏକ ଉଜ୍ଜ୍ୱଳ ଦିଗନ୍ତ । ସୁଖ, ଦୁଃଖ ଯାମଳ ସୋଦର ପ୍ରାୟେ ଏକ ବୃନ୍ତରୁ ସମ୍ଭୂତ । ଖରା ବର୍ଷା ଶୀତର ଆଜୀବନ ଅନୁଭବ, ମନ୍ଦିର ଓ ମଶାଣିରେ ଜୀବନ୍ତ ଅନୁଭୂତି ପ୍ରତ୍ୟେକ ମଣିଷକୁ ଜୀବନୋପଲବ୍ଧିର ପ୍ରକୃଷ୍ଟ ପନ୍ଥା ନିର୍ଦ୍ଦେଶ କରୁଥାଏ । ଋତୁଚକ୍ରର ଆବର୍ତ୍ତମାନରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ମଣିଷକୁ ସଂସ୍କାର, ସାଧନ ଓ ଶଇଖେଳର ତରିକା ଜଣାଥାଏ ସେ ହିଁ ଆପେ ଆପେ ସମ୍ପର୍କର ସୌଧ ରଚନା କରିପାରେ ଅର୍ଥାତ୍ ସଂଯତବାକ୍ ଛଳନାଶୂନ୍ୟ ମନୁଷ୍ୟ ଅନ୍ୟର ହିତୈଷୀ ବନ୍ଧୁଟିଏ ହୋଇପାରେ । ପୁଣ୍ୟକୁ ଜପାମାଳି କରୁଥିବା ମହାନୁଭବ ମଣିଷ ଧୂଳି ମଳିନ ଧରଣୀକୁ ଅମୃତୋପମ, ଶୁଭଙ୍କର

କରିପାରେ । ଗାଁ ଭୂଇଁର ସ୍ନେହିକ ସ୍ପର୍ଶ ସହିତ ପ୍ରକ୍ଷାଳିତ, ପ୍ରଜାଗର, ପ୍ରବୁଦ୍ଧ, ପ୍ରକୃତିସିଦ୍ଧ ମଣିଷର ଚିତ୍ର ଓ ଚରିତ୍ର 'ପବନ ପଣତ' କବିତା ସଂକଳନଟିରେ ଶାନ୍ତ ସହାବସ୍ଥାନ, ସହୃଦୟତା, ସକାରାତ୍ମକତାର ତ୍ରିଧାରା ସର୍ଜନା କରିଛି ଯାହାର ସଙ୍ଗମସ୍ଥଳ ହେଉଛି ପ୍ରତ୍ୟୟଧର୍ମୀ, ପ୍ରୀତିପ୍ଲାବିତ ଓ ପ୍ରେରଣାଦାୟୀ ଜୀବନବୋଧ । କବିଙ୍କ ଭାବରେ ବିନୋଦ ଅଛି ବୋଲି ଭୂମି, ଭୂମା, ଶବ୍ଦ, ସମ୍ପର୍କ ସବୁଠି ବିନୋଦ ଅଛି । ଭାବର ଅନୁଚ୍ଛେଦ ନାହିଁ କି ବିନୋଦର ପୂର୍ଣ୍ଣଚ୍ଛେଦ ନାହିଁ । ସେହି ଭାବବିନୋଦ ହିଁ ଯଥାର୍ଥ ଜୀବନବୋଧ ।

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ବଡ଼ମଙ୍ଗଳପୁର, ଧର୍ମଶାଳା, ଯାଜପୁର
ମୋ. ୯୮୫୩୨୮୨୯୨୨

❑❑❑



ଶକୁନ୍ତଳା

● ବିଭୂତିଭୂଷଣ ସେନାପତି

ନାରୀ ଚେତନାର ଆଧାରଭୂମି । ପୁରୁଷ ପରି ତା'ର ଏକ ସ୍ୱତନ୍ତ୍ର ଅଧିକାର ଅଛି । ଯାହା ଫଳରେ ସେ ସମାଜ ଆଖିରେ ହୁଏ ସର୍ବସଂହା ଧରିତ୍ରୀ । ବୈଦିକ ଆର୍ଯ୍ୟ ସଂସ୍କୃତିରେ ନାରୀ ଦେବୀ ଆସନରେ ଉପନୀତା । ଉପନିଷଦରେ ସେ ବ୍ରହ୍ମସ୍ୱରୂପିଣୀ ଆନନ୍ଦମୟୀ ଓ କଲ୍ୟାଣମୟୀ । ନାରୀର ସ୍ୱାତନ୍ତ୍ର୍ୟକୁ ନେଇ ହଜାର ହଜାର ବର୍ଷ ପୂର୍ବରୁ ଏ ପ୍ରକାର ଭାରତୀୟ ଧାରଣା ନିଶ୍ଚିତ ଭାବରେ ପ୍ରଶଂସନୀୟ। ଏହାକୁ କୌଣସି ସମୟରେ ଅସ୍ୱୀକାର କରିହେବ ନାହିଁ । "ନାରୀ ଓ ପୁରୁଷ ଉଭୟ ମଧ୍ୟରେ ଯେଉଁ ଜୀବ ସତ୍ତା ବିଦ୍ୟମାନ ,ସେ କାହାରି ଦାସ ହେବାକୁ ଚାହେଁ ନାହିଁ ବା କାହା ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଇଚ୍ଛା କରେ ନାହିଁ ।"ଲିସା ଟର୍ଟଲ ନାରୀବାଦୀ ସମାଲୋଚନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ନେଇ କହନ୍ତି-ପ୍ରାଚୀନ ନାରୀ ସୃଜନର ମୂଲ୍ୟବୋଧକୁ ସହୃଦୟତା ସହ ବିଚାର କରେ । ସମଗ୍ର ଭାରତ ବର୍ଷର ଜନନୀ ଯଦି ଲାଂଛନା, ଅପମାନ, ଅବହେଳା, ଆଉ ଦୁଃଖ ଭୋଗ କରି ଭରତକୁ ଜନ୍ମ ଦେଇ ନଥା'ନ୍ତେ ତାହା ହେଲେ ଆମ ଜନ୍ମ ଭୂମିର ନାମ ଭାରତବର୍ଷ ହୋଇ ନଥା'ନ୍ତା । ତାହା ହେଲେ ସେହି ସ୍ନେହ ବତ୍ସଳା ଜନନୀ କିଏ ? ସେ ଆଉ କେହି ନୁହେଁ ଅତି ପ୍ରିୟ ସୁପରିଚିତା ଶକୁନ୍ତଳା । ପ୍ରେମ ଓ ମୈତ୍ରୀର ଭେଦାଭେଦକୁ ଭୁଲି ଯାଇଛି ମୁଁ କେବଳ ଜଣେ ମହୀୟସୀ ନାରୀ ଭାବରେ ସମାଜରେ ବଂଚିରହିବାକୁ ଛାହିଁଛି ।

ମୋ ଜୀବନ ଏକ ଅନୁପ ଉପବନରେ ରୂପାନ୍ତରିତ ହୋଇଛି । ମୋତେ ଟୀକାକାରମାନେ କହିଲେ ମୁଁ ପ୍ରେମର ଦେବୀ । ପୂର୍ଣ୍ଣିମୀ ତିଥିର ଚକ୍ ଚକ୍ ଜହ୍ନ ନହେଲେବି ପ୍ରେମରେ ବନ୍ଧା ହୋଇଛି ମୋ ଜୀବନ । ହଜାର ହଜାର ବର୍ଷ ପୂର୍ବରୁ ମୁଁ ଓହ୍ଲାଇ ଆସିଥିଲି ଏହି ମର୍ତ୍ତ୍ୟ ଧାମକୁ । ମହାଭାରତର ବ୍ୟାସଦେବ ଓ କବିକୁଳମୌଡ଼ମଣି କାଳିଦାସ କାବ୍ୟପୃଷ୍ଠାରେ ସ୍ଥାନ ଦେଲେ ।"ରାତିର ବୟସ ନାହିଁ/ ସମୟର ନାଁ ନାହିଁ/

ଆକାଶକୁ ଛୁଇଁ ହୁଏ ଆସ୍ଥାର ସହିତ ଅନେକ ତାରାକୁ ପାଇ /ଚୁପ୍ ଚୁପ୍ କଥା କହି ହୁଏ ଗୋପନୀୟ ତଥ୍ୟ ସବୁ ବିନିମୟ କରିହୁଏ ଅନ୍ଧାର ସହିତ ସମୁଦ୍ରର ଝଲ ମଲ ଚଟାଣରେ /ଶୋଇ ଯାଇ ହୁଏ ।" ବର୍ତ୍ତମାନ ଅତୀତ,ବିବର୍ତ୍ତମାନ ବର୍ତ୍ତମାନ ଏବଂ ଭୂଣାୟମାନ ଭବିଷ୍ୟତ ତା'ଭିତରେ ମୁଁ ଖୋଜିଛି ମୋର ସ୍ଥିତି ଓ ସ୍ଥାପତ୍ୟ । ଅଙ୍ଗାର ମଧ୍ୟରେ ଶୃଙ୍ଗାର, କାଳିମା ମଧ୍ୟରେ ନୀଳିମା , ତୃଷ୍ଣା ମଧ୍ୟରେ ବାସନାକୁ ଆଦରିଆଣି ମୁଁ ବଂଚିଛି ଏକ ଝରା ସେଫାଳୀର ବାସ୍ନା ନେଇ । ପ୍ରଥମେ ମୁଁ କହିବି ମହାଭାରତର ଆଦିପର୍ବରେ ମୋତେ ବ୍ୟାସଦେବ ରୋମାଂଟିକ ପ୍ରେମର ଉପାଖ୍ୟାନ ମଧ୍ୟରେ ମୋର ପରିଚୟକୁ ସୀମିତ ରଖିଛନ୍ତି । ଦୁଷ୍ମନ୍ତଙ୍କର ଦୁଇଜଣ ପତ୍ନୀ । ପ୍ରଥମ ପତ୍ନୀ ଲକ୍ଷଣାଙ୍କ ଗର୍ଭରୁ ଜାତ ସଂତାନ ନାମ ଜନ୍ମେଜୟ ଏବଂ ଦ୍ୱିତୀୟ ପତ୍ନୀ ଶକୁନ୍ତଳାଙ୍କ ଗର୍ଭରୁ ଜାତ ସନ୍ତାନ ନାମ ଭରତ । ମୋର ପ୍ରକୃତ ରୂପ ମହାଭାରତର ଶକୁନ୍ତଳା । ପୁରୁଷକୈନ୍ଦ୍ରିକ ପରିବାର ଓ ନାରୀ କୈନ୍ଦ୍ରିକ ପରିବାର ମଧ୍ୟରେ ଭାରତ ବର୍ଷରେ ମାତୃକୈନ୍ଦ୍ରିକ ପରିବାର ବେଶୀଦିନ ତିଷ୍ଠି ରହି ପାରିନାହିଁ । ଜଣେ ସ୍ୱାଧୀନଚେତା ନାରୀକୁ ସମାଜର କାଠଗଡ଼ା ଭିତରେ ଗୃହବଧୂରେ ରୂପାନ୍ତରିତ କରିଛି ଏହି ପୁରୁଷ ପ୍ରଧାନ ସମାଜ । କିନ୍ତୁ ବାଣୀପୁତ୍ର କାଳିଦାସ ଅଭିଜ୍ଞାନ ଶକୁନ୍ତଳମ୍ ନାଟକରେ ମୁଁ ଏକା ରୋମାଂଟିକ୍ ନାୟିକା । ମାଳିନୀ ନଦୀ କୂଳରେ କଣ୍ୱମୁନିଙ୍କର ଆଶ୍ରମ । ସେହି ଆଶ୍ରମରେ ମୁଁ ସୁଶ୍ରୀ କିଶୋରୀ । ମୃଗୟା ଉଦ୍ଦେଶ୍ୟରେ ଆସିଥିବା ଦୁଷ୍ମନ୍ତଙ୍କ ଅପଲୋକ ନେତ୍ରରେ କିଛି ସମୟ ପାଇଁ ମୁଁ ପ୍ରେମ ରଜ୍ଜୁରେ ବାନ୍ଧି ହୋଇ ଯାଇଛି । ଲଜ୍ଜାନମ୍ରା କିଶୋରୀର ପ୍ରେମାନୁରାଗକୁ ଏକ ନିଆରା ଢଙ୍ଗରେ ମହାକବି କାଳିଦାସ ଉପସ୍ଥାପନ କରିଛନ୍ତି । ଏହି ପ୍ରେମ ବର୍ଷାଭିଜା କଦମ୍ବର ପ୍ରେମ ନୁହେଁ, ନିରୋଳା ଅନୁରାଗ ପ୍ରଣୟର ପ୍ରେମ ନୁହେଁ କିନ୍ତୁ ଏକ ବାସ୍ତବବାଦୀ ଭାବନା ସହିତ ଇନ୍ଦ୍ରିୟୋତର ବେଦନାବୋଧର ଏକ ଚମତ୍କାର ସମ୍ମିଶ୍ରଣ ।

ପ୍ରେମ ସ୍ୱର୍ଗୀୟ, ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ ଓ ପ୍ରେମହିଁ ଅମୃତ ପୁଣି ଦୁଇଟି ହୃଦୟର ମିଳନକୁ ପ୍ରେମ କୁହାଯାଏ । ନାରୀଦେହ ବାସ୍ନାରେ ସାରସ୍ୱତ ସାଧକମାନେ ପ୍ରେମକୁ ଯେତେକ ରୋମାଂଟିକ କରନ୍ତି ସେତକ ମଧ୍ୟ ବାସ୍ତବବାଦୀ

କରାଇବା ପାଇଁ ଚେଷ୍ଟା କରନ୍ତି । ମହାଭାରତର ଶକୁନ୍ତଳା କିନ୍ତୁ ଏକ ଭିନ୍ନ ଢଙ୍ଗର । ସେ ଦୃଢ଼ ଭାବରେ ନିଜ ଇଚ୍ଛା ଅନିଚ୍ଛାର କଥାକୁ ଉପଲବ୍ଧି କରିଛି । ପ୍ରତିବାଦ ଜଣାଇବା ପାଇଁ ଆଦୌ ସେ କୁଣ୍ଠା ପ୍ରକାଶ କରିନାହିଁ । ଯେକୌଣସି କାବ୍ୟ ବା କବିତା ସେ ସମୟର ସାମାଜିକ ଚାଲିଚଳନକୁ ନେଇ ରଚନା କରାଯାଏ । ମହର୍ଷି ବ୍ୟାସଦେବ ଓ ଗୁପ୍ତଯୁଗର ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜ ସଭାର ସଭାକବି ପଣ୍ଡିତ ଶ୍ରେଷ୍ଠ କାଳି ଦାସ ଉଭୟଙ୍କ ସମୟ ନିରୂପଣ ମଧ୍ୟରେ ସେହି ସମୟର ନାରୀ ସାମାଜିକ ସ୍ଥିତିକୁ ନେଇ ସେ ଶକୁନ୍ତଳାକୁ ବିଭିନ୍ନ ରୂପରେ ଅବତାରଣା କରିଛନ୍ତି । ମହାକବି କାଳିଦାସଙ୍କ ଅତିପ୍ରିୟଗ୍ରନ୍ଥ ଅଭିଜ୍ଞାନ ଶକୁନ୍ତଳମ୍‌ରେ ମହାରାଜା ଦୁଷ୍ମନ୍ତ ଆଶ୍ରମବାସିନୀ ଶକୁନ୍ତଳାଙ୍କ ପ୍ରେମରେ ଅଧୀର ହୋଇ କାଳ ବିଳମ୍ବ ନକରି ବିବାହ ପ୍ରସ୍ତାବ ଆଗତ କରିଛନ୍ତି । ସାଧାରଣତଃ ଆଶ୍ରମ ବାସିନୀ ସୁଶ୍ରୀ ତରୁଣୀମାନେ ପ୍ରତ୍ୟକ୍ଷ ନହେଲେବି ପରୋକ୍ଷରେ ସୁନ୍ଦର ତରୁଣ ଦେଖିଲେ ପ୍ରେମ ପ୍ରାର୍ଥନା କରିଥାଆନ୍ତି ଏହା ଏକ ସ୍ୱାଭାବିକ ଘଟଣା । କେବଳ ଏତକ କୁହାଯାଇ ପାରେ ଆଶ୍ରମବାସିନୀ ଶକୁନ୍ତଳା ଦୁଷ୍ମନ୍ତଙ୍କ ଆଖିରେ ଏକ କ୍ରୀଡ଼ନକ ହୋଇ ଯାଇଛନ୍ତି ସେହିସମୟରେ । ସାଇମନ୍ ଡି.ବିଭୋର କହନ୍ତି-ନାରୀର ସ୍ୱାତନ୍ତ୍ର୍ୟତା ତାକୁ ନାରୀତ୍ୱର ପ୍ରତିଭାରେ ବିମଣ୍ଡିତ କରେ । ସମସ୍ତ ପ୍ରତିଭାର ନାରୀତ୍ୱର ସ୍ୱାଭିମାନ ହିଁ ତାର ଅସ୍ମିତା । ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ନିଜର ଅସ୍ମିତାକୁ ବଜାୟ ରଖିବାକୁ ସତତ ଚେଷ୍ଟିତ । ସବୁ ମୁକ୍ତତା ଓ ସ୍ୱାଚ୍ଛନ୍ଦତା ମଧ୍ୟରେ ନିଜ ପାଇଁ ଲକ୍ଷ୍ମଣର ତିନିଗାର ଟାଣିଦେଇଥାଏ,ଯାହାକୁ ଡେଇଁଲେ ଆତ୍ମମର୍ଯ୍ୟାଦା ବାଧା ପ୍ରାପ୍ତ ହେବାର ଭୟ ଥାଏ । କିନ୍ତୁ ଆଶ୍ରମବାସିନୀ ଶକୁନ୍ତଳା ଆଉ ପାଦେ ଆଗକୁଯାଇ ପ୍ରେମରେ ଆଉଟି ପାଉଟି ହୋଇଛନ୍ତି । କବିଙ୍କ ଭାଷାରେ- "କି ଏକ ଅପୂର୍ବ ମାୟାରେ ମୁଁ ଛନ୍ଦି ହୋଇ ଯାଉଛି ଅପାର୍ଥିବ ମହକରେ ରୁନ୍ଧି ହୋଇ ପଡୁଛି ମୋର ସମସ୍ତ ଇନ୍ଦ୍ରିୟ ।" ଗଭୀର ଆତ୍ମପ୍ରତ୍ୟୟର ଏକ ମନୋଜ୍ଞ ପରିପ୍ରକାଶ ଶକୁନ୍ତଳା ଏକଥା କବି କାଳିଦାସ ବେଶ୍ ଭଲଭାବରେ ଉପଲବ୍ଧି କରିଛନ୍ତି । କିନ୍ତୁ ବିନାଶ୍ରୟେ ନ ବର୍ତ୍ତନ୍ତି କବିତା ବନିତା ଲତା ଏହି କଥାରୁ ସେ ଓହରି ଯାଇନାହାଁନ୍ତି । କାଳଜୟୀ କାବ୍ୟ ମହାଭାରତରେ

ଶକୁନ୍ତଳା ଏକ ଅଭିନବ ଚରିତ୍ରର ଆକର୍ଷଣ । କାମନାତାଡ଼ିତ ଦୁଷ୍ମନ୍ତକୁ ବିବାହ କରିବା ପୂର୍ବରୁ ଶକୁନ୍ତଳା କିଛି ସର୍ତ୍ତ ଆରୋପ କରିଛନ୍ତି । ସେହି ସର୍ତ୍ତଟି ହେଲା ଶକୁନ୍ତଳା ଗର୍ଭରୁ ଜାତ ପୁତ୍ର ଦୁଷ୍ମନ୍ତଙ୍କ ଉତ୍ତରାଧିକାରୀ ରାଜସିଂହାସନରେ । ଶକୁନ୍ତଳୀୟମ୍ ନାଟକରେ ଶକୁନ୍ତଳା କିଶୋରୀ କିନ୍ତୁ ଅଭିନବ ଯୌବନର କାଉଁରୀ ସ୍ୱର୍ଗରେ ସେ ସ୍ୱର୍ଗ କାତରା । ଶକୁନ୍ତଳାଙ୍କ ଦୁଇ ସଖୀ ଅନସୂୟା ଓ ପ୍ରିୟବଂଦା ରୋମାଂଟିକ ସ୍ୱପ୍ନ ମଧ୍ୟରେ ବୁଡ଼ି ରହିଛନ୍ତି । କବିଗୁରୁ ରବୀନ୍ଦ୍ରନାଥଙ୍କ ଏକ ଉକ୍ତି ଉଦ୍ଧାର କରାଯାଇପାରେ "ତିନ୍ ଟି ସଖୀ ଜଖନ୍ ଜଲେର ଘଟ୍ ଲଇୟା ଅକାଲ୍ ବିକଶିତ ନବମାଲତୀର ତଲେ ଆସିୟାଁ ଦାଣ୍ଡାଇଲ ତଖନ ଦୁଷ୍ମନ୍ତକି ଏକା ଶକୁନ୍ତଲାକେ ଭାଲୋବାସିୟା ଛିଲେନ ?"କଳ୍ପନା ଭିତରେ କାବ୍ୟିକ ସରସତା ଲୁଚିରହେ । କଳ୍ପନା ନଥିଲେ ଶ୍ଲୋକ ରଚନା ଅସଂଭବ । କାଳିଦାସ ସେଥିରୁ ବାଦ୍ ପଡିନାହାଁନ୍ତି ।

ମହାଭାରତ ଏହି ଦୁଇ ନାରୀଙ୍କ ସଂପର୍କରେ ନୀରବତା ଅବଲମ୍ବନ କରିଛି । ମହାଭାରତର ଶକୁନ୍ତଳା ନିଜେ ହିଁ ଦୁଷ୍ମନ୍ତଙ୍କ ପାଦ ଅର୍ଘ୍ୟ । ସେ ଅତିଥି ସତ୍କାରର କେନ୍ଦ୍ରବିନ୍ଦୁ । ମହାଭାରତର ଉପକଥାକୁ ଆଶ୍ରୟ କରି ଅଭିଜ୍ଞାନ ଶକୁନ୍ତଳମ୍ ରଚିତ ମାତ୍ର କେତେକ ସ୍ଥଳରେ ବ୍ୟତିକ୍ରମ କବି କଳ୍ପନାର ଚାତୁରୀ । ଗୁପ୍ତ ଯୁଗରେ କନ୍ୟା ମାନଙ୍କର ସ୍ୱାମୀ ବ୍ୟତିତ ଅନ୍ୟକୌଣସି ପନ୍ଥା ନ ଥିଲା । ପରବର୍ତ୍ତୀ ସମୟରେ ଏହାର ରୂପାନ୍ତରିତ ହୋଇଛି ପ୍ରଣୟ ବଲ୍ଲରୀ କାବ୍ୟରେ- *"ସ୍ୱାମୀ ଯେବେ ରୋଷ କରିବେ ଅଥବା କରିବେ ଯଦି ଭର୍ତ୍ସନା / ସେ ଦୋଷ ନଘେନି ନତ ଶିରେ ସହି କରିବୁ ତାଙ୍କ ଅର୍ଚ୍ଚନା / ଶାଶୁଙ୍କ ଚରଣ ସେବୁଥିବୁ ନିତି ଗୃହର ଦେବତା ମଣି/ଶାଶୁଟି ସ୍ୱାମୀର ପୂଜା ସିଂହାସନ ସର୍ବ ସଂପଦର ଖଣି / ସ୍ୱାମୀଙ୍କ ଭୋଜନ ପରେତୁ ଭୁଂଜିବୁ ଶୋଇବୁ ଶୟନ ପରେ /ସ୍ୱାମୀଙ୍କର ଶଯ୍ୟା ତେଜିବା ପୂର୍ବରୁ ଉଠୁଥିବୁ ପ୍ରତ୍ୟୁଷରେ /"* ପ୍ରିୟତମା ପ୍ରିୟତମ ବିଚ୍ଛେଦରେ କହୁଥିଲା- "ବାଟବଣା କରେ ମୋତେ ଆଜିତୁମ ପ୍ରେମର ପାର୍ବଣ ସଂଧ୍ୟା/ମଧୁପ ଗାଇଲେ ଆନମନା ତୁମେ କୁଆଁରୀ ଚପଳ ଛନ୍ଦା ।" *ବିରହ ଯୂଇରେ ଅନ୍ତର ଜଳୁଛି ଏହି ମୋର ପରିଚୟ/ମରି ସାରିଛି ମୁଁ ବିରହ ଅନଳେ*

ବଂଚିବାର ଅଭିନୟ ।" ଅଭିଜ୍ଞାନ ଶକୁଂତଳମ୍ ନାଟକର ଚତୁର୍ଥ ଅଙ୍କରେ ଶକୁନ୍ତଳାଙ୍କ ଦୁଷ୍ମନ୍ତଙ୍କ ସହିତ ଗାନ୍ଧର୍ବ ବିବାହ ଜାଣିଲାପରେ ଦୁଇ ଶିଷ୍ୟ ଶାଙ୍ଗର୍ରବ ଓ ଶାରଦୂତଙ୍କ ସହିତ ଶକୁନ୍ତଳାଙ୍କୁ ପଠାଇଛନ୍ତି ପତିଗୃହକୁ । କେବଳ ଏତକ କହିଲ ଯଥେଷ୍ଟ ହେବ ଯେ ବିବାହ ଏକ ସାମାଜିକ ପ୍ରଥା, ପୁରୁଷ ଏବଂ ନାରୀ ଦୁଇଟି ହୃଦୟକୁ ଏକୀକରଣର ମାଧ୍ୟମ ।"ପ୍ରେମ ବିଶୁଦ୍ଧତମ ହୁଏ କାମର ଚରିତାର୍ଥରେ,କାମ ବିଶୁଦ୍ଧତମ ହୁଏ ପ୍ରେମର ଉତ୍ତୀର୍ଣ୍ଣତାରେ,ଦୈହିକ ମିଳନରେ ପ୍ରେମର ଚରମ ଆତ୍ମସମର୍ପଣ ଘଟିଥାଏ । ଆହୁରି ମଧ୍ୟ କବିମାନେ କହନ୍ତି-ଅନ୍ୟା ତୁମେ,କନ୍ୟାତୁମେ,ଅକ୍ଷତ ଯୋନି,ଚତୁର୍ବରା ମାଧବୀ ପରି ତୁମେ ସବୁବେଳେ କୁମାରୀ,ତୁମେ ଆଦିମ,ମଧ୍ୟମା,ଅନ୍ତିମା ଓ ପରମା ।"କନ୍ୟାର ପତିଗୃହ ଯାତ୍ରାବେଳେ ବାସ୍ତବିକ ଯେକୌଣସି ପିତା ଆଖିରେ ଲୁହ ଭରି ଯିବ ସେଥିରୁ ବା କଣ୍ୱ ମୁନି ବାଦ୍ ପଡି ଥା'ନ୍ତେ କେମିତି ? କାଳିଦାସଙ୍କ ଦୃଷ୍ଟିରେ ଶକୁନ୍ତଳା ମହାଭାରତର ଶଙ୍କୁନ୍ତଳା ଠାରୁ ବର୍ଣ୍ଣନାନୀତ । ମହାଭାରତ ଅନୁଯାୟୀ କଣ୍ୱଙ୍କ ଆଶ୍ରମରେ ଶକୁନ୍ତଳା ପୁତ୍ରକୁ ଜନ୍ମ ଦେଲାପରେ ଦୁଷ୍ମନ୍ତଙ୍କ ରାଜ ସଭାରେ ଛଅ ବର୍ଷ ପରେ ପହଁଚିଛନ୍ତି । ମାତ୍ର ସ୍ୱାମୀ ପରିତ୍ୟକ୍ତା ହୋଇ ଋଷିଙ୍କ (ବ୍ୟାସଦେବ) ଆଶ୍ରମରେ କାଳାତିପାତ କରିଛନ୍ତି । ଗୁପ୍ତ ଯୁଗ ସହିତ ମହାଭାରତର କାଳ ନିର୍ଣ୍ଣୟ ଯଥେଷ୍ଟ ଉର୍ଦ୍ଧ୍ୱରେ । ଯୀଶୁ ଖ୍ରୀ.ଙ୍କ ଜନ୍ମର ଦୁଇଶହ ବର୍ଷ ପୂର୍ବରୁ ଏ ସମସ୍ତ ଘଟଣା କାହାଣୀ ଆକାରରେ ରହିଛି । କିମ୍ବଦନ୍ତୀକୁ ସଂକଳନ କଲାବେଳେ କିଛି ପରିବର୍ତ୍ତନ ରହିବା ସ୍ୱାଭାବିକ । କାଳିଦାସଙ୍କ ଅଭିଜ୍ଞାନ ଶକୁନ୍ତଳମ୍,ମେଘଦୂତମ୍ କିମ୍ବା ମାଳବିକାଗ୍ନିମିତ୍ରମ୍ ଆଦିରେ ନାରୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ମହାଭାରତର ଶକୁନ୍ତଳା ଅଶ୍ରୁବିସର୍ଜନ କରିନାହାଁନ୍ତି ବରଂ ସ୍ୱାମୀଙ୍କ ସହିତ ଯୁକ୍ତି ବାଢିଛନ୍ତି ।"ଯେପରି ପୁତ୍ରର ଦାୟିତ୍ୱ ନେବା ପାଇଁ ଏତେ ଅନିଚ୍ଛୁକ କାହିଁକି ?"ବ୍ୟାସଙ୍କ ନାରୀ ସ୍ପଷ୍ଟବାଦିତା । ବ୍ୟାସଦେବ ଓ କାଳିଦାସଙ୍କ ଦୃଷ୍ଟିରେ ଭରତ ଭଳି ପୁତ୍ରର ଦୁଷ୍ମନ୍ତ ଓ ଶକୁନ୍ତଳା ଜନକ ଜନନୀ । ଭରତଙ୍କ ନାମାନୁସାରେ ଭାରତବର୍ଷ ମୁନିଋଷିଙ୍କର ଦେଶ । ଏହାର ସଂସ୍କୃତି ସୁଦୂର ପ୍ରସାରୀ ଏବଂ ଯୁଗେ ଯୁଗେ ଏହିଦେଶ ଯବନ ଓ ଶକ ମାନଙ୍କର ଅତ୍ୟାଚାରକୁ

ସହିନେଇଛି ଏବଂ ଭାରତୀୟ ନାରୀ ଯୁଗେ ଯୁଗେ ଆଦର୍ଶ ମହିମାରେ ମହିମାନ୍ୱିତା । କିନ୍ତୁ ମନୁସ୍ମୃତି ସମୟରେ ନାରୀ ସ୍ୱାଧୀନତାକୁ ଅପହରଣ କରିନିଆଯାଇଛି । ସତେ ଯେପରି ସ୍ୱାଧୀନତା ବ୍ୟାପାରରେ ନାରୀର କୌଣସି ଅଧିକାର ନାହିଁ । ପୁରୁଷକୈନ୍ଦ୍ରିକ ପରିବାର ଭିତରେ ନାରୀକୁ କ୍ରୀଡନକ ସଜାଇ ଦିଆଯାଇଛି । କିନ୍ତୁ କାଳିଦାସଙ୍କ ଦୃଷ୍ଟିରେ ଶକୁନ୍ତଳା ପରି ନାରୀ ମାନେ ସମ୍ମାନନୀୟା ଓ ପୂଜାଯୋଗ୍ୟା । ନାରୀମାନେ ଚିରକାଳ ପିତୃଆଳୟରେ ବାସ କରିବା ଅବିଧେୟ । ବ୍ୟାସଦେବ କିନ୍ତୁ ଏହାକୁ ମାନିବାକୁ ନାରାଜ । କଣ୍ୱ ଆଦେଶ କରନ୍ତି ଶାଙ୍ଗରବ ଓ ଶାରଦୂତ ନାମକ ଶିଷ୍ୟଙ୍କୁ - "ତୁମେ ଶକୁନ୍ତଳାଙ୍କୁ ତାଙ୍କ ପିତୃଗୃହକୁ ନେଇଯାଅ ।"ଉଭୟଙ୍କ ସାକ୍ଷାତ ପରେ ପରସ୍ପର ଯୁକ୍ତିତର୍କ ଆଉ ଦୁଷ୍ମନ୍ତ ଚିହ୍ନି ପାରି ନାହାଁନ୍ତି ଶକୁନ୍ତଳାକୁ ।" ଏଠି ତୁମର ସ୍ଥାନ ନାହିଁ ତୁମେ ଯେଉଁଠିକି ଇଚ୍ଛା ଯାଇପାର ।" ଗାନ୍ଧର୍ବ ବିବାହକୁ ଗୁପ୍ତଯୁଗର ବ୍ରାହ୍ମଣ୍ୟଧର୍ମ ଗ୍ରହଣ କରିଛି । ବ୍ୟାସଦେବ କହନ୍ତି-"ସକାମା ସ୍ତ୍ରୀ ସହିତ ନିର୍ଜନରେ ସକାମ ପୁରୁଷ ସହିତ ଯେଉଁ ବିବାହ ହୁଏ ତାହା ହିଁ ଗାନ୍ଧର୍ବ ବିବାହ । "ନାରୀର କାମ ଭାବନାକୁ ସ୍ୱାଭାବିକ ଭାବେ ଗ୍ରହଣ କରିନେଇଛନ୍ତି ବ୍ୟାସଦେବ । ଯେତେବେଳେ ଆକାଶ ମାର୍ଗରୁ ଭାସି ଆସିଲା ଦୈବବାଣୀ-"ମାତା ଚର୍ମକୋଷ ସ୍ୱରୂପ,ପିତା ହିଁ ପୁତ୍ର ରୂପରେ ଜନ୍ମ ପରିଗ୍ରହ କରନ୍ତି । ହେ ଦୁଷ୍ମନ୍ତ ! ତୁମେ ପୁତ୍ରକୁ ପ୍ରତିପାଳନ କର,ଶକୁନ୍ତଳାଙ୍କୁ ଅବମାନନା କରନାହିଁ ।" ଦୁଷ୍ମନ୍ତଙ୍କ କଥା ଚିନ୍ତା କରି ଶକୁନ୍ତଳା ଅତିଥି ଦୁର୍ବାସାଙ୍କ ପ୍ରତି ଅତିଥି ସତ୍କାର କରିପାରି ନାହାଁନ୍ତି ଫଳରେ ସେ ଅଭିଶପ୍ତା । ଦୁଇ ଜଣଙ୍କର ମିଳନବେଳେ ଯଦି କିଛି ଅଭିଜ୍ଞାନ ପ୍ରଦର୍ଶନ କରିବେ ତାହା ହେଲେ ସେ ଅଭିଶାପରୁ ମୋଚନ ହେବେ । ମୁଦ୍ରିକାର ପରିଚୟ ଉଭୟଙ୍କୁ ପ୍ରେମ ଫାଶରେ ବାନ୍ଧିଦେଇଛି । ପ୍ରସିଦ୍ଧ ଐତିହାସିକ ରୋମିଲା ଥାପ୍ପର ତାଙ୍କର ଶକୁନ୍ତଳା ଟେକ୍ସସ,ରିଡିଂସ୍ ଏନ୍ଡ ହିଷ୍ଟ୍ରିଜ୍ ଐତିହାସିକ ତଥ୍ୟାରୋପ କରିଛନ୍ତି -ଭାରତକୁ ଗ୍ରୀକ ମାନଙ୍କ ଆଗମନପରେ ମୁଦ୍ରିକା ଫ୍ୟାସନ ପ୍ରଚଳିତ । ସୁତରାଂ ମୁଦ୍ରିକା ଉପାଖ୍ୟାନମ୍ କାଳିଦାସଙ୍କୁ ବହୁଶାସ୍ତ୍ର ଦର୍ଶିତାର ପରିଚୟ ଦିଏ । ପରବର୍ତ୍ତୀ ପର୍ଯ୍ୟାୟରେ ଭାରତୀୟ କବିମାନେ ଶକୁନ୍ତ ଲାବଣ୍ୟ ନାରୀ

ମାନଙ୍କୁ ତାଙ୍କର କାବ୍ୟ କବିତାରେ ଯଥେଷ୍ଟ ସମ୍ମାନ ପ୍ରର୍ଦଶନ କରି ନାରୀକୁ ସବୁଜ ସୁନ୍ଦରୀ,ଦିଗଂବରୀ କେତେବେଳେ ପୁଣି କୁହୁଡ଼ିର କୁଳେ କୁଳେ କଅଁଳ କୁରେଇଁ କାନନର ସଦ୍ୟସ୍ନାତା ସହଜ ସୁନ୍ଦରୀ ସଜାଇ ଥା'ନ୍ତି । ଗ୍ରୀକ୍ ଯବନ ଓ ଭୁମଧ୍ୟ ସାଗରୀୟ ବାଣିଜ୍ୟ ସହିତ ଗୁପ୍ତ ରାଜ ସଭାର କବିଙ୍କର କଳାତ୍ମକ ପରିପାଟୀ ବେଶ୍ ସ୍ୱାଭାବିକ । ମେଘଦୂତମ୍ ପରି କାବ୍ୟରେ ଯକ୍ଷ ପତ୍ନୀଙ୍କ ଦୃଶ୍ୟ ଓ ଯକ୍ଷ ପୁରୁଷର ବିରହ ଯେତେକ ପ୍ରାଧାନ୍ୟ ଲାଭ କରିଛି ଅଭିଜ୍ଞାନ ଶକୁନ୍ତଳମ୍ ରେ ସେହିପରି ରୂପସୀ ଲଲାମ ଶକୁନ୍ତଳା ପରି ନାରୀର ପୁରୁଷ ଆସକ୍ତ ପ୍ରାଣ ପାଠକଙ୍କ ପାଇଁ ମର୍ମସ୍ପର୍ଶୀ ହୋଇ ପାରିଛି । ମାତ୍ର ବ୍ୟାସଦେବଙ୍କ ଶକୁନ୍ତଳା ଓ ଦୁଷ୍ମନ୍ତଙ୍କ ଶକୁନ୍ତଳା ସାମାଜିକ ପରିବେଷ୍ଟନୀରୁ ତ୍ରିଗାର ଅତିକ୍ରମ କରିନାହାଁନ୍ତି । ପ୍ରେମନୁହେଁ ପୁତ୍ରଲାଭର ନାଟକ ଏହାହିଁ ପରିଚୟ ଦିଏ ଅଭିଜ୍ଞାନଶକୁନ୍ତଳମ୍ । ରାଜ ସଭାରେ ଶକୁନ୍ତଳା କିଛି ସମୟ ପାଇଁ କାନ୍ଦିଛି କିନ୍ତୁ ସଙ୍ଗେ ସଙ୍ଗେ ତାଙ୍କ ଜନନୀ ମେନକା ଉପସ୍ଥିତ ହୋଇ କନ୍ୟାକୁ ହିମାଳୟ ନେଇଯାଇଛନ୍ତି । ଯୁଦ୍ଧରେ ଦାନବ ମାନଙ୍କୁ ବିନାଶକରି ଦୁଷ୍ମନ୍ତ ମାରୀଚ ଆଶ୍ରମରେ ପହଁଚି ନିଜର ଭୁଲପାଇଁ କ୍ଷମା ମାଗିନେଇଛନ୍ତି । ସେତେବେଳେ ପତିସୁହାଗିନୀ ଶକୁନ୍ତଳାଙ୍କ କଣ୍ଠରେ ପଦଟିଏ ଉଚ୍ଚାରିତ ହୁଏ- "ଏତେଦିନ ପରେ ଶକୁନ୍ତଳାଙ୍କୁ ସ୍ମରଣ କରି ମୋର ପାର୍ଥିବପ୍ରେମକୁ ଉଜ୍ଜୀବୀତ କରିଅଛ ।" ଦୁଃଖବୋଧର ଚତୁର୍ଥ ଉପାଦାନ ପ୍ରେମ । ଅନୁରାଗର ମନ୍ତ୍ରରେ ପ୍ରୀତିର ବୀଜ ମନ୍ତ୍ରକୁ ହୃଦୟରେ ଅଲେଖା କାଗଜରେ ଲେଖିଦେଇ ଶକୁନ୍ତଳା ଆଉ ଲିଭାଇ ପାରିନାହିଁ କାଳ କାଳ ଧରି । ଶକୁନ୍ତଳା ପାଇଁ ପ୍ରୀତିର ରଜନୀଗନ୍ଧା ମେଘମହ୍ଲାରର ଗୀତ ଗାଉଥିଲା ସବୁଦିନେ ପାଇଁ ।

ସଂପାଦକ,ନାରାୟଣ ସ୍ମୃତି ସାହିତ୍ୟ ସଂସଦ,
କୋହ୍ନ,ତିହିଡ଼ି,ଭଦ୍ରକ ମୋ. ୯୪୩୭୫୭୪୪୭୨

❐❐❐

ମୃତ ମାନବର ଅମୃତ ଅନ୍ୱେଷା: 'ଫଟାମାଟି'

● ଡକ୍ଟର ମନୋରଞ୍ଜନ ବିଷୋୟୀ



କାଳ କାଳ ଧରି ବିଶ୍ୱଦରବାରରେ ଭାରତ ତା'ର ଆତ୍ମିକ – ଐଶ୍ୱର୍ଯ୍ୟର ଆଭାକୁ ନେଇ ଚିରବନ୍ଦିତ ହୋଇଅଛି । ଭାରତର ଆତ୍ମାରୂପେ ଯାହା ପରିଚିତ ଥିଲା; ତାହା ଯଥାର୍ଥରେ ଥିଲା ଭାରତର ଗ୍ରାମ୍ୟସଂସ୍କୃତି । ସାମୂହିକ ସୂତ୍ରରେ ଆବଦ୍ଧ ଗ୍ରାମ୍ୟସଂସ୍କୃତି ଥିଲା ସହାବସ୍ଥାନର ଏକ ଚୂଡ଼ାନ୍ତ ନିଦର୍ଶନ । ସାମୂହିକତା ସୂତ୍ରରେ ଆବଦ୍ଧ ଏ ସାଧାରଣ ମଣିଷ ପାଇଁ ସୌଭାଗ୍ୟ ଓ ଦୁର୍ଭାଗ୍ୟ ଥିଲା ସାମୂହିକ । କାଳର କରାଳ ଗତିପଥରେ ଗ୍ରାମ୍ୟ ଜୀବନର ସୁଷମା ଓ ସରଳତା ତଥାପି ବି ଲୋପ ପାଇନଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଏପରିକି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅବତୀର୍ଣ୍ଣ ହେଲାବେଳେ ନିଖିଳଗ୍ରାମବାସୀ ଏକ ଅନନ୍ୟ ସ୍ୱପ୍ନନେଇ ଏଇ ଯୁଦ୍ଧରେ ଆତ୍ମବଳୀ ଦେଇଥିଲେ । ସେମାନଙ୍କ ଆଖିରେ ରାମରାଜ୍ୟର ପ୍ରତିଷ୍ଠା ଥିଲା ଏକମାତ୍ର ସ୍ୱପ୍ନ । ସ୍ୱରାଜ୍ୟ ମାଧ୍ୟମରେ ଆଶ୍ରମଯୁଗର ପ୍ରତିଷ୍ଠା ପାଇଁ ହୃଦୟରେ ଭରିରହିଥିଲା ଆବେଗ । ଭାରତବାସୀଙ୍କ ପାଇଁ କିନ୍ତୁ ଭାରତର ସ୍ୱାଧୀନତା ଲାଭ; ଆଣିଥିଲା ଚରମ ବିପର୍ଯ୍ୟୟ । ଧର୍ମକୁ ଆଧାର କରି ଭାରତ ବିଭାଜିତ, ନୃଶଂସ ଗଣସଂହାର ଏବଂ ମହାତ୍ମାଗାନ୍ଧିଙ୍କ ମୃତ୍ୟୁ ପରି ଘଟଣାରେ ସ୍ତବ୍ଧ ଚକିତ ହୋଇଥିଲେ ସମଗ୍ର ଭାରତବାସୀ । ସ୍ୱାଧୀନତାର ସ୍ୱପ୍ନଭଙ୍ଗ ସହ ପରବର୍ତ୍ତୀ ବିପର୍ଯ୍ୟସ୍ତ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଜୀବନ; ବିଶ୍ୱବକ୍ଷରେ ଭାରତର ଅସାରତାକୁ ହିଁ ପ୍ରମାଣିତ କରିଥିଲା । ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସାମାଜିକ ଓ ସାଂସ୍କୃତିକ ଅବକ୍ଷୟ ଏବଂ ସେହି ଧାରାରେ ଉତ୍କଳୀୟ ଜନଜୀବନର ଅନ୍ତଃସାରଶୂନ୍ୟତାକୁ ନେଇ ପରିକଳ୍ପିତ ହୋଇଛି ସୁରେନ୍ଦ୍ର ମହାନ୍ତିଙ୍କ ରାଜନୈତିକ ଚେତନାଭିତ୍ତିକ ସାମାଜିକ ଉପନ୍ୟାସ 'ଫଟାମାଟି' ।

'ଫଟାମାଟି' ସ୍ୱାଧୀନତା ପରବର୍ତ୍ତୀ ଗ୍ରାମ୍ୟଜୀବନର ଏକ ସାର୍ଥକ ପ୍ରତିଲିପି

। ଭାଇ-ବନ୍ଧୁ-କୁଟୁମ୍ବର ନିବିଡ଼ବନ୍ଧନ ଭିତରେ ଉଜ୍ଜଳୀୟ ଗ୍ରାମ୍ୟଜୀବନର ବର୍ଣ୍ଣଳଆଭା, ଦିନେ ମାନବୀୟତାର ମହାମନ୍ତରେ ବିଶ୍ୱକୁ ଚକିତ କରିଥିଲା । କିନ୍ତୁ ସମୟର ପ୍ରବାହରେ ଗ୍ରାମ୍ୟଜୀବନ ଯେପରି ପରିବର୍ତ୍ତିତ ହୋଇଛି; ତା'ରି ପୃଷ୍ଠଭୂମି ଉପରେ ସ୍ରଷ୍ଟାଙ୍କର 'କାଳାନ୍ତର' ଏବଂ ସେହି ଧାରାରେ 'ଫଟାମାଟି' ରୂପଲାଭ କରିଅଛି । 'ଫଟାମାଟି'ର କଥାବସ୍ତୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ କାନୁନ୍‌ଗୋଙ୍କ ଚରିତ୍ରକୁ ନେଇ ବିକାଶଲାଭ କରିଅଛି । ହୃଷୀକେଶ ବି.ଏ. ପଢ଼ିଲାବେଳେ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଛନ୍ତି । ସ୍ୱାଧୀନତା ପ୍ରାପ୍ତିପରେ କ୍ଷମତାବିଳାସୀ ରାଜନୈତିକ ଚରିତ୍ରମାନଙ୍କଠାରୁ ଦୂରରେ ରହି ଦେଶଗଢ଼ିବା ପାଇଁ ଶିକ୍ଷାଦାନ ପରି ପବିତ୍ରକର୍ମକୁ ଆଦରି ନେଇଛନ୍ତି । କନ୍ୟା ସୁଚିତ୍ରା ପ୍ରୋଭିଡ଼େଣ୍ଟ ଫଣ୍ଡର ଅର୍ଥରେ ବିବାହ କରିଛି ଏବଂ ପୁଅ ସରୋଜ ଅବସ୍ଥାପିତ ହୋଇଛି ପ୍ରଶାସନିକ ଅଫିସର ଭାବରେ । ଏକଦା ସରକାରୀ ଚାକିରି ପ୍ରତି ହୃଷୀକେଶଙ୍କର ରହିଥିଲା ଘୃଣା । କାରଣ ତାଙ୍କ ଦୃଷ୍ଟିରେ- ''ଆନ୍ଦୋଳନ ସହିତ ଜଡ଼ିତ ରହି ସେ ବୁଝିଥିଲେ, ଶାସନ କଳ ହେଉଛି ଲୋକପୀଡନ ଓ ଲୁଣ୍ଠନର ଏକ ନିଷ୍ପ୍ରାଣ ଯନ୍ତ୍ର । ଲୋକକଲ୍ୟାଣ ପାଇଁ ସବୁ ଘୋଷଣାର ପରିଣତି । ଏ ଯନ୍ତ୍ର ହାତରେ ହୋଇଥାଏ ଲୋକନିଗ୍ରହ ଆଉ ପ୍ରବଞ୍ଚନା । ଏଥିରେ ଲୋକସଂଗ୍ରହ ଥାଏ ଠିକ୍; ମାତ୍ର ସେଥିରେ ଲୋକ-ଚିକୀର୍ଷା ନଥାଏ । ଶାସନ କଳର ଅବଶ୍ୟ ରଙ୍ଗ ବଦଳେ, ମାତ୍ର ଢଙ୍ଗ ବଦଳେ ନାହିଁ ।''(୧)

ହୃଷୀକେଶ ସହରୀ ଜୀବନ ଭିତରେ ଦେଖିଛନ୍ତି, ପୁତ୍ର ସରୋଜ ଏବଂ ପୁତ୍ରବଧୂ ଅପର୍ଣ୍ଣାଙ୍କର ଛଳନାପୂର୍ଣ୍ଣ ବ୍ୟବହାର । ମନେ ମନେ ଠିକ୍ କରି ନେଇଛନ୍ତି; ଅନ୍ତତଃ କିଛିଦିନ ମଙ୍ଗରାଜପୁରରେ ଅତିବାହିତ କରିବେ ସରଳ ଜୀବନ କିନ୍ତୁ ଗାଁକୁ ଯିବା ରାସ୍ତାରେ ହିଁ ସେ ଅନୁଭବ କରିଛନ୍ତି ପରିବର୍ତ୍ତିତ ଗ୍ରାମ୍ୟ ଜୀବନର ରୂପଚିତ୍ର । ଗାଁ ବସ୍‌ଷ୍ଟାଣ୍ଡରୁ ପରିବର୍ତ୍ତନର ରଙ୍ଗ ତାଙ୍କୁ ବିସ୍ମିତ କରିଛି । ମଙ୍ଗରାଜପୁର ବଜାରରେ ସୁଲକ୍ଷଣା ଡ୍ରେସ୍ ଷ୍ଟୋରରେ ବସିଥିବା ମାଗୁଭାଇଙ୍କୁ ଦେଖି; ସେ ହୋଇଛନ୍ତି ଆହୁରି ଅଧିକ ଆଶ୍ଚର୍ଯ୍ୟ । ଦିନେ ମାଗୁଣି ଜେନା ଥିଲେ ମଙ୍ଗରାଜପୁର ଆଶ୍ରମର ଜୀବନ

ନାଟିକା । ଆଜି କିନ୍ତୁ ବ୍ରା ଆଉ ଗୋଲାପି ରେଡ଼ିମେଡ଼ ଛାୟା ଘେରରେ ଗାନ୍ଧିଟୋପି ଓ ଟିଶଫ୍ରେମ୍ ଚଷମା ପିନ୍ଧି ମାଗୁଭାଇ ଦିଶୁଥିଲେ ଅତି ବିଚିତ୍ର । ଦିନେ ଆନ୍ଦୋଳନରେ ମାଗୁଭାଇଙ୍କ କବାଟ ଚଉକାଠ ସୁଦ୍ଧା ଜୋରିମାନାରେ ନିଲାମ ହୋଇଯାଇଥିଲା । ଆଜି କିନ୍ତୁ ସମୟ ସହିତ ସାଲିସ୍ କରିବାକୁ ସେ ବାଧ ହୋଇଛନ୍ତି । ପୁଣି ତାଙ୍କର ଦେଖାହେଲା ଗୋବିନ୍ଦ ସାମନ୍ତରାଙ୍କ ସହ । କ୍ଷୟିଷ୍ଣୁ ସାମନ୍ତବାଦୀ ପ୍ରଭାବରୁ ସେ ଏଯାବତ୍ ମୁକ୍ତ ହୋଇନାହାଁନ୍ତି । ଗାଁର ଅଚ୍ୟୁତ ମହାନ୍ତି ପେଟୀ ଠିକାଦାରରୁ ଆଜି ଗ୍ରାମର କ୍ଷମତାଶାଳୀ ମଣିଷ । ହୃଷୀବାବୁଙ୍କର ଆସିବା ଖବରରେ ପାର୍ବତୀ ମନରେ ସୃଷ୍ଟିହୋଇଛି ଅନେକ ଚିନ୍ତା । କାଳେ ହୃଷୀବାବୁ ତାଙ୍କ ନିଜର ସମ୍ପତ୍ତି ନେବାପାଇଁ ଆସିଛନ୍ତି; ସେଇ ଡରରେ ସେ ଆସିଛି ଅଚ୍ୟୁତଙ୍କ ପାଖକୁ ମୁକ୍ତିପାଇବାର ମନ୍ତ୍ର ନେବାପାଇଁ । ଅଚ୍ୟୁତଙ୍କ ପରିବା କିଆରିକୁ ଲାଗି ହୃଷୀକେଶଙ୍କର ଯେଉଁ ଅଠରଖଣ୍ଡିଆ ଜମିଖଣ୍ଡେ ପଡ଼ିଛି ତାକୁ ହାତେଇ ନେବାପାଇଁ ଦୁଇଶହ ପାଞ୍ଚଶହ ପାରକୁ ସେ ଧାର ଦେଇଥାନ୍ତି । ହୃଷୀକେଶ ଯଦି ଏବେ ଗାଁରେ ରହନ୍ତି ତା'ର ସବୁସ୍ୱପ୍ନ ଅଚିରେ ମିଳେଇଯିବ ।

ଗାଁରେ ଆସି ପହଞ୍ଚିବା ପରେ ହୃଷୀକେଶ ଅନୁଭବ କରିଛନ୍ତି- ଅତୀତର ସେହି ସ୍ୱପ୍ନବୋଳା ଗାଁ ଆଜି ବିବର୍ଣ୍ଣ । ହୃଷୀକେଶର ଆଖିଆଗରେ ଭାସିଉଠୁଥିଲା ଅତୀତର ସେଇ କଥା; ସେତେବେଳେ ମାଗୁଭାଇ ଆଉ ନିଧିଭାଇଙ୍କ ସାଙ୍ଗରେ ବାନରସେନା ପିଲାମାନେ ହରିଜନସାହିର ଘରେପଶି ହାଣ୍ଡିରୁ ତୋରାଣି ପିଇଥିଲେ । ସେମାନେ ମିଛୁ ମିଶ୍ରଙ୍କ ଦାଣ୍ଡକୂଅରୁ କାଢ଼ିଥିଲେ ପାଣି । ଆଜି ସେ ମାଗୁଭାଇ ହରିଜନଙ୍କ ନାଁ ଶୁଣିଲେ ଦୁଆରବନ୍ଦ କରୁଛନ୍ତି । କ୍ଷୁଦ୍ର ରାଜନୀତି ପାଇଁ ଆଜି ସମାଜ ନଷ୍ଟଭ୍ରଷ୍ଟ । ଗତ ବନ୍ୟାରେ ଗାଁର ଜନତା ହରାଇଛି ସମସ୍ତ ସ୍ୱପ୍ନ । ମୁଖ୍ୟମନ୍ତ୍ରୀ ବିଶୁଦାସ ସଭାଟିଏ କରି ଲୋକଙ୍କ ମନରେ ଆଶାସଂଚାର କରିଛନ୍ତି କିନ୍ତୁ ତା'ପରଠୁ କାହାର ବି ଦେଖାନାହିଁ । ସବର୍ଣ୍ଣ ଅସବର୍ଣ୍ଣଙ୍କ ଭିତରେ ବଢ଼ିଚାଲିଛି ବିଭେଦ । କୃପାଜେନାର ଝିଅ ଲବଙ୍ଗକୁ ସଦାବାଉରି ପୁଅ ସନିଆ ସାଙ୍ଗରେନେଇ ଅନ୍ତର୍ଧାନ ହେବାଦିନୁ ଗାଁରେ ବଢ଼ିଛି ବିବାଦ । ଗାଁର ଗୋବିନ୍ଦ ସାମନ୍ତରା; ହୃଷୀକେଶଙ୍କ ଗାଁ ଆସିବା ଖବରପାଇ ମଧ୍ୟ ଚିନ୍ତିତ । ତାଙ୍କ

ଅତୀତକୁ ମନେ ପକାଇବା ସହ ଗାଁରେ ସୃଷ୍ଟି ହୋଇଥିବା ଏ ଅନାହୂତ କାଣ୍ଡରେ ସତେ ଯେପରି ହୋଇ ଯାଇଥିଲେ ସ୍ତବ୍ଧ । ପୋଲିସ ଗାଁରେ ଆସି ଆଖିବୁଜା ଆରେଷ୍ଟ ଆରମ୍ଭ କରିଥିଲା । ଦୁଇଗୋଷ୍ଠୀଙ୍କ ସଂଘର୍ଷ ଭିତରେ ଉଦ୍ଧବ ମୃତ୍ୟୁକୁ ବରଣ କରିସାରିଥିଲା । ନିଜ ଘରପିଣ୍ଡାରେ ବସି ହୃଷୀକେଶ ସତେ ଯେମିତି ଆତ୍ମବିସ୍ମୃତ ହୋଇପଡ଼ିଥିଲେ । ପୋଲିସ ଅପ୍ରତ୍ୟାଶିତ ଭାବରେ ପହଞ୍ଚି; ଆରେଷ୍ଟ କଲେ ହୃଷୀକେଶ ବାବୁଙ୍କୁ । ଜିପ୍ ଭିତରକୁ ଉଠିଲାବେଳେ ହୃଷୀକେଶଙ୍କ ଦୀର୍ଘଶ୍ୱାସ ଯେପରି କହୁଥିଲା-''ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଏ ଦେଶରେ କୋଟି କୋଟି ଶୋଷିତ ଅତ୍ୟାଚାରିତଙ୍କର ଏଇପରି ମର୍ମଭେଦୀ ଦୀର୍ଘଶ୍ୱାସ ଅନ୍ତଃସ୍ଥଳରୁ ଉଠି ଶୂନ୍ୟରେ ନିଃଶବ୍ଦରେ ମିଶିଯାଉଛି । ସେ ଦୀର୍ଘଶ୍ୱାସ ସବୁ ଏକାଠିମିଶି ଝଞ୍ଝା ପ୍ରଭଞ୍ଜନ ବେଗରେ ପାଗଳ ଘୂର୍ଣ୍ଣିପରି ଉତ୍ତଳା ହେଉନାହିଁ । ସମୁଦ୍ରରେ ଟାଇଫୁନ୍ ଉଠୁନାହିଁ । ଭୂମିକମ୍ପ ହେଉନାହିଁ । କିନ୍ତୁ ଏସବୁ ଦିନେ ଘଟିବ, ନିଶ୍ଚୟ ଘଟିବ - ହୃଷୀକେଶ ସେଦିନ ଆଖିରେ ଦେଖିବା ପାଇଁ ହୁଏତ ବଞ୍ଚିନଥିବେ ! କିନ୍ତୁ ଇତିହାସରେ ସେ ଅଲଂଘନୀୟ ଗତି ଓ ପରିଣତିକୁ କେହି ରୋକି ପାରିବେନାହିଁ ।''[୨] ହୃଷୀକେଶ ଥାନା ପରିସରରେ ମନେ ମନେ ଯେପରି ସଂକଳ୍ପ ନେଉଥିଲେ- ଗାଁ ଛାଡ଼ି ସେ ଆଉ ସହରକୁ ଫେରିବେ ନାହିଁ । ଗାଁରେ ରହି ସେ କରିବେ ଏ ସଂକଟର ମୁକାବିଲା । ଆକସ୍ମିକ ଭାବରେ ଥାନାରେ ପହଞ୍ଚିଛନ୍ତି ଏସ୍.ପି. ସଦାନନ୍ଦ ଚୌଧୁରୀ । ଏକଦା ସଦାନନ୍ଦ ଥିଲେ ହୃଷୀକେଶଙ୍କ ଛାତ୍ର । ହୃଷୀକେଶ ଛାଡ଼ ପାଇଛନ୍ତି ପୋଲିସ କବଳରୁ । ସାଙ୍ଗରେ ଅନାମକୁ ମଧ୍ୟ ମୁକ୍ତକରି ଆସିବା ବାଟରେ କହିଛନ୍ତି- ଆଉ ସହରକୁ ଫେରିବି ନାହିଁ । ଦାଣ୍ଡ ସାହି ଲଟାରେ ଆରମ୍ଭ କରିବି ଆଶ୍ରମ । ମଣିଷ ଚରିତ୍ର ସୁଧାରିବା ହେବ ଆଶ୍ରମର ଲକ୍ଷ୍ୟ । ଦୁଇ କରଯୋଡ଼ି ହୃଷୀକେଶ ସକାଳ ସୂର୍ଯ୍ୟକୁ ପ୍ରାର୍ଥନା କରୁଥିଲେ -''ହେ ସୂର୍ଯ୍ୟ ! ହେ ଦିବାକର ! ଆମ ପାଇଁ ଆଜି ଗୋଟାଏ ନୂଆ ସକାଳ ଦିଅ ! ତୁମର ଆଲୋକରେ ଆମେ ଯେପରି ପ୍ରଥମେ ନିଜକୁ ଚିହ୍ନିପାରୁ ।''[୩]

'ଫଟାମାଟି' ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ସାମାଜିକ ଜୀବନର ଯେପରି ଏକ ଫଟାକପାଳର ରୂପଚିତ୍ର । ମଧ୍ୟରାତ୍ରିର ସ୍ୱାଧୀନତା ସତେ ଯେମିତି ତମିସ୍ରା ଭିତରୁ

କାନରେ ପଡ଼ିଛି ପାର୍ବତୀ ସାହି ସାହି ବୁଲି କହୁଛି- ଭାଇଙ୍କର ସବୁ ସଂପତ୍ତି ମୁଁ ସମ୍ଭାଳିଲି; ଏଇନେ ସେ ଆସିଛନ୍ତି ମତେ ତଡ଼ିବା ପାଇଁ । ସେ ମନେ ପକାଇଛନ୍ତି- ପାର ବିଧବା ହେଲାପରେ ତାର ଶାଶୁଘରର କଥା । ସେ ହିଁ ତାକୁ ପୈତୃକ ଘର ସଂପତ୍ତି ଦେଖାଶୁଣା କରିବା ପାଇଁ ରଖି; ଏ ପର୍ଯ୍ୟନ୍ତ ଚଳାଇ ନେଇଛନ୍ତି । ହୃଷୀକେଶଙ୍କ ଦେଖାହେଲା ଗୋବିନ୍ଦ ସାମନ୍ତରାୟଙ୍କ ସଙ୍ଗେ । ଗୋବିନ୍ଦ ସାମନ୍ତରାୟଙ୍କ ପ୍ରଶ୍ନ- ଗାଁରେ କ'ଣ କରିବ ଭାବିଚ ? ଆଶ୍ଚର୍ଯ୍ୟ ହୋଇଛନ୍ତି ହୃଷୀକେଶ, ଆସିବା ପରଠୁ ସମସ୍ତଙ୍କର ଗୋଟିଏ ପ୍ରଶ୍ନ । କାହିଁକି ଆସିଛ, କେବେ ଯିବ ?

ସାମନ୍ତରାୟଙ୍କଠାରୁ ବିଦାୟ ନେଇ ହୃଷୀକେଶ ଚାଲିଛନ୍ତି ପିଲାଦିନର ବାନରସେନା ବନ୍ଧୁ ହରିଜନସାହିର ଅନାମ ଭୋଇ ଘରଆଡ଼େ । ହରିଜନସାହି ରାସ୍ତାରେ ହିଁ ଦୁଇ ସଂକୀର୍ତ୍ତନଦଳଙ୍କର ଝଗଡ଼ା ଦୃଶ୍ୟ ତାଙ୍କ ଆଖିରେପଡ଼ିଛି । ସେହିପରି ପୁଅମାନଙ୍କର ମଦବିକିବାକୁ ବିରୋଧ କରି ଅନାମ ଆପଣା ଦୁଃଖରେ କାଳ ଅତିବାହିତ କରୁଛି । ମନ୍ତ୍ରୀ ଗୋବର୍ଦ୍ଧନ ଦାସ ଆଜି ମଙ୍ଗରାଜପୁର ଆସିବାକଥା । ଗୋବର୍ଦ୍ଧନ ଦାସଙ୍କ ବଙ୍ଗଳାରେ ଅନେକ ମଫସଲି ଟାଉଟରଙ୍କ ଭିଡ଼ । ଗୋବର୍ଦ୍ଧନ ଦାସ କିନ୍ତୁ ମୁଖ୍ୟମନ୍ତ୍ରୀ ବିଶୁଦାସଙ୍କୁ ଗାଦିଚ୍ୟୁତ କରି କୌଣସି ପ୍ରକାରେ ପଦ ହାତେଇବାକୁ ବ୍ୟସ୍ତ । ତେଣୁ ବାବାଙ୍କ ନିର୍ଦ୍ଦେଶରେ ବଗଲାମୁଖୀଙ୍କ ଆସନରେ ବସି ଏକଲକ୍ଷମନ୍ତ୍ର ଜପି ନିଜକୁ ସାନ୍ତ୍ୱନା ଦେଇଛନ୍ତି । ମଙ୍ଗରାଜପୁରର ହରିଜନ ନେତା ଆସି କହିଯାଇଛନ୍ତି ସଭାର ମୁଖ୍ୟ ଉଦ୍ଦେଶ୍ୟ । ଗାଁର ପୂର୍ବପଟ ଅନାବାଦି ଜମିକୁ ଇଲେକ୍‌ସନ୍‌ରେ ହରିଜନମାନଙ୍କୁ ଦେବାର ପ୍ରତିଶ୍ରୁତି ଦେଇଛନ୍ତି ଗୋବର୍ଦ୍ଧନ । ସେ ଜମିରେ ସବର୍ଣ୍ଣମାନଙ୍କ କଲେଜ ହେବା ସମ୍ଭବ ନୁହେଁ । ମୁଖ୍ୟମନ୍ତ୍ରୀ ବିଶୁଦାସ ମଧ୍ୟ ଗୋବର୍ଦ୍ଧନଙ୍କୁ କହିଛନ୍ତି ହରିଜନ ଓ ସବର୍ଣ୍ଣଙ୍କ ଏହି ଟେନ୍‌ସନ୍‌କୁ ମେନେଜ କରିବାପାଇଁ । ଗୋବର୍ଦ୍ଧନ ଦାସ ଗାଁରେ ପହଞ୍ଚିଲା ପରେ ସବର୍ଣ୍ଣଙ୍କ ଦ୍ୱାରା ପ୍ରେରିତ ଷଣ୍ଢ ହାବୁଡ଼ରେ ପଡ଼ି ହୀନସ୍ଥା ହୋଇଛନ୍ତି । ସଭାମଣ୍ଡପରେ ପଲିଥିନ ବ୍ୟାଗରେ ଧଣ୍ଡାସାପ; ଘଟଣାକୁ ଅଧିକ ବଢ଼ାଇ ଦେଇଛି । ଗ୍ରାମରେ ଆରମ୍ଭ ହୋଇଯାଇଛି ଦୁଇଗୋଷ୍ଠୀ ମଧ୍ୟରେ ଦଙ୍ଗା । ହରିଜନ ସାହିରେ ବି ଲାଗି ଯାଇଚି ନିଆଁ । ହୃଷୀକେଶ

ଭାରତବାସୀଙ୍କ ପାଇଁ ଏକ ନୂଆସକାଳ ଆଣିପାରିନଥିଲା । ଜାତି, ଧର୍ମ, ବର୍ଣ୍ଣରୁ ଊର୍ଦ୍ଧ୍ୱରେ ଏକ ମଣିଷ ସମାଜର ଯେଉଁ ପରିକଳ୍ପନା କରାଯାଇଥିଲା; ତାହା ସ୍ୱାଧୀନତା ପରବର୍ତ୍ତୀ ସମୟରେ ସମ୍ଭବ ହୋଇପାରିନଥିଲା । ଏକ ବିଡ଼ମ୍ବିତ ଭାଗ୍ୟର କାହାଣୀକୁ ନେଇ ଏଠାରେ ହୃଷୀକେଶ ପରି ଏକ ଚରିତ୍ର ମାଧ୍ୟମରେ ସ୍ରଷ୍ଟା ଯେଉଁ ନୂଆ ଆଶ୍ରମଯୁଗର ସ୍ୱପ୍ନ ଦେଖିଛନ୍ତି ତାହା ଏକ ସ୍ୱପ୍ନିଳ ପ୍ରତିଶ୍ରୁତି ମାତ୍ର । ବସ୍ତୁତଃ କହିବାକୁ ଗଲେ ସର୍ଜନାର ସୂର୍ଯ୍ୟାସ୍ତ ବେଳାରେ ସ୍ରଷ୍ଟାଙ୍କ ସୃଷ୍ଟି ସୌରଭ ଯେପରି ମ୍ଳାନ; ସେହିପରି ପରିଣତିର ପ୍ରତିଶ୍ରୁତି ମଧ୍ୟ ମ୍ଳାନରୂପ ଧାରଣ କରିଅଛି ଉପନ୍ୟାସ 'ଫଟାମାଟି' ।

ସଙ୍କେତ ସୂଚୀ:

୧. ମହାନ୍ତି, ସୁରେନ୍ଦ୍ର, ଫଟାମାଟି, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ, ୧୯୮୮, ପୃ-୪

୨. ମହାନ୍ତି, ସୁରେନ୍ଦ୍ର, ଫଟାମାଟି, ପୃ-୨୦୧

୩. ମହାନ୍ତି, ସୁରେନ୍ଦ୍ର, ଫଟାମାଟି, ପୃ-୨୪୦

ସ୍ନାତକୋତ୍ତର ଓଡ଼ିଆ ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର, ବ୍ରହ୍ମପୁର

ଫୋନ: ୮୮୯୫୧୪୧୭୨୭

❐❐❐

ଧର୍ମ ଓ ସମାଜ

● ନାରାୟଣ କବି

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତଥାନମ୍ ଧର୍ମସ୍ୟ ତଦାତ୍ମାନଂ ସୃଜ୍ୟମ୍ୟହମ୍ ॥
ପରିତ୍ରାଣାୟ ସାଧୁନାଂ ବିନାଶୟଚ ଦୃଷ୍ଟତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ॥ - ଶ୍ଲୋକ

ହେ ଭାରତ ! ଯେଉଁ ଯେଉଁ କାଳରେ ଧର୍ମର ହାନି ହୋଇଥାଏ ଓ ଅଧର୍ମର ପ୍ରଭାବ ବଢ଼େ, ସେହି ସେହି କାଳରେ ମୁଁ ନିଜକୁ ଜାତ ହୋଇଥାଏ, ଅର୍ଥାତ୍ ଜନ୍ମନିଏ । ସାଧୁମାନଙ୍କୁ ରକ୍ଷା କରି ଦୃଷ୍ଟମାନଙ୍କୁ ବିନାଶ ଓ ଧର୍ମର ସଂସ୍ଥାପନ ନିମିତ୍ତ ପ୍ରତି ଯୁଗରେ ମୁଁ ଅବତୀର୍ଣ୍ଣ ହୋଇଥାଏ ।

ଶ୍ରୀମଦ୍‌ଭାବଗତ - *ଅଧର୍ମ ନାଶି ଧର୍ମ ପାଳୁ ।*
ତୁନାଥ ପରମ ଦୟାଳୁ ।
ଶରୀର ବହୁ କାଳେ କାଳେ ।
ସ୍ୱଧର୍ମ ରଖୁ ମହୀତଳେ ।

ଧର୍ମ ପାଳନ ପାଇଁ, ପରମ ବ୍ରହ୍ମ, ନିରାକାର ପୁରୁଷ, ମାନବ ରୂପ ଧାରଣ କରି ନିଜର ଧର୍ମ ପାଳନ କରନ୍ତି । ଏହା ଯୁଗେ ଯୁଗେ ଚାରିଯୁଗରେ ମହାପ୍ରଭୁ କରି ଆସୁଛନ୍ତି ।

ସନାତନ ଧର୍ମର ଗ୍ରନ୍ଥ ହିସାବରେ ଶ୍ରୀମଦ୍‌ଭାଗବତ ଗୀତା ଶାସ୍ତ୍ରରେ ଧର୍ମର ଉପଦେଶ ଦିଆଯାଇଛି । ସାଧାରଣ ମାନବ ଜାଣିବା ଦରକାର ବ୍ରହ୍ମତ୍ୱ ଏକ, ଧର୍ମତ୍ୱ ଏକ, ବ୍ରହ୍ମତ୍ୱ ପ୍ରାପ୍ତି ପାଇଁ ବିଭିନ୍ନ ମାର୍ଗ ଆସିଲା କେଉଁଠୁ ? ଗୀତା ଶାସ୍ତ୍ରରେ ଧର୍ମର ମାର୍ଗ ତିନୋଟି ବର୍ଣ୍ଣନା କରାଯାଇଛି । ଜ୍ଞାନ, କର୍ମ ଓ ଭକ୍ତିଯୋଗରେ ଧର୍ମପାଳନ କରାଯାଇଛି । ପୁଣି ତାର କେନ୍ଦ୍ରବିନ୍ଦୁ ସତ୍ୟ । ଏହାର ପରମ ପୁରୁଷ ତାଙ୍କ ଧର୍ମପାଳନରେ ଧର୍ମଶାସ୍ତ୍ରରେ

ଜଗତକୁ ଶିକ୍ଷା ଦେଇଛନ୍ତି । ମାନବ ସମାଜରେ ଧର୍ମ କ'ଣ ? ତାହା ଜ୍ଞାନ ଶାସ୍ତ୍ରରେ ପ୍ରତିପାଦନ କରାଯାଇଛି ଯେ, ଧର୍ମର ଅନ୍ୟ ନାମ ସେବା, ଆଉ ଠିକ୍ କର୍ତ୍ତବ୍ୟ ହିଁ ଧର୍ମ । ମହତ କର୍ମରେ ଧର୍ମ ପ୍ରତିଫଳିତ ହୁଏ । ଆଉ ଯେଉଁ କର୍ମରେ ସମାଜର, ପ୍ରାଣୀର ମଙ୍ଗଳ ହୁଏ ତାହାହିଁ ଧର୍ମ । ଆଉ ଯେଉଁ କର୍ମରେ ପ୍ରାଣୀର ବା ସମାଜର ଅମଙ୍ଗଳ ହୁଏ, ଜଗତର ମାନବ କଷ୍ଟ ପାଏ, ତାହାହିଁ ଅଧର୍ମ । ସେଥିପାଇ କୁହାଯାଏ, ଧର୍ମର ଅନ୍ୟ ନାମ ସେବା । ପ୍ରାଣୀଜଗତରେ ସେବା କରିବା ହିଁ ଧର୍ମ ପାଳନର ଅଧର୍ମ ବୁଝାଇଥାଏ । ସୁବଚନ ମାଧ୍ୟମରେ ପ୍ରାଣୀଜଗତରେ ମାନବର ସୁପଥ ଦେଖାଇ ଦିଆଯାଏ, ତାହାହିଁ ଧର୍ମ । ଧର୍ମକୁ ଧରିତ୍ରୀ ଧାରଣ କରିଛି । ଧର୍ମର ବିନାଶ ହେଲେ ଧରିତ୍ରୀର ବିପଦ ଆପେ ଆପେ ଘୋଟି ଆସେ । କେବଳ ମାନବ, ଏ ଯୁଗର ଧର୍ମର ବିନାଶ କରି ଚାଲିଛି । ଧର୍ମ ହିଁ ସନାତନ ଧର୍ମ :- ଏହାର ଅର୍ଥ, ସତ୍ୟ, ଶାଶ୍ୱତ, ନିତ୍ୟ, ନୂତନ, ଚିରନ୍ତନ ଓ ବାସ୍ତବ, ଯାହାର ନାମ ସତ୍ୟ, ଶିବ, ସୁନ୍ଦର ଅଟେ । ଆଜିର ସମାଜରେ କେତେକ ଭାଷ୍ୟକାରମାନେ ସନାତନ ଧର୍ମରୁ ଉପଧର୍ମ ସୃଷ୍ଟି କରାଇ ନିଜ ମତବାଦ ବା ନିଜ ନିଜ ନାମରେ ଉପଧର୍ମ ସୃଷ୍ଟି କରାଇ ମୂଳ ସନାତନର ଧର୍ମର ପ୍ରକୃତ ଭିତ୍ତିକୁ ନଷ୍ଟ କରିଦେଉଛନ୍ତି । ସନାତନ ଧର୍ମର ମୌଳିକ ଗ୍ରନ୍ଥ ବେଦଶାସ୍ତ୍ର ଓ ଗୀତାରେ ବର୍ଣ୍ଣିତ ଅଛି ଯେ ଯୋଗ ଦ୍ୱାରା ମାନବ ସିଦ୍ଧି ପ୍ରାପ୍ତ ହୋଇ ବା ନିର୍ବାଣ ପ୍ରାପ୍ତ ହୋଇ ଭଗବାନତ୍ୱର ଆସନ ଅଳଙ୍କୃତ କରିପାରିବ । ଯୋଗର ଆକ୍ଷରିତ ଅର୍ଥ ମିଶାଇବା, ତାଙ୍କର ଅମୃତମୟ ଜ୍ଞାନ ସାଗରରେ ନିଜକୁ ମିଶାଇଦେବା । ଆଉ ପାତଞ୍ଜଳିଙ୍କ ମତରେ ଯୋଗାସନ ବିଭିନ୍ନ ରୋଗର ଉପଶମ ପାଇଁ । ଶ୍ରୀକୃଷ୍ଣ ଭଗବତଗୀତା ଶାସ୍ତ୍ରରେ କହିଛନ୍ତି ମୁହିଁ ରୋଗ ଆଉ ମୁହିଁ ଔଷଧ । ମୋର ଉପଦେଶରେ ମାନବ ଜୀବନଚର୍ଯ୍ୟା ଗଠନ କରିବା ଉଚିତ୍ । ରୋଗଉତ୍ପତ୍ତି ଓ ବିନାଶ ମୋ ଦ୍ୱାରା ହୁଏ । ମାନବ ଶୌଚ, ସଂସ୍କାର ଓ ସଭ୍ୟତାକୁ ଆଧାର କରି ନ ପାରିଲେ, ମନ ଇଚ୍ଛା ଗତି କରିଲେ ବିବିଧ ରୋଗ ଉତ୍ପତ୍ତି ହୁଏ । ଧର୍ମ ମାର୍ଗରେ ଚଳିଲେ ରୋଗମୁକ୍ତ ହୋଇ ନୀରୋଗୀ ହୋଇଥାଏ ।

ଧର୍ମ ପାଳନ କାହାର କି ପ୍ରକାର :- ଧର୍ମ ଧାରଣେ ଧରିତ୍ରୀ ହୋଇ ସମର୍ଥ

ବିଷ୍ଣୁ ପରମବ୍ରହ୍ମ, ଅନାଦି ପୁରୁଷ, ଅଧର୍ମ ନାଶ କରି ଧର୍ମ ପ୍ରତିଷ୍ଠା ପାଇଁ ମାନବରୂପ ଧାରଣ କରିଥାନ୍ତି । ସେହିପରି ମାନବ, ପଶୁପକ୍ଷୀ, ବୃକ୍ଷଲତା ଓ ସୂର୍ଯ୍ୟଚନ୍ଦ୍ର, ଜଳବାୟୁମାନଙ୍କର ଯାହା ଯାହା ଧର୍ମ ତାହା ଧର୍ମଶାସ୍ତ୍ରରେ ତାଙ୍କ ମୁଖ ନିସୃତବାଣୀ ବର୍ଣ୍ଣନା କରାଯାଇଛି ।

ସୂର୍ଯ୍ୟଦେବଙ୍କର ଧର୍ମ: *ଜଗତ ହିତେ ନିତି ଆସେ ତପନ ।*
ଆଲୋକ ଦେଇ ରଖେ ଜୀବ ଜୀବନ ।

ଚନ୍ଦ୍ରଦେବର ଧର୍ମ:- ଚନ୍ଦ୍ରଦେବ ଭୂପୃଷ୍ଠରେ ଉଦୟ ହୋଇ କୋମଳ କିରଣ ଦାନ କରନ୍ତି ଆଉ ଚନ୍ଦ୍ରଙ୍କର ନିୟମିତ, କ୍ଷୟ ଓ ବୃଦ୍ଧି ହୋଇଥାଏ ।

ବୃକ୍ଷର ଧର୍ମ- ଜଗତକୁ ଛାୟା, ଫଳ, ପୁଷ୍ପ, ଅମ୍ଳଜାନ, ବାୟୁ ଓ କାଷ୍ଠ ଦାନ ଦେଇ ପ୍ରାଣୀଜଗତକୁ ବଂଚାଇ ରଖନ୍ତି । ଜଗତରେ ବୃକ୍ଷ, ଶୁକ୍ଳ, ତୃଣ ନ ଥିଲେ, ପ୍ରାଣୀ ଜଗତ ବଂଚି ରହିବା ଅସମ୍ଭବ । ବୃକ୍ଷର ଅଂଶ ଛେଦନ କରିଲେ ମଧ୍ୟ ବୃଦ୍ଧି ହେବା ତାର ଧର୍ମ । ତୃଣ ଗୁଳ୍ମକୁ ବାରମ୍ବାର ଛେଦନ କରିଲା ପରେ ମଧ୍ୟ ବୃଦ୍ଧି ହୋଇ ତୃଣ ଓ ଗୁଳ୍ମ-ତୃଣଭୋଜି ପ୍ରାଣୀଙ୍କୁ ଆହାର ଯୋଗାଏ ।

ଜଳର ଧର୍ମ:- ଜଳର ଧର୍ମ ଉଚ୍ଚରୁ ନିମ୍ନଗାମୀ ହେବ । ପ୍ରାଣୀ ଜଗତରେ ତୃଷ୍ଣା ନିବାରଣ କରି, ବୃକ୍ଷ ସମ୍ପଦକୁ ବୃଦ୍ଧି କରାଇବା ।

ବାୟୁର ଧର୍ମ:- ବାୟୁ ବ୍ରହ୍ମାଣ୍ଡରେ ପ୍ରବାହିତ ହୋଇ ଜୀବଜଗତକୁ ବଂଚାଇ ରଖିବା ଓ ଉତ୍ତପ୍ତ ହେବା, ଶିଥିଳ ହେବା ଏହା ବାୟୁର ଧର୍ମ ।

ପିତାମାତା:- ସନ୍ତାନସନ୍ତତି ଜନ୍ମନେଇ ପାଳନ କରିବା, ଶିକ୍ଷାଦାନ ଦେଇ ସୁଚରିତ୍ର ଗଠନ କରି ଖାଦ୍ୟପେୟ ଦେଇ ବଂଚାଇ ରଖିବା ।

ଶିକ୍ଷକଙ୍କ ଧର୍ମ:- ପିତାମାତାଙ୍କ ସଦୃଶ୍ୟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା, ସୁ ଚରିତ୍ର ଗଠନ କରି ଜୀବନର ଉନ୍ନତ ପଥ ପ୍ରଦର୍ଶନ କରାଇବା ।

ଧର୍ମଗୁରୁ:- ଶିଷ୍ୟମାନଙ୍କୁ ଧର୍ମ ଉପଦେଶ ଦେବା । ଦର୍ଶନ, ଶାସ୍ତ୍ର ଓ ଆତ୍ମଜ୍ଞାନ ତତ୍ତ୍ୱଦର୍ଶନ, ଶାସ୍ତ୍ରରେ ପାରଗଂମତା କରାଇବା । ଧର୍ମ ଚିନ୍ତନ ମାର୍ଗ ଦର୍ଶାଇବା । ଗୁରୁଙ୍କର ଧର୍ମ,

ଏକଇ ଧର୍ମ ଏକ ପଥ, ଯାହାର ନାମ ଅଟେ ସତ୍ୟ ।
ସେ ସତ୍ୟ ନାମ ସନାତନ, ତା ବିନୁ ଅନ୍ୟ ନାହିଁ ଧର୍ମ ॥

ପୁତ୍ର କନ୍ୟାଙ୍କ ଧର୍ମ:- ପିତାମାତାଙ୍କର ଆଦେଶ ପାଳନ କରିବା ଓ ପିତାମାତାଙ୍କର ସେବା କରିବା । ସ୍ନେହ ଶ୍ରଦ୍ଧାରେ ପ୍ରତିପାଦନ କରି ଜୀବନ ଗଢ଼ିବା ।

ଗୋମାତାଙ୍କର ଧର୍ମ:- ଗୋମାତା ନିଜର କ୍ଷୀର ଦାନ ଦେଇ ଜୀବ ଜଗତକୁ ପାଳନ କରିବା ଓ ତାଙ୍କ ଦୁଗ୍ଧଜାତ ପଦାର୍ଥରେ ଦେବତାଙ୍କୁ ସନ୍ତୋଷ କରାଇବା ।

ସ୍ତ୍ରୀଜାତି:- ସ୍ତ୍ରୀମାନଙ୍କର ପ୍ରଧାନ ଧର୍ମ ଲଜ୍ୟାଶୀଳ ହେବା । ସ୍ୱାମୀଙ୍କର ଆଜ୍ଞାନୁସାରେ ପରିଚାଳିତ ହେବା ଓ ପୁତ୍ରକନ୍ୟାଙ୍କୁ ସେବା ଯତ୍ନ କରି ଶିକ୍ଷାଦାନ ଦେଇ ସୁମଣିଷ ଗଢ଼ିବା ସ୍ତ୍ରୀମାନଙ୍କର ଧର୍ମ ।

ଦେବଦେବୀଙ୍କ ଧର୍ମ: ମାନବଙ୍କର ସେବା, ପୂଜାରେ ସନ୍ତୋଷ ହୋଇ ଜଗତରେ ମଙ୍ଗଳ କାମନା କରିବା ଦେବଦେବୀଙ୍କର ଧର୍ମ ।

ବ୍ରହ୍ମାଙ୍କର ଧର୍ମ:- ସୃଷ୍ଟିରେ ସର୍ଜନା ଦାୟିତ୍ୱ ବ୍ରହ୍ମାଙ୍କୁ ନିରାକାର ପୁରୁଷ ଦେଇଛନ୍ତି । ପରମବ୍ରହ୍ମ ଅନାଦି ପୁରୁଷଙ୍କର ଆଦେଶ ପାଳନ କରୁଛନ୍ତି ବ୍ରହ୍ମଦେବ ।

ବିଷ୍ଣୁଙ୍କର ଧର୍ମ: ବ୍ରହ୍ମାଙ୍କର ସୃଷ୍ଟି ଓ ଜୀବ ଜଗତକୁ ଲାଲନ ପାଳନକରିବା ।

ସଦାଶିବଙ୍କର ଧର୍ମ:- ସଂହାର କରିବା । ଅନାଦି, ଆଦିତ୍ୟ ପୁରୁଷଙ୍କର ଆଦେଶ ପାଳନ କରି ସଂସାରକୁ ସଂସ୍କାର କରିବା ପାପ ଓ ଦାରିଦ୍ରତା ନାଶ କରିବା ।

ପରମ ପୁରୁଷ ନିରାକର ଧର୍ମ: *ଅଧର୍ମ ନାଶି ଧର୍ମ ପାଳୁ*
ତୁ ନାଥ ପରମ ଦୟାଳୁ ।

ଇନ୍ଦ୍ରଦେବଙ୍କ ଧର୍ମ:- ଜଗତରେ ବୃଷ୍ଟି କରାଇ ଜୀବଜଗତ ପାଳନ କରିବା । ଧରାଧାମରେ ଜଳ ପ୍ରଦାନ କରିବା ।

ବର୍ଷାର ଧର୍ମ: ଇନ୍ଦ୍ରଦେବଙ୍କ ଆଜ୍ଞା ପାଳନ କରି, ବୃଷ୍ଟିପାତ ହେବ । ଏହାହିଁ ବର୍ଷାର ଧର୍ମ ।

ପଶୁପକ୍ଷୀଙ୍କର ଧର୍ମ: ନିଜ ନିଜର ସ୍ୱଭାବ ଅନୁସାରେ ସନ୍ତାନ ସନ୍ତତି ଜନ୍ମଦେଇ ସେମାନଙ୍କୁ ଖାଦ୍ୟ ପାନୀୟ ଦେଇ ବଂଚାଇ ରଖିବା । ବିପଦ ମୁଖରୁ ଶାବକଙ୍କୁ ବଂଚାଇ ରଖିବା ।

ଗ୍ରହ, ନକ୍ଷତ୍ରଙ୍କର ଧର୍ମ:-

ସେମାନେ ନିଜ ନିଜ କକ୍ଷଚ୍ୟୁତ ନ ହୋଇ ସୌର ଜଗତରେ ଭ୍ରମଣ କରିବା ସେମାନଙ୍କର ଧର୍ମ ।

ଧରିତ୍ରୀ- ବ୍ରହ୍ମାଣ୍ଡଙ୍କୁ ଧାରଣ କରିଛନ୍ତି ଓ ପ୍ରାଣୀଜଗତଙ୍କୁ ପାଳନ କରୁଛନ୍ତି ।

ଆକାଶ- ବ୍ରହ୍ମାଣ୍ଡକୁ ଛତା ସଦୃଶ ଢ଼ାଙ୍କି ରଖିଛନ୍ତି । ଆକାଶ ସମସ୍ତ ଜଗତରେ ଢ଼ାଙ୍କୁଣି ହୋଇ ରହିଛନ୍ତି, ମହାଶୂନ୍ୟ ବୋଲି ଯାହାକୁ କୁହାଯାଏ ।

ମାନବ ସମାଜ ବ୍ୟତୀତ ଆଉ ପଶୁପକ୍ଷୀ, ଚନ୍ଦ୍ର, ସୂର୍ଯ୍ୟ, ବୃକ୍ଷଲତା, ଜଳ, ବାୟୁ, ଅଗ୍ନି ଏମାନେ ସମସ୍ତେ ନିଜ ନିଜର ଧର୍ମ ପାଳନ କରିଚାଲିଛନ୍ତି । କିନ୍ତୁ ମାନବ ତାର ମାନବୀୟ ଧର୍ମ ନଷ୍ଟ କରି, ସମାଜକୁ ଦୂଷିତ କରାଇ ବିପଥଗାମୀ ହେଉଅଛି ।

ଭଲପାଇବା ମାନବର ପ୍ରଧାନ ଧର୍ମ:- ପ୍ରତ୍ୟେକ ପ୍ରତ୍ୟେକକୁ ଭଲପାଇବା ହିଁ ଧର୍ମ, ଭଲ ପାଇବା ପବିତ୍ରତା ନ ହୋଇ, ଶୁଦ୍ଧ ନ ହୋଇ ଦୂଷିତ ମନୋଭାବଦ୍ୱାରା ସମାଜର ମାନବୀୟ ଧର୍ମ ନଷ୍ଟ ହୋଇ ବିପଥଗାମୀ ହେଉଛନ୍ତି । ଭଲପାଇବା ହିଁ ପ୍ରକୃତରେ ଶାଶ୍ୱତ ଅଟେ । ଆଜିର ଭାଷ୍ୟକାରଙ୍କ ମତରେ ସଂସ୍କାର ବିହୀନ ଭଲପାଇବା ହେଉଛି ଦୈହିକ ପ୍ରେମ । ଏହା ଦ୍ୱାରା ଅନେକ ଯୁବକ, ଯୁବତୀ ଅଧୋଃପତନର କାରଣ ହେଉଛନ୍ତି । ଧର୍ମ ବିହୀନ ଭଲପାଇବା ଦ୍ୱାରା ବର୍ଣ୍ଣସଙ୍କର ସମାଜ ସୃଷ୍ଟି ହେଉଛି । ଭଲପାଇବାଟା ଏହି ପ୍ରକାର ହେବା ଉଚିତ୍ ନୁହେଁ । ଭଲପାଇବାର ଅର୍ଥ ନୁହେଁ ବୈବାହିକ ବନ୍ଧନରେ ବାନ୍ଧି ହୋଇ ବା ଅମାୟିକ ଜଗତରେ ମାୟାଜନିତ ପ୍ରେମରେ ଶିକାର ହେବା ।

ଭଲପାଇବା ଏହି ପ୍ରକାର ହେବା ଉଚିତ୍ ତାହାର ଦୃଷ୍ଟାନ୍ତ ବେଦଶାସ୍ତ୍ର ଶ୍ରୀମଦ୍‌ଭାଗବତଗୀତା ଓ ଶ୍ରୀମଦ୍ ଭାଗବତରେ ରହିଛି । ଭଲ ପାଉଥିଲେ ଷୋଳ ସହସ୍ର ଗୋପୀ ଓ ରାଧାରାଣୀ ଶ୍ରୀକୃଷ୍ଣଙ୍କୁ । ଭଲ ପାଉଥିଲେ କୁବୁଜା ନାରୀ, ଭଲପାଉଥିଲା ଦାସିଆ ବାଉରି, ମୀରାବାଇ, ଏମାନେ ଶ୍ରୀକୃଷ୍ଣଙ୍କୁ ଭଲ ପାଉଥିଲେ । ଏହି ପ୍ରକାର ଭଲ ପାଇବା ଦୃଷ୍ଟାନ୍ତ ବହୁ ନର, ନାରୀମାନଙ୍କ ପାଖରେ ଥିଲା । ଆକାଶରେ କଳା ବାଦଲକୁ ଦେଖିଲେ ମୟୂର ଭଲ ପାଇ ନୃତ୍ୟ କରେ । ଆକାଶରେ ଚାନ୍ଦ ଦେଖିଲେ କଇଁଫୁଲ ଭଲ ପାଇ ପ୍ରସ୍ଫୁଟିତ ହୁଏ । ସେହିପରି ଆକାଶରେ ସୂର୍ଯ୍ୟଦେବଙ୍କୁ ଦେଖିଲେ ପଦ୍ମଫୁଲ ଫୁଟୁଛି । ଭ୍ରମର ଭଲପାଇଁ ମଧୁଗ୍ରହଣ କରୁଛି । ଏହି ଭଲ ପାଇବାର ଥିଲା ସାତ୍ତ୍ୱିକ । ଏହି ଭଲ ପାଇବାର ଥିଲା ପୁଣ୍ୟ, ପବିତ୍ରତା । ରାଧାରାଣୀ ଓ ଗୋପୀଙ୍କ ଭଲପାଇବା ଥିଲା ସାତ୍ତ୍ୱିକ, ପୁଣ୍ୟ ପବିତ୍ର ଓ ଧର୍ମ ଆଧାରିତ । କିନ୍ତୁ ଦୈହିକ ନ ଥିଲା । କିନ୍ତୁ ଏ ଯୁଗର ନାରୀମାନଙ୍କ ପାଖରେ ସାତ୍ତ୍ୱିକ ଭଲ ପାଇବା କମ୍ ଦେଖାଯାଉଛି । ଭାଗବତଗୀତା ଜ୍ଞାନ, କେଉଁ ଅନାଦି କାଳରୁ ଦେଇ ଆସୁଅଛି । ମାନବ ସଂସ୍କାର, ଧର୍ମର ସୁରକ୍ଷା, ବିଶ୍ୱପାଳକ ଏବଂ ଶାନ୍ତି ପ୍ରକରଣ ଉଦ୍ଦିଷ୍ଟ । ଏହାକୁ ଚେତାଭୁକ୍ତ ହେବା ମାନବ ସମାଜର ଉଚିତ୍ ଶିକ୍ଷା ଅଟେ ।

କମ୍ପ୍ୟୁଟର ସଦୃଶ ଆଜିର ବିଜ୍ଞାନ ଯୁଗର ମାନବ । କମ୍ପ୍ୟୁଟରରେ ଯେପରି ବିଭିନ୍ନ ଯନ୍ତ୍ରାଂଶ ଖଞ୍ଜାଯାଇଛି । ମଣିଷ ଶରୀରରେ ସେହିପରି ଯନ୍ତ୍ରାଂଶ, ହୃତପିଣ୍ଡ, ଫୁସଫୁସ୍, ରକ୍ତ, ମଜ୍ଜା, ମାଂସ, ଶୀରା, ଧମନୀ, ଇତ୍ୟାଦି ବିଭିନ୍ନ ଯନ୍ତ୍ରାଂଶ ନିର୍ମିତ କରାଯାଇଛି । କମ୍ପ୍ୟୁଟରକୁ ଚଳାଇବା ପାଇଁ ଜଣେ ବିଜ୍ଞଲୋକ ବା ତାଲିମ ପ୍ରାପ୍ତ ବୈଜ୍ଞାନିକ ଆବଶ୍ୟକ । ଶରୀର ପ୍ରତ୍ୟେକ ଯନ୍ତ୍ରାଂଶ ବା ଇନ୍ଦ୍ରିୟକୁ ପରିଚାଳନା କରିବାକୁ ଜ୍ଞାନର ଆବଶ୍ୟକ ଥାଏ । ସେହି ଜ୍ଞାନ ଶିକ୍ଷାଦ୍ୱାରା ପ୍ରାପ୍ତ ହୋଇଥାଏ । ଶରୀରର ତନ୍ତ୍ରୀକୁ ବା ଶରୀରକୁ ପରିଚାଳନା କରିବା ପାଇଁ ଇନ୍ଦ୍ରିୟ ରଖାଯାଇଛି । ସେହି ଇନ୍ଦ୍ରିୟକୁ ପରିଚାଳନା ପାଇଁ ପ୍ରକୃତିଗୁଡ଼ିକ ଅଛନ୍ତି । ପ୍ରକୃତିକୁ ଚଳାଇବା ପାଇଁ ଜ୍ଞାନର ଆବଶ୍ୟକତା । ଯୋଗ ଓ ଧର୍ମ ଶିକ୍ଷାରୁ ଜ୍ଞାନର ଉତ୍ପତ୍ତି ହୋଇଥାଏ । ଅଷ୍ଟାଦଶ ପୁରାଣ,

ଗୀତା, ଶାସ୍ତ୍ର ଭାଗବତରୁ ଶରୀର ତତ୍ତ୍ୱରୁ ଇନ୍ଦ୍ରିୟ ସଂଯମ ଓ ନିର୍ବାଣର ଶିକ୍ଷା ମିଳିଥାଏ । ତେବେ ଶରୀରର ଯନ୍ତ୍ରାଂଶ ବା ଇନ୍ଦ୍ରିୟକୁ ଠିକ୍ ଭାବରେ ପରିଚାଳନା କରି ଜଗତରେ ଜଣେ ମହାମାନବ ହୋଇପାରିବ । କିନ୍ତୁ ଭୌତିକ, ଇନ୍ଦ୍ରିୟ ଐଶ୍ୱର୍ଯ୍ୟରେ ବଶବର୍ତ୍ତୀ ହୋଇ ମାନବ ଭୋଗବିଳାସରେ ମାତିଯାଏ । ଏହାଦ୍ୱାରା ଧର୍ମ ମାର୍ଗରୁ ଓ ଇନ୍ଦ୍ରିୟ ସଂଯମରୁ ଦୂରୀଭୂତ ହୋଇ, ବିପଥଗାମୀ ହୋଇଥାଏ । ଏହା ଏକ ମଣିଷର ମହାବ୍ୟାଧି ରୂପେ ବିବେଚିତ ହୋଇଥାଏ । କିନ୍ତୁ ଚେତଜ୍ଞାନ ବଳରେ ଠିକ୍ ପଥଗାମୀ ହେବା ଉଚିତ୍ ।

ଇତିହାସରୁ ଜଣାଯାଇଛି, ଚଣ୍ଡାଶୋକଙ୍କ କାହାଣୀ । କଳିଙ୍ଗ ଯୁଦ୍ଧପରେ ସମ୍ରାଟ ଅଶୋକଙ୍କ ନରହତ୍ୟା ଏକ ବିଭତ୍ସ ଇତିହାସ ଥିଲା । ଦୟାନଦୀରେ ବହିଗଲା ନରରକ୍ତର ସ୍ରୋତ । ତାପରେ ବୌଦ୍ଧ ସନ୍ନ୍ୟାସୀ ଗୁରୁ ଉପଗୁପ୍ତଙ୍କର ଧର୍ମବାଣୀକୁ ଗ୍ରହଣ ନ କରି ଏକ ଉତ୍ତପ୍ତ ତେଲ କରେଇରେ ପକାଇ ଦେଲେ । ଚଣ୍ଡାଶୋକ ଦେଖିଲେ ବୌଦ୍ଧ ସନ୍ନ୍ୟାସୀ ଏକ ପଦ୍ମଫୁଲରେ ବସି ହସି ହସି ସେ ସ୍ୱର୍ଗାରୋହଣ କରୁଛନ୍ତି ଏବଂ ତାଙ୍କ ମୁଖରୁ ବାହାରୁଛି "ବୁଦ୍ଧଂ ଶରଣଂ ଗଚ୍ଛାମି । ସଙ୍ଘ ଶରଣଂ ଗଚ୍ଛାମି ।" ଏହା ଦେଖିଲେ ଅଶୋକ ସମ୍ରାଟ । ମର୍ମାଘାତ ବିଦାରିତ ଦୁଃଖ ସାଗରେ ତାଙ୍କୁ ଭାସିଲା ପରି ଲାଗିଲା । ଧନ, ସଂପତ୍ତି, ରାଜ୍ୟ, ସ୍ତ୍ରୀ, କନ୍ୟା ସମସ୍ତ ଐଶ୍ୱର୍ଯ୍ୟ ତାଙ୍କୁ ତୁଚ୍ଛ ପରି ଲାଗିଲା । ଜୀବନରେ କେତେବଡ଼ ଅପରାଧ କଲେ, ତାହା ଚିନ୍ତା କରି କିଛି ସ୍ଥିର କରିପାରିଲେ ନାହିଁ । ଏହା ଯେଉଁ ଧର୍ମ ବିରୋଧୀ ପାପରୁ ମୁକ୍ତି ପାଇଁ ବୌଦ୍ଧ ଗୁରୁଙ୍କ ଠାରୁ ଉପଦେଶ ନୁହେଁ, ତାଙ୍କର ସମସ୍ତ ସମ୍ପତ୍ତିକୁ ବୌଦ୍ଧଭିକ୍ଷୁଙ୍କୁ ଦାନ କରିଥିଲେ । ତାପରେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇ ଜଗତରେ ପୂଜ୍ୟ ହେଲେ । ଧର୍ମ ମାର୍ଗରେ ପରବର୍ତ୍ତୀ କାଳରେ ଗତିଶୀଳ ହେଲେ ।

ଇତିହାସରେ ଆଉ ଏକ କାହାଣୀ, ବିମ୍ବିସାରଙ୍କ ପୁତ୍ର ଅଜାତଶତ୍ରୁ । ରାଜ୍ୟ ସିଂହାସନ ଲୋଭରେ ନିଜର ପିତାଙ୍କୁ କାରାଗାର ଗୃହରେ ରଖିଲେ । ବିନା ଅନ୍ନଜଳରେ ବିମ୍ବିସାର ଯନ୍ତ୍ରଣା ପାଉଥିଲାବେଳେ ତାଙ୍କ ସ୍ତ୍ରୀ ଖାଦ୍ୟ ଧରି ବିମ୍ବିସାରଙ୍କ ନିକଟକୁ

ଯାଉଥିଲା ବେଳେ ଅଜାତଶତ୍ରୁ ସେ ଖାଦ୍ୟଭାଣ୍ଡକୁ ବିମ୍ବିସାର ସ୍ତ୍ରୀଙ୍କ ହାତରୁ ଛଡ଼ାଇ ଫିଙ୍ଗିଦେଲେ । ଅଜାତଶତ୍ରୁଙ୍କର ରାଜ୍ୟ ରକ୍ଷୀମାନେ ଭର୍ତ୍ସନା କରିଥିଲେ ବିମ୍ବିସାରଙ୍କ ସ୍ତ୍ରୀଙ୍କୁ । କିଛିଦିନ ପରେ ଅଜାତଶତ୍ରୁ କାରାଗାର ଗୃହ ଖୋଲି ଦେଖିଲା ଯେ ପିତା ତାଙ୍କର ବାହୁ କାମୁଡ଼ି ରକ୍ତପାନ କରି ମୃତ୍ୟୁମୁଖରେ ବନ୍ଦୀ ଗୃହେ ପଡ଼ିଛନ୍ତି । ସେତେବେଳେ ଚିନ୍ତା କରିଲେ ଅଜାତଶତ୍ରୁ । କେତେବଡ଼ ଅପରାଧ ଅର୍ଜନ କରିଲେ । ଧର୍ମ ବିରୋଧୀ କର୍ମ ଆଉ ଐଶ୍ୱର୍ଯ୍ୟ ଲାଳସା ମଣିଷକୁ କେତେବଡ଼ ଅପରାଧ ବିପଥଗାମୀ କରାଏ ।

ତେଣୁ ଆଜିର ମଣିଷକୁ ଚିନ୍ତାଧାରାରୁ ଦୂରେଇ ଧର୍ମର ମୌଳିକ ସତ୍ତାକୁ ଆପଣେଇ ପାରିଲେ ଜଗତରେ ମଙ୍ଗଳ ସାଧନା ହେବା ସଂଗେ ସଂଗେ ନିଜର ବଂଶଧରମାନଙ୍କର ଭବିଷ୍ୟତ ଜୀବନ ସୁଖମୟ ହୋଇପାରିବ । ମାନବ ମନରୁ ଭୟ ଓ ଅଶାନ୍ତି ଦୂରେଇ ଯିବ ।

ବଡ଼ନହୁଣିପାଳ, ମୁଦୁସୁଲି,
ପୀରହାଟ, ଭଦ୍ରକ
ମୋ: ୮୪୫୭୦୩୯୦୧୬

❑❑❑

ପ୍ରଣାମ ସିନ୍ଧୁତାଇ

ବିନୋଦ



ଗାଡ଼ି ଯେତେ ଆଗକୁ ଯାଉଥିଲା ମୋ ମନ ସେତେ ଉଚ୍ଚାଟରେ ଭରି ଯାଉଥିଲା । ପ୍ରଥମ ଥର ଲାଗି ମୁଁ ମହାରାଷ୍ଟ୍ର ଯାଉଥିବାବେଳେ ରାଜ୍ୟର କେତେକ ପ୍ରମୁଖ ସ୍ଥାନ ଦର୍ଶନ କରିବାର ଉତ୍ସାହ ମୋ ମନରେ ଭରି ରହିଥିଲା । କେବଳ ମୁଁ ନୁହେଁ, ମୋ ସହ ଥିବା ସାଂଗମାନେ ବି ବେଶ୍ ଉତ୍‌ଫୁଲ୍ଲିତ ଥିଲେ । କାରଣ ସେମାନେ ବି ପର୍ଯ୍ୟଟନର ମଜା ଉଠାଇବା ଲାଗି ବ୍ୟଗ୍ର ଥିଲେ ।

ପୁଣେ, ମୁମ୍ବାଇ ଆଦି ସହର ବୁଲିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀକୁ ଯିବା ଲାଗି ଆମର ଯୋଜନା ହୋଇଥିଲା । ଆଉ କେବେ ହୁଏ ମହାରାଷ୍ଟ୍ର ଆସି ହେବ ନାହିଁ । ସେଥିଲାଗି ଆମେ ଭରପୂର ମଜା ଉଠାଇବା ଲାଗି ବ୍ୟଗ୍ର ଥିଲୁ ।

ମହାରାଷ୍ଟ୍ରର ଅନେକ ଦର୍ଶନୀୟ ସ୍ଥାନ ରହିଛି । ଅନେକ କିମ୍ବଦନ୍ତୀ ସହ ଏହି ରାଜ୍ୟର ଇତିହାସ ଜଡ଼ିତ । ମନ୍ଦିର ହେଉ ବା ଗୁମ୍ଫା, ସ୍ୱାଧୀନତା ସଂଗ୍ରାମ ସ୍ଥଳୀ ହେଉ ବା ସହିଦ ପୀଠ, ଐତିହାସିକ ଦୁର୍ଗ ହେଉ ବା ପର୍ଯ୍ୟଟନସ୍ଥଳୀ... ସବୁକିଛିରେ ସମୃଦ୍ଧ ମହାରାଷ୍ଟ୍ର । ଏହା ସହ ଦେଶର ଅର୍ଥନୈତିକ ରାଜଧାନୀ ମୁମ୍ବାଇ ବି ରହିଛି । ତେଣୁ ସାତ ଦିନର ପର୍ଯ୍ୟଟନ ପ୍ରକ୍ରିୟାରେ ଆମକୁ କିଛି କିଛି ଅବଲୋକନ କରିବାକୁ ପଡ଼ିବ ବୋଲି ଭାବି ନେଇଥିଲି ।

ତେବେ ଆଉ ଏକ ବିଷୟ ନେଇ ମୁଁ ବିଶେଷ ଆଗ୍ରହୀ ଥିଲି । ତାହା ହେଉଛି ବିଶିଷ୍ଟ ସମାଜସେବୀ ତଥା ଶହ ଶହ ଅନାଥଙ୍କ ମା' ସିନ୍ଧୁତାଇ ସପକାଳଙ୍କୁ ଦେଖିବି ବୋଲି । ମୁଁ ବହୁ ଆଗରୁ ସିନ୍ଧୁତାଇଙ୍କ ସମ୍ପର୍କରେ ଜାଣିଥିଲି ଏବଂ ତାଙ୍କର ଅପରିସୀମ ଦକ୍ଷତା, ଅଙ୍ଗୀକାର, ତ୍ୟାଗ, ସାମାଜିକ ସେବା ଆଦିକୁ ନେଇ ମୋ ମନରେ ଏକ ଭାବନା ଉଦ୍ରେକ ହୋଇଥିଲା ଯେ, ଜୀବନରେ ଥରେ ଅନ୍ତତଃ ତାଙ୍କୁ ସାକ୍ଷାତ କରିବି । ଆଜିକାଲି ଦୁନିଆରେ ତ କୋଟି କୋଟି ଲୋକ ରହିଛନ୍ତି । ଆଭିଜାତ୍ୟ ବଳୟରେ

ଅଗଣିତ ଲୋକ ରହୁଛନ୍ତି । ମାତ୍ର ସିନ୍ଧୁତାଇଙ୍କ ପରି କିଏ ହେବ ? ଲୋକେ ବି ଅନେକ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରୁଛନ୍ତି, ମଜା ନେବା ଲାଗି ଅନେକ ସ୍ଥାନ ବୁଲୁଛନ୍ତି । ହେଲେ ଜଣେ ମହାନ ସମାଜସେବୀଙ୍କୁ ଦେଖିବା ଲାଗି କେତେ ଲୋକ ଆସନ୍ତି ? ଏସବୁ ଚିନ୍ତା କରି ମୁଁ ନିଷ୍ପତ୍ତି ନେଇଥିଲି ଯେ, କୌଣସି ପ୍ରକାରେ ଏହି ମହାନୁଭବୀ ମାତୃସ୍ଥାନୀୟାଙ୍କୁ ଅନ୍ତତଃ ଥରେ ଦେଖିବି ।

କିଛି ଦର୍ଶନୀୟ ସ୍ଥାନ ବୁଲିବା ପରେ ଆମ ଗାଡ଼ି ଗଡ଼ିଚାଲିଥିଲା ପୁଣେ ଅଭିମୁଖେ । ମୁଁ ମୋର ସମସ୍ତ ସାଙ୍ଗଙ୍କୁ ଏସମ୍ପର୍କରେ ବି ସୂଚନା ଦେଇଥିଲି । ସେମାନେ ବି ଆଗ୍ରହ ପ୍ରକାଶ କରିଥିଲେ ଯେ, ଏତେ ବାଟ ଆସି ସିନ୍ଧୁତାଇଙ୍କ ପରି ଜଣେ ମହିଳାଙ୍କୁ ନ ଦେଖିଲେ ଏକ ଅବସୋସ ରହିଯିବ ।

ଶେଷରେ ଆମ ଗାଡ଼ି ପୁଣେରେ ପହଂଚିଲା । ମହାରାଷ୍ଟ୍ରର ଅନ୍ୟତମ ସମୃଦ୍ଧ ସହର ପୁଣେ । ସବୁଠି ଆଭିଜାତ୍ୟର ପ୍ରତୀକ । ପ୍ରତ୍ୟେକ ଗଳିକନ୍ଦି, ରାଜପଥର ଆଭିଜାତ୍ୟର ଝଲକ । ମରାଠା ସଭ୍ୟତା ସହ ଜଡ଼ିତ ଏହି ସହର ପ୍ରତିଷ୍ଠା ମୂଳରେ ତ ଅନେକ କାହାଣୀ ରହିଛି । ସେସବୁକୁ ଅବଲୋକନ କରିବା ସୀମିତ ଯାତ୍ରାପଥରେ କିଞ୍ଚିତ ଉଦ୍‌ଭାସିତ ହେଲା ।

ତେବେ ଆମେ ଯେଉଁ ଉଦ୍ଦେଶ୍ୟରେ ପୁଣେରେ ଯାତ୍ରା କରୁଥିଲୁ ସେଠାରେ ପହଞ୍ଚିବାରେ ଅସୁବିଧା ହେଲା ନାହିଁ । ସେହି ଦିଗରେ ଆମ ଗାଡ଼ି ଅବଧାରିତ ହେଉଥିବା ବେଳେ ବିଶେଷ କରି ମୋର ମନ ଉଚ୍ଚାଟରେ ଭରିଯାଉଥିଲା ।

କିଛି ସମୟ ପରେ ଆମ ଗାଡ଼ି ସନମାତି ବାଳ ନିକେତନରେ ପହଞ୍ଚିଲା ।

ମୁଁ ଦେଖିଲି ସେହି ସ୍ଥାନରେ ବିଶାଳ କୋଠା ରହିଛି । ଚାରିଆଡ଼େ ବୃକ୍ଷର ସମ୍ଭାର । ଖୁବ୍ ମନୋରମ ପରିବେଶ ।

ସମସ୍ତେ ବାଳ ନିକେତନ ମଧ୍ୟକୁ ପ୍ରବେଶ କଲୁ ।

ଦେଖିଲୁ ବାଲକୋନିଗୁଡ଼ିକରେ ପିଲାମାନେ ଆନନ୍ଦରେ ବୁଲାବୁଲି କରୁଛନ୍ତି । ତାହାରି ଭିତରେ ରହିଥିବା ଏକ ବଗିଚାରେ ବି ଅନେକ ପିଲା ଖେଳୁଛନ୍ତି । ଅନାଥାଶ୍ରମର ଏହି ସୁମହତ୍ ଦୃଶ୍ୟପଟ ଆମକୁ ମୋହିତ କରିବା ସହ ଆମ ଭାବାବେଗକୁ ବଳିଷ୍ଠ କଲା ।

ସେଠାରେ ଦଶ ନୁହେଁ କି କୋଡ଼ିଏ ନୁହେଁ । ଶହ ଶହ ପିଲା । ହସଖୁସିର ପରିବେଶ ମଧ୍ୟରେ ସେମାନେ ଭୁଲିଯାଇଛନ୍ତି ନିଜକୁ । ନା ଜାତି, ନା ବର୍ଣ୍ଣ, ନା ଧର୍ମ... । ସେମାନଙ୍କ ବାପା କିଏ, ମା' କିଏ ତାହା ସେମାନେ ଜାଣିନାହାନ୍ତି । ସେମାନେ କେଉଁପରି ଭାବେ ଏଠାକୁ ଆସିଲେ ତାହା ବି ସେମାନେ ଜାଣିନାହାନ୍ତି । ମାତ୍ର ତାଙ୍କ ଲାଗି ଅତି ସୁନ୍ଦର ବ୍ୟବସ୍ଥା କରିଦିଆଯାଇଛି ଯଦ୍ୱାରା ସେମାନେ କୌଣସି କଥା ଯେପରି ଚିନ୍ତା କରିପାରିବେ ନାହିଁ ।

ମଣିଷ ଅତି ସଭ୍ୟ ବୋଲି ନିଜକୁ ଦାବି କରେ । ସବୁଠାରୁ ଶ୍ରେଷ୍ଠ ପ୍ରାଣୀ ବୋଲି ନିଜକୁ କହିଥାଏ । ମାତ୍ର ବାସ୍ତବରେ ସେ ଏତେ ସ୍ୱାର୍ଥପର, କଦର୍ଯ୍ୟ ହୋଇପାରେ ତାହା ବେଳେବେଳେ କଳ୍ପନା କରାଯାଇପାରେ ନାହିଁ । ସଦ୍ୟଜାତ ସନ୍ତାନକୁ ଛାଡ଼ି ଦେଇ ମା' କେଉଁଠି ଚାଲିଯାଇଛି ତ କେଉଁଠି ବାପାମା'ଙ୍କ ମୃତୁ ପରେ ତାଙ୍କ ସନ୍ତାନମାନଙ୍କୁ ପରିବାର ଆପଣାଇନାହାନ୍ତି । ଏପରି ଶହ ଶହ ଘଟଣା ଦୁନିଆ ଦେଖିବାକୁ ମିଳେ । ମାତ୍ର ଏପରି ବି କିଛି ଲୋକ ଅଛନ୍ତି ଯେଉଁମାନେ ସାରା ଜୀବନକୁ ଦୁଃଖକଷ୍ଟରେ ବାଜି ଲଗାଇ ସେହି ଅନାଥ ପିଲାମାନଙ୍କୁ ଆପଣାଇଥାନ୍ତି । ସେମାନଙ୍କ ସୁଖଦୁଃଖରେ ସାଥୀ ହୋଇଥାନ୍ତି । ସେମାନଙ୍କୁ ସମାଜର ମହାସମୁଦ୍ରରେ ମିଶାଇବା ଲାଗି ଅପରିସୀମ ତ୍ୟାଗ ସ୍ୱୀକାର କରିଥାନ୍ତି ।

ମନ୍ଦିର କିମ୍ବା କୌଣସି ଧର୍ମପୀଠକୁ ଗଲେ ତ ଶାନ୍ତି ମିଳେ । ମାତ୍ର ଏପରି ଏକ ସ୍ଥଳକୁ ଆସିଲେ ଜୀବନ ଯେପରି ଧନ୍ୟ ହୁଏ ତାହା ଅନୁଭବୀ ହିଁ ଅନୁଭବ କରିଥାଏ । ଆମେ ସେହି ପବିତ୍ର ପ୍ରତିଷ୍ଠାନର ନୈସର୍ଗିକତା ମଧ୍ୟରେ ବୁଡ଼ିଗଲୁ । ନିଜକୁ ଲାଗିଲା ଆମେମାନେ ନିଜନିଜର ପିଲାମାନଙ୍କ ଗହଣରେ ରହିଛୁ । ସେଠାରୁ ଆସିବାକୁ ଆଦୌ ଇଚ୍ଛା ହେଉ ନଥିଲା ।

ତେବେ ଆମେ ଯାହାଙ୍କୁ ଦେଖିବାକୁ ଆସିଛୁ ସେ କେଉଁଠି ?

କର୍ମଚାରୀଙ୍କୁ ପଚାରିବା ପରେ ସେ ଦେଖାଇ ଦେଲେ ମା' ସିନ୍ଧୁତାଇ କେଉଁଠି ରହୁଛନ୍ତି । ତାଙ୍କ ସୂଚନା ଅନୁସାରେ ଆସେ ସେଠାକୁ ଗଲୁ ।

ଅନାଥାଶ୍ରମର ପରିବେଶ ଦେଖି ଆମକୁ ବିଶ୍ୱାସ ଲାଗୁ ନଥାଏ ଯେ, ଜଣେ ସାଧାରଣ ବ୍ୟକ୍ତିର ଉଦ୍ୟମ କ'ଣ ଏତେ ବୃହତ୍ ହୋଇପାରେ । ଯେଉଁ ଚିନ୍ତାଧାରା ବଳରେ ଜଣେ ମଣିଷ ଏପରି ମହାନ୍ କାର୍ଯ୍ୟ କରିପାରେ ସେହି ବ୍ୟକ୍ତିଙ୍କ ଆଭିମୁଖ୍ୟ, ଜୀବନଯୁଦ୍ଧ କେତେ ଶକ୍ତିଶାଳୀ ହୋଇ ନପାରେ ।

ଆମେ ଅନାଥାଶ୍ରମର ଏକ କୋଣରେ ଥିବା ଘରକୁ ଗଲୁ । ସେଠାରେ ବି ଅନେକ ପିଲା ଖେଳାବୁଲା କରୁଥିବା ଆମେ ଦେଖିବାକୁ ପାଇଲୁ । ଆଉ ତାହାରି ଭିତରେ ଦେଖିଲୁ ଜଣେ ବୟସ୍କ ମହିଳା ବସିଛନ୍ତି । କର୍ମଚାରୀଜଣକ ଉକ୍ତ ମହିଳାଙ୍କୁ ଚିହ୍ନାଇ ଦେଇ କହିଲେ ସେ ହିଁ ହେଉଛନ୍ତି ସିନ୍ଧୁତାଇ ।

ଆମର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଅତି ମାମୁଲି ଦିଶୁଥିବା ତଥା ଗାଉଁଲି ପୋଷାକ ପରିହିତା ସିନ୍ଧୁତାଇଙ୍କୁ ଅତି ନିକଟରୁ ଦେଖି ଆମେ ଆନନ୍ଦରେ ଅଧୀର ହୋଇଗଲୁ । ଲାଗିଲା ଆମର ସମସ୍ତ ଶ୍ରମ ଯେପରି ସାର୍ଥକ ହୋଇଗଲା । ସମସ୍ତେ ତାଙ୍କ ପାଦ ସ୍ପର୍ଶ କଲୁ ।

ଅତି ଶାନ୍ତ ବଦନ । ଚକ୍ଷୁ ଦୁଇଟିରେ ଅଜସ୍ର କଳ୍ପନାର ସାମ୍ରାଜ୍ୟ । ଅନ୍ତହୀନ ସଂଗ୍ରାମର ସିଦ୍ଧ ମହିଳାଙ୍କ ନିକଟରେ ରହି ଆମେ ନିଜକୁ ଗୌରବାନ୍ୱିତ ମନେ କଲୁ । ସେ ଆମକୁ ନିକଟ ଆସନରେ ବସିବା ଲାଗି ଅନୁରୋଧ କଲେ । ଆମେ ସେଠାରେ ବସିଲୁ ।

ମୁଁ ଜଣେ ସାମ୍ବାଦିକ । ମୋର ବନ୍ଧୁମାନେ ଥିଲେ ଆଇଟି ବିଶାରଦ, ଲେଖକ, ସମାଜସେବୀ ଇତ୍ୟାଦି । ଆମମାନଙ୍କର ପରିଚୟ ପାଇ ସେ ବେଶ୍ ଖୁସି ହୋଇଗଲେ । କେଇ ସମୟ ମା' ସିନ୍ଧୁତାଇଙ୍କ ସହ ଆମର ଅନ୍ତରଙ୍ଗ ଆଳାପ ହେଲା । କଥା ଅବସରରେ ସେ ଜୀବନର ସାମାନ୍ୟ ଝଲକ ବି ଆମକୁ ଦେଲେ ଯାହା ଶୁଣି ଆମେ ଆଶ୍ଚର୍ଯ୍ୟଚକିତ ହୋଇଗଲୁ ।

ତାଙ୍କର ବାଲ୍ୟକାଳ ଏପରି ଦୁଃସ୍ଥିତିରେ କଟିଥିଲା ଯାହା କଳ୍ପନା କରିବା କଷ୍ଟକର । ଦୁଃଖ ଯେ ଏପରି ତାଙ୍କ ଜୀବନରେ ଛାଇ ହୋଇ ରହିଥିଲା ତାହା ସହଜରେ ବିଶ୍ୱାସ

କରାଯାଇପାରିବ ନାହିଁ । ବାପା ଅଭିମନ୍ୟୁ ସାଠେ ଥିଲେ ଜଣେ ଗୋପାଳକ । ଜମି ବୋଲି କିଛି ନାହିଁ । ଅସୀମ ଦାରିଦ୍ର୍ୟର କଷାଘାତରେ ସେ ପରିବାର ପ୍ରତିପୋଷଣ କରୁଥିଲେ । ସିନ୍ଧୁତାଇଙ୍କ ଜନ୍ମ ତାଙ୍କ ଲାଗି ଯେତିକି ଖୁସି ଥିଲା ତା'ଠାରୁ ଅଧିକ ଦୁଃଖ ଥିଲା । କାରଣ ଦାରିଦ୍ର୍ୟ ଭିତରେ ସେ ପିଲାଟିକୁ ମଣିଷ କରିବେ କେମିତି ? ପୁଣି ପାଠ ପଢ଼ିବାର ବଡ଼ ସମସ୍ୟା । ଦିନେ ଚୁଲି ଜଳିଲେ ଆଉ ଦିନେ ଚୁଲି ଜଳୁ ନଥିଲା । ଏହାରି ଭିତରେ ସେ କୌଣସି ପ୍ରକାରେ ସିନ୍ଧୁତାଇଙ୍କୁ ମଣିଷ କରିବାରେ ଲାଗିଲେ । ମାତ୍ର ବାର ବର୍ଷ ବୟସରେ ସେ ଶ୍ରୀହରି ସପକାଳଙ୍କ ସହ ବିବାହ କରାଇଦେଲେ ଯାହାର ବୟସ ଥିଲା ଚାଳିଶରୁ ଅଧିକ । ସିନ୍ଧୁତାଇଙ୍କ ନିକଟରେ କୌଣସି ବିକଳ୍ପ ନଥିଲା । ଜୀବନରେ ଅନେକ ସ୍ୱପ୍ନ ଦେଖିଥିବା ସିନ୍ଧୁତାଇଙ୍କ ପାଠ ଜୀବନର ପୂର୍ଣ୍ଣଚ୍ଛେଦ ପଡ଼ିଲା ଚତୁର୍ଥ ଶ୍ରେଣୀରେ ।

ମଣିଷ ତ ଏକ ବିଚିତ୍ର ପ୍ରାଣୀ । ତଥାକଥିତ ସାମାଜିକ ପରମ୍ପରା, ବିଶ୍ୱାସ, ଧାରଣା, ଭାବନା ଆଦିକୁ ତ୍ୟାଗ କରିବା ଏହି ପ୍ରାଣୀ ପକ୍ଷେ ସତେ ଯେପରି ଅସମ୍ଭବ । ଏଥିପାଇଁ କଳୁଷିତ ବ୍ୟବସ୍ଥା ଲାଗି ରହିଛି । ଜୀବନକୁ ବାସ୍ତବତାର ସହ ଗ୍ରହଣ କରିବା ସାଧାରଣତଃ ଦେଖାଯାଏନାହିଁ ।

ଦାରିଦ୍ର୍ୟର ଉତ୍ପୀଡ଼ନ ମଧ୍ୟରେ ଦୁର୍ବିସହ ସିନ୍ଧୁତାଇଙ୍କ ବୈବାହିକ ଜୀବନ କିନ୍ତୁ ଭୟଙ୍କର ବିପର୍ଯ୍ୟସ୍ତ ହେବାରେ ଲାଗିଲା । ମାତାଲ ସ୍ୱାମୀର ଭୟାନକ ନିର୍ଯାତନା, ମାଡ଼, ଗାଳିରେ ଛାରଖାର ହୋଇଗଲା ସିନ୍ଧୁତାଇଙ୍କ ସ୍ୱପ୍ନର ଜୀବନ । ନା କେହି ସାହାରା, ନା କୌଣସି ସାହାଯ୍ୟ । ଗୁହାଳରେ କଟିଲା ରାତି । ଅଖିଆ ଅପିଆ ସିନ୍ଧୁତାଇଙ୍କୁ କେହି ଆଡ଼ ଆଖିରେ ଦେଖିଲେ ନାହିଁ । ସ୍ୱାମୀର ନିଷ୍ଠୁର ଆକ୍ରମଣ ମଧ୍ୟରେ ସାମାନ୍ୟ ରକ୍ଷା କରିବାକୁ ବି କେହି କବାଟ ଖୋଲି ଆଗେଇ ଆସିଲେ ନାହିଁ ।

ନାନା ଦୁଃଖକଷ୍ଟ ମଧ୍ୟରେ କିଛିଦିନ କଟିବା ପରେ ପ୍ରଥମ ଗର୍ଭ ଆବୋରିଲେ ସିନ୍ଧୁତାଇ । ହେଲେ ଏପରି ଅବସ୍ଥାରେ ବି ସ୍ୱାମୀର ଅକଥନୀୟ ନିର୍ଯାତନା ଥମିଲା ନାହିଁ । ବରଂ ଅଧିକ ହେଲା ।

ଦିନେ ମଦ୍ୟପ ସ୍ୱାମୀ ଏପରି ଭାବେ ସିନ୍ଧୁତାଇଙ୍କୁ ପିଟିଲା ଯେ, ତାଙ୍କ ଦେହରୁ ପ୍ରାଣ ପ୍ରାୟ ଛାଡ଼ିଯାଇଥିଲା । ପ୍ରାୟ ଦୁଇ ଦିନ ପରେ ଚେତା ଫେରିଲା । ତଥାପି ସ୍ୱାମୀର ଦୟା ହେଲାନି । ପୁଣି ମାଡ଼ । କି ଭୟାନକ ଯନ୍ତ୍ରଣା ।

କିଛି ମାସ ଗଲା । ସିନ୍ଧୁତାଇ ଏକ କନ୍ୟା ସନ୍ତାନ ଜନ୍ମଦେଲେ । ମାତ୍ର କନ୍ୟା ଜାତ ହେବା ଦେଖି ସ୍ୱାମୀ ଆହୁରି ନିଷ୍ଠୁର ଓ କ୍ରୋଧୀ ହୋଇଗଲା । ପୁଣି ଥରେ ପ୍ରସୂତିଙ୍କ ଉପରେ ମାଡ଼ ଆଉ ମାଡ଼ ।

ଶେଷରେ ନବଜାତକକୁ ଧରି ଘର ଛାଡ଼ିଲେ ସିନ୍ଧୁତାଇ । କେତେବେଳେ ଫୁଟ୍‌ପାଥ ତ କେତେବେଳେ ଷ୍ଟେସନ ବା ଗଛମୂଳ । କେତେବେଳେ ବସ୍‌ଷ୍ଟାଣ୍ଡ ତ କେତେବେଳେ କାହା ବାରଣ୍ଡା । ଶୀତ ରାତି, ଉପାସ, ବିପଦ, ସାମାଜିକ ନିନ୍ଦା... ଏହା ହିଁ ଥିଲା ସିନ୍ଧୁତାଇଙ୍କ ଜୀବନର ଅଭିଶପ୍ତ ଇତିହାସ ।

ଗୋଟିଏ ଗୋଟିଏ କ୍ଷଣ କଟିଲେ ସିନ୍ଧୁତାଇଙ୍କୁ ଲାଗୁଥିଲା ସତେ ଯେପରି ଗୋଟିଏ ଗୋଟିଏ ଯୁଗ କଟିଯାଉଛି ।

ଉଭୟ ମା' ଓ ଝିଅଙ୍କୁ ନେଇ ସଂସାର ନାନା କଥା କହିଲା । କୂଅରେ ବେଙ୍ଗ ପଡ଼ିଥିଲେ ସମସ୍ତେ ଟେକା ମାରନ୍ତି । ଠିକ୍ ସେପରି ସିନ୍ଧୁତାଇଙ୍କ କ୍ଷେତ୍ରରେ ତାହା ଘଟିଲା । ସବୁ କିଛିକୁ ନୀରବରେ ସହିଲେ ସିନ୍ଧୁତାଇ ।

ଦିନ ପରେ ଦିନ ଗଡ଼ି ଚାଲିଲା । ସମ୍ପୂର୍ଣ୍ଣ ବେସାହାରା ଏହି ଦୁଇଜଣିଆ ପରିବାରକୁ କେହି ଆଡ଼ ଆଖିରେ ଚାହିଁଲେ ନାହିଁ ।

କୌଣସି ପ୍ରକାରେ ବଂଚିବାକୁ ପଡ଼ିବ । ଏତେ ବାଧାବିଘ୍ନ, ଘାତ ପ୍ରତିଘାତ ମଧ୍ୟରେ ବର୍ଷ ବର୍ଷ ବିତିଯାଇଥିବା ସିନ୍ଧୁତାଇଙ୍କ ଲାଗି ଏଣିକି କୌଣସି ବିପଦ ବଡ଼ ବୋଲି ଲାଗୁ ନଥିଲା । ସବୁକିଛିକୁ ହସିହସି ଗ୍ରହଣ କରୁଥିଲେ ସିନ୍ଧୁତାଇ ।

ଏତକ କହିବା ବେଳକୁ ସିନ୍ଧୁତାଇଙ୍କ ଆଖିରେ ଆସିଯାଇଥିଲା ଲୁହର ବନ୍ୟା । ତାଙ୍କ ଲୁହ ଦେଖି ଆମ ଆଖିରେ ବି ଲୁହ ଅଟକାଇହେଉ ନଥିଲା । ଏପରି ଏକ ସଂଗ୍ରାମୀ ନାରୀଙ୍କ ଜୀବନର କାହାଣୀ କି ଗମ୍ଭୀର, ହୃଦୟ ବିଦାରକ !

ସମସ୍ତଙ୍କ ଲାଗି ଚା' ଓ କିଛି ଜଳଖିଆ ଆଣି ଆସିଲେ ଜଣେ କର୍ମଚାରୀ । ଆମର ଏକ ବିସ୍ତୀର୍ଣ୍ଣ ଭାବନା ରାଜ୍ୟର ଉପଛାୟା ଭଗ୍ନ ହେଲା ।

ପରେ ସେ ପୁଣି ଆରମ୍ଭ କଲେ ଅବଶିଷ୍ଟ କାହାଣୀ ।

ଦିନେ ସେ ଷ୍ଟେସନରେ ବସିଥିଲେ । ସେ ଶୁଣିବାକୁ ପାଇଲେ ନିକଟସ୍ଥ ନାଳରେ ଏକ ସଦ୍ୟଜାତ ଶିଶୁ ପଡ଼ିଛି । ଅନ୍ୟମାନଙ୍କ ପରି ସେ ସେଠାକୁ ଧାଇଁଗଲେ । ଯାହା ଶୁଣିଥିଲେ ତାହା ସତ । ଗୋଟିଏ ନବଜାତ କରୁଣ ଚିତ୍କାର କରୁଛି । ସେ କାଳବିଳମ୍ବ ନ କରି ସନ୍ତାନଟିକୁ ଆପଣାଇ ନେଲେ । କିଛି ସମୟ ପରେ ସେହି ସ୍ଥାନ ପୁଣି ଜନଶୂନ୍ୟ ହୋଇଗଲା ।

ପିଲାଟି ସତେ ଯେପରି ମା'ର ସ୍ୱର୍ଗ ପାଇଲା । ତା' କାନ୍ଦ ବନ୍ଦ ହୋଇଗଲା । ସିନ୍ଧୁତାଇଙ୍କ ବିଶାଳ ମାତୃତ୍ୱର ସାଗର ଭିତରେ ପିଲାଟି ତ ଲାଳିତପାଳିତ ହେବ । ହେଲେ ସେମାନେ ପୁଣି ଚଳିବେ କେମିତି ? ନିଜର ତ ଏକ ସନ୍ତାନ ମୁହଁରେ ଖାଦ୍ୟ ସେ ଦେଇପାରୁନାହାନ୍ତି । ପୁଣି ଆଉ ଏକ ଶିଶୁକୁ ଆବୋରିବେ କେମିତି ? କ'ଣ ତାକୁ ପୁଣି ନେଇ ପକାଇ ଦେବେ କେଉଁ ଏକ ଅଜଣା ସ୍ଥାନରେ ? ନା । ତାହା ହୋଇପାରିବ ନାହିଁ । ତାକୁ କୌଣସି ପ୍ରକାରେ ବଂଚାଇବାକୁ ପଡ଼ିବ । ଜୀବନ ଥିବା ଯାଏ ସଂଗ୍ରାମ କରିବାକୁ ପଡ଼ିବ ବୋଲି ତ ପଣ କରିଛନ୍ତି ସିନ୍ଧୁତାଇ । ଏଣୁ ଏହି ପରିପ୍ରେକ୍ଷୀରେ ସେ ହାରିଯିବେ ନାହିଁ ।

ଏପରି ଅବକାଶରେ ସିନ୍ଧୁତାଇ ନିଜର ଦୁଇ ସନ୍ତାନଙ୍କୁ ନେଇ ଚାଲିଯାଇଥିଲେ ପୁଣେ । ସେଠାରେ କେତେବେଳେ ଭିକ୍ଷା ତ କେତେବେଳେ କାହାର କାମ । ଏପରି ଅବସ୍ଥାରେ ଗୁଜୁରାଣ ମେଂଟାଉଥିଲେ ସିନ୍ଧୁତାଇ ।

ଦିନ ପରେ ଦିନ ଗଡ଼ିଚାଲିଲା । ପୁଣେର ଏକ ସ୍ଥାନରେ ସିନ୍ଧୁତାଇ ତିଆରି କଲେ ଝାଟିମାଟିର କୁଡ଼ିଆ । ତାହା ହିଁ ଥିଲା ସାରା ଦୁନିଆରେ ସିନ୍ଧୁତାଇଙ୍କ ପରିବାର ଲାଗି ଆଶ୍ରୟସ୍ଥଳୀ ।

ଶୀତ, ବର୍ଷା, ଖରା... ଝଡ଼, ବାତ୍ୟା... ଏସବୁର ମୁକାବିଲା କରୁଥିଲା ସେହି କୁଡ଼ିଆ । ଅନେକ ଥର ତାହା ପ୍ରବଳ ବତାସରେ ନଷ୍ଟ ହୋଇଯାଇଛି । ତଥାପି ତାହାରି କୋଳରେ କଟିଚାଲିଥିଲା ସିନ୍ଧୁତାଇଙ୍କ ଜୀବନ ।

ଦିନକର କଥା । ସେ ଦେଖିଲେ ଫୁଟ୍‌ପାଥରେ ବସି ଏକ କୁନି ବୟସର ବାଳକ କାନ୍ଦୁଛି । ସମସ୍ତେ ସେହି ବାଟ ଦେଇ ଯାଉଥିଲେ ବି କେହି ଆହା କରିବାକୁ ନାହାନ୍ତି । ଯଦିବା କିଏ ଠିଆ ହୋଇ ପଚାରୁଛି, କିଛି ସମୟ ପରେ ସେ ସେଠାରୁ ଚାଲିଯାଉଛି । ସିନ୍ଧୁତାଇଙ୍କ ମହାନ୍ ମନ ବୁଝିଲା ନାହିଁ । ସେ ପିଲାଟି ନିକଟକୁ ଗଲେ । ପିଲାଟିକୁ କୋଳକୁ ନେଇ ସବୁକଥା ପଚାରିଲେ । ପିଲାଟି ଯାହା କହିଲା ସେଥିରେ ସିନ୍ଧୁତାଇଙ୍କ ଆଖିରୁ ଲୁହ ନ ବାହାରି ରହିପାରିଲା ନାହିଁ ।

ଦୁର୍ଘଟଣାରେ ବାପା, ମା' ପ୍ରାଣ ହରାଇବା ପରେ ଦାଦା ତାକୁ ରଖିଥିଲେ । ମାତ୍ର କିଛି ଦିନ ପରେ ହିଂସ୍ର ଆଚରଣ କରି ତାକୁ ପିଟାମରା କଲେ । ଏପରିକି ତତଲା ଚେଙ୍କ ବି ଦେଲେ । ଘରୁ ବାହାରକୁ କାଢ଼ି ଦେଲେ । ଜୀବନ ବିକଳରେ ସେ ଘର ଛାଡ଼ିଦେଇଛି ।

ଅତ୍ୟନ୍ତ ଧର୍ମ ସଙ୍କଟରେ ପଡ଼ିଗଲେ ସିନ୍ଧୁତାଇ । ତାଙ୍କ ମନ ବୁଝିଲା ନାହିଁ । ପିଲାଟିକୁ ଆଜୀବନ କୋଳେଇ ନେବା ବ୍ୟତୀତ ତାଙ୍କର ଅଙ୍ଗୀକାର କ୍ଷେତ୍ରରେ କୌଣସି ବିକଳ୍ପ ନଥିଲା ।

ଦେଖୁ ଦେଖୁ ଚାରିଟି ପ୍ରାଣ ଏକାଠି ହୋଇଗଲା । ମାତ୍ର ସମସ୍ତେ ଚଳିବେ କେମିତି ? ଭିକ୍ଷା ହିଁ ଏକମାତ୍ର ବିକଳ୍ପ ? ତଥାପି କୌଣସି ଏକ ବଡ଼ ଚିନ୍ତାକୁ କେବେ ନା କେବେ ସମର୍ଥନ ଆସେ । ଧୀରେ ଧୀରେ କିଛି ବଦାନ୍ୟ ବ୍ୟକ୍ତି ସିନ୍ଧୁତାଇଙ୍କ ପ୍ରତି ସମର୍ଥନର ହାତ ବଢ଼ାଇଲେ । ସିନ୍ଧୁତାଇଙ୍କ ପରିବାର ପରିସର ଚାରିରୁ ଆଠ, ଆଠରୁ ଦଶ... ବଢ଼ିବାରେ ଲାଗିଲା । ସାମାଜିକ ଆଶ୍ରା ଦେବା ଉଦ୍ଦେଶ୍ୟରେ ସିନ୍ଧୁତାଇ ନିଜର ହୃଦୟକୁ ଯେତେ ଖୋଲା ରଖିଲେ ସେହି ଅନୁସାରେ ତାଙ୍କ ପ୍ରତି ସମର୍ଥନର ସୁଅ ବଢ଼ିଲା ।

ଦିନ ପରେ ଦିନ ଗଡ଼ିଚାଲିଲା । ବଦାନ୍ୟତା ସହାୟତାରେ ସେ ଖୋଲି ଚାଲିଲେ ଗୋଟିଏ ପରେ ଗୋଟିଏ ପ୍ରତିଷ୍ଠାନ । ପିଲା ସଂଖ୍ୟା ବଢ଼ି ବି ହେଲା ହଜାରେରୁ ଅଧିକ । ଜଣେ ତେଜୋଦୀପ୍ତ ମହାନ ନାରୀଙ୍କ ସାନ୍ନିଧ୍ୟ ଲାଭ କରି ଆମେ ନିଜକୁ ବେଶ୍ ଗୌରବାନ୍ୱିତ ମନେ କଲୁ ।

ମୁଁ ସିନ୍ଧୁତାଇଙ୍କୁ ତାଙ୍କ ଝିଅ ସମ୍ପର୍କରେ ପଚାରିଲି ।
ସେ ହସି ହସି କହିଲେ- ଅନାଥ ପିଲା ଓ ତାଙ୍କ ନିଜ ସନ୍ତାନଙ୍କ ମଧ୍ୟରେ କୌଣସି ଫରକ ନ ବାରିବା ଲାଗି ସେ ଅନ୍ୟ ପିଲାଙ୍କ ଗହଣରେ ତାକୁ ଛାଡ଼ି ଦେଇଛନ୍ତି ।

ତାଙ୍କ କଥା ସରିଛି କି ନାହିଁ, ମୋ ପାଟିରୁ ବାହାରିପଡ଼ିଲା, ଧନ୍ୟ ମା' ସିନ୍ଧୁତାଇ । ସିନ୍ଧୁତାଇ କହିଲେ- ଏହି ଅନୁଷ୍ଠାନଗୁଡ଼ିକୁ ବି ସହାୟତାର ହାତ ବଢ଼ାଇଛନ୍ତି ଅନେକ ସମଭାବାପନ୍ନ ଯୁବକ ଯୁବତୀ । ସେମାନେ ଏହି ଅନାଥ ପିଲାଙ୍କ ହାତ ଧରିବାକୁ ପଛାଇନାହାନ୍ତି । ବର୍ତ୍ତମାନ ସୁଦ୍ଧା ଛଅଶହରୁ ଅଧିକ ଜ୍ୱାଇଁ ଓ ବୋହୂ ବି ତାଙ୍କ ପରିବାରର ସଦସ୍ୟ ହୋଇଛନ୍ତି !

ପ୍ରଥମରୁ ହିଁ ଆମେ ସିନ୍ଧୁତାଇଙ୍କ ବିଶାଳ ବ୍ୟକ୍ତିତ୍ୱ ଆଗରେ ସବୁକିଛି ଯେ ସମ୍ଭବ ତାହା ନିଶ୍ଚିତ ହୋଇଥିଲୁ । ଏହି ଝିଅଜ୍ୱାଇଁଙ୍କ ସୂଚନା ପାଇ ଆମେ ଅଧିକ ଆନନ୍ଦିତ ହେଲୁ ।

ତାଙ୍କ ପ୍ରକୋଷ୍ଠରେ ଦେଖିଲୁ ଶହ ଶହ ସମ୍ମାନ, ମାନପତ୍ର, ଫଳକ ଆଦି ରହିଛି । ଏସବୁକୁ କଳ୍ପନା କରିବା ଆମ ପରି ମଣିଷଙ୍କ ପକ୍ଷେ ସମ୍ଭବ ନୁହେଁ ।

ଏକ ଅସୀମ, ବିଶାଳ ହୃଦୟର ପରିସୀମା ମଧ୍ୟରୁ ଆମେ ମୁକୁଳିବା ପ୍ରାୟ ସମ୍ଭବ ନଥିଲା । ତଥାପି ତ ସମୟ ନିର୍ଦ୍ଦେଶରେ ଆମେ ଅବଧାରିତ ।

ସେଠାରୁ ଲୁହ ଛଳଛଳ ଆଖିରେ ଆମେ ସମସ୍ତେ ବିଦାୟ ନେଲୁ ।

ସିନ୍ଧୁତାଇ ବି ଆମକୁ ଛାଡ଼ିବା ଲାଗି ଆମ ଗାଡ଼ି ନିକଟକୁ ଆସିଲେ । ଆମେ ତାଙ୍କ ପାଦ ସ୍ପର୍ଶ କରି ସେଠାରୁ ବିଦାୟ ନେଲୁ ।
ଏହାରି ଭିତରେ ଅନେକ ମାସ ବିତିଯାଇଥିଲା ।

ସାରଥୀ ସ୍ୱାର୍ଥରକ୍ଷା କମିଟି

● ମଦନ ମୋହନ ମହାକୁଡ଼



ଭୂତ ବା ଭଗବାନ, ଏମାନଙ୍କ ଅସ୍ତିତ୍ୱ ଉପରେ ମୋର କୌଣସି ବିଶ୍ୱାସ ନ ଥିଲା । ତେଣୁ କୌଣସି ଭୌତିକ କାଣ୍ଡ ବା ଦୈବ ବିଘଟିତ କ୍ରିୟା ମୋ କାନକୁ ଆସିଲେ ମୋତେ ହାସ୍ୟାସ୍ପଦ ମନେ ହେଉଥିଲା । ତା ବୋଲି ଆପଣ ମୋତେ ନାସ୍ତିକ ଆଖ୍ୟା ଦେଇପାରିବେ ନାହିଁ । ଆଜି କିନ୍ତୁ ମୁଁ ଆଗପରି ଏତେ ମାତ୍ରାରେ ଅବିଶ୍ୱାସୀ ନୁହଁ । ଏବେ ମୋତେ ଅନୁଭବ ହେଲାଣି ଦୁନିଆରେ ଭୂତ ଅଛନ୍ତି ଆଉ ଭଗବାନ ବି ଅଛନ୍ତି । ନିକଟ ଅତୀତରେ ଘଟିଥିବା ଏକ ଘଟଣାର କଥା ମୁଁ କହୁଛି ଶୁଣନ୍ତୁ ।

ମୁଁ ଚାକିରୀ କରୁଥିବା ସଂସ୍ଥାଟିର ମୁଖ୍ୟ କାର୍ଯ୍ୟାଳୟରୁ ଆଦେଶ ପାଇ ଆମେ କେତେଜଣ କର୍ମଚାରୀ ଭୁବନେଶ୍ୱରରୁ କଲିକତା ଯାଇଥିଲୁ ଟ୍ରେନିଂ ନବାକୁ । ନିୟମ ଅନୁଯାୟୀ ଟ୍ରେନିଂ ସମୟରେ ଟ୍ରେନିଂ ହଷ୍ଟେଲରେ ରହିବାକୁ ହୁଏ । ଟ୍ରେନିଂ ହଷ୍ଟେଲରେ କିନ୍ତୁ ସହଳ ପ୍ରବେଶ ବା ଅତିରିକ୍ତ ରହଣିପାଇଁ ମଞ୍ଜୁରି ନାହିଁ । ଭାଇ ଟ୍ରେନିଂ ପାଇଁ ଠିକ୍ ସମୟରେ ଆସ ଆଉ ଠିକ୍ ସମୟରେ ହଷ୍ଟେଲ ଛାଡ଼ି ଚାଲିଯାଅ । ନିର୍ଦ୍ଦେଶ ଅନୁସାରେ ଟ୍ରେନିଂ ଆରମ୍ଭର ପୂର୍ବ ଦିନ ଆମେ ହଷ୍ଟେଲରେ ପହଞ୍ଚିବୁ ଆଉ ଟ୍ରେନିଂ ଶେଷ ହେବା ମାତ୍ରେ ସେଇ ସଞ୍ଜରେ ବା ପରଦିନ ସକାଳେ ହଷ୍ଟେଲ ଛାଡ଼ିଦେବୁ । ସେଥିପାଇଁ ଆମେ ସେଇ ହିସାବରେ ଯିବା ଆସିବାର ଅଗ୍ରିମ ଟ୍ରେନ୍ ଟିକେଟ କରିଥାଉ ।ଚାରି ଦିନର ଟ୍ରେନିଂ ଶେଷ ହେଲା ପରେ ମୁଁ ଟିକେଟ କରିଥାଏ ପରଦିନ ସକାଳ ସାତଟାରେ ହାଓଡ଼ା ଷ୍ଟେସନରୁ ଟ୍ରେନ୍ ଧରି ଭୁବନେଶ୍ୱର ଫେରିବି । ରାତିରେ ମୁଁ ମୋ ମୋବାଇଲ ଫୋନ୍‌ରେ ଆଲାର୍ମ ଦେଇ ଶୋଇଲି ଭୋର ଚାରିଟା ପଇଁଚାଳିଶିରେ ଉଠି ଆରାମରେ ପ୍ରାତଃ କର୍ମ ସାରି ରେଳ ଷ୍ଟେସନ ଚାଲି ଆସିବି । ରାତି ତିନିଟାରେ

ସେ ଦିନ ଥିଲା ୪ ଜାନୁଆରୀ ୨୦୨୨ । ମୁଁ କାମ ସାରି ଘରକୁ ଫେରିଥାଏ । ହଠାତ୍ ଏକ ଖବର ମୋତେ ଅତ୍ୟନ୍ତ ବିଚଳିତ କରିଦେଲା । ଖବରଟି ଥିଲା ହଜାର ହଜାର ଅନାଥଙ୍କ ମା' ସିନ୍ଧୁତାଇ ଆଉନାହାନ୍ତି ।

ମୋ ହାତରୁ 'ଫଇଲଟି ଖସିପଡ଼ିଲା । ନଥି କରି ବସିପଡ଼ିଲି ।

ଖୁବ୍ ଶୀଘ୍ର ସମସ୍ତଙ୍କ ମା' ସିନ୍ଧୁତାଇ ଚାଲିଯିବେ ଏହା ମୁଁ କଳ୍ପନା କରି ନଥିଲି । ମାତ୍ର ସମସ୍ତଙ୍କୁ ତ ଦିନେ ନା ଦିନେ ଫେରିଯିବାକୁ ହେବ ।

ସତରେ ସେ କେବଳ ଶହ ଶହ ପିଲାଙ୍କ ମା' ହୋଇ ନଥିଲେ, ମୋ ପରି ସମଭାବାପନ୍ନ ଲୋକମାନଙ୍କର ବି ଆଦରଣୀୟା ମା' ପାଲଟିଯାଇଥିଲେ ।

ମନେ ମନେ ନିଜକୁ ଧନ୍ୟ ମନେ କଲି ଯେ, ଯା' ହେଉ ଏପରି ଜଣେ ମା'ଙ୍କୁ ମୁଁ ଅତି ନିକଟରୁ ତାଙ୍କ ସାନିଧ୍ୟ ଲାଭ କରିପାରିଛି ।

ମୁଁ ପରଲୋକଗତ ସିନ୍ଧୁତାଇଙ୍କ ଉଦ୍ଦେଶ୍ୟରେ ନତମସ୍ତକରେ ପ୍ରଣିପାତ କଲି ।

ଭୁବନେଶ୍ୱର

ମୋ- ୯୪୩୭୧୬୪୭୬୪

❑❑❑

ମୋ ନିଦ ଭାଙ୍ଗିଗଲା । ଏତେବେଳୁ କାହିଁକି ଛାନିଆ ହେବି ବୋଲି ଭାବି ମୁଁ ଆଉଥରେ ଶୋଇ ପଡ଼ିଲି । ପୁଣି ଥରେ ନିଦ ଭାଙ୍ଗିବା ବେଳକୁ ବାହାରେ ଫରଚା ସକାଳ । ମୋବାଇଲ ଫୋନ୍ ଦେଖିଲି ସମୟ ଦେଖାଉଛି ଚାରିଟା ଚଉଦ । ଚାରିଟା ଚଉଦ, ଅଥଚ ବାହାରେ ଏତେ ଆଲୁଅ । ହାତ ଘଣ୍ଟା ଦେଖିଲି ସମୟ ଛ'ଟା ଚଉଦ । ହାଏ ଭଗବାନ ! ନିଉ ଆଲିପୁରରୁ ଏତିକି ସମୟ ଭିତରେ ହାଉଡ଼ା ଷ୍ଟେସନରେ ପହଞ୍ଚି ମୋ ଟ୍ରେନ୍ ଧରି ପାରିବି ତ ? ଗୋଟାଏ ମିନିଟ୍ ଭିତରେ ଟୟଲେଟ୍ ଯାଇ ମୁହଁଟା ଧୋଇ ପକେଇ, ପେଣ୍ଟ ଶାର୍ଟ ପିନ୍ଧି ପକେଇଲି । ଲୁଗାପଟା ସବୁକୁ ବ୍ୟାଗ ଭିତରେ ଗୁଞ୍ଜି ଦେଇ ମୁଁ ରାସ୍ତାକୁ ଦଉଡ଼ି ପଳେଇଲି । ସଙ୍ଗେ ସଙ୍ଗେ ଟ୍ୟାକ୍ସିଟିଏ ପାଇଗଲି । ଟ୍ୟାକ୍ସି ଷ୍ଟେସନ ଆଡ଼େ ଚାଲିଲା । ଟ୍ୟାକ୍ସି ଭିତରେ ବସିଯାଇ ମୁଁ ଦେଖିଲି ମୋବାଇଲ ଫୋନ୍‌ଟି ଚାରିଟା ଚଉଦ ଠାରୁ ଅଚଳ ହୋଇଯାଇଛି । ଚାରିଟା ପଇଁଚାଳିଶି ବାଜି ଥିଲେ ଆଲାର୍ମ ବାଜି ଥାଆନ୍ତା । ମୁଁ ମୋବାଇଲ ଫୋନର ବେଟାରୀ ଖୋଲି ଆଉଥରେ ସେଟ୍ କରିଦେଲି । ମୋବାଇଲ ଚାଲିଲା । ତା'ହେଲେ ରାତିରେ ମୋବାଇଲ ବନ୍ଦ ହେଲା କିପରି ? କିଏ ତାକୁ ଅଚଳ କଲା ? ନିଶ୍ଚୟ ଭୌତିକ କାଣ୍ଡ । ଭୂତ ଭୂତ , ଭୂତ ଅଛନ୍ତି ବୋଲି ବିଶ୍ୱାସ ହୋଇଗଲା । ସକାଳୁ ସକାଳୁ ରାସ୍ତା ଫାଙ୍କା ଥିଲା । ଟ୍ୟାକ୍ସି ଠିକ୍ ସମୟରେ ଷ୍ଟେସନ ପହଞ୍ଚିଲା ଓ ମୁଁ ମୋ ଟ୍ରେନ୍ ଧରି ପାରିଲି । ଭୂତ ତ ମୋର ଅନିଷ୍ଟ କରି ସାରିଥିଲା । ଆହୁରି ଡେରି ନ ହୋଇ ମୋର ଛ'ଟା ଚଉଦରେ ନିଦ ଭାଙ୍ଗିଲା । ଏସବୁ କେମିତି ହେଲା ? ନା, ଭଗବାନ ବୋଲି କିଏ ଅଛନ୍ତି; ମୋର ଏଥର ବିଶ୍ୱାସ ହୋଇଗଲା ।

ଏଇଯେ କାମ ଚଳା ଗୋଟେ ବିଶ୍ୱାସ ମୋର ଆସିଗଲା; ଏଇଥିରେ ମୁଁ ମୋର ଈଶ୍ୱର ବିଶ୍ୱାସୀ ବନ୍ଧୁ ଲିଙ୍ଗରାଜର କାରବାର ସବୁକୁ ସହିଯିବି, ତା ନୁହେଁ । ଲିଙ୍ଗରାଜର କାରବାର ସବୁ ଆଗେ ଯେମିତି ଅସହ୍ୟ ଥିଲା ଏବେ ବି ମୋ ପାଇଁ ସେମିତି ଅଛି ।

ଲିଙ୍ଗରାଜଟି ଆମର ଜଣେ ଧର୍ମଭୀରୁ ଲୋକ । ଆଜିକା ଦୁନିଆରେ ସେ

ଯେମିତି ନୈତିକତା ସବୁ ବଜାୟ ରଖିଛି, ସେଥିକୁ ସେ ଆମମାନଙ୍କ ବିଚାରରେ ଯୁଗୋପଯୋଗୀ ମଣିଷ ହିସାବରେ ଗଣ୍ୟ ହୁଏନା । ଅଫିସରେ ଡେରି ପର୍ଯ୍ୟନ୍ତ କାମ କରୁଥିବ । ଅଫିସରୁ ବାହାରି ସିଧା ଘରକୁ ନ ଫେରି ସହର ଭିତରେ ଗଢ଼ି ଉଠିଥିବା ସମସ୍ତ ମନ୍ଦିର ପରିକ୍ରମା କରିବ । ତା'ର ପ୍ରଣାମ କରିବା ଭଙ୍ଗୀରୁ ଆମକୁ ଲାଗେ ଯେମିତି ସେ ସମସ୍ତ ଦେବାଦେବୀଙ୍କ ସଙ୍ଗେ କଥାବାର୍ତ୍ତା କରି ସେମାନଙ୍କର ଭଲମନ୍ଦ, ଅଭାବ ଅସୁବିଧା ବୁଝୁଛି । କେଉଁଠି କେଉଁଠି ଠାକୁରମାନଙ୍କୁ ନଡ଼ିଆ କଦଳୀ ଖୁଆଉଥାଏ । ମନ୍ଦିରରୁ ବାହାରି ବୁଲା କୁକୁରମାନଙ୍କୁ ବିସ୍କୁଟ କିଣି ଖୁଆଏ । ଜୀବେ ଦୟା ଭାବ ତ ତା ଚରିତ୍ରର ଏକ ଅସାଧାରଣ ଗୁଣ । ଥରେ ସିନେମା ହଲ ଛକରେ ଷଣ୍ଢଟାଏ ଗୋଡ଼ ଭାଙ୍ଗି ପଡ଼ିଥିଲା । ଷଣ୍ଢଟା ରାସ୍ତାକୁ ଆବୋରି ପଡ଼ିଥିବାରୁ ଗାଡ଼ି ମୋଟର ଚଳାଚଳ କରିବାରେ ଖୁବ୍ ଜାମ ଲାଗି ରହୁଥିଲା । ଏମିତି ଅଚଳ ହୋଇ ପଡ଼ିଥିଲା ଯେ ଯେତେ ହୁସ୍‌ହାସ୍ କଲେ ବି ଷଣ୍ଢ ସେଠୁ ଉଠିଲା ନାହିଁ, ପ୍ରକୃତରେ ଉଠି ପାରୁନ୍ନ ଥାଏ । ଥୋକେ ଲୋକ ଠିକ୍ କଲେ ବାଉଁଶ ବାଡ଼ି ଠେସା ଦେଇ ଷଣ୍ଢକୁ ଏକ କୋଣିଆ କରିଦେବେ । ଠେଙ୍ଗା ବାଉଁଶ ଧରି ଟୋକାଏ ଜମା ହେବା ସମୟରେ ଲିଙ୍ଗରାଜ ସେଇଠି ଜଣେ ଭେଟେନାରି ଡାକ୍ତରଙ୍କୁ ଧରି ପହଞ୍ଚିଲା । ଡାକ୍ତର ଷଣ୍ଢଟିର ଚିକିତ୍ସା କରୁଥାଆନ୍ତି । ଲିଙ୍ଗରାଜ ଭୋକିଲା ଷଣ୍ଢକୁ ପାଉଁରୁଟି କଦଳୀ ଇତ୍ୟାଦି ଖୁଆଉଥାଏ । ତା'ପରେ ଷଣ୍ଢର ଦେହରୁ ଧୂଳି ମଳି ଝାଡ଼ି ଦେଇ ଆଉଁଶା ଆଉଁଶି କଲା । ଷଣ୍ଢ ବେକରେ ଫୁଲମାଳ ପକେଇ ପ୍ରଣାମଟିଏ କଲା ଓ ଷଣ୍ଢ ଥାବାରେ ନିଜ ଗାଲକୁ ଘଷି ଦେଇ ତା ମୁହଁକୁ ଅନେଇ ହସିଦେଲା । ଆରେ ଆରେ ! ଏହାପରେ ହର ହର ମହାଦେବଙ୍କ ବାହନ ଉପରେ କାହାର ହାତ ଯିବ । ଟୋକାମାନେ ଠେଙ୍ଗା ବାଡ଼ି ଧରି ସେଠାରୁ ଛତ୍ରଭଙ୍ଗ ହେଲେ । ଷଣ୍ଢ ସେଇଠି ରାସ୍ତା ଉପରେ ଶୋଇ ରହିଲା ଲିଙ୍ଗରାଜ କର୍ତ୍ତୃକ ସୁସ୍ଥ ହେବାଯାଏ ।

ଲିଙ୍ଗରାଜ ଘରକୁ ଫେରି ପୁଣି ବହେ ଠାକୁର ପୂଜା କରେ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ । ସ୍ତ୍ରୀ ପିଲାମାନେ ଏସବୁ ଆଚରଣ ସହିତ ଧୀରେ ଧୀରେ ଅଭ୍ୟସ୍ତ ହୋଇଯାଇଥାଆନ୍ତି । ତା'ର ଏଇ ଭଲ ଗୁଣଟି ପ୍ରତି କାହାରି ଆଉ ଆପତ୍ତି ନ ଥାଏ ।

ସେମାନଙ୍କର ସମୟ ହେଲେ ଲିଙ୍ଗରାଜ ପାଇଁ ରାତି ଖାଇବା ରଖିଦେଇ, ନିଜେ ଖାଇପିଇ ଶୋଇଯାଆନ୍ତି । ପରେ ବିଳମ୍ବିତ ରାତିରେ ଲିଙ୍ଗରାଜ ବିଶ୍ରାମ ନିଏ । ଏସବୁ ସତ୍ତ୍ୱେ ଲିଙ୍ଗରାଜ ଅଫିସରେ ସବୁକାମ ଦାୟିତ୍ୱ ସହକାରେ କରିଥାଏ । ଛାତ୍ର ହିସାବରେ ସେ ମୌଳିକ ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା, ସାହିତ୍ୟ, ସବୁଥିରେ ଖୁବ୍ ଗଭୀର ଜ୍ଞାନର ଅଧିକାରୀ । ତେଣୁ ପିଲାମାନଙ୍କ ପାଠପଢ଼ାର ଉଚିତ୍ ତଦାରଖ କରିଥାଏ । ବଜାର ସଉଦା କରିବା ଇତ୍ୟାଦିରେ ଯେଉଁ ସାମାନ୍ୟ ଅବହେଳା ହେଇଥାଏ, ଶ୍ରୀମତୀ ସେସବୁ ଚଳେଇ ନିଅନ୍ତି । ଘରେ ନିଭୃତରେ ଯାହା ଯେମିତି ପୂଜା ଉପଚାର କରୁଛି କରୁ ଆମର କାହାରି ଆପତ୍ତି ନାହିଁ । କିନ୍ତୁ ରାସ୍ତା ଘାଟରେ ସେ ଯେମିତି ଭକ୍ତିଭାବର ଆଚରଣ ସବୁ କରୁଥାଏ ସେଥକୁ ଆମର ଘୋର ଆପତ୍ତି ।

ୟୁନିଭର୍ସିଟିରେ ପଢ଼ିବାବେଳେ ପ୍ରତି ଶନିବାର ଆମେ ଦୁହେଁ ସାଥି ହୋଇ ୟୁନିଭର୍ସିଟି ଗେଟ ବାହାରେ ଯାଇ ବରଗଛମୂଳେ ଗୋଟିଏ ପଥର ଉପରେ ବସି ସପ୍ତାହାନ୍ତ ମନ ହାଲୁକା କରିବାର ଗପସପ କରୁଥିଲୁ । ବହୁ ଦିନ ପରେ ଏଇ ସହରକୁ ଚାକିରୀରେ ବଦଳି ହୋଇ ଆସି ଗୃହ ଫେରନ୍ତା ଆବେଗରେ ଲିଙ୍ଗରାଜ ସେଇ ପଥର ପାଖକୁ ଯାଇ ଭକ୍ତି ଗଦ ଗଦ ପ୍ରଣାମଟିଏ କଲା ଓ ପଥର ଉପରେ ଫୁଲ ଥୋଇଲା । ଏମିତି ଦୁଇଟି ଶନିବାର କରିଛି । ତୃତୀୟଥର ଗଲାବେଳକୁ ସେଇ ପଥର ଶନି ଦେବତା ପାଲଟି ଯାଇଛନ୍ତି । ଚାରିପାଖରେ ଧୂପଦୀପ, ନଡ଼ିଆ କଦଳୀର ଦୋକାନ ବସିଯାଇଛି । ଆଜକୁ ପାଞ୍ଚବର୍ଷ ହେଲା ୟୁନିଭର୍ସିଟି ଗେଟ ସାମ୍ନାରେ ପ୍ରତି ଶନିବାର ସଞ୍ଜବେଳେ ଲୋକ ହାଉଯାଉ । ଦୀପମାନ ଜଳୁଥାଏ ଦାଉ ଦାଉ । ଜାତୀୟ ରାଜପଥଟି ଅବରୋଧ ହୋଇ ରହିଥାଏ ଶହ ଶହ ମୋଟର ସାଇକେଲ ଆଉ ଚାରିଚକିଆ ମୋଟର ଗାଡ଼ି ଜମା ହେବା ଯୋଗୁ । ଏ ସବୁ ଲିଙ୍ଗରାଜର କରାମତି ।

ଏଇ ସହରର ଉନ୍ନତି ଘୁ ଘୁ ହେଇ ବଢ଼ି ଚାଲିଛି । ରାଜ୍ୟର ସବୁ ଅଞ୍ଚଳରୁ ଲୋକ ଆସି ଏଇଠି ଘର କରି ରହିବାରେ ମତୁଆଲା । ଜମି ମାଫିଆମାନେ ବେଶ

ଉପ୍ରାତ କରୁଛନ୍ତି । ଏଇମିତି ଜଣେ ସିଆଣା ଜମି ଦଲାଲ କ'ଣ କରିଥାଏ ନା ସହରର ଉପକଣ୍ଠରେ ପୁଳାଏ ଜଙ୍ଗଲ ଜମିକୁ ଘେରି ବସିଥାଏ । ତା ଭଳି ଆଉ କେହି ଜଣେ ପ୍ରତିବାଦୀ ହେଇପାରେ ଆଶଙ୍କା କରି ସେ ଆବୋରି ଥିବା ଜମିର ଚାରିଦିଗରେ ଚାରିଟି ନାଲି ପତାତା ପୋତି ଦେଇଥାଏ । ମଝିରେ ଚାଳିଆ ଖଣ୍ଡେ ମାରି ରହୁଥାଏ । ଦିନେ ଲିଙ୍ଗରାଜ ସେଇ ରାସ୍ତାରେ ପଇଁତରା ମାରୁ ମାରୁ ଦେଖିଲା ସେଇଠି କ'ଣ ଗୋଟେ ନୂଆ ଠାକୁର ବିଜେ ହୋଇଛନ୍ତି । ରାସ୍ତା ଉପରେ ସେ ଆଣ୍ଠୁମାଡ଼ି ପ୍ରଣାମ କଲା । ମନେ ମନେ ଠାକୁରଙ୍କୁ ହେଜ କରୁଥାଏ । ଜଣେ ବାଟୋଇ ସେ ସମୟରେ ସେଇ ରାସ୍ତା ଦେଇଯାଉଥିଲା । ସେ ଲିଙ୍ଗରାଜର ବ୍ୟସ୍ତବିନ୍ୟସ୍ତ କେଶରାଶି, ଚିବୁକରେ ହାଲୁକା ଶ୍ମଶ୍ରୁ ବିରାଜି ଥିବାର ଦେଖି ଜାଣିଲା ଯେ ଏ ଜଣେ ସାଧୁ ବା ସାଧୁଙ୍କର ଉତ୍ସର୍ଗୀକୃତ ଶିଷ୍ୟ । ଲିଙ୍ଗରାଜର ମୁଖମଣ୍ଡଳ ତ ସବୁବେଳେ ଭକ୍ତି ଆଉ ନିଉଛାଳି ଭାବାବେଗରେ ଉଛୁଳୁ ଥାଏ । ବାଟୋଇର ଧାରଣା ଆହୁରି ଦୃଢ଼ ବଦ୍ଧମୂଳ ହେଲା । ସେ ଲିଙ୍ଗରାଜକୁ ପ୍ରଣାମ କରିବାକୁ ଉଦ୍ୟତ ହୁଅନ୍ତେ ଲିଙ୍ଗରାଜର ବିନୟୀ ସ୍ୱଭାବ ଉପରକୁ ବିପଦ ଆସିଗଲା ଜାଣି ନିଃଶବ୍ଦରେ କୁଡ଼ିଆଟି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କଲା । ବାଟୋଇ ଜଣକ ଅସଲ ସାଧୁଙ୍କ ସନ୍ଧାନରେ କୁଡ଼ିଆ ସମୀପକୁ ଅଗ୍ରସର ହେବାରୁ ଲିଙ୍ଗରାଜ ବିଜୁଳି ବେଗରେ ସେଠାରୁ ଚାଲି ଆସିଲା ।

ଜମି ହଡ଼ପକାରୀ ଭାଇଟି କୁଡ଼ିଆ ଦୁଆରେ ଏକା ଏକା ବସିଥିଲେ । ସରକାରୀ ଜମି ଜମା କିପରି କବ୍ଜା କରିବାକୁ ହୁଏ ତାହାର ଅନେକ ତରିକା ତାଙ୍କୁ ମାଲୁମ ଥାଏ । ସେଥିରୁ ଗୋଟିଏ ଯୋଜନାର ନୀଳ ନକ୍ସା ସେ ମନେ ମନେ କରୁଥାଆନ୍ତି । ଏଇ ଜମି ଉପରେ ସେ କିଛି ଗାଈ ମଇଁଷି ଆଣି ରଖିବେ । ଗୋ ମହିଷାଦି ପ୍ରାଣୀମାନଙ୍କର ରକ୍ଷଣାବେକ୍ଷଣ ପାଇଁ କେତେ ଜଣ ଖଟିଖିଆ ଲୋକ ଯୋଗାଡ଼ କରିବେ । ସେମାନେ ବି ଏଇଠି ରାନ୍ଧି ବାଢ଼ି ଖାଇବେ । ତାଙ୍କର ଗୁଜୁରାଣ ମେଣ୍ଟିବା ସାଥିକୁ ସେ କେତେଜଣ ସମର୍ଥକ ପାଇଯିବେ । କ୍ଷୀର ବେପାର କରି ସେ ନିଜେ ଲାଭ ପାଇବେ । ସରକାରୀ ଲୋକଙ୍କ ସଙ୍ଗେ ଭାବ ଦୋସ୍ତି କରି ଆଇନର ଗଳା ବାଟ ଦେଇ ଜମି ସବୁକୁ ସେ

ନିଜର କରିନେବେ । ଯଦି ସରକାର କେବେ ଜାଗ୍ରତ ହେଇ ତାଙ୍କୁ ସେଠାରୁ ଉଚ୍ଛେଦ କରିବାକୁ ଚାହିଁବେ, ତେବେ ତାଙ୍କ ସାଥୀମାନଙ୍କୁ ଏକତ୍ରିତ କରି ପ୍ରତିବାଦ କରିବେ । ପଟୁଆର କରି ରାସ୍ତାରେ କିଛି ବାଟ ଆଗେଇଯିବେ । ନାରା ଲଗେଇବ- "ଏ ମାଟି ଆମେ ଛାଡ଼ିବୁ ନାଇଁ ଛାଡ଼ିବୁ ନାଇଁ, ସରକାର ତୁମେ ଜୀବିକା ମାରିବା ଚଳିବ ନାଇଁ ଚଳିବ ନାଇଁ ।" ସେତେବେଳର ବିରୋଧୀଦଳ ଲୋକେ ତଥା କିଛି ସାମାଜିକ କର୍ମୀ ମଧ୍ୟ ସମର୍ଥନରେ ବାହାରିବେ । ସରକାର କିଛି ଦିନ ଚୁପ ରହିବେ ବା ଏଇ ଜମିଟିକୁ ହାତକୁ ନେବାର ଥିଲେ ଅନ୍ୟ କେଉଁଠି ଆମକୁ ଜାଗା ଦେଇ ଥଇଥାନ କରିଦେବେ । ଯାହା ହେଲେ ବି ଆମର କିଛି କ୍ଷତି ନାହିଁ । ଲାଭ ବେଶି ହୋଇଥାଆନ୍ତା ନ ହେଲେ କମ୍ ହେବ । ଆଚ୍ଛା ଆଚ୍ଛା ଯେତେବେଳେ ସେ ପରିସ୍ଥିତି ଆସିବ ଦେଖାଯିବ । ଏବେ ଏଇଠି ଗାଈ ମଇଁଷି ଦୁହାଁ ଚାଲିଥାଉ । ଏହା ଭାବି ସେ ମନେ ମନେ ଗାଈ ଦୁହିଁ ପକାଉଥାଆନ୍ତି । ଏଇ ଗାଈ ଦୁହାଁ ଦୁହିଁବା ବେଳେ ସରକାରୀ ଲୋକ କେହି ଏଠି ଅନିଷ୍ଟ କରିବାକୁ ପହଞ୍ଚି ଯିବ କି ? ଗୋପପୁରେ କୃଷ୍ଣ ଗାଈ ଦୁହିଁଥିବାବେଳେ କଂସର ଦୂତ ଅକ୍ରୁର ଆସି ପହଞ୍ଚିଲା ତାଙ୍କୁ ମଥୁରାପୁର ଘେନି ଯିବାକୁ । ସେତିକିବେଳେ କୃଷ୍ଣଙ୍କ କେଶ ଫିଟି ଯିବାରୁ କୃଷ୍ଣ ତାଙ୍କ ବାହୁ ମୂଳରୁ ଆଉ ଦୁଇଟା ହାତ ବାହାର କରି କେଶ ବାନ୍ଧି ପକେଇଲେ । କୃଷ୍ଣଙ୍କର ଚତୁର୍ଭୁଜ ମୂର୍ତ୍ତି ଦେଖି ଭକ୍ତ ଅକ୍ରୁର କୃତକୃତ୍ୟ ହୋଇଗଲେ । ଏମନ୍ତ ସବୁ ଭାବନା ଭାଇଙ୍କ ମୁଣ୍ଡକୁ ଡୁକିଥିବାବେଳେ ତାଙ୍କ ହାବଭାବ କ'ଣ ହେଇଥିବ ଆପଣମାନେ ଭାବୁଥାଆନ୍ତୁ ।

ଏତିକିବେଳେ ବାଟୋଇ ଭାଇ କୁଡ଼ିଆ ସାମ୍ନାରେ ପହଞ୍ଚି ଭାଇଙ୍କ ପାଦକୁ ଜାବୁଡ଼ି ଧଇଲେ । "ବାବା ମୋତେ ରକ୍ଷା କର, ମୋତେ ତମ ପାଦ ତଳେ ଶରଣ ଦିଅ ବାବା । ବାବା, ବାବା, ବାବା । ମୁଁ ଅକିଞ୍ଚନ ଗରିବ ଅରକ୍ଷିତ । ମୋ ନାମ ଅନାମ ରାଉଳ । ପେଟ ପାଟଣାପାଇଁ ସହରକୁ ଆସିଛି । ମୋର ଏଠି କେହି ନାହିଁ । ଆପଣ ଏକା ଭରସା । ବାହାରେ ଆପଣଙ୍କ ଶିଷ୍ୟ ଜଣେ ମୋତେ ସନ୍ଧାନ ଦେବାରୁ ମୁଁ ଆପଣଙ୍କ ମଠ ଭିତରକୁ ପଶି ଆସିଲି, ମୋତେ ଆଶ୍ରା ଦେଇ କ୍ଷମା କର ବାବା ।"

ଭାଇ ଆମର ସଂବିତ ପାଇ ଭାବନା ରାଜ୍ୟରୁ ଫେରି ଆସିଲେ । ଆଗନ୍ତୁକ ଅନାମ ରାଉଳର ଆତୁରତା, ତା'ର ମୁଖ ନିଃସୃତ ବାବା ଆଉ ମଠ ଇତ୍ୟାଦି ଶବ୍ଦ ସମୂହରୁ ଭାଇଙ୍କୁ ଆମର ସୁନ୍ଦର ଏକ ଆଇଡ଼ିଆ ମିଳିଗଲା । ଆରେ ସତେ ତ । ଭୂଇଁ ଖଣ୍ଡଟାକୁ ଅକ୍ତିଆରରେ ରଖିବାକୁ ଗାଈ ମଇଁଷି ଇତ୍ୟାଦି ଇତର ପ୍ରାଣୀଙ୍କ ସଙ୍ଗେ ଘାଣ୍ଟି ହେବା ଦରକାର କ'ଣ ? ଭାଇ ବନିଯିବେ ବାବା, ଏଇ ମନେ କରନ୍ତୁ ମୋହିନୀ ବାବା । କୁଡ଼ିଆ ଘରଟି ହେବ 'ମୋହନ ମଠ' । ମଠ ଭିତରେ ଗୋପୀ କୃଷ୍ଣ, ଉର୍ଦ୍ଧ୍ୱବାହୁ ଚୈତନ୍ୟଙ୍କ ଚିତ୍ର ପ୍ରତିମା ସବୁ ଥୋଇ ମଝିରେ ଉପବେଶନ କରିବେ ମୋହିନୀ ବାବା । ଘେରେଇ ଥିବା ଜାଗାଟିରେ ଗଡ଼ି ଉଠିବ ଫୁଲ ବଗିଚା । ଅନାମ ପରି କେତେ ଭକ୍ତ ପରିଷଦକୁ ନେଇ ଗଡ଼ି ଉଠିବ ମୋହିନୀ ବାବାଙ୍କ ଧାର୍ମିକ ସାମ୍ରାଜ୍ୟ । ବେଆଇନ ଅଧିକୃତ ଜମିଟି ଉପରୁ ସମସ୍ତଙ୍କର ନଜର ହଟିଯିବ ଅନ୍ୟଆଡ଼େ । ସୁବିଧା ଦେଖି ସବୁ ବ୍ୟବସ୍ଥା କରିହେବ । ଚରମ ଆନନ୍ଦରେ ମୋହିନୀ ବାବା ତାଙ୍କର ପଟ୍ଟ ଶିଷ୍ୟ ଅନାମ ରାଉଳକୁ କୁଣ୍ଢାଇ ପକେଇଲେ । କାଳବିଳମ୍ବ ନ କରି ମୋହିନୀ ବାବା ଅନାମ ରାଉଳକୁ ପାଖରେ ବସାଇ ସେଇ ମୁହୂର୍ତ୍ତରୁ ସାକାର କରିବାକୁ ଲାଗିଲେ ମୋହନ ମଠର ପରିକଳ୍ପନା ।

ମୋହିନୀ ବାବା କିଛି ଟଙ୍କା ପଇସା ଖର୍ଚ୍ଚ କରି କୁଡ଼ିଆଟିର କଳେବର ସଂପ୍ରସାରଣ କରାଇଲେ । ବିସ୍ତୃତ ଓ ସୁଦୃଶ୍ୟ ମୋହନ ମଠ ଗଢ଼ିଉଠିଲା । କୋଠରୀ କୋଠରୀ ହୋଇ ଅନେକ କୋଠରୀରେ ଦେବାଦେବୀମାନେ ଆସ୍ଥାନ ଜମେଇଲେ । ଏକ କୋଠରୀରେ ଶିବ ଲିଙ୍ଗ, ଏକ କୋଠରୀରେ ଜଗନ୍ନାଥ, ଏକ କୋଠରୀରେ ମହାବୀର ହନୁମାନ ଆଉ ସେଇ କୋଣ କୋଠରୀରେ ମା' ତାରିଣୀ । ଭଲି ଭଲି ଲୋକଙ୍କର ଭଲି ଭଲି ଠାକୁରଙ୍କଠାରେ ଭକ୍ତିର ରୁଚି । ସବୁ ରକମର ଗ୍ରାହକଙ୍କୁ ଆକର୍ଷଣ କରିବା ପାଇଁ ସବୁ କିସମର ପଣ୍ୟ ବଣିକଟି ନିଜ ଦୋକାନରେ ସଜେଇ ରଖେ । ମୋହିନୀ ବାବା ସଜେଇ ଦେଲେ ମଠ ଭିତରେ ସବୁ କିସମର ଦେବତା । ଯେ କେହି ମଠକୁ ପଶିବ ସେ ତା'ର ଆରାଧ୍ୟ ଠାକୁରଙ୍କୁ ପାଇଗଲେ ନିରାଶ ହେବାର

ନାହିଁ । ମଠ ଚତୁର୍ଦ୍ଦିଗରେ ଗୈରିକ ପତାକାମାନ ମଠର ବିଜ୍ଞାପନ ପାଇଁ ଖଞ୍ଜି ଦିଆଗଲା । ମୋହିନୀ ବାବା ଆଉ ଅନାମ; ଦୁହିଁଙ୍କ ଚେଷ୍ଟାରେ ମଠ ଭିତରେ ସଞ୍ଜ ସକାଳେ ଶଙ୍ଖ ଆଉ ଘଣ୍ଟା ଧ୍ୱନି ବାଜି ଉଠିଲା । ଝୁଣା ଧୂପର ମହକରେ ପରିବେଶ ପବିତ୍ର ପବିତ୍ର ପ୍ରତୀୟମାନ ହେବାରେ ଲାଗିଲା ।

ଧୀରେ ଧୀରେ ମଠ ଭିତରକୁ ଭକ୍ତ ସମାଗମ ହେବାରେ ଲାଗିଲା । ସୋମବାର ସକାଳମାନଙ୍କରେ ମହିଳାମାନେ ଆସୁଥିଲେ ଶିବ ଲିଙ୍ଗକୁ ଦୁଗ୍ଧ ସ୍ନାନ କରେଇବାକୁ । ତାରିଣୀ ଭକ୍ତମାନେ ଘଟଗାଁ ନ ଯାଇ ଏଇଠି ତାରିଣୀଙ୍କ ପାଖରେ ନଡ଼ିଆ ଜମା କଲେ । ମଙ୍ଗଳବାରମାନଙ୍କରେ ମହାବୀର ହନୁମାନ ଭକ୍ତମାନେ ବଜରଙ୍ଗୀମାନେ ମୋହନ ମଠରେ ଭିଡ଼ ଜମେଇଲେ । ସଞ୍ଜବେଳେ ଚିଲମ ଭକ୍ତିଆମାନେ ମଠ ଭିତରେ ଖଞ୍ଜଣି ଭଜନର ଆସର ଜମେଇଲେ । ମଠ ଭିତରେ କୌଣସି ବ୍ରାହ୍ମଣ ପୁରୋହିତ ଉପସ୍ଥିତ ନ ଥାଆନ୍ତି । ଭକ୍ତ ଆଉ ଭଗବାନ, ମଝିରେ ମଧ୍ୟସ୍ଥି କେହି ନାହିଁ । ଭକ୍ତମାନେ ନିଜେ ନିଜର ମନୋକାମନା ଜଣେଇ ଫୁଲ ଚଢ଼େଇ ଧୂପ ଦେଇ ପୂଜା କରି ଫେରିଯାଆନ୍ତି । ଗୋଟିଏ ନିଆରା ପରମ୍ପରା ସୃଷ୍ଟି ହେଉଥାଏ । ମୋହିନୀ ବାବା ସବୁ ତଦାରଖ କରୁଥାଆନ୍ତି । ଦେବାଦେବୀଙ୍କଠାରେ ଯେଉଁ ଭେଟି ଚଢ଼ା ହୋଇଥାଏ ମୋହିନୀ ବାବା ସେସବୁକୁ ଏକାଠି କରି ରଖୁଥାଆନ୍ତି । ମୋହିନୀ ବାବା ନିଜ ଗାଆଁ ଅଞ୍ଚଳରୁ ଗୋଟିଏ ଲୋକ ଡାକିଆଣି ମଠ ଫାଟକ ପାଖରେ ନଡ଼ିଆ କଦଳୀ ଧୂପ ଦୀପର ଗୋଟେ ଦୋକାନ ଖୋଲିଦେଲେ । ଜଣେ ବୁଲା ବେପାରୀ କେଉଁଠୁ ମନକୁ ଆସି ଫୁଲ ଦୋକାନଟିଏ ଖୋଲିଦେଲା । ମଠ ଏବେ ଦୈବପୀଠ ପାଲଟିଲା । ଭକ୍ତମାନଙ୍କ ଦାନ ଦକ୍ଷିଣା ଆଉ ଦୋକାନୀମାନଙ୍କର ବଟି ଅର୍ଥକୁ ସଦୁପଯୋଗ କରି ମୋହିନୀ ବାବା ଧୀରେ ଧୀରେ କଂକ୍ରିଟ ଗଢ଼ଣ ଠିଆ କରେଇଲେ । ନିଜର ରହିବା ପାଇଁ ସେ ଏକ ଆରାମଦାୟକ ପ୍ରାସାଦ ନିର୍ମାଣ କଲେ । ସବୁ ଦେବାଦେବୀଙ୍କ ପାଇଁ ମନ୍ଦିର ସବୁଆଡ଼େ ଶଙ୍ଖ ମଲମଲ ଚଟାଣ । ଆବୋରି ଥିବା ଜମି ଚଉହଦୀରେ ମାଙ୍କଡା ପଥରର ଦେବାଲ ଘେରେଇ ମଠର ପ୍ରବେଶ ଦ୍ୱାରରେ

ଠିଆ କରେଇଦେଲେ ସୁଦୃଶ୍ୟ ଏକ ତୋରଣ । ଏଥିପାଇଁ ତାଙ୍କୁ ସହର ଉନ୍ନୟନ ଓ ଯୋଜନା ଅଧିକାରୀଙ୍କ ଠାରୁ ଅନୁମତି ନେବା ଦରକାର ହେଲା ନାହିଁ । ଧର୍ମୀୟ ପରିବେଶ ଯେଉଁଠି ଗଢ଼ି ଉଠୁଛି ସେଇଠି କିଏ ବା କାହିଁକି ଏଇ ନିରୀହ ସାଧୁ ବିରୋଧରେ ଆପତ୍ତି ଉଠେଇବାକୁ ଯିବ ? ସମସ୍ତଙ୍କ ଅଲକ୍ଷ୍ୟରେ ମୋହିନୀ ବାବା ଜାଗାଟିକୁ ଅକ୍ତିଆର କରିନେଲେ । ଏସବୁ ସମ୍ଭବ ହୋଇପାରିଲା ନିଜର କରିତକର୍ମ ଦକ୍ଷତା ଆଉ ଅନାମ ରାଉଳର ପହିଲି ସାକ୍ଷାତ ଦିନ ପାଇଥିବା ଆଇଡ଼ିଆ ଯୋଗୁ ।

ଅନାମ ରାଉଳ ପ୍ରଥମେ ମଠର ରୋଷେଇ ଦାୟିତ୍ୱ ବୁଝୁଥିଲା । ନିଜେ ଖାଉଥିଲା ଆଉ ବାବାଙ୍କୁ ଖୁଆଉଥିଲା । ପରେ ଯେତେବେଳେ ଦୋକାନୀମାନଙ୍କର ଅବଦାନ ମଠକୁ ଉତ୍ତରୋତ୍ତର ଉନ୍ନତିରେ ସାହାଯ୍ୟ କଲା, ସେମାନେ ବି ମଠର ସଦସ୍ୟ ହିସାବରେ ମଠ ରୋଷଘରୁ ଖାଉଥିଲେ । ରାନ୍ଧିବା, ଖାଇବା, ଖୁଆଇବାର ଅଭିଜ୍ଞତା ଆସିଯିବାରୁ ଅନାମ ମଠ ପରିସରରେ ଏକ ବ୍ୟବସାୟିକ ରୋଷଶାଳା ଖୋଲିଲା । ଦୈନିକ ମଧ୍ୟାହ୍ନରେ ଅରୁଆ ଅନ୍ନ ପ୍ରସ୍ତୁତ କରି ମଠକୁ ଆସୁଥିବା ଭକ୍ତଙ୍କୁ ମାତ୍ର ଶହେଟି ଟଙ୍କା ବିନିମୟରେ ପ୍ରସାଦ ସେବନ କରାଇଲା । ଧୀରେ ଧୀରେ ବାହାରଆଡୁ ତା ରୋଷଶାଳାର ଅନ୍ନ ବ୍ୟଞ୍ଜନ ପାଇଁ ବରାଦ ସବୁ ଆସିବାରେ ଲାଗିଲା । ମଠ ପରିସରରେ ବିବାହ ବ୍ରତ ଆଦି ଶୁଭ କାର୍ଯ୍ୟମାନ ଅନୁଷ୍ଠିତ ହେଲା । ତାରିଣୀ ଠାକୁରାଣୀଙ୍କ ପାଖକୁ ନୂଆ ନୂଆ ଗାଡ଼ିର ମାଲିକମାନେ ପୂଜା କରେଇବାକୁ ଆସିଲେ । ସେମାନଙ୍କଠାରୁ ଦର୍ଶନୀ ଆଦାୟ ହେଉଥିଲା । ଏସବୁ କାର୍ଯ୍ୟ ତଦାରଖ କରିବାକୁ ଅନାମ ରାଉଳ ଡଜନେ ସରିକି ଲୋକ ନିୟୋଜିତ କରି ସାରିଥିଲା । ସମୁଦାୟ ଆୟର ବାରଣା ଭାଗ ମଠକୁ ଦେଇ ଯେଉଁ ଚାରଣା ସେ ବ୍ୟକ୍ତିଗତ ପାଣ୍ଠିକୁ ନେଉଥିଲା ସେ ରୋଜଗାର ପରିମାଣ ଆପଣମାନଙ୍କ ଅନୁମାନର ବାହାରେ ।

ମୋହନ ମଠର ପରିଚାଳନା ଭାର ଅନାମ ରାଉଳ ଉପରେ ନ୍ୟସ୍ତ କରି ମୋହିନୀ ବାବା ତିନି ମାସପାଇଁ ଅନ୍ତର୍ଦ୍ଧାନ ହୋଇଗଲେ । ପରେ ଖବର ମିଳିଲା ବାବା ବାରଣାସୀ ଯାଇଥିଲେ ସାଧୁସଙ୍ଗ କରିବାକୁ । ବାରାଣସୀରୁ ଫେରିବା ବେଳକୁ ମୋହିନୀ

ବାବାଙ୍କ ଚେହେରା ବଦଳି ଯାଇଥିଲା । ବାଚନିକ ସଂସ୍କାର ଆସିଥିଲା ଅଭୂତପୂର୍ବ । ପାଟ ମଠା ପରିହିତ ବାବାଙ୍କ ଶରୀର ଉପରେ ଶୋଭା ପାଉଥିଲା ଏକ ରେଶମୀ ଉତ୍ତରୀୟ । ମୁଖମଣ୍ଡଳ ଝଲମଲ ହେଉଥାଏ । ଆହା କି ଅମ୍ଳାନ ଜ୍ୟୋତିରେ । କପାଳରେ ସିନ୍ଦୂର ଚନ୍ଦନ ମିଶା ରାମାନନ୍ଦୀ ଟୀକା । ସ୍ଥାବର ଜଙ୍ଗମ କୀଟରୁ ପତଙ୍ଗ ସମସ୍ତଙ୍କ ପାଇଁ ତାଙ୍କ ମୁହଁରେ ସମ୍ବୋଧନ 'ମାନ୍ୟବର' । ପ୍ରତିଟି ସନ୍ଧ୍ୟାରେ ମଠ ପ୍ରାଙ୍ଗଣରେ ଆରମ୍ଭ କଲେ ଏ ଦେଶର ଜନତାଙ୍କୁ ସଦ୍‌ଜ୍ଞାନ ବିତରଣର ପ୍ରବଚନ ।

ଆମେ ଏ ଯାବତ୍ ଦେଖିଛୁ କେହି ଶିକ୍ଷକ ବା ଭଲ ଛାତ୍ରଟିଏ କୌଣସି ତାତ୍ପର୍ଯ୍ୟପୂର୍ଣ୍ଣ, ବିଦ୍ୟା ନିଜେ ବୁଝିଥିଲେ ଅନ୍ୟକୁ ନିଜ ଭାଷାରେ ବୁଝାଇ ପାରନ୍ତି । ନିଜେ କଥାଟାକୁ ମଞ୍ଜି ଭିତରକୁ ନେଇ ନ ପାରିଥିଲେ ବହି ପଢ଼ାଇ ସେହି ଭାଷାଟିରେ ଇଂରେଜୀ, ହିନ୍ଦୀ ବା ସଂସ୍କୃତର ଶବ୍ଦ ପୁଞ୍ଜ ବା ବାକ୍ୟଗୁଡ଼ିକୁ ଦୋହରାଉଥିବେ । ବାବା ଆମର ବାରାଣସୀରୁ ପ୍ରବଚନ ଦେବାର ଟ୍ରେନିଂ ନେଇ ଫେରିଥିଲେ । ତେଣୁ କଥାରେ କଥାରେ ପ୍ରବଚନର ଅନେକ ଭାଗ ହିନ୍ଦୀ ଭାଷାରେ ଚୋବେଇ ଯାଆନ୍ତି । କଥାର ଖିଅ ଛାଡ଼ିଦେଇ କିଏ କେବେ ଟୁଳେଇ ପଡ଼ିବ, ତେଣୁ ମଝିରେ ମଝିରେ 'ବୁଝିଲ କି ମାନ୍ୟବର'ବୋଲି କୁହାଟ ଛାଡ଼ି ଦିଅନ୍ତି । ସଭାରେ ବସିଥିବା ବତିପେଲା ଶ୍ରେଣୀର ଲୋକମାନେ 'ବାବାଙ୍କର ଜୟ ହେଉ, ମୋହିନୀ ବାବାକୀ ଜୟ' ଧ୍ୱନି ଦେଇଥାନ୍ତି । ମଧ୍ୟେ ମଧ୍ୟେ ବାବା ପ୍ରବଚନ ଭିତରେ ଗାନ ବାଜଣା ବି କରନ୍ତି । ମୋଟ ଉପରେ ପ୍ରବଚନର ସନ୍ଧ୍ୟାଟି ଜାକଜମକ ରହିଥାଏ । ସନ୍ଧ୍ୟାରେ ଅନେକ ଭକ୍ତ ମଠକୁ ଗଡ଼ନ୍ତି । ସେମାନେ ଭେଟି ଦର୍ଶନୀ ବି ଦିଅନ୍ତି । ମଠର ଆଉ ତା' ସାଙ୍ଗରେ ମୋହିନୀ ବାବାଙ୍କ ପତିଆରା ଧୀରେ ଧୀରେ ବଢୁଥାଏ । ଏମିତି ହେଲା ଦିନେ ଏ ରାଜ୍ୟର ଏକ ଟି.ଭି. ଚେନେଲ ପ୍ରତି ସଞ୍ଜରେ ଅଧ ଘଣ୍ଟାଏ ମୋହିନୀ ବାବାଙ୍କ ପ୍ରବଚନ ସିଧା ପ୍ରସାରଣ କରିବାରେ ଲାଗିଗଲା । ବାବା ନିଜର ପ୍ରଚାର ପାଇଁ ଟି.ଭି. ଚେନେଲକୁ ଧରିଲେ ନା ଟି.ଭି. ଚେନେଲ ତା'ର ନିଜ ପ୍ରଚାର ତଥା ରୋଜଗାର ବଢ଼େଇବାକୁ ବାବାଙ୍କୁ ଧରିଲା କିଛି ବୁଝି ହେଉ ନ ଥିଲା । ଯାହା ହେଉ ବାବାଙ୍କ ଥୋକେ ଅନୁଚର ସୃଷ୍ଟି

ହେଲେ । ତାଙ୍କର ଗରିମା ସମଗ୍ର ଜିଲ୍ଲା ଭିତରେ ବ୍ୟାପିଗଲା । ଅନ୍ୟ ଅନ୍ୟ ଜାଗାମାନଙ୍କରେ ମଠ ମନ୍ଦିରରେ କାଷ୍ଠ ପାଷାଣର ପ୍ରତିମୂର୍ତ୍ତି ପ୍ରତିଷ୍ଠା କରି ପୁରୋହିତମାନେ ସେଥିରେ ଦେବତ୍ୱ ଆରୋପି ନିଜର ବୃତ୍ତି କରିଥାଆନ୍ତି । ଏଠାରେ ତ ମୋହିନୀ ବାବା ନିଜେ ଜିଅନ୍ତା ଭଗବାନ । ତା ବୋଲି ଆଗେ ପ୍ରତିଷ୍ଠିତ ଦେବଦେବୀ ବିସ୍ମୃତ ହୋଇଛନ୍ତି, ଏମନ୍ତ ନୁହଁ । ଶିବ ଲିଙ୍ଗ, ହନୁମାନ ଆଉ ମା' ତାରିଣୀ ଏବେ ମୋହନ ମଠରେ ପାର୍ଶ୍ୱ ଦେବତାର ମାନ୍ୟତା ପାଉଛନ୍ତି ।

ମୋହନ ମଠକୁ ଦଳ ଦଳ ଲୋକ ଧାଡ଼ି ବାନ୍ଧି ଆସୁଥାଆନ୍ତି । ମଠ ବୁଲି ଦେଖନ୍ତି, ଦେବାଦେବୀଙ୍କ ପାଖରେ ହାରି ଗୁହାରି କରନ୍ତି । ମୋହିନୀ ବାବାଙ୍କ ପ୍ରବଚନ ଶୁଣି ଫେରିଯାଆନ୍ତି । ମୋହିନୀ ବାବା ତ କେଉଁ ଦାର୍ଶନିକ ନ ଥିଲେ । ସେ ସବୁଦିନେ ଏକା ପ୍ରକାର କଥାକୁ ଫେଣେଇ ଫେଣେଇ କହୁଥିଲେ, ଗୋଟେ ଆସର ଜମେଇ ରଖିବା ପାଇଁ । କିଛି ଦିନ ଗଲା ଉତ୍ତାରୁ ମଠର କାରବାର ଗତାନୁଗତିକ ମନେ ହେଲା । ଆଧୁନିକ ଯୁଗର ଲୋକମାନେ ଏତେ ଆଉ ଆଗ୍ରହ ସହକାରେ ମୋହିନୀ ବାବାଙ୍କ ବିଷୟରେ ଆଲୋଚନା କରିଲେ ନାହିଁ । ତେଲ ସାବୁନ ଦନ୍ତ ମଞ୍ଜନ ବ୍ରସ ପେଷ୍ଟ ଇତ୍ୟାଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସବୁର ଗୁଣବତ୍ତା ବଜାୟ ରହିଲେ ବି କିଛି ଦିନପରେ ଏକାପରି ଜିନିଷ ଆମ ଗ୍ରାହକମାନଙ୍କୁ ଘଷରା ମନେହୁଏ । ସେଇଥୁ କମ୍ପାନୀମାନେ ଜିନିଷର ପ୍ୟାକିଙ୍ଗ ଖୋଳର ଆକାର ପ୍ରକାର ରଙ୍ଗ ବଦଳାଇ ବଜାରକୁ ଛାଡ଼ନ୍ତି । ଅମୁକ ସାଙ୍ଗରେ ସମୁକ ଫ୍ରି, ଦୁଇଟା କିଣିଲେ ତୃତୀୟ ଦାମ ଅଧା ବା ମାଗଣା ଏମିତି କେତେ ଚାଲ ଚଲାନ୍ତି ତ ବେପାର ପୁଣି ଆଗକୁ ବଢୁଥାଏ । ମୋହିନୀ ବାବା ସାମାନ୍ୟ ଚିନ୍ତିତ ଥିବାବେଳେ ଅନାମ ରାଉଳ ନିଜର ଅଭିଜ୍ଞତାରୁ ଯୋଗ୍ୟ ପରାମର୍ଶଟିଏ ଦେଲା ।

ଅନାମର ଗାଆଁ ପାଖ ଦେଇ ଆଖଣ୍ଡଳମଣି ଲାଇନର ବସ ଚାଲୁଥିଲା । ବର୍ଷାଦିନେ ଲୋକମାନେ ଚାଷବାସ କାମରେ ବ୍ୟସ୍ତ ଥିବାରୁ ବସ୍‌ରେ ବେଶି ଲୋକ ହେଲେ ନାହିଁ । ବସ ମାଲିକ ଗୋବିନ୍ଦ ବାବୁ ଗୋଟେ ଫନ୍ଦି କରି ପ୍ରଚାର କରିଦେଲେ

ଯେ ଆଖଣ୍ଡଳମଣି ଧାମ ଆରଡ଼ି ପାଖ ଏକ ଗାଆଁରେ ଗଣେଶ ଠାକୁର କ୍ଷୀର ପିଉଛନ୍ତି । ପୂଜକଙ୍କୁ ସ୍ୱପ୍ନାଦେଶ ହୋଇଛି ଯେ ଏମିତି ଏକ ନୈସର୍ଗିକ ଦୃଶ୍ୟ କେବଳ ଆସନ୍ତା ଗଣେଶ ଚତୁର୍ଥୀ ପର୍ଯ୍ୟନ୍ତ ଭକ୍ତମାନେ ଚାକ୍ଷୁଷ କରି ପାରିବେ । ଲୋକମାନେ କ୍ଷୀର ଘଡ଼ି ଧରି ଧାଇଁଲେ ବେତାଲି ଗାଆଁ । ଠାକୁର ଉପରେ କ୍ଷୀର ଢାଳି ଦେଲେ ମୁହୂର୍ତ୍ତକେ କ୍ଷୀର ଉଭାନ । ଭକ୍ତଜନ ଦେଖିଲେ । ଅବିଶ୍ୱାସୀମାନେ ଭକୁଆ ହେଇ ଅନେଇଥାଆନ୍ତି । ସେ ଯାହା ହେଉ ଗୋବିନ୍ଦ ବାବୁଙ୍କ ବସରେ ପ୍ରବଳ ଭିଡ଼ ହେଉଥିଲା ସେଇ ଦୁଇ ଅଢେଇ ମାସ । ଏଇ କଥାର ଦ୍ୱାହି ଦେଇ ଅନାମ ରାଉଳ ମୋହିନୀ ବାବାଙ୍କୁ ବୁଝେଇଲା- "ବୁଝିଲେ ବାବା ଲୋକଙ୍କୁ କିଛି ହଟଚମଟ ନ ଦେଖାଇ ପାରିଲେ ଆପଣଙ୍କ କାଟତି ସହଜେ ଚାଲିବ ନାହିଁ ।"

ପରଦିନ ସନ୍ଧ୍ୟା ସମୟରେ ମୋହିନୀ ବାବା ମୋହନ ମଠର ସମସ୍ତ କର୍ମଚାରୀ, ମଠ ଚାରିପାଖ ଥିବା ଭୋଗ ଦେକାନୀ, ଫୁଲ ଦୋକାନୀ ଆଉ ଖଣ୍ଡେ ଦୂରରେ ଥିବା ଚା ଜଳଖିଆ ଦୋକାନୀ ସହିତେ ପାନ ଦୋକାନୀଙ୍କୁ ଡକାଇ ରୁଦ୍ଧଦ୍ୱାର ବୈଠକ କରିଲେ । ଯେମିତି ମଠ ଯୋଗେ ସେମାନଙ୍କର ଭରଣପୋଷଣ ହେଉଛି ସେମିତି ମଠର ଉତ୍ତରୋତ୍ତର ଉନ୍ନତି ପାଇଁ ସେମାନଙ୍କ ସହଯୋଗ ଲୋଡ଼ା । ମୋହନ ମଠ ଏକ ପବିତ୍ର ରଥ । ରଥରେ ଆରୂଢ ଦେବତା ହେଲେ ସ୍ୱୟଂ ମୋହିନୀ ବାବା । ମଠ ରଥର ସୁପରିଚାଳନା ପାଇଁ ଚତୁଃପାର୍ଶ୍ୱର ଏଇ ଲୋକମାନେ ହେଲେ ଜଣେ ଜଣେ ସାରଥି । ମଠ ଚାଲୁଥିଲେ ସାରଥିମାନଙ୍କର ସ୍ୱାର୍ଥ ରକ୍ଷା ହେଉଥିବ । ସାରଥିମାନଙ୍କୁ ନେଇ ଗଠିତ ହେଲା 'ସାରଥି ସ୍ୱାର୍ଥରକ୍ଷା କମିଟି' । ସାରଥିମାନଙ୍କ ଭିତରୁ ପାଟ ସାରଥି ଶ୍ରୀଯୁକ୍ତ ଅନାମ ରାଉଳ ରହିଲେ ସାରଥି ସ୍ୱାର୍ଥ ରକ୍ଷା କମିଟିର ପରିଚାଳନା ନିର୍ଦ୍ଦେଶକ । ସାରଥି କମିଟିର ସଭାପତି ଶ୍ରୀ ଶ୍ରୀ ମୋହିନୀ ବାବାଙ୍କର...ଜୟ, ବାବାଙ୍କର ...ଜୟ । ଜୟ ଜୟ ଧ୍ୱନିରେ ସେଦିନ ବୈଠକ ଶେଷ ହେଲା ।

ପରଦିନଠାରୁ ସାରଥିମାନେ ମଠ ଦର୍ଶନରେ ଆସିଥିବା ଭକ୍ତମାନଙ୍କ ଚର୍ଚ୍ଚାରେ ଲାଗିଗଲେ । କିଏ କିଏ କାହିଁ କେତେ ଦୂରର କେନ୍ଦ୍ରାପଡ଼ା, ଜଗତସିଂହପୁର, ପିପିଲି,

ପୁରୀ, କାକଟପୁରରୁ ଆସିଛନ୍ତି ଜାଣି ମୋହିନୀ ବାବାଙ୍କଠାରୁ ଆଶୀର୍ବାଦ ନେବାକୁ ଅପେକ୍ଷା କରାଇଲେ । ତାକୁ ଫୁଲ ଫଳ ଭୋଗ ଦୀପ ଧୂପ ବିକିଲେ । ଚା' ଜଳଖିଆ ପାନ ଗୁଟୁଖା ବି ଖୁଆଇଲେ । ଭକ୍ତମାନେ ମଠ ଭିତରେ ବାବାଙ୍କ ପାଖରେ ପହଞ୍ଚିବା ମାତ୍ରେ ବାବା ଅନ୍ତର୍ଯ୍ୟାମୀ କହି ପକାଇଲେ- "ମାନ୍ୟବର ପିପିଲି ଭାଇ, ଆସନ୍ତା ଫେବୃଆରୀ ପଚିଶି ତାରିଖ ସୁଦ୍ଧା ତମର ଚାକିରୀ ପାଇବା ସୁନିଶ୍ଚିତ ।" ପୁଣି ପରେ ପରେ କହିଲେ- "ମା କାମଧେନୁ ଭକ୍ତକୁ ତୋ କରୁଣାର କାଣିଚାଏ ଦେ ମା', ଦେ ଦେ ।"

ସିମେଣ୍ଟ ତିଆରି ଗାଈର ଚିରରୁ ଝରି ଆସିଲା ବୁନ୍ଦା ବୁନ୍ଦା ଚାରି ବୁନ୍ଦା ଦୁଗ୍ଧର ପ୍ରସାଦ । ପିପିଲି ଭାଇ ଆନନ୍ଦ ବିହ୍ୱଳ ହୋଇ ମନୋକାମନା ପୂର୍ତ୍ତି ଦିନକୁ ଅପେକ୍ଷା କରିଥିବ । ପରବର୍ତ୍ତୀ ଭକ୍ତ କାକଟପୁର ଭଉଣୀକୁ ବାବା ତଦ୍ରୂପ ଆଶୀର୍ବାଦ ଦେଲେ । ଭଉଣୀ କୃତକୃତ୍ୟ ହୋଇ ବାବାଙ୍କ ଚରଣ ଧୂଳି ନେଇ ମୁଖରେ ଦେବା ବେଳକୁ ଡାବର ମହୁର ମଧୁର ସ୍ୱାଦ ଚାଖିବାକୁ ପାଇଲେ । ଏମିତି କେତେ କେତେ ଘଟଣା ଆମେ କେତେ ଆଉ ବିସ୍ତୃତ ବଖାଣିବୁ ? ଉଦାହରଣ ସ୍ୱରୂପ ଦୁଇଟି କଥା ମାତ୍ର କହିଲୁ ।

ତୁଣ୍ଡ ବାଇଦ ସହସ୍ର କୋଶ । ପୁଣି ଖବରକାଗଜମାନଙ୍କରେ ପ୍ରଚାର ହୋଇଗଲା ବାବାଙ୍କ ମହିମା । ଅନାମ ରାଉଳ ଦେଇଥିବା ଫର୍ମୁଲାରେ ବାବାଙ୍କ ଅଲୌକିକ କାଣ୍ଡ ସବୁ କାନକୁ କାନ ବ୍ୟାପିଗଲା । ଦଳ ଦଳ ଲୋକଙ୍କ ସୁଅ ଛୁଟିଲା, ମୋହନ ମଠକୁ । ଭିଡ଼ ସମ୍ଭାଳିବା ମୁସ୍କିଲ ହେବାରୁ ସେଇ ଇଲାକାର ପୋଲିସ ଭାଇଙ୍କ ଡିଉଟି ବଢିଗଲା । ସହସା ନ ହୋଇ ବର୍ଷ ବର୍ଷ ସମୟ ଅବଶ୍ୟ ଲାଗିଲା । କିନ୍ତୁ ମୋହନ ମଠର ମୋହିନୀ ବାବାଙ୍କ ଲୋକପ୍ରିୟତା ବଢିଗଲା । ସାରଥି ସେବିତ ବାବାଙ୍କର ଅନେକ ଅନୁଚର ତିଆରି ହୋଇଗଲେ ଏ ସମାଜରେ । ଧୀରେ ଧୀରେ ବାବା ହୋଇଲେ ଅବତାରୀ । ବାବା ନିଜେ ଏକ ରୁପେଲି ରଥରେ ବିଜେ ହୋଇ ବଡ଼ଦାଣ୍ଡ ପରିକ୍ରମା କରୁଥିବାବେଳେ ସେଠାରେ ଜଣେ ହାଉଁ ପାଟିଆ ପ୍ରବଚକ

ବାବାଙ୍କ ମହିମା ଗାନ କରି ସତେ ଅବା ନିଜକୁ ଧନ୍ୟ ମନେକଲେ । ପର ଅପରର ପରିପୂରକ ହୋଇ ଯିଏ ଯାହାର ଲୋକପ୍ରିୟତା ବଢେଇବାରେ ଲାଗିଲେ । ମୋହନ ମଠ ଇଲାକାର କାଉନସିଲର ମଠର ବହୁଳ ଜନ ସମାଗମର ଫାଇଦା ନେବାକୁ ଚାହିଁଲେ । ନିଜ ଦଳର ବିଧାୟକଙ୍କୁ ନିମନ୍ତ୍ରଣ କରି ସେଠାରେ ପିଇବା ପାଣିର ସୁବ୍ୟବସ୍ଥାକୁ ଉଦ୍‌ଘାଟନ କରେଇଲେ । ଯେଉଁଠି ଜମନ୍ତି ଜନତା, ସେଇଠି ଉପସ୍ଥିତ ରାଜନେତା । ଏଇଟା ଭୋଟ ରାଜନୀତିର ଅନ୍ୟତମ କର୍ମପନ୍ଥା । ଆପଣମାନେ ଖବରକାଗଜରୁ ପଢିଥିବେ ଗତବର୍ଷ ଜଣେ କେନ୍ଦ୍ର ମନ୍ତ୍ରୀ ଲୋକ ସମ୍ପର୍କ ବଢେଇବାକୁ ଠାକୁରାଣୀ ଯାତ୍ରାରେ ଯେଉଁଦିନ ହାଜର ହେଲେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଠିକ ପରଦିନ ସେଇ ଜାଗା ଗସ୍ତ କରିଥିଲେ ସାଧାରଣ ଲୋକଙ୍କ ସାଥିରେ ମିଶି ନିଜର ଭାବମୂର୍ତ୍ତି ବଜାୟ ରଖିବାକୁ । ସେ ଯାହା ହେଉ ଏମିତି ବହୁ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ସମର୍ଥନରେ ମୋହିନୀ ବାବା ନିଜକୁ ପ୍ରତିଷ୍ଠିତ କରେଇ ପାରିଥିଲେ ।

ସାରଥିମାନେ ଦିନରାତି ମଠର ଖ୍ୟାତି ବିସ୍ତୃତିରେ ବ୍ୟାପୃତ ଥାଆନ୍ତି । ତହିଁରୁ ନିଜ ନିଜର ବ୍ୟବସାୟ ବଢି ଅଧିକରୁ ଅଧିକ ଧନୋପାର୍ଜନ ହେଉଥାଏ । ମୋହିନୀ ମଠର ଚତୁଃପାର୍ଶ୍ୱରେ ଆଧ୍ୟାତ୍ମିକ ପରିବେଶ ବଜାୟ ରଖିବାକୁ ସେମାନଙ୍କୁ ଅରୁଆ ଭୋଜନରେ ସନ୍ତୁଷ୍ଟ ରହିବାକୁ ହେଉଥାଏ । ଅରୁଚି ଛଡ଼େଇବାକୁ ମନ କରି ବାହାରକୁ ଗଲେ ଏଠିକା ରୋଜଗାର ମାନ୍ଦା ହେବ । ଖବର ମିଳିଲା ଶ୍ରୀକ୍ଷେତ୍ର ପୁରୀରେ ଏକ ଦୁଇ ଶକ୍ତି ପୀଠରେ ଆମିଷ ପ୍ରସାଦ ବନ୍ଦ ହେଉଛି । ସେଠାରୁ ପ୍ରେରଣାର ଆଜ୍ଞାମାଳ ଆଣି ସାରଥି କମିଟି ମୋହିନୀ ମଠରେ ଆଉ ଗୋଟେ ଶକ୍ତି ପୀଠର ସ୍ଥାପନା କରେଇ ସେଇଠି ମାଛ ବେସର ଭୋଗ ଚଢେଇଲେ । ଆନୁଷ୍ଠାନିକ ଭାବରେ ସାରଥିମାନଙ୍କର ଜିହ୍ୱା ଲାଳସା ଚରିତାର୍ଥ ହେଲା । କେବେ କେବେ ଅର୍ଦ୍ଧ ରାତ୍ରିରେ ସେଇଠି ଛାଗାଦି ପଶୁ ମାଂସର ଭୋଜି ଭାତ ବି ହେଲା । ମୋହନ ମଠର ଭୋଜନାଳୟରେ ଆମିଷ ରନ୍ଧନ ଚାଲୁ ହେଲା । ଏବେ ସବୁ ପ୍ରକାର ଗ୍ରାହକ ସନ୍ତୁଷ୍ଟ ।

ମଠ ଭିତରେ ମୋହିନୀ ବାବା ନୂତନ ଏକ ପରମ୍ପରା ଚାଲୁ କରେଇଲେ ।

ପ୍ରଥା ଅନୁସାରେ ମୋହିନୀ ବାବା କିଛିଦିନ ନଟଖଟ ବାଳକୃଷ୍ଣ ବନିବେ । ଗୋଟିଏ ମାତ୍ର ସନ୍ତାନର ସଦ୍ୟ ବନିଥିବା ଜନନୀମାନେ ବାଳକୃଷ୍ଣଙ୍କୁ ଯଶୋଦା ମାତାଙ୍କର ବାତ୍ସଲ୍ୟ ସ୍ନେହ ଦାନ କରି ମୋହିନୀ ବାବାଙ୍କର ଆନ୍ତରିକ ସାନ୍ନିଧ୍ୟ ଲାଭ କରିପାରିବେ । ଯାହା ବି ଚାଲୁ ହେଲା ଆମର ଧର୍ମପ୍ରାଣ ଜନତା ସବୁଥିରେ କୃତକୃତ୍ୟ ହେଉଥିଲେ । ସବୁ ଘଟଣାରେ ଈଶ୍ୱରୀୟ ଅନୁଭବ ପ୍ରାପ୍ତ ହେଉଥିଲେ ।

ମାନ୍ୟବର ଶ୍ରେଣୀର ଅନୁଚରମାନେ ଗୋଟିଏ ଗୋଷ୍ଠୀ ସୃଷ୍ଟି କରିଥିଲେ । ସାରଥିମାନେ ନିଜର ବ୍ୟବସାୟର କାୟା ବିସ୍ତାର କରି ମୁନାଫା ଜମାଉ ଥିଲେ । ରୋଗୀ ଭୋଗୀମାନେ ବାବାଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ରିଷ୍ଟ ଖଣ୍ଡନ କରୁଥିଲେ । ଜନ ସମାଗମ ସ୍ଥଳରେ ଆମର ରାଜନେତାମାନେ ଥରକୁଥର ଗସ୍ତ କରି ଜନ ସମର୍ଥନ ଯୋଗାଡ଼ କରୁଥିଲେ । ଏମିତି ଏମିତି ବର୍ଷ କେତୁଟା ବିତିଗଲା । ସବୁକିଛି ଠିକ୍‌ଠାକ ଚାଲୁଥିବାବେଳେ କେହି ଜଣେ ନିନ୍ଦୁକ ପ୍ରଚାର କରିଦେଲା ଯେ ମୋହିନୀ ବାବା ତାଙ୍କର ପାରମ୍ପାରିକ ବେଶଭୂଷା ତ୍ୟାଗ କରି ଅତ୍ୟାଧୁନିକ ପୋଷାକ ପରିଧାନ କରି ପଡ଼ୋଶୀ ରାଜ୍ୟର ଏକ ସମ୍ଭ୍ରାନ୍ତ ସହରରେ କୌଣସି ଏକ ତାରକା ହୋଟେଲରେ ରାତ୍ରି ଯାପନ କରିଛନ୍ତି । ରାଜ୍ୟର ଅନେକ ଟି.ଭି. ଚାନେଲରେ ହୋଟେଲ ସହିତ ମୋହିନୀ ବାବାଙ୍କର ମୁଖମଣ୍ଡଳର ତୀର୍ଯ୍ୟକ ଫଟୋମାନ ପ୍ରସାରଣ କରାଗଲା । ସମ୍ବାଦ ପ୍ରତିନିଧିମାନେ ମୋହିନୀ ବାବାଙ୍କୁ ସାକ୍ଷାତ କରି ତାଙ୍କର ମତାମତ ନେଉଥିବାବେଳେ ଟି.ଭି. ପରଦାରେ ଆମେମାନେ ଦେଖିଲୁ ମୋହିନୀ ବାବା ସବୁ ଫାଙ୍କି ଦେଉଛନ୍ତି ଯେ ହୋଟେଲରେ ଫଟୋ ଉଠା ସେ ବ୍ୟକ୍ତି ଫେରାଦ ହେଲେ ଯେ ମୋହିନୀ ବାବା ଓ କେହି ଜଣେ ସାରଥିଙ୍କଠାରୁ ଯୁବତୀଙ୍କ ପ୍ରାଣନାଶର ଧମକ ପାଇ ସେ ଭୟଭୀତ ଅଛନ୍ତି । ପୁଲିସ କେଶଟିକୁ ହାତକୁ ନେଇ ମୋହନ ମଠ ଚାଲିଲେ । ସେଠାରେ ପୁଣି ଏକ ଖବର ମିଳିଲା ଯେ ବାବା କୌଣସିବେଳେ ଏକ ହରିଜନ ଶ୍ରେଣୀର ଲୋକକୁ ଦୁର୍ବ୍ୟବହାର ବି କରିଥିଲେ । ସଙ୍ଗେ ସଙ୍ଗେ ପୋଲିସ ତଦନ୍ତ କରି ଠାବ କଲା ଯେ ମୋହିନୀ ବାବାଙ୍କ ଅସଲ ନାମ ସନ୍ତୋଷ ପୁହାଣ ଆଉ ତାଙ୍କର ଅସଲ ବାସସ୍ଥାନ

ସୁଜନପୁର । ପୋଲିସ ସଙ୍ଗେ ସଙ୍ଗେ ମୋହିନୀ ବାବା ଓରଫ ସନ୍ତୋଷ ପୁହାଣଙ୍କୁ ଗିରଫ ଗଲା । କୋର୍ଟରେ ହାଜର ହେଲାବେଳେ ମୋହିନୀ ବାବା ଓରଫ ସନ୍ତୋଷ ପୁହାଣଙ୍କ ବିରୁଦ୍ଧରେ ନାରୀ ନିର୍ଯ୍ୟାତନା, ଚଞ୍ଚକତା, ହରିଜନଙ୍କୁ ଦୁର୍ବ୍ୟବହାର, ସରକାରୀ ଜମି ହଡ଼ପ ଇତ୍ୟାଦି ଗୁଡ଼ିଏ ଦଫା ଲାଗି ଯାଇଥିବାରୁ ତାଙ୍କୁ ଆଉ ଜାମିନ ମିଳିଲା ନାହିଁ । ବାବା ସେଠାରୁ ସିଧା ଜେଲ ହାଜତକୁ ଗଲେ । ଆମ ରାଜ୍ୟ ପୋଲିସ ପାଖରେ ଅପରାଧ ରୋକିବାକୁ ଓ ଅପରାଧୀଙ୍କୁ ଠାବ କରିବାକୁ ଅନେକ ସାଧନ ରହିଛି । ହେଲେ ଅନେକ ସମୟରେ ବଡ଼ ଲୋକଙ୍କ ଚାପ ପଡୁ ଥିବାରୁ ସେମାନଙ୍କ କର୍ତ୍ତବ୍ୟ ପରାୟଣତା ଲୋକଲୋଚନକୁ ଆସିପାରେ ନାହିଁ । ସେମାନେ ଅଯଥାରେ ନିନ୍ଦିତ ହୋଇଥାଆନ୍ତି । ବାବାଙ୍କର କେଳେଙ୍କାରୀ ପଦାରେ ପକାଇବାର ରାଜ୍ୟରେ ଏକ ଖବରକାଗଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ସେଦିନ ସନ୍ଧ୍ୟାରେ ବାବାଙ୍କର ଗିରଫଦାରି ଓ ଜେଲ ଯିବାର ଖବର ପ୍ରଚାର ହେଲା । ଆହୁରି କଥାଏ ପ୍ରଚାର ମଧ୍ୟ ହୋଇଥିଲା ଯେ ଗିରଫବେଳେ ସାରଥିମାନେ ପ୍ରତିବାଦ କରିଥିଲେ- "କେଣେ ଘେନି ଯାଉଛ ଆମ ବାବାଙ୍କୁ, ଆମେ ଚଳିବୁ କେମନ୍ତେ କହନ୍ତୁ ।"

ପରେ ପରେ ଟି.ଭି.ଚାନେଲମାନଙ୍କରେ ବିତର୍କମାନ ସିଧାପ୍ରସାରଣ ହେଉଥିଲା । ନେତା ଜନତା ଦୁଇ ଭାଗ ହୋଇ ଗିରଫଦାରୀର ସପକ୍ଷ ଓ ବିପକ୍ଷରେ ଯୁକ୍ତି କରୁଥିଲେ । କେହି କହୁଥିଲେ- ବାବା ଯେ ଅଲୌକିକ କାଣ୍ଡମାନ ଭିଆଇ ଜନତାକୁ ଆକର୍ଷଣ କରିଥିଲେ ସେଇଟା ତାଙ୍କର ଭାଣ୍ଡାମି ଥିଲା । ବିଜ୍ଞାନ ପ୍ରଫେସର ଶ୍ରୀଯୁକ୍ତ ଆଚାର୍ଯ୍ୟ ମହାଶୟ ଯୁକ୍ତି ବାଢିଥିଲେ କୁହୁକ ବି ବାସ୍ତବ । ଅତି ବିଜ୍ଞାନ ହେଉଛି ଆଧ୍ୟାତ୍ମବାଦ । ହେଲେ ତାଙ୍କର 'ହାଟ ମଝିରେ ବ୍ରହ୍ମଜ୍ଞାନ' ଅନ୍ୟମାନଙ୍କ ଦ୍ୱାରା ତଥା ଖୋଦ ଟି.ଭି. ଚାନେଲର ଉପସ୍ଥାପକଙ୍କ ଦ୍ୱାରା ଉପହସିତ ହୋଇଥିଲା । ମୋହିନୀ ବାବା ଜେଲରେ ରହିଲେ ଯେ ରହିଲେ । ଯେତେବେଳେ ପାଞ୍ଚଶ ହଜାର ଟଙ୍କିଆ ଅଚଳ ଘୋଷିତ ହେଲା ସେତେବେଳେ ବି ତାଙ୍କୁ ବ୍ୟାଙ୍କରେ ଟଙ୍କା ବଦଳ କରିବାକୁ ଛଡ଼ା ଗଲା ନାହିଁ ।

ଖାଁ ଖାଁ ଲାଗୁଛି ଶୂନ୍ୟ ବେଦୀ ମୋହନ ମଠ । ଆଗର ସେଇ ଦେବତାମାନେ ବିଦ୍ୟମାନ । ତେବେ ବି ଆଉ କେହି ମଠ ଚଉତରା ମାଡୁ ନାହାନ୍ତି । ଚମତ୍କାରୀ ପୁରୁଷ ଅନୁପସ୍ଥିତ । ଯାହାଙ୍କୁ କେନ୍ଦ୍ରରେ ଥୋଇ ଏତେ ଗହଳ ଚହଳର ଆୟୋଜନ ହୋଇଥିଲା ସେ ସଂଯମୀ ଭାବେ ତିଷ୍ଠି ରହି ପାରିଲେ ନାହିଁ । ସାରଥିମାନେ ପ୍ରାଚୁର୍ଯ୍ୟର ବଶବର୍ତ୍ତୀ ହୋଇ ବହୁ ଆଡ଼ମ୍ବରରେ ମନ ଦେଲେ । ହଠାତ ଅଘଟଣରେ ସବୁ ଓଲଟପାଲଟ ହୋଇଗଲା । ଏବେ ସାରଥିମାନଙ୍କର ଗୁଜୁରାଣ କେମିତି ମେଣ୍ଟିବ ସେ ଚିନ୍ତା । ଦେବାଳୟ, ପ୍ରବଚନ ଗୃହ, ରୋଷଶାଳ ଇତ୍ୟାଦି ଭିତ୍ତି ସଂରଚନା ପଡ଼ି ରହିଛି । ଅନୁଷ୍ଠାନ ଯେ ସମ୍ପୂର୍ଣ୍ଣ ବିଲୟ ହୋଇଯିବ, ସାରଥିମାନେ ଉଜୁଡ଼ି ଯାଇ ମୂଳପୋଛ ହୋଇଯିବେ- ଏ ଆଶଙ୍କା ସେମାନଙ୍କ ମନକୁ ଆସି ନଥିଲା । ସୁତରାଂ ସେମାନେ ଘାଟି ଛାଡ଼ି ନ ଥାଆନ୍ତି । ମଠ ବାସିନ୍ଦା ଓ ମଠ ଚାରି ପାଖର ବେପାରୀମାନେ ତୁହାକୁ ତୁହା ସାରଥି କମିଟିର ବୈଠକ କରୁଥାଆନ୍ତି । ସାରଥି ସ୍ୱାର୍ଥ ରକ୍ଷା କମିଟି ନିଜ ଥଇଥାନ ପାଇଁ ବିକଳ୍ପ ପଥ ସନ୍ଧାନ କରୁଥାଆନ୍ତି ।

ଚାକିରୀ ସୂତ୍ରେ ଲିଙ୍ଗରାଜକୁ କେବେ କେବେ ଅନ୍ୟ ରାଜ୍ୟ ଘୂରିବାକୁ ହେଉଥିଲା । ଚାକିରୀ ଜୀବନର ଶେଷ ଭାବରେ ଏବେ ତା'ର ନିଜ ସହରରେ ପୋଷ୍ଟିଂ ପାଇ ସେ ଘର ବାହୁଡ଼ାର ସନ୍ତୋଷ ଲାଭ କରିଛି । ତା'ର ପରୋପକାର ଓ ଗଭୀର ଧର୍ମ ଭାବନାର ପରିଚୟ ଆପଣମାନେ ଆଗରୁ ପାଇ ସାରିଛନ୍ତି । ଇଉନିଭରସିଟି ଗେଟ ସାମନାରେ ଲାଗ ଲାଗ ଦୁଇ ଶନିବାର ପଥର ଉପରେ ଫୁଲ ଥୋଇବା ପରେ ସେଇ ଜାଗା ଶନିମନ୍ଦିର ପାଲଟି ଯାଇ ରାସ୍ତାରେ ଭିଡ଼ ଜମୁଛି ଏ କଥା ତ ଜାଣିଛନ୍ତି । ଲିଙ୍ଗରାଜ ବି ପ୍ରତି ଶନିବାର ସେଠାକୁ ପୂଜା କରିବାକୁ ଆସେ । ଅଫିସ କାମ ଉତ୍ତାରେ ଲିଙ୍ଗରାଜ ଦେବସ୍ଥାନ ସବୁ ବୁଲୁ ବୁଲୁ ଦିନେ ମୋହନ ମଠ ପାଖରେ ପହଞ୍ଚିଲା । ସିଏ କି ଜାଣିଛି ତା'ରି ଅଙ୍ଗୁଳି ଠାରରେ ଅନାମ ରାଉଳ ଏଇ ଜାଗା ଉପରକୁ ସାଧୁ ବାବାଙ୍କୁ ଭେଟିବାକୁ ଆସିଥିଲା ଓ ପରେ ଏଠି ମଠବାଡ଼ି ଗଢି ଉଠିଛି । ବାହାରେ ଥିବା ସମୟରେ ସେ ଓଡ଼ିଆ ଚାନେଲ ଟି.ଭି. ଦେଖି ନାହିଁ କି

ଓଡ଼ିଆ ଖବର କାଗଜ ପଢିନାହିଁ। ମୋହିନୀ ବାବା ପ୍ରତିଷ୍ଠା ପାଇବା ପୁଣି ବଦନାମ ହୋଇ ଜେଲ ଯିବା ସେ କିଛି ଜାଣେ ନାହିଁ।

ଭବ୍ୟ ଏଇ ମଠର ପରିପାଟି ସନ୍ଦର୍ଶନରେ ଲିଙ୍ଗରାଜ ମୁଗ୍ଧ ହେଲା। ମଠ ଭିତରକୁ ସନ୍ତର୍ପଣରେ ପଶିଗଲା। ନିସ୍ତବ୍ଧ ମୋହନ ମଠରେ ଶିବଲିଙ୍ଗ, ହନୁମାନ, ତାରିଣୀଙ୍କ ବିଜେ ସ୍ଥଳ ନିରିମାଖୀ ହୋଇ ପଡ଼ି ରହିଛନ୍ତି। ନୂଆ ଶକ୍ତି ପୀଠଟି, ଯେଉଁଠି ଆମିଷ ଭୋଗ ହୁଏ ଅପେକ୍ଷାକୃତ ଜୀବନ୍ତ ବୋଧହୁଏ ମନେ ହେଉଥିଲା। ଲିଙ୍ଗରାଜ ସବୁ ଆସ୍ଥାନରେ ଫୁଲ ଆଉ ପ୍ରସାଦ ଚଢେଇ ସତେ ଅବା ଜୀବନ୍ୟାସ ଦେଉଥିଲା। କୋଳାହଳ ଶୂନ୍ୟ ମଠ ପରିସର ଲିଙ୍ଗରାଜ ମନରେ ଶାନ୍ତି ଭରିଦେଲା। ସମସ୍ତ ଦେବାଦେବୀଙ୍କ ପୂଜା ସାରି ସେ ଗୋଟିଏ ପ୍ରସ୍ତର ଖମ୍ଭକୁ ଆଉଜି ବସିଗଲା। ଏତିକିବେଳେ ଅନାମ ରାଉଳ ମଠ ଭିତରକୁ କିଏ ସହୃଦ ଭକ୍ତ ଜଣେ ଆସିଛନ୍ତି ଦେଖି ଖୁବ୍ ଗୋଟେ ଅନୁପ୍ରାଣିତ ଭାବରେ ଲିଙ୍ଗରାଜ ପାଖାପାଖି ବସିଲା। ଖୁବ୍ ଚିହ୍ନା ଚିହ୍ନା ଲାଗୁଥିବା ଆଗନ୍ତୁକଙ୍କୁ ଅନାମ ନିରେଖି ଦେଖିଲା। ତାଙ୍କର ସେ କ୍ଷୀଣ ଶରୀର ସତେ ଯେମିତି ପାର୍ଥିବ କୌଣସି ଖାଦ୍ୟ ଗ୍ରହଣ ନ କରି ମହାଶୟ ପବନ ଆହାର କରି ବଞ୍ଚିଛନ୍ତି। ମୁହଁରେ ଛୋଟ ଛୋଟ ଦାଢ଼ି। ଆଖି ଦେଖୁଛି ସୁଦୂର ଅନ୍ତରୀକ୍ଷକୁ। ସାଧୁ ସାଧୁ! ଇଏ ଜଣେ ମହାନ ସାଧୁ। ଅନାମ ସନ୍ନିକଟ ହେଲା। ଆଶ୍ଚର୍ଯ୍ୟର ସୀମା ନାହିଁ। ଇଏ ହେଉଛନ୍ତି ସେଇ ସାଧୁ ମହାତ୍ମା, ଯାହାଙ୍କର ଅଙ୍ଗୁଳି ନିର୍ଦ୍ଦେଶରେ ଅନାମ ମୋହିନୀ ବାବାଙ୍କ ସଖ୍ୟ ଲାଭ କରିବାର ସୁଯୋଗ ପାଇଥିଲା। ଅନାମ ଆଜି କିନ୍ତୁ ଲିଙ୍ଗରାଜକୁ ଖସି ଯିବାକୁ ନ ଦେଇ ତା'ର ପାଦ ତଳେ ପଡ଼ିଗଲା। ଲିଙ୍ଗରାଜର ପଦ ଯୁଗଳକୁ ଜାବୁଡ଼ି ଧରି ଅନାମ କହି ଚାଲିଲା- "ବାବା ଆମଠାରେ ଆଉ କପଟ କର ନାହିଁ। ସେଦିନ ଅଧମ ଆପଣଙ୍କୁ ଚିହ୍ନି ନ ପାରି ମୋହିନୀ ବାବାଙ୍କର କେହି ଶିଷ୍ୟ ବୋଲି ଧରି ନେଇଥିଲା। ଆଖି ପିଛୁଳାକେ ଆପଣ ଅନ୍ତର୍ଦ୍ଧାନ କେମିତି ହେଲେ ବାବା। ଆପଣ ତ ମୋହିନୀ ବାବାଙ୍କଠାରୁ ଆହୁରି ବଡ଼ ସାଧୁ। ଏଇ ମଠର ସାରଥିମାନେ ଆଜି ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଏ ମଠର ଶୂନ୍ୟ ବେଦୀରେ ଆପଣ ବିଜେ କରନ୍ତୁ। ମଠ ପୁଣି

ଚଳଚଞ୍ଚଳ ହୋଇଉଠିବ। ଆମେ ସବୁ ସାରଥିର ଦଳ ଆପଣଙ୍କ ପାଖେ ରହିଥିବୁ। ମୁଁ ଦେଖୁଛି ଆପଣ ବର୍ଷ ବର୍ଷ ଧରି ଶରୀରକୁ କଷ୍ଟ ଦେଇ କୁଚ୍ଛ ସାଧନା ହିଁ କରିଚାଲିଛନ୍ତି। ବୁଲାଟିଆ ବାବାଜୀ ପରି ଆପଣଙ୍କ କ୍ଷୀଣ ତନୁର ଶିରା ତୁଟିଗଲାଣି। ମଠରେ ଆମେ ଆପଣଙ୍କୁ ଅଧିଷ୍ଠିତ କରେଇବୁ। କିଛିଦିନ ଏଠାରେ ଘୃତ ଅନ୍ନ ସେବନ କଲେ ଆପଣଙ୍କ ଜ୍ୟୋତି ଫୁଟି ଉଠିବ।"

ଅନାମ ରାଉଳର କ୍ରନ୍ଦନ ଧ୍ୱନି ଶୁଣି ସେତେବେଳକୁ ଅନ୍ୟ ସାରଥିମାନେ ଲିଙ୍ଗରାଜକୁ ଘେରି ଗଲେଣି। ଘଟଣା କୁଆଡ଼େ ଯାଉଛି ଲିଙ୍ଗରାଜ ବୁଝିପାରୁଥିଲା। କଥା କ'ଣ ବୋଲି ସମସ୍ତ ବିବରଣୀ ସେମାନଙ୍କଠାରୁ ଅବଗତ ହେବା ପରେ ତା'ର ସ୍ୱଭାବ ସୁଲଭ ବିନମ୍ରତା ସହିତେ ନିଜର ବକ୍ତବ୍ୟ ରଖିଲା।

"ହେ ମୋର ପୁଣ୍ୟପ୍ରାଣ ଭାଇମାନେ! ମୁଁ ଜଣେ ସାଧାରଣ ସଂସାରୀ ଲୋକ। ବୃତ୍ତିରେ ଚାକିରୀଜୀବୀ। ବୃଥା ଅହମିକାଠାରୁ ଦୂରେଇ ମୁଁ ବୋଧହୁଏ ଭଗବତ ବିଶ୍ୱାସୀ। ସଂସାରରେ ନୀତି ନୈତିକତା ବଜାୟ ନ ରହିଲେ ଏ ସୃଷ୍ଟି ତିଷ୍ଠିବ କିପରି? ଯେଉଁ ସ୍ୱାର୍ଥତ୍ୟାଗ ଧାର୍ମିକ ଲୋକମାନେ ଲୋକଙ୍କ ମନରେ ଅଧର୍ମ ଭାବ ଜାଗରୁକ କରିବା ଓ ମନୁଷ୍ୟକୁ ସତ୍ୟଶାନ୍ତି ପଥରେ ଦିଗ୍‌ଦର୍ଶନ ଦେବାରେ ବ୍ରତୀ ଅଛନ୍ତି ସେମାନେ ମୋର ଚିର ନମସ୍ୟ। ତେବେ ଆପଣମାନଙ୍କ ମୋହିନୀ ବାବାଙ୍କ ପରି ମୁଁ ହୋଇପାରିବି ନାହିଁ। ମୋହିନୀ ବାବାଙ୍କ କାର୍ଯ୍ୟକ୍ରମ ଯୋଗୁ ଆପଣମାନଙ୍କ ଗୁଜୁରାଣ ମେଣ୍ଟୁ ଥିଲା, କିଛି ଜନତା ଧର୍ମାଭିମୁଖୀ ହେଉଥିଲେ, ଏସବୁ ଉତ୍ତମ କଥା। ଯଦି ମୋହିନୀ ବାବାଙ୍କର କିଛି ତ୍ରୁଟି ବିଚ୍ୟୁତି ଘଟିଛି ଓ ସେ ଆଇନ ଅଦାଲତ ପରିସରରେ ଛନ୍ଦି ହୋଇଯାଇଛନ୍ତି ଏଇ ସମୟରେ ଆପଣମାନେ ତାଙ୍କୁ ସହାୟ ହେବା ଉଚିତ କାର୍ଯ୍ୟ ହେବ। ମଠର ପାଣ୍ଠିରେ ଅନେକ ଧନ ଯେ ଜମି ରହିଛି ସେସବୁର ସଦୁପଯୋଗ କରନ୍ତୁ। ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରି ଭଲ ଓକିଲ ଦେଖି କୋର୍ଟ କଚେରିରେ ଲଢେଇ କରନ୍ତୁ। ଏ ଦେଶର ନ୍ୟାୟପାଳିକା ଆଗରେ ଉପଯୁକ୍ତ ଉପସ୍ଥାପନା ହେଲେ ବିଳମ୍ବ ହେଉ ପଛେ ଫଳ ମିଳିବାର ଯଥେଷ୍ଟ ଆଶା ଅଛି।"

ଲିଙ୍ଗରାଜଠାରୁ ଏମନ୍ତ ଉପଦେଶ ଶୁଣି ସାରଥିମାନେ ଉତ୍ସୁକ ହେଲେ ।

"ଆଜ୍ଞା, ଆମେ ସବୁ ଚେଷ୍ଟା କରିବୁ, ମୋହିନୀ ବାବାଙ୍କୁ ଉଦ୍ଧାର କରିବୁ । ଆପଣ ମହାଶୟ ଜଣେ ପରୋପକାରୀ ମହାନ ପୁରୁଷ । ଆମମାନଙ୍କ ଦୁଃସମୟରେ ଆମ ପାଖେ ଠିଆ ହୁଅନ୍ତୁ । ସାରଥି ସ୍ୱାର୍ଥ ରକ୍ଷା କମିଟିର ଉପଦେଷ୍ଟା ଭାବେ ଆପଣଙ୍କୁ ଆମେ ଚୟନ କଲୁ । ଆମକୁ ଆପଣଙ୍କ ସତ୍ ପରାମର୍ଶ ଯଥା ସମୟରେ ଦେଉଥିବେ ।"

"ହେଉ ହେଲା । ଏଥର ମୋତେ ଯିବାକୁ ଦିଅ । ନମସ୍କାର ।"

ମୁଣ୍ଡ ଟୁଙ୍ଗାରି ଲିଙ୍ଗରାଜ ସାରଥିମାନଙ୍କ କବଳରୁ ଧୀରେ ଖସି ଆସିଲା ।

କେହି କହୁଥିଲେ- "ହାୟ ହାୟ ସନ୍ତୋଷ ପୁହାଣ ଭଣ୍ଡ ବାବା ।" କେଉଁ ଗାଆଁରେ ମୋହିନୀ ବାବାଙ୍କ ଫଟୋ ସ୍ଥାପନା ହେଇ ତାଙ୍କର ପୂଜା ଅର୍ଚ୍ଚନା ବି ଚାଲୁଥିଲା । ମୋହିନୀ ବାବାଙ୍କ ଭକ୍ତ ଓ ବିରୋଧୀଙ୍କ ମଧ୍ୟରେ ଟଣା ଓଟରା ଲାଗି ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଥିଲା । କେହି ବି ମଝିରେ ଥାଇ ମୋହିନୀ ବାବାଙ୍କୁ ଆଜି ଜେଲରେ ଥିବାବେଳେ ତାଙ୍କ ବିଷୟରେ ଆଲୋଚନା ସମାଲୋଚନା ଲାଗି ରହିଥିଲା ।

ଲିଙ୍ଗରାଜଠାରୁ ପରାମର୍ଶ ପାଇ ସାରଥିମାନେ ନାମଜାଦା ଓକିଲ ଲଗାଇ କେଶ ଲଢିଲେ । ସରକାର ବନାମ ଜନତା । ମୋହିନୀ ବାବାଙ୍କ ସପକ୍ଷବାଦୀମାନେ ହାଇକୋର୍ଟରେ ହାରି ସୁପ୍ରିମ କୋର୍ଟ ଗଲେ । ବାବାଙ୍କର ଅପରାଧ ଏମିତି ଗର୍ହିତ ନ ଥିଲା ଯେ, ସେ ଅନନ୍ତ କାଳ ଜେଲରେ ସଢ଼ିଥାନ୍ତେ । ମାତ୍ର ସୁପ୍ରିମ କୋର୍ଟ ମୋହିନୀ ବାବା ଓରଫ ସନ୍ତୋଷ ପୁହାଣଙ୍କ ଜାମିନ ମଞ୍ଜୁର କଲେ ।

ସେଦିନ ରାତିରେ ଟି.ଭି.ରେ ସମ୍ବାଦ ପ୍ରଚାର ହୋଇଗଲା । ସପକ୍ଷ ଆଉ ବିପକ୍ଷମାନଙ୍କଠାରୁ ମିଶ୍ର ପ୍ରତିକ୍ରିୟା ମିଳିଲା । ଟି.ଭି. ପ୍ରତିନିଧି ଜଣେ ମହିଳାଙ୍କୁ ପ୍ରଶ୍ନ କଲେ- "ମୋହିନୀ ବାବା ଓରଫ ସନ୍ତୋଷ ପୁହାଣଙ୍କୁ ଜାମିନ ମିଳିଲା । ଆପଣ କ'ଣ କହିବେ ? ମହିଳା ଜଣକ ଉତ୍ତର ଦେଲେ- "ମୋହିନୀ ବାବା ମୋର ଭଗବାନ ଥିଲେ, ଅଛନ୍ତି ଓ ଆଗକୁ ରହିଥିବେ ।"

ପରଦିନ ସକାଳେ ଜେଲ ଫାଟକ ସାମନାରେ ଅନେକ ଭିଡ଼ । ମୋହିନୀ ବାବାଙ୍କ ଅନୁଚରମାନେ ସାରଥି କମିଟି ନେତୃତ୍ୱରେ ତାଙ୍କୁ ପାଛୋଟି ନେବାକୁ ଆସିଥାଆନ୍ତି । ବିରୋଧୀମାନେ କଳା ପତାକା ଧରି ସନ୍ତୋଷ ପୁହାଣର କୁଶ ପୁତ୍ତଳିକା ଦାହ କରିବାକୁ ପ୍ରସ୍ତୁତ ଥାଆନ୍ତି । ଟିକେ ଦୂରରେ ସବୁଜ ପତାକାଧାରୀ ଦଳେ ଯୁବକ ଓ ଗୈରିକ ପତାକାଧାରୀ ଆଉ ଦଳେ ଯୁବକ ନୀରବରେ ଅପେକ୍ଷା କରିଥାଆନ୍ତି । ମୋହିନୀ ବାବା ଜେଲ ଭିତରୁ ଫାଟକ ଦେଇ ବାହାରକୁ ବାହାରିଲେ । ଶଙ୍ଖ ଘଣ୍ଟା ହୁଳହୁଳି ହାୟ, ହାୟ ଛି ଛି ନାଦ ଶବ୍ଦ ଅପଶବ୍ଦରେ ବାତାବରଣ କମ୍ପି ଉଠୁଥିଲା । ସାରଥିମାନେ ଆଗେଇ ଗଲେ ବାବାଙ୍କୁ ପାଛୋଟି ନେବେ ମୋହନ ମଠ । ପୁଣି ଚାଲୁ କରିବେ ଭକ୍ତି ରସାପ୍ଲୁତ ଚମତ୍କାରୀ ନାଟକ ।

ମୋହିନୀ ବାବା ଓରଫ ସନ୍ତୋଷ ପୁହାଣ ସାରଥିମାନଙ୍କ ସାଥିରେ ସାମାନ୍ୟ ମନ୍ତ୍ରଣା କରିବାର ଦେଖାଗଲା । ଯେଉଁ ଲାଇନରେ ଥିଲେ ସେ ଲାଇନ ଧୋକା ଖାଇ ଯାଇଛି । ତା' ଛଡ଼ା ବାବାଗିରି ଚାଲୁ କରି ବଜାୟ ରଖିବା କମ୍ କଷ୍ଟର କଥା ନୁହେଁ । ଏଥର ଦୋସରା ରାସ୍ତା ଦେଖିବା । ନିନ୍ଦା ହେଉ ପ୍ରଶଂସା ହେଉ ଉଭୟ ପଥରେ ସେ ଜନପ୍ରିୟ ଅଛନ୍ତି, ଏ ଭିଡ଼ରୁ ସ୍ପଷ୍ଟ ବାରି ହେଉଛି । ଜନପ୍ରିୟତାକୁ କାମରେ ଲଗାଇବା । ସେଇ ପତାକାଧାରୀ ଯୁବକମାନଙ୍କ ସାଥିରେ କଥାବାର୍ତ୍ତା କରିବା । ଆଞ୍ଚଳିକ ହେଉ ବା ଜାତୀୟ ଦଳ, ଯାହାର ପଲା ଭାରିଥିବ ସାରଥି କମିଟି ଓ ଆମର ଅନୁଚରମାନଙ୍କ ସାଥିରେ ଆମେ ସେଇ ଦଳକୁ ଚାଲିଯିବା ।

ବାବା ଯେଉଁ ଆଡ଼କୁ ଢଳିଲେ ସେମାନେ ନାରା ଲଗାଇଲେ ମୋହିନୀ ବାବା କି ଜୟ ! ଅନ୍ୟମାନେ କହିଲେ "ସନ୍ତୋଷ ପୁହାଣ ହାୟ ହାୟ । ସନ୍ତୋଷ ପୁହାଣ ମୁର୍ଦାବାଦ । ମୁର୍ଦାବାଦ, ଜିନ୍ଦାବାଦ ।"

'

❐❐❐

ଷାଠିଏ ପାହାଚର ଇତିବୃତ୍ତ

● ମନୋରମା ଶତପଥୀ

ବାଣର କାନଫଟା ଢ଼ୋ ଢ଼ୋ ଶବ୍ଦରେ ହଠାତ୍ ମୋର ନିଦ ଚାଉଁକିନା ଭାଙ୍ଗିଗଲା । ଛାତି ଥରି ଉଠି ଧଡ଼ପଡ଼ ହେବାକୁ ଲାଗିଲା । ଜୋର ଜୋର ନିଶ୍ୱାସ ପ୍ରଶ୍ୱାସର ଗତି । ଏ କ'ଣ ? ହଠାତ୍ କିଛି ବୁଝିପାରିଲିନି । ଘଣ୍ଟାଟା ଟିଙ୍ଗଟିଙ୍ଗ ଶବ୍ଦ କରି ବାଜି ଉଠିଲା । ଠଣ୍ ଠଣ୍ ବାରଥର ଆବାଜ ଦେଇ ରାତି ବାରଟାରେ ସନ୍ଦେଶ ଦେଲା ଓହୋ ! ବୁଝିପାରିଲି ଏବେ । ୨୦୨୧ ମସିହା ବିଦାୟ ନେଇ ୨୦୨୨ ମସିହା ଧରାପୃଷ୍ଠକୁ ଆଗମନର ଏ ଶୁଭ ମହୁରତ । ହେଲେ କେତେ ଜଣଙ୍କ ମଦ ମାଂସ ଆସରର, ମଉଜିମସ୍ତିର ଏ ବାଦିବାଣର ରୋଷଣୀରେ ଆଉ କିଛି ଦୁଃଖୀ, ଦୈନ୍ୟ, ନିଷ୍ପେଷିତ ଲୋକ ଯେ ଉପହସିତ ହେଉଛନ୍ତି ତାହା ବୁଝୁଛନ୍ତି ବା କେତେଜଣ ?

ରାସ୍ତାକଡ଼ରେ ପଡ଼ିଥିବା କେତେ ଶିଶୁ, ରୋଗୀ, ଅସହାୟ ବୃଦ୍ଧବୃଦ୍ଧା ଓ ଭିକ୍ଷୁକ ଯେ ଟିକିଏ ଶାନ୍ତିର ନିଦ ଶୋଇପାରୁନାହାନ୍ତି - ତାହା ବି କିଏ ବୁଝୁଛି ? କେତେ ରୁଗ୍ଣ, ଶିଶୁ ହୃଦ୍‌ରୋଗୀ, ଶ୍ୱାସରୋଗୀ ଯେ ପ୍ରଚଣ୍ଡ ଶବ୍ଦରେ ଇହଲୀଳା ସମ୍ବରଣ କରି ବିପନ୍ନ ପରିବାରଟିକୁ ଶୋକ ସାଗରରେ ଭସାଇ ଚାଲିଯିବେ ତା'ର ହିସାବ କିଏ ରଖୁଛି ? ନିକଟ ଅତୀତରେ ପୁଅ ବିଭାଘରର କାନଫଟା ଡି.ଜେ. ଶବ୍ଦରେ ବାପାଙ୍କର ମୃତ୍ୟୁର ଖବର ଶୁଣିଥିଲି । ଦୀପାବଳି ପରେ ହଜାର ହଜାର ପଶୁପକ୍ଷୀ ବାଣର ଶବ୍ଦରେ ପ୍ରାଣ ହରାଇ ରାସ୍ତାରେ ପଡ଼ିଥିବାର ଦୃଶ୍ୟ ହୃଦୟ ଥରାଇ ଦେଇଥିଲା, ଛାଡ଼ ... ।

ସବୁ ତ ଗତାନୁଗତିକ ଭାବେ ଚାଲିଛି । ଖାଲି ଆଇନ ଗଢ଼ିଦେଲେ ହେବନି । ଆଇନକୁ ପାଳନ କରିବାର ମାନସିକତା ଯେଉଁଯାଏ ଆମ ଭିତରେ ସୃଷ୍ଟି ହୋଇନି ସେ ଯାଏ କିଛି ବି ହୋଇପାରିବ ନାହିଁ । ଅଧିକାର ସହିତ କର୍ତ୍ତବ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଯେଉଁଦିନ ଯାଏ ଆମେ ଆମର ଅଧିକାର ସାବ୍ୟସ୍ତ କରିବା ସହିତ କର୍ତ୍ତବ୍ୟ

ପାଳନର ମାନସିକତାକୁ ନ ଆପଣାଇବା ସେଦିନ ଯାଏ ଏମିତି ଚାଲିଥିବ । ଏସବୁକୁ ହୃଦୟଙ୍ଗମ କରୁଛନ୍ତି କେତେଜଣ ?

ଦେହ ଓ ମନକୁ ଆଳସ୍ୟ ଓ ବିଷାଦ ଆବୋରି ବସିଲେଣି ପୁଣି ଟିକେ ଶୋଇବାକୁ ଚେଷ୍ଟା କଲି । ନା ଆଖିକୁ ନିଦ ଆସୁନି ଆଜି ଡାକ୍ତରଖାନାରେ ବହୁତ ରୋଗୀ । ତା' ସାଙ୍ଗକୁ ଦୁଇ ତିନଜଣ ଗୁରୁତର ଅସୁସ୍ଥ ରୋଗୀ ଥିଲେ । ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରି ଫେରିବାବେଳକୁ ନର୍ସିଂହୋମରୁ ଫୋନ୍ ଆସିଲା । ଦୁଇଜଣ ଶିଶୁ ବାଥ୍ ଆସ୍‌ପେକ୍ସିଆ । ଜନ୍ମ ହେବା ସଙ୍ଗେ ସଙ୍ଗେ କାନ୍ଦୁନାହାନ୍ତି । ସାର୍ ଟିକିଏ ଶୀଘ୍ର ଆସନ୍ତୁ । ସଙ୍ଗେ ସଙ୍ଗେ ନର୍ସିଂହୋମ୍ ଧାଇଁଲି । କାରଣ ଶିଶୁର ଏହି ସମୟ ହିଁ ଅତ୍ୟନ୍ତ ମୂଲ୍ୟବାନ । ଆଉ କାଳବିଳମ୍ବ ନ କରି ନର୍ସିଂହୋମ୍‌ରେ ପହଞ୍ଚି ଶିଶୁଟିର ଚିକିତ୍ସା ଆରମ୍ଭ କଲି । ଶିଶୁଟି ସୁସ୍ଥ ହୋଇ କାନ୍ଦିବା ପରେ ତାକୁ ତା' ମା' କୋଳରେ ଛାଡ଼ି ଘରକୁ ଆସିଲି । ଘରେ ପହଞ୍ଚିବା ବେଳକୁ ରାତି ଏଗାରଟା । ଧୋଇ ଧାଇ ହୋଇ ଡ୍ରେସ୍ ବଦଳାଇ କ୍ଷୀର ଗ୍ଲାସଟିଏ ପିଇ ଶେଯକୁ ଆସି କ୍ଲାନ୍ତ ଶରୀରକୁ ବିଛଣା ଉପରେ ଲୋଟାଇ ଦେଲି । ଖଟରେ ପଡ଼ି ଏପଟ ସେପଟ ହୋଇ ହୋଇ ଆଖିକୁ ଟିକିଏ ନିଦ ଆସୁ ଆସୁ ପୁଣି ଏ ବିକଟାଳ ବାଣର ଶବ୍ଦରେ ନିଦ ଭାଙ୍ଗିଗଲା । ନିଦ ଏକ ଭଗବାନଙ୍କର ଦାନ ଓ ଆଶୀର୍ବାଦ । ଆସିଯିବ ତ ସବୁ ଭୁଲାଇ ଦେବ । ନ ଆସିବ ତ ସବୁ ମନେ ପକାଇଦେବ । ସେହି ନ୍ୟାୟରେ ଚଳଚ୍ଚିତ୍ରର ପରଦା ପରି ଆଖି ଆଗରେ ଭାସି ଉଠିଲା ଗୋଟିକ ପରେ ଗୋଟିଏ ଦୃଶ୍ୟ । ଯାହା ମୋର ଅଙ୍ଗେ ନିଭା ଘଟଣା କ୍ରମ । ଦୀର୍ଘ ଷାଠିଏ ପାହାଚର ଇତିବୃତ୍ତି' । ଭାବିଲି କ'ଣ ନୂଆବର୍ଷ ? କ୍ୟାଲେଣ୍ଡରରେ ତାରିଖ ବଦଳିଗଲେ କ'ଣ ମଣିଷର ଦୁଃଖ, ସୁଖ, ହସ, କାନ୍ଦ, ରୋଗ, ଶୋକ, ଜନ୍ମମରଣ ବଦଳିଯାଏ । ନା ସବୁ ଠିକ୍ ସେମିତି ଗତାନୁଗତିକ ରୀତିରେ ଚାଲିଥାଏ ।

ମୁଁ ଡକ୍ଟର ଅଜିତ୍ । ସମସ୍ତେ ଅଜିତ୍ ସାର, ଅଜିତବାବୁ ବୋଲି ଡାକନ୍ତି, ସାଙ୍ଗ ମହଲରେ ଅଜିତ୍ ହେଲେ ମୋର ପ୍ରିୟ ଗାଁର ଆତ୍ମୀୟସ୍ୱଜନ, ପ୍ରିୟ ପରିଜନ, ବନ୍ଧୁବାନ୍ଧବ ଓ ମୋର ପରିବାର ନିକଟରେ ଅଜୁ କେବଳ ଅଜୁ । ଅତି ଆଦରର ଶ୍ରଦ୍ଧେୟ ଅଜୁ ।

ମସିହାରେ ମେଡ଼ିକାଲ ଏଣ୍ଟ୍ରାନ୍ସରେ ୬୮ ର‍ୟାଙ୍କରେ ରହି ଉତ୍ତୀର୍ଣ୍ଣ ହେଲି ଓ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେଲି ।

ହେଲେ ସେତେବେଳେ ଆମ ପରିବାରର ସ୍ଥିତି ଯାହା ଆଡ୍‌ମିସନ୍ ଫିସ୍ ୫୦୦୦ଟଙ୍କା (ପାଞ୍ଚହଜାର) ଯୋଗାଡ଼ କରିବା ଖୁବ୍ କଷ୍ଟକର ଥିଲା । ମୋ ମାମୁଁ, ଅଜା ତାଙ୍କର ସାରାଦିନର ସଞ୍ଚିତ ଅର୍ଥ ୫୦୦୦ଟଙ୍କା ମୋ ହାତରେ ଧରାଇ ଦେଇ କହିଲେ, "ନେ ତୁ ନାମ ଲେଖ । ମୋ ନାତି ଡାକ୍ତର ହେବ । କେତେ ଗରିବ ରୋଗୀଙ୍କର ସେବା କରିବ । ମୋ ନାମ ରଖିବ । ସେଇ କଥା ପଦକ ମୁଁ ଆଜି ପର୍ଯ୍ୟନ୍ତ ମୋ ଛାତିରେ ଲେଖିରଖିଛି । ମନେ ରଖିଥିବି ମଧ୍ୟ ମୋର ସ୍ମୃତିଶକ୍ତି କାମ କରୁଥିବା ପର୍ଯ୍ୟନ୍ତ । ସେ ଅଭୁଲା ସ୍ମୃତି କେବେବି ଭୁଲିବାର ନୁହେଁ କି ଫିଙ୍ଗିବାର ନୁହେଁ । ସେ'ତ ମୋ ଜୀବନର ଗୁରୁମନ୍ତ୍ର । ଆଜି ମୁଁ ଯଦି ଭଲ ସୁନାମଧନ୍ୟ ଡାକ୍ତରଟିଏର ପରିଚୟ ପାଇଛି, ଶ୍ରଦ୍ଧା ଓ ସମ୍ମାନ ପାଇଛି, ଖ୍ୟାତି ଓ ଯଶ ସାଉଁଟି ପାରିଛି, ତାହା ତାଙ୍କରି ସେଦିନର ଦାନ, ତାଙ୍କରି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଯୋଗୁ ଆଜି ଏସବୁ ସମ୍ଭବ ହୋଇପାରିଛି । ଡାକ୍ତର ପାଠ୍ୟକ୍ରମରେ ପଢୁଥିବା ସମୟରେ ବାପା ବୋଉଙ୍କ ନିର୍ଦ୍ଦେଶରେ ଏକ ସୁନ୍ଦରୀ, ସୁଶିକ୍ଷିତା ଝିଅ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଗଲି ୧୯୮୯ ମସିହାରେ । ଶାଶୁ ଏକ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶ୍ୱଶୁର ଏକ ସରକାରୀ ବ୍ୟାଙ୍କର ମ୍ୟାନେଜର । ଝିଅ ମଧ୍ୟ ଖୁବ୍ ସଭ୍ୟା, ଶିକ୍ଷିତା, ସୁଶୀଳା ଓ ସୁନ୍ଦରୀ ମଧ୍ୟ । ୧୯୯୧ ମସିହାରେ M.B.B.S ପାଠ୍ୟକ୍ରମ ଶେଷ ହେବା ପରେ ଆସିଲା ଖୁସି ଖବର ମୁଁ ବାପା ହେବାକୁ ଯାଉଛି । ୧୯୯୨ ମସିହାରେ ଆସିଲା ଚିର ଇପ୍‌ସିତ ସେଇ ଖୁସିର ମୁହୂର୍ତ୍ତ । ମୋର ପତ୍ନୀ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଲେ ଓ ମୁଁ ଏକ କନ୍ୟା ସନ୍ତାନର ଜନକ ପାଲଟି ଗଲି । ଲୋକେ କୁହନ୍ତି ଝିଅ ଲକ୍ଷ୍ମୀ । ବାସ୍ତବିକ୍ ଏହା ସତ କଥା । ମୋ ଝିଅ ଖୁବ୍ ଲକ୍ଷ୍ମୀବନ୍ତ, ସେହି ୧୯୯୨ ମସିହାରେ ମୁଁ ଡାକ୍ତର ଭାବେ ଯୋଗ ଦେଲି । ୧୯୯୫

୧୯୬୨ ମସିହାରେ ଜଗତ୍‌ସିଂହପୁର ଜିଲ୍ଲା ନନ୍ଦନ ଗ୍ରାମରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ସାନପୁଅ ହିସାବରେ ମୋର ଜନ୍ମ । ଚାଷୀ ପରିବାର । ବାପା ଚାଷ କାର୍ଯ୍ୟ ସହିତ ଏକ ଛୋଟକାଟିଆ ତେଜରାତି ଦୋକାନ ଗାଁ ମୁଣ୍ଡରେ ଦେଇ ଦୋକାନ ଚଳାନ୍ତି । ଯୌଥ ପରିବାର ଦୁଇ ଦାଦା ଚୌଦ୍ୱାର ଓ.ଟି.ଏମ୍‌ରେ ଚାକିରୀ କରନ୍ତି । ଯେନତେନ ପ୍ରକାରେ ସଂସାର ଚଳିଯାଏ । ଆଉ ଜଣେ ଦାଦା ଘରେ ବାପାଙ୍କୁ ଚାଷ କାର୍ଯ୍ୟରେ ସହାୟତା କରନ୍ତି । ଘରେ ବୋଉ, ଖୁଡ଼ି ଓ ଆମେ ସବୁ ଭାଇଭଉଣୀ । ମୁଁ ଗାଁ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଲି । ତା'ପରେ ଭଲ ପାଠ ପଢୁଥିବାରୁ ଦାଦା ସାଙ୍ଗରେ ଚଉଦ୍ୱାର ନେଇଗଲେ । ସେଠାରେ ଏକ ଇଂରାଜୀ ମିଡ଼ିୟମ୍ ସ୍କୁଲରେ ନାମ ଲେଖାଇଦେଲେ । ଓଡ଼ିଆ ମିଡ଼ିୟମ୍ ସ୍କୁଲରୁ ଯାଇ ହଠାତ୍ ଇଂରାଜୀ ପାଠକୁ ଆୟତ୍ତ କରିବା ମୋ ପକ୍ଷରେ ଖୁବ୍ କଷ୍ଟକର ହୋଇ ପଡ଼ିଲା । ତଥାପି ଦାଦାଙ୍କ ତତ୍ତ୍ୱାବଧନାରେ ରହି କଠୋର ପରିଶ୍ରମ କଲି । ପାଠରେ ଆଗ୍ରହ ଥିବାରୁ ପାଠକୁ ଧୀରେ ଧୀରେ ଆୟତ୍ତ କରିବାକୁ ଲାଗିଲି । ଏପରିକି ବୃତ୍ତି ପାଇବାକୁ ମଧ୍ୟ ଯୋଗ୍ୟ ବିବେଚିତ ହେଲି । ମାଟ୍ରିକ ପାସ୍ କଲି ୧୯୭୮ ମସିହାରେ । ତା'ପରେ ଷ୍ଟୁଆର୍ଟ ସାଇନ୍ସ କଲେଜ କଟକରେ ଆଇ.ଏସ୍.ସି ୧୯୮୦ ମସିହାରେ ପାସ୍ କଲି ଓ ଜୁଲୋଜି(ପ୍ରାଣୀବିଜ୍ଞାନ) ଅନର୍ସରେ ବି.ଏସ୍.ସି ପାସ୍ କଲି ୧୯୮୨ ମସିହାରେ । ତା'ପରେ ମୁଣ୍ଡକୁ ଅଚାନକ ଧସେଇ ପଶିଲା ଡାକ୍ତର ହେବି । ଗରିବ ରୋଗୀଙ୍କର ସେବା କରିବି । ୧୯୮୭ ମସିହାରେ ମେଡ଼ିକାଲ ପାଇଁ ଏଣ୍ଟ୍ରାନ୍ସ ଦେଲି । ହେଲେ ସଫଳ ନ ହେବାରୁ ମନ ଖୁବ୍ ଦୁଃଖ ହେଲା । ଅବସାଦରୁ ମୁକ୍ତି ପାଇବା ପାଇଁ ଚେନ୍ନାଇ ପଳାଇଲି ଗୋଟେ ସାଙ୍ଗ ପାଖକୁ ଚାକିରୀ ସନ୍ଧାନରେ । ହେଲେ ସେଠି ଭଲ ଲାଗିଲାନି । ପୁଣି ଫେରି ଆସିଲି କଟକ । ମୋ ବଡ଼ଭାଇ କଟକ ଖପୁରିଆ ସରକାରୀ ଆଇ.ଟି.ଆଇ କଲେଜରେ ଆଇ.ଟି.ଆଇ କରୁଥାନ୍ତି । ମୁଁ ତାଙ୍କ ପାଖରେ ରହି ଡାକ୍ତରୀ ଏଣ୍ଟ୍ରାନ୍ସ ପାଇଁ ପ୍ରସ୍ତୁତ ଚଳାଇଲି । ଦୁଇଭାଇ ଷ୍ଟୋଭ ଲଗାଇ ହାତରେ ରୋଷେଇ କରୁ । ଖାଉ, ପାଠପଢୁ । ଈଶ୍ୱରଙ୍କର ଅପାର ଦୟା । ମୋ ପରିଶ୍ରମର ମୂଲ୍ୟ ସେ ଦେଲେ । ୧୯୮୫

ମସିହାରେ ଶିଶୁ ବିଭାଗରେ P.G କଲି ତା'ପରେ ୧୯୯୮ ମସିହାରେ ଏକ ଶିଶୁ ରୋଗ ବିଶେଷଜ୍ଞ ହିସାବରେ ଯୋଗ ଦେଲି ।

୨୦୦୨ ମସିହାରେ ମୋର ନିଜ ପ୍ରିୟ ଜିଲ୍ଲା ଜଗତ୍‌ସିଂହପୁର ସଦର ମହକୁମା ଚିକିତ୍ସାଳୟରେ ଯୋଗ ଦେଲି । ମୁଁ ଏଇ ୨୦୨୨ ମସିହାରେ ଷାଠିଏ ବର୍ଷ ପୂରଣ କରି ଏକଷଠି ବର୍ଷରେ ପଦାର୍ପଣ କରିବି । ଆଗରୁ ଷାଠିଏ ବର୍ଷ ପୂରିଗଲେ ଡାକ୍ତରଟିଏ ସରକାରୀ ଚାକିରୀରୁ ଅବସର ନେଉଥିଲା । ମୁଁ ମଧ୍ୟ ଏଇ ୨୦୨୨ ମସିହାରେ ସରକାରୀ ଚାକିରୀରୁ ଅବସର ନେଇଥାନ୍ତି । ଯଦିଓ ଚିକିତ୍ସକଟିଏର ଅବସର ବୋଲି କିଛି ନଥାଏ, ଯେଉଁ ପର୍ଯ୍ୟନ୍ତ ତା'ର ସ୍ମୃତିଶକ୍ତି କାମ କରୁଥାଏ ସେପର୍ଯ୍ୟନ୍ତ ସେ ଚିକିତ୍ସା ଜାରି ରଖିପାରେ । କାରଣ ଚିକିତ୍ସା ବୃତ୍ତି ଭଗବାନଙ୍କର ଆଶୀର୍ବାଦ, ଭଗବାନ୍ ଧନ୍ୱନ୍ତରୀଙ୍କର କଳା ନଥିଲେ କେହି ଚିକିତ୍ସକ ହୋଇପାରେ ନାହିଁ । ସ୍ୱୟଂ ଧନ୍ୱନ୍ତରୀ ହିଁ ଚିକିତ୍ସକଙ୍କର ହାତରେ ରୋଗୀକୁ ଆରୋଗ୍ୟ କରନ୍ତି । ତେଣୁ ଡାକ୍ତର ବା ଚିକିତ୍ସକଙ୍କୁ ଦ୍ୱିତୀୟ ଭଗବାନ ବୋଲି କୁହାଯାଏ । ଡାକ୍ତର ଅଭାବ ଦର୍ଶାଇ ସରକାର ଚିକିତ୍ସକମାନଙ୍କର ଅବସର ବୟସ ଆହୁରି ପାଞ୍ଚବର୍ଷ ବଢାଇ ଦେଇଛନ୍ତି । ଯାହାଦ୍ୱାରା ମୁଁ ଆଉ ଏ ବର୍ଷ ସରକାରୀ ଚାକିରୀରୁ ଅବସର ନେଇ ପାରିବି ନାହିଁ । ପୁଣି ପାଞ୍ଚବର୍ଷ । ଏଇ ସରକାରୀ ନୀତିନିୟମ, ଆଇନ ଖସଡ଼ା ଓ ଧରାବନ୍ଧା ନିୟମ ଭିତରେ ବାନ୍ଧି ହୋଇ ରହିବାକୁ ପଡ଼ିବ । ଆଜିକାଲି ଆଉ ଆଗପରି ବୃତ୍ତିଗତ ସମ୍ମାନ ନାହିଁ । ରୋଗୀ ଭଲ ହେଲେ ସମ୍ମାନ ନାହିଁ କି ପ୍ରଶଂସା ନାହିଁ । ହେ ସେ ଡାକ୍ତର ବହୁତ ହଇରାଣ କଲା । ବହୁତ ପଇସା ଖର୍ଚ୍ଚାନ୍ତ କରାଇଲା । ଆଉ ଖରାପ କଥା ତ ଛାଡ଼ ..... । ସିଧା ଶଳା ଡାକ୍ତର ମାରିଦେଲା । ସବୁ ଦୋଷ ଡାକ୍ତରର । ହଉ ସେମିତିରେ ତ ତିରିଶ ବର୍ଷ କଟିଗଲାଣି ଆଉ ବା କେତେଦିନ । ଶଗଡ଼ ଗୁଳାରେ ଚାଲିଛି ଜୀବନ । ଏବେ ମୁଁ ମଧୁମେହ, ଉଚ୍ଚ ରକ୍ତଚାପ ଓ ହୃଦ୍ ଜନିତ ସମସ୍ୟା ପରି ଜଟିଳ ରୋଗରେ ପୀଡ଼ିତ ଥାଇ ମଧ୍ୟ ନିୟନ୍ତ୍ରିତ ଔଷଧ ସେବନ କରିବା ସତ୍ତ୍ୱେ ମୋର କର୍ତ୍ତବ୍ୟ ସୁଚାରୁ ରୂପେ ତୁଲାଇ ଚାଲିଛି । ପାରିବାରିକ ସମସ୍ୟା ମଧ୍ୟ ବେଳେବେଳେ ଆଗରେ ଆସି ପାହାଡ଼ ପରି ଠିଆ ହୋଇଯାଇ

ମୋତେ ବ୍ୟତିବ୍ୟସ୍ତ କରି ପକାଉଛି । ସବୁ ସତ୍ତ୍ୱେ ବି ମୁଁ ମୋ କର୍ତ୍ତବ୍ୟ ପଥରୁ କେବେ ଓହରି ଯାଇନି । ସବୁ ଦୁଃଖ କଷ୍ଟ, ଯନ୍ତ୍ରଣା, ଅବସାଦ ଓ ଅବସୋସକୁ ନୀଳକଣ୍ଠ ପରି ନିଜ ଭିତରେ ଶୋଷି ନେଇ ଉପରେ ସର୍ବଦା ହସ ହସ, ପ୍ରସନ୍ନ ବଦନ ଧରି ଉଭା ହୋଇଛି । ସବୁ ସାଙ୍ଗ ସାଥି, ଷ୍ଟାଫ୍, ରୋଗୀ, ରୋଗୀଙ୍କ ଅଭିଭାବକ, ତତ୍ତ୍ୱାବଧାନକାରୀ, ଉପରିସ୍ଥ କର୍ମଚାରୀ ଓ ଅଧସ୍ଥନ କର୍ମଚାରୀ ସବୁରି ମହଲରେ ମୁଁ ଖୁବ୍ ହସଖୁସିଆ, ମେଳାପୀ ଓ ହସହସ, ମଜାଦାର ବ୍ୟକ୍ତି ବୋଲି ସ୍ୱୀକୃତି ଲାଭ କରିଛି ।

ସମସ୍ତଙ୍କୁ ମୁଁ ଭଲପାଏ ଓ ସମସ୍ତେ ମଧ୍ୟ ମୋତେ ଭଲ ପାଆନ୍ତି । ସ୍ନେହ, ଶ୍ରଦ୍ଧା ଓ ଆଦର କରନ୍ତି । ସମ୍ମାନ ମଧ୍ୟ ଦିଅନ୍ତି । ଏକଥା ମୁଁ ଜାଣେ ଓ ଅନୁଭବ କରେ । ଶ୍ରୀମା ଥରେ ଜଣେ ଭକ୍ତଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଏ ସମଗ୍ର ସୃଷ୍ଟିର ପ୍ରାରମ୍ଭ ହୋଇଛି ପ୍ରେମ ଓ ଆନନ୍ଦରୁ । ଏ ସଂସାରରେ ଯେତେ ଶକ୍ତି କାର୍ଯ୍ୟ କରୁଛି ସବୁଠୁ ଅଧିକ ଶକ୍ତି ପ୍ରେମର । କାରଣ ଏହି ପ୍ରେମ ଶକ୍ତି ହିଁ ଆଦ୍ୟଶକ୍ତି । ଏହି ପ୍ରେମ ଶକ୍ତିରୁ ହିଁ ସକଳ ଶକ୍ତିର ସୃଷ୍ଟି । ଯେତେବେଳେ କୌଣସି ଶକ୍ତି କାର୍ଯ୍ୟ କରୁନଥିଲା ସେତେବେଳେ ଏହି ପ୍ରେମ ଶକ୍ତିରୁହିଁ ଜଗତ ସୃଷ୍ଟି ହେଲା । ସୃଷ୍ଟିର ମୂଳ ଉତ୍ସ ପ୍ରେମ, ଆନନ୍ଦ, ସ୍ନେହ, ଶ୍ରଦ୍ଧା, ଆଦର, ଆନ୍ତରିକତା, ମମତା ଓ ଭଲପାଇବା । ସାଇବାବା କହୁଥିଲେ ହୃଦୟରେ ପ୍ରେମର ଗଣ୍ଠିଲିକୁ ସବୁବେଳେ ଧରି ରଖି ପ୍ରେମ କର, ପ୍ରେମ ବାଣ୍ଟିଚାଲ । ଯୀଶୁଖ୍ରୀଷ୍ଟ କହୁଥିଲେ ତୁମର ପ୍ରତିବେଶୀକୁ ପ୍ରେମ କର । ସମସ୍ତଙ୍କ ଆତ୍ମତୁଲ୍ୟ ପ୍ରେମ କର । ପ୍ରତି ଧର୍ମରେ ପ୍ରତି ଧର୍ମ ଶାସ୍ତ୍ରରେ ଏହି ପ୍ରେମକୁ ହିଁ ପ୍ରାଧାନ୍ୟ ଦିଆଯାଇଛି । ପ୍ରେମ, ସତ୍ୟ, ଶିବ, ସୁନ୍ଦର । ପ୍ରେମ ଶାଶ୍ୱତ, ଚିରନ୍ତନ, ନିତ୍ୟ, ଅନନ୍ତ ଓ ଅମର । ତେଣୁ ମୁଁ ମଧ୍ୟ ସେହି ସୃଷ୍ଟିର ପ୍ରାଣୀ ହିସାବରେ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଜୀବ । ଏକ ମଣିଷ ହିସାବରେ ସେଥିରୁ ବା ବାଦ୍ ଯାଆନ୍ତି କିପରି ? ପିତା ମାତାଙ୍କ ପ୍ରେମ ଓ ଆନନ୍ଦରୁ ତ ଆମର ସୃଷ୍ଟି । ଭାଇ, ଭଉଣୀ ପ୍ରିୟ ପରିଜନ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗଙ୍କ ପ୍ରେମରୁ ତ ଆମର ଜୀବନର ବୃଦ୍ଧି । ଗୁରୁଙ୍କ ପ୍ରେମରୁ ତ ଶିକ୍ଷାଗ୍ରହଣ । ତେଣୁ ପ୍ରେମକୁ ବାଦ୍ ଦେଲେ ଜୀବନ କାହିଁ ?

ସ୍କୁଲରେ ପଢିବା ଦିନ ଠାରୁ ମୋର ହସହସ ମୁଖମଣ୍ଡଳ, ସ୍ନେହପୂର୍ଣ୍ଣ କଥା, ଗୋରା ତକ୍‌ତକ୍ ସୁଠାଗ ଗଢଣ ଦେଖି ମୋର ସହପାଠୀମାନେ ଖୁବ୍ ଭଲ ପାଉଥିଲେ । ସାଙ୍ଗମାନେ କହୁଥିଲେ ତୋର ପ୍ରେମରେ ଯେ କେହି ପଡ଼ିଯିବ ଏହା ନିଃସନ୍ଦେହ । ବହୁତ ପ୍ରେମପୂର୍ଣ୍ଣ କଥା ଓ ଆଦର ସମ୍ଭାଷଣ ମୋତେ ମିଳୁଥିଲେ ମଧ୍ୟ ମୁଁ ମୋ କ୍ୟାରିଅର ଗଢିବା ଦିଗରେ ଖୁବ୍ ଚେଷ୍ଟିତ ଥିଲି ଓ ବ୍ରତୀ ଥିଲି -ଏଥିପାଇଁ ଯେ ମୁଁ ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଛି । ମୋ ପରିବାରର ସମ୍ମାନ ମୋ ପାଇଁ ସର୍ବାଗ୍ରେ । ତେଣୁ ମୁଁ ଜାଣିଶୁଣି ସେଥିରୁ ବିରତ ରହୁଥିଲି । "ବିଧିର ବିଧାନ କେ କରିବ ଆନ" ଯାହା ହେବାର ଥିବ ତାହା ନିଶ୍ଚିତ ଘଟିବ । କୌଣସି ପ୍ରଯତ୍ନ ନ କଲେ ମଧ୍ୟ ଯାହା ଘଟିବାର ଥିବ ଯାହା ସହିତ ସମ୍ପର୍କିତ ହେବାର ଥିବ ତାହା ନିଶ୍ଚୟ ହେବ । କାରଣ କୌଣସି ଘଟଣା ନୂଆ କରି ଘଟେ ନାହିଁ । ପ୍ରତ୍ୟେକ ଘଟଣାର ପୂର୍ବ ଓ ପର ସହିତ ସମ୍ପର୍କ ଥାଏ । ବାସ୍ତବିକ୍ ଯେ ଆମ ସହିତ ସମ୍ପର୍କିତ ହୁଅନ୍ତି ବା ଆମକୁ ନିଜର ଭାବନ୍ତି ବା ଭଲ ପାଆନ୍ତି ସେ ସ୍ନେହଶ୍ରଦ୍ଧା ଭଗବାନଙ୍କ ନିକଟରୁ ଆସିଥାଏ । ଏ ଜନ୍ମରେ ଯିଏ ଆମ ସହିତ ସମ୍ପର୍କିତ ହୁଅନ୍ତି ଆମେ ପୂର୍ବଜନ୍ମରୁ ସେ ବ୍ୟକ୍ତିଙ୍କ ସହିତ ସମ୍ପର୍କିତ ଥାଉ । ନଚେତ୍ ଏତେବଡ଼ ଦୁନିଆରେ କିଏ ବା କାହିଁକି ଆମକୁ ଖୋଜି ଖୋଜି ଭଲ ପାଇବାର ସ୍ନେହ ପ୍ରେମ ଦେବ ? କିଛି ସୁଝମୁଝ ପୂର୍ବଜନ୍ମରୁ ବାକି ରହି ଯାଇଥିବା ଯୋଗୁ ଏ ଜନ୍ମରେ ତାହା ପୂରା କରିବାକୁ ଭଗବାନ୍ ପୁଣି ଦୁହିଁଙ୍କୁ ଏକାଠି କରନ୍ତି । ଏହା ସିନା ଆମେ ଆମର ସୀମିତ ଦୃଷ୍ଟି ଓ ଅଳ୍ପ ବୁଦ୍ଧିରେ ଜାଣି ପାରିନଥାଉ । କିନ୍ତୁ ତ୍ରିକାଳଜ୍ଞ ସର୍ବ ଶକ୍ତିମାନ, ପରମେଶ୍ୱରଙ୍କୁ ବା କେଉଁ କଥା ଅଜଣା । ନଚେତ୍ ଏତେ କାର୍ଯ୍ୟ ବ୍ୟସ୍ତତା ଭିତରେ କିଏ କାହିଁକି ଆମକୁ ମନେରଖିବ ?

ବୋଧହୁଏ ସେହି ନ୍ୟାୟରେ ଆମ ମେଡିକାଲ୍‌ରେ ଜଣେ ଦିଦି ଥିଲେ ମନୁ ଦିଦି । ସେ ଖୁବ୍ ସୁନ୍ଦରୀ, ସୁଶୀଳା, ସୁଶିକ୍ଷିତା ଓ ସୁଗୁଣବତୀ ମଧ୍ୟ । ନିଜର ଭଦ୍ର ଓ ମାର୍ଜିତ ବ୍ୟବହାର, ହସହସ କଥା, ପରକୁ ଆପଣାର କରିବାର କଳା ଓ ନିଖୁଣ କର୍ମ କୁଶଳତା ପାଇଁ ସେ ସମସ୍ତଙ୍କ ନିକଟରେ ପ୍ରିୟ ଭାଜନ ହୋଇଥିଲେ । ସେ ମୋତେ ବହୁତ ଭଲ ପାଆନ୍ତି । ମୋତେ ବାରମ୍ବାର ଚାହାନ୍ତି । ମୋତେ ଦେଖିଲେ ଖୁବ୍ ଖୁସି

ହୁଅନ୍ତି ଓ ହସି ଦିଅନ୍ତି । ସେ ଥରେ କଥା ଛଳରେ କହିଥିଲେ ମୁଁ କୁଆଡ଼େ ଦେଖିବାକୁ ଠିକ୍ ତାଙ୍କ କକେଇଙ୍କ ପୁଅ ଭାଇ ପରି । ସେ ଭାଇ ସଂସ୍କୃତ ଅଧ୍ୟାପକ ଅଛି ବୌଦ୍ଧ କଲେଜରେ । ଠିକ୍ ସେମିତି ଗୋରା, ସେତିକି ଉଚ୍ଚତା, ସେମିତି ମୁହଁ, ସେମିତି ହସ, ସମାନ ଗଢଣ ଏପରିକି ହସ ଓ ସ୍ୱର ମଧ୍ୟ ତାଙ୍କ ଭାଇପରି । ତେଣୁ ମୁଁ ତାଙ୍କ ଭାଇପରି ତାଙ୍କୁ ଲାଗୁଥିବାରୁ ସେ ମୋ ସହିତ କଥା ହେବାକୁ ଭଲ ପାଆନ୍ତି ଓ ମୋତେ ଦେଖିଲେ ଖୁବ୍ ଖୁସି ହୁଅନ୍ତି । ମୁଁ ବି ଶୁଣିଛି ଏଦୁନିଆରେ ଈଶ୍ୱର ଏକାପରି ଛଅଜଣ ବ୍ୟକ୍ତିଙ୍କୁ ତିଆରି କରିଥାନ୍ତି । ତେଣୁ କାହାରି କାହାରି ଚେହେରା, କଥାବାର୍ତ୍ତା, ଚାଲିଚଳନ ଏପରିକି ଆଚାର ବ୍ୟବହାର ମେଳ ଖାଇଯିବା ଏକ ସଂଯୋଗ, କିନ୍ତୁ ବିଚିତ୍ର ନୁହେଁ । ତେଣୁ ମୁଁ ଏସବୁ ତାଙ୍କ ମନର କଥା ଜାଣି ନଥିଲେ ମଧ୍ୟ ସେ ଦିଦିଙ୍କର ଆନ୍ତରିକତା, ସ୍ନେହ, ଶ୍ରଦ୍ଧା, ସମ୍ମାନ, ଆଦର, ଭଲପାଇବା ମୋତେ ତାଙ୍କ ଆଡ଼କୁ ଆକର୍ଷିତ କଲେ । ତାଙ୍କର ବିଦ୍‌ବତ୍ତା, ଉତ୍ତର ଦେବାର ଶୈଳୀ ମୋତେ ମୁଗ୍ଧ କରେ । "ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ" ନ୍ୟାୟରେ ମୁଁ ମଧ୍ୟ ତାଙ୍କ ପ୍ରତି ଆକର୍ଷିତ ହୋଇପଡ଼େ । ପ୍ରେମ ସର୍ବଦା ତ୍ୟାଗରେ ବିଶ୍ୱାସ କରେ । ଭୋଗରେ ନୁହେଁ । କିନ୍ତୁ କିଛି ଖଳ ପ୍ରକୃତିରେ ବ୍ୟକ୍ତି "ସଜ ମାଛରେ ପୋକ ପକାଇବା" ପରି ଏହି ପବିତ୍ର, ସ୍ୱଚ୍ଛ ଓ ଅନାବିଳ ସମ୍ପର୍କକୁ ଭିନ୍ନ ରୂପ ଦିଅନ୍ତି । ମିଥ୍ୟା କଳଙ୍କ କାଳିମା ଲେପି ଚାଲନ୍ତି ମୋ ଉପରେ । ଦିଦିଙ୍କ ନାମକୁ ମୋ ନାମ ସହିତ ଯୋଡ଼ି ନାନା କୁସ୍ୱାରଚନା କରନ୍ତି । ଧୀରେ ଧୀରେ ଏକଥା "ତୁଣ୍ଡ ବାଇଦ ସହସ୍ର କୋଷ" ନ୍ୟାୟରେ କାର୍ଯ୍ୟାଳୟରୁ ଯାଇ ପରିବାର ପାଖରେ ପହଞ୍ଚେ ।

ଏହା ମୋର ପାରିବାରିକ ଜୀବନରେ ଏକ ବିରାଟ ଝଡ଼ ସୃଷ୍ଟି କଲା । ଯେଉଁଠି ବିଶ୍ୱାସର ସ୍ତମ୍ଭ ଦୁର୍ବଳ, ପ୍ରେମର ଛାଡ଼ ରୁଗ୍‌ଣ ସେଠାରେ ଘର ଭୁଷୁଡ଼ିବା ଥୟ । ମୋର ଧର୍ମପତ୍ନୀ ମଧ୍ୟ ମୋ ଉପରେ ବିଶ୍ୱାସ ହରାଇ ଏତେ ଦିନର ଦାମ୍ପତ୍ୟ ଜୀବନକୁ ଭୁଲ୍ ପ୍ରମାଣିତ କରି ଅନ୍ୟମାନଙ୍କ କଥାରେ ଭରସା ଓ ବିଶ୍ୱାସ ସ୍ଥାପନ କରି ମୋ ବିରୁଦ୍ଧରେ ଠିଆ ହେଲେ ।

ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର କହିଛନ୍ତି, ବାସ୍ତବ ପ୍ରେମ ତାକୁ ହିଁ କୁହାଯାଏ ପ୍ରିୟର ପ୍ରେୟରେ ପ୍ରେୟଣ ଅର୍ଥାତ ଆମେ ଯାହାକୁ ଭଲପାଉ ତା'ର ଯେ ପ୍ରିୟ ତା' ପ୍ରତି ଆମର ସ୍ୱତଃ ପ୍ରିୟଭାବ ସୃଷ୍ଟି ହୁଏ । ପ୍ରେମର ସଂଜ୍ଞା ନିରୂପଣ କରି ସେ କହିଲେ, ଆମେ ଯାହାଙ୍କୁ ଭଲପାଉ, ଯାହା ପ୍ରତି ଆମର ପ୍ରେମ, ସ୍ନେହ ଓ ଅନୁରାଗ ରହିଥାଏ ତାଙ୍କର ନାମ, ଗୋତ୍ର, ଘର, ବଂଶ, ଜାତି, ଗ୍ରାମ ଏପରିକି ସେ ଅଞ୍ଚଳ, ତାଙ୍କ ସହର, ବଜାର ତାଙ୍କ ଜିଲ୍ଲା ଓ ତାଙ୍କର ବାପା, ମା, ଭାଇ, ଭଉଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ସମସ୍ତଙ୍କୁ ଆମେ ଭଲପାଉ । ଏପରିକି ସେ ପଢିଥିବା ସ୍କୁଲ, କଲେଜ, ସେ ଚଳପ୍ରଚଳ ହେଉଥିବା ସ୍ଥାନ ସବୁକିଛି ପ୍ରତି ଏକ ଅହେତୁକ ମମତ୍ୱଭାବ ସୃଷ୍ଟି ହୋଇଥାଏ । ମୋଟାମୋଟି ସେ ଭଲପାଉଥିବା ଖାଦ୍ୟ, ରଙ୍ଗ, ବସ୍ତ୍ର, ପୋଷାକ ପରିଚ୍ଛଦ, ଚଳଚ୍ଚିତ୍ର, ନାଟକ, ଗୀତ ସେ ପଢୁଥିବା ବହି ଏପରିକି ତାଙ୍କ ସହିତ ସମ୍ପର୍କିତ ସବୁକିଛି ଆମକୁ ଭଲ ଲାଗେ । ତାଙ୍କର ଯେ ଭଲ ସାଙ୍ଗ ସେ ମଧ୍ୟ ଆମକୁ ଭଲଲାଗେ । ଏପରିକି ତାଙ୍କ ନାମ, ତାଙ୍କ ବାପା, ମା', ଭାଇ, ଭଉଣୀ, ସାଙ୍ଗସାଥି, ଗ୍ରାମର ନାମ ବି ଆମକୁ ଭଲ ଲାଗେ । ସେ ନାମ ଆମ ଆଗରେ କେହି ଉଚ୍ଚାରଣ କଲା ମାତ୍ରକେ ଆମର ମୁଖରେ ଏକ ପ୍ରସନ୍ନତାର ଭାବ ଫୁଟି ଉଠେ । ଓଠରେ ହସ ଓ ଚକ୍ଷୁରେ ବିସ୍ତାରିତ ବାହାରି ହୋଇପଡ଼େ । ମନ ହୃଦୟ ମନକୁ ମନ ଆନନ୍ଦରେ ଫାଟିପଡ଼େ । ତାଙ୍କ କଥା ପଚାରି ତାଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବାକୁ ଆମେ ଉତ୍ସୁକ ହୋଇଉଠୁ । ତାଙ୍କର କୁଶଳ ଜିଜ୍ଞାସା କରୁ, ଏହାହିଁ ବାସ୍ତବ ପ୍ରେମ । ଯେଉଁ ଭାବ ସୃଷ୍ଟି ହୋଇଥିଲା ରାଧା, ଗୋପୀକା ଓ ଗୋପ ବାଳକଙ୍କ ମଧ୍ୟରେ । ସେ ଉଦ୍ଧବଙ୍କୁ କହିଥିଲେ - ଆମ କାହ୍ନା ଯାହାକୁ ଭଲପାଏ ସେ ମଧ୍ୟ ଆମକୁ ଭଲ ଲାଗେ । ସର୍ବୋପରି ତା'ର ଖୁସିରେ ଆମର ଖୁସି । ସେ ଯେଉଁଠାରେ ଆନନ୍ଦ ପାଏ ପ୍ରକୃତ ଭଲ ପାଉଥିବା ବ୍ୟକ୍ତି ମଧ୍ୟ ସେଇଥିରେ ଆନନ୍ଦ ଲାଭ କରେ । ପ୍ରେମର କିଛି ପାଇବାର ନଥାଏ, କେବଳ ଥାଏ ତ୍ୟାଗ, ଭୋଗରେ ପ୍ରେମର ସ୍ଥାନ ନଥାଏ । ପ୍ରେମ ସେଥିପାଇଁ ତ ଶାଶ୍ୱତ, ଅନନ୍ତ, ଆନନ୍ଦ, ଚିରବନ୍ଦନୀୟ, ପ୍ରେମରୁ ଜଗତ ସୃଷ୍ଟି ପ୍ରେମରେ ଏ ଦିଗରେ ସକଳ ସୃଷ୍ଟି ଆତଯାତ ହେଉଛି । ଯେଉଁଠି ଭୋଗେଚ୍ଛା ଥାଏ

ସେଠାରେ ପ୍ରେମ ଗଜୁରି ପାରେନାହିଁ । ହିଂସା, ଈର୍ଷା, ପରଶ୍ରୀକାତରତା, ଅସୂୟା ଭାବ, ଅନ୍ୟର ଦୋଷଦର୍ଶୀର ମନୋଭାବ ଯେଉଁଠି ସେଠାରେ ପ୍ରେମର ଗଜା ଅଙ୍କୁରିତ ହୋଇପାରେ ନାହିଁ । ସେହି ନ୍ୟାୟରେ "ମନୁଦିଦି"ଙ୍କର ପ୍ରେମରେ କୌଣସି ଲୋଭ ବା ଲାଭର ଆଶା ନଥିଲା । କୌଣସି ସ୍ୱାର୍ଥର ଗନ୍ଧ ମଧ୍ୟ ନଥିଲା । ନିଃସ୍ୱାର୍ଥପର ଭାବରେ ସେ କେବଳ ମୋତେ ଭଲ ପାଉଥିଲେ । ସ୍ନେହ, ଶ୍ରଦ୍ଧା, ମମତା, ଆଦର, ଆନ୍ତରିକତା, ଆପଣାର ଭାବ ଓ ପ୍ରେମ ମୋତେ ଅଜାଡ଼ି ଦେଉଥିଲେ ଅକୁଣ୍ଠିତ ଚିତ୍ତରେ । ବାସ୍ ଆଶା ଟିକିଏ ପ୍ରେମ - ଏତିକି କେବଳ ।

ତେଣୁ ଏକ ସ୍ୱଚ୍ଛ, ସରଳ, ପବିତ୍ର ଓ ନିରଳସ ହୃଦୟ ହିଁ ଅନ୍ୟ ଏକ ହୃଦୟକୁ ଆକର୍ଷିତ କରିପାରେ । ସେହି ନ୍ୟାୟରେ ମୁଁ ମଧ୍ୟ ମୋର ଅଜାଣତରେ ସ୍ୱତଃ ତାଙ୍କ ପ୍ରତି ଅଧିକର ଅଧିକ ଆକର୍ଷିତ ହୋଇ ପଡୁଥିଲି । କଥା ପରିବାରରୁ ଯାଇ ଥାନା, କୋର୍ଟକଚେରୀ ପର୍ଯ୍ୟନ୍ତ ଗଲା । କିନ୍ତୁ ଯୁଗେ ଯୁଗେ ପ୍ରେମର ଦମ୍ଭ, ସତ୍ୟର ହିଁ ଜୟ ହୁଏ । ସେହି ନ୍ୟାୟରେ କଥାର କିଛି ସତ୍ୟତା ନଥିବାରୁ ସମସ୍ତେ ନିଜର ଭୁଲ୍ ବୁଝିପାରିଲେ । "ସତ୍ୟ ମେବ ଜୟତେ" ଭଗବାନ ସବୁବେଳେ ସତ୍ୟର ପକ୍ଷ ନେଇଥାନ୍ତି । ମୋର ଜଗତ୍‌ସିଂହପୁରରୁ ଅନ୍ୟତ୍ର ବଦଳି ହୋଇଗଲା । ସେ ଦିଦିଙ୍କର ମଧ୍ୟ ବିବାହ ହୋଇଗଲା । ବିବାହ ଅନ୍ୟତ୍ର ହୋଇଯିବାରୁ ତାଙ୍କରି ମଧ୍ୟ ବଦଳି ହୋଇଗଲା । ଧୀରେ ଧୀରେ ପରିବାରରେ ପୁଣି ସୁସ୍ଥତା ଫେରି ଆସିଲା । ହେଲେ ସେ ଦିଦିଙ୍କୁ ଓ ଦିଦିଙ୍କର ସ୍ନେହ, ଶ୍ରଦ୍ଧା, ସମ୍ମାନ ଆଦର ଓ ଭଲପାଇବା ଏବଂ ଆନ୍ତରିକତାକୁ ମୋର ସ୍ମୃତିଶକ୍ତି କାମ କରୁଥିବା ପର୍ଯ୍ୟନ୍ତ ମୁଁ ଭୁଲି ପାରିବି ନାହିଁ । କାରଣ ସ୍ମୃତି ତ କଦାପି ଭୁଲିବାର ନୁହେଁ । ତାହା ମନ ସହିତ ଯୁକ୍ତ ହୋଇ ସ୍ମୃତିକୁ ବୁଦ୍ଧିରେ ଧରି ରଖି ଘଟରୁ ଘଟ ବୁଲୁଥାଏ । ପ୍ରତି ଜନ୍ମରେ ପୂର୍ବ ସମ୍ପର୍କ ସହିତ ପୁଣି ସମ୍ପର୍କିତ ହୁଏ । ପୁଣି ମୁଁ ଜଗତ୍‌ସିଂହପୁର ଫେରିଆସିଲି । ପରିବାର ଠିକ୍ ପୂର୍ବ ଭଳି ଭଲ ଚାଲିଲା । ଝିଅ ଓ ପୁଅ ଦୁହେଁ ଉଚ୍ଚ ଶିକ୍ଷିତ । ମୋର ଅଲିଅଳୀ ଲକ୍ଷ୍ମୀପ୍ରତିମା ଗେହ୍ଲୀ ଝିଅକୁ ଜଣେ ଯୋଗ୍ୟ I.A.S ଅଫିସ୍‌ରଙ୍କ ସହିତ ୨୦୧୬ ମସିହାରେ ବିଭା

ଦେଇ ମୋର ପିତାର କର୍ତ୍ତବ୍ୟକୁ ସୁଚାରୁ ରୂପେ ନିର୍ବାହ କରିପାରିଥିବାରୁ ମୁଁ ଖୁବ୍ ଖୁସି ଓ ଈଶ୍ୱରଙ୍କ ନିକଟରେ କୃତଜ୍ଞ ।

ଜୀବନ ସବୁବେଳେ ସିଧା ରାସ୍ତାରେ ଚାଲେ ନାହିଁ । ଉତ୍‌ଥାନ, ପତନ, ସୁଖଦୁଃଖକୁ ନେଇ ଜୀବନ । ଅନ୍ଧାର ଆଲୋକ, ଖରାଛାଇ, ଦିନରାତି ପରି ଶଗଡ଼ ଗୁଳାରେ ଜୀବନ । ଉଠାଣି ଗଡ଼ାଣି, ଖାଲଢିପରେ ପରିପୂର୍ଣ୍ଣ ଜୀବନର ରାସ୍ତା । ୨୦୨୦ ମସିହାରେ ଦୂରାରୋଗ୍ୟ କରୋନା ରୋଗରେ ପୀଡ଼ିତ ହେଲି । ପୂର୍ବରୁ ମଧୁମେହ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗ ଜନୀତ ସମସ୍ୟା ଥିଲା । ସବୁ ମିଶି କରୋନା ଭୟଙ୍କର ରୂପ ନେଲା । ଦୀର୍ଘ ୨ ମାସ କାଳ ଜୀବନ ସହିତ ସଂଗ୍ରାମ କରି ଈଶ୍ୱରଙ୍କ ଦୟା, ଅନ୍ୟମାନଙ୍କର ଆଶୀର୍ବାଦ, ଭଲପାଇବା, ବୈଜ୍ଞାନିକ ଉଦ୍ଭାବନ ଓ ଡାକ୍ତରୀ ଚିକିତ୍ସାଯୋଗୁ ପୁନର୍ଜୀବନ ପ୍ରାପ୍ତ ହେଲି । ଏବେ କେବଳ ଅବସରକୁ ଅପେକ୍ଷା । କଷ୍ଟ ଅର୍ଜିତ ଧନରେ ଈଶ୍ୱରଙ୍କ ଆଶୀର୍ବାଦରୁ ଶିବପାର୍ବତୀଙ୍କର ଦୁଇଟି ମନ୍ଦିର କରିଛି । ପ୍ରଭୁଙ୍କୁ ପ୍ରତିଷ୍ଠା କରି ସେବା ପୂଜାର ବ୍ୟବସ୍ଥା କରାଇଛି । ଏବେ ଆଉ କିଛିରେ ସ୍ପୃହା ନାହିଁ । କାରଣ ବହୁ ଭାବରେ ମୁଁ ଅବସନ୍ନ ହୋଇ ପଡ଼ିଛି । ଶାରୀରିକ, ମାନସିକ ଓ ଆର୍ଥୀକ ସବୁ ଦୃଷ୍ଟିରୁ ଭାଙ୍ଗି ପଡ଼ିଛି । ତଥାପି କର୍ତ୍ତବ୍ୟ ପଥରୁ କେବେ ବିଚ୍ୟୁତ ହୋଇନାହିଁ । ନିଜ ଭିତରେ ଯେତେ ଦୁଃଖ ଥିଲେ ବି ସେହି ହସହସ ମୁହଁ ନେଇ ସମସ୍ତଙ୍କ ସହିତ ପ୍ରେମପୂର୍ଣ୍ଣ କଥାବାର୍ତ୍ତା କରିବାକୁ କେବେ ଭୁଲିନି । ଏମିତି ଚିନ୍ତା କରୁକରୁ କେତେବେଳେ ରାତି ପାହି ଆସିଲାଣି ମୁଁ ଜାଣିପାରିନି । ହଠାତ୍ ମୋବାଇଲ୍ ଫୋନ୍ ବାଜି ଉଠିଲା । ମୁଁ ଫୋନ୍ ଉଠାଇ ଦେଖିବା ବେଳକୁ ରାନୁ ରାନୁ ମୋର ଧର୍ମପତ୍ନୀ । ମୋତେ ଫୋନ୍ କରି୍ ଚମକାଇ ଦେଲେ । ମୁଁ ହାଲୋ, କହିବା ମାତ୍ରେ ସେ "ହାପି ନିୟୁ ଇୟର" କହିଲେ । କାରଣ ସେ ଏବେ ଝିଅ ପାଖରେ କୋଲକତାରେ ଅଛନ୍ତି । ଏଇ ଆଠ ଦିନ ହେଲା ଯାଇଛନ୍ତି । ମୁଁ ହସି ଦେଇ ଫୋନ୍ ରଖିଦେଲି । ଅପ୍ରତ୍ୟାଶିତ ଭାବରେ ମୋର ସମସ୍ତ ଚିନ୍ତା ଚେତନା କଳ୍ପନା ଜଳ୍ପନାକୁ ଆଚମ୍ବିତ କରି ହଠାତ୍ ଫୋନ୍ ବାଜି ଉଠିଲା । ଏକ ଅପରିଚିତ ନମ୍ବର । କାହାର ହୋଇପାରେ, ମୁଁ ହାଲୋ କହିବା ପରେ ସେହି

ଚିର ପରିଚିତ କଣ୍ଠସ୍ୱର ମନୁ ଦିଦିଙ୍କର । ସାର୍ ଶୁଭ ନବବର୍ଷ, ମୋର ସର୍ବାଙ୍ଗ ଏକ ତଡ଼ିତ ଆବେଗରେ ଥରି ଉଠିଲା । ମୁଁ ନିଜକୁ ସଂଯତ କରିନେଇ ମୁଁ ଓଡ଼ିଆ ମୋର ଭାଷା ଓଡ଼ିଆ, ସେହି ନ୍ୟାୟରେ ହସିହସି ହଁ ଶୁଭ ନବବର୍ଷ କହି ସମ୍ଭାଷଣ ଜଣାଇଲି । ସେପଟୁ ଫୋନ୍ କଟିଗଲା । ଆଜି ଏକ ସୁନ୍ଦର ସକାଳ ତା'ପରେ ଶେଯରୁ ଉଠି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ବାହାରିଲି ଦୈନନ୍ଦିନ ନିତ୍ୟ ନୈମିତ୍ତିକ କର୍ତ୍ତବ୍ୟ ସମ୍ପାଦନ ଉଦ୍ଦେଶ୍ୟରେ । କିନ୍ତୁ ମୋର ସମସ୍ତ ଚିନ୍ତା ଚେତନା ମନ ଓ ହୃଦୟକୁ ଆବୋରି ବସିଥାଏ ମନୁ ଦିଦିଙ୍କର ମମତା ବୋଳା ସ୍ମୃତି ଓ ନିଃସ୍ୱାର୍ଥ ଭଲପାଇବା ।

ସମ୍ପାଦିକା- ମନୋରମା ପାଠାଗାର
ଗ୍ରା- ବାଗସାହି(ମକୁନ୍ଦପୁର)
ପୋ/ଜି- ଜଗତ୍‌ସିଂହପୁର ୭୫୪୧୦୩
ମୋ. ୯୦୯୦୦୨୪୫୭୪

❐❐❐

କାହାଣୀ ନୁହେଁ



● ଅଶ୍ୱିନୀ କୁମାର ମହାନ୍ତି

"ସାର୍, ନମସ୍କାର ! ଜାଣିଛନ୍ତି ନା, ଆମ ସ୍କୁଲର ଦରମା ରିଲିଜ ହୋଇଗଲା ।"

"ସତ ନା ? Congratulation । ସତରେ ମୁଁ ବହୁତ ଖୁସି । ମୁଁ କହିଥିଲିନା ଦୁଃଖ ପରେ ସୁଖ ଆସିବ । ଭଗବାନ ଦୁଃଖ ଦିଅନ୍ତି ଟିକେ ମାତ୍ର ସୁଖ ଦିଅନ୍ତି ଅନେକ । ଆପଣମାନେ କେତେ ଖୁସି ହେଉଥିବେ ମୁଁ ଅନୁଭବ କରିପାରୁଛି । ମିଠା ଦିଅନ୍ତୁ ।"

"ଡାଇବେଟିସ ଯୋଗୁଁ ମିଠା ତ ଛାଡ଼ି ଦେଇଛନ୍ତି ବୋଲି କହୁଥିଲେ । ଆଉ ମିଠାକୁ ଏତେ ଲୋଭ କାହିଁକି ? ବରଂ ପାର୍ଟି ଗୋଟେ ଖାଇବେ ନିଶ୍ଚୟ । ଆମର ଦୁଃଖ ସମୟରେ ଆପଣ ଯେଉଁ ସାହାଯ୍ୟ ଟିକକ କରିଛନ୍ତି, ତାହାକୁ କେହି ସ୍ୱୀକାର କରୁ ବା ନକରୁ ମୁଁ କିନ୍ତୁ କୃତଘ୍ନ ହେବି ନାହିଁ ।"

"ଆଉ Scale କେତେ ଧରିଲା ?"

"ତିନି ବର୍ଷକୁ ଗୋଟେ Increment ହିସାବରେ ୨୦୦୭ ମସିହାରୁ ୨୦୧୯ ଯାଏ ଚାରିଟା Increment । ୨୦୦୪ରେ ଯେଉଁମାନଙ୍କର ପ୍ରଥମେ Block grant ହୋଇଥିଲା, ସେମାନଙ୍କର ଆଉ ଗୋଟେ Increment ଅଧିକା ହେଲା । ବର୍ତ୍ତମାନ 148% D.A. ହିସାବରେ T.G.ମାନଙ୍କର ୩୮ ପାଖାପାଖି ହେଲା ।"

"ଯା' ହେଉ ଏଥର ହେଲା, ପୁଣି ଦୁଃଖ କରୁଛନ୍ତି ? ସରକାର ଯାହା କହିଥିଲେ ତାହାତ କରି ଦେଖାଇଲେ । ଏଥର ନିର୍ବାଚନରେ ଆପଣମାନେ ସରକାରଙ୍କ ସପକ୍ଷରେ ଟିକେ ମାତନ୍ତୁ । ଦେଖନ୍ତୁ ପୁଣି ଖାଞ୍ଚେକୁ ଆପଣମାନଙ୍କର ଆଉ ସବୁ Problem solve ହୋଇଯିବ ।"

"ହଁ ଧୂଆମୂଳା ଅଧୁଆମୂଳା ସମାନ କରିଦେଲେ, କହିବାକୁ ଅଛି ? ପୁଣି ଛାମୁ

ଦେଲେ ଯାହା ହରଷେ, ପାଉ ପାଉ ଗଲା ବରଷେ । ଏମନ୍ତ ଭୂଇଁ, ବୁଣିଲେ ଚାକୁଣ୍ଡା ଉଧଇ ନାହିଁ ।"

"କ'ଣ ଏମିତି କହୁଛନ୍ତି, ମୁଁ ବୁଝିପାରୁନି ସତରେ ।"

"ଏଇ ଆମ ଚାକିରୀ କଥାମ । ନା ଚାକିରୀର ସର୍ତ୍ତାବଳୀ, ନା ପେନସନ୍, ନା GPF ନା EPF କିଛି ନାହିଁ । ପୁଣି ଜାନୁଆରୀ ୧୮ରୁ ମାର୍ଚ୍ଚ ୧୯ ହେଲା । ସେଥିରେ ୧୯୯୪ରେ ଯୋଗ୍ୟ ବିବେଚିତ ହୋଇଥିବା ଆମ ବାଳିକା ବିଦ୍ୟାଳୟକୁ ନୂଆ ସ୍କୁଲ ସହ ସମାନ କଲେ । ଏଣୁ ଏପରି କ୍ଷେତ୍ରରେ କ'ଣ ଆଉ କହିବି ?"

"ଓ ଏପରି କଥା । ଆପଣମାନେ ପରା ସଂଘବଦ୍ଧ ହୋଇ ଆନ୍ଦୋଳନ ଚଳାଇଥିଲେ । ସରକାର ସବୁ ସଂଘର ଦାବୀ ପୂରଣ କରିଛନ୍ତି । ବାକି ଆପଣଙ୍କର କ'ଣ ହେଲା ମୁଁ ଜାଣିପାରୁନି ।"

"ହଁ ବର୍ଷବର୍ଷ କାଳ ଆନ୍ଦୋଳନ ପରେ ବି ଫଳ ଶୂନ । ସରକାର କଥା କହୁଛନ୍ତି । ସରକାର ଏଠି ଥିଲେ ତ ? ଏଠିତ ଅମଲାରାଜ ଚାଲିଛି । ଅମଲାମାନଙ୍କ କଥା ବେଦର ଗାର । ଥରେ ଯାହା ସେମାନଙ୍କ ପାଟିରୁ ବାହାରିଛି କ୍ରିକେଟ ଖେଳର ଅମ୍ପାୟାରଙ୍କ ନିଷ୍ପତ୍ତି ପରି ତାହା ଆଉ ପରିବର୍ତ୍ତନ ହେବାର ନାହିଁ ।"

"ମନ୍ତ୍ରୀମାନଙ୍କୁ ଧରିଲେନି । ଆପଣଙ୍କ ଅଞ୍ଚଳରେ ତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଘର । ସେତ ଆପଣଙ୍କ କଥା ବୁଝିପାରିଥାନ୍ତେ । ସଠିକମାନଙ୍କୁ ଆଦେଶ ଦେଇପାରିଥାନ୍ତେ ।"

"ଆପଣଙ୍କ କଥା ଶୁଣି ହସ ଲାଗୁଛି । ଆଉ ଆଗ ଶାସନ ଆମ ରାଜ୍ୟରେ ଚାଲିଛି ବୋଲି ଭାବି ପାରୁଛନ୍ତି । ଗଣତନ୍ତ୍ର ଶାସନରେ ଲୋକେ ହିଁ ସମସ୍ତ କ୍ଷମତାର ଅଧିକାରୀ ବୋଲି ପୂର୍ବରୁ ଥିଲା । ୱାର୍ଡମେମ୍ବରଟିଏ ୨୪ଘଣ୍ଟା ଭିତରେ Collectorଙ୍କୁ ବଦଳି କରିପାରୁଥିଲା । ସଚିବମାନେ ମନ୍ତ୍ରୀମାନଙ୍କ ଗୋଡ଼ାଣିଆ ସାଜିଥିଲେ । C.M. desiresବୋଲି ବାକ୍ୟ ସେତେବେଳେ ଗୁରୁତ୍ୱପୂର୍ଣ୍ଣ ଥିଲା ।"

"ହଁ ଆପଣଙ୍କ ମତ ସହ ମୁଁ ଏକମତ । କଂଗ୍ରେସ ମନ୍ତ୍ରିମଣ୍ଡଳ ବେଳେ ମୁଁ ଏକ କାମରେ ସଚିବାଳୟ ଯାଇଥାଏ । ଆମ ଅଞ୍ଚଳର ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକ ମୋତେ

ବସାଇ ଡେପୁଟୀ ସେକ୍ରେଟେରୀ ବାବୁରାମ ବରାଳଙ୍କୁ ଫୋନ୍‌ରେ ଡାକିଲେ, "ଏଇ ବାବୁରାମ, ଭଦ୍ରକରୁ ଅଶୋକ ମହାନ୍ତିଙ୍କ ସାନଭାଇ ଆସିଛି । ଶୀଘ୍ର ଆସି ତା' କଥା ବୁଝ । ଆଶ୍ଚର୍ଯ୍ୟ ହେଲି ଯେ ସଙ୍ଗେ ସଙ୍ଗେ ବାବୁରାମ ସାର୍ ଫାଇଲ ଧରି ପହଞ୍ଚି ମୋତେ ପାଛୋଟି ନେଇଗଲେ । ବାକି କମିଶନର ଅଶୋକ ତ୍ରିପାଠୀ ମନ୍ତ୍ରୀ ନେତ୍ରାନନ୍ଦଙ୍କ ନାମ ଶୁଣି ଚେୟାରରୁ ଉଠି ମୋ ଫାଇଲ ନେଇ କରିବେ ବୋଲି କହିଲେ । ଏହା ପୂର୍ବରୁ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ମୁଁ ଥାଏ ଛାତ୍ର ନେତା । ସଚିବାଳୟରେ ଆମର ବିଭିନ୍ନ ଦାବୀ ପୂରଣ ପାଇଁ ପ୍ରିନ୍ସିପାଲ ସେକ୍ରେଟେରୀ ପ୍ୟାରୀମୋହନ ମହାପାତ୍ରଙ୍କୁ ଡାକି ଆମ ଆଗରେ ଆଦେଶ ଦେଲେ ଏବଂ ସଙ୍ଗେ ସଙ୍ଗେ ବି ସେ ଆଦେଶ ପାଳିତ ହେଲା । କିନ୍ତୁ ଏବେ ଅବଶ୍ୟ ପରିସ୍ଥିତି ବଦଳି ଯାଇଛି ।"

"ବଦଳି ଯାଇଛି ମାନେ । ଗାଁ ବୁଲାକୁତି କୁକୁରଙ୍କୁ ଦେଖିଛନ୍ତି । କାହାକୁ ଦେଖି ଦେଲେ କୁଁ କୁଁ ହୋଇ ଲାଙ୍ଗୁଡ଼ ଜାକି ପଛକୁ ଫେରନ୍ତି । ଏବେକାର ମନ୍ତ୍ରୀମାନଙ୍କ ଅବସ୍ଥା ସେପରି । ନ ହେବ ବା କିପରି କୁହନ୍ତୁ । ଯିଏ ମୁଖ୍ୟମନ୍ତ୍ରୀ, ସିଏତ ଲୋକମାନଙ୍କ ସହ ମିଶିଲେ ନି ସେମାନଙ୍କ ସମସ୍ୟା ବିଷୟରେ ବୁଝିଲେନି । ନ ମିଶିବା କି ନବୁଝିବାର କାରଣ ଯେ ତାଙ୍କୁ ନିଜ ମାତୃଭାଷା ଜଣାନାହିଁ । ସାଧାରଣ ଲୋକେତ ଆଉ ଇଂରାଜୀ କି ଲାଟିନ୍ କହିବେନି, ସେଇ ନିଜର ଆଞ୍ଚଳିକ ଭାଷା କହିବେ । ରାଜ୍ୟର ମୁଖ୍ୟ ହୋଇ ଯଦି ସେ ରାଜ୍ୟର ଭାଷା ନ ଜାଣିବ କି ନ କହିପାରିବ, ତେବେ ଏହାଠାରୁ ବଡ଼ ମୁର୍ଖାମୀ କ'ଣ ଆଉ ଥାଇପାରେ ? ସେଥିପାଇଁ ସ୍ୱଭାବ କବି ତାଙ୍କ ମାତୃଭୂମି କବିତାରେ ଲେଖିଥିଲେ ପରା-

ମାତୃଭୂମି, ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ,
ତା'କୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ ?

ଏଣୁ ଏ ମୁଖ୍ୟମନ୍ତ୍ରୀ ବାଧ୍ୟ ହୋଇ ସଚିବମାନଙ୍କୁ ଆବୋରିଲେ । ସଚିବମାନେ ଆମ୍ଭକୁ ଆମ୍ଭଡ଼ା କହି ଇଂରାଜୀରେ ଯାହା ବୁଝାଇଲେ, ସେ ସେତକ ଜାଣିଲେ । ମନ୍ତ୍ରୀମାନେ

ତ ଇଂରାଜୀରେ ଯେଉଁ ପାରଙ୍ଗମ, ସେ କଥା ସେ ଜାଣିଥିଲେ । ଏଣୁ ସେମାନଙ୍କୁ ତାଙ୍କ ପାଖକୁ ନ ଛାଡ଼ିବାକୁ ଓ ସେମାନଙ୍କ କଥା କିଛି ନ ଶୁଣିବାକୁ ସଚିବ, ଜିଲ୍ଲାପାଳ ଆଦି ପଦାଧିକାରୀମାନଙ୍କୁ ଆଦେଶ ଗଲା । କଥାରେ ନାହିଁ, ମଲୁ ଖୋଜୁଥିଲା ଯାହା ବଇଦ ବତାଇଲା ଯାହା । ବାସ୍ ସଚିବ, ଜିଲ୍ଲାପାଳ ଆଦି ଅଫିସ୍‌ରଗଣ ଖୁସ୍ । ସେମାନଙ୍କ ପାଖକୁ ମନ୍ତ୍ରୀ, ଏମ୍.ଏଲ୍.ଏ ପଶିପାରିଲେନି । ଖାଲି ନାମକୁ ମାତ୍ର ରବରଷ୍ଟାମ୍ପ ପରି ପଦବୀ ନେଇ ରହିଲେ । ଏଣୁ ସେମାନେ ଆମର ଦାବୀ କିପରି ପୂରଣ କରିବେ । ଯେଉଁ ମନ୍ତ୍ରୀ ଆମ ସପକ୍ଷରେ ମତ ଦେଲେ, ଅମଲାମାନଙ୍କ କଥାରେ ତା' ପରଦିନ ତା' ପଦ ଗଲା । ଏଣୁ ସଚିବମାନଙ୍କୁ ଭୟ କରି ମନ୍ତ୍ରୀମାନେ ନିଜ ପଦବୀ ରକ୍ଷା ନିମନ୍ତେ ଆମକୁ ମୁହଁ ମୋଡ଼ିଲେ । ଅଥଚ ବିଜୁପଟ୍ଟନାୟକ କୁହନ୍ତୁ ଜାନକୀ ପଟ୍ଟନାୟକଙ୍କ ସମୟ କଥା କୁହନ୍ତୁ C.M. desiresମାନେ ସଙ୍ଗେ ସଙ୍ଗେ ତାହା କାର୍ଯ୍ୟକାରୀ ହେଉଥିଲା । ଏବେ C.M. ନୁହଁ C.M.'S P.A desiresନୀତି ଚାଲିଛି ।"

"ହଁ ଆପଣ ଯାହା କହୁଛନ୍ତି ତାହା ଶତ ପ୍ରତିଶତ ସତ । ତଥାପି ଆମ ସରକାର ତ ଅନେକ ଜନହିତକର ଯୋଜନା ପ୍ରଣୟନ କରୁଛନ୍ତି । ସେଥିପାଇଁ ଲାଗ ଲାଗ ୫ଥର ମନ୍ତ୍ରିମଣ୍ଡଳ ଚାଲିଛି । ଓଡ଼ିଶା ରାଜନୀତି ଇତିହାସରେ କେବଳ ନୁହଁ ସାରା ଭାରତର ରାଜନୀତି ଇତିହାସରେ ଆମର ମୁଖ୍ୟମନ୍ତ୍ରୀ ଅପ୍ରତିଦ୍ୱନ୍ଦ୍ୱୀ ଓ ଲୋକପ୍ରିୟ ନେତା ଭାବେ ବର୍ତ୍ତମାନ ବିଦ୍ୟମାନ । ନିଜ ଭାଷା ନ ଜାଣି, ଲୋକଙ୍କ ସହ ପ୍ରତ୍ୟକ୍ଷ ଭାବେ ନ ମିଶି ତଥାପି ଜନପ୍ରିୟ ନେତା ଭାବେ ନିଜକୁ ସେ ପ୍ରତିଷ୍ଠିତ କରିପାରିଛନ୍ତି ନିଜର ବୁଦ୍ଧିମତା, ଦୂରଦର୍ଶିତା ଯୋଗୁଁ, ଏକଥା କ'ଣ ଆପଣ ଅସ୍ୱୀକାର କରିବେ ?"

"ହଁ ନୀଳବର୍ଣ୍ଣ ଶୃଗାଳ ପରି । କୁକୁର ରୂପୀ ସଚିବମାନେ ଯେତେବେଳେ ଶତ୍ରୁ ସାଜିବେ, ସେତେବେଳେ ଅବସ୍ଥା କ'ଣ ହେବ ବୁଝିପାରୁଛନ୍ତି ତ ?"

"ମୁଁ ଦେଖୁଛି, ଆପଣ ଏକଦମ ଉତ୍‌କ୍ଷିପ୍ତ ହୋଇଯାଇଛନ୍ତି । ସରକାର ଉପରୁ ବିଶ୍ୱାସ ତୁଟିଯାଇଛି ଆପଣଙ୍କର । କ'ଣ ସତନା ?"

"କି ବିଶ୍ୱାସ ରହିବ ଆଉ କୁହନ୍ତୁ । କେତେ ଆଶା କରିଥିଲି, ଆଦର୍ଶ ଶିକ୍ଷିକାଟିଏ

ହେବି । ପିଲାମାନଙ୍କୁ ମଣିଷ କରିବି । ସମାଜରେ ମୁଣ୍ଡ ଟେକି ଚାଲିବି । ମାତ୍ର ସବୁକିଛି ଆଶା ସେମିତି ଆଶାରେ ରହିଗଲା ।"

"ଆପଣତ ଏଯାଏ ସେଇ ପଦବୀରେ ଅଛନ୍ତି । କେବଳ ଶିକ୍ଷିକା ନୁହନ୍ତି ଏକ ଆଦର୍ଶ ପ୍ରଧାନଶିକ୍ଷିକା ଭାବେ ନିଜକୁ ପ୍ରତିପାଦିତ କରାଇଛନ୍ତି । ଆଉ କେଉଁ କଥାରେ ଅବସୋସ ? ଏଇ ଦରମା କ୍ଷେତ୍ରରେ ତ ?"

"ହଁ କହିଲେ ଦେଖି ବର୍ତ୍ତମାନ ଯେଉଁ ସରକାରୀ ସ୍କୁଲ ସବୁ ପ୍ରଥମେ ଆମ ପରି ଅବୈତନିକ ବେସରକାରୀ ସ୍କୁଲ ଥିଲା ନା ନାହିଁ ? କିଛି ବର୍ଷ ପରେ ଅନୁଦାନ ସରକାର ଯୋଗାଇଦେଲେ ଓ ପରେ ପରେ ସରକାରୀ କରାଇଲେ । ଦେଖିବାକୁ ଗଲେ ଶିକ୍ଷାଗତ ଯୋଗ୍ୟତା, ପାଠ୍ୟ ଯୋଜନା, ପାଠ୍ୟ ଖସଡ଼ା, ସମସ୍ତ ନିୟମ ସବୁ ସମାନ । ମାତ୍ର ଅର୍ଥ ପ୍ରଦାନ କ୍ଷେତ୍ରରେ ସରକାରୀ ଶିକ୍ଷକ, କର୍ମଚାରୀ ଆମର ଗର୍ଭଜାତ ସନ୍ତାନ ଓ ବେସରକାରୀ ଶିକ୍ଷକ, କର୍ମଚାରୀ ହେଲେ ସାବତ ମାଆର ପୁଅ । ଦେଖନ୍ତୁ ବିଦ୍ୟାଳୟ ଗୃହ ନିର୍ମାଣ, ପିଲାମାନଙ୍କୁ ପୋଷାକ ପ୍ରଦାନ ପାଇଁ ସରକାରୀ ସ୍କୁଲକୁ ଅର୍ଥ ଯୋଗାଇ ଦିଆଗଲା ମାତ୍ର ବେସରକାରୀ ସ୍କୁଲବେଳକୁ ଅର୍ଥ ନାହିଁ । ପୁଣି ଏଇ ଦେଖନ୍ତୁ ଏବେ ସରକାର ଶିକ୍ଷକମାନଙ୍କୁ ଶିକ୍ଷାଦାନର ଉତ୍କର୍ଷତା ପାଇଁ "ଉତ୍କର୍ଷ ପ୍ରଶିକ୍ଷଣ" ଦେଉଛନ୍ତି । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ପ୍ରଶିକ୍ଷଣ କେବଳ ସରକାରୀ ସ୍କୁଲର ଶିକ୍ଷକମାନଙ୍କ ପାଇଁ । ଅନ୍ୟମାନଙ୍କ ପାଇଁ ନୁହେଁ । କି ଉଭଟ ଚିନ୍ତାଧାରା ଦେଖନ୍ତୁ । ସରକାରୀ ବିଦ୍ୟାଳୟର ଶିକ୍ଷକମାନେ ଉତ୍କର୍ଷ ହେବେ, ପିଲାମାନଙ୍କୁ ବାଟିକି ଦେଇଦେବେ, ସୁନାମ ଅର୍ଜ୍ଜନ କରିବେ । ଏଭଳି ବିକୃତ ମାନସିକତା ଯେଉଁ ରାଜ୍ୟରେ ଚାଲିଛି, ସେଥିରେ ଏଇ ସରକାର ଉପରୁ କେଉଁ ବିଶ୍ୱାସ ରହିବ କୁହନ୍ତୁ ତ ? ଆମ ରାଜ୍ୟରେ ସରକାରୀ ବିଦ୍ୟାଳୟ ଅପେକ୍ଷା ଉନ୍ନତମାନର ଶିକ୍ଷାଦାନ ହୁଏ ବେସରକାରୀ ବିଦ୍ୟାଳୟରେ ତାହା ଅନୁଦାନପ୍ରାପ୍ତ ହେଉ ବା ଅଣଅନୁଦାନପ୍ରାପ୍ତ ହେଉ । ବେସରକାରୀ ବିଦ୍ୟାଳୟରେ ଏମିତି ଖ୍ୟାତନାମା, ଗୁଣୀ, ଅଭିଜ୍ଞ ଶିକ୍ଷକମାନେ ଅଛନ୍ତି, ସେମାନଙ୍କ ସହିତ ଏଇ ସରକାରୀ ସ୍କୁଲର ଶିକ୍ଷକମାନେ ଅନେକ କ୍ଷେତ୍ରରେ ପଛରେ ପଡ଼ିଯିବେ

– ଏକଥା ଖାଲି ଆପଣ କାହିଁକି ସମସ୍ତେ ସ୍ୱୀକାର କରିବେ । ଅଥଚ ସୁବିଧା ସୁଯୋଗ କ୍ଷେତ୍ରରେ ସରକାରୀ, ବେସରକାରୀ ପାତର ଅନ୍ତର ଭାବ । କିନ୍ତୁ କାହିଁକି ଏ ମାନସିକତା ଆପଣ କହିପାରିବେ ?"

"ଧୈର୍ଯ୍ୟ ଧରନ୍ତୁ । ସରକାର ଅର୍ଥ ନାହିଁ ବୋଲି କହୁଛନ୍ତି । ଅର୍ଥ ହେଲେ ସବୁଟା ହରଣ କରିବେ ।"

"ହୁଁ, ଅର୍ଥ ନାହିଁ ? ଅର୍ଥ ତ ନାହିଁ । ବିଭିନ୍ନ ଯୋଜନାକୁ ଅର୍ଥ ଆସୁଛି କେଉଁଠୁ ? ଗୁଣ୍ଡାବାହିନୀ ଗଠନ କରିବା, ତୀର୍ଥ ପଠାଇବା, ଲୋକମାନଙ୍କୁ ମାଗଣା ଖାଦ୍ୟ, ଚାଉଳ, ଗହମ ସହ ଭତ୍ତା ଦେବା ଓ ବିଭିନ୍ନ ସଭାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରିବାବେଳକୁ ଅର୍ଥ ଆସୁଛି କେଉଁଠୁ ? ଆପଣମାନଙ୍କ ପରି ସଚେତନ ବ୍ୟକ୍ତି ଏ ଦିଗରେ ତର୍ଜ୍ଜମା କରିବା ଆବଶ୍ୟକ । ଅନୁସନ୍ଧାନ କରନ୍ତୁ, ଯାହା ମୁଁ କହୁଛି ଠିକ୍ କି ଭୁଲ୍ ?"

"ଯୋଜନା ତ କରିବାକୁ ହେବନା ? ଲୋକମାନଙ୍କ ଆବଶ୍ୟକତାକୁ ନେଇ ସରକାର ଯୋଜନା ନିଶ୍ଚୟ ପ୍ରଣୟନ କରିବେ । ଲୋକମାନଙ୍କ ଅବସ୍ଥା ପ୍ରତି ଧ୍ୟାନ ଦେବେ ।"

"କିଏ ମନା କଲା ଯୋଜନା କରିବାକୁ ? ହେଲେ ଶିକ୍ଷକ ଓ କର୍ମଚାରୀମାନଙ୍କ ପ୍ରତି ଏ ବୈମାତୃକ ମନୋଭାବ କେଉଁଥିପାଇଁ । ଜାଣନ୍ତି ୩୦ ବର୍ଷ ହେଲା ବେସରକାରୀ ବିଦ୍ୟାଳୟରେ ଅନେକ ଶିକ୍ଷକ, କର୍ମଚାରୀ ଗୋଟାକ ପରେ ଗୋଟାଏ ମରୁଛନ୍ତି । ନଚେତ ଅବସର ନେଉଛନ୍ତି । ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ବୋଲି ସେମାନଙ୍କ ପାଇଁ ଅବସରକାଳୀନ କି ମୃତ୍ୟୁକାଳୀନ ଭତ୍ତା କି ମୋଟାଅଙ୍କର ଅର୍ଥରାଶି କିଛିର ସୁବିଧା ନାହିଁ । କିଭଳି ବଞ୍ଚିବେ ସେମାନେ ପରିବାର ଧରି ଏକଥା ଥରେ ଚିନ୍ତା କରିପାରୁଛନ୍ତି ତ ?"

"ଆଚ୍ଛା ଆପଣ ପରା କେଶ୍ କରିଥିଲେ । ମୁଁ ତ ଶୁଣିଥିଲି ଆପଣଙ୍କ ପରି କିଛି ବ୍ଲକଗ୍ରାଣ୍ଟ ସ୍କୁଲ Supreme Courtରୁ ଡିଗ୍ରୀ ଆଣି ୩୫/୪୦ ଲକ୍ଷଟଙ୍କା Arrear ପାଇଲେ ତ ଏବେ ସେମାନଙ୍କର ଦରମା ୬୦ହଜାରରୁ ଊର୍ଦ୍ଧ୍ୱ । ଆପଣ ସେମିତି

Supreme Court ଗଲେନି ।”

“ଆପଣ କେଉଁ Supreme Court କଥା କହୁଛନ୍ତି ? ଏବେ ଆଉ ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ବୋଲି କିଛି ଅଛି ? ଯେଉଁ ନ୍ୟାୟାଳୟ କହୁଛି ସମଲିଙ୍ଗୀ ବିବାହ ଯଥାର୍ଥ, ପରକୀୟା ପ୍ରୀତି ଦୋଷାବହ ନୁହଁ, ସେଠାରେ କେଉଁ ନ୍ୟାୟ ଆପଣ ଆଶା କରିବେ ?”

“ଆଚ୍ଛା ପୁରୁଷ, ନାରୀ ସୃଷ୍ଟିର ଭଗବାନଙ୍କ ଦୁଇଟି ଅଂଶ । ପୁରୁଷ, ନାରୀର ବିବାହ ସନ୍ତାନ ସୃଷ୍ଟି ଓ ବଂଶରକ୍ଷା ନିମନ୍ତେ କରାଯାଇଥାଏ । ମାତ୍ର ଏକବିଂଶ ଶତାବ୍ଦୀର ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସମଲିଙ୍ଗୀ ବିବାହ ଯଥାର୍ଥ ବୋଲି ନ୍ୟାୟାଳୟ ଅନୁଭବ କରିଛି । ପୁଣି ପରକୀୟା ପ୍ରୀତି କେଉଁଠି ନ ଚାଲିଛି କହିଲେ ? ଲୁଚାଛପା କାର୍ଯ୍ୟକୁ ଯାହା ଅଦାଲତ ଆଇନାନୁମୋଦିତ କଲେ । ଫଳରେ ଲୋକେ ଏହାକୁ ଆଉ ଅତି ଗୁରୁତ୍ୱ ଦେଇ ନାନାଦି ବିଭ୍ରାଟ ସୃଷ୍ଟି କରିବେନି । ସ୍ୱାମୀ, ସ୍ତ୍ରୀ କି ପରିବାର ଲୋକେ ଏ କଥାକୁ ଧ୍ୟାନ ନ ଦେଇ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିବେ ପାଶ୍ଚାତ୍ୟ ଦେଶମାନଙ୍କ ପରି । ଏଣୁ ଏଥିରେ ଅସୁବିଧା କେଉଁଠୁ ରହିଲା କୁହନ୍ତୁ ?”

“ଆପଣଙ୍କ ଯୁକ୍ତିକୁ ତାରିଫ୍ ନକରି ମୁଁ ରହିପାରୁନି । ଶୁଣନ୍ତୁ ନାରୀ ଓ ପୁରୁଷ ଈଶ୍ୱରଙ୍କ ସୃଷ୍ଟିରେ ସ୍ୱତନ୍ତ୍ର ଜୀବ । ନାରୀ ଓ ପୁରୁଷର ମିଳନ ଏହା ପ୍ରାକୃତିକ ନିୟମ । ଉଭୟଙ୍କର ମିଳନରେ ସୃଷ୍ଟି ସୁନ୍ଦର ହୁଏ । ବଂଶବୃଦ୍ଧି ସହ ମାନସିକ ଶାନ୍ତି, ବ୍ୟକ୍ତିତ୍ୱର ପରିପ୍ରକାଶ, ସାମାଜିକ କଲ୍ୟାଣ ଏହାଦ୍ୱାରା ହୋଇଥାଏ । ଅପରପକ୍ଷରେ ସମଲିଙ୍ଗୀ ବିବାହ ବିକୃତ ମାନସିକତାର ପରିପ୍ରକାଶ । କ୍ଷଣକ ଉତ୍ତେଜନାର ପ୍ରତିଫଳନ । ଏହାର ପରବର୍ତ୍ତୀ ଅବସ୍ଥା ଭୟାନକ । ଉଦାହରଣ ସ୍ୱରୂପ ଆମ ଅଞ୍ଚଳର ମହିଳା ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା ଓ ଅନ୍ୟ ଜଣେ ଏବେ ଅନ୍ଧକାର କାରାଗାରରେ- ଏକଥା ଆପଣ ଜାଣିଥିବେ । ବାକି ପରକୀୟା ପ୍ରୀତି କେଉଁଠି ଲୁଚାଛୁପାରେ ଚାଲିଛି, ସେ କଥା ଭିନ୍ନ । ମାତ୍ର ଏହା ଆଇନ ଅନୁମୋଦିତ ହେବା ପରେ ପରିସ୍ଥିତି କଥା ଚିନ୍ତା କରିଛନ୍ତି । ଆପଣଙ୍କ ସ୍ତ୍ରୀ ଯଦି ଅନ୍ୟ ଜଣେ ପୁରୁଷ ପ୍ରତି ଆକୃଷ୍ଟ ହୁଏ ଓ ସେ ଯଦି

ଆପଣଙ୍କ ଅପେକ୍ଷା ବଳବାନ ଥିବ, ତେବେ ସେତେବେଳେ ଆପଣ କ’ଣ କରିପାରିବେ ? କେଉଁଠାକୁ ଯିବେ ? ଥାନାକୁ ? କୋର୍ଟକୁ ? ସେହିପରି ପର ସ୍ତ୍ରୀଟିଏ ଘରେ ପଶି ସ୍ୱାମୀ ସହ ରାସକ୍ରୀଡ଼ା କରିବ, ତାହାକୁ ଦେଖି ନ ଦେଖିବା ପରି ରହିବ ସ୍ତ୍ରୀଟିଏ ? ଖାଲି ଘରେ ଘରେ ବିଷମଞ୍ଜି ବୁଣିବା ସାର୍ ହେବ, ବୁଝିଲେ । ବିଦେଶୀ ରାଷ୍ଟ୍ର କଥା କହୁଛନ୍ତି । ସେମାନଙ୍କ ସଂସ୍କୃତି, ସେମାନଙ୍କ ଆଚାର, ବ୍ୟବହାର, ନୀତିକୁ ଆମେ ନେଇ ବିକଶିତ ରାଷ୍ଟ୍ର ବୋଲାଇବା ତ ? ତେବେ ଆପଣ ଆପଣଙ୍କ ପୁଅ, ଝିଅକୁ ଜନ୍ମ ପରେ ପରେ ବୋର୍ଡିଂରେ ରଖିପାରିବେ ତ ? ସେମାନେ ଗୋରୁ ମାଂସ ଖାଉଛନ୍ତି । ଆପଣ ସେଇ ମାଂସ ଖାଇପାରିବେ ତ ? ସେମାନେ ଜଗନ୍ନାଥକୁ ନୁହେଁ ଖ୍ରୀଷ୍ଟଙ୍କୁ ମାନୁଛନ୍ତି । ଆପଣ ସେ କଥା କରିପାରିବେ ତ ? ବାରମାସରେ ତେର ପର୍ବ ନୁହେଁ ତିନି / ଚାରିଟା ପର୍ବ ପାଳିବା । ଓଷା, ବ୍ରତ ବାଦ ଦେବା, ସ୍ତ୍ରୀ ଦେହର ବସ୍ତ୍ର ଖୋଲି ଖୁଲମ ଖୁଲା ବୁଲାଇବା, ଏସବୁ ପାରିବେ ତ ? ଆମେରିକାରେ ମହିଳାମାନେ ଟପ୍‌ଲେସ୍ ହେବା ପାଇଁ ଏବେ “ପ୍ରି ଦ ନିପଲ୍” ଆନ୍ଦୋଳନ ଚଳାଇଥିବା ଦେଖି ଆପଣ ନିଜ ଝିଅ, ସ୍ତ୍ରୀ, ଭଉଣୀଙ୍କୁ ବିବସ୍ତ୍ରା ହେବାକୁ ଛାଡ଼ି ଦେବେକି ? ଏସବୁର ଉତ୍ତର ଯଦି ନା, ତେବେ ତାଙ୍କ ଦେଶର ସେ ବାଜେ ସଂସ୍କୃତିକୁ ଆମେ କାହିଁକି ଆପଣେଇବା ? ଆମ ଦେଶ ମହାନ । ଏହାର ଐତିହ୍ୟ, ସଂସ୍କୃତି, ପରମ୍ପରା, ରୀତିନୀତି, ଚାଲିଚଳଣ ସବୁକିଛି ମହାନ । ଏଠାରେ ସବୁକିଛି, ଶୃଙ୍ଖଳା ଓ ରୀତିନୀତି ମଧ୍ୟରେ ସୀମାବଦ୍ଧ । ଉଚ୍ଛୃଙ୍ଖଳତା ଏଠି ବହୁ ଦୂରରେ ।”

“ଦେଖନ୍ତୁ ମୋ ଉଠାଇଥିବା ପ୍ରଶ୍ନକୁ ଆପଣ ଭିନ୍ନ ଆଡ଼କୁ ନେଇଗଲେ ଯେ !”

“ହଁ ମୁଁ ସେ କଥା କହୁଛି ଶୁଣନ୍ତୁ । ଯେଉଁ ମହାଶୟ ଆମର କେଶ୍ ବୁଝି ରାୟ ଦେଉଥିଲେ, ସେଇ ମହାଶୟଙ୍କୁ ସରକାର କୋଟି କୋଟି ଟଙ୍କା ଲାଞ୍ଚ ଦେଇ କିଣି ନେଲେ । ତା’ପରେ ଅବସ୍ଥା କଥା ଜାଣିପାରୁଥିବେ । ସବୁ କେଶ ଖାରଜ । ଯେଉଁଭଳି କିଛି ସ୍କୁଲକୁ ଡିଗ୍ରୀ କରାଇ ରାୟ ଦେଲେ, ସେଇଭଳି ସମାନ କେଶ ଥିବା ସ୍କୁଲଗୁଡ଼ିକ ବେଳକୁ ଖାରଜ ? ଏଣୁ କହିବୁ କାହାକୁ ? ଭାଗ୍ୟକୁ ଆଦରି ଚୁପ୍ ରହିବା କଥା ।”

"ସତରେ ବଡ଼ ଦୁଃଖଦାୟକ । ଆଉ ଆପଣଙ୍କ ସ୍କୁଲର ଷ୍ଟାଫ୍‌ଙ୍କ ମଧ୍ୟରେ ବୋଧହୁଏ ଆଉ ପୂର୍ବ ଶତ୍ରୁତା, ରାଗ, ରୋଷ ନଥିବ । ନିଜ ନିଜ ଭିତରେ ସ୍ନେହ, ସଦିଚ୍ଛା, ଏକତା ନ ରହିଲେ ଅବସ୍ଥା କ'ଣ ହେଲା ସମସ୍ତେ ଜାଣିସାରିଥିବେ । ଏହା ଆପଣମାନଙ୍କ ପାଇଁ ଏକ ଲେସନ୍ ଥିଲା ବୋଲି ପ୍ରତ୍ୟେକ ବୁଝିବା ଦରକାର ।"

"ନାଁ ସାର୍, ଆମ ସ୍କୁଲରେ ଆଉ ଶାନ୍ତି ଫେରିବନି । ସବୁବେଳେ ଅଶାନ୍ତି ମଧ୍ୟରେ ମୁଁ ଗତି କରୁଛି । ଦରମା ତ ମିଳିନଥିଲା ସିଏ ଏକ ଅଶାନ୍ତି ମାତ୍ର ତା'ଠାରୁ ବଡ଼ ଅଶାନ୍ତି ହେଉଛି ସ୍କୁଲର ଷ୍ଟାଫ୍‌ମାନଙ୍କ ବ୍ୟବହାର, କଥାବାର୍ତ୍ତା । ମୁଁ ବିଦ୍ୟାଳୟର Head Mistress ଏକଥା ସେମାନେ ମାନିବାକୁ ନାରାଜ । ମୋ ମୁହେଁ ମୁହେଁ ଜବାବ, ନାନାଦି ତେରେକିଟୀ । ଆଉ ଯାହାକୁ ନେଇ ଦିନେ ମୁଁ ଅଫିସ ଚିହ୍ନାଇଥିଲି, ନାନା ଲୋକଙ୍କ ସଙ୍ଗେ ପରିଚୟ କରାଇଥିଲି, ନାନା କଥା ଶିଖାଇଥିଲି, ସେଇ ପୁଣି ଆଜି ମୋ ବିରୋଧରେ ଗାଉଛି । ସମସ୍ତଙ୍କୁ ମତାଉଛି । ମେଳି କରୁଛି । ମୋ ସହ ଝାଞ୍ଜିପାଟ୍ କଳି କଜିଆ ଲଗାଉଛି । ମୁଁ କୁଆଡ଼େ ସ୍କୁଲ ଖାଇଗଲି, ଭାଙ୍ଗିଦେଲି, ଏମିତି ଅନେକ । ରକ୍ତମାଂସ ଦେହୀ ମଣିଷନା ମୁଁ ନା ପଥରଟାଏ ?"

"ଶୁଣନ୍ତୁ ମୋ କଥା । ଆପଣମାନେ କ'ଣ ସାବତ ମା' ଭାଇ, ଭଉଣୀ ? ସମ୍ପତ୍ତି ବାଡ଼ି ପାଇଁ ପରସ୍ପର ମଧ୍ୟରେ ପିଟାମରା, ଟଣାଓଟରା ହେବେ ? କାହା ଘର କେଉଁଠି ନା କେଉଁଠି । ଆଉ ଦି' ଚାରିଟା ବର୍ଷ ପରେ କିଏ କୁଆଡ଼େ ଯିବେ । ଥରେ ଏଠୁ ବାହାରିଗଲେ ଆଉ ଦେଖା ହେବକି ନାହିଁ ସନ୍ଦେହ, ଏଥିରେ ପୁଣି ଏତେ ହିଂସା, ବାଦ, କଳିତକରାଳ କେଉଁଥିପାଇଁ ? ବିଦ୍ୟାଳୟ ଯେତେ ଯିଏ କରୁନା କାହିଁକି ଖରାପ ହେଲେ ସବୁ ଦୋଷଯାଏ ମୁଖ୍ୟ ମୁଣ୍ଡକୁ । ପୁଣି ଭଲ ହେଲେ ସବୁ ପ୍ରଶଂସା ଅନ୍ୟ ମୁଣ୍ଡକୁ ଯିବ କିପରି ? ମହାଭାରତ, ରାମାୟଣ ପଢିଛନ୍ତି ତ ? ଭୀମ, ଅର୍ଜୁନ ଯେତେ କୃତିତ୍ୱ ଦେଖାଇଲେ ମଧ୍ୟ ସବୁ ପ୍ରଶଂସା ଯୁଧିଷ୍ଠିରଙ୍କର ହୋଇଛି । ପୁଣି ଲକ୍ଷ୍ମଣ, ହନୁମାନ ଆଦି ଯେତେ ବୀରତ୍ୱ ପ୍ରଦର୍ଶନ କଲେ ମଧ୍ୟ ନାମ ହୋଇଛି ରାମଚନ୍ଦ୍ରଙ୍କର । ସେହିପରି ପ୍ରଥମେ ବିଦ୍ୟାଳୟ କୃତିତ୍ୱ ପାଇଁ ଆପଣଙ୍କର ସୁନାମ

ଥିଲା । ମଝିରେ ଖରାପ ପାଇଁ ଦୋଷ ଆପଣଙ୍କୁ ସମସ୍ତେ ଦେବେ ଏ କଥା ମାନିବାକୁ ଆପଣ ବାଧ୍ୟ । ପୁଣି ବର୍ତ୍ତମାନ ବିଦ୍ୟାଳୟର ଉନ୍ନତି ନିମନ୍ତେ ଆପଣ କିଛି କରିଥାନ୍ତୁ ବା ନଥାନ୍ତୁ ସମସ୍ତେ କହିବେ ଆପଣଙ୍କ ଯୋଗୁଁ ଏହା ସମ୍ଭବ ହେଲା । କାରଣ ଘରର ମୁରବୀ ନ ଚାହିଁଲେ କିଛି ହୋଇପାରିବ ନାହିଁ । ଏଣୁ ଏଥିରେ ମନ ଉଣା କରିବାର କ'ଣ ଅଛି ?"

"କିନ୍ତୁ ସେ କହୁଛି, ସେ ସବୁ କଲା, ମୁଁ କିଛି କରିନି । ମୋ ମୁଣ୍ଡ ବିନ୍ଧିଯାଉଛି ସାର୍ । ମୋତେ Avoid କରୁଛି । ମନଇଚ୍ଛା ଆସୁଛି, ଯାଉଛି । କେଉଁଠି କ'ଣ କରୁଛି କେତେ ଟଙ୍କା ଖର୍ଚ୍ଚ କରୁଛି, ହିସାବ ନାହିଁ, ମୋ ସହ ଆଲୋଚନା ନାହିଁ । ନିଜକୁ ନିଜେ ଷଣ୍ଢ ବୋଲାଉଛି । ବାକି କିଛି ତା'ର ବୋଲକରା ସାଜିଛନ୍ତି ।"

"ଦେଖନ୍ତୁ, ସବୁ ଘରର, ସବୁ ଅନୁଷ୍ଠାନର କୌଣସି କାର୍ଯ୍ୟରେ ଜଣେ ମୁଖ୍ୟ ବାହାରେ । ସେ ବଡ଼ ହୋଇପାରେ, ମଝିଆଁ ହୋଇପାରେ ବା ଚାକିରୀଟେ ହୋଇପାରେ, ନିଜର ବୁଦ୍ଧି, କୌଶଳ, ଜ୍ଞାନ ଓ ପାରଦର୍ଶିତାକୁ ଅବଲମ୍ବନ କରି ଉକ୍ତ କାର୍ଯ୍ୟକୁ ସଫଳ କରାଇଥାଏ । ସେହି ସଫଳତା ପାଇଁ ତାକୁ ଆମେ ଟିକେ ପ୍ରଶଂସା କଲେ କ୍ଷତି କ'ଣ ? ପ୍ରଶଂସା ପାଇବାକୁ ତ ସିଏ ଯୋଗ୍ୟ । ଯିଏ କାର୍ଯ୍ୟକଲା, ତା' ଆଡ଼କୁ ଅନ୍ୟମାନେ ଢଳିବା ସ୍ୱାଭାବିକ । ଆପଣ ଭଲ ଭାବେ ଚିନ୍ତା କରନ୍ତୁ, ଯେଉଁ ମୁହୂର୍ତ୍ତରେ ସମସ୍ତେ ସ୍କୁଲ ପ୍ରତି ଆଶା ଛାଡ଼ିଦେଇଥିଲେ, ସେଇ ଏକା ଆଗଭର ହୋଇବାହାରି ସମସ୍ତଙ୍କ ମନରେ ଆଶା ସଂଚାର କରିଥିଲା ନା ? ମିଛ ହେଉ ବରଂ ଏଇ କାଲି ମିଳିବ, ଆଜି ମିଳିବ କହି କହି ଦୁଇବର୍ଷ ଏହା ଭିତରେ କୁଆଡ଼େ କଟାଇ ଦେଲେ, ଆପଣ ଥରେ ଅନୁଭବ କରିପାରୁଛନ୍ତି ? ଆପଣ ତାଙ୍କୁ ଏଥିପାଇଁ ବିଦ୍ୟାଳୟ ତରଫରୁ ଏକ ସଭା ଡକାଇ ସମ୍ମାନିତ କରିବା କଥା । ଏହାଦ୍ୱାରା ଆପଣଙ୍କର ମହାନତା ପ୍ରତିପାଦିତ ହେବ ।

ଆଉ ସେ ମହାଶୟା ଜାଣିବା ଉଚିତ, ସମସ୍ତେ ଜାଣନ୍ତି ଆଜି ବିଦ୍ୟାଳୟର ଏତେ ବଡ଼ କୃତିତ୍ୱ କାହା ଯୋଗୁଁ ହେଲା । ସେପାଇଁ ନିଜେ ନିଜେ କହି ହେବା ଠିକ୍ ନୁହେଁ । ଧୀର, ନମ୍ରତା, ଶାଳୀନତା, ଉଦାରତା ମଣିଷକୁ ଶ୍ରେଷ୍ଠ କରିଥାଏ । ଘରର

ଯିଏ ମୁଖ୍ୟ, ସିଏ କେମ୍ପା ହେଉ ବା କୁଜା ହେଉ ବା ଅନ୍ଧହେଉ ସମସ୍ତେ ତାଙ୍କୁ ସମ୍ମାନ ଦେବାକୁ ବାଧ୍ୟ । ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଅନ୍ୟ ଦଳର ହେଲେ ମଧ୍ୟ ଆମେ କ'ଣ ତାଙ୍କୁ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଭାବେ ଅସ୍ୱୀକାର କରିପାରିବା କି ? ଯଦି କରନ୍ତି, ତେବେ ସମସ୍ତେ ଆମକୁ ପାଗଳ, ବିକୃତ ମସ୍ତିଷ୍କ ବ୍ୟକ୍ତି ବୋଲି କହି ଘୃଣା କରିବେ ।

ହଁ ଆଉ ଏକ କଥା ତେଲ ଯିଏ ମାପେ, ତା' ହାତ ତେଲିଆ ହୁଏ, ଏକଥା ଭୁଲିଯାଉଛନ୍ତି କିପରି ? ଆପଣମାନେ ଘରେ ଆରାମରେ ପରିବାର ଧରି ଶୋଇବେ । ସିଏ ଖରା, ଶୀତ, ବର୍ଷା, କାକରରେ ପରିବାର ଭୁଲି ଦୌଡ଼ାଦୌଡ଼ି କରି ଯଦି କିଛି ଅଧିକା ଖର୍ଚ୍ଚ କରନ୍ତି, ତେବେ ତାହା ଦୋଷାବହ ନୁହେଁ । ସେମିତି ଯିଏ ଭାବିବ, ସିଏ ନିଜେ ତାଙ୍କ ସହ ଯାଉନାହାନ୍ତି ।

ବାକି ଆପଣଙ୍କ ସହ ସିଏ ପରାମର୍ଶ ନ କରିବା କଥା । ତାଙ୍କ ମନର କ୍ଷୋଭ ଥିବ ଯେ ଏତେ କରିଲା ପରେ ଦିଦି ମୋତେ ଟିକେ ହେଲେ ପ୍ରଶଂସା କରୁନାହାନ୍ତି । ସେପାଇଁ ଅଭିମାନର ଆପଣଙ୍କ ପାଖକୁ ଆସୁ ନ ଥିବେ । ମୁଁ ଯାହା କହୁଛି ଟିକେ ଥଣ୍ଡା ମନରେ ଚିନ୍ତାକରି ଦେଖନ୍ତୁ, ମୁଁ ଠିକ୍ କହୁଛି କି ଭୁଲ୍ କହୁଛି ।"

"କିନ୍ତୁ ସାର୍ ତା' ବ୍ୟବହାର ମୋତେ ବହୁତ ଖରାପ ଲାଗୁଛି । ସାନଭଉଣୀ ପରି ସାଙ୍ଗରେ ନେଉଥିଲି, ସବୁ ଦେଖାଉଥିଲି, ସବୁ ଶିଖାଉଥିଲି, ହେଲେ ସେ ଯେ ଏମିତି ଦଗାଦେବ ମୁଁ ଭାବି ପାରିନଥିଲି ।"

"ଶୁଣନ୍ତୁ, ଭୁଲଟା ଆପଣଙ୍କର । କୌଣସି ଅଫିସ୍‌କୁ Head Master ର ବିନା ଅନୁମତିରେ ସହକାରୀ ଶିକ୍ଷକଟିଏ କିପରି ଯିବେ ? ସେ ପାଇଁ ସେ ଦଣ୍ଡିତ ହେବ । ଆପଣ ଗୋଟେ କାମ କରନ୍ତୁ । ତାଙ୍କୁ ଅଫିସ ଯିବାକୁ ମନା କରନ୍ତୁ । ନିଜେ ଯାଆନ୍ତୁ ବା କିରାଣୀକୁ ପଠାନ୍ତୁ । ବାସ୍ ତା'ପରେ ସିଏତ ଆଉ କିଛି କହିପାରିବେ ନାହିଁ ।"

"ନା ନା ମୋର କିଏ ଆଉ ଯାଉଛି । ଦେହ ଭଲ ରହୁନି । ତା'ର ସବୁ ଚିହ୍ନା ପରିଚୟ ହୋଇଗଲେଣି । ସିଏ ଯାଉ । ଯାହା କରୁଛି କରୁ ।"

"ଆପଣଙ୍କ କଥା ଶୁଣି ମୋତେ ବହୁତ ହସ ଲାଗୁଛି ଦିଦି । ସାନଭଉଣୀଟି ପ୍ରତି

ଅନ୍ତର ଭିତରେ କେତେ ସ୍ନେହ, ଅଥଚ ମୁହଁରେ କୃତ୍ରିମ କ୍ରୋଧ । ବାସ୍ ଏହାରି ନାମ ତ ପ୍ରେମ । ସମସ୍ତଙ୍କ ପ୍ରତି ଆପଣଙ୍କ ଅନ୍ତରରେ ଥିବା ଏଇ ସ୍ନେହକୁ ପ୍ରକାଶ କରୁନାହାନ୍ତି କାହିଁକି ? ଯାହା ନକରି କି କ୍ଷତି କରୁଛନ୍ତି ଆପଣ ଜାଣନ୍ତି ? ନିଜେ ଜଳିବା ସଙ୍ଗେ ସଙ୍ଗେ ଅନ୍ୟ ସମସ୍ତଙ୍କୁ ଜଳାଉଛନ୍ତି । ବ୍ଲକ୍‌ଗ୍ରାଣ୍ଟ ସ୍କୁଲରେ ପ୍ରଧାନଶିକ୍ଷିକାର ସ୍ୱତନ୍ତ୍ର ଦରମା ଅଛି ? ସ୍ୱତନ୍ତ୍ର ମର୍ଯ୍ୟାଦା ଅଛି ? ତେଣୁ ବଡ଼ସାନର ଫରକ୍ କ'ଣ ? ସମସ୍ତଙ୍କୁ ନେଇ ଚାଲିଲେ, ଗୋଟିଏ ସୂତାରେ ଗୁନ୍ଥି ପାରିଲେ, ସେଇ ହେବ ଆପଣଙ୍କ ମର୍ଯ୍ୟାଦା, ସେଇ ହେବ ଆପଣଙ୍କ ସ୍ୱତନ୍ତ୍ର ଦରମା । ବୁଝିଲେ । ସାନ ନୁହେଁ ବଡ଼ ଆଗ ହାତ ବଢାଏ, ସାନ ତା' ପରେ ।"

ଧୀରେ ଧୀରେ ଅନୀତା ଦିଦିଙ୍କ ବିଷଣ୍ଣ ମୁଖମଣ୍ଡଳ ଉଜ୍ଜ୍ୱଳ ରୂପ ଧାରଣ କରୁଥାଏ । ନିଜ ଅନ୍ତର ମଧ୍ୟରେ ପୁଂଜିଭୂତ କୋହକୁ ପରିପ୍ରକାଶ କରି ସେ ଯେତିକି ଆଶ୍ୱସ୍ତି ଅନୁଭବ କରୁଥିଲେ, ତାହାର ସମାଧାନର ସୂତ୍ର ବନ୍ଧୁଙ୍କ ନିକଟରୁ ପାଇ ସେତିକି ପ୍ରଫୁଲ୍ଲ ହୋଇଉଠୁଥିଲେ ।

ସତରେ ଗୋଟିଏ ଜିଦ୍, ଗୋଟେ ଅହଂକାରର ବଶବର୍ତ୍ତୀ ହୋଇ କେତେ କଷ୍ଟ ନ ପାଉଛନ୍ତି ସତେ ? ଆଉ ମାତ୍ର ଚାରିଟା ବର୍ଷ । କୁଆଡ଼େ ଚାଲିଯିବ, ଜଣାପଡ଼ିବନି । ତା'ପରେ ଅବସର ଜୀବନ । ଅବସର କଥା ଭାବି ଦେବାବେଳକୁ ସେ ଭିତରେ ଭିତରେ ଶିହରି ଉଠିଲେ । ଏକ ଅଜଣା ଭୟ ଯେମିତି ତାଙ୍କୁ ଘାରିବସିଲା । ଏଇ ସ୍କୁଲ ଅତି ଆପଣାର, ଏକାନ୍ତ ନିଜର । ଏହି ସ୍କୁଲ ପାଇଁ ସେ କ'ଣ ନ କରିଛନ୍ତି ସତେ ? ନିଜ ଜୀବନକୁ ସେ ବାଜି ଲଗେଇ ଦେଇଛନ୍ତି । ସବୁ ଭାଇ, ଭଉଣୀ ବିବାହ କରି, ଘର ସଂସାର କଲେ । ପିଲାଛୁଆର ବାପା, ମା ହେଲେ । ସାନ ଭାଇ, ଭଉଣୀ ଭଳି ଷ୍ଟାଫ୍‌ମାନେ ଗୋଟିଏ ଗୋଟିଏ କାଲି ପରି ଲାଗୁଛି, ବିବାହ କଲେ । ହେଲେ ସେ କ'ଣ ବିବାହ କରିପାରିଲେ ? ମୁଣ୍ଡରେ ସିନ୍ଦୂର ପିନ୍ଧି ପାରିଲେ ନା କାହାକୁ ସ୍ୱାମୀ ବୋଲି ପରିଚୟ ଦେଇପାରିଲେ ନା ନିଜ ବକ୍ଷର ଅମୃତ୍ୱକୁ କେଉଁ ଶିଶୁକୁ ଖୁଆଇପାରିଲେ ? ମୋ ସ୍କୁଲ ହେବ, ଦରମା ପାଇବ । ତା'ପରେ ମନ ପସନ୍ଦର

ସାଥୀଟିଏ ବାଛି ବିବାହ କରିବି ଭାବନା ସବୁ ସେମିତିର ରହିଗଲା ଭାବନାରେ । ଦରମା ପାଇଲା ବେଳକୁ ବୟସ ଗଡ଼ିଯାଇଥାଏ । ଦେହର ଭୋକ ବି ସବୁଦିନ । କେବେ କେମିତି ମନ ହେଲେ ଭାଇ କି ଭଉଣୀ ପାଖକୁ ଛୁଟିଯାଏ । ସେମାନଙ୍କ ପିଲାମାନଙ୍କ ଆଦର ସ୍ନେହରେ ଦୁଇଚାରିଦିନ ରହି ପୁଣି ଫେରିଆସେ ଏଇ କର୍ମକ୍ଷେତ୍ରକୁ । ତାଙ୍କର ଏତେ ତ୍ୟାଗକୁ ଆଜି କିଏ ବୁଝୁଛି ? ଚକ୍ଷୁରୁ ଦୁଇବୁନ୍ଦା ଅଶ୍ରୁ ଗଡ଼ି ପଡ଼ିଲା । ପଞ୍ଜରା ଥରାଇ ଦୀର୍ଘଶ୍ୱାସଟିଏ ବାହାରି ଆସିଲା । ସାର୍ ଚେତେଇ ଦେଇଛନ୍ତି ତାଙ୍କର କର୍ତ୍ତବ୍ୟକୁ । ଠିକ୍‌ଅଛି ସେମାନେ ପରିବର୍ତ୍ତନ ହୁଅନ୍ତୁ ବା ନ ହୁଅନ୍ତୁ ସେ କିନ୍ତୁ କାଲିଠୁଁ ନିଜକୁ ନିଶ୍ଚୟ ଭିନ୍ନ ଭାବେ ଗଢି ତୋଳିବେ । ତାଙ୍କର ଅନୁତପ୍ତ ମୁଖମଣ୍ଡଳକୁ ଦେଖି ଅଭିନ୍ନବାବୁ କହିଲେ, "କ'ଣ ଦିଦି, ମୋତେ ଦୋଷ ଦେଉଛନ୍ତି କି ? ଆପଣମାନେ ଯାହା କୁହନ୍ତୁ ମୁଁ କିନ୍ତୁ ସତରେ ଭାରି ଖୁସି । ଆପଣ ଗୋଟେ କାମ କରିବେ, ସମସ୍ତେ ଏତେ ଏତେ ଚାନ୍ଦା ଦେଲେଣି । ଏବେତ ପାଇବେ ଆଠଲକ୍ଷରୁ ଊର୍ଦ୍ଧ୍ୱ ଜଣକା । ଏଣୁ ଅଳ୍ପକିଛି ଚାନ୍ଦା ଏ ଅଭାଗାଟା ପାଇଁ ଆଦାୟ କରିବେ ।"

"ଆପଣଙ୍କ ପାଇଁ ମାନେ ? କେତେ ଟଙ୍କା ଆପଣଙ୍କର ପାଇବାର ଅଛି କି ? କେତେ ଆଦାୟ ହେବ କହିଲେ ?"

"ଜଣକା ମାତ୍ର ପାଞ୍ଚଶହ ଟଙ୍କା ।"

"ତା' ମାନେ ଛଅହଜାର ନେବେ ତ ?"

"ଉଁ ହୁଁ ମୁଁ ନେବିନି । ସେଇ ଟଙ୍କାରେ ଆପଣମାନେ ଦିନେ ଶୁଦ୍ଧ ହୋଇ ଜଗନ୍ନାଥ ମନ୍ଦିର ଯାଇ ଭୋଗରାଗ କରିବେ ଓ ସ୍କୁଲରେ ଏକ ଭୋଜିର ବନ୍ଦୋବସ୍ତ କରିବେ । ରୋଷେଇଆ ନୁହଁ ଯିଏ ଯାହା ତିଆରି ଜାଣିଛ, ସିଏ ତାହା କରିବ । ମିଳିମିଶି ରୋଷେଇ କରିବେ । ପରିଚାଳନା ସମିତି ବୃନ୍ଦ, ଶୁଭେଚ୍ଛୁ ଓ ଷ୍ଟାଫମାନଙ୍କ ସହଧର୍ମିଣୀର, ସହଧର୍ମୀମାନଙ୍କୁ ନିମନ୍ତ୍ରଣ କରିବେ । ଦେଖିବେ କି ସୁନ୍ଦର ବାତାବରଣ ସୃଷ୍ଟି ହେବ ।"

"ଆପଣଙ୍କ କଥା ନିଶ୍ଚୟ କାର୍ଯ୍ୟକାରୀ ହେବ । ଆପଣଙ୍କୁ ଆଗ ନିମନ୍ତ୍ରଣ ରହିଲା । ନିଶ୍ଚୟ ଆସିବେ ।"

"ମୁଁ ଯେଉଁଠାରୁ ଥରେ ଦୂରେଇଯାଏ, ସେଠାକୁ ଫେରିବାର ପ୍ରଶ୍ନ ନାହିଁ । ଅନେକ ଅପମାନ ପାଇଛି । ଏଣୁ ଆଉ ନୁହେଁ । କିନ୍ତୁ ଦୂରରୁ ମୁଁ ଖୁସି ହେଉଥିବି ନିଶ୍ଚୟ । ହଉ ବହୁତ ଡେରି ହୋଇଗଲାଣି । ମୋ ସହଧର୍ମିଣୀ ସେଣେ ବ୍ୟସ୍ତ ହେବେଣି । ଆସୁଛି ବାଏ ।"

ଏକ ମୁହାଁ ହୋଇ ଚାଲିଯାଉଛନ୍ତି ଅଭିନ୍ନ ସାର୍ । ଦରଦୀ ସରଳ ମଣିଷଟେ । ଅନ୍ୟର ଦୁଃଖରେ ଭାଙ୍ଗିପଡ଼ନ୍ତି, ସମବେଦନା ଜଣାନ୍ତି, ସାହାଯ୍ୟ କରିବାକୁ ନିର୍ଭୟରେ ଆଗେଇ ଆସନ୍ତି । ମାନ, ଅପମାନ, କଳିଗୋଳ, ହିଂସାଠୁ ବହୁ ଦୂରରେ । ଏଇ ସ୍କୁଲ ପାଇଁ କେତେ ସାହାଯ୍ୟ ନ କରିଛନ୍ତି । ଓଲଟି ପାଇଛନ୍ତି କ'ଣ ? ଥଟ୍ଟା ପରିହାସ କଟୁ ମନ୍ତବ୍ୟ । କିନ୍ତୁ ସେତିକି ନିଘା ଟିକେ ନାହିଁ । ଅନ୍ୟର ମୁଖରେ ଖୁସି, ଅନ୍ୟର ସୁଖରେ ନିଜକୁ ହଜାଇଦିଅନ୍ତି । ଏଭଳି ମଣିଷ ସତରେ ସଂସାରରେ ବିରଳ । ଆଜି ସେ ତାଙ୍କ ଆଖି ଖୋଲି ଦେଇଛନ୍ତି । ତାଙ୍କ ଭିତରେ ସୁପ୍ତ ମାନବିକତାକୁ ସେ ଜାଗ୍ରତ କରାଇ ଦେଇଛନ୍ତି । ତାଙ୍କ ପ୍ରତି କୃତଜ୍ଞତାରେ ତାଙ୍କର ମୁଣ୍ଡ ନଇଁଯାଉଛି । ସେ ତାଙ୍କୁ କି ସାହାଯ୍ୟ କରିପାରିବେ ନା କ'ଣ ବା ଦେଇପାରିବେ । କେବଳ ଜଗନ୍ନାଥଙ୍କ ନିକଟରେ ଏତକ ପ୍ରାର୍ଥନା କରିବେ, ତାଙ୍କୁ ଦୀର୍ଘଜୀବୀ କରାନ୍ତୁ । ତାଙ୍କ ଭିତରେ ସେ ସଦ୍‌ଭାବନା ସଦାସର୍ବଦା ଥାଉ । ସଦା ସୁଖୀ ରଖନ୍ତୁ ।

ପ୍ରଧାନଶିକ୍ଷକ

କିଶୋରଚନ୍ଦ୍ରପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟ,

ଗବପାଳ, କିଶୋରଚନ୍ଦ୍ରପୁର, ବରହମପୁର

ବାଲେଶ୍ୱର-୭୫୬୦୫୮

ମୋ. ୯୯୩୭୫୩୮୧୨୦

❐❐❐

ବିଚ୍ଛିନ୍ନ ସମ୍ପର୍କ

● ଆଡ଼ଭୋକେଟ୍ : ବୈରାଗୀ ଚରଣ ନାୟକ



ବତୁରା ମନ ଆଉ ତିନ୍ତିଲା ହୃଦୟ ନେଇ ପଛକୁ ଚାହୁଁଛନ୍ତି ରମାକାନ୍ତ ସ୍ୱାଇଁ । ପ୍ରାଇମେରୀ ସ୍କୁଲ୍‌ର ପ୍ରଧାନଶିକ୍ଷକ ପଦବୀରୁ ଷାଠିଏ ବର୍ଷ ବୟସରେ ଆଜକୁ ତିନିବର୍ଷ ତଳେ ସେ ଅବସର ନେଇଛନ୍ତି । ପଚିଶବର୍ଷ ବୟସରୁ ଆରମ୍ଭ କରିଥିବା ଚାକିରିରୁ ପଇଁତ୍ରିଶବର୍ଷର ଅଭିଜ୍ଞତା ନେଇ, ସେ ତାଙ୍କର ତେଲ ଲୁଣର ସଂସାରର ହାନି ଲାଭର ହିସାବ କରୁଛନ୍ତି । କ'ଣ ସେ ପାଇଛନ୍ତି ଆଉ କ'ଣ ସେ ହରେଇଛନ୍ତି ତା'ର ହିସାବ ନିକାସର ସମୟ ଅବଶ୍ୟ ଆସିଛି ।

ସ୍ତ୍ରୀ ସ୍ନେହମୟୀ, ତିନିପୁଅ ଗୋଟିଏ ବୋଲି ଝିଅକୁ ନେଇ ତାଙ୍କର ସଂସାର । ସ୍ନେହ, ପ୍ରେମ, ଭଲପାଇବା, ଭୁଲ୍ ବୁଝାମଣା, ଅଶାନ୍ତ, ଅନର୍ଥ ଭିତରେ ସମ୍ପର୍କର ସେତୁ ମଜଭୁତ ହୋଇ ରହିଛି ବୋଲି ତ ସେ ଏହି ପରିବାରର ମୁଖ୍ୟ; ତଥାପି ସମସ୍ତଙ୍କୁ ବାନ୍ଧି ରଖିବାର ଶତ ଚେଷ୍ଟା ସତ୍ତ୍ୱେବି ସେ କେମିତି ବିଫଳ । ନିରାଶାର ଘନଅନ୍ଧକାର ଭିତରେ ଆଜି କେମିତି ନିଥର, ନିଶ୍ଚଳ, ବିବଶ ଚିନ୍ତନ ଆଉ ବିବାକ ଭାବନା ଭିତରେ ରମାକାନ୍ତ ଖୋଜୁଛନ୍ତି ସଠିକ୍ ରାସ୍ତା ।

ଯେତେବେଳେ ରମାକାନ୍ତଙ୍କୁ ବୟସ ତେଇଶି ସେତେବେଳେ ବି.ଏ. ପରେ ସି.ଟି. ପାସ୍ କରି ସେ ଗାଁ ପାଖ କମଳପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ବହୁ ଆଗରୁ ତାଙ୍କ ମା' ମରିଯାଇଥିବାରୁ ତାଙ୍କ ବାପା ତାଙ୍କୁ ତାଙ୍କ ଗାଁରୁ ନ' କିଲୋମିଟର ଦୂର ହରିପୁରରେ ଏହି ସ୍ନେହମୟୀ ନାମ୍ନୀ ତରୁଣୀଟି ସହିତ ବିବାହ ବନ୍ଧନରେ ଛନ୍ଦି ଦେଇଥିଲେ ।

ରମାକାନ୍ତଙ୍କ ବିଭାଘରର ଦୁଇବର୍ଷ ପରେ ତାଙ୍କ ବାପା ଆରପାରିକୁ ଚାଲିଗଲେ । ସେତେବେଳେ ବଡ଼ପୁଅ ବିଶ୍ୱରଞ୍ଜନର ବୟସ ଏକବର୍ଷ । ଘରଘୋର । ସେଇଟିକୁ ତିଆରି କରିବାକୁ ହେଲେ କଠିନ ପରିଶ୍ରମର ଆବଶ୍ୟକତା ଅଛି ।

ରମାକାନ୍ତଙ୍କ ଦାୟିତ୍ୱରେ ତାଙ୍କ ନିଜର ଚାକିରି ଆଉ ସାତ ଏକର ବାର ଫସିଲି ଜମି । ସେହି ଜମି ଭାଗନେବା ପାଇଁ ଚାଷୀମାନଙ୍କ ଭିତରେ ସଂଘର୍ଷ । ଯାହାହେଲେବି ସେ ନିଜ ହାତରେ ମୂଲିଆ ପାନିଆ ପକେଇ ତିନି ଏକର ଜମି ଉଠିଆ କରନ୍ତି । ପ୍ରଥମ ବର୍ଷା ଋତୁରେ ଧାନଚାଷ । ତା'ପରେ ସେଥିରେ ସେ ବିରି, ମୁଗ ଚାଷ କରିଥାନ୍ତି ।

ସ୍କୁଲ୍‌ର ପିଲାମାନେ ତ ତାଙ୍କର ଦ୍ୱିତୀୟ ସଂସାର । ସରକାରୀ ଛୁଟିଦିନକୁ ଛାଡି ଦେଲେ ସେ ଆଦୌ ଛୁଟି ନିଅନ୍ତି ନାହିଁ । ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ଆଉ ଜଣେ ଶିକ୍ଷକଙ୍କ ସହିତ ମିଶି ଗଢିତୋଳିବାର ପ୍ରଚେଷ୍ଟା ଆଉ ନିଶା ତାଙ୍କୁ ଦେଇଛି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକର ମାନ୍ୟତା ।

ନିଜ ପରିବାର ପାଇଁ ସେବା କ'ଣ ନ କରିଛନ୍ତି ? ବଡ଼ପୁଅ ବିଶ୍ୱରଞ୍ଜନ ବି.ଏ. ପାସ୍ କରି କୁଆଡେ ଚାକିରି ବାକିରି ନଖୋଜି ନିଜ ସାତ ଏକର ଚାଷଜମିର ସମ୍ପୂର୍ଣ୍ଣ ଦାୟିତ୍ୱରେ । ଜଣେ ସଫଳ ଆଉ ଆଦର୍ଶଚାଷୀ ଭାବରେ ତା'ର ଏ ଜିଲ୍ଲାରେ ନାଁ ଡାକ ରହିଛି ।

ବିଶ୍ୱରଞ୍ଜନ ଠାରୁ ତିନିବର୍ଷ ସାନ ମଝିଆଁପୁଅ ସତ୍ୟରଞ୍ଜନ ବି.କମ୍. ପରେ ଏମ୍.ବି.ଏ. ପାସ୍ କରି ମୁମ୍ବାଇରେ ଗୋଟିଏ କମ୍ପାନୀରେ ଚାକିରି କରିଛି । ମଝିଆଁ ପୁଅ ଠାରୁ ସାତବର୍ଷ ସାନ ହେଉଛି ତାଙ୍କର ଝିଅ ପ୍ରିୟମ୍ବଦା । ଗାଁ ପାଖ କଲେଜରୁ ବି.ଏ. ପାସ୍ କରିଥିଲା ସେ । ହେଲେ ରମାକାନ୍ତଙ୍କର ଝିଅଟି ଘରକରଣାରେ ସର୍ବଗୁଣ ସମ୍ପନ୍ନା । ଝିଅର ପାଠପଢ଼ା ପରେ ତା' ମା' ସ୍ନେହମୟୀଙ୍କ ହାତରୁ ସେ ଛଡ଼େଇ ନେଇଥିଲା ଘରର ଯାବତୀୟ କାମ ।

ରମାକାନ୍ତଙ୍କର ସବା ସାନପୁଅଟା ତା' ଭଉଣୀ ଠାରୁ ଦୁଇବର୍ଷ ସାନ । ବି.ଟେକ୍. ପାସ୍ କରିଥିବା ଆଇ.ଟି. ଇଞ୍ଜିନିୟର ସାନପୁଅ ମନୋରଞ୍ଜନ ବେଙ୍ଗାଲୁରୁରେ ଗୋଟିଏ ଭଲ କମ୍ପାନୀରେ ଉଚ୍ଚ ବେତନର ଚାକିରିରେ । ମଝିଆଁ ଆଉ ସାନପୁଅର ପାଠପଢାରେ ରମାକାନ୍ତଙ୍କଠାରୁ ତାଙ୍କ ବଡ଼ପୁଅର ଅବଦାନ ବହୁତ ଅଧିକ । ଜଣେ ସଫଳ ଚାଷୀ ହିସାବରେ ତା'ର ସମସ୍ତ ଆୟ ସେ ଏହି ଦୁଇଭାଇଙ୍କର ପାଠପଢ଼ାରେ ହିଁ ଲଗେଇ ଦେଇଥିଲେ । ଭଉଣୀଟିର ପାଠପଢାର ହାନି ଲାଭ ହିଁ ବୁଝୁଥିଲା ସେ ।

ତାଙ୍କ ନିଜ ଗାଁ ଠାରୁ ତିନି କିଲୋମିଟର ଦୂର ରାମପୁରରେ ପ୍ଲସ୍‌ଟୁ ପାସ୍ କରିଥିବା ଝିଅଟିକୁ ନିଜ ପସନ୍ଦରେ ବିବାହ କରିଥିଲା ମଝିଆଁପୁଅ ସତ୍ୟରଞ୍ଜନ । ଅବଶ୍ୟ ଏଥିରେ ରମାକାନ୍ତ, ସ୍ନେହମୟୀ ଆଉ ବଡ଼ପୁଅ ବିଶ୍ୱରଞ୍ଜନ ସମ୍ମତି ପ୍ରଦାନ କରିଥିଲେ । ପ୍ରଥମେ ପ୍ରଥମେ ରମାକାନ୍ତ ଏଥିରେ ଅରାଜି ଥିଲେ । ହେଲେ ବଡ଼ବୋହୂ ନିର୍ମଳା ତାଙ୍କୁ ଖୁବ୍‌ମୋଟା ଦମ୍‌ରେ ବୁଝାସୁଝା କରିଥିଲା । ଖୁବ୍ କରିତ୍‌କର୍ମା, ନିପୁଣା ଏହି ବଡ଼ବୋହୂର କଥାକୁ କାଟିପାରି ନଥିଲେ ରମାକାନ୍ତ ।

ବିଭାଘରର ଚତୁର୍ଥୀ ପରଦିନ ମଝିଆଁ ବୋହୂକୁ ଧରି ମଝିଆଁ ପୁଅ ସତ୍ୟରଞ୍ଜନ ମୁମ୍ବାଇ ଚାଲିଯାଇଥିଲା । କ'ଣ ନା କମ୍ପାନୀ ଆଉ ଛୁଟି ବଢ଼େଇବାକୁ ଚାହୁଁନି । ତା' ରୋଜଗାର ରମାକାନ୍ତଙ୍କ ପାଖକୁ ନଆସି ମଝିଆଁ ପୁଅର ଶ୍ୱଶୁରଘର ଆଡ଼େ ଚାଲିଯାଉଛି । ମାତ୍ର ତିନି ଏକରର ଚାଷୀ ତାଙ୍କ ମଝିଆଁପୁଅର ଶ୍ୱଶୁର ହଠାତ୍ ନିର୍ମାଣ କଲେ ପ୍ରାୟ ଏକ ହଜାର ବର୍ଗଫୁଟର ଗୋଟାଏ ସୁନ୍ଦର କୋଠାଘର । ବର୍ଷକ ପରେ ସେହି ଏକମହଲା କୋଠାଟି ଦୁଇ ମହଲାରେ ପରିଣତ ହେଲା । ମଝିଆଁପୁଅର ଏକମାତ୍ର ଶଳା ତାଙ୍କ ଗାଁପାଖ ଛକବଜାରରେ ଗୋଟିଏ ଭେରାଇଟ୍ ଷ୍ଟୋର୍ ଖୋଲିଲା । ମଝିଆଁପୁଅର ଶାଳୀଟିର ବିଭାଘର ମଧ୍ୟ ଧୁମ୍‌ଧାମ୍‌ରେ ହେଲା ।

ଏହି ବିଭାଘରକୁ ମଝିଆଁପୁଅ ଆଉ ମଝିଆଁ ବୋହୂ ଆସିଥିଲେ । ହେଲେ ସେମାନେ ଏତେ ବ୍ୟସ୍ତ ରହିଲେ ଯେ, ନିଜ ଘରର ଲୋକମାନଙ୍କ ପାଖକୁ ଆସିବା ପାଇଁ ସେମାନଙ୍କ ହାତରେ ଆଉ ସମୟ ହେଲାନି । ବାପା-ମା', ଭାଇ - ଭାଉଜ, ଗୋଟିଏ ବୋଲି ଭଉଣୀ ଆଉ ଗୋଟିଏ ମାତ୍ର ପୁତୁରାର ସମ୍ପର୍କ ଏମ୍.ବି.ଏ. ପାସ୍ କରି ଉଚ୍ଚବେତନରେ ଚାକିରି - କରୁଥିବା ମଝିଆଁପୁଅ ପାଖରେ କିଛିହେଲେ ମାନେ ବି ରଖିଲାନି । ସେ ଭୁଲିଗଲା ତା' ବାପା-ମା'କୁ ଭୁଲିଗଲା ବଡ଼ଭାଇର ତା'ପ୍ରତିଥିବା ସମସ୍ତ ଅବଦାନକୁ ତା' ବିଭାଘର ପାଇଁ ଖୁବ୍ ଗୋଟାଏ ଓକିଲାତି କରିଥିବା ବଡ଼ଭାଉଜକୁ । ସାନଭଉଣୀଟିର ଭାଇ ଡାକ ଆଉ ପୁତୁରାଟିର ମଝିଆଁ ବାପା ଡାକ ତାକୁ କୌଣସି ମତେ ପ୍ରଭାବିତ କଲାନି । ବରଂ ଶ୍ୱଶୁରଘର - ମନସ୍କ ମଝିଆଁପୁଅ ସତ୍ୟରଞ୍ଜନ ନିଜ ଶ୍ୱଶୁରଘରର କୋଠା, ଶଳାର ଭେରାଇଟ୍ ଷ୍ଟୋର ଆଉ ଶାଳୀର ସୁଖ ସ୍ୱାଚ୍ଛନ୍ଦ୍ୟକୁ ନେଇ ଏତେ ବ୍ୟସ୍ତ ରହିଲା ଯେ ଭୁଲିଗଲା ନିଜ ଗାଁ ମାଟିକୁ, ବାପା-

ମା'କୁ, ଭାଇ-ଭଉଣୀକୁ, ଭାଉଜ-ପୁତୁରାକୁ । ଏସବୁ ରକ୍ତ ସମ୍ପର୍କ ତା'ପାଇଁ କିଛି ହେଲେ ବି ଅର୍ଥ ରଖିଲାନି ।

ନିଜ ଗାଁ ଆଉ ଗାଁ ପାଖ ପଡ଼ୋଶୀ ଗାଁମାନଙ୍କର ଲୋକମାନେ କୁହାକୁହି ହେଲେ, ଅନେକ ଛାତ୍ର ତିଆରି କରିଥିବା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ମାଷ୍ଟ୍ର ରମାକାନ୍ତ ସ୍ୱାଇଁ ନିଜ ପିଲାମାନଙ୍କୁ ଠିକ୍‌ସେ ତିଆରି କରିପାରିଲେନି । ତାଙ୍କ ମଝିଆଁ ପୁଅଟା ବାପାଙ୍କୁ ଭୁଲି ଶ୍ୱଶୁରକୁ ପୋଷୁଛି ।

ଏସବୁ କଥାଶୁଣି ଉତ୍ତେଜିତ ହୋଇଯାଆନ୍ତି ରମାକାନ୍ତ । ତାଙ୍କ ଭିତର ମଣିଷଟା ବିଦ୍ରୋହ କରିଉଠେ । ସ୍ନେହମୟୀଙ୍କୁ ପାଖକୁ ଡାକି ସେ ଚିତ୍କାର କରିଉଠନ୍ତି । ନିଜର ଘରଯୋଗ୍ୟା ଝିଅଟାର ବିଭାଘରକୁ ନେଇ ଚିନ୍ତାପ୍ରକଟ କରନ୍ତି । ସମ୍ପର୍କର ଅର୍ଥ ନବୁଝି ଅତୀତକୁ ଭୁଲିଯାଇଥିବା ମଝିଆଁ ପୁଅଟାକୁ କୃତଘ୍ନ ବୋଲି ଗାଳି କରନ୍ତି । ଲୋକମାନଙ୍କର ତାଙ୍କ ପ୍ରତିଥିବା ତାତ୍ସଲ୍ୟ ବିଷୟରେ ବଖାଣନ୍ତି । ଜଣେ ପ୍ରାଇମେରୀ ସ୍କୁଲର ଶିକ୍ଷକ ହୋଇ ସେ ନିର୍ମାଣ କରିଥିବା ସୁନ୍ଦର ସଂସାରର ଅବକ୍ଷୟୀସ୍ଥିତି ପାଇଁ ତାଙ୍କ ମଝିଆଁ ପୁଅଟା ସମ୍ପୂର୍ଣ୍ଣ ଦାୟୀ ବୋଲି ଧିକ୍କାର କରନ୍ତି । ସ୍ନେହମୟୀ ନିଜ ସ୍ୱାମୀଙ୍କ କ୍ରୋଧ ପ୍ରକାଶରେ କାକୁସ୍ଥ ହୋଇ ତଳକୁ ମୁହଁପୋତନ୍ତି ।

ବେଳେବେଳେ ରମାକାନ୍ତଙ୍କର ଚିତ୍କାର ଶୁଣି ବଡ଼ବୋହୂ ନିର୍ମଳା ଆଉ ରମାକାନ୍ତଙ୍କର ଏକମାତ୍ର ଅଲିଅଳୀ ଝିଅ ପ୍ରିୟମ୍ବଦା ଧାଇଁ ଆସନ୍ତି । ସେମାନେ ଦୁଇଜଣ ମିଳିତ ଭାବେ ଆଶ୍ୱାସନା ଦିଅନ୍ତି ରମାକାନ୍ତଙ୍କୁ । ନିଜର ଦୁଃଖ ଯନ୍ତ୍ରଣା ଭିତରେ ବି ରମାକାନ୍ତ ଦେଖନ୍ତି ନିର୍ମଳା ଆଉ ପ୍ରିୟମ୍ବଦାର ସ୍ନେହ ପୂର୍ଣ୍ଣ ସମ୍ପର୍କକୁ । ସେ ଅନୁଭବନ୍ତି ସମ୍ପର୍କର ଅବକ୍ଷୟତା ଭିତରେ ବଞ୍ଚୁଥିବା ପରିପୂର୍ଣ୍ଣ ସମ୍ପର୍କର ଉତ୍ସକୁ । ସବୁ ଜାଗାରେ ସମ୍ପର୍କର ଭଙ୍ଗା ପଡିନି ବୋଲି ହୃଦବୋଧ ହୁଏ ତାଙ୍କର ।

ଏମିତିରେ ଦିନ ବିତିଯାଏ, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତଙ୍କର ଭାବନା ଅସୁମାରୀ ରୂପନିଏ । ସମୟ ଚେହେରା ବଦଳାଏ । ଅଙ୍କାବଙ୍କା ରାସ୍ତାରେ ଏଣେତେଣେ ପଶିଯାଏ । ସାନପୁଅ ମନୋରଞ୍ଜନର ସାଙ୍ଗ ମୋବାଇଲ୍ ଫୋନ୍‌ରେ ଖବର ଦିଏ ବିଶ୍ୱରଞ୍ଜନକୁ । ମନୋରଞ୍ଜନ ତା'ଠାରୁ ତିନିବର୍ଷ ବଡ଼ ତା' ସହିତ ସମାନ କମ୍ପାନୀରେ

କାମ କରୁଥିବା ଜଣେ କନ୍ନଡ଼ ଝିଅକୁ ବିବାହ କରିଛିବୋଲି । ସେ ବି ମନୋରଞ୍ଜନ ପରି ଜଣେ ଆଇ.ଟି. ଇଞ୍ଜିନିୟର ।

ଅସ୍ତବ୍ୟସ୍ତ ହୋଇପଡ଼ନ୍ତି ରମାକାନ୍ତ । ମଝିଆଁ ପୁଅର ବୋଝ ଉପରେ ସାନପୁଅ ମନୋରଞ୍ଜନର ନଳିତା ବିଡ଼ା । ବହୁତ ଭଲଛାତ୍ର ଥିଲା ଏହି ସାନପୁଅ ମନୋରଞ୍ଜନ । ତା' ଉପରେ ବହୁତ ଭରସା ରଖିଥିଲେ ରମାକାନ୍ତ । ତା'ଠାରୁ ଦୁଇବର୍ଷ ବଡ଼ ଭଉଣୀଟା ବିବାହ କରିବା ଆଗରୁ କେମିତି ବିଭାହୋଇ ପଡ଼ିଲା ତାଙ୍କର ଏ ସାନପୁଅ ମନୋରଞ୍ଜନ ? ରୀତି-ନୀତି, ପରମ୍ପରା ଆଉ ହିନ୍ଦୁଘରର ସଂସ୍କୃତିକୁ ପୋଡ଼ି ପକେଇଲା ଏହି ଟୋକାଟା ।

ଚିତ୍କାର କରି କାନ୍ଦିବାକୁ ଇଚ୍ଛାହେଲା ରମାକାନ୍ତଙ୍କର । ସେ ଆଉ ଘରୁ ବାହାରିଲେନି । ନିଜ ପେନସନ୍ ଟଙ୍କାଟା ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ ଝଲି ଆସୁଥିବାରୁ ବଡ଼ପୁଅ ବିଶ୍ୱରଞ୍ଜନ ଏ.ଟି.ଏମ୍. ସାହାଯ୍ୟରେ ସେଇଟିକୁ ଉଠେଇ ଆଣୁଥିଲା । ଘରଦ୍ୱାର, ଚାଷବାସ, ହାଟବାଟ ସବୁ ଦାୟିତ୍ୱ ବିଶ୍ୱରଞ୍ଜନ ଉପରେ । ଆହାଃ ହୀରାଖଣ୍ଡକ ପରା । ସ୍ୱତଃ ରମାକାନ୍ତ ବିଳିବିଳେଇ ହେଉଥିଲେ ।

ଖୁବ୍ ଧାଁ ଧପଡ଼ କରି ନିଜ ଭଉଣୀଟାର ବିଭାଘର ସାରିଦେଲା ବିଶ୍ୱରଞ୍ଜନ ଝିଅ ବିଦାହେବା ଦିନ ବିଶ୍ୱରଞ୍ଜନକୁ କୁଣ୍ଢେଇ ଧରି ବହେ କାନ୍ଦିଥିଲେ ରମାକାନ୍ତ । କହିଥିଲେ - "ବାପା ତୁ ମୋ' ଝିଅଟାକୁ ଉଦ୍ଧାର କରିଦେଲୁ । ମୁଁ ତୋ' ପାଖରେ ଋଣୀ ବାପା ।" ପାଖରେ ଥିବା ନିର୍ମଳା କହିଲା - "ଆପଣ ଏ କି କଥା କହୁଛନ୍ତି ବାପା ? ଆପଣଙ୍କ ଝିଅପରା ୟାଙ୍କର ଭଉଣୀ । ତାଙ୍କ ଦାୟିତ୍ୱ ସେ ତୁଲେଇଛନ୍ତି ।"

ନିଜ ଝିଅ ବିଭାଘର ପରେ ପରେ ଖୁବ୍ ଆଶ୍ୱସ୍ତ ହୋଇଥିଲେ ରମାକାନ୍ତ ସ୍ୱାଇଁ । ତାଙ୍କ ଅବସର ଜୀବନରେ ତାଙ୍କ ଝିଅ ବିଭାଘରଟା ତାଙ୍କ ପାଇଁ ଥିଲା ବଡ଼ ସାର୍ଥକତା ।

ବଡ଼ଭଉଣୀ ଥାଉ ଥାଉ ସାନଭାଇଟା ବିବାହ କରି ପଳେଇବା ଶକ୍ତଧକ୍କାରୁ ସେ କିଛିଟା ବର୍ତ୍ତୀ ଯାଇଥିଲେ । ଛିଡ଼ିପଡ଼ିଥିବା ସମ୍ପର୍କର ସୂତାଖିଅଟା କିଛି ମାତ୍ରାରେ ଯୋଡ଼ିଯାଇଥିଲା ।

ଦିନେ ହଠାତ୍ ସାନପୁଅ ମନୋରଞ୍ଜନ ଠାରୁ ତା' ମା' ସ୍ନେହମୟୀ ପାଖକୁ

ଫୋନ୍ ଆସିଲା । କନ୍ନଡ଼ ଝିଅଟାକୁ ମନେ ମନେ ବିବାହ କରି ସମସ୍ତଙ୍କୁ ଭୁଲିଯାଇଥିବା ମନୋରଞ୍ଜନ ଆଜି ତା' ମା' ପାଖକୁ ଫୋନ୍ କରିଛି । ଫୋନ୍‌ରେ ବି ବହେ କାନ୍ଦିଛି ସେ । କ'ଣ ନା ସେହି କନ୍ନଡ଼ ଝିଅଟା ମନୋରଞ୍ଜନକୁ ଛାଡ଼ି ଆଉ ଗୋଟିଏ କନ୍ନଡ଼ ପୁଅ ସହିତ କୁଆଡେ ଚାଲିଯାଇଛି ।

ଏକଥା ଶୁଣି ମା' ସ୍ନେହମୟୀ ଖୁବ୍ ଅଥୟ । ସାନପୁଅ ପାଖକୁ ଯିବା ପାଇଁ ବ୍ୟସ୍ତ । ଏକଥା ଶୁଣି ଗର୍ଜନ କରିଥିଲେ ରମାକାନ୍ତ । ନୀତିଭ୍ରଷ୍ଟ ପୁଅଟାକୁ ଭୁଲିଯିବାକୁ ଉପଦେଶ ଦେଇଥିଲେ । ନିଜର ବଡ଼ଭଉଣୀର ବିଭାଘର ଆଗରୁ ନିଜଠାରୁ ତିନିବର୍ଷ ବଡ଼ ଜଣେ ବୟସ୍କା ଝିଅକୁ ମନେ ମନେ ବିବାହ କରିଥିବା ପୁଅଟାକୁ ମନରୁ ପୋଛିଦେବା ପାଇଁ କହିଥିଲେ ରମାକାନ୍ତ ।

ଜୀବନ ଯୁଦ୍ଧରେ ପରାଜିତ, ଅସହାୟ, ଅପମାନିତ, ନିଃସ୍ୱ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ସ୍ୱାଇଁଙ୍କ ଖର ନିଃଶ୍ୱାସ - ଝାଞ୍ଜିର ଭଷ୍ମତା ଅନେକବାର ସ୍ନେହମୟୀଙ୍କୁ ସ୍ପର୍ଶ କରିଥିଲେ ହେ ମା' ମନଟା କାହିଁକି କେଜାଣି ଜମା ବୁଝୁନଥିଲା । ସେ କାନ୍ଦୁଥିଲେ ଗୁମୁରି ଗୁମୁରି । ଲୁହ ପୋଛୁଥିଲେ ଲୁଚେଇ ଲୁଚେଇ ।

ବାରମ୍ବାର ଫୋନ୍ କରି ତା' ପାଖକୁ ଯିବା ପାଇଁ ତାଙ୍କୁ ଡାକୁଥିଲା ସାନପୁଅ ମନୋରଞ୍ଜନ; ହେଲେ ସ୍ୱାମୀଙ୍କ ଡରରେ ସେ ମୁହଁଖୋଲି ପାରୁନଥିଲେ । ନିଜ ଭିତରେ ଅନେକଥର ଧ୍ୱସ୍ତ ବିଧ୍ୱସ୍ତ ମନଟା ତାଙ୍କର ଚାଣିହୋଇ ଯାଉଥିଲା ସାନପୁଅ ମନୋରଞ୍ଜନ ଆଡେ ।

ନିଜ ଜିଦ୍‌ରେ ଅଟଳ ନୀତିନିଷ୍ଠ ରମାକାନ୍ତ ଭାବନାର ଭିତରେ ହଜିଯାଇଥିବା ଆବରା ଖାବରା ଅତୀତଟାକୁ ଅଣ୍ଡାଳୁଥିଲେ । ***ସେ କଷ୍ଟରେ ତିଆରି କରିଥିବା ଏହି ପରିବାରର ମିନାରଟାକୁ ତାଙ୍କର ମଝିଆଁ ପୁଅ ସତ୍ୟରଞ୍ଜନ ଆଉ ସାନପୁଅ ମନୋରଞ୍ଜନ ଅନୀତିର ବୁଲ୍‌ଡୋଜରରେ ଭାଙ୍ଗିରୁଜି ଚୁରମାର କରିଦେଇଛନ୍ତି ।*** ସମ୍ପର୍କର ଜରମୁଦଦିଆ ବନ୍ଧନକୁ ଛିଡେଇ ଦେଇଛନ୍ତି ଏ ଦି'ଜଣ । ବଡ଼ ପୁଅଟା ପାଇଁ ଯାହା ତାଙ୍କ ଝିଅଟା ବା' ହେଇପାରିଲା । ସାତ ଏକର ଜମିର ସଠିକ୍ ବେଉଷଣ ହୋଇପାରୁଛି । ତାଙ୍କ ସଂସାରଟା ଚାଲିଛି ଶୃଙ୍ଖଳାର ଶଗଡ଼ଗୁଳା ।

ସେଦିନ ମେଲାଘରେ ଖବର କାଗଜ ପଢୁଥିଲେ ରମାକାନ୍ତ । କେମିତି

ଧଇଁସଇଁ ହୋଇ ସେଠାରେ ପହଞ୍ଚିଲା ମଝିଆଁ ପୁଅ ସତ୍ୟରଞ୍ଜନ । ବାପାଙ୍କ ପାଦ ଛୁଇଁ ପ୍ରଣାମ କଲା ।

ମୁଣ୍ଡ ଟେକି ମଝିଆଁପୁଅ ଆଡେ ଚାହିଁଲେ ରମାକାନ୍ତ । ତାଙ୍କ ତୀକ୍ଷ୍ଣ ଦୃଷ୍ଟିର ତେଜରେ କେମିତି ହଡ଼ବଡେଇ ଗଲା ସତ୍ୟରଞ୍ଜନ । ଦୋଷୀଟା ଭଳି ମେଲାର ଗୋଟିଏ କୋଣରେ ଛିଡ଼ାହୋଇ ରହିଲା ସେ ।

ରମାକାନ୍ତ ପ୍ରଶ୍ନକଲେ :- "ତୁମେ ବାବୁ କିଏ ? ତୁମର ମୋ' ପାଖରେ କାମ କ'ଣ ?"

ଉତ୍ତର ରଖିଲା ସତ୍ୟରଞ୍ଜନ - "ମୋତେ କ'ଣ ଆପଣ ଚିହ୍ନିପାରୁ ନାହାଁନ୍ତି ବାପା ? ମୁଁ ପରା ଆପଣଙ୍କ ମଝିଆଁ ପୁଅ ସତ୍ୟରଞ୍ଜନ ।"

"ମୋର ମାତ୍ର ଗୋଟିଏ ପୁଅ ବାବୁ । ତା' ନାଁ ବିଶ୍ୱରଞ୍ଜନ । ମୋର ଗୋଟିଏ ବୋଲି ଝିଅ ତା' ନାଁ ପ୍ରିୟମ୍ବଦା । ତୁମେ ଏଠୁ ଚାଲିଯାଇପାର ବାବୁ ।"

ନଛୋଡ଼ ବନ୍ଧା ସତ୍ୟରଞ୍ଜନ ଦମ୍ଭବାନ୍ଧି ଉଚ୍ଚ ସ୍ୱରରେ କହିଲା - "ମୁଁ ଆମର ପୈତୃକ ସମ୍ପତ୍ତିରୁ ଭାଗ ନେବାକୁ ଆସିଛି ବାପା । କମ୍ପାନୀର ମୋ' ଉପରେ କୋଡ଼ିଏ ଲକ୍ଷ ଟଙ୍କା ଚାପ । ଶୀଘ୍ର କମ୍ପାନୀ ଟଙ୍କାଟା ପଇଠ ନକଲେ ମୋତେ ଜେଲ୍ ହୋଇଯିବ ବାପା । ମୋ' ଭାଗଟା ଅନ୍ୟ କାହାରିକୁ ବିକି ମୁଁ କମ୍ପାନୀ ଟଙ୍କାଟା ପଇଠ କରିଦେବି ।"

ଏଥର ରମାକାନ୍ତଙ୍କର କ୍ରୋଧଟା ଚରମ ସୀମାକୁ ଚାଲିଗଲା । ସେ ବସିଥିବା ଚେୟାରରୁ ଉଠିପଡ଼ି ଗର୍ଜନ ତର୍ଜନ କଲେ । 'ଯେତେ ଶୀଘ୍ରପାର ଏଠାରୁ ଚାଲିଯା' । ମୁଁ ତୋତେ ଚିହ୍ନେନା, ଜାଣେନା । ମୋ' ସମ୍ପତ୍ତିରେ ତୋର କାଣିଚାଏ ଭାଗ ନାହିଁ ।"

ରମାକାନ୍ତଙ୍କର ଚିତ୍କାର ଶୁଣି ଭିତର ଘରୁ ଧାଇଁ ଆସିଲେ ସ୍ନେହମୟୀ ଆଉ ନିର୍ମଳା । ରମାକାନ୍ତଙ୍କର ଉଗ୍ରମୂର୍ତ୍ତି ଦେଖି ସେମାନେ ବି ଡରିଯାଇଥିଲେ ।

ସତ୍ୟରଞ୍ଜନକୁ ଦେଖି ତା' ପାଖକୁ ଧାଇଁ ଆସୁଥିଲେ ସ୍ନେହମୟୀ ।

ତାଙ୍କ ପାଟିରୁ ସ୍ୱତଃ ବାହାରି ପଡ଼ିଲା :- "ଆରେ ବାପା ସତ୍ୟ ତୁ କେତେବେଳେ ଆସିଲୁ ?"

ସ୍ନେହମୟୀଙ୍କୁ ଅଟକେଇ ଦେଲେ ରମାକାନ୍ତ । "ସେଇଟି ଠିଆ ହୁଅ । ତା'

ପାଖକୁ ତୁମେ ଯାଇପାରିବନି । ତା' ଭଳି ଜଣେ ଅସ୍ପୃଶ୍ୟକୁ ତୁମେ ବି ଛୁଇଁପାରିବନି । ତାକୁ କହିଦିଅ ସେ ଯେତେ ଶୀଘ୍ର ପାରେ ଏଠାରୁ ଚାଲିଯାଉ ।"

ନିର୍ମଳା ପଚାରିଲା - "କ'ଣ ହେଲାକି ବାପା । ଯା' ହେଲେ ବି ସତ୍ୟ ଆପଣଙ୍କର ପୁଅ । ସେ ନିଶ୍ଚୟ ନିଜର ଭୁଲ ବୁଝି ପୁଣି ଆପଣଙ୍କ ପାଖକୁ ଆସିଛନ୍ତି ।"

"ସେ କିଛି ହେଲେ ବୁଝିନି । ମୋ' ତତ୍ତ୍ୱାବଧାନରେ ଥିବା ପୈତୃକ ସମ୍ପତ୍ତିରେ ଭାଗ ବସେଇବାକୁ ଆସିଛି । ନିଜ ଭାଗ ବିକ୍ରି କରି ତୋଷାରପାତ କରିଥିବା କମ୍ପାନୀର କୋଡ଼ିଏ ଲକ୍ଷ ଟଙ୍କା ଶୁଝିବ ।"

ବିସ୍ମୟ ବିସ୍ଫାରିତ ଆଖିରେ ଚାହିଁଥିଲେ ସ୍ନେହମୟୀ ଆଉ ନିର୍ମଳା । କହି ଚାଲିଲେ ରମାକାନ୍ତ - "ଶ୍ୱଶୁରର କୋଠା, ଶଳାର ଭେରାଇଟ୍ ଷ୍ଟୋର ଆଉ ଶାଳୀର ବିଭାଘରର ଖର୍ଚ୍ଚର ଭରଣା କରିବାରେ ତା'ର ଦରମାଟା ଯଥେଷ୍ଟ ହୋଇନି ସ୍ନେହମୟୀ । ତୁମର ପୁତ୍ରମଣି ବାଧ୍ୟହୋଇ କମ୍ପାନୀ ଆକାଉଣ୍ଟରୁ କୋଡ଼ିଏ ଲକ୍ଷ ଟଙ୍କା ତୋଷାରପାତ କରିଛି । ଶୀଘ୍ର ପଇଠ ନକଲେ ତାକୁ ଜେଲ ହୋଇଯିବ ।"

ସତ୍ୟରଞ୍ଜନ କହିଲା - "ପ୍ରିୟମ୍ବଦାର ବିଭାଘରରେ ତ ଆପଣ ମୋତେ ଡାକିଲେ ନାହିଁ ।"

ଉତ୍ତେଜିତ ହୋଇପଡ଼ିଲେ ରମାକାନ୍ତ - "ଶାଳୀ ବିଭାଘରରେ ଯୋଗଦେଇ ନିଜ ଗାଁଠାରୁ ମାତ୍ର ତିନି କିଲୋମିଟର ଦୂର ଶ୍ୱଶୁରଘରୁ ପୁଣି ମୁମ୍ବାଇ ଫେରିଯାଇଥିବା କୃତଘ୍ନ ପୁଅଟାକୁ ମୁଁ ମୋ' ଝିଅ ବିଭାଘରରେ କ'ଣ ପାଇଁ ଡାକିଥାନ୍ତି ? କ'ଣ କୁଣିଆଁ ଭୋଜନ ପାଇଁ ନା ଆଉ କିଛି ?"

"ଦେଖନ୍ତୁ ବାପା, ଆପଣ କିଛି ବ୍ୟବସ୍ଥା ନକଲେ ମୋତେ ଜେଲ୍ ହେଇଯିବ ।" ସତ୍ୟରଞ୍ଜନ ସ୍ୱରରେ କାକୁତି । "କାହିଁ ତୋ' ଶଳା ଶ୍ୱଶୁର ନାହାଁନ୍ତି କି ? ଆରେ ସେମାନଙ୍କ ଠାରୁ ଟଙ୍କାନେଇ କମ୍ପାନୀ ଟଙ୍କା ଶୁଝିଦେ । ସେ ସବୁ ଟଙ୍କା ତ ସେହିମାନଙ୍କ କାମରେ ଲାଗିଛି ।"

ଏହି ସମୟରେ ସେଠାରେ ପହଞ୍ଚିଥିଲା ବିଶ୍ୱରଞ୍ଜନ । ବଡ଼ଭାଇକୁ ଦେଖି ଭୋ' ଭୋ' ହୋଇ କାନ୍ଦୁଥିଲା ସତ୍ୟରଞ୍ଜନ ।

ସତ୍ୟରଞ୍ଜନର ପିଠି ଥାପୁଡେଇ କହିଲା ବିଶ୍ୱରଞ୍ଜନ :- "ବ୍ୟସ୍ତହଅନା, ମୁଁ

ତୋ' ସାଙ୍ଗ ପ୍ରଭଞ୍ଜନ ଠାରୁ ସବୁ ଶୁଣିସାରିଛି । ତୋତେ ମୁଁ କୋଡ଼ିଏ ଲକ୍ଷ ଟଙ୍କା ଦେବି । ତୁ କମ୍ପାନୀର ଟଙ୍କାଟା ଶୁଝିଦେବୁ ।

ନିର୍ମଳା ଓଠରେ ମିଠାହସ । ସ୍ନେହମୟୀ କେମିତି ଆଶ୍ୱସ୍ତ ଚାହାଣିରେ ଦେଖୁଥିଲେ ନିଜ ବଡ଼ପୁଅ ବିଶ୍ୱରଞ୍ଜନକୁ ।

କହିଲେ ରମାକାନ୍ତ - "ସେଇଟା କେବଳ ଗୋଟାଏ ସର୍ତ୍ତରେ ହେବ । ସମସ୍ତ ପୈତୃକ ସମ୍ପତ୍ତି ଉପରେ ସତ୍ୟର ଯାହା ଭାଗଅଛି ସେଇଟିକୁ ନେଇ ସତ୍ୟକୁ ତୋ' ସପକ୍ଷରେ ଗୋଟାଏ ରେଜିଷ୍ଟ୍ରେଡ୍ ଡିଡ୍ ଅଫ୍ ରିଲିନ୍‌କ୍ୟୁଇମେଣ୍ଟ କରିଦେବାକୁ ହେବ । ଦ୍ୱିତୀୟବାର ମୁଁ ଏହି ଗାଁ ମାଟିରେ ସତ୍ୟର ମୁହଁ ଦେଖିବାକୁ ଚାହେଁନା । ସମ୍ପର୍କର ମୂଲ୍ୟ ବୁଝୁନଥିବା ପୁଅମାନଙ୍କର ପୈତୃକ ସମ୍ପତ୍ତି ଉପରେ କୌଣସି ଦାବୀ ନରହିବା ଉଚିତ୍ ।"

ମୁହଁ ତଳକୁ କରି ଠିଆ ହୋଇ ଥିଲା ସତ୍ୟରଞ୍ଜନ । କେମିତି ଗୋଟାଏ ଗ୍ଲାନିରେ ସେ ସଢୁଥିଲା । ନିଜ ପୈତୃକ ଘରେ ଠିଆହୋଇ ଥିଲେ ବି ଯେମିତି ଭାଙ୍ଗିଯାଇଥିଲା । ତାର ସମସ୍ତ ଦମ୍ଭ ଆଉ ଜିଜୀବିଷା ।

ଯେଉଁମାନେ ଦିନେ ତାକୁ ଶୋଷିଲେ ଜୋକ ଭଳି, ତା'ର ଅସୁବିଧା ସମୟରେ ସେମାନେ ଆଜି ତା' ପାଖରେ ନାହାଁନ୍ତି ବରଂ ଯେଉଁମାନଙ୍କ ସହିତ ସେ ସମ୍ପର୍କ ତୁଟେଇ ଦେଇଥିଲା ସେମାନେ ଆଜି ତାକୁ ଆପଣେଇ ନେଇଛନ୍ତି ନିବିଡ଼ ଆଶ୍ଳେଷରେ ।

ଚାନ୍ଦବାଲି, ଭଦ୍ରକ

ଦୂରଭାଷ : ୯୪୩୮୪୬୩୮୧୧

❐❐❐

ଶୂନ୍ୟାବର୍ତ୍ତ

● **ଶ୍ରୀ ଭଗବାନ ଚନ୍ଦ୍ର ନାୟକ**



ଅଫିସର ସମସ୍ତ ଦାୟିତ୍ୱ ହସ୍ତାନ୍ତର କରି ଅବସର ଗ୍ରହଣର ଚିଠିଟି ହାତରେ ଧରି ନିଜ କ୍ୱାର୍ଟରକୁ ଫେରି ଆସିଲେ ମିସ୍ ରାୟ । ମିସ୍ ସୁପ୍ରଭା ରାୟ ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ସୁପ୍ରଭା ରାୟ । ଖୁବ୍ ଅବସନ୍ନ ଦେଖାଯାଉଥିଲେ ସେ । ଡ୍ରଇଂ ରୁମ୍‌ରେ ପହଞ୍ଚି ନିଜର ଅବଶ ଦେହଟିକୁ ଢ଼ାଳିଦେଲେ ସୋଫା ଉପରେ । ବେଡ୍ ରୁମ୍‌କୁ ଯାଇ ପୋଷାକ ପରିବର୍ତ୍ତନ କରିବା କିମ୍ବା ଟିକେ ରିଫ୍ରେସ୍ ହେବାକୁ ହଠାତ୍ ତାଙ୍କର ଇଚ୍ଛା ହେଲା ନାହିଁ । ସୋଫା ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ବସି ରହି ସେ ଭାବୁଥିଲେ...

ଭାବୁଥିଲେ ନିଜ ଜୀବନର ସୁଦୀର୍ଘ ଅଠାବନ ବର୍ଷର କଥା ।

ଅଠାବନ ବର୍ଷ !

କେମିତି ଯେ ବିତିଗଲା ଏହି ସୁଦୀର୍ଘ ସମୟ ! !

ସମୟର ଆବର୍ତ୍ତରେ ସେ ଘୂରିଛନ୍ତି । ଭଉଁରୀ କାଟି ଆଗକୁ ଚାଲିଛନ୍ତି । ପଛକୁ ଚାହିଁ ନାହାନ୍ତି । ପଛରେ ଛାଡ଼ି ଆସିଥିବା ଅନେକ ସ୍ମୃତି କେବଳ ସ୍ମୃତି ଭିତରେ ରହିଯାଇଛି । ମନ ଉପରେ ତାର ଗଭୀର ଦାଗକୁ ଜୋର କରି ଲିଭାଇ ଦେବାକୁ, ଭୁଲି ଯିବାକୁ ଚେଷ୍ଟା କରି ଆସିଛନ୍ତି ସେ ।

ସବୁବେଳେ ନିଜର କର୍ମକ୍ଷେତ୍ରରେ ଏବଂ ଅବସର ମୁହୂର୍ତ୍ତରେ ଗୃହ କର୍ମରେ ନିଜକୁ ବ୍ୟାପୃତ ରଖି ଭୁଲି ଯାଇଛନ୍ତି ସେ ନିଜକୁ, ଅତୀତର ସ୍ମୃତିକୁ ଓ ଭବିଷ୍ୟତର ସ୍ଥିତିକୁ ।

ଆଜି ଅବସର ଗ୍ରହଣ ପରେ ହଠାତ୍ ତାଙ୍କ ମନରେ ଉଙ୍କିମାରୁଛି ସେଇ ଅତୀତ । ଚେଇଁ ଉଠୁଛି ସେଇ ସ୍ମୃତି । ଅନେକ କଥା ମଣିଷ ଭୁଲିବାକୁ ଚେଷ୍ଟା କରି

ବି ଭୁଲି ପାରେନା । ମନ ଦର୍ପଣରେ ତାର ପ୍ରତିଫଳନ ହୁଏ ଅଚାନକ, ଅପ୍ରତ୍ୟାଶିତ ଭାବରେ ।

ଟି.ଭି.ର ସୁଇଚ୍ ଅନ୍ କଲେ ସୁପ୍ରଭା । ଏହା ଭିତରେ ସିରିଏଲଟିଏ ଆରମ୍ଭ ହୋଇଯାଇଛି । ଟି.ଭି. ପରଦା ଉପରେ ଭାସି ଉଠିଲା ଏକ ପାରିବାରିକ ଚିତ୍ର । ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରୀ ପୁଅକୁ ଏରୋଡ୍ରମରେ ବିଦାୟ ଦେବାକୁ ଆସିଛନ୍ତି ବାପା-ମା, ଥାପୁଡ଼େଇ ଦେଉଛନ୍ତି । ମୁହଁରେ ତାଙ୍କର ସଫଳ ପିତୃତ୍ୱର ମଧୁର ସ୍ମିତହାସ୍ୟର ରେଖାଟିଏ ଫୁଟି ଉଠିଛି । ମା' କୋଳେଇ ନେଉଛି ପୁଅକୁ । ଆଖିରେ ଲୁହ । ମୁହଁରେ ହସ । ପୁଅ ପୋଛି ଦେଉଛି ମା'ର ଆଖିର ଲୁହକୁ । ଦରଫୁଟା ଗୋଲାପ କଢ଼ି ପରି କିଶୋରୀଟି ଭାଇକୁ ତାର ପ୍ରଣାମ କରୁଛି । ଭାଇ ସ୍ନେହରେ କୋଳେଇ ନେଉଛି ଭଉଣୀକୁ । ମାଇକ୍ରୋଫୋନ୍‌ରେ ନାମ ଘୋଷଣା ହେଉଛି । ଯୁବକଟି ଆଗେଇ ଯାଉଛି ପ୍ଲେନଆଡ଼େ ।

ପାଖର କଟ୍ ଅଫ୍ ପାଇଁ ବିଜୁ ସରବରାହ ବନ୍ଦ ହୋଇଗଲା । ସୁଇଚ୍ ଅଫ୍ କଲେ ସୁପ୍ରଭା । ତାଙ୍କ ଆଖି ଆଗରେ ନାଚି ଉଠୁଥିଲା ସେଇ ସୁଖୀ ପରିବାରଟିର ଚିତ୍ର । ମାତୃତ୍ୱର ବିମଳ ଦୀପ୍ତିରେ ଦୀପ୍ତିମନ୍ତ ସେଇ ନାରୀଟିର ଛବି ।

ସେ ବି ଚାହିଁଥିଲେ ସେମିତି ମା'ଟିଏ ହେବାକୁ ।

ଭାଗ୍ୟର ବିଡ଼ମ୍ବନା .....

କୃତ କର୍ମର ଫଳ .....

ସେ କିନ୍ତୁ ରହିଗଲେ ମିସ୍ ରାୟ ହୋଇ ।

ମିସ୍ ସୁପ୍ରଭା ରାୟ । ମିସେସ୍ ନୁହେଁ । କେବଳ ମିସ୍ ..... ମିସ୍.....

ଶ୍ରୀମତୀ ବା ମିସେସ୍ ସୁପ୍ରଭା ରାୟ ବୋଲି ଲେଖାଥିବା ଚିଠି କେତେ ବେଳେ କେମିତି ସ୍କୁଲ୍ ଡାକରେ ଆସିଲେ ବିରକ୍ତି ପ୍ରକାଶ କରୁଥିଲେ ସୁପ୍ରଭା । ଚିଡ଼ି ଉଠୁଥିଲେ ମନେମନେ । ଆଜି କିନ୍ତୁ ସେଇ ଶବ୍ଦଟି ପାଇଁ ମନ ତାଙ୍କର ଯେପରି ବ୍ୟାକୁଳ ହେଇ ଉଠୁଛି । ହୃଦୟର କୋଣ ଅନୁକୋଣ ଯେପରି କ୍ରନ୍ଦିତ ହୋଇ ଉଠୁଛି । ଏକ ଆହତ ସ୍ୱରର ମୂର୍ଚ୍ଛନାରେ ସତେ ଯେମିତି ମୂର୍ଚ୍ଛିତ ହେଇ ଉଠୁଛି ତାଙ୍କର ସମଗ୍ର ସତ୍ତା ।

ସେ କ'ଣ ମିସେସ୍ କିମ୍ବା ଶ୍ରୀମତୀ ସୁପ୍ରଭା ରାୟ, ପଟ୍ଟନାୟକ, ନାୟକ, ଦାସ କିମ୍ବା ଆଉ କିଛି ହୋଇ ପାରିନଥାନ୍ତେ ? ତାଙ୍କର କ'ଣ ଇଚ୍ଛା ନ ଥିଲା ଏକ କ୍ଷୁଦ୍ର ଗୃହର ଅଙ୍ଗନ ? ଏକ ସୁଖୀ ପରିବାର ? ସ୍ୱାମୀ ଓ ସନ୍ତାନ - ସନ୍ତତି ସହିତ ଏକ ପରିପୂର୍ଣ୍ଣ ମାତୃତ୍ୱ ? ? ?

ଥିଲା । କିନ୍ତୁ ହେଲା କ'ଣ ?

ମୁଣ୍ଡଟା ହଠାତ୍ ଭୀଷଣ ଭାବେ ବିନ୍ଧି ଉଠିଲା ସୁପ୍ରଭାଙ୍କର । ନିଜ ପାଇଁ ଚା' କପେ ଏଥର ତାଙ୍କୁ ନିଜେଇ କରିବାକୁ ହେବ । ନିଜ ଘର କାମ କରିବାକୁ ଅବଶ୍ୟ ଅନ୍ୟ ଉପରେ ନିର୍ଭର କରିବାକୁ ସେ ପସନ୍ଦ କରୁନଥିଲେ, କିନ୍ତୁ ଅତି ବିଶ୍ୱସ୍ତତାର ପ୍ରମାଣ ଦେବାକୁ ଯେଉଁମାନେ ତାଙ୍କର ଆଦେଶକୁ ଅପେକ୍ଷା ନ ରଖି ବେଳେବେଳେ ଆସି ରୋଷେଇବାସ ଆଦି କାମରେ ତାଙ୍କୁ ସାହାଯ୍ୟ କରୁଥିଲେ, ସକାଳେ, ସନ୍ଧ୍ୟାରେ ଏବଂ ମଧ୍ୟାହ୍ନରେ ଆବଶ୍ୟକତା ମତେ ଚା' ପ୍ରସ୍ତୁତ କରି ତାଙ୍କ ଟେବୁଲ ଉପରେ ରଖୁଥିଲେ ଏତେବେଳେ ଯାଏ ସେମାନଙ୍କର କାହାରି ଟିକେ ଦେଖା ବି ନାହିଁ । ହୁଏତ ସେମାନେ ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କ ପାଖରେ ଭିଡ଼ ଜମାଇଥିବେ । ତାଙ୍କୁ ସନ୍ତୁଷ୍ଟ କି ତାଙ୍କର ଶୁଭଦୃଷ୍ଟି ଆକର୍ଷଣ କରିବାରେ ପ୍ରୟାସ ଜାରି ରଖିଥିବେ ।

ସୁପ୍ରଭାଙ୍କ ପାଖରେ ତାଙ୍କର ଆବଶ୍ୟକତା ଶେଷ ହୋଇଯାଇଛି । ସେମାନଙ୍କ ଗୁପ୍ତ ଚରିତ୍ରପଞ୍ଜିକାରେ ଉତ୍ତମ ମନ୍ତବ୍ୟ ସହ ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ହସ୍ତାନ୍ତର କରି ଆସିଛନ୍ତି ସୁପ୍ରଭା ।

ଘରଟା ଆଜି ଭୀଷଣ ନିଶୂନ, ଖୁବ୍ ନିର୍ଜନବୋଧ ହେଉଛି ତାଙ୍କୁ । ବେଡ଼ରୁମ୍ ଭିତରକୁ ଯିବାକୁ ଯେପରି ଭୟ ଲାଗୁଛି । ତାଙ୍କର ଇଚ୍ଛା ହେଉଛି ବିଛଣାରେ ଲୋଟି ଯିବାକୁ ଏବଂ ସେଇ ଅବସ୍ଥାରେ ତାଙ୍କର ଭାରି ଇଚ୍ଛା ହେଉଛି ଶୁଣିବାକୁ- 'ସୁପ୍ରଭା ! ଏ ଅବେଳଟାରେ ଶୋଇଲ ଯେ, କ'ଣ ଦେହ ଭଲ ଲାଗୁନି ? ତା'ପରେ ସୁପ୍ରଭା ଅନୁଭବ କରନ୍ତେ ଏକ ପ୍ରେମ ପୂର୍ଣ୍ଣ ସ୍ପର୍ଶ ତାଙ୍କ ଦେହରେ । ରୋମାଞ୍ଚିତ ହୋଇ ଉଠନ୍ତା ତାଙ୍କ ଶରୀର । ନଇଁ ଆସନ୍ତା କାହାର ଚିବୁକ ତାଙ୍କର ଚିବୁକ ସ୍ପର୍ଶ କରିବା ପାଇଁ । ସୁପ୍ରଭା କୃତ୍ରିମ ବିରକ୍ତି ପ୍ରକାଶ କରି କହନ୍ତେ- "ରୁହମ, କିଏ ଦେଖିଲେ କ'ଣ ଭାବିବ କହିଲ ? ଏ ବୟସରେ ..."

ତାପରେ ....।

ତା'ପରର ମୋହ ଭଙ୍ଗ ସ୍ମୃତି ସୁପ୍ରଭାଙ୍କ ପାଇଁ ଥିଲା ଏକାଂତ ଗୋପନୀୟ ଓ ବେଦନା ଦାୟକ। ତୃଷାର ଆବେଗରେ ଏକାଧିକବାର ଜଳପାନର କାମନା କରି ସେ ହତାଶ ହେଇଛନ୍ତି। ଖୁବ୍ ଶୀଘ୍ର ସେ ଅନୁଭବ କରିଛନ୍ତି ଯେ, ସେ ସବୁ ଜଳ ନୁହେଁ ମରୀଚିକା। ମରୀଚିକା ପଛରେ ଧାଇଁବାର ଯେଉଁ ନିଶା ଦିନେ ଥିଲା ତାହା କଟି ଯାଇଛି। ଆଉ ନୁହେଁ। ସ୍ୱପ୍ନ ରାଜ୍ୟରୁ ଫେରି ଆସି ବାସ୍ତବମୁଖୀ ହେଲା ପରେ ସୁପ୍ରଭା ଦେଖନ୍ତି ବୟସର ସିଡ଼ିରେ ସେ ଅନେକ ଉପରକୁ ଉଠି ସାରିଛନ୍ତି। ସେହି ଦିନଠୁଁ ସଂସାର ପ୍ରତି, ପୁରୁଷମାନଙ୍କ ପ୍ରତି ତାଙ୍କର ଗଭୀର ବିତୃଷ୍ଣା ଓ ଘୃଣା। ପୁରୁଷମାନଙ୍କ ପ୍ରତି ସେ ବିଶେଷ ରୁକ୍ଷ ଓ କଠୋର। ଏଥିପାଇଁ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ତଥାପି ତାଙ୍କର ପରିବର୍ତ୍ତନ ହୋଇନାହିଁ।

ସମୟର ଆବର୍ତ୍ତ ଭିତରେ ଘୂରି- ଘୂରି, ଭାସି- ଭାସି ସେ ଚାଲିଛନ୍ତି। ଥକି ଯାଇନାହାନ୍ତି। ଅଟକି ନାହାନ୍ତି। ଭାଙ୍ଗି ପଡ଼ି ନାହାଁନ୍ତି। ଚାଲିଛନ୍ତି। ଆହୁରି କେତେ ବାଟ, କେତେ ବର୍ଷ ଏମିତି ଏକା ଏକା ଯିବାକୁ ହେବ କିଏ ଜାଣେ, କିଏ କହିବ??

ସୁପ୍ରଭାଙ୍କ ଆଖି ଆଗରେ ସତେ ଯେପରି ଭାସି ଉଠୁଛି ଏକ ବିରାଟ ଆବର୍ତ୍ତ। ମହାଶୂନ୍ୟତାରେ ତାର ପରିଧି ଯେପରି ବ୍ୟାପକରୁ ବ୍ୟାପକତର ହୋଇ ଉଠୁଛି। ଆଉ ତା'ରି ଭିତରେ ଯେପରି ଦୁନିଆର ସବୁ କିଛି ହଜିଯାଉଛି, ଲୀନ ହୋଇ ଯାଉଛି। ସେହି ଶୂନ୍ୟାବର୍ତ୍ତ ଯେପରି ତାଙ୍କର ନିକଟରୁ ନିକଟତର ହୋଇ ଆସୁଛି। ସୁପ୍ରଭା ହଜି ଯାଉଛନ୍ତି ତା'ରି ଭିତରେ। ସେଥିରୁ ମୁକୁଳି ଆସିବାର ଉପାୟ ନାହିଁ। ସେ କର ପ୍ରସାରଣ କରୁଛନ୍ତି, ସାହାରା ପାଇଁ, କିନ୍ତୁ କେହି ନାହାନ୍ତି। ସେ ଏକା।

ସୁପ୍ରଭା ଆଖି ବନ୍ଦ କଲେ। ଆଖି କୋଣ ଦେଇ ଝରି ଆସିଲା ଦୁଇଧାର ଲୁହ।

ସଭାପତି, ଲେଖକ ସାଂସ୍କୃତିକ,ତିହିଡ଼ି, ଭଦ୍ରକ

ଭ୍ରାମ୍ୟଭାଷା: ୮୯୮୪୫୦୧୭୭୦

❐❐❐

ଦୀର୍ଘ ନିଃଶ୍ୱାସଟିଏ ବାହାରି ଆସିଲା ସୁପ୍ରଭାଙ୍କ ପଞ୍ଜରା ଥରାଇ।

ବ୍ୟାଙ୍କରେ ଯେଉଁ ଅର୍ଥ ତାଙ୍କ ନାମରେ ଜମା ରହିଛି, ଗାଡ଼ୁଇଟି, ପ୍ରୋଭିଡେଣ୍ଟ ଫଣ୍ଡରୁ ଯେଉଁ ଅର୍ଥ ସେ ପାଇବେ ସେଥିରେ ଅବଶିଷ୍ଟ ଜୀବନ ତାଙ୍କର ବେଶ୍ ଆରାମରେ କଟି ଯାଇପାରିବ। ତାପରେ ପେନସନ୍ ବି ଅଛି। ସହରରେ ନିଜସ୍ୱ ବିଲଡ଼ିଂ, ପର୍ଯ୍ୟାପ୍ତ ପରିମାଣରେ ଆଧୁନିକ ବାସୋପକରଣ। ଟି.ଭି. ଫ୍ରିଜ୍, ଗଡ଼ରେଜ, ଗ୍ରାଇଣ୍ଡର, ଓଭାନ, ୱାସିଂମେସିନ୍ ସବୁକିଛି ରହିଛି। ସକଳ ପ୍ରାଚୁର୍ଯ୍ୟ ଓ ପୂର୍ଣ୍ଣତା ଭିତରେ କେମିତି ଏକ ଅଭାବବୋଧରେ ଜର୍ଜରିତ ହୋଇ ଉଠୁଥିଲା ତାଙ୍କର ସମଗ୍ର ସତ୍ତା।


ଯନ୍ତ୍ରଣାରେ ନିଃସ୍ୱତାର, ରିକ୍ତତାର ହାହାକାରରେ ଭରି ଉଠୁଥିଲା ତାଙ୍କ ମନ, ପ୍ରାଣ।

ମନ ତାଙ୍କର ଫେରି ଯାଉଥିଲା ସେଇ ହଜିଲା ଅଜୀତକୁ। ଯୌବନର ମହୁଲି ନିଶାରେ ମସଗୁଲ୍ ଥିଲେ ସେ। ଦୁନିଆ ସେତେବେଳେ ତାଙ୍କ ଆଖିରେ ଅନେକ ସ୍ୱପ୍ନର ଭିଡ଼। ସ୍ୱପ୍ନ! ଖାଲି ସ୍ୱପ୍ନ!!

ଆଃ... ସେ ସ୍ୱପ୍ନ ଦେଖୁ ଦେଖୁ ଭାଙ୍ଗିଗଲା। ଯେଉଁ ପୁରୁଷକୁ ଜୀବନ ସାଥୀ ରୂପେ ପାଇବାର କାମନା କରି ସେ ନିଜକୁ ତାଙ୍କ ପାଖରେ ସଂପୂର୍ଣ୍ଣ ଭାବରେ ଅର୍ପଣ କରିଦେଇଥିଲେ, ଯାହାଙ୍କର ପ୍ରେମର ସ୍ୱାକ୍ଷରକୁ ନାରୀତ୍ୱର ଗୌରବ ଭାବରେ ସେ ନିଜ ଜଠରରେ ସ୍ଥାନ ଦେଇଥିଲେ ତାକୁ ଧରଣୀର ଆଲୋକ ଦେଖାଇ ମାତୃତ୍ୱ ଲାଭର ଆନନ୍ଦ ସୁପ୍ରଭାଙ୍କ କପାଳରେ ବୋଧହୁଏ ନଥିଲା।

"ବିବାହ ପୂର୍ବରୁ ଗର୍ଭୋଦୟକୁ ସମାଜ ସ୍ୱୀକୃତି ଦେବ ନାହିଁ। ସୁପ୍ରଭାଙ୍କର ଅନୁନୟ, ତାଙ୍କ ଆଖିର ଲୁହ ନିଷ୍ଫଳ ହୋଇଥିଲା ସେ ଦିନ। ଉପାୟହୀନା ସୁପ୍ରଭା ଅଗତ୍ୟା ସେ ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ୍ୟ ହେଲେ। ସ୍ୱାମୀ, ସନ୍ତାନର ମୋହ ତାଙ୍କୁ ସେଦିନ ଅନ୍ଧ କରିଦେଇଥିଲା। କଲ୍ୟାଣମୟୀ ନାରୀ, ମମତାମୟୀ ଜନନୀ କିପରି କାଳସର୍ପିଣୀ ହୋଇ ଯାଇପାରେ ତାହା ଗଭୀର ଭାବରେ ଆଜି ଅନୁଭବ କରୁଥିଲେ ସୁପ୍ରଭା। ଯେଉଁ ମୋହ ସେଦିନ ତାଙ୍କୁ ଅନ୍ଧ କରିଥିଲା ଖୁବ୍ ଅଳ୍ପ ଦିନ ଭିତରେ ତାଙ୍କର ସେ ମୋହ ଭଙ୍ଗ ହେଲା। ସେ ହୋଇଗଲେ ସଂପୂର୍ଣ୍ଣ ନିଃସଙ୍ଗ.... ଏକାନ୍ତ ଭାବେ ଏକାକିନୀ।

ସରଂକ୍ଷଣ ବାଇଆ



● ଇଂ ବିଦ୍ୟାଧର ପଣ୍ଡା

ବାଇଆ ଆଉ ବଂଚିବନି ।

ରେବି କେତେକେତେ ନାମିଦାମି ବଡବଡ ବଇଦ ପାଖକୁ ଗଲାଣି ହେଲେ କିଛି ଲାଭ ନାହିଁ । ପ୍ରାୟ ସାତଦିନ ହେବ ଏହି ଅଚିହ୍ନା ବ୍ୟାଧି ବାଇଆକୁ ଗ୍ରାସିଛି । ଯିଏ ଯାହା ପଚାରିଲେ ଖାଲି ବଲବଲ ହୋଇ ମାଇପିଟି ଚାହିଁ ରହୁଛି । ବାଚାଳ ପରି ଅନର୍ଗଳ ଗପିବା ଲୋକଟା ହଠାତ୍ ଏମିତି ମୁକ କେମିତି ହେଲା ! ଗାଁ ଲୋକଙ୍କ ତୁଣ୍ଡରେ ବାଡବତା ନାହିଁ । ଯାହା ପାଟିରେ ଯାହା ପଶିଲା କହିଲେ । କିଏ କହୁଛି ଏହା କଲାକର୍ମର ଫଳ । ଘୋରପାପର ଦଣ୍ଡ । ଏ ଜନ୍ମର ନହେଲେ ବି ପୂର୍ବଜନ୍ମର ହୋଇପାରେ । କିଏ କହୁଛି ଦିନରାତି ବହୁତ ଗପିଗପି ଜିଭର ବଳ ସରେଇଦେଲା । ଜିଭଟା ଆଉ ଲେଉଟୁନି, ସେଥିପାଇଁ କିଛି କହିବାକୁ ବାଇଆ ସମର୍ଥ ହେଉନି ବିଚରା ।

ଗତ ନୂଆବର୍ଷ ୦୧-୦୧ ରାତିରେ ବାଇଆ ଓରଫ ବାଇଧର ମିଶ୍ରଙ୍କୁ ତାଙ୍କର ନିର୍ବାଚନ କ୍ଷେତ୍ରରେ ଏକକାଳୀନ ସତରଟି କ୍ଲବ ସମ୍ମାନିତ କରିଥିଲେ । ସମସ୍ତଙ୍କ ତରଫରୁ ଖଦିର ଦାମି ଟ୍ରାଉଜର୍‌ପଞ୍ଜାବୀ ହଳେହଳେ ବାଇଆକୁ ଭେଟି ଦିଆଯାଇଥିଲା । ଅବଶ୍ୟ ନୂଆବର୍ଷର ଭୋଜିଭାତ ପାଇଁ ପ୍ରତ୍ୟେକ କ୍ଲବର ଛୁଆମାନଙ୍କୁ ବାଇଧର ମଟନ ଏବଂ ନାଲିପାଣି ଖର୍ଚ୍ଚ ବାବଦକୁ ତିରିଶହଜାର ଲେଖାଏଁ ଦେଇଥିଲେ । ତନ୍ମଧ୍ୟରୁ ସେମାନେ ଦୁଇହଜାରରୁ ତିନିହଜାର ଭିତରେ ହଳେହଳେ ଟ୍ରାଉଜର୍ ପଞ୍ଜାବୀ ଏବଂ କାନ୍ଧପକା ଲମ୍ବା ଅଣଚଉଡା ଚଦର ଗୋଟିଏ ଗୋଟିଏ ଦେଇ ସମ୍ମାନିତ କଲେ । ସ୍ତ୍ରୀ ରେବି ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକାଠି କରି ଭିନ୍ନଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନରେ ଲକ୍ଷ ଲକ୍ଷଟଙ୍କାର ପୁରସ୍କାର ବାଂଟିଥିଲା । ମୋଟାମୋଟି ବାଇଆ ଏବଂ ରେବିର ଗତ ଦୁଇ ତିନିମାସ ଭିତରେ ଭୋଟରଙ୍କ ପିଛା ବିଭିନ୍ନ ପ୍ରକାରରେ

ପଚାଶଲକ୍ଷ ଟଙ୍କାରୁ ଅଧିକ ବୋହି ଗଲାଣି । ଆଉ ଆଗକୁ ମାସେ ପାଇଁ କୋଟିଏ ସାଇତି ରଖିଥିଲେ । ଦୁଇଜଣଯାକ ଆସନ୍ତା ନିର୍ବାଚନରେ ସରକାରୀ ଦଳର ଆଶାୟୀ ପ୍ରାର୍ଥୀ ଭାବରେ ନିଜକୁ ପ୍ରସ୍ତୁତ କରୁଛନ୍ତି ଯେତେବେଳେ ଖର୍ଚ୍ଚକୁ ଡରିଲେ ଚଳିବ !

ବାଇଧର ଜିଲ୍ଲାପରିଷଦ ଏବଂ ରେବତୀ ସରପଂଚ । ଜିତିବା ପକ୍କା । ସେଥିପାଇଁ ଦୁହିଁଙ୍କ ଗୋଡ ତଳେ ଲାଗୁନି । ପଇସା ପାଣିପରି ବୁହାହି ଚାଲିଛନ୍ତି ।

ମଝିରେ ମଝିରେ ଦୁଇପ୍ରାଣୀ ନିଜଘର ବାଲ୍‌କୋନୀରେ ବସି ମୁରୁକିମୁରୁକି ହସି ନିଜ ଭବିଷ୍ୟତ ବିଷୟରେ କଥା ହୁଅନ୍ତି । ଜିତିଲା ପରେ ପ୍ରଥମେ କଲିକତା ଯାଇ ଦିଘାରେ ଦୁଇଦିନ ବିଶ୍ରାମ ନେଇ ସିଙ୍ଗାପୁର ବୁଲି ଯିବେ । ସେଠାରୁ କୁଲୁମନାଲି ବାଟଦେଇ ଉଟି ରାସ୍ତାରେ ଓଡିଶାକୁ ଫେରିବେ । ସୁନ୍ଦରସୁନ୍ଦର ଘରସଜ୍ଜା ଜିନିଷ ଆଣିବାକୁ ହେବ । କେତେ ବଡବଡ ଅଧିକାରୀମାନଙ୍କ ସହ ମନ୍ତ୍ରୀ ଆଦି ଆସିବେ । ଘରେ ବାହାରଦେଶର ଜିନିଷ ବୈଠକିଖାନା ଥାକରେ ଦେଖିଲେ ଇଜ୍ଜତ ବଢିବ । ମାସକୁ ଥରେ ମେଫେୟାର ଯିବେ ଲଂଚ କରିବାକୁ । ବାଇଧର ବାରଶ ଟଙ୍କାରେ ଗୋଟିଏ ବୁମ୍ ଭଡ଼ାରେ ଆଣିଛି । ସେହି ବୁମ୍‌କୁ ରେବି ମୁହଁରେ ଲଗେଇ ପଚାରନ୍ତି, 'ମାମ୍ ! ଆପଣ କୁହନ୍ତୁ ମନର କଥା, ଅଂଚଳ ପାଇଁ ଯୋଜନା ବିଷୟରେ ? ଏବେ ଆପଣଙ୍କର ପ୍ରାଥମିକତା କ'ଣ ରହିବ ?' ପ୍ରଥମେ ବାଇଆ ରେବିକୁ ପଚାରି ସାରିଲା ପରେ ରେବି ଅବିକଳ ସେମିତି ବାଇଆକୁ ପଚାରେ । ଏସବୁ ଅଭ୍ୟାସ ନିଜର ଶୟନକକ୍ଷରେ ଅର୍ଦ୍ଧରାତ୍ରପରେ କରନ୍ତି । ଝିଅ ପ୍ରିୟା କଲେଜରେ ପଢେ । ଦିନେ ରାତିରେ ଡାଡିମମି କୋଠରୀରୁ ଶବ୍ଦଶୁଣି ଫାଟକ ପାଖରେ କାନ ଡେରି ଶୁଣିଲା ବେଳେ ଫେଁଫେଁ ହୋଇ ଏତେ ଜୋରରେ ହସିଲା ଯେ ରେବି ତୁରନ୍ତ ଫାଟକ ଖୋଲି ପ୍ରିୟାକୁ ବହୁତ ଗାଳି କରି କହିଲା, 'ବାପା ବୋଉଙ୍କ ପ୍ରାଇଭେଟ୍ କଥା ଲୁଚିକି ଶୁଣିବାକୁ ତୋତେ ଲାଜ ଲାଗୁନି । ଏତେ ବଡ ହେଲୁଣି । କୋଉଦିନ ବୁଦ୍ଧିହେବ ! ବାହା ହୋଇଥିଲେ ହେଂସରେ ହେଂସେ ଛୁଆ ହୁଅନ୍ତେଣି । ଅଧରାତିରେ କବାଟପାଖରେ ଛିଡାହୋଇ ବାପାବୋଉ କଥା ଶୁଣୁଛୁ । କଣ କହିବ ଏ କଳିକାଳ ଛୁଆଙ୍କୁ !' ପ୍ରଥମେ କେଇଦିନ

ବେଲଣା କାଠି ଧରି ଏମିତି ପଚରାପଚରି ହେଉଥିଲେ ଯେ ଥରେ ବାଇଆ ରେବି ମୁହଁପାଖକୁ ନେଉନେଉ ଓଠରେ ବାଜି ରକ୍ତ ବାହରିଗଲା । ଓଠ ମଝିରେ ମଟରଦାନା ପରି ଫୁଲିଗଲା । ରେବି ତିନିଚରି ଦିନ ମୁହଁରୁ ମାସ୍କ କାଢିଲାନି ବୋଲି ପ୍ରଚରକୁ ଯାଇହେଲା, ନହେଲେ ବହୁତ ହୀନସ୍ତା ହେବାକୁ ପଡିଥାନ୍ତା । ସେଥିପାଇଁ ଏବେ ବାଇଆ ବୁମ କିଣି ଆଣିଛି । ଏଥର ଓଠରେ ବାଜିଲେ କିଛିନାହିଁ, ବୁମ୍ ଆଗରେ ସ୍ପଞ୍ଜ ଅଛି ।

ବାଇଆ ଓ ରେବିର ଗତ ତିନିମାସ ହେଲା ଦିନଚର୍ଯ୍ୟା ସମ୍ପୂର୍ଣ୍ଣ ବଦଳି ଯାଇଛି । ଭୋର ଚରିଟାରୁ ଉଠି ନିତ୍ୟକର୍ମ ସାରି ଘର ବାହାରେ ଥିବା ଏକ ବଗିଚର ଦୁଇପାଖରେ ଦୁଇଟି ଅଭ୍ୟର୍ଥନାଗୃହକୁ ଛଅଟା ଭିତରେ ଉଭୟ ଅଲଗା ଅଲଗା ଆସି ବସନ୍ତି । ଏବେ ପାଂଚଜଣ ଚକର ଘରେ ଖଟୁଛନ୍ତି । ତିନିଜଣକୁ କେବଳ ନିର୍ବାଚନ ଶେଷ ହେବା ଯାଏ ଅସ୍ଥାୟୀ ଭାବରେ ଅତିଥି ସତ୍କାର ପାଇଁ ରଖାଯାଇଛି । ତନ୍ମଧ୍ୟରୁ ଜଣେ ରେବିପାଖରେ ଚ ବିସ୍କିଟ୍ ନେଇ ପହଁଚେ ଏବଂ ଅନ୍ୟ ଜଣେ ବାଇଆପାଖରେ ଅନୁରୂପ ପଦାର୍ଥ ନେଇ ମାମ୍ ପାଖକୁ ଆସେ । ସେତେବେଳକୁ ରେବି ଆଗରେ ବୟସ୍କ ସ୍ତ୍ରୀ ଲୋକଙ୍କ ସଂଖ୍ୟା ଆଠରୁଦଶ ଉପରେ ହୋଇଯାନ୍ତି । ବାଇଆ କୋଠରୀଟି ବଡ । ସେଥିରେ ସକାଳର ଜନସଂଖ୍ୟା କୋଡିଏ ଉପରେ ରହେ । ଚ ବିସ୍କିଟ୍ ପର୍ବ ପରେ ପରେ ଘଡିଏ ବିରତି ନେଇ ପୁଣି କର୍ମିମାନଙ୍କ ସହ ବିଚର ବିମର୍ଶରେ ଦୁଇଜଣ ଲାଗି ପଡନ୍ତି ଦିନ ଦୁଇଟା ଯାଏ । ତିନିମାସ ହେଲା ନିଜର ବଢିଲା ଝିଅ ଉପରେ କାହାର ନିଘା ନାହିଁ । ସିଏ ୟା ଭିତରେ ତାର କଲେଜ ଯିବା ବନ୍ଦକରି ବୟଫ୍ରେଣ୍ଡ ସାଙ୍ଗରେ ପ୍ରତିସଂନ୍ଧ୍ୟାରେ ହୁକାବାର୍ ଯାଉଛି । ଡାଡିମମି ଫେରୁ ଫେରୁ ରାତି ଦଶଟା । ସେତେବେଳକୁ ଝିଅ ହୁକ୍କାବାର୍ ଏଂଜୟ କରି ଘରକୁ ଫେରି ଡିନର୍ କରି ଶୋଇଯାଏ । ତା କୋଠରୀ ଅଲଗା । ଦିନେଦିନେ ଫାଟକଖୋଲି ତା କୋଠରୀକୁ ପଶିଲାବେଳେ ଯଦି କେହି ଚକରବାକର ଦେଖନ୍ତିନି ବୟଫ୍ରେଣ୍ଡକୁ ତା ସାଙ୍ଗରେ ରଖି ରାତି ବାରଟା କି ଗୋଟାଏ ବେଳେ ଫାଟକ ପାରି କରେଇଦିଏ ।

ଏସବୁ ଗୋଟିଏ ଚକର ଯାହାର ବୟସ ଚବିଶରୁ ପଚିଶ ହେବ ସିଏ ଜାଣିଲାଣି ଏବଂ ଦିନେ ଖରାବେଳେ ପ୍ରିୟାକୁ ହସିହସି ସେ ଚକରଟି ଏମିତି କିଛି କହିଲା ଯେ ପ୍ରିୟା ତାକୁ ନିଜ କୋଠରୀରେ ଦୁଇଘଂଟା ବନ୍ଦକରି ରଖିଲା । ତା କୋଠରୀରୁ ବାହାରିଲା ବେଳକୁ ଚକରଟି ଖାଲି ପ୍ୟାଂଟ୍ ସାର୍ଟ ପିନ୍ଧି ହାତରେ ଅଣ୍ଡର ୱାୟାର୍ ଓ ଗେଞ୍ଜି ଧରିଥିଲା, ହେଲେ ସାର୍ଟର ଉପର ତଳ କେବଳ ଦୁଇଟି ବଟନ୍ ଲାଗିଥିଲା ଏବଂ ପ୍ୟାଂଟ୍ ଚେନ୍‌ଟି ପୁରା ଖୋଲାଥିଲା । ଦୂରରୁ ଦୁଇ ବୟସ୍କ ଚକର ଦେଖି ଠରାଠରି ହୋଇ ଗୁଣୁଗୁଣଉ ଥିଲେ, ‘ଝିଅଟା ଖରାପ ହୋଇଗଲା । ବାପା ମା ତ ଇଲେକ୍ସନରେ ମାତିଛନ୍ତି, ତାଙ୍କର ସମୟ କାହିଁ ଆକଟ କରିବାକୁ !’ ତା ଭିତରୁ ଜଣେ କହୁଛି, ‘ୟେ ସବୁ ବଡଘରର ବଡବଡ କଥା । ତୁମେ ଯେତିକିର ଲୋକ ସେତିକିରେ ରୁହ । ନିଜ କାମ ନିଜେ କର । ଆଜି ଚରିଟାରେ ବିଧାୟକ ଆସିବେ । ଫାଲତୁକଥାରେ ସମୟ ନଷ୍ଟ ନକରି ତାଙ୍କ ପାଇଁ ଚିକେନ୍ ପକୋଡା, ଚୁନାମାଛ ଫ୍ରାୟ ଏବଂ ମଟନ୍ କଷା ଚଖଣା ଯୋଗାଡ କର । ଦିଘଂଟାରେ ସବୁ ରେଡିକରି ରଖିଥିଲେ ସେ ଆସି ବସିଲେ ଛଣାହେବ ।’

ବାଇଆ ଭଲ ପିଲା ଥିଲା । ବ୍ରାହ୍ମଣ ଘର ବୋଲି ଆଇଁଷ ଛୁଏଁନି । ସୋମରସ ପାଖ ମାଡୁନଥିଲା । ହେଲେ ଯେବେଠାରୁ ଏ ନିର୍ବାଚନ ଭୂତ ତା ମୁଣ୍ଡରେ ପଶିଲାଣି, ସେ ପଇତା କାଢି ଗିଲାସେ ଦି ଗିଲାସେ କିଏ କେମିତି ବାଧ କଲେ ଚଢେଇଦେଉଛି । ଜାତି ଗଲାପରେ ଆଇଁଷ ଚଖୁଚଖୁ ଏବେ ଦେଶୀକୁକୁଡା ତାର ପ୍ରିୟ ହୋଇସାରିଲାଣି । ରେବି ତାଙ୍କ ଘରେ ଆଇଁଶ ଖାଉଥିଲା । ତେଣୁ ଏବେ ତାଙ୍କ ଘରେ ସବୁ ଚଳୁଛି । ଆଉକେଇ ସପ୍ତାହପରେ ବାଇଆ ଓରଫ ବାଇଧର ମିଶ୍ର ନୂଆ ଜିଲ୍ଲା ପରିଷଦ ଏବଂ ସ୍ତ୍ରୀ ସରପଂଚ ହେବା କଥା । କିନ୍ତୁ ରାମଚନ୍ଦ୍ର ମାହାପୁରୁ ରାଜା ହେବା ଦିନ ବନବାସ ଗଲେ । ରାଜୀବ ଗାନ୍ଧୀ ଦ୍ୱିତୀୟ ଥର ପ୍ରଧାନ ମନ୍ତ୍ରୀ ହେଉହେଉ ଆତତାୟୀ ହାତରେ ପ୍ରାଣଦେଲେ ।

ସେହିପରି ହଠାତ୍ ସେଦିନ ଟିଭିନିୟୁଜ୍ ଦେଖୁଦେଖୁ ବାଇଆ ଚିତ୍କାର କରି ଉଠିଲା । ରୋଷେଇଘରକୁ ପଶି ରୁଟିବେଲୁଥିବା ଝିକରଠାରୁ ବେଲଣାକାଠି ଆଣି ଟିଭିର ମନିଟରକୁ ଏମିତି ପାହାରଟେ ପକେଇଲା ଯେ ମାସେ ତଳେ କିଣିଥିବା ଦେଢଲକ୍ଷ ଟଙ୍କାର ଟିଭିଟି ଝରିଖଣ୍ଡ ହୋଇଗଲା । ଉଚ୍ଚାଗଳାରେ ରେବିରେବି ଚିଲେଇ ଦୁଇହାତରେ ନିଜ ମୁଣ୍ଡବାଳକୁ ଟାଣିଓଟାରି ବ୍ୟସ୍ତତା ଭିତରେ ଓଃ .. ଓଃ.. କହୁକହୁ ବେହୋସ ହୋଇଗଲା । ଜନୈକ ଝିକର ମା' ମା'ବୋଲି କବାଟ ବାଡେଇ ଜଲଦି ବାହାର ବୋଲି କହିବାରୁ ରେବି କବାଟ ଖୋଲିଲା । ଶାୟା ଉପରେ ବ୍ଲାଉଜ୍ ବଟନ୍ ଦେଇନାହାନ୍ତି । ଶାଢୀ ଗୁଡେଇବାକୁ ଯାଉଯାଉ ଏମିତି ଝିକର ଡାକରେ ତରବରରେ ଫାଟକ ଖୋଲି ବାଇଆକୁ ଦେଖି ତାଙ୍କର ବି ମୁଣ୍ଡ ଘାଉଁରି ଗଲା । ପାଣି ଛିଂଚିଲା ପରେ ବାଇଆର ହୋସ୍ ତ ଆସିଲା । କିନ୍ତୁ ସେତିକି ବେଳୁ ଆଜି ପର୍ଯ୍ୟନ୍ତ ପ୍ରାୟ ସାତଦିନ ହେଲାଣି ଆଉ କିଛି କହୁନି । ପାଗଳଙ୍କ ପରି ଝହୁଛି, ଗରମ ଝ'ରେ ବରଫ ପକେଇ ପିଉଛି । ଖିଆପିଆରେ ଠିକ୍ ନାହିଁ କି ନିଜ ଔଷଧ ସମୟରେ ଖାଉନି । ରେବି ବହୁତ ବୈଦପାଖକୁ ଯାଇ ତାଙ୍କ କାନରେ ବାଇଆ ରୋଗ ବିଷୟରେ କୁହେ, ହେଲେ ଏହାର ଉପଝର ଏପର୍ଯ୍ୟନ୍ତ ହୋଇପାରିନି । ବନ୍ଧୁବାନ୍ଧବ ନିଇତି ଦେଖିବାକୁ ଧାଡି ଲଗେଇଲେଣି । କେହିକେହି ବାଇଆର ଏ ଅବସ୍ଥା ପାଇଁ ରେବିକୁ ଦାୟୀ କରୁଛନ୍ତି । ଆଉ କିଏ କିଏ କହୁଛନ୍ତି ଝିଅର ଔଧତ୍ୟ ଏବଂ ଅଣ୍ଡିରିଚଣ୍ଡୀ ଗୁଣରୁ ବାପାର ମୁଣ୍ଡ ଖରାପ ।

ରେବି ସବୁ ଜାଣେ । ଦୁଇପ୍ରାଣୀଙ୍କର ମହତ୍ତ୍ୱାକାଂକ୍ଷା ସରକାର ନିମିଷକ ଭିତରେ ଚୁରମାର କରି ଜାଳିପୋଡି ଅଙ୍ଗାର କରି ଦେଇଛନ୍ତି । ବାଇଆ ଓ ରେବିର ଆଶା ସବୁଦିନ ପାଇଁ ଆଶାରେ ରହିଯିବା ଭଳି ଘୋଷଣା କରିଛନ୍ତି । ତାଙ୍କ ନିର୍ବାଚନ ମଣ୍ଡଳୀର ଜିଲ୍ଲାପରିଷଦ ପ୍ରାର୍ଥୀ ଜଣେ ଅନୁସୂଚିତ ଜନଜାତିର ଲୋକ ହେବ ଏବଂ ସରଂପଚ ଜଣେ ଅନୁସୂଚିତ ଜାତିର ହେବା ଆବଶ୍ୟକ ବୋଲି ସରକାର ସ୍ଥିର କରିଛନ୍ତି । ଏମାନେ ହେଲେ ମିଶ୍ର ବ୍ରାହ୍ମଣ । ତେଣୁ ବାଇଧର ଟୁଡୁ କି ରେବତୀ ନାୟକ ହୋଇଥିଲେ କିଛି ଅସୁବିଧା ନଥିଲା ।

ସରକାରୀ କଳ କଥା । ଏବେ ସେମାନଙ୍କର ଏତେ ପରିଶ୍ରମ ଏତେ ପଇସା ସବୁ ନିମିଷକରେ ପାଣି ଫଟକିଗଲା । ବାଇଆର ଅନ୍ତରଙ୍ଗ ଗାଁ ସାଙ୍ଗ ବାଇଆର ମୁଣ୍ଡଖରାପ ହେବା ଭିତିରି ରହସ୍ୟ ବିଷୟରେ କହେ ଯେ ସେ ଝରିପଟରୁ ଧୋକ୍କା ଖାଇ ସରଳ ମଣିଷ ବାଇଆ ଆଦୌ ସହି ପାରିଲାନି । ଝିଅ ପ୍ରିୟାର ଦୁଇମାସ ହେବ ମାସିକଧର୍ମ ଗଡିଗଲାଣି । ପଝରିଲେ କହୁଛି, 'ଛୋଟିଆ ଭୁଲ୍ କରିଦେଇଛି । ପ୍ରୀତମ୍ ଆସି ତା ସାଙ୍ଗରେ ରହିବାରାତି ଅନୱାଂଟେଡ୍-୭୨ ବଟିକା ଖାଇବାକୁ ଭୁଲିଯାଇଥିଲା ।' ବାଇଆ ଆଶ୍ଚର୍ଯ୍ୟ ହୋଇ ପ୍ରୀତମ୍ ଓ ସେ ରାତି ବିଷୟରେ ପଝରିବାରୁ ପ୍ରିୟା କହେ, 'ସିଏ ମୋ ବୟଫ୍ରେଣ୍ଡ୍ । ବାହାହେଲେ ହେବୁ ନହେଲେ ନାହିଁ । ଏବେ କିଛି କହି ହେବନି । ତୁମପରି ମୋର ଜନ୍ମ ସତୁରି ମସିହାରେ ନୁହେଁ, ମୁଁ ୨୦୦୦ମସିହା ପରେ ଜନ୍ମ । ମୋତେ ଅଠର ଟପିଲାଣି, ଏବେ ଏସବୁ ଅତି ସାଧାରଣ କଥା । ଏଣୁତେଣୁ କହି ମୋ ମୁଣ୍ଡ ଟିଣ କରନା । ମୁଁ ମୋ କଥା ବୁଝିଦେବି, ତୁମେ ମୋ ପାଇଁ ଅଯଥା ଚିନ୍ତା କରିବା ଦରକାର ନାହିଁ ।' ବାପ ଝିଅଙ୍କର ଏପରି ବେତଣ୍ଡା ଯୁକ୍ତି ରେବି ଦେଖି ମୁରୁକିହସା ଦେଇ ରୋଷେଇଘରକୁ ପଶିଯାଏ । ଝିଅର ଏମିତି କଥା ବେଳକୁ ରେବିକୁ ବିଧାୟକଙ୍କ ଆଝରବିଝର ଆଜିକାଲି ବହୁତ ଭଲ ଲାଗୁଛି । ବାଇଆଠାରୁ ଦୂରେଇ ରେବି ବିଧାୟକଙ୍କର ସାନ୍ନିଧରେ ପ୍ରସନ୍ନ ରହୁଛି । ସେ ଦୁଇଜଣଙ୍କ ରଙ୍ଗଢଙ୍ଗ ଦେଖି ବାଇଆକୁ ସନ୍ଦେହ ହେଉଛି । ଏବେ ତ ରେବି ବିଧାୟକଙ୍କର ସରକାରୀ ବଙ୍ଗଳାରେ ପ୍ରତି ସପ୍ତାହରେ ଦୁଇ ତିନି ରାତି କଟେଇବାକୁ ଲାଗିଲାଣି । ସକାଳୁ ସକାଳୁ ଦିନେ ରେବି ଗୋଡ ଘୁଷରେଇ ଘୁଷରେଇ ଫେରିଲା ବେଳେ ବାଇଆ ଦେଖି ରେବିର ସିନ୍ଦୁର ବୋଳା ଗାଲ ଓ ନିଶାଖିଆ ଚେହେରାରୁ ବହୁତ କିଛି ଅନୁମାନ କରିନେଲା । ଏତେ ସବୁ ତ୍ୟାଗ କଲା ପରେ ବି ସରକାର ଯଦି ଏମିତି ଏକ ଘୋଷଣା କରିଦେଲେ ଯେ ଯାହା ଦ୍ୱାରା ବାଇଆ କି ରେବି ନିର୍ବାଚନରେ ପ୍ରାର୍ଥୀ ହେବାପାଇଁ ଏବେ ଅଯୋଗ୍ୟ, ତେବେ ସିଏ କେମିତି ସହିବ ?

ରାଜନୀତି ଗଲା, ପଇସା ଗଲା, ଝିଅ ଗଲା ଓ ଶେଷରେ ସ୍ତ୍ରୀ ବି ପରପୁରୁଷ ଆଡକୁ ଢଳିଲାଣି ।

ଝରିପଟରୁ ବାଇଆମୁଣ୍ଡରେ ଝରୋଟି ତୀକ୍ଷ୍ଣଶର ପଶିବାରୁ ମସ୍ତିଷ୍କ ଖରାପହୋଇ ଆଉଠିକ୍‌ରେ କାମକରୁନି । ଏଇ କେଇଦିନ ଭିତରେ ସରକାରଙ୍କ ଘୋଷଣାଆସିବା ପରେ ଏପରି ରୋଗୀଙ୍କ ସଂଖ୍ୟା ରାଜ୍ୟସାରା ବହୁତ ବଢିଯାଇଛି । ଏ ପ୍ରଜାତିର କିଛି ଲୋକ ଡିପ୍ରେସନ୍‌ର ଶିକାର ହୋଇ ନିଜଘର ଛାଡି ଦେଲେଣି । ଏ ରୋଗକୁ ବଇଦ ବା କ'ଣ କରିବ ! ଏଇ ନୂଆବ୍ୟାଧିଟାକୁ ଏବେ ଜନସାଧାରଣ କହୁଛନ୍ତି ଏହା ଆମ ରାଜ୍ୟସରକାର ପ୍ରାୟୋଜିତ **ସରଂକ୍ଷଣ ବାଇଆ ।**

୧୭/୧୫,

ପଂଚସଖା ନଗର, ଡୁମୁଡୁମା,

ଭୁବନେଶ୍ୱର-୧୯ଜି: ଖୋର୍ଦ୍ଧା, ଓଡ଼ିଶା,


ମୋ-୯୪୩୯୧୨୮୦୫୦

❐❐❐

ଆଶିକ କେରିବ

ରଷୀୟ ଗଳ୍ପ: ମିଖାଇଲ ଲର୍ମୋଣ୍ଟୋଭ

ଭାଷାନ୍ତର: ବିଳାସିନୀ ମହାନ୍ତି



Mikhail Lermontov

ବହୁତ ଦିନର ତଳର କଥା । ତିଫଲିସ ନଗରରେ କେହି ଜଣେ ଧନୀ ତୁର୍କ ରହୁଥିଲେ । ଆଲ୍‌ହା ତାଙ୍କ ଘରକୁ ଧନଧାନ୍ୟରେ ଭରି ଦେଇଥିଲେ । ଏ ଧନ ସମ୍ପତ୍ତି ଠାରୁ ମଧ୍ୟ ଆହୁରି ଏକ ସୁନ୍ଦର ଜିନିଷ ତାଙ୍କ ପାଖରେ ଥିଲା - ତାଙ୍କ କନ୍ୟା ମଗୁଲ ମାଗରୀ । ଆକାଶରେ ତାରାମାନଙ୍କ ସୌନ୍ଦର୍ଯ୍ୟ ବା କ'ଣ, ସେମାନଙ୍କ ପଛରେ ଲୁଚିଥିବା ପରୀମାନଙ୍କ ସହ ସେ ତୁଳନୀୟ । ମଗୁଲ ମାଗରୀ ବିଷୟରେ ଏହି କଥା ହିଁ କୁହାଯାଏ । ତିଫଲିସର ସବୁ ସୁନ୍ଦରୀ ତା' ସାମ୍ନାରେ ଫିକା ଦିଶୁଥିଲେ ।

ତିଫଲିସ ନଗରରେ ଜଣେ ଯୁବକ ବି ରହୁଥିଲା, ତା' ନାଁ ଆଶିକ କେରିବ । ଆଲ୍‌ହା ତାକୁ ଅତ୍ୟଧିକ ନିର୍ଦ୍ଧନ କରି ଏହି ଦୁନିଆକୁ ପଠାଇଥିଲେ ଏବଂ ସେହିଭଳି ହିଁ ତାକୁ ରଖିଲେ । ଉଦାର ହୃଦୟ ଓ ଗୀତ ରଚନା କରିବାର ପ୍ରତିଭା ବ୍ୟତୀତ ଆଲ୍‌ହା ତାକୁ ଆଉ କିଛି ଦେଇ ନ ଥିଲେ । ସେ ନିଜ ତାନପୂରାକୁ ଉଠାଇ ତା' ଝଙ୍କାରରେ ତୁର୍କୀସ୍ତାନର ପ୍ରାଚୀନ ବୀରମାନଙ୍କ ବିଷୟରେ ସୁନ୍ଦର ଗୀତ ଗାଏ । ବିବାହ ଉତ୍ସବରେ ଯାଇ ଧନୀ ଲୋକମାନଙ୍କ ମନୋରଂଜନ କରେ । ଏଭଳି ଏକ ବିବାହ ଉତ୍ସବରେ ମଗୁଲ ମାଗରୀ ସହ ତା'ର ପ୍ରଥମଥର ଦେଖା ହୋଇଥିଲା । ସେହି ଦିନଠାରୁ ଦୁହେଁ ପରସ୍ପରକୁ ଭଲ ପାଉଥିଲେ । କିନ୍ତୁ ଆଶିକ କେରିବ ପାଇଁ ମଗୁଲ ମାଗରୀ ଥିଲା ସ୍ୱପ୍ନ । ତା' ହୃଦୟ ଶୀତରାତି ଭଳି ଉଦାସ ହୋଇଯାଇଥିଲା ।

ଦିନେ ବଗିଚାରେ ଅଙ୍ଗୁର ଲତା ତଳେ ଶୋଇଲାବେଳେ ତା'ଆଖି ଲାଗିଗଲା । ସଂଯୋଗବଶତଃ ସେହି ସମୟରେ ମଗୁଲ ମାଗରୀ ତା' ସଖୀମାନଙ୍କ ସହ ସେହି ବାଟେ ଯାଉଥିଲା । ସଖୀମାନଙ୍କ ଭିତରୁ ଜଣେ ଦେଖିଲା ଯେ ତାନପୂରା

ବାଦକ ଆଶିକ କେରିବ ଶୋଇଛି । ସେ ପଛକୁ ରହିଯାଇ ତା' ପାଖରେ ପହଞ୍ଚିଲା ଆଉ ଗୁଣୁ ଗୁଣୁ ହୋଇ ଗାଇ ଉଠିଲା -

"ଅଙ୍ଗୁର ଲତା - ବିତାନ ତଳେ / କାହିଁକି ବା ଶୋଇରହିଛ ପ୍ରେମୀ / ଉଠି ଦେଖ ତମରି ହରିଣୀ / ଅଜଣାରେ ଚାଲିଯାଏ / ତମ ପାଶ ଛୁଇଁ / ହେ ପାଗଳପ୍ରେମୀ !"

ସେ ଜାଗ୍ରତ ହେଲା । କୁନି ଚଢ଼େଇ ଭଳି ଝିଅଟି ତୁରନ୍ତ ପଳାଇଲା । ମଗୁଲ ମାଗରୀ ତାକୁ ଗୁଣୁଗୁଣୁ ହେବାର ଶୁଣିଥିଲା । ତେଣୁ ତାକୁ ଗାଳି ଦେଲା ।

ଝିଅଟି ଉତ୍ତରଦେଲା -

"ଯଦି ତୁମେ ଜାଣିଥାନ୍ତ ସେ ଗୀତ ମୁଁ କାହାକୁ ଶୁଣାଇ ଆସିଲି, ମତେ ଗାଳିଦେବା ପରିବର୍ତ୍ତେ ଧନ୍ୟବାଦ ଦେଇଥାନ୍ତ । ସେ ଆଉ କେହି ନୁହଁ ସଜନୀ, ସେ ତୁମ ଆଶିକ କେରିବ ।"

"ମତେ ତାଙ୍କ ପାଖକୁ ନେଇ ଚାଲ ।" ମଗୁଲ ମାଗରୀ କହିଲା । ସେମାନେ ତା' ପାଖକୁ ଚାଲିଲେ ।

ଆଶିକ କେରିବର ମୁହଁ ଉଦାସରେ ବୁଡ଼ିଥିଲା । ଏହା ଦେଖି ମଗୁଲ ମାଗରୀ ତା' ହାଲଚାଲ ପଚାରିଲା ଏବଂ ତାକୁ ସାନ୍ତ୍ୱନା ଦେଲା ।

"ଦୁଃଖ ଭୋଗିବା ବ୍ୟତୀତ ଆଉ ବା କ'ଣ କରିପାରିବି । ମୁଁ ତୁମକୁ ପ୍ରେମ କରୁଛି, ତଥାପି ତୁମେ କେବେ ମୋର ହୋଇପାରିବନି ।" ଆଶିକ କେରିବ କହିଲା ।

"ବିବାହ ପାଇଁ ମୋ ବାପାଙ୍କ ସହ କଥାବାର୍ତ୍ତା କର । ନିଜ ଖର୍ଚ୍ଚରେ ସେ ବିବାହ କରିଦେବେ ଏବଂ ମତେ ଏତେ ଧନ ଦେବେ ଯେ ଆମ ଦୁହିଁଙ୍କ ଚଳିବା ପାଇଁ ଯଥେଷ୍ଟ ହେବ ।" ମଗୁଲ ମାଗରୀ କହିଲା ।

"ତୁମେ ଠିକ୍ କଥା କହୁଛ । ନିଜ ଝିଅର ଖୁସି ପାଇଁ ଧନସମ୍ପତ୍ତିରେ କିଛି ଉଣା କରିବେନି । କିନ୍ତୁ କିଏ ଜାଣେ ପରବର୍ତ୍ତୀ ସମୟରେ ହୁଏତ ତୁମ ମନରେ ଅହଂକାର ଆସିପାରେ । ତୁମେ ହୁଏତ ଭାବିପାର, ଏବେ ଯାହା କିଛି ଅଛି ସବୁ ତୁମ ଯୋଗୁଁ ହିଁ ସମ୍ଭବ ହୋଇଛି । ମଗୁଲ ମାଗରୀ, ମୁଁ ମୋ ଆତ୍ମାକୁ ଏକ ଦାୟିତ୍ୱ

ଦେଇଛି । ମୁଁ ପ୍ରତିଜ୍ଞା କରୁଛି ଯେ ସାତବର୍ଷ ଯାଏ ଦୁନିଆସାରା ଘୂରିବୁଲି ଧନସମ୍ପତ୍ତି ସଂଗ୍ରହ କରିବି କିମ୍ବା କୌଣସି ଦୂର ଜଙ୍ଗଲରେ ନିଖୋଜ ହୋଇଯିବି । ଯଦି ଏହି କଥାକୁ ତୁମେ ସ୍ୱୀକାର କରୁଛ ତାହେଲେ ଏହି ସମୟ ବିତିଯିବା ପରେ ତୁମେ ମୋର ହୋଇଯିବ ।" ଆଶିକ କେରିବ କହିଲା ।

ଝିଅଟି ରାଜି ହେଲା । ସେ କହିଲା, ଯଦି ଆଶିକ କେରିବ ନିର୍ଦ୍ଦିଷ୍ଟ ତିଥିଯାଏ ନ ଫେରିବ ତା ହେଲେ ସେ ଦୀର୍ଘଦିନରୁ ତା' ପଛରେ ପଡ଼ିଥିବା କୁରଦୁଶ ବେ'ର ପତ୍ନୀ ହୋଇଯିବ ।

ଆଶିକ କେରିବ ପହଞ୍ଚିଲା ତା' ମାଆ ପାଖରେ । ମାଆ ଠାରୁ ଆଶୀର୍ବାଦ ନେଲା । ସାନଭଉଣୀକୁ ଚୁମା ଦେଲା । କାନ୍ଧରେ ଝୁଲା ଓହଳାଇ ହାତରେ ଫକୀରଙ୍କ ଠେଙ୍ଗା ଧରି ତିଫଲିସ ନଗରରୁ ଚାଲିଲା ।

ସେହି ସମୟରେ ଜଣେ ଅଶ୍ୱାରୋହୀ ଶୀଘ୍ର ଶୀଘ୍ର ଆସିଲା । ଆଶିକ କେରିବ ଦେଖିଲା ସେ ଥିଲା କୁରଦୁଶ ବେ ।

"ଈଶ୍ୱର ତୁମ ଯାତ୍ରାକୁ ସଫଳ କରନ୍ତୁ । ତୁମ ଲକ୍ଷ୍ୟ ଯାହା ବି ହେଉ ନା କାହିଁକି, ମୁଁ ତୁମକୁ ସହଯୋଗ କରିବି ।" କୁରଦୁଶ ବେ ଦୂରରୁ ଉଚ୍ଚ ସ୍ୱରରେ କହିଲା ।

ଆଶିକ କେରିବ ଏଭଳି ସାଥୀ ପାଇ ବିଶେଷ ଖୁସି ହେଲାନି, କିନ୍ତୁ କ'ଣ ବା କରିଥାନ୍ତା, ସେ ଥିଲା ନିରୁପାୟ । ବହୁତ ସମୟ ଯାଏ ଦୁହେଁ ସାଥୀ ହୋଇ ଚାଲିଲେ । ଶେଷରେ ଗୋଟେ ନଦୀ ପାଖରେ ପହଞ୍ଚିଲେ । ନଦୀ ଅତିକ୍ରମ କରିବା ପାଇଁ କୌଣସି ପୋଲ ନ ଥିଲା କିମ୍ବା ନଦୀର ଧାର ଏତେ ଅଗଭୀର ନ ଥିଲା ଯେ ତାକୁ ପାଦରେ ପାର କରିହେବ ।

"ତୁମେ ପ୍ରଥମେ ଏହାକୁ ପହଁରିକି ଅତିକ୍ରମ କର । ମୁଁ ବି ପଛେ ପଛେ ଆସୁଛି ।" କୁରଦୁଶ ବେ କହିଲା ।

ଆଶିକ କେରିବ ନିଜ ପୋଷାକକୁ ଓହ୍ଲାଇ ଫିଙ୍ଗିଦେଲା ଏବଂ ପହଁରି ଚାଲିଲା ।

ଆରପାଖ କୂଳରେ ପହଞ୍ଚି ସେ ବୁଲିପଡ଼ି ଯାହା ଦେଖିଲା ଚିତ୍କାର କରି ଉଠିଲା, "ହେ ଆଲ୍‌ହା, ପୁଣି କିଭଳି ବିପଦ !"

ସେ ଦେଖିଲା ଯେ କୁରଦୁଶ ବେ ତା' ପୋଷାକକୁ ଗୋଟାଇ ତିଫଲିସ ଆଡ଼କୁ ଶୀଘ୍ର ଧାଉଁଛି । ପବନରେ ଉଡୁଥିବା ଧୂଳିର ଏକ ଧାର ବ୍ୟତୀତ ତା' ପଛରେ ଆଉ କିଛି ଦିଶିଲାନି । ମନେହେଲା ଯେମିତି କେଉଁ ସାପ ସମତଳ ଭୂମି ଉପରେ ସରସର ହୋଇ ଦଉଡୁଛି ।

କୁରଦୁଶ ବେ ତିଫଲିସ ପହଞ୍ଚି ନିଜ ଘୋଡ଼ା ଅଟକାଇଲା, ଆଶିକ କେରିବର ପୋଷାକ ନେଇ ତା' ମାଆ ପାଖରେ ପହଞ୍ଚି କହିଲା :

"ତୁମ ପୁଅ ଗୋଟେ ଗଭୀର ନଦୀରେ ବୁଡ଼ି ମରିଗଲା । ଏଇ ରହିଲା ତା' ପୋଷାକ ।"

ମାଆ ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଲା । ସେ ତା' ପୁଅର ପୋଷାକ ଉପରେ ପଡ଼ିଗଲା ଆଉ ଅତିଶୟ ଦୁଃଖରେ ଲୁହ ଝରାଇ ଚାଲିଲା । ଏହାପରେ ଆଶିକର ପୋଷାକକୁ ନେଇ ସେ ତାର ଭାବୀ ପୁତ୍ରବଧୂ ପାଖରେ ପହଞ୍ଚିଲା ।

"ମୋ ପୁଅ ବୁଡ଼ି ମରିଗଲା । ତା'ର ଏ ପୋଷାକ କୁରଦୁଶ ବେ ଫେରାଇ ଆଣିଛି । ତୁ ଏବେ ସମ୍ପୂର୍ଣ୍ଣ ମୁକ୍ତ ।" ବୁଢ଼ୀ କହିଲା ।

ମଗୁଲ ମାଗରୀ ଅଳ୍ପ ହସିଲା ।

"ତୁମେ ବି କିଭଳି କଥା ଉପରେ ବିଶ୍ୱାସ କରୁଛ ? ଏସବୁ କୁରଦୁଶ ବେର ମନଗଢ଼ା କଥା । ସାତବର୍ଷ ପୂରା ନ ହେଲା ପର୍ଯ୍ୟନ୍ତ ମୁଁ କାହାକୁ ବି ନିଜ ସ୍ୱାମୀ ଭାବେ ଗ୍ରହଣ କରିପାରିବିନି ।" ମଗୁଲ ମାଗରୀ କହିଲା ।

ଏତକ କହିସାରି କାନ୍ଥରେ ଓହଳିଥିବା ବଂଶୀ ବାହାର କରି କୋମଳ ସ୍ୱରରେ ଆଶିକ କେରିବର ପ୍ରିୟ ଗୀତର ସ୍ୱର ବଜାଇଲା ।

ଆଶିକ କେରିବ ଖାଲିପାଦ ଓ ଫୁଙ୍ଗୁଳା ଦେହରେ ଗୋଟେ ଗାଁରେ ପହଞ୍ଚିଲା । ଗାଁର ଭଲଲୋକମାନେ ତାକୁ ପୋଷାକ ଏବଂ ଖାଦ୍ୟ ଦେଲେ । କୃତଜ୍ଞତା ସ୍ୱରୂପ ସେ ସେମାନଙ୍କୁ ମୁଗ୍ଧ କଲା ଭଳି କିଛି ଗୀତ ଶୁଣାଇଲା । ଏହିଭଳି ଭାବେ ଗୋଟାଏ ଗାଁରୁ

ଅନ୍ୟ ଗାଁ, ଗୋଟାଏ ନଗରରୁ ଅନ୍ୟ ନଗର ସେ ଆଗେଇ ଚାଲିଲା ଏବଂ ଅନେକ ଦୂରଯାଏ ତା'ର ସୁନାମ ବ୍ୟାପିଗଲା ।

ଶେଷରେ ସେ ପହଞ୍ଚିଲା ଖଲାଫ ନଗରରେ । ସବୁଦିନ ଭଳି ଗୋଟେ ସରାଇରେ ସେ ରହିଲା ଏବଂ ତାନପୂରାଟିଏ ମାଗି ଗୀତ ଆରମ୍ଭ କରିଦେଲା ।

ସଂଯୋଗବଶତଃ ଖଲାଫ ନଗରରେ ସେହି ସମୟରେ ପାଶା ରାଜୁତି କରୁଥିଲେ । ସେ ଗାୟକମାନଙ୍କୁ ଖୁବ୍ ପସନ୍ଦ କରନ୍ତି । ଏହା ପୂର୍ବରୁ କେତେ ଗାୟକ ତାଙ୍କ ପାଖକୁ ଆସିଛନ୍ତି କିନ୍ତୁ ତାଙ୍କ ମନକୁ କେହି ଛୁଇଁ ନାହାନ୍ତି । ତାଙ୍କ କର୍ମଚାରୀମାନେ ଗାୟକ ସନ୍ଧାନରେ ନଗରର ଗଳିକନ୍ଦି ବୁଲୁଥାନ୍ତି । ସରାଇ ପାଖଦେଇ ଗଲାବେଳେ ହଠାତ୍ ସେମାନଙ୍କ କାନକୁ ଏକ ଯାଦୁଭରା ସ୍ୱର ଶୁଭିଲା । ସେମାନେ ଶୀଘ୍ର ଯାଇ ସେଠାରେ ପହଞ୍ଚିଲେ ।

"ଚାଲ ଆମ ସାଙ୍ଗରେ ଆମ ପାଶାଙ୍କ ପାଖକୁ । ଯଦି ତୁମେ ମନା କରିବ ତା ହେଲେ ତୁମ ଶିରଚ୍ଛେଦ ହେବ" ସେମାନେ ଉଚ୍ଚସ୍ୱରରେ କହିଲେ ।

"ମୁଁ ଜଣେ ସ୍ୱାଧୀନ ବ୍ୟକ୍ତି । ମୋ ଘର ତିଫଲିସ । ଯାତ୍ରା କରିବା ମୋର ଦୈନନ୍ଦିନ କାର୍ଯ୍ୟ । ମନହେଲେ ଯିବି ନଚେତ୍ ନାହିଁ । ମୋ ମନ ହେଲାବେଳେ ମୁଁ ଗାଏ । ତୁମ ପାଶା ମୋର ମାଲିକ ନୁହଁନ୍ତି ।" ସେ କହିଲା । ସେ ଏତେ କଥା କହିବା ସତ୍ତ୍ୱେ ସେମାନେ ତାକୁ ବଳପୂର୍ବକ ପାଶାଙ୍କ ପାଖକୁ ଧରିନେଲେ । ପାଶା ଦାବି କଲେ-

"ଗାଅ !"

ଆଶିକ କେରିବ ଗୀତ ଗାଇଲା । ଏ ଗୀତ ଭିତରେ ସେ ମଗୁଲ ମାଗରୀର ରୂପ ବର୍ଣ୍ଣନା କଲା । ଅହଂକାରୀ ପାଶାଙ୍କୁ ଏ ଗୀତ ଏତେ ଭଲ ଲାଗିଲା ଯେ ସେ ଆଶିକ କେରିବକୁ ନିଜ ଦରବାରରେ ସ୍ଥାନ ଦେଲେ । ସେ ଖୁବ୍ ଧନସମ୍ପତ୍ତି ପାଇଲା । ମୂଲ୍ୟବାନ୍ ବସ୍ତ୍ର ପରିଧାନ କଲା । ସେ ରହିଲା ସୁଖ ଓ ପ୍ରାଚୁର୍ଯ୍ୟ ଭିତରେ । ଖୁବ୍ ରଙ୍ଗୀନ ଜୀବନ ବିତାଇଲା । ମଗୁଲ ମାଗରୀକୁ ସେ ଭୁଲିଥିଲା କି ନାହିଁ ଏକଥା ତାକୁ ଜଣା ନ ଥିଲା କିନ୍ତୁ

ଅପେକ୍ଷାରେ ନିର୍ଦ୍ଦିଷ୍ଟ ତିଥି ପାଖହୋଇ ଆସୁଥିଲା । ସାତବର୍ଷରୁ ଶେଷ ବର୍ଷ ଶୀଘ୍ର ଶେଷ ହୋଇଯାଉଥାଏ କିନ୍ତୁ ସେଠାରେ ବିଦା ହେବାର କୌଣସି ଉପାୟ ତାକୁ ଦିଶୁ ନଥାଏ ।

ଏହି ସମୟରେ ଜଣେ ସୌଦାଗର ଚାଳିଶଟି ଓଟ ଓ ଅଶୀଜଣ ଗୋଲାମଙ୍କର ଦଳନେଇ ତିଫସିଲରୁ ଆସୁଥିଲେ । ମଗୁଲ ମାଗରୀ ତାଙ୍କୁ ନିଜ ପାଖକୁ ଡାକିଲା ଏବଂ ସୁନା ଥାଳିଟିଏ ଦେଇ କହିଲା:

"ଏହି ଥାଳିଟିକୁ ନିଜ ସାଙ୍ଗରେ ନେଇଯାଅ । ଯେଉଁ ନଗରରେ ପହଞ୍ଚିବ ନିଜ ଜିନିଷ ସହ ଏହାକୁ ଭଲଭାବରେ ସଜାଇ ରଖିବ । ଆଉ ଗୋଟେ କଥା ପ୍ରଚାର କରିବ ଯେ ଯିଏ ନିଜକୁ ଏ ଥାଳିର ମାଲିକ ବୋଲି ସାବ୍ୟସ୍ତ କରିବ ତାକୁ କେବଳ ଏହି ଥାଳି ନୁହଁ ଅଧିକନ୍ତୁ ସେହି ଓଜନର ସୁନା ମଧ୍ୟ ଦିଆଯିବ ।

ସୌଦାଗର ଚାଲିଗଲେ । ସେ ଯେଉଁଠି ରହୁଥାନ୍ତି ମଗୁଲ ମାଗରୀ ଯେଉଁ ଦାୟିତ୍ୱ ଦେଇଥିଲା ତାହା କରନ୍ତି । କିନ୍ତୁ କେହି ଏ ସ୍ୱର୍ଣ୍ଣ ଥାଳିର ମାଲିକ ବୋଲି ନିଜକୁ ଦାବି କରନ୍ତିନି । ସୌଦାଗରଙ୍କର ପ୍ରାୟ ସବୁ ଜିନିଷ ବିକ୍ରି ହୋଇଗଲା । ଅବଶିଷ୍ଟ ଜିନିଷ ସହ ସେ ଖଲାଫ ନଗରରେ ପହଞ୍ଚିଲେ ଏବଂ ମଗୁଲ ମାଗରୀର ସର୍ତ୍ତକୁ ନଗର ଭିତରେ ପ୍ରଚାର କରିଦେଲେ । ଆଶିକ କେରିବ ବି ଏ ବିଷୟରେ ଶୁଣିଲା ଏବଂ ତିଫଲିସର ସୌଦାଗର ରହୁଥିବା ସରାଇରେ ପହଞ୍ଚିଲା । ସୌଦାଗରଙ୍କ ଦୋକାନରେ ସଜା ହୋଇଥିବା ସୁନା ଥାଳିକୁ ସେ ଦେଖିଲା ।

"ଏହା ମୋର ।" ସେ କହିଲା ଏବଂ ଥାଳିକୁ ନିଜ ହାତରେ ଚାପିଦେଲା । "ଅବଶ୍ୟ, ଏହା ତୁମର । କାରଣ ଆଶିକ କେରିବ, ମୁଁ ତୁମକୁ ଚିହ୍ନି ପାରିଛି । ଏବେ ଖୁବ୍ ଶୀଘ୍ର ତିଫଲିସ ପହଞ୍ଚ । ମଗୁଲ ମାଗରୀ ତୁମକୁ ଜଣାଇବାକୁ ମତେ କହିଥିଲା ଯେ ନିର୍ଦ୍ଦିଷ୍ଟ ତିଥି ପାଖେଇ ଆସୁଛି, ଯଦି ତୁମେ ଠିକ୍ ସମୟରେ ସେଠାରେ ନ ପହଞ୍ଚିବ ସେ ଅନ୍ୟ କାହାକୁ ବିବାହ କରିଦେବ ।" ସୌଦାଗର କହିଲେ ।

ଆଶିକ କେରିବ ନିରାଶାରେ ନିଜ ମୁଣ୍ଡକୁ ଧରିଲା । ତା' ଭାଗ୍ୟର ନିଷ୍ପତ୍ତି

କରୁଥିବା ଘଡ଼ିରେ ଅତି ବେଶୀରେ ମାତ୍ର ତିନିଦିନ ରହିଥିଲା । ତଥାପି ସେ ଗୋଟେ ଘୋଡ଼ା ଉପରେ ବସିଲା, ସାଙ୍ଗରେ ସ୍ୱର୍ଣ୍ଣ ମୁଦ୍ରାଭରା ଏକ ଝୁଲା ନେଲା । ଘୋଡ଼ାର ଜୀବନ ପ୍ରତି ଭ୍ରୂକ୍ଷେପ ନ କରି ଖୁବ୍ ଜୋରରେ ଦଉଡ଼ାଇଲା । ଯାହା ହବା କଥା ତାହା ହିଁ ହେଲା । ତା' ଘୋଡ଼ା ଧକ୍କା ଖାଇଲା ଏବଂ ମୂର୍ଚ୍ଛିତ ହୋଇ ଅର୍ଜନୀନ ଓ ଅର୍ଜରୁମ ଭିତର ଅର୍ଜଇଗନ ପାହାଡ଼ ଭିତରେ ମରିଗଲା । ଏବେ ସେ କ'ଣ କରିବ ? ଅର୍ଜନୀନରୁ ତିଫଲିସ ପର୍ଯ୍ୟନ୍ତ ଘୋଡ଼ାରେ ଗଲେ ତିରିଶ ଦିନ ଲାଗିବ । କିନ୍ତୁ ତା' ପାଖରେ ଥିଲା ମାତ୍ର ଦୁଇ ଦିନର ସମୟ ।

"ହେ ସର୍ବଶକ୍ତିମାନ ପରମାତ୍ମା ! ଯଦି ତୁମେ ଏହି ସମୟରେ ମୋର ସହାୟତା ନକର ତାହେଲେ ଏହି ଦୁନିଆରେ ମୋ ପାଇଁ ଅନ୍ଧକାର ବ୍ୟତୀତ ଆଉ କିଛି ରହିବନି ।" ସେ ଚିତ୍କାର କରି କହିଲା ।

ସେ ଗୋଟେ ଉଚ୍ଚସ୍ଥାନକୁ ଗଲା ତଳକୁ ଡେଇଁବା ପାଇଁ । ସେହି ସମୟରେ ଅକସ୍ମାତ୍ ତା' ଦୃଷ୍ଟି ପଡ଼ିଲା ତଳେ ଠିଆ ହୋଇଥିବା ଜଣେ ଶ୍ୱେତ ଅଶ୍ୱର ଆରୋହୀଙ୍କ ଉପରେ । ସେ କହୁଥିବାର ତାକୁ ଶୁଭିଲା:

"ହେ ଯୁବକ, ତୁମେ ଏ କ'ଣ କରୁଛ ?"

"ମୁଁ ମରିବାକୁ ଚାହୁଁଛି ।" ଆଶିକ ଉତ୍ତର ଦେଲା ।

"ଯଦି ଏଭଳି କଥା ତେବେ ତଳକୁ ଆସ । ମୁଁ ନିଜେ ତୁମ କାମ ସଂପୂର୍ଣ୍ଣ କରିଦେବି ।"

ଆଶିକ କେରିବ କୌଣସି ପ୍ରକାର ଗଡ଼ାଣିରେ ଓହ୍ଲାଇ ତଳେ ପହଞ୍ଚିଲା ।

"ମୋ ପଛେ ପଛେ ଆସ ।" ଅଶ୍ୱାରୋହୀ ଜଣକ ଡରାଇଲା ଭଳି ସ୍ୱରରେ କହିଲେ ।

"ମୁଁ ତମ ପଛେ ପଛେ କେମିତି ଚାଲିପାରିବି । ତୁମ ଘୋଡ଼ା ପବନ ବେଗରେ ଚାଲୁଛି, ମୁଁ ଝୁଲାକୁ ଧରି ଚାଲିପାରୁନି ।" ଆଶିକ କହିଲା ।

"ତୁମେ ସତ କହୁଛ । ତୁମ ଝୁଲାକୁ ମୋ ଘୋଡ଼ାର ଜିନ୍‌ରେ ଓହଳାଇ

ଦିଅ । ଆଉ ନିଜେ ମୋ ପଛେ ପଛେ ଆସ ।”

ଆଶିକ କେରିବ ନିଜର ସମସ୍ତ ଶକ୍ତି ଲଗାଇ ଦଉଡ଼ିଲେ ବି ପଛରେ ରହିଯାଉଥାଏ ।

“ଆରେ ଏ କ’ଣ, ତୁମେ ପଛରେ କାହିଁକି ରହିଯାଉଛ ?” ଅଶ୍ୱାରୋହୀ ପ୍ରଶ୍ନ କଲେ ।

“ମୁଁ କେମିତି ତୁମ ସହ ଦଉଡ଼ିପାରିବି ? ତୁମ ଘୋଡ଼ାଇ ବେଗ ମନର ବେଗଠାରୁ ବି ତୀବ୍ର, ମୁଁ ଦଉଡ଼ି ଦଉଡ଼ି କ୍ଲାନ୍ତ ହୋଇଗଲିଣି ।”

“ତୁମେ ସତ କଥା କହୁଛ ! ଗୋଟେ କାମ କର, ମୋ ପଛରେ ଘୋଡ଼ା ଉପରେ ବସ ଏବଂ ସତ କୁହ କେଉଁଠାକୁ ଯିବାକୁ ଚାହୁଁଛ ?”

“ଓହୋ, କୌଣସି ପ୍ରକାର ଅର୍ଜରୁମ ପହଞ୍ଚିଗଲେ ଏହା ମୋ ପାଇଁ ବହୁତ ବଡ଼ କଥା ହେବ ।” ଆଶିକ କେରିବ ଉତ୍ତର ଦେଲା ।

“ତାହେଲେ ତୁମେ ଆଖି ବନ୍ଦକର ।”

ଆଶିକ କେରିବ ଆଖି ବନ୍ଦ କଲା ।

“ଏବେ ଆଖି ଖୋଲ ।” ଅଶ୍ୱରୋହୀ କହିଲେ । ଆଶିକ କେରିବ ଆଖି ଖୋଲି ଦେଖିଲା ସାମ୍ନାରେ ଅର୍ଜରୁମର ଧଳା ପାଚେରୀ ଏବଂ ମିନାର ଚିକ୍ ଚିକ୍ କରୁଛି ।

“ଆରେ ଭାଇ ମୋର ଭୁଲ୍ ହୋଇଗଲା । ମୁଁ ଭୁଲ୍ କଲି । ପ୍ରକୃତରେ ମୋର କାର୍ସ ଯିବାର ଅଛି ।” ଆଶିକ କେରିବ କହିଲା ।

“ଏବେ ସତ କହିଲନା । ମୁଁ ତୁମକୁ ପ୍ରଥମରୁ ହିଁ ସଚେତ କରାଇ ଦେଇଥିଲି ଯେ ପୂରା ସତ କହିବାକୁ । ଯାହାହେଉ ଏବେ ତୁମେ ଆଖି ବନ୍ଦ କର ... ହଁ, ଏବେ ଖୋଲ ।”

ଆଶିକ କେରିବ ନିଜ ଆଖି ସାମ୍ନାରେ କାର୍ସକୁ ଦେଖି ନିଜ ଚେତନା ଉପରେ

ବିଶ୍ୱାସ କରିପାରିଲାନି । ଆଶ୍ଚେଇପଡ଼ି କହିଲା-

“ହେ ଭାଇ, ମୋର ଭୁଲ୍ ହୋଇଗଲା । ମୁଁ ତୁମ ପାଖରେ ଅପରାଧ କରିଛି । କିନ୍ତୁ ତୁମେ ତ ଜାଣିଥିବ ଯେ ଯେଉଁ ଲୋକ ପ୍ରତ୍ୟୁଷରେ ମିଛ କହିବାର ଇଚ୍ଛା କରେ ତାକୁ ସଂଧ୍ୟାରେ ବି ମିଛ କହିବାକୁ ପଡ଼େ । ସତକଥା ହେଉଛି ମୋର ତିଫଲିସରେ ପହଞ୍ଚିବା ଆବଶ୍ୟକ ।”

“ତୁମେ କିଭଳିଆ ମିଥ୍ୟାବାଦୀ ।” ଅଶ୍ୱାରୋହୀ ବିରକ୍ତ ହୋଇ କହିଲେ ।

“କିନ୍ତୁ କ’ଣ କରାଯିବ, ମୁଁ ତୁମକୁ କ୍ଷମା ମାଗୁଛି ।” ହଁ ତୁମେ ତୁମ ଆଖି ବନ୍ଦ କର... ଏବେ ଖୋଲ ।” ଗୋଟେ ମିନିଟ୍ ରହି ରହି ଅଶ୍ୱାରୋହୀ କହିଲେ ।

ଆଶିକ ଖୁସିରେ ଚିତ୍କାର କଲା । ସେମାନେ ଏବେ ତିଫଲିସର ଦ୍ୱାର ଦେଶରେ ଠିଆ ହୋଇଥିଲେ ।

ହୃଦୟର ସହ ଆଶିକ ଧନ୍ୟବାଦ ଦେଲା ଏବଂ ଜିନ୍ ଉପରୁ ନିଜ ଝୁଲା ବାହାର କରି ଅଶ୍ୱାରୋହୀଙ୍କୁ କହିଲା-

“ଆରେ ଭାଇ, ତୁମେ ମହାନ୍ ବ୍ୟକ୍ତି । କିନ୍ତୁ ମୋ ପାଇଁ ଆଉ ଗୋଟିଏ କାମ କରିଦିଅ । ଯଦି ମୁଁ କାହାକୁ କହିବି ଯେ ଅର୍ଜନୀନରୁ ଗୋଟାଏ ଦିନରେ ତିଫଲିସରେ ଆସି ପହଞ୍ଚିଲି ମୋ କଥାକୁ କେହି ବିଶ୍ୱାସ କରିବେନି । ତେଣୁ ମତେ ଏଭଳି କିଛି ଜିନିଷ ଦିଅ ଯାହାଦ୍ୱାରା ଏକଥା ସତ ବୋଲି ମୁଁ ପ୍ରମାଣ କରିପାରିବି ।”

ଅଶ୍ୱାରୋହୀ ହସିଦେଇ କହିଲେ, ‘ନଇଁପଡ଼ି ମୋ ଘୋଡ଼ାର ପାଦତଳେ ମାଟିରୁ ମୁଠାଏ ଉଠାଇ ନିଅ ଏବଂ ତାହାକୁ ନିଜ ପୋଷାକ ଭିତରେ ଲୁଚାଇ ରଖ । ଯଦି କେହି ତୁମ ସତ୍ୟତା ଉପରେ ସନ୍ଦେହ କରେ ତେବେ ତାକୁ କହିବ ସାତବର୍ଷ ଧରି କିଛି ଦେଖିପାରୁ ନ ଥିବା କୌଣସି ଦୃଷ୍ଟିହୀନ ବ୍ୟକ୍ତିକୁ ଡାକି, ତା’ ଆଖି ଉପରେ ଏହି ମାଟିର ପ୍ରଲେପକୁ ଲଗାଇଦେଲେ ସେ ଦେଖିପାରିବ ।”

ଆଶିକ କେରିକ ଶ୍ୱେତଅଶ୍ୱର ଖୁରାତଳୁ ମୁଠାଏ ମାଟି ଉଠାଇ ନେଲା । ସେ

ମୁଣ୍ଡ ଉଠାଇଲାବେଳକୁ ଅଶ୍ୱ ଏବଂ ଅଶ୍ୱାରୋହୀ ଉଭୟ ଅଦୃଶ୍ୟ ହୋଇଯାଇଥିଲେ । ସେତେବେଳେ ତା'ର ପୂରା ବିଶ୍ୱାସ ହୋଇଗଲେ ଯେ 'ହୈଦରଇଲିୟାସ' କିମ୍ବା 'ଜୌରୋ'ଙ୍କ ଶଢରେ ସନ୍ଥ ଜାର୍ଜଙ୍କ ବ୍ୟତୀତ ଆଉ କେହି ନ ଥିଲେ ।

ରାତି ବିତିଯିବା ପରେ ଆଶିକ କେରିବ ନିଜ ଘରେ ପହଞ୍ଚି ପାରିଲା । କମ୍ପିତ ହାତରେ ସେ ଦୁଆର ଖଟ୍ ଖଟ୍ କଲା । ତା' ସହ ମାଆକୁ ଭଉଣୀକୁ ବି ଡାକିଲା ।

"ମାଆ, ମାଆ କବାଟ ଖୋଲ । ମୁଁ ଜଣେ ଅତିଥି । ଖୋଦା ମତେ ତୋ ଦୁଆର ପାଖକୁ ପଠାଇଛନ୍ତି । ଭୋକ ଓ ଶୀତରେ ମୁଁ କଷ୍ଟ ପାଉଛି । ଦୟାକର, ତୋ ପଥିକ ପୁଅ ପାଇଁ ମତେ ଭିତରକୁ ଆସିବାକୁ ଦେ ।"

ବୁଢ଼ୀ ଦୁର୍ବଳ ସ୍ୱରରେ ଉତ୍ତରଦେଲା:-

"ପଥଚାରୀମାନଙ୍କୁ ଦେବାପାଇଁ ଧନୀମାନଙ୍କ ଘର ଅଛି । ସାରା ନଗରରେ ବିବାହ ଉତ୍ସବ ହେଉଛି । ତୁ ସେହିଠାକୁ ଯାଆ । ସେଠାରେ ତୋ ରାତି ଭଲରେ କଟିଯିବ ।"

"ମାଆ, ମୁଁ ଏଠାରେ କାହାକୁ ଜାଣିନି, ତେଣୁ ତତେ ପୁଣି ଅନୁରୋଧ କରୁଛି । ତୋ ପଥିକ ପୁଅ ନାଁରେ ମତେ ଭିତରକୁ ଆସିବାକୁ ଦେ ।"

ଏକଥା ଶୁଣି ତା' ଭଉଣୀ ମାଆ କହିଲା-

"ମାଆ, ମୁଁ ଯାଉଛି ତାଙ୍କୁ କବାଟ ଖୋଲିଦେବି ।"

"କୁଳାଙ୍ଗାରୀ, ଯୁବକମାନଙ୍କୁ ଦେଖିଲାକ୍ଷଣି ତୋ'ର ଲାଳ ବହୁଛି ଆଉ ତୁ ସେମାନଙ୍କର ଖୁବ୍ ସତ୍କାର କରୁଛୁ । ମତେ ତ କିଛି ଦେଖାଯାଉନି । ମୁଁ ସାତବର୍ଷ ଧରି ଏତେ କାନ୍ଦିଛି ଯେ ମୋ ଆଖିକୁ ଆଉ ଦିଶୁନି ।" ମାଆ କହିଲା ।

ମାଆ ଗାଳି ଦେଉଥାଏ କିନ୍ତୁ ଝଟିଟି ଉଠି ଆଶିକ କେରିବକୁ ଦୁଆର ଖୋଲିଦେଲା । ନମସ୍କାର ପରେ ସେ ବସିଗଲା ଏବଂ ହୃଦୟରେ ଭାବନାର ସ୍ତୁପକୁ ଲୁଚାଇ ନିଜ ଚତୁଃପାର୍ଶ୍ୱକୁ ଦେଖିବାରେ ଲାଗିଲା । ମଧୁର ସ୍ୱର ଦେଉଥିଲା ତାନପୂରା

ଉପରେ ତା'ର ଦୃଷ୍ଟି ପଡ଼ିଲା । ତାହା କାନ୍ଥରେ ଟଙ୍ଗା ହୋଇଥିଲା । ତାନପୂରା ଦେହରେ ପରସ୍ତ ପରସ୍ତ ଧୂଳି ଜମିଥିଲା । ସେ ଏବେ ତା' ମାଆର ପୂର୍ବ ସ୍ମୃତି ମନେପକାଇବାକୁ ଆରମ୍ଭ କଲା ।

"ସେ କାନ୍ଥରେ କ'ଣ ଟଙ୍ଗା ହୋଇଛି ?"

"ତୁ କିଭଳିଆ ଅତିଥି କି ? ତୁ ଏତିକିରେ ସନ୍ତୁଷ୍ଟ ହେବା ଉଚିତ୍ ଯେ ତତେ ଖାଇବାକୁ ରୁଟି ମିଳିବ ଏବଂ ଆଲ୍‌ହାକୁ ସ୍ମରଣ କରି ସକଳେ ଏଠାରୁ ତତେ ଯିବାକୁ ହେବ ।" ବୁଢ଼ୀ କହିଲା ।

ଆଶିକ କେରିବ କହିଲା, "ମୁଁ ତତେ ପୂର୍ବରୁ କହିଛି ତୁ ହିଁ ମୋ ନିଜ ମାଆ ଆଉ ଇଏ ମୋ ଭଉଣୀ । ଏଥିପାଇଁ ମୁଁ ତୋଠାରୁ ଜାଣିବାକୁ ଚାହୁଁଛି କାନ୍ଥରେ କ'ଣ ଟଙ୍କା ହୋଇଛି ?"

"ଏହା ତାନପୂରା ।" ତା' କଥାକୁ ବିଶ୍ୱାସ ନ କରି ବୁଢ଼ୀ ବିରକ୍ତିରେ ଉତ୍ତର ଦେଲା ।

"ତାନପୂରା ? ତୁମର ତାନପୂରା କ'ଣ ହେଉଛି ?"

"ଗୀତ ଗାଇବା ସମୟରେ ଏହା ବଜାଯାଏ ।"

ଏକଥା ଶୁଣି ଆଶିବ କେରିବ ବୁଢ଼ୀକୁ ଅନୁରୋଧ କଲା ସେଇ ତାନପୂରାକୁ ନେବାପାଇଁ ।

ବୁଢ଼ୀ କହିଲା, "ଏହା କେମିତି ହୋଇପାରିବ ! ଏ ତାନପୂରା ମୋ ଦୁଃଖୀ ପୁଅର । ଦୀର୍ଘ ସାତବର୍ଷ ହେଲା ଏହା କାନ୍ଥରେ ଟଙ୍ଗା ହୋଇଅଛି । କେଉଁ ଜୀବିତ ଲୋକ ଏହାକୁ ହାତରେ ଛୁଇଁନି ।"

ତା' ଭଉଣୀ ଉଠିଲା ଏବଂ କାନ୍ଥରୁ ତାନପୂରାକୁ ବାହାର କରି ତାକୁ ଦେଇଦେଲା । ଏହାପରେ ଆଶିକ କେରିବ ଆକାଶ ଆଡ଼କୁ ଚାହିଁ ପ୍ରାର୍ଥନା କଲା, "ହେ ଆଲ୍‌ହା, ଯଦି ମୋ ଭାଗ୍ୟରେ ନିଜ ମନର ଇଚ୍ଛା ପୂର୍ଣ୍ଣ ହେବାର ଅଛି ତେବେ ତୁମେ ମୋର ଏହି ସାତତାର ବିଶିଷ୍ଟ ଯନ୍ତ୍ରରେ ସାତବର୍ଷ ପୂର୍ବେ ଶେଷଥର ପାଇଁ ବଜାଇଥିବା ସ୍ୱରକୁ ଝଙ୍କୃତ କରିଦିଅ ।"

ସେ ତମ୍ବା ତାରକୁ ବଜାଇଲା । ତାରଗୁଡ଼ିକର ସଂବାଦୀ ସ୍ୱରର ଝଙ୍କାର ତୋଳି ସେ ନିଜ ଗୀତ ଆରମ୍ଭ କଲା, "ମୁଁ ଆଶିବ କେରିବ, ମୋର ଶନିଦଶା ପଡ଼ିଛି ଏବଂ ମୋ କଥା ଦୁର୍ବଳ । ତଥାପି ହୈଦର ଇଲିୟାସ ମତେ ସାହାଯ୍ୟ କଲେ ଉଚ୍ଚା ଶିଖରକୁ ଓହ୍ଲାଇବାକୁ । ସ୍ୱୀକାର କରୁଛି ମୁଁ ହିଁ କେରିବ ଏବଂ ମୋ କଥା ଦୁର୍ବଳ, ତଥାପି ଘରୁ ବାହାରିଯାଇଥିବା ନିଜ ପୁଅକୁ ତୁ ଚିହ୍ନିପାର ମାଆ ।"

ଏକଥା ଶୁଣି ମାଆ ଆଖିରୁ ଲୁହ ଝରିଲା । ସେ ପଚାରିଲା, "ତୋ ନାଁ କ'ଣରେ ?"

"ରଶିଦ(ସରଳ ହୃଦୟ) ।" କେରିବ ଉତ୍ତର ଦେଲା ।

"ତୁ ତ ନିଜ କଥା କହିଦେଲୁ, ଏବେ ମୋ କଥା ବି ଶୁଣ ରଶିଦ ! ତୁ ତୋ କଥାରେ ମତେ ଖିନଭିନ୍ କରିଦେଲୁଣି । ମୋ ଆଖି ଏବେ ସ୍ୱପ୍ନରେ ଦେଖିପାରୁଛି । ଏହି ରାତିରେ ମୁଁ ସ୍ୱପ୍ନରେ ଦେଖିଲି - ମୋ ମୁଣ୍ଡବାଳ ପୂରା ଧଳା ହୋଇଯାଇଛି । ସାତବର୍ଷ ଧରି ଝରୁଥିବା ଲୁହ ମତେ ଅନ୍ଧ କରି ଦେଇଛି । ତୋ ସ୍ୱର ତା' ସ୍ୱର ସହ ମିଶୁଛି, ତେଣୁ ତୁ କହ ମୋ ପୁଅ କେବେ ଫେରିବ ? କାନ୍ଦି କାନ୍ଦି ସେ ଏହି କଥାକୁ ପୁନରାବୃତ୍ତି କଲା । ଆଶିକ ବହୁତ ପ୍ରକାର ବୁଝାଇଲା, ସେ ହିଁ ତା' ପୁଅ କିନ୍ତୁ ସବୁ ପ୍ରଚେଷ୍ଟା ବ୍ୟର୍ଥ ହେଲା । ବୁଢ଼ୀ ବିଶ୍ୱାସ କଲାନି । କିଛି ସମୟ ରହିଲା ପରେ ସେ ଅନୁରୋଧ କଲା, " ମୋ ମାଆ, ମୋ ସୁନା ମାଆ ଅନ୍ତତଃ ମତେ ଏହି ତାନପୂରାଟି ଦିଅ, ମୁଁ ଏହାକୁ ନେଇ ମୋ ଭାଗ୍ୟ ପରୀକ୍ଷା କରିବି । ଶୁଣୁଛି ପାଖରେ ଏକ ବିବାହ-ଉତ୍ସବ ହେଉଛି । ମୋ ଭଉଣୀ ମତେ ସେଠାକାର ରାସ୍ତା ବତାଇଦେବ, ମୁଁ ସେଠାରେ ଗାଇବି - ବଜାଇବି ଏବଂ ଯାହା କିଛି ମିଳିବ ସେଥିରେ ତୁମ ଦୁହିଁଙ୍କର ବି ଭାଗ ରହିବ ।"

"ନା, ମୁଁ ଏକଥାକୁ ଗ୍ରହଣ କରିପାରିବିନି । ମୋ ପୁଅ ଗଲାଦିନରୁ ଏ ତାନପୂରା ଘରୁ ପଦାକୁ ଯାଇନି ।" ବୁଢ଼ୀ ଉତ୍ତରଦେଲା ।

ଆଶିକ କେରିବ ପ୍ରତିଶ୍ରୁତି ଦେଲା ଗୋଟାଏ ବି ତାର ସେ ଏପଟ ସେପଟ

କରିବନି ।

"ଯଦି ଗୋଟେ ହେଲେ ତାର ଛିଡ଼ିଯିବ, ତା' ହେଲେ ମୁଁ ମୋ ନିଜର ସବୁ ଜିନିଷ ସହ ଏହାପାଇଁ ଦାୟୀ ହେବି ।" ସେ ଜୋର୍ ଦେଇ କହିଲା ।

ବୁଢ଼ୀ ତା' ଝୁଲାକୁ ଅଣ୍ଡାଳିଲାରୁ ଜାଣିପାରିଲା ଯେ ତାହା ସ୍ୱର୍ଣ୍ଣମୁଦ୍ରାରେ ଭରା ହୋଇଛି । ତା'ପରେ ସେ ତାକୁ ତାନପୂରାଟି ନେବାକୁ ଅନୁମତି ଦେଲା । ଭଉଣୀ ତାକୁ ରାସ୍ତା ଦେଖାଇଲା, ଖୁବ୍ ଧୂମଧାମ୍‌ରେ ବିବାହ ଉତ୍ସବରେ ଭୋଜି ଦିଆଯାଉଥିବା ଧନୀଘର ପାଖରେ ତାକୁ ଛାଡ଼ିଦେଇ ନିଜେ ଦୁଆର କଡ଼ରେ ଠିଆହେଲା । ସେ ଦେଖିବାକୁ ଚାହୁଁଥାଏ ଏବେ କ'ଣ ଘଟିବାକୁ ଯାଉଛି ।

ମଗୁଲ ମାଗରୀ ସେହି ଘରେ ରହୁଥିଲା ଏବଂ ଠିକ୍ ଏହି ରାତିରେ ସେ କୁରଦୁଶ ବେ'ର ସ୍ତ୍ରୀ ହେବାକୁ ଯାଉଥିଲା । କୁରଦୁଶ ବେ ତା'ର ଆତ୍ମୀୟ ସ୍ୱଜନ ଏବଂ ସାଙ୍ଗସାଥୀମାନଙ୍କ ସହ ଖିଆପିଆରେ ମସ୍ତ ଥିଲା । ମଗୁଲ ମାଗରୀ କାରୁକାର୍ଯ୍ୟ ଭରା ପର୍ଦ୍ଦା ପଛରେ ନିଜ ସାଥୀମାନଙ୍କ ସହ ବସିଥିଲା । ତା'ର ଗୋଟେ ହାତରେ ଥିଲା ବିଷପାତ୍ର ଆଉ ଅନ୍ୟ ହାତରେ ଧାରୁଆ ଛୁରୀ ! ସେ ନିୟମ କରିଥିଲା ଯେ କୁରଦୁଶ ବେର ପଲଙ୍କ ପାଖରେ ପାଦ ରଖିବା ପୂର୍ବରୁ ସେ ନିଜ ଜୀବନକୁ ଶେଷ କରିଦେବ ।

ସେହି ସମୟରେ ପର୍ଦ୍ଦା ପଛକୁ କେହି ଆଗନ୍ତୁକ ଆସିଥିବାର ସେ ଶୁଣିଲା । ଆଗନ୍ତୁକ କହୁଥିଲେ, "ନମସ୍କାର । ଖୋଦା ତୁମକୁ କ୍ଷମା କରନ୍ତୁ, ତୁମେ ଯେ ଏଠାରେ ଭୋଜି ଦେଉଛ ଆଉ ଖୁସି ହେଉଛ । ମୁଁ ଜଣେ ପରଦେଶୀ ପଥିକ । ମତେ ବି ଏଠାରେ ବସିବାକୁ ଅନୁମତି ଦିଅ । ମୁଁ ତୁମକୁ ଗୀତ ଶୁଣାଇ ଖୁସି କରିଦେବି ।"

"ହଁ, ଏହା ବିବାହ ଉତ୍ସବ । ଗାଇବା ଓ ନାଚିବା ଲୋକଙ୍କୁ କିଏ ବା ମନା କରିବ । ତାହେଲେ ତୁମେ ବି କିଛି ଶୁଣା, ମୁଁ ତୁମକୁ ଆଞ୍ଜୁଳିଭରା ସ୍ୱର୍ଣ୍ଣମୁଦ୍ରା ଦେଇ ବିଦା କରିବି ।" କୁରଦୁଶ ବେ କହିଲା ।

କୁରଦୁଶ ବେ ତାକୁ ପଚାରିଲା, "ତୋ ନାଁ କ'ଣରେ ପଥିକ ?"

"ଶିନ୍ ଦି ଗରୁରସଜ !

"ବାଃ କି ନାଁ ! ଏଭଳି ନାଁ ତ ମୁଁ ପ୍ରଥମଥର ଶୁଣୁଛି ।"

ସେ ଖୁବ୍ ଜୋରରେ ହସି ଉଠି କହିଲା ।

"ଜନ୍ମପୂର୍ବରୁ ମୋ ମାଆ ପେଟରେ କଷ୍ଟ ହେଲାବେଳେ ପଡ଼ୋଶୀମାନେ ଦୁଆର ପାଖରେ ଆସି ପଚାରନ୍ତି- ଆଲ୍‌ହା କ'ଣ ଦେଲେ, ପୁଅ ନା ଝିଅ ? ସେ ସମସ୍ତଙ୍କୁ ଗୋଟାଏ ଉତ୍ତର ମିଳେ, ଶିନ୍ ଦି ଗରୁରସଜ(ତୁମେ ଶୀଘ୍ର ଜାଣିଯିବ) ।"

ଏହାପରେ ସେ ତା'ର ତାନପୂରା ଉଠାଇଲା ଏବଂ ଗୀତ ଆରମ୍ଭ କଲା, "ଖଲାଫ ନଗରରେ ମୁଁ ମିଶର ମଦର ଜାମ୍ ପିଇଲି କିନ୍ତୁ ଖୋଦା ମତେ ଡେଣା ଦେଲେ ଏବଂ ତିନି ଦିନରେ ମୁଁ ଉଡ଼ିକି ଏଠାକୁ ଆସିଲି ।"

କୁରଦୁଶ ବେ ଭାଇର ମୁଣ୍ଡରେ ବୁଦ୍ଧି ସ୍ଥାନରେ ଗୋବର ଭରା ହୋଇଥିଲା । ସେ ତା' ଛୁରୀ ବାହାର କରି ଚିତ୍କାର କଲା, "ତୁମେ ମିଛ କହୁଛ । ଖଲାଫ ନଗରରୁ ଏଠାକୁ କେହି ତିନି ଦିନରେ କେମିତି ଆସିପାରିବ ?"

"ତୁମେ ଏ ଛୁରୀ କାହିଁକି ବାହାର କରୁଛ ? ଗାୟକମାନଙ୍କ ପାଇଁ ଏହା ସାଧାରଣ କଥା ଯେ ସେମାନେ ଦୁନିଆର ଚାରିକୋଣରୁ ଗୋଟାଏ ସ୍ଥାନରେ ଏକାଠି ହୁଅନ୍ତି । ତା' ଛଡ଼ା ମୁଁ ନିଜ ଗୀତ ପାଇଁ ତୁମଠୁ କିଛି ପାରିତୋଷିକ ବି ନେଉନି । ତୁମେ ବିଶ୍ୱାସ କର ବା ନ କର ଏହା ତୁମ ଇଚ୍ଛା ।" ଆଶିକ କେରିବ କହିଲା ।

"ଗୀତରେ ବାଧା ଦିଅନି ।" ଅନ୍ୟ ଜଣେ କହିଲା ।

ଆଶିକ କେରିବ ପୁଣି ଗୀତ ଆରମ୍ଭ କଲା ।

"ଅର୍ଜନୀନ ଘାଟିରେ ମୁଁ ନମାଜ ପଢ଼ିଲି(ସକାଳର ପ୍ରଥମ ନମାଜ), ଦ୍ୱିପ୍ରହରର ଅର୍ଜରୁମ ନଗରରେ, ସୂର୍ଯ୍ୟାସ୍ତ ସମୟରେ କାର୍ସା ନଗରରେ ଏବଂ ସଂଧ୍ୟାରେ ତିଫଲିସରେ । ଆଲ୍‌ହା ମତେ ଡେଣା ଦେଲେ ଏବଂ ମୁଁ ଉଡ଼ି ଉଡ଼ି ଏଠାରେ ଆସି ପହଞ୍ଚିଲି । ଯଦି ମୁଁ ମିଛ କହୁଛି ତେବେ ଖୋଦା କହନ୍ତୁ ଧଳାଘୋଡ଼ା ତଳେ ମୁଁ ଧ୍ୱଂସ ହୋଇଯାଏ । ସେ ଚାଲୁଥିଲା କ'ଣ, ତୀବ୍ର ବେଗରେ ଦଉଡୁଥିଲା, ସିଧା ରଶି

ଉପରେ ନୃତ୍ୟ କରୁଥିବା ନଟ ଭଳି ପାହାଡ଼ରୁ ଘାଟିକୁ, ଘାଟିରୁ ପାହାଡ଼ ଉପରକୁ ଡେଉଁଥିଲା । ଖୋଦା ଆଶିକକୁ ଡେଣା ଦାନ କଲେ ଏବଂ ସେ ଉଡ଼ି ଉଡ଼ି ମଗୁଲ ମାଗରୀର ବିବାହରେ ଆସି ପହଞ୍ଚିଲା ।"

ଏକଥାରୁ ମଗୁଲ ମାଗରୀ ତା' ସ୍ୱରକୁ ଚିହ୍ନିପାରିଲା । ବିଷପାତ୍ରକୁ ଗୋଟାଏ ଆଡ଼କୁ ଫିଙ୍ଗିଦେଇ ଛୁରୀକୁ ଅନ୍ୟଆଡ଼େ ଫିଙ୍ଗିଦେଲା ।

"ତାହେଲେ ତୁମେ କ'ଣ ଏହିଭଳି ନିଜ ପ୍ରତିଶ୍ରୁତି ରକ୍ଷା କରୁଛ ? ଏହାର ଅର୍ଥ ହେଉଛି ଯେ ତୁମେ ଆଜି ରାତିରେ କୁରଦୁଶ ବେର ପତ୍ନୀ ହେବାକୁ ଯାଉଛ ।"ଜଣେ ସଖୀ କହିଲା ।

"ତୁମେ ସବୁ ଚିହ୍ନିପାରୁନ, ମତେ ଭଲଲାଗୁଥିବା ସ୍ୱରକୁ ମୁଁ ଚିହ୍ନିପାରୁଛି" ମଗୁଲ ମାଗରୀ ଉତ୍ତରଦେଲା । କଇଁଚିରେ ପର୍ଦ୍ଦାକୁ କାଟି ଗୋଟେ ଝରକା ଭଳି କରିଦେଲା । ଆଶିକ କେରିବ ଉପରେ ତା'ର ଦୃଷ୍ଟି ପଡ଼ିବାରୁ ସେ ତାକୁ ଚିହ୍ନିପାରିଲା ଏବଂ ତା' ପାଟିରୁ ଏକ ଚିତ୍କାର ବାହାରିଲା । ଦଉଡ଼ି ଦଉଡ଼ି ସେ ଆଶିକ ପାଖକୁ ଆସିଲା । ତା' ବେକରେ ନିଜ ବାହାକୁ ଛନ୍ଦିଦେଲା । ଏହାପରେ ଦୁହେଁ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ । କୁରଦୁଶ ବେର ଭାଇ ଛୁରୀ ଧରି ସେମାନଙ୍କୁ ଆକ୍ରମଣ କରିବାକୁ ବାହାରି ପଡ଼ିଲା । ଦୁହିଁଙ୍କୁ ସେ ମାରିଦେବାକୁ ଚାହିଁଲା । କିନ୍ତୁ କୁରଦୁଶ ବେ ତାକୁ ଅଟକାଇ ଦେଲା କହିଲା, "କ୍ରୋଧ ଶାନ୍ତ କର ଏବଂ ମନେରଖ ଯେ ଜନ୍ମ ସମୟରେ ମଣିଷର ଭାଗ୍ୟରେ ଯାହାକିଛି ଲେଖା ହୋଇଛି ସେଥିରୁ କେବେ ମୁକ୍ତି ମିଳେନି ।"

ହୋସ୍ ଆସିଲା ପରେ ମଗୁଲ ମାଗରୀ ଲାଜରେ ଲାଲ ପଡ଼ିଗଲା । ହାତରେ ନିଜ ମୁହଁ ଲୁଚାଇ ପର୍ଦ୍ଦା ପଛରେ ଲୁଚିଗଲା ।

"ଏବେ ଅବଶ୍ୟ ପ୍ରତ୍ୟେକ ଦେଖିପାରିବେ ଯେ ତୁମେ ଆଶିକ କେରିବ । କିନ୍ତୁ ଏତେ କମ୍ ସମୟରେ ଭିତରେ ଦୀର୍ଘ ପଥକୁ କେମିତି ଅତିକ୍ରମ କଲ ? କୁରଦୁଶ ବେ ପଚାରିଲା ।

"ସତ୍ୟର ପ୍ରମାଣରେ ମୋ ତରବାରୀ ପଥରକୁ ବି କାଟିଦେବ । ଯଦି ମୁଁ ମିଥ୍ୟାବାଦୀ ତେବେ ଖୋଦା ମୋ ବେକକୁ କେଶଠାରୁ ବି ଆହୁରି ପତଳା କରିଦେବେ । ସବୁଠୁ ଭଲ କଥା ହେଉଛି ସାତବର୍ଷ ଧରି ସୂର୍ଯ୍ୟାଲୋକକୁ ଦେଖି ପାରିନଥିବା କୌଣସି ଅନ୍ଧକୁ ଯଦି ମୋ ସାମ୍ନାକୁ ଆଣିବ ମୁଁ ତା' ଆଖିର ଜ୍ୟୋତି ଫେରାଇ ଦେଇପାରିବି ।"

ଦୁଆର ପାଖରେ ଠିଆ ହୋଇଥିବା ଆଶିକ କେରିବର ଭଉଣୀ ଦଉଡ଼ି ଦଉଡ଼ି ତା' ମାଆ ପାଖକୁ ଗଲା ।

"ମାଆ, ସେ ସତରେ ମୋ ଭାଇ ଆଉ ତୋ ପୁଅ ଆଶିକ କେରିବ ।" ସେ ଚିତ୍କାର କରି କହିଲା ।

ଏହାପରେ ସେ ତା' ମାଆ ହାତକୁ ଧରି ଭୋଜି ହେଉଥିବା ସ୍ଥାନକୁ ନେଇଗଲା । ଆଶିକ କେରିବ ନିଜ ପୋଷାକ ଭିତରୁ ସେ ମାଟିକୁ ବାହାର କଲା । ତାକୁ ପାଣିରେ ଗୋଳାଇ ବୁଢ଼ୀ ଆଖି ଉପରେ ଲଗାଇ ଦେଇ କହିଲା, "ତୁମ୍ଭମାନଙ୍କ ସାମ୍ନାରେ ଏବେ ପ୍ରମାଣିତ ହୋଇଯିବ ଯେ ହେଦରଇଲିୟାସ କେତେ ମହାନ୍ ଆଉ ଶକ୍ତିଶାଳୀ ।"

ମାଟି ଲଗାଇ ସାରିବା ପରେ ମାଆ ଆଖି ଖୋଲିଲା ଏବଂ ସେ ସବୁକିଛି ପୂର୍ବଭଳି ଦେଖିପାରିଲା । ଏହାପରେ କାହା ମନରେ ତା' ସତ୍ୟତା ଉପରେ ସନ୍ଦେହ ରହିଲାନି । ସୁନ୍ଦରୀ ମଗୁଲ ମାଗରୀକୁ କୁରଦୁଶ ବେ ନିଜ ଅଧିକାରରୁ ମୁକ୍ତ କରିଦେଲା ।

ଏକଥାରେ ଖୁସିହୋଇ ଆଶିକ କେରିବ ତାକୁ କହିଲା, "ଶୁଣ କୁରଦୁଶ ବେ, ମୁଁ ବି ତୁମକୁ ସାନ୍ତ୍ୱନା ଦେବି । ତୁମ ସହ ବିବାହ ହେବାକୁ ଥିବା କନ୍ୟାଠାରୁ ମୋ ଭଉଣୀ କୌଣସି ପ୍ରକାର କମ୍ ନୁହେଁ । ମୁଁ ଏବେ ଅମିର । ସେ ବି ମଗୁଲ ମାଗରୀ ଭଳି ସୁନା-ରୂପାରେ ଛାଇ ହେବ । ତେଣୁ ତୁମେ ତାକୁ ସ୍ୱୀକାର କର । ମଗୁଲ ମାଗରୀକୁ ପାଇ ମୁଁ ଯେତିକି ଖୁସି ହେଉଛି ଖୋଦା ତୁମକୁ ସେତିକି ଖୁସି ଦିଅନ୍ତୁ ।


କୃପାସିନ୍ଧୁ ବଦନ

● ଦୀନକୃଷ୍ଣ ଦାସ

କୃପାସିନ୍ଧୁ ବଦନ କରି ଅବଲୋକନ
କେଉଁ କରମ ହୀନ ଜନ
କାକୁସ୍ତତର ହୋଇ କରଯୋଡି ଜଣାଇ
ଗରୁଡ଼ସ୍ତମ୍ଭ ସନ୍ନିଧାନ
ହେ ମହାପ୍ରଭୁ
କୃପାସରିତ ପତି ହୋଇ କର୍ମହୀନ ଜନର ତହିଁ
କରୁଣା କଲ ନାହିଁ କିମ୍ପା ହେ ଭାବଗ୍ରାହୀ
ଏହା ମୁଁ ବିଚିତ୍ର ମଣଇ
ହେ ମହାପ୍ରଭୁ ॥ ୧ ॥
ଖିଲ ବ୍ରହ୍ମାଣ୍ଡୋଦରେ କର୍ମହୀନ ଜନରେ
ଯେଣୁ ମୋ ସମ ଆନ ନାହିଁ
ଖଗ ତିଳକକାନ୍ତ ସେ କାରଣୁଁ ଏମନ୍ତ
ଖେଦ ଆରତେ କହିଲଇଁ
ହେ ମହାପ୍ରଭୁ
ଖଣ୍ଡିଲ ନାହିଁ ଯେଣୁ ମୋର ଖେଦ ଆରତ ରତ୍ନାକର
ଖିଲ ବ୍ରହ୍ମାଣ୍ଡଧର ଖଣ୍ଡି ନାହିଁ କାହାର
କଉଁ ବିପତ୍ତି ବିଶ୍ୱମ୍ଭର
ହେ ମହାପ୍ରଭୁ ॥ ୨ ॥
ଗଜରାଜକୁ ଜଳେ ଗ୍ରାହ ଗ୍ରାସିବା କାଳେ
ଡାକିଲା ରଖ ଆଦିମୂଳ
ଗୁରୁତର ଆତଙ୍କ ଜାଣିଣ ତା' ଶ୍ରୀରଙ୍ଗ
ରଥାଙ୍ଗ ପେଷିଲ ତତ୍କାଳ




ହେ ମହାପ୍ରଭୁ
ଗ୍ରାହ ଜୀବନ ନିବାରିଲ ଗଜ ବିପତ୍ତିରୁ ତାରିଲ
ଗରୁତ୍ମାନ- କେତନ ମମ କର୍ମକୁ ହୀନ
ନିରାଶ - ନିରବଧି ହେଲ
ହେ ମହାପ୍ରଭୁ ॥ ୩ ॥
××× ××× ×××
ଜଗତ ଅନ୍ୟାଗେ ଜାତ ଅବନୀ ଭାଗେ
ଦଇବେ ଜଗତର ନାଥ
ଜଗତ ଜନଙ୍କର ଭିତରୁ ହିଁ ବାହାର
ମୁହିଁ କି କାରଣେ ଅନାଥ
ହେ ମହାପ୍ରଭୁ
ଜଗନ୍ନାଥ ନାମ ବହିବ ଜନ ଆରତ ନ ଶୁଣିବ
ଜଗତପତି ହୋଇ ଅନୀତି କଲା ଠାଇଁ
ଆଉ କେ କା ଆଗେ କହିବ
ହେ ମହାପ୍ରଭୁ ॥ ୪ ॥
××× ××× ×××
ନିରାଶ ଥିଲେ ଚିତ୍ତେ କହ ହେ ପ୍ରଭୁ ମୋତେ
ମୋ ଜୀବ ପ୍ରତି ଆଶା ତୁଟୁ
ନିଶ୍ଚେ କରୁଣାନିଧି ହେଲ ନିର୍ଦ୍ଦୟ ବୁଦ୍ଧି
ବୋଲି ତ୍ରିଭୁବନେ ପ୍ରକଟୁ
ହେ ମହାପ୍ରଭୁ
ନିଶ୍ଚେ ନିର୍ଦ୍ଦୟ ହେବ ଯେବେ ନିଖିଳେ ଆଉ ନିକିଥିବେ
ନାଗ ନୃପତି ସୁର ସମୀର ନିଧି ଧର
ଯେ ଯାହା ସତ୍ୟକୁ ଲଙ୍ଘିବେ
ହେ ମହାପ୍ରଭୁ ॥ ୫ ॥



××× ××× ×××
ଡେରିଥିଲ ଶ୍ରବଣ ଗଜ ଆଦି ବ୍ରାହ୍ମଣ
ଡାକିଲା ମାତ୍ରକେ ଶୁଣିଲ
ଡୋଳା ଗୋଚରେ ଥାଇ ଡାକିଲେ ନ ଶୁଭଇ
କର୍ଣ୍ଣକୁହର କି ମୁଦିଲ
ହେ ମହାପ୍ରଭୁ
ଡାକ ବାଜୁଛି ଜଗତରେ ଡାକିଲେ ତ ଶୁଣ କର୍ଣ୍ଣରେ
ଡରିଲ କି ମୋହର ବିପତ୍ତି ଦେଖି ଘୋର
ତେଣୁ ବା ନ ଶୁଣୁଛ ବାରେ
ହେ ମହାପ୍ରଭୁ ॥ ୬ ॥
ଲଲାଟର ଲିଖନ କେ କରିପାରେ ଆନ
ଏମନ୍ତ ଆଜ୍ଞା ହେବ ଅବା
ଲଭି ତୁମ୍ଭଙ୍କୁ ପତି ପଶେ ହେ ରମାପତି
କର୍ମକୁ ଯେବେ ଆବୋରିବା
ହେ ମହାପ୍ରଭୁ
ଲୀଳାମାତ୍ରକେ ଏ ସଂସାର ଲୁତାସୂତା ପ୍ରାୟେ ସଂହ
ଲୋକକର୍ମକୁ ସହୁ ସତେକି ମହାବାହୁ
ଏମନ୍ତ ବିଚାର ମନର
ହେ ମହାପ୍ରଭୁ ॥ ୭ ॥
××× ××× ×××
ସେବକ ହୋଇକରି ପ୍ରଭୁ କୋପକୁ ଡରି
ଭରସି ଯେବେ ନ କହିବ
ଶୁଣ ମହିମାମେରୁ ଏ ଦୁଃଖ ଜଳଧିରୁ
କେମନ୍ତ ପ୍ରକାରେ ତରିବ
ହେ ମହାପ୍ରଭୁ



ସର୍ବଜ୍ଞ ପୁରୁଷ ଗୋସାଇଁ ସକଳ ଜୀବ ହୃଦେ ଥାଇ
ସେବକ ଦୁଃଖ ଜାଣି ଦୟା ନ କଲେ ପୁଣି
ଆଉ ଜାଣତ ଅଛି କେହି
ହେ ମହାପ୍ରଭୁ ॥ ୮ ॥
କ୍ଷମା ସାଗର ବୋଲି ଶରଣ ମୁଁ ପଶିଲି
ଜଣାଇଲଇଁ ଶ୍ରୀପଯରେ
କ୍ଷଣ ହେ ମୋହ ମନ ନର ହେ ତୁମ୍ଭ ଧ୍ୟାନ
ଗୁଣଗାୟନ ମାନଙ୍କରେ
ହେ ମହାପ୍ରଭୁ ।
କ୍ଷୋଭ ଯେବେ ମନେ ନୁହନ୍ତା କ୍ଷଣେ ହେ ନାମ ୯
କ୍ଷାର ଦୀନ ପାମର କୃଷ୍ଣ କିପାଇଁ ଛାର
ଭବସାଗରକୁ ତରନ୍ତା
ହେ ମହାପ୍ରଭୁ ॥ ୯ ॥



(ଏକ ବୃହତ୍ ରଚନାର ଅଂଶବିଶେଷ)

❐❐❐

ଥକାମନ ଚାଲ ଯିବା

(ରାଗ - ଖମାନ)

● ସାରିଆ ଭିକ


ଥକାମନ ଚାଲଯିବା
ଚକାନୟନ ଦେଖିବା
ଶଙ୍ଖନାଭି ମଣ୍ଡଳରେ
ବେନି ନେତ୍ର ପଖାଳିବା । (ଘୋଷ)

ବାଟରେ ବାଟମଙ୍ଗଳା
ଦେଖିବା ଅଠରନଳା
ପାଞ୍ଚମନ ଏକ ମେଳା
ନରେନ୍ଦ୍ର ସ୍ନାନ କରିବା ॥ ୧ ॥


ପହଞ୍ଚିବା ବଡ଼ଦାଣ୍ଡେ
ସେ ରେଣୁ ପାଇବା ତୁଣ୍ଡେ
ଛତା ତଳେ ରହି ଦଣ୍ଡେ
ସାଧୁଙ୍କ ସେବା କରିବା ॥ ୨ ॥

ସିଂହଦ୍ୱାରେ ଭିଡ଼ାଭିଡ଼ି
ବାଜୁଅଛି ବେତବାଡ଼ି
ଠେଲି ଦେଇ ଯିବା ମାଡ଼ି
ଧକ୍କା ବାଜିଲେ ସହିବା । ॥ ୩ ॥

ବାଇଶି ପାବଚ୍ଛେ ବିକା
ହେଉଛି କୈବଲ୍ୟ ଚଖା



ହାଣ୍ଡିକ ପଡ଼େ ସୀଉକା
ମନ ରଙ୍କା ଛଡ଼ାଇବା । ॥ ୪ ॥
ଗରୁଡ଼ ପଛରେ ଦେଖ
ଦିଶୁଛି କଳାଶ୍ରୀମୁଖ
କହଇ ସାରିଆ ଭିକ
ବଳରାମଙ୍କୁ କହିବା । ॥ ୫ ॥



ବଡ଼ ମାୟାବୀ ଜୀବ

● ଯଶୋବନ୍ତ ଦାସ

ବଡ଼ ମାୟାବୀ ଜୀବ ନୋହେ କାହାରି ।
ଦିନେ ନ ଭଜୁ ରାମକୃଷ୍ଣ ଶ୍ରୀହରି । ॥ ୦ ॥

ଯେତେବେଳେ ମାତା ଗର୍ଭେ ହେଲୁ ସଞ୍ଚାର
ଅଣାକାର ଭୂମି ସେ ଯେ ନାହିଁ ଆକାର ।
ପ୍ରଥମ ମାସେ ତୁ ଯେ ହେଲୁ ଧବଳବର୍ଣ୍ଣ
ଦ୍ୱିତୀୟ ମାସେ ତୁ ଯେ ଜଳେ ଯେସନେ ମୀନ
ତୃତୀୟ ମାସେ ତୁ ଯେ ଶୂନ୍ୟେ ମେଲିଲୁ ଡାଳ
ଚତୁର୍ଥେ ଅସ୍ଥି ଖଞ୍ଜା ତୋହରି । ॥ ୧ ॥
ପଞ୍ଚମେ ନାଭିକମଳ କଲା ଭିଆଣ
ଷଷ୍ଠରେ ବାସ୍ତରୀ ନାଡ଼ି ଖଞ୍ଜିଲା ଜାଣ,
ସପ୍ତମେ ନାସା ଜିହ୍ୱା ଆବର ମୁଖ କର୍ଣ୍ଣ
ଚକ୍ଷୁ ଭ୍ରୂଲତା କାମ କମାଣରେ ନିର୍ମାଣ
ଗଙ୍ଗା ଯମୁନା ନଦୀ ବହଇ ଅନୁକ୍ଷଣ
ଆପେ ମନକୁ କଲା ବିଚାରି । ॥ ୨ ॥
ଅଷ୍ଟମେ ଅଙ୍ଗୁଷ୍ଠି ହସ୍ତ ପାଦ ଖଞ୍ଜିଲା
ନବମାସେ ଚମଡ଼ାକୁ ଢ଼ାଙ୍କୁଣୀ ଦେଲା,
ଦଶ ମାସରେ ଶେଷ କଲା ହୋଇ ହରଷ
ସ୍ତୁତି ଯେ କଲୁ ତୁହି ଭୋ ଦେବ ନନ୍ଦଶିଷ୍ୟ
ଯଦି ମର୍ତ୍ତ୍ୟମଣ୍ଡଳେ ମୁହିଁ କରିବି ବାସ
ତୋ ନାମ ଗାଉଥିବି ସୁମରି । ॥ ୩ ॥
ଯେଉଁ ବିନ୍ଧାଣୀ ତୋତେଟି କଲା ନିର୍ମାଣ
ସେହି ତୋ ଦେହେ ରହିଲା ଏହା ତୁ ଜାଣ.

ରଖିଣ ଦଶ ବାଟ ଲଗାଇଲା କବାଟ
ସୁଷୁମ୍ନା ଦୁଆରେ ରହିଲେ ନନ୍ଦ ଚାଟ
ଯେବେ ପାଇବୁ ଭେଟ ମାୟାକୁ ତୁହି କାଟ
ଗୁରୁ ସେବିଣ ଦେଖ ଶ୍ରୀହରି । ॥ ୪ ॥
ଜନମ ହୋଇ ପଡ଼ିଲୁ ମର୍ତ୍ତ୍ୟମଣ୍ଡଳ
କୁଆଁ ବୋଲନ୍ତେଣ ସବୁ ଗଲା ପାଶୋର
ଅନ୍ତୁଡ଼ିଶାଳେ ରହି ହରି ଭଜିଲୁ ନାହିଁ
ପାଞ୍ଚବରଷ ଗଲା ବାଳ ଭାବରେ ବହି
ଦଶ ବରଷେ ଧୂଳି ଘର ଖେଳିଲୁ ତୁହି
ବାରବରଷେ ବସ୍ତ୍ର ପିନ୍ଧୁ ହରଷ ହୋଇ
ତେବେ ନ ବୋଲୁ ମୁଖେ ଶ୍ରୀହରି । ॥ ୫ ॥
ପନ୍ଦର ବରଷେ ହେଲୁ ଅମରମତା
କୋଡ଼ିଏ ବରଷେ କଲୁ କାମିନୀ ଚିନ୍ତା,
କାମିନୀ ସଙ୍ଗେ ରହି ଦିନ ହରିଲୁ ତୁହି
ସେ ରୂପେ ଗଲା ତୋର ଯୁବା ବୟସ ବହି
ହରି କଥାକୁ ଦିନେ ମନେ ନ କଲୁ ତୁହି
ହେବୁ କେମନ୍ତେ ଏ ଭବୁ ପାରି । ॥ ୬ ॥
ବୃଦ୍ଧ ବୟସ ଯେ ଏବେ ହେଲା ତୋହରି
ଅବଶ୍ୟ ଦେଖିବୁ ଥରେ ଶମନପୁରୀ,
କହଇ ଯଶୋବନ୍ତ ଗୁରୁଙ୍କ ସେବା କର
ସେ ନାମ ଧରି ହୃଦେ ଭବୁ ହୋଇବୁ ପାର
ପୂର୍ବଜନ୍ମ କଳୁଷ ଚିତ୍ତରୁ ହେବ ଦୂର
ବସିବୁ ବଇକୁଣ୍ଠ ଆବୋରି । ॥ ୭ ॥

❐❐❐

ଆହେ ଦେବରାଜ

● ବରଜ

ଆହେ ଦେବରାଜ ଦେବକୀ ତନୁଜ ବାରେ ଘେନ ହୀନ ଗୁହାରୀ ।
କିମ୍ପାଇ ଦାରୁଣ ହେଲ ନାରାୟଣ ନାମ ବହି ତାରଣକାରୀ । ॥ (ଘୋଷା)

ଦୟା କରିଅଛ ସୁଦାମା ମାଳୀକି, ପାତାଳେ ଚାପିଛ ଦାନବ ବଳୀକି
ଇନ୍ଦ୍ରଭୂତି ଦେଲ ପ୍ରହ୍ଲାଦ ବଳୀକି ତା' ପିତା ଦୁଷ୍ଟକୁ ସଂହାରି । ॥ ୧ ॥

ଭକ୍ଷିଲ ବନେ ପ୍ରବଳ ଦାବାନଳ ଦୟାମୟ ପ୍ରଭୁ ବ୍ରଜବାସୀପାଳ ।
ବକ ଧେନୁକାଦି ଅଷ୍ଟମଲ୍ଲ ବଧି କଂସମାରି ନାମ କଂସାରି । ॥ ୨ ॥


ପ୍ରଳୟ ଜଳରୁ ମାର୍କଣ୍ଡେୟ ଋଷି, ଉଦ୍ଧରିଲ ତାଙ୍କୁ ଦେବ ବ୍ରହ୍ମରାଶି
ବ୍ରଜବଧୂମାନେ ଭାବି ନିଶିଦିନେ ରାହାସେ ଲଭିଲେ ଶ୍ରୀହରି ॥ ୩ ॥

ଭଣଇ ବରଜ ମୋ କର୍ମହୀନ, ଦିନ ନ ଭଜିଲି ତୁମ୍ଭର ନାମ
ଦିବାନିଶି ଭାବି ହେବି ପରାଭବି କରୁଣା ନ କଲେ କଂସାରି ॥ ୪ ॥



ଖରା

● **ସଚ୍ଚିଦାନନ୍ଦ ରାଉତରାୟ**




ପାଣିଖରା, ମଂଡ଼ଖରା, ପଣସର ଖୋସାପରି
ହଳଦିଆ, ଚିକଣିଆ ଖରା ।
ନାନା ଗଂଧେ ଭରି ଦିଏ ମୋ ମନର ନିଛାଟିଆ
ସହସ୍ର ବଖରା ।

କେଉଁଠି କଥାର ସ୍ମୃତି, ସ୍ମୃତିର ବା ଖରା ।
ଟିକିଟିକି ଛିଡ଼ା ରୂପକଥା ।
ଥାକେ ଥାକେ ବିସ୍ମୃତିର ନେଳି ପଲସ୍ତରା,
ପୁଣି କେତେ ସ୍ମୃତିର ସିରସ୍ତା ।

ସବୁଜ କ୍ଷେତର ଶେଷେ ଚକା ଚକା ଶୂନଶାନ୍ ବିଲ ।
ସରିଲାଣି ଧାନକଟା, ଫସଲର ଶୂନ୍ୟ ତହସିଲ ।
ଗ୍ରୀଷ୍ମର ଖଜଣାଖାନା ଚିରା ନୋଟ୍ କାଗଜ ବିଡ଼ାରେ
ଭରି ଦେଇ ଶୁଷ୍କପତ୍ର ଭାରେ ଭାରେ, ହୁ' ହୁ' ହାଓ୍ୱାରେ
ପ୍ରଚଂଡ଼ ଚଇତ୍ର ଆସେ ପ୍ରକାଂଡ଼ ନିଃଶ୍ୱାସେ ଚମକାଇ
ପୃଥିବୀର ମେରୁ ଖୁଂବ । ଝାଇଁ ଝାଇଁ ଖରାରେ ଶୁଖାଇ
ମନର ବିହନ ସବୁ । ଆଂବକଷି ମହକ ବିଛାଇ ।


ସକାଳର ଜିକି ଜିକି ଶୁଆପଖୀ ପୋଖରାଜ୍ ଖରା
ଦିପହରେ ହୁଏ ଭୂତ, ଜାଳିଦିଏ ମୋ ମନର ଘୂମଂତ ବଖରା ।
ବେଳବୁଡ଼େ ପୋଖରୀରେ ଡିଆଁ ମାରି ମାଛ ଉଠେ କିଆବୁଦା ତଳେ
ପାଣିରେ ଦୋହଲୁଥିବା ସରୁ ସରୁ ଗୁଗୁଚିଆ ଛାଇର ଭିତରେ
(ଛାଇ ସଂଗେ ଖେଳି ଖେଳି ...)
ପିଇ ଟୋପେ ପାଣିଖରା ଡୁବମାରେ ପୁଣି
ନେଳି ନେଳି ପାଣିର ଖରାରେ ।

ଗଛେ ଗଛେ ନେଂଥି ନେଂଥି ଜାମୁ ଫଳେ ପାଚିଲା ବେଳରେ ।
ଖରାର ସୁରାକ୍ ପିଆ ଛନ ଛନ ।
ଆଖିର ମାଛରେ,
କିଆଫୁଲ ଖରା ଝରିପଡ଼େ ।
ରାତିର ତରାଟ ଫୁଲେ
ଗଂଗଶିଉଳି ଡେଂଫରେ
(ଝଡ଼ିପଡ଼ା ଫୁଲମସିଣାରେ)
ଖରାର ସକାଳ ଆସେ
ସ୍ମୃତିର ଖରାରେ ।



ତାରକାର ଲୁହ

● ରବି ସିଂ




ଦିନେ ବି ଆଖିରେ ଦେଖିନି ତମକୁ
ପାଇଛି ତମର ମାଳା ଗୋ,
ହେ ଦୂରଭାଷିନୀ, କୁସୁମ ହାସିନି,
ଦୂର ଜନପଦ ବାଳା ଗୋ !

ହେବ କି ନ ହେବ
କେବେ ଆମ ଦେଖା
ତା ବି ଜାଣେନା
ପଥୁକୀ ମୁଁ ଏକା
ଜୀବନ ମୋ ଏକ ରକ୍ତ- ତାରକା
ବିଦ୍ରୋହ- ତାପେ ଭରା ଗୋ ।

କେଉଁଗ୍ରହରୁ ମୁଁ ଛିଡ଼ିଥିଲି କେବେ
ସେହି ମୋ ଜନ୍ମ- ଜାତକ,
ମାନବିକତାର କ୍ରନ୍ଦନରୋଳ
ସଉନ୍ଦର୍ଯ୍ୟର ଲୋତକ ।

ସବୁର ମୁଁ ଏକ ତପ୍ତ ପ୍ରକାଶ
ମୋର ଚାରିଧାରେ
ଗଳିତ - ଆକାଶ
ଛାଡ଼ିଛି ମଦନ- ମନୋହର ବେଶ
ଚିର ଯାଯାବର ଚାତକ ।

ମୁଁ ସିନା ଜଳୁଛି ଦୂର ଆକାଶରେ
ରାତିର କବରୀ ଭେଦି ଗୋ !
ଜଳିବା ଭିତରେ କି ଯେ ଯନ୍ତ୍ରଣା





ତମେ ଜାଣନ୍ତ ଯଦି ଗୋ !



ପୋଡ଼ିଯାଇଛି ମୋ
ଯଉବନ ବନ
ଏ ମୋ ଆତ୍ମାର
ନୀରବ - ଦହନ
ଅସୁନ୍ଦରର ବିଷ- ଦଂଶନ
ଘେରିଛି ସାଧନା- ବେଦି ।

ମୋତେ ତମେ ସିନା ଦେଖି
ତନ୍ଦ୍ରା ଜଡ଼ିତ ନୟନେ,
କଳପନା- ଫୁଲ ଫୁଟାଇଛ କେତେ
ଆପଣା ନିଶୀଥ- ଶୟନେ ।

ମୋ ପାଇଁ ଗୁନ୍ଥି ବନଫୁଲ ହାର
ସଜାଇ ନିଜର କୁଟୀର ଦୁଆର
ତୋଳି ପୀରତିର ଫେନିଳ ଜୁଆର
ଅନାଇଛ ମୋର ଅୟନେ ।

ସବୁ ମୁଁ ଦେଖିଛି, ସବୁ ନିରେଖିଛି,
ତଥାପି ଯାଇନି ପାଖକୁ
ସୁଦୂରିକା ହୋଇଥାଅ ଚିରଦିନ
ଶୁଣି ଶୁଣେ ନାହିଁ ଡାକକୁ ।


ସାଗରିକା, ସଦା ଥାଅ ଅଶାନ୍ତ
ଉପରେ ଜଳେ ମୁଁ ଚନ୍ଦ୍ରକାନ୍ତ
ମିଳନର ଆଶା ଅବିଶ୍ରାନ୍ତ
ମଧୁର କରିବ ସୁଖକୁ ।

ଆଉ ଟିକେ ପରେ ସୂର୍ଯ୍ୟ ଉଇଁବ
ନିଶା ଅବସାନ ହେଲାଣି,
ଆଗାମୀ ସଞ୍ଜେ ଦେଖାହେବ ସଖି,
ଆଜି ପାଇଁ ଦିଅ ମେଲାଣି,
କେତେ ମୁହୂର୍ତ୍ତ ମୋତେ ଭୁଲିଯାଅ
ସପନ ମୁଲକୁଁ ନିଅ ଗୋ ବିଦାୟ
ପୁଣି ମନେ ତବ ହେବି ଗୋ ଉଦୟ
ନିଭିଲେ ସୂର୍ଯ୍ୟ- ରୋଷଣି ।

❐❐❐

ସଂଧ୍ୟା ଠିକ୍ ଛ'ଟା

● ଜଗନ୍ନାଥ ପ୍ରସାଦ ଦାସ



ତମେ କଥା ଦେଇଥିଲ ଠିକ୍ ଛ'ଟାରେ ଦେଖା
ସଂଧ୍ୟା ଠିକ୍ ଛ'ଟା ଓ ଆମେ ଏକା
ଦୁଇଜଣ ଏଇପରି ସହର ସୀମାରେ
ସେଦିନ ସଂଧ୍ୟା ଥିବ କେବଳ ଆମରି ପାଇଁ
ସହର ସେ ଦିନ ଥିବ ପୂରାପୁରି ବନ୍ଦ ଏବଂ
ସମୟ ଅଟକି ଥିବ ଆମ ପାଇଁ ଠିକ ଛ'ଟାରେ

ତମେ କେବେ ଯାଇଥିଲ ସ୍ୱର୍ଗଦ୍ୱାର କାହା ସଙ୍ଗେ
ସମୁଦ୍ରରେ ସୂର୍ଯ୍ୟ ଅସ୍ତଗଲା
ମତ୍ସ୍ୟକନ୍ୟାମାନେ ସବୁ ଭୟଭୀତ ହେଲେ ଏବଂ
ଦୂରେ ଜାହାଜ ଯାଇ ବନ୍ଦ ହେଲା ମଝି ସମୁଦ୍ରରେ
ସମୁଦ୍ରର ପାଣି ସବୁ ନିଆଁ ଭଳି ଜଳିଲା
ଓ ରକ୍ତ ଭଳି ଲାଲ ହେଲା
କିଏ ନେଲା ଚୋରି କରି ସମୟକୁ ମେ
ଏ ସବୁ ଅନର୍ଥ ହେଲା କାହାପାଇଁ



ରୋଗୀର ଶେଯରେ ମୋର ସକାଳରୁ ସ
ସଂଧ୍ୟାରୁ ସକାଳ ଯାଏ ମୋ ନିଦରେ ସ୍ୱପ୍ନ
ସ୍ମୃତି ନାହିଁ ଇଚ୍ଛା ନାହିଁ ପ୍ରତିଶ୍ରୁତି ନାହିଁ
ଏବେ ବି ତ ସଂଧ୍ୟା ଥିବ
ତମେ ଥିବ ତମର ଛାତିରେ
ଆଉ ଥରେ ସଂଧ୍ୟା ଲାଗି ଯଜ୍ଞ ହେବ
ଯୁଦ୍ଧ ହେବ ରକ୍ତପାତ ହେବ
ପ୍ରେମିକ ହାତରେ ଛୁରୀ ଆର୍ତ୍ତନାଦ ନାୟିକା କ

ମୃତ୍ୟୁ ହେବ ପୁଣି ଏଇ ସଂଧ୍ୟା ପାଇଁ ପୁର୍ନଜନ୍ମ ହେବ
କେତେ ମାନଭଂଜନ ଓ ପ୍ରତିଶ୍ରୁତି ସହ ମରଣର
ପ୍ରେମର ଜୟନ୍ତୀ ଏବଂ ବାର୍ଷିକୀରେ କିଛି ଇଚ୍ଛା
ପୂରା ହେବ କିଛି ପୁଣି ଅସଂପୂର୍ଣ୍ଣ ଥିବ

ତମେ କଥା ଦେଇଥିଲ ଆମେ ଦୁଇଜଣ
ଦେଖା ହେବା ଠିକ ଛ'ଟାରେ
ଏ ଯେମିତି ଶେଷ ଦିନ ଜୀବନର
ଧ୍ୱଂସ ଓ ବିଲୟ ହେବ ପୃଥିବୀର ଆଜିର ସଂଧ୍ୟାରେ
କାଲି ଆଉ ମୁକ୍ତି ନାହିଁ ସୁନିଶ୍ଚିତ ଜଳିଯିବେ
ଶୀତ ଓ ବସନ୍ତ ସବୁ କାଲିର ଖରାରେ

ତମେ କଥା ଦେଇଥିଲ ଠିକ୍ ଛ'ଟାରେ ଦେଖା
ସଂଧ୍ୟା ଠିକ୍ ଛ'ଟା ଓ ଆମେ ଦୁହେଁ ନିର୍ଜନ ସଂଧ
ଆମ ପାଇଁ ଦେଖ କିନ୍ତୁ ସହରରେ ହରତାଳ
ସାଇରେନ ବିକ୍ଷୋଭ ଓ ଶୋଭାଯାତ୍ରା

ଆକାଶ କିପରି ଦେଖ ଲାଲ ହେଲା
ନିଷେଧ ଆଦେଶ ସବୁ ଜାରି ହେଲା ଆମ ବିରୁଦ୍ଧେ
ସହର ସୀମାରେ ଆଜି ଅସମ୍ଭବ ଲୋକାରଣ୍ୟ
ମଧ୍ୟାହ୍ନର ଘଡ଼ି ସବୁ ପୂରାପୂରି ବନ୍ଦ
କେବଳ ତମେ ଓ ମୁଁ ସଂଧ୍ୟା ଠିକ୍ ଛ'ଟା
ଓ ସହରର ଆଶ୍ଚର୍ଯ୍ୟ ଜନତା ।

❐❐❐



ତାରାଗଣେ ଦେବକି ରେ ଖୋଜି

● ମୀନକେତନ ସ୍ୱାଇଁ

ସେ ଆରବ ସାଗର ବେଳାରେ
ଜହ୍ନ ମୋର ଗଲା ହଜି
ତାରାଗଣେ ଦେବକି ରେ ଖୋଜି !
ଆଖିରେ ମୋ ଭରା ଲୁହ
ହୃଦେୟ ମୋ ଭରା କୋହ
ବିନିଦ୍ର ରଜନୀ କାଟେ
କାକରରେ ଭିଜି ଭିଜି
ତାରାଗଣେ ଦେବକି ରେ ଖୋଜି ।


ଖୋଜେ ମୁଁ ଦୁନିଆ ଯାକ
ପାଉନାହିଁ ତାକୁ କାହିଁ
ସବୁଆଡ଼େ ଶୁଭେ ମୋତେ
ଖାଲି ନାହିଁ ନାହିଁ ନାହିଁ
ବୟସର ଅପରାହ୍ନେ ଆଜି
ସାଥି ବିନା କେତେ ଦୁଃଖ
ପାରୁଛି ମୁଁ ବୁଝି
ତାରାଗଣେ ଦେବକି ରେ ଖୋଜି ।

ମୋ ସଂସାରେ ସବୁଭରା
ଖାଲି, ଆକାଶେ ମୋ ଜହ୍ନ ନାହିଁ
ଅଶାର ଲାଗେ ଜୀବନ ଅବେଳରେ
ଅମାବାସ୍ୟା ଯାଇଛିରେ ଛାଇ
ଫିକା ଫିକା ଲାଗେ ଏ ଜୀବନ
ଅସରନ୍ତି ମରୁ ବାଲି ସାଜି



ଜୀବନ ଜୁଆ ଖେଳରେ
ଜିତୁ ଜିତୁ ଗଲି ହାରି ବାଜି
ସୁଖର ସଂସାର ଥିଲା
ଖୁସି ମାହୋଲ ବି ଥିଲା
କା ନଜର ଲାଗିଗଲା
ସବୁ ଗଲା ଭାଙ୍ଗିରୁଜି
ତାରା ଗଣେ ଦେବକିରେ ଖୋଜି !

ପାର୍ଥୀବ ଶରୀର ତାର
ପଞ୍ଚଭୂତେ ହେଲା ଲୀନ
ରାମେଶ୍ୱର ତୀର୍ଥେ ଗଲା ହଜି
ବଞ୍ଚିଥିବ ଯେତେ ଦିନ
ଝୁରୁଥିବ ତାକୁ ମନ
କାଳେ କେବେ ପାଇଯିବି ଭାବି
ସେ ଆରବ ସାଗର ବେଳାରେ
ଜହ୍ନ ମୋର ଯାଇଛିରେ ହଜି
ତାରାଗଣେ ଦେବକିରେ ଖୋଜି ?




ରମାମଣୀ ଭବନ, ଆରୁହା,
ଡାକ :ସିନ୍ଦୋଳ, ଭାୟା :ତିହିଡ଼ି
ଜିଲ୍ଲା: ଭଦ୍ରକ
ମୋ: ୯୫୮୩୦୪୨୪୯୪

❐❐❐

କିଆଁ କହିଲୁ

● ଅଶୋକ କୁମାର ମହାନ୍ତି



ହଇରେ ଓଲୁ
ଇଏକି କଲୁ
ସାଥି ପାଖେ କିଆଁ
ସତ କହିଲୁ ?

ଲାଗିଲା ପାଲା
ଦିନ ଦ୍ୱିପ୍ରହରେ
ବାନ୍ଧି ନେଇଗଲେ
ପୁଲିସବାଲା ।

କୋଉବା କଥା
କଥାକୁ ଫେଣେଇ
ବଢ଼ିଲା ଚିନ୍ତା
କରୋନା କାଳରେ
ଯୋଦ୍ଧାଙ୍କ ମନରେ
ଲାଗିଲା ବ୍ୟଥା

କରୋନା ଲାଗି
ବଞ୍ଚାଇବା ପାଇଁ
କେନ୍ଦ୍ରୁ ମାଗି
ରାଜ୍ୟ ସରକାର
ଖରଚ ନେଇ
ଶୁଣିବ ଯିଏ ସେ
ହୋଇବ ବାଇ
ଦିନକୁ ଖରଚ



ଅଠର ହଜାର
ବଡ଼ ବଡ଼ ବଡ଼
ଡାକ୍ତରଖାନା
ବଡ଼ ଡାକ୍ତର
ନେତା ଅଫିସର
ବଡ଼ିଆ ମେଣ୍ଟ
ଗାଁ ସରପଞ୍ଚ
ଖୁସିରେ ମାତିଲେ
କଲେକ୍ଟର ପାଖ୍ୱାର
ଜବରଆଣ୍ଟ

ଏ କଥାକୁ ଯଦି
କହିଲୁ କାହାକୁ
ନାଲି ଆଖି କାଢ଼ି
ପୁଲିସ ଦେଖାଏ

ପାଖ୍ୱାର ଛାଟ ।
ସେ ଲାଗି କହୁଚି
ଚୁପ୍ ରହ
ସରକାରଙ୍କର
କଥା ସବୁଥିରେ
ମୁଣ୍ଡ ହଲାଅ
ଭଲକି ମନ୍ଦ
କହିଲେ ଦ୍ୱନ୍ଦ୍ୱ
ଲାଗିବ ପାଲା
ଘରେ କି ବାହାରେ
ଯେଉଁଠି ବି ଥିଲେ



ବାନ୍ଧି ନେଇଯିବେ
ପୁଲିସିବାଲା ।

କହିବୁ କିଆଁ
ମିଛଟାରେ ଖାଲି
କରୋନା ନାଆଁ
ଯେତେ ପାରି ସେତେ
କରୋନା ନାଆଁରେ
ସତ ମିଛ କରି
ଯେତେ ବାହାନା
ବଞ୍ଚିଲା ମଲା
ସରକାର ଠାରୁ
ଲୁଟି ଖାଇଗଲେ
ପଇସା ବାଲା ।

କରୋନା କାହାକୁ
କୋଟିପତି କଲା
କାହାକୁ କଲା
କାଙ୍ଗାଳ
କରୋନାର ଟିକା
ଆସିବାବେଳକୁ
ଟୀକା ପାଇଁ ଏତେ
କି ଗୋଳ ।

କେତେ କଥା ଅଛି
କହିଲେ ବଢ଼ିବ
ଆହୁରି ଚିନ୍ତା
କହନା କିଛିରେ



ମାରିଦେ ମନରେ
କହିଲେ ହୋଇବୁ
ବଡ଼ ହୀନସ୍ତା

ସେ ପାଇଁ କହୁଛି
ଚୁପ୍‌ରହ
'ଫାଇଭ୍‌ଟି'ର
ଆମ ସରକାର
ଜୟ ଜୟ କାର
ତାଙ୍କ ପକାଅ ।

କହନା କିଛି
ସବୁଦିନ ଖାଲି
ଅନ୍ଧାର ନ ଥିବ
ନୂତନ ସୂରୁଜ
ଉଇଁବ ଆସି ।



ପ୍ରଫୁଲ୍ଲନଗର, ଜଗନ୍ନାଥପୁର
ଭଦ୍ରକ, ପିନ୍-୭୫୬୧୦୦

❐❐❐

ସ୍ୱାଭିମାନ

● ମଥୁରା ମୋହନ ବେହେରା



ଯୋଗଭୂମି ଭାରତବର୍ଷ ଥିଲା ମହିମା ମଣ୍ଡିତ
ସାତ୍ତ୍ୱିକତାରେ ଭରାଥିଲା ତା' ସୁଦୀର୍ଘ ଅତୀତ

ଋଷିଙ୍କ ଓଁକାର ଧ୍ୱନି ବନଖଣ୍ଡ ଉଦ୍‌ବେଳିତ କରି
ପବନରେ ଭାସି ଭାସି ଆସୁଥିଲା ଜନପଦ ମଧ୍ୟକୁ
ଆଉ ଅଭିଭୂତ କରୁଥିଲା ଅସୁମାରୀ ପତିତ ପ୍ରାଣକୁ ॥


ପାଶ୍ଚାତ୍ୟର ଭୋଗଭୂମି ଆକର୍ଷଣରେ
ମହାଭାରତୀୟ ସଂସ୍କୃତି ଆଜି ବିପନ୍ନ
ତମୋଗୁଣରେ ହୁଏ ଅବଗୁଣ୍ଠନ ॥

ଭୌତିକତାର କଳୁଷିତ ବାତାବରଣରେ
ସ୍ୱାମୀ ବିବେକାନନ୍ଦ ହୋଇଥିଲେ ଅତିଷ୍ଠ
ମାତୃଭୂମିରେ ପଦସ୍ପର୍ଶ ମାତ୍ରେ ଲାଭ କଲେ
ଆଧ୍ୟାତ୍ମିକ ଶିହରଣ ଆଉ ନିଜକୁ ଶୁଚିସ୍ନାତ ॥

କର୍ମ ହିଁ ଈଶ୍ୱର ତାଙ୍କ ପ୍ରଚାରିତବାଣୀ
ତାହା ଏବେ କିନ୍ତୁ ପାଲଟିଛି ମୁଢ଼ଙ୍କର କାହାଣୀ

ସ୍ୱଚ୍ଛତା, ପବିତ୍ରତା କେବଳ ଶବ୍ଦରେ ଆବଦ୍ଧ
ଈର୍ଷା, ଦ୍ୱେଷ ହୃଦେ ରଖି ନିଜେ ହୁଏ ବିଦ୍ଧ ।

ଦିଗହରା ସମାଜ ଜୀବନ ଧର୍ମ କଳଙ୍କିତ
ପୁଣ୍ୟର ପାର୍ବଣ ଆଜି ପାପରେ ବେଷ୍ଟିତ ।



ସ୍ୱଧର୍ମେ ନିଧନମ୍ ଶ୍ରେୟଃ
ନ୍ୟାୟରେ ଆସ ଆମେ ନିଜକୁ ସଜେଇ ନେବା
ଭଲ ପାଇବାର ନିଗଡ଼ରେ ପରସ୍ପରକୁ ବାନ୍ଧି
ଦେଖିବା ଏକ ଉଜ୍ଜ୍ୱଳ ଭବିଷ୍ୟତ
'ବସୁଧୈବ କୁଟୁମ୍ବକମ୍' ପରି ସ୍ୱଦେଶୀ ଦର୍ଶନ
ସଦା ଆତ୍ମମାନଙ୍କୁ କରୁଥିବ ଅଭିଁମନ୍ତ୍ରିତ ॥

ସଂପାଦକ, ସାହିତ୍ୟ ସଂସ୍କୃତି ବିକାଶ ପରିଷଦ,
ବିନ୍ଧାବଜାର, ପୀରହାଟ, ଭଦ୍ରକ

❐❐❐



ବାପା - ଅଚିହ୍ନା ଈଶ୍ୱର

● ବିଜୟ ବେହେରା




ପଥରର ଋଣ ଶୁଝିବାର ଅଛି
ଯାହାକୁ ବାରମ୍ବାର ଝୁଣ୍ଟି
ଚାଲିବା ଶିଖିଛି
କ୍ଲାନ୍ତ ପଥିକଟେ ପରି
ରାସ୍ତା କଡ଼ରେ ପଡ଼ିଛି
କାହାକୁ ରାମଚନ୍ଦ୍ରର
ଆଖ୍ୟା ଦେବା ପାଇଁ
ଅହଲ୍ୟାର ମନ ନେଇ
ଅଭିଶପ୍ତ ଜୀବନ ଜୀଉଁଛି

ଜାଣେ ସମୟ ନଈରେ
ଜୀବନ କଳସୀରେ
ପାଣିରେ ଭରୁ ଭରୁ
ଏକ ଶବ୍ଦ ଭେଦୀ ବାଣର
ସେ ଶିକାର ହେଇଛି
ତଥାପି ପଥରକୁ କାନ୍ଧରେ ବୋହି
ଚାଲିବା ଶିଖିଛି ।
ଜଡ଼ତାରେ କମ୍ପନ
ବାରି ହେଉ ନ ହେଉ କି
ଏକ ଅଚିହ୍ନା ଈଶ୍ୱରଙ୍କ
ଆକୃତି ବିହୀନ ପ୍ରତିମୂର୍ତ୍ତୀ
ବେପଥୁର ପାଦସ୍ପର୍ଶକୁ
ଯୁଗଯୁଗ ଧରି ଅପେକ୍ଷା କରିଛି ।


ମୋ: ୬୩୭୦୮୮ ୧୮୭୯

❑❑❑



ଅବିଦ୍ୟା ଭାରତ

● ଆଶୁତୋଷ କରଣ




ବିଚରା ସ୍ୱାମୀ ଜଣକ
ସତରେ କଅଣ
କଣ୍ଢା ହୋଇ ପଡ଼ିଥିଲା
ମଝି ରାସ୍ତାରେ, ଘାଟରେ
ଜୀବନେ ତୁମର ।

ଭାରି ଅଝଟିଆ ସେ ଥିଲେ
ଆମେ କହୁଁ ନାହୁଁ
ତୁମେ କହୁଥିଲ ।

କେଡ଼େ ସୁତୁରା ଥିଲା
ହାଟବାଟ ରାସ୍ତାଘାଟ
ତୁମର ଯାହା ଗେହ୍ଲୁ ନାଟ
ଯିଏ ଯାହା କହିଲେ
ତୁମର ପରବାୟ କଅଣ ?

ବଣୁଆଁ ବାବୁଟି
ଏଇମ 'ଡେମ୍ପ ସାଇବ'
ତୁମ ମୁଣ୍ଡରେ ରଙ୍ଗମାଖି
କେତେ ଖୁସି ହେବେ,
କୋଳେଇ କାଖେଇ ଆହା
କେତେ ବୋକ ଦେବେ ।

ହଇଲେ।... ଅବିଦ୍ୟା ଆହା
ବୈଷ୍ଣବୀ ବନିଲ



ବନିଶୀରେ ମାଛ ମାରି
ଆମିଷ ପାଳିଲ ।

ତୁମ କାରନାମା
ନଥିଲା ନାକରା
ପରକୀୟା ପ୍ରେତ ପାଇଁ
ତାଲିବାନି ବାନାତୁମ
ଉଡ଼ାଇଲ ଦୁନିଆଟା ସାରା ।

ବିଚରା ସ୍ୱାମୀଟି
କଅଣ ସତରେ
କଣ୍ଟାଟିଏ ଥିଲା
ତୁମ ଜୀବନରେ ... ?



କମାରିଆ ବଜାର,
ତିହିଡ଼ି, ଭଦ୍ରକ
ଭ୍ରାମ୍ୟଭାଷ: ୭୩୭୭୫୯୬୦୬୧

❑❑❑

ଦୀପ

● ଶିବ ଶଙ୍କର ଦାସ



ଟିକିଏ ଆସି ଦେଖିଯାଅ
କେମିତି ମୁଁ ଜଳୁଛି
ପ୍ରତ୍ୟେକ ମୁହୂର୍ତ୍ତ,
ପ୍ରତ୍ୟେକ ଦିନ
ମାସ ମାସ ବର୍ଷ ବର୍ଷ,
ଜଳି ଜଳି
ସରି ସରି ଯାଉଛି
ମୋ ଅନାଥ ଆୟୁଷ ।

ଦହନର ଜ୍ୱାଳାରେ
ଏବେ ଦଗ୍ଧ ମୋ ହୃଦୟ
ମୋ ଶରୀର ଆଓ ମନ,
ଏବେ,
ଖୋଜୁଛି ମୁଁ କେବଳ
ଦଲକାଏ ଶୀତଳ ପବନ
ଯିଏ ମୋତେ ଲିଭାଇ ଦେବ
ସବୁଦିନ ପାଇଁ,
ଆଉ ହଜିଯିବ ମୁଠାଏ ଆକାଶରେ
ମୋର ସଂପୂର୍ଣ୍ଣ ଅସ୍ତିତ୍ୱ ।

ହଁ,
ଏବେ ମୁଁ ପବନରେ



ମିଶିଯିବାକୁ ଚାହେଁ,
ଏବେ ମୁଁ ସମୟର ଆଁରେ
ଲୁଚି ଯିବାକୁ ଚାହେଁ
ମୋ ରକ୍ତାକ୍ତ ପାଦର ଚିହ୍ନ
ଏ କଣ୍ଟକିତ ସମୟର
ହାଡୁଆ ଛାତିରେ ॥

ବିଭାଗୀୟ ମୁଖ୍ୟ, ପ୍ରାଣୀ ବିଜ୍ଞାନ ବିଭାଗ,
ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା
ଢ଼େଙ୍କାନାଳ -୨୦
ମୋ: ୯୯୩୮୦୪୬୪୪୬

❑❑❑



ପରିତ୍ୟକ୍ତା

● ପୁଷ୍ପାଞ୍ଜଳି ତ୍ରିପାଠୀ



ଏତେବଡ଼ ଏ ତିକ୍ତ ଦୁନିଆଁର
ଭଉଁରୀ ଭିତରେ ଅଧା କାହାଣୀର
ନାୟୀକାଟେ ମୁଁ,
ନିଷିଦ୍ଧ ଛାତତଳେ ନିଃସଙ୍ଗ ଆଉ ଦୁର୍ବଳ
ଯେତେ ମୋର ସ୍ୱପ୍ନ ଅବା ବାସ୍ତବ
ଅପ୍ରାପ୍ତିର ଆଚ୍ଛନ୍ନ ଅନ୍ଧକାରେ

ଅସ୍ତମିତ ସୂର୍ଯ୍ୟପରି ଆଂଶିକ
ଦିଗ୍‌ବଳୟ ଛାତିରେ ଆଉଜି ଗଲେଣି
ପାପପୁଣ୍ୟର ମିଶ୍ରିତ ନିବିଡ଼ତା
ଆବେଗିକ ଶିହରଣ ପଛେଇ ମୁହଁମୋଡ଼ି
ଅଦୃଶ୍ୟ ହେଇଯାଉଛନ୍ତି ଉଆଁସର ଅନ୍ଧଗଳିରେ



ଅସହାୟ ପାଦତଳର ମାଟି ଆଁ କରି
ରହିଛି ସୀତା ପାତାଳୀର ଅପେକ୍ଷାରେ
ନିଦାଘର ଡହକ ତାତିରେ ଫୁଟୁଥିବା
କାଇଁଶ ଫୁଲଟି ଇଚ୍ଛା କିବା ଅନିଚ୍ଛାରେ
ବାଧ ହେଲେଣି ମଉଳିବାକୁ
ନିଷ୍ଠୁର ପ୍ରେମର ଶେଷ ପ୍ରହରରେ

ନିଃଶ୍ୱାସର ଶେଷ କେତୋଟି ସଂଖ୍ୟାର
ଦ୍ୱାହିରେ ମୁଠାଏ ପବିତ୍ରତାକୁ ସାଥୀ କରି
ଡେଣା ମେଲିଲାଣି ପ୍ରାଣପକ୍ଷୀ
ନିଜକୁ ହଜାଇବା ପାଇଁ

ପରସ୍ତ ପରସ୍ତ ଶୂନ୍ୟତାର ବହଳ ଅନ୍ଧାର ଭିତରେ
ଆଗକୁ ଆଗକୁ ଉଡ଼ିଯିବ
ଯେଉଁଠି କଳାମେଘୀ ଓଢ଼ଣୀ ଭିତରେ
ଲୁଚିଯିବ ପରିତ୍ୟକ୍ତା କାହାଣୀର
ସମସ୍ତ କଳଙ୍କିତ ଅଧ୍ୟାୟ ॥

ମୂଷାଙ୍ଗ, ତିହିଡ଼ି, ଭଦ୍ରକ
ମୋ: ୮୬୫୮୭୭୦୧୦୫

❐❐❐

ଗରିବ ପୁଅ

● ଭାସ୍କର ଚନ୍ଦ୍ର ସେଠୀ



ଗରିବ ପୁଅକୁ ପ୍ରେମ କଥା ଜମା
କେବେ ପଚାରିବ ନାହିଁ
ମୂଲିଆ ପୁଅ ସେ କି ପ୍ରେମ କରିବ
ଟଙ୍କା ଲୋଡ଼ା ପ୍ରେମ ପାଇଁ । ॥ ୧ ॥

ଗରିବ ପୁଅର ହୃଦୟ ଆକାଶ
ହୃଦୟକୁ ବୁଝେ କିଏ
ମନପରା ତାର ମାଟି କୁଡ଼ିଆଟେ
ଝଡ଼ରେ ଦୋହଲୁ ଥାଏ । ॥ ୨ ॥

ଗରିବ ପୁଅକୁ ପଚାରନା କେବେ
ଫଗୁଣ ଫୁଲର ବାସ
ବାରମାସ ପରା ତା ପାଇଁ ଶ୍ରାବଣ
ନିଆଁଲଗା ଅବଶୋଷ । ॥ ୩ ॥



ଗରିବ ପୁଅକୁ ଲବଙ୍ଗ ଦୀପକୁ
କେବେ ଜମା ଡାକିବନି
ଗରିବ ପୁଅର କଲିଜା ଥରିବ
ପଦ୍ମ ଜମ୍ମା ତୋଳିବନି । ॥ ୪ ॥

ଏ ଛାତିରେ ଯଦି ଘରଟେ ତୋଳିବ
ମନା ମୋଟେ କରୁନାହିଁ
ଗରିବ ପୁଅର ଛାତିଟା ନରମ
ଏକଥା ଭୁଲିବ ନାହିଁ । ॥ ୫ ॥

ଗ୍ରା/ପୋ: ମଙ୍ଗଳପୁର,
ଥାନା: ତିହିଡ଼ି, ଜିଲ୍ଲା: ଭଦ୍ରକ
ମୋ: ୯୨୩୮୫୭୯୬୦୪

❐❐❐

ଆମ ମାଟି ମାଆ

● ଗୟାଧର ସେଠୀ

ଛାତି ଚିରି ଦେଲେ ରକ୍ତ ବହେ ଧାର ଧାର
ଜୀବନ୍ତ ସମାଜ କରେ ତାକୁ ହିଁ ଆହାର ।

ଗୋଇଁଠା ଖାଇ ସେ ଛାତିକି କରିଛି ପଥର
ହସି ହସି ସହ୍ୟକରେ ସବୁ ଅତ୍ୟାଚାର ।

ଦୃଷ୍ଟ ଆଉ ସନ୍ଥକୁ ଧରିଛି ସେ ବକ୍ଷରେ
କେତେ ପାପ କେତେ ତପ ଦେଖିଛି ଆଖିରେ ।



ମାଆ ପରି ସମସ୍ତଙ୍କୁ କରଇ ପାଳନ
ଜନ୍ମଠାରୁ ମୃତ୍ୟୁ ଯାଏଁ ଆମରି ଜୀବନ

କେତେ ଝିଅ ବୋହୂଙ୍କ ଚିତ୍କାର ଶୁଣିଛି ଅନ୍ଧାରରେ
ସବୁ ଗୋପନୀୟ କଥା ସମସ୍ତଙ୍କ ଅଜ୍ଞାତରେ ।

ସମାଜ ଗାଧୋଇ ଦେଇଛି ତାକୁ ରକ୍ତ ନଦୀରେ
ବନ୍ଧୁ ହୋଇଛି ଚାଷୀ ଭାଇଙ୍କ ସାଥୀରେ ।

ମାଟି ଦେଲା ଅନ୍ନ, ଭାଷା ଦେଲା କଥା
ଗଢ଼ିଲା ମୋ ଦିହ ଢ଼ାଳି ତା'ର ମମତା ।

ସୀତା ମାତା ସତୀଙ୍କୁ ଧରିଛି ଛାତିରେ
ସେଇ ଆମ ମାଟି ମାଆରେ ।

ମୃଷାଙ୍ଗ, ତିହିଡ଼ି, ଭଦ୍ରକ
ମୋ: ୮୬୫୮୭୭୦୧୦୫

❐❐❐


ମୋ ଶେଷ ଜୀବନ

● ବେଣୁଧର ସେଠ୍



ଝଡ଼ର ସୃଷ୍ଟି, ଆସେ ଜୀବନେ
ଅସଂଖ୍ୟ ଆତଙ୍କର ଚାବୁକ୍ ପ୍ରହାର
ଲିଭେନା ରଙ୍ଗର ଅସ୍ପଷ୍ଟ ରେଖା,
ଝୁଲିପଡ଼େ ମୁହୂର୍ତ୍ତର
ବିପଦ ଶିକୁଳି ଏକ କପଟ ଦୃଷ୍ଟିରେ
ନ ପଡ଼େ ମନେ ସ୍ୱପ୍ନମୟୀ
ନିଃସଙ୍ଗ ଦ୍ୱୀପ କେତୋଟି କଥା ।

ନିପଟ ମୁକ ସେ
ପାଇଚି ଅଭିଶପ୍ତ କାଠଗଡ଼ା,
ସବୁ ଜାଣି ବି କହିପାରୁନି
ସବୁ ଶୁଣି ବି କାଲ ହୁଏନି
ଛଳ ଜାଣି ବି ଛଳନା କରେନି
ସହିଛି ନିର୍ଯ୍ୟାତନା ଶେଷ ପ୍ରହାର ।




ଚାରିପଟ ତତଲା ଜୀବନ
ଅନ୍ଧାରେ ଛଟପଟ ଅସ୍ଥିର ମନ
ପାଇ ନାହିଁ ଆଲୋକର ସନ୍ଧାନ,
ସବୁ ଆଦରି ସାଉଁଟି ନେଇଛି
ଶୁଭ୍ର ପ୍ରତିବେଶୀର ଦୁଃଖ ଉପବନ ।

ସଂସାରରେ ସ୍ଥାନ ନାହିଁ
ମାଡ଼ି ଆସେ ଚୌଦିଗୁ ଧୂଆଁଝଡ଼
ପୋଖରୀକୁ ଆକୁଳେ ଚାହିଁ
ପାଣି କାହିଁ ! ଶୁଷ୍କ କାଦୁଅ ପିଣ୍ଡୁଳା !

ଖାଲି ଆବର୍ଜନା କୁଢ଼
ତଥାପି ରହିଛି ଠିଆ
ପାଇବାକୁ ଟିକେ ମମତାର ସ୍ଥାନ ।

ମମତା ପାଇବ କେଉଁଠୁ,
ମଣିଷ ଯେ ସ୍ୱାର୍ଥପର
ଦେବେନି ବଞ୍ଚିବାକୁ ପରଶ କାତରେ
ମୃତ୍ୟୁ ହିଁ, ମୋ ଶେଷ ଜୀବନ ।

ଅବସରପ୍ରାପ୍ତ ଶିକ୍ଷକ,
କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ
କୁଆଁସ, ଭଦ୍ରକ
ମୋ: ୯୯୩୭୪୨୦୮୬୯



ବର୍ଷା

● ଦେବେନ୍ଦ୍ର ପୁହାଣ

ବର୍ଷା ତମେ ଆସିବ ବୋଲି
ତମକୁ ଅପେକ୍ଷା
ଏତେ ଯେ କଷ୍ଟ ଯନ୍ତ୍ରଣାଦାୟକ
ନିଦ ହୁଏ ନାହିଁ ଦିନରେ
କି ରାତିରେ

ଭୋକ ହୁଏ ଖାଦ୍ୟ ଯାଏ ନାହିଁ ତଣ୍ଟିରେ
ଖାଲି ଶୋଷ ଆଉ ଶୋଷ
ଦେହ ସାରା ବ୍ୟଥାତୁର ଘିମିରି
ମୁହଁ ସାରା ବଥ
ଇଏ କି ଯନ୍ତ୍ରଣା ତମ ଅପେକ୍ଷାରେ

ବର୍ଷା ଯେବେ ତମେ ଆସ
ଭରିଯାଏ ନଈ, ନାଳ, ଗଡ଼ିଆ, ପୋଖରୀ
ହସି ଉଠେ ବିଲବଣ,
ହସି ଉଠେ ସବୁଜ ଶସ୍ୟକ୍ଷେତ
ଚାଷୀ ହୁଏ ଆନନ୍ଦିତ

ବର୍ଷା ! ମୁଁ ଯେ କରିଥିଲି ଅପେକ୍ଷା
ପାଇଲି ଖାଲି ତମ ଶୀତଳ ସ୍ପର୍ଶ
ତମ ଆସିବା ପରେ କିଏ କ'ଣ ପାଇଲା
ମୁଁ ଜାଣେ ନାହିଁ
କିନ୍ତୁ ମୁଁ ପାଇଲି ଖାଲି ତୁମ ଶୀତଳ ସ୍ପର୍ଶ ।



ସଂପାଦକ, କାନ୍ତକବି ସାଂସ୍କୃତିକ ମଂଚ
ବିଲଣା, ଗୁଆମାଳ, ଭଦ୍ରକ

❐❐❐

ଦେଶ

● ରଶ୍ମିରଞ୍ଜନ ରାଉତ



କିଏ ଜିତୁ, କିଏ ହାରୁ
ଯିଏ ସରକାର ଗଢୁଛି ଗଢୁ
କିଛି ପରବାୟ ନାହିଁ
ଅଥଚ ଦେଶ ସୁରକ୍ଷିତ ରହୁ ।


ଅଧର୍ମର ଧ୍ୱଜାଧରି
କେହି ନ ଗାଆନ୍ତୁ ମୋ ଦେଶର
ଜାତୀୟ ସଂଗୀତ,
ରକ୍ତ ରଙ୍ଗରେ ନ ବଦଳୁ
ଗଙ୍ଗା, ଯମୁନା କି ମହାନଦୀର ଜଳ,
ନ ଭାଙ୍ଗୁ ବିଶ୍ୱାସର ମନ୍ଦିର
ମାନବତାର ମସଜିଦ
ସମାନତାର ଚର୍ଚ୍ଚ ।

ଯେଉଁ ଦେଶ ପାଇଁ ଦିନେ
ଆମ ପୂର୍ବପୁରୁଷ ଖାଇଥିଲେ ଲାଠି,
ଗୁଳିକୁ ପାତିଥିଲେ ଛାତି
ଅଖଣ୍ଡ ସେହି ମାଟିମଣ୍ଡଳ
ଅଥଚ ଆମ ଭିତରେ ଘୃଣା ବାଣ୍ଟିବାକୁ
ଗଢ଼ା ଚାଲିଛି ଭିନ୍ନ ଭିନ୍ନ ଦଳ,
ହିଂସାରେ ପାଖରେ ହାଣ ଖାଉଛି
ଆମ ବିବେକ ଓ କପାଳ ।

ଅହିଂସାର ବାଡ଼ି ଧରିଥିବା
ସେ ଫୁଙ୍ଗୁଳା ଲୋକଟା ଭଲା
ଆଜି ବଞ୍ଚିଥାଆନ୍ତା



ହୁଏତ ! ଆଜି ଦେଶରେ ନ ଥାଆନ୍ତା
ମିଛ, ଲାଞ୍ଚ, ଲୁଟ୍, ରକ୍ତପାତ, ପ୍ରବଞ୍ଚନାର
ପଞ୍ଚ ପ୍ରମାଳ,
ବିକାଶର ପାହାର ଖାଇ
ଦେଶ ପିଠିରେ ଏବେ ଖାଲି ଗାଡ଼ ଆଉ ଗ
ଦାଗେ ବଞ୍ଚିଥିଲେ
ସେ ଗାଡ଼ ଭରିବାକୁ ଯାଚିଦେଇଥାଆନ୍ତେ
ନିଜ ରକ୍ତ, ମାଂସ, ହାଡ଼ ।



ଏମିତି ଅନେକ ଦୁଃଖ ଲୁଚେଇ ରଖିଛି ଦେ
ଜାତି, ଧର୍ମ, ବିଭାଜନ
ପକ୍ଷପାତ କ'ଣ ଜାଣିନି ଦେଶ
ସମାନ ଭାବେ ଗଢ଼ିଛି ଦୁଇଟି ମାଟିପିଣ୍ଡ
ବଞ୍ଚିବା ପାଇଁ ଫଳେଇଛି
ଫୁଲ, ଫଳ, ବନସ୍ପତି ପାଣି, ପବନ
ହେଲେ ପ୍ରତିବଦଳରେ
ଦେଶକୁ ଦେଲେ କ'ଣ ?
ବରଂ ଜଣେ ହେଲା ଦେଶୀ ଜଣେ ଦୁସମନ୍ ।
ଜଣେ ଦେଶ ଗଢ଼ଣରେ ଜୀବନ ହାରୁଛି ।
ଜଣେ ଦେଶ ଭିତରେ ଆତଙ୍କ ରଚୁଛି ।
ଛାଡ଼ ଯିଏ କମାଣ ଧରୁଛି ଧରୁ ଯିଏ ଧରୁ କଲମ
ଦେଶ ପାଇଁ ସମସ୍ତେ ସମାନ
ତା' ଭିତରେ ଚିରକାଳ ସାଇତି ରଖିଥାଉ
ଉପସମର ମଲମ ।

୨୪ ପ୍ରହରୀ ମଣ୍ଡପ, ନାୟକାଣିଡ଼ିହି, ଭଦ୍ରକ
ମୋ. ୭୮୦୯୦୩୭୬୦୮

❑❑❑

ଜନନୀ

● ଚିତ୍ତରଞ୍ଜନ ଦାସ



ଛୁଇଁଥିଲା ଦିନେ ସେହି ବିଶ୍ୱନାମ
ରାବଣର ଚରାଭୂମି ।
ଛୁଇଁଥିଲା ଦିନେ ସେହି ମହିନାମ
କୁରୁକ୍ଷେତ୍ର ରଣଭୂମି । ॥ ୧ ॥

କୁରୁକ୍ଷେତ୍ରେ ରଣ ଭେରି ବାଜୁଥିଲା
ଶୁଭୁଥିଲା ହାହାକାର
ହୃଦୟର ତନ୍ତ୍ରୀ ଥରି ଉଠୁଥିଲା
ଶୁଖୁଥିଲା ରକ୍ତଧାର । ॥ ୨ ॥


ସବୁରି ମାତା ସେ ବୁଝେ ନାହିଁ କେବେ
ଭୀମ ଦୁଃଶାସନ ଭେଦଃ ।
ରାଜାର ଲଳନା ରାଇଜର ମାତା
ମନ ତାହାର ଅଭେଦ୍ୟ ॥ ୩ ॥

ପୁଷ୍ପକରେ ନେଲା ଦୁର୍ମିଳା ନନ୍ଦନ
ସତ୍ୟର ସ୍ୱାଧୀଙ୍କୁ ହରି ।
ପୁତ୍ର ସମ୍ବୋଧନ ବୀର ପୁଙ୍ଗବଙ୍କ
ହୃଦ ତନ୍ତ୍ରୀ ଗଲା ଥରି ॥ ୪ ॥

ରାମ ରାବଣର ପ୍ରଭେଦ ନ କରି
ଲଙ୍କେ ବସିଲା ଆଦରି ।
ଧର୍ମ ଯୁଦ୍ଧ ଏକା କରିଲେ ଅପେକ୍ଷା
ସମର୍ଥିନୀ ଦୁରାଚାରୀ ॥ ୫ ॥

ଧରା ପୃଷ୍ଠେ ମାତା ନାମ ବହିଅଛ
ଜନ୍ମଭୂମି ବସୁନ୍ଧରା ।
ବ୍ରାହ୍ମଣ ଚଣ୍ଡାଳ କୋଳେ ଧରିଅଛି
ନିୟମିତ ସୃଷ୍ଟି ଧାରା ॥ ୬ ॥

ପ୍ରଭେଦୁନି ରକ୍ତବାଦୀ ଦୁଷ୍ଟପୁତ୍ର
ବିଧ୍ୱଂସୀ ସନ୍ତ୍ରାସବାଦୀ ।
ଧନ୍ୟ ଧନ୍ୟ ମାତୃଶକ୍ତି ପ୍ରିୟଶକ୍ତି
ସୃଷ୍ଟିର ସୃଜନୀଶକ୍ତି ॥ ୭ ॥



ବାତ୍ସଲ୍ୟ ଅଟଇ ହୃଦୟର ଧର୍ମ
ଶୋଣିତ ଯାଇଛି ଝରି ।
ଏକତାର ଏକ ମନ୍ତ୍ରରେ ସଭିଙ୍କୁ
କୋଳେ ନେଇଛି ଆବୋରି ॥ ୮

ନାରୀ ସିଏ ଏକ ସଂସାରେ ଆବଦ୍ଧ
ଲୋଡ଼ିଥାଏ ଧନମାନ ।
ଜନନୀ ଅଟଇ ମହିୟସୀ ନାରୀ
ଅବନୀ ମହାନ ରୂପ ॥ ୯ ॥

ନାରୀ ଜନ୍ମିଥାଏ ପୁତ୍ରକନ୍ୟାମାନେ
ବୟସର ଛିଦ୍ରେ ଛିଦ୍ରେ ।
ପୂଜିଥାଏ ଲିଙ୍ଗେ ନାରୀକେଳ ପୁଙ୍
ଆୟୁଷ ଜିକାସେ ବ୍ୟଗ୍ରେ ॥ ୧୦

ଜନନୀ ନୁହଁଇ ନାରୀ ରୂପବତୀ
ମନ୍ଦାକିନି ରୂପେ ଜନ୍ମ ।
ଭୟରେ କମ୍ପଇ ସୁରବୀର ଧ୍ୱଜା
ନର୍କପୁର କାଳଯମ । ॥ ୧୧ ॥

ମହାନଦୀ ସମ ପଡ଼ିଥାଅ ତମେ
ପଣତଟି ବିନ୍ଧ୍ୟଗିରି ।
ଅମୃତ ସନ୍ତାନ କୋଳମଣ୍ଡି ଥିଲେ
ବ୍ୟାଘ୍ର ଡାକେ ହରିହରି ॥ ୧୨ ॥

ବୀରାନାରୀ ନିଜ କ୍ଷମତା ବଳରେ
ଶତ୍ରୁ ସମ୍ମୁଖେ ଯୁଝଇ ।
ଶୂନ୍ୟହସ୍ତେ ମାତା ପୁତ୍ର ବୋଲିଦେଲେ
ଶ୍ୱାନ ସମୀପେ ହୁଅଇ ॥ ୧୩ ॥



ମାତୃଶକ୍ତି ଶ୍ରେଷ୍ଠ ଶକ୍ତି ସାହା ହୁଏ
ବିପଦେ ସମ୍ପଦେ ଏକା ।
ମାତୃ ଉପସ୍ଥିତେ ବୀରବୀରା ।
ସାଗର ସଂକେତ ରେ

ଆଶିଷ କବଚ
ଜିଣିକେ ପାରି
ବିକ୍ରମାଦିତ୍ୟଙ୍କ ବେ
ମହାଶୂନ୍ୟେ ଉବୁଟୁ..

ହାରିଥିଲା ଦିନେ ଶିବ ।
ପାର୍ବତୀ ଦେବୀଙ୍କ ପୁରେ
ଆଶ୍ରିତ ହୋଇଲେ ଜଗତର ...
ସୁଶିଳାଦେବୀ ଗୃହରେ । ॥ ୧୬

ଅନୁଶୋଚନା ନ ଥାଏ ତିଳେ ଚିତ୍ତେ
ଭେଦ ପର ଆପଣାର
ବାତ୍ସଲ୍ୟତା ଉଙ୍କିମାରେ ସୁପ୍ତ ହୃଦେ
ତୋଳି କହେ ମୋର ଧନ ॥ ୧୭ ॥

ଧନ ମୋର ଧନ ମୋର କରେ ଧରି
ମୁଖ୍ୟମଣ୍ଡଳେ ଚୁମ୍ବନ
କୋଟିନିଧି ଭରାଦେବୀ ମନମତେ ॥ ୧୮ ॥

କୋଳେ ମୋ ହୃଦ ଚନ୍ଦନ
ନିୟତିର ବକ୍ଷଚିରି ଭିକ୍ଷା କରେ
ଯେବେ ଜୀବନ
ଦୋଦୁଲ୍ୟମାନ ହୁଏ ବିଶ୍ୱ ନିୟନ୍ତା ॥ ୧୯



ସ୍ଥିର ଗଗନ ପବନ
ଛିଣ୍ଡା ଲେଙ୍କଡ଼ା ପରିଧାନେ ଜନନୀ
ନଥାଏ ତା କ୍ଲିଷ୍ଟ ମନେ
ଶାନ୍ତି ପ୍ରଗତି ବିଶ୍ୱଚିନ୍ତନ ଧ୍ୟାନେ ॥ ୨୦

ମୈତ୍ରୀ ପ୍ରୀତିର ବନ୍ଦନେ ।
ପୂଜନୀୟ ତମେ ବସୁନ୍ଧରା ସମ
କିପରି ପୂଜିବୁ ଆମ୍ଭେ
ଧୂପ ଦୀପ ଯୋଗ୍ୟ ନୁହେଁ ତବପାଦେ ॥
ନମଃ ନମୋଃ ନମଃ ବନ୍ଦେ ।

ଦାମୋଦର ସଂସ୍କୃତ କଲେଜ
ପୁରୁଣାବଜାର, ଭଦ୍ରକ

❐❐❐


ଜଣାଣ

● ଶ୍ରୀ ବସନ୍ତ କୁମାର ପାତ୍ର



ମହାପ୍ରସାଦରୁ କଣିକାଏ ପାଇଁ
ଜଗତ ପାତିଛି ହାତ
ଦାତାପଣେ ତୁମେ ଉଡ଼ାଅ ପତାକା
ଜଗତରେ ଜଗନ୍ନାଥ
ମହାପ୍ରସାଦରୁ ..... ।

ହର ବ୍ରହ୍ମା ଯାର ସଦା ଆଜ୍ଞାକାରୀ
ଲକ୍ଷ୍ମୀମାତା ଯାର ନିତ୍ୟ ପରିଚାରୀ
ଏ ସାରା ସଂସାର ସଭିଏଁ ଭିକାରୀ
ତୁମ୍ଭ ବଳେ ବଳବନ୍ତ
ମହାପ୍ରସାଦରୁ ..... ।



ସାମନ୍ତପଣକୁ କିଏ ଅବା କାହିଁ
ତୁମ୍ଭ ପରି ପ୍ରଭୁ କାହିଁ ଦେଖୁନାହିଁ
ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ, କୁବେର, ବରୁଣ
ସର୍ବେ ଯୋଡ଼ିଛନ୍ତି ହାତ
ମହାପ୍ରସାଦରୁ ..... ।

❐❐❐


ନାଂଦିପାଠ

● ପ୍ରଶାନ୍ତ ମହାନ୍ତି



ବିଶ୍ୱସନୀୟ ପୃଥିବୀ ଦେହରେ
ଅବିଶ୍ୱସ୍ତ କରୁଣ ଜୀବନ
ଯଂତ୍ରଣାର ପାହାଡ଼ ବିଷର ଅରଣ୍ୟ ।

ତା'ରି ଭିତରେ କିଛି ସ୍ୱପ୍ନ
ଫେରେଇ ଆଣେ ବର୍ଷା ବୈଶାଖରୁ ଫଗୁଣ
ଏଇ ସତ୍ୟକୁ ସାମ୍ନା କରୁ କରୁ
ମନେ ପଡ଼ଂତି ଦଧୀଚି ଯୀଶୁ
ଗୁଳିଖାଇ ଚଳିପଡ଼ିଥିବା ବାପଂକ
ଶାଂତି ଆଉ ପ୍ରେମ ।



ଭିଡ଼ରେ ବ୍ୟବସ୍ଥାରେ ଥାଇ ବି ନିର୍ବାସିତ
ମୁଁ ମୋ ସ୍ୱପ୍ନଠୁ ଅନେକ ଦୂରରେ
ବୁଝିପାରୁନି ମତେ ନେଇ ଛାଇ ନା
ଛାଇରୁ ଆଉ ଏକ ଛାଇ
ବୋଧେ ସ୍ୱପ୍ନରେ ନିଦାନା ।

ଅବଶ୍ୟ ଅନେକ ଆଗରୁ
ପ୍ରାର୍ଥନା ମନସ୍କ ; ଭାବିନି ନିର୍ବାଣ ।

ବାରଂବାର ପରଖିଚି ମାଟିର ଉଷ୍ମତା
ଅଂତରଂଗ ପୃଥିବୀରେ ପୋତିବି
ଭାବର ବୀଜଟିଏ
ହୃଦୟର ଛାଇ ସ୍ନେହର ସ୍ୱର
ଆଉ ଈଶ୍ୱର କହିଲେ ମୁଗ୍ଧ ବିଭ୍ରର

ନିରହଂକାର ପାଦର ଅମ୍ଲାନ ସ୍ୱାକ୍ଷର ।

ଏଇ କ୍ରମରେ ନିଜକୁ ନିଃଶେଷ କରିବା
ଆବେଗରେ ସଜାଡୁଚି, ବୋଧେ ସବୁକିଛି
ଲେଖିବା ସଂଭବ ନୁହେ
ଏଇ ତ ବକଟେ ଜୀବନ
ତଥାପି କାହାର ଦୟା ବି
ଆଶୀର୍ବାଦରେ ମାଗୁନି କାଲିର ଜୀବନ
ବୋଧେ ମୋ' ଅଧିକାର ପୁନର୍ଜନ୍ମ ।

ଅନୁଭବ କରୁଚି ମୂଳଠୁ ସୁଧ ବେଶୀ
ପୁଣ୍ୟଠୁ ପାପ ବି ଅଧିକ
ଜାଣିନି ଏସବୁର ସମାଧାନ ପାଇଁ
ମୋ' ହାତରେ କେତିକି ସାମର୍ଥ୍ୟ ।

ଭାବୁଚି ସବୁ ଲୁହକୁ ଏକାଠି କରି
ଲେଖିବି ଏ ଜୀବନର ଶେଷ
ବିଦ୍ରୋହ ସଂଗୀତ ।

ରାତିର ବହଳା ଅଂଧାର :
ତୋ' ଆଖିରେ ପ୍ରଖର ଉଜ୍ଜ୍ୱଳ ତୀର ।



ବହିଘର, ଦିଗଂତ ମାର୍ଗତ
ଭଂଜନଗର, ଗଂଜାମ
ମୋ: ୯୪୩୮୦୦୬୮୮୬

❑❑❑

ଅପୂର୍ବ ସକାଳ

● ଅରୁଣ କୁମାର ପଣ୍ଡା



ଆଜି ଏକ ଅପୂର୍ବ ସକାଳ
ନାହିଁ କୋଳାହଳ


କାହିଁକି ଏମିତି କର୍ଫ୍ୟୁ ଆସେ
ନୀରବତା ହାତ ଧରି ଚାଲେ
ସହରର ପ୍ରତ୍ୟେକ ରାସ୍ତାରେ

ଉପହାସ କରୁଥାଏ ମଣିଷକୁ
ତା'ର ନିର୍ବୋଧପଣକୁ
ମଣିଷ ସବୁ କିନ୍ତୁ ଜାକିଜୁକି ହୋଇ
ରହିଥା'ନ୍ତି- କର୍ଫ୍ୟୁର ଦୃଷ୍ଟି ଆଡୁଆଳେ

ଏଡ଼େ ବଡ଼ ସହର ଯଦି
ନିମିଷକରେ ଆଖି ବୁଜି ଶୋଇପାରେ
ନିଘୋଡ଼ ନିଦରେ;
ତେବେ କ'ଣ ପାଇଁ ଏତେ ଦଙ୍ଗା ?

ଏତେ ହଇଚଇ କୋଳାହଳ
ରକ୍ତପାତ
ବୋମା ଶବ୍ଦ- ଦିନ ଦ୍ୱିପ୍ରହରେ !

ଶୋଇଛି ତ ଏଇମିତି ଶୋଇଥାଉ
ଘୁଙ୍ଗୁଡ଼ି ମାରୁଥାଉ
ପୋଲିସର ହୁଇସିଲ ଶବ୍ଦରେ



ସବୁଠି ବ୍ୟାପି ଯାଉ ନୀରବତା
ଶାନ୍ତି ଆଉ ସଚ୍ଚୋଟତା
ମଣିଷ ମନରୁ ଲିଭୁ
ହିଂସା, ଆଉ ଦଙ୍ଗା ହଳାହଳ
ଏ ଯେମିତି ଆଜି ସେହି ଅପୂର୍ବ ସକାଳ ॥

ତୋଟାପଡ଼ା, ଘଣ୍ଟେଶ୍ୱର, ଭଦ୍ରକ
ମୋ: ୯୯୩୭୬୭୨୭୦୮

❐❐❐

ପଢ଼ନ୍ତୁ ବିଷ୍ଣୁସେଠୀଙ୍କ ସଦ୍ୟ ପ୍ରକାଶିତ ଲଳିତ ନିବଂଧ

ଶିରୋଧାର୍ଯ୍ୟ ଶିରୋନାମା

ପଢ଼ିବେ ଅଳ୍ପଦିନ ମଧ୍ୟରେ ବିଷ୍ଣୁଙ୍କ ୨ଟି କବିତା ସଂକଳନ

ଆଲୋମୟୀ ଅପ୍ସରା

ଓ

ନଈ ପାଣି ନଈକି ଯା

ବିନୀତ ନିବେଦନ

- ଘାସଫୁଲ ଯେମିତି ନିୟତିର ନିର୍ଦ୍ଦେଶରେ ନିୟମିତ ନିରନ୍ତର ଫୁଟେ, ଏହି ସାହିତ୍ୟ ପତ୍ରିକା ବାରବର୍ଷ ଧରି ନିୟମିତ ବର୍ଷରେ ୪ଥର ଆତ୍ମପ୍ରକାଶ କରେ ।
- ଅଧିକାଂଶ ସାରସ୍ୱତ ବଂଧୁ ପଚାରନ୍ତି, ପୂଜାସଂଖ୍ୟାରେ ଘାସଫୁଲ ବାହାରିବ କି ? ଏହାର ଅର୍ଥ ଷ୍ଟଲରୁ 'ଘାସଫୁଲ' ଆମେ କିଣନ୍ତି ନାହିଁ । କିଣନ୍ତୁ ! ଓଡ଼ିଆ ଭାଷା, ସାହିତ୍ୟକୁ ରୁଦ୍ଧିମନ୍ତ କରିବା ପାଇଁ ।
- ଆମ ପାଖରେ ପାକଳ, କଷିର ପାର୍ଥକ୍ୟ ନାହିଁ, ତେଲିଆ ମୁଣ୍ଡରେ ପୁଣି ତେଲ ଥାପିଲେ ଆଗାମୀ ପିଢ଼ିରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ବଂଚାଇବ କିଏ ? ବହୁ କଷ୍ଟ ସ୍ୱୀକାର କରି ପତ୍ରିକାଟିଏ ପ୍ରକାଶ ପାଉଛି । ଟିକେ ସ୍ନେହ, ଶ୍ରଦ୍ଧା ଢାଳି ଦିଅନ୍ତୁ । ମନର ଓରିମାନ ମେଣ୍ଟିଯିବ । ଆଜି ଯିଏ ପାକଳ, ଦିନେ ସେଇ କଷି ଥିଲା । ପୁଣି ଆଜି ଯିଏ କଷି, ଆଗାମୀ ଦିନରେ ପାକଳ ସାଜିବ- ଏଥିରେ ଦ୍ୱିରୁକ୍ତି ନାହିଁ ।
- ଲେଖନ୍ତୁ, ଲେଖି ଚାଲନ୍ତୁ, ଅଟକୁ ତ ନାହିଁ । ଯାହା ଲେଖି ପଠାଇବେ, ଆମେ ସାମାନ୍ୟ ବ୍ୟାକରଣଗତ, ଶୁଦ୍ଧିଗତ ବିଚାର ପରେ ନିଶ୍ଚୟ ଛାପିବୁ ।

ସୌଜନ୍ୟ : ସଂପାଦକ



ଆର୍ଯ୍ୟଦାସର ଅନ୍ତଲିପି...

୪୦ଲକ୍ଷ ବର୍ଷ ତଳେ ମଣିଷ ଦୁଇପାଦରେ ଚାଲିବା ଆରମ୍ଭ କରି ମାଙ୍କଡ଼ରୁ ନରବାନରର ପରିଚୟ ଲାଭ କଲା । ପାଖାପାଖି ୪ଲକ୍ଷ ବର୍ଷ ପୂର୍ବରୁ ଭାଷା, ସଂସ୍କୃତି ଓ ସାହିତ୍ୟର ଉନ୍ମେଷ ଘଟିଲା ଏବଂ ନରବାନରର ସୃଜନଶୀଳତା ତାକୁ ପ୍ରଜ୍ଞାବାନ ମାନବର ପରିଚୟ ଦେଲା । ମାତ୍ର ୪ହଜାର ବର୍ଷ ପୂର୍ବେ ଶିକ୍ଷା, ସଂସ୍କୃତି, ସଭ୍ୟତାର ବିଲୟ ଘଟି ଅନ୍ଧକାର ଯୁଗରେ ଅନେକ ସଭ୍ୟତାର ପତନ ଘଟିଲା । ସିନ୍ଧୁ, କ୍ରୀଟିୟାନ, ମେସୋପୋଟାମିୟା ପରି ସଂଭ୍ରାନ୍ତ ସଭ୍ୟତାଗୁଡ଼ିକ ମାଟିରେ ମିଶିଲା । କହିବାର ବାହୁଲ୍ୟ ଗୋଟିଏ ସଭ୍ୟତା- ସଂସ୍କୃତିର ସୃଷ୍ଟି ଅଛି ଅର୍ଥ, ତା'ର ବିନାଶ ମଧ୍ୟ ଅଛି । ବଂଶାନୁକ୍ରମିକ ଭାବରେ ଆମ୍ଭେ ଅର୍ଜନ କରିଥିବା ସାମାଜିକ ତଥା ସାଂସ୍କୃତିକ ଜ୍ଞାନ ଓ ଅଭିଜ୍ଞତା ଯେପରି ଭାବରେ ଆମ ପିଢିରେ ନଷ୍ଟ ନ ହେବ; ଆସନ୍ତା ପିଢୀ ପାଖକୁ ସ୍ଥାନାନ୍ତରିତ ହେବ, ତାହାର ଉତ୍ତରଦାୟିତ୍ୱ ଆମ ଉପରେ ।

ହଜାରେ ବର୍ଷର ଦାସତ୍ୱ ପରେ ଏମିତି ଲାଗୁଥିଲା, ଯେମିତି ଏ ଜାତିଟା ଅନ୍ତଃ ସାରଶୂନ୍ୟ ହୋଇପଡ଼ିଛି । ଆଗକୁ ବଢିବା ତ ଦୂରର କଥା, ଯେଉଁଠି ବି ଅଛି, ସେଇଠି ରକ୍ଷଣାବେକ୍ଷଣ କରି ବଞ୍ଚି ରହିବା ମଧ୍ୟ ଦୁରୂହ ହୋଇପଡ଼ିଥିଲା । ଦୁର୍ଜୟ, ଦୁର୍ବାର ଓ ଦୁର୍ଲଂଘ୍ୟ ଭାରତ ବର୍ଷକୁ ବିନା ସୈନିକରେ ଆସି ମୋଗଲମାନଙ୍କ ଠାରୁ ଆରମ୍ଭ କରି ଇଂରେଜମାନଙ୍କ ପର୍ଯ୍ୟନ୍ତ ତମାମ ବିଦେଶୀ ଶକ୍ତି ଯେଉଁ ଭଳି ଭାବରେ କରାୟତ କଲେ, ତାହା ଐତିହାସିକମାନଙ୍କ ପାଇଁ ଆଜି ମଧ୍ୟ ରୋମାଞ୍ଚକର ଉପଜୀବ୍ୟ ପାଲଟିଛି । କିନ୍ତୁ ଏଠାରେ ପ୍ରଶ୍ନ ଉଠେ, ଏତେ ବର୍ଷ ଲାଞ୍ଛନା, ଅତ୍ୟାଚାର ମଧ୍ୟରେ କାଳାତିପାତ କଲା ପରେ ମଧ୍ୟ ଏ ଜାତି ସୁଧୁରୁ ନାହିଁ ! ଦେଶର ସୁରକ୍ଷା ପ୍ରହରୀ ହେବା ପାଇଁ ଦେଶର ସମ୍ପତ୍ତି ଜାଳୁଛି । ବାକ୍ ସ୍ୱାଧୀନତା ଆଳରେ ଦେଶର ପ୍ରତିରକ୍ଷା ବିଭାଗକୁ ଏବଂ ସେନାର ସର୍ବୋଚ୍ଚ ଅଧିକାରୀଙ୍କୁ କଟୁକ୍ତି କରୁଛି । 'ସରକାରୀ ଚାକିରୀ'ର ମିଥ୍ ଏବଂ ପେନସନ୍, ଜୀବନ ବୀମା, ରିହାତି ଇତ୍ୟାଦି ଆନୁସଙ୍ଗିକ ପ୍ରଲୋଭନରେ କବଳିତ ଆଜିର ଯୁବକ-ଯୁବତୀ । ଇଂରେଜମାନେ ଏହା ହିଁ ତ ଚାହିଁଥିଲେ । ଉପନିଦେଶବାଦୀ

ମାନସିକତାକୁ ବ୍ୟାପ୍ତ କରି ଶିକ୍ଷିତ ଯୁବ ପିଢୀଙ୍କୁ ଏପରି ଏକ ଯନ୍ତାରେ ଫଶେଇ ଦିଅ ଯେ, ସୃଜନଶୀଳତା ଓ ବୈଜ୍ଞାନିତାକୁ ପାଶୋରି ଦେଇ ଯୁବଶକ୍ତି ଯେପରି ଚାକିରୀ ମୁହାଁ ହେବେ ଓ ଦେଶର ପ୍ରଗତିର ଭାଗୀଦାରୀ ହେବେ ନାହିଁ । ଆଜିର ଭାରତବର୍ଷ ବିଶ୍ୱଗୁରୁ ହେବାର ସ୍ୱପ୍ନ ଦେଖିଲା ବେଳେ, କତିପୟ ତଥା କଥିତ ବୁଦ୍ଧିଜୀବୀ, ଲୁଟ୍ୟେନ୍ସ ଦିଲ୍ଲୀର ଲବିଗୋଷ୍ଠୀ ପଡ଼ୋଶୀ ଦେଶର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ନିଜ ରାଷ୍ଟ୍ରକୁ ପଛକୁ ଟାଣୁଛନ୍ତି । ଆଉ କେତେ ହଜାର ବର୍ଷ ଗୁଲାମୀ କରିଥିଲେ ବୁଦ୍ଧି ଉଦୟ ହେବ, ସେ କଥା ସ୍ୱୟଂ ଈଶ୍ୱର ଜାଣନ୍ତି ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ଏହିପରି ଏକ ଦୃଷ୍ଟାନ୍ତ ହୃଦୟକୁ ବାଧିତ କରିଛି । ଏକ ଜାତୀୟ ରାଜନୈତିକ ଦଳର, ରାଷ୍ଟ୍ରପତି ପ୍ରାର୍ଥୀ ରୂପେ ଜଣେ ଓଡ଼ିଆ ଆଦିବାସୀ ମହିଳାଙ୍କୁ ଘୋଷଣା କରିବା ପରେ ଓଡ଼ିଶାର ଗଳିକନ୍ଦିରୁ ଶୁଭେଚ୍ଛାର ସୁଅ ଛୁଟି ଆସିଥିଲା । ଦଳ, ସଂପ୍ରଦାୟ ନିର୍ବିଶେଷରେ ସମସ୍ତେ ସ୍ୱାଗତ କରିଥିଲେ । ମାତ୍ର କେଇ ଘଣ୍ଟା ପରେ ତଥା କଥିତ ବୁଦ୍ଧିଜୀବୀ (ଫଟୋ ଜୀବୀ !) ଗଣ, ଯେଉଁମାନେ ପଡ଼ୋଶୀ ଶତ୍ରୁ ଦେଶର ମତବାଦ ଦ୍ୱାରା ପ୍ରଭାବିତ ହଠାତ୍ ଉକ୍ତ ଭଦ୍ର ମହିଳାଙ୍କ ପ୍ରାର୍ଥୀତ୍ୱକୁ ନେଇ ପ୍ରଶ୍ନ ପଚାରିଲେ । ସବୁଠୁ ଦୁଃଖର କଥା ସେମାନଙ୍କ ମଧ୍ୟରୁ ସିଂହଭାଗ ଓଡ଼ିଆ ଥିଲେ ।

ତାଙ୍କର ଦକ୍ଷତା ଉପରେ ପ୍ରଶ୍ନ ଉଠାଇ ପ୍ରତିବେଶୀ ବଂଗୀୟ ଅଧିବାସୀମାନଙ୍କୁ ସମାଲୋଚନାର ଖୋରାକ ଯୋଗାଇ ଥିଲା ଯେ- ନିଜ ରାଜ୍ୟରୁ ପ୍ରାର୍ଥୀଙ୍କ ପ୍ରତି ପୂର୍ଣ୍ଣ ସମର୍ଥନ ନାହିଁ । ସେମାନେ ବୋଧହୁଏ ବୁଝି ପାରିନାହାନ୍ତି ଯେ- ଝିଅଟିଏ, ନିପଟ ସାନ୍ତାଳୀ ପରିବାରରୁ ଆସି ରମାଦେବୀ ବିଶ୍ୱବିଦ୍ୟାଳୟରେ ସ୍ନାତକ ଲାଭ କରି ଶିକ୍ଷୟିତ୍ରୀ ଭାବରେ ଆମ୍ ନିର୍ଭରଶୀଳ ହେବା, ତାହା ପୁଣି ତିରିଶ ବର୍ଷ ତଳେ; ଏକ ଛୋଟ ଘଟଣା ନୁହେଁ । ରାଇରଙ୍ଗପୁର ପୌରପରିଷଦର ପାରିଷଦରୁ ରାଇସିନା ହିଲ୍ସର ସର୍ବୋଚ୍ଚ ପଦବୀ- ଏହି ଜୀବନ ଯାତ୍ରା କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ସମୁଦାୟର ସ୍ୱପ୍ନଭୁକ୍ ଝିଅମାନଙ୍କୁ ପ୍ରେରିତ କରିବ; ଏଥିରେ ଦ୍ୱିମତ ନାହିଁ । ଆଦିବାସୀ ଲଳନାଟିଏ ଝୁଣା, ଲାଖ ଭିତରେ ନିଜ ଜୀବନ ଏବେ ସାରିବ ନାହିଁ, ତିନି ସେନାର କମାଣ୍ଡିଂ ଅଥରିଟି ହୋଇପାରିବ; ମହିଳା ସଶକ୍ତିକରଣର ଏହା ଠାରୁ ଭଲ ଉଦାହରଣ ଆଉ

କ'ଣ ହୋଇପାରେ !

ପୂର୍ବରୁ ପଦ୍ମ ପୁରସ୍କାର, ଲୁଟ୍ୟେନ୍ସ ଦିଲ୍ଲୀର ଲବି ଉପରେ ନିର୍ଭର କରୁଥିଲା ବେଳେ ଏବେ ତାହା 'ପିପଲ୍ସ ପଦ୍ମ'ରେ ପରିଣତ ହୋଇଛି । ଠିକ୍ ସେହିପରି ଜଣେ ଓଡ଼ିଆ, "ଲୋକଙ୍କ ରାଷ୍ଟ୍ରପତି" ଭାବରେ ଆଗାମୀ ଦିନରେ ପରିଗଣିତ ହେବେ, ଆଶା ଓ ବିଶ୍ୱାସ । 'ଶ୍ୱେତ ଭବନରେ କୃଷ୍ଣାଙ୍ଗ ରାଷ୍ଟ୍ରପତି' ଭାବରେ ଓବାମା ସଫଳତାର ଶୀର୍ଷକୁ ଯାଇ ନୋବେଲ ଶାନ୍ତି ପାଇ ପାରୁଛନ୍ତି; ତେବେ ଭାରତୀୟମାନେ ଜଣେ ଅଭିଜ୍ଞ ଆଦିବାସୀ ମହିଳାଙ୍କୁ ଦେଶର ସର୍ବୋଚ୍ଚ ସିଂହାସନରେ ବସାଇ ଉପନିବେଶବାଦୀ ମାନସିକତାର ବେଡ଼ି ଭାଙ୍ଗିବାର ଅପୂର୍ବ ସୁଯୋଗକୁ କରଛଡ଼ା କରିବା ଉଚିତ୍ ନୁହେଁ । ଓଡ଼ିଆମାନେ ତିଳେମାତ୍ର ବିରୋଧ କରି ଜାତୀୟ ସ୍ତରରେ ଲୋକହସା ହେବାରୁ ଦୂରରେ ରୁହନ୍ତୁ- ଏତିକି ପ୍ରତିବେଦନ ।

ସୂର୍ଯ୍ୟବଂଶୀ ସୂରଜ

❐❐❐



ପବିତ୍ର **ଘୋଷଯାତ୍ରା** ଅବସରରେ
ଅସଂଖ୍ୟ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁମାନଙ୍କୁ
'ଘାସଫୁଲ'ର ନିଃସ୍ୱାର୍ଥ ଓ ନିସର୍ତ୍ତ
ଅଭିନନ୍ଦନ